# ଇତିହାସ
# ଓ
# ରାଜନୀତି ବିଜ୍ଞାନ

(ନବମ ଶ୍ରେଣୀ)

ପ୍ରକାଶକ
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାଙ୍କ ଦ୍ୱାରା
ନବମ ଶ୍ରେଣୀ ନିମନ୍ତେ ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

**ଲେଖକ ଓ ସମୀକ୍ଷକମଣ୍ଡଳୀ :**

ପ୍ରଫେସର ଡ. ଅନନ୍ତ ଚରଣ ସାହୁ (ସମୀକ୍ଷକ)
ପ୍ରଫେସର ବୈଷ୍ଣବ ଚରଣ ଦାସ (ଲେଖକ ଓ ସହ-ସମୀକ୍ଷକ)
ପ୍ରଫେସର ମେଜର ବ୍ରଜେନ୍ଦ୍ର ନାରାୟଣ ପଟ୍ଟନାୟକ (ଲେଖକ ଓ ସହ-ସମୀକ୍ଷକ)
ପ୍ରଫେସର ଡ. ଯୁଗଳ କିଶୋର ମିଶ୍ର (ଲେଖକ)
ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଷଡ଼ଙ୍ଗୀ(ଲେଖକ)
ଡ. ମୀନାକ୍ଷୀ ଦାସ (ଭାଷା ସମୀକ୍ଷକ)
ଶ୍ରୀ ଶରତ କୁମାର ନାୟକ (ସଂଯୋଜକ)

**ପ୍ରଥମ ସଂସ୍କରଣ : ୨୦୧୨**
୨୦୧୯

**ଆର୍ଟପୁଲ : ଶ୍ରୀ ଜେରକ୍ସ ଆଣ୍ଡ ଅଫ୍‌ସେଟ, ବକ୍ସିବଜାର ରୋଡ଼, କଟକ-୧**

**ମୁଦ୍ରଣ :**

**ମୂଲ୍ୟ :**

# ମୁଖବନ୍ଧ

ନବମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଇତିହାସ ଓ ରାଜନୀତି ବିଜ୍ଞାନ ପୁସ୍ତକଟି ସାମାଜିକ ବିଜ୍ଞାନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଛି । ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT), ନୂଆଦିଲ୍ଲୀ ତଥା ଆମ ରାଜ୍ୟ ଓଡ଼ିଶାର SCF-2007 ନମୁନା ପାଠ୍ୟ ଖସଡ଼ା ଉପରେ ଏହି ପୁସ୍ତକଟି ପ୍ରସ୍ତୁତ କରାଯାଇଛି ।

ଇତିହାସ ପାଠ୍ୟ ମାଧ୍ୟମରେ ଶିକ୍ଷାର୍ଥୀ ସମଗ୍ର ପୃଥିବୀର ପ୍ରବହମାନ ଘଟଣାବଳୀ ଜାଣିବା ସହିତ ସଂସ୍କୃତି, ସଭ୍ୟତା, ପରମ୍ପରା ଓ ପ୍ରଶାସନିକ ବ୍ୟବସ୍ଥା ସଂପର୍କରେ ବିଶଦ ଜ୍ଞାନ ଆହରଣ କରିଥାଏ । ଅତୀତର ପୃଷ୍ଠଭୂମିକୁ ପର୍ଯ୍ୟାଲୋଚନା କରି ସେ ବର୍ତ୍ତମାନର ସ୍ଥିତିକୁ ଆକଳନ କରିପାରେ ଏବଂ ଦେଶ ଓ ସମାଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୋଇଥାଏ । ସେହି ପରିପ୍ରେକ୍ଷୀରେ ଜଣେ ଶିକ୍ଷାର୍ଥୀ 'ରାଜନୀତି ବିଜ୍ଞାନ' ପାଠକରି ନାଗରିକର ମୌଳିକ ଅଧିକାର ଓ କର୍ତ୍ତବ୍ୟ, ମାନବାଧିକାର, ସୂଚନା ଅଧିକାର ଇତ୍ୟାଦି ବିଷୟରେ ଜ୍ଞାନ ଆହରଣ କରିଥାଏ । ଭାରତୀୟ ଜାତୀୟତାବାଦ, ଜାତୀୟ ସଂହତି ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପର୍କରେ ଏହି ପୁସ୍ତକରେ ସମ୍ୟକ୍ ଧାରଣା ପ୍ରଦାନ କରାଯାଇଛି । ଏହି ପୁସ୍ତକରେ 'ତୁମ ପାଇଁ କାମ' ଓ 'ତୁମେ ଜାଣିଛ କି ?' ଆଧାରରେ ଅଭ୍ୟାସଭିତ୍ତିକ ଶିକ୍ଷଣକୁ ଉତ୍ସାହିତ କରାଯାଇଛି । କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟଗୁଡ଼ିକୁ କେତେକ 'ପାଠ'ରେ ବିଭକ୍ତ କରାଯାଇ ସେଗୁଡ଼ିକର ବିଶେଷ ଆଲୋଚନା କରାଯାଇଛି । ଆବଶ୍ୟକସ୍ଥଳେ ମାନଚିତ୍ର ଓ ଫଟୋଚିତ୍ର ସଂଯୋଜିତ ହୋଇଅଛି । ପ୍ରତ୍ୟେକ ଶିକ୍ଷାର୍ଥୀ ପାଠ୍ୟପୁସ୍ତକଟିର ସମସ୍ତ ବିଭାଗ ପାଠ କଲେ, ବିଶେଷ ଭାବରେ ଉପକୃତ ହୋଇପାରିବ ବୋଲି ଆଶା ଓ ବିଶ୍ୱାସ ।

ପାଣ୍ଡୁଲିପିଟି, ପାଠ୍ୟ ଖସଡ଼ା (Syllabus) କମିଟି ଦ୍ୱାରା ବିଶେଷ ଭାବରେ ଆଲୋଚିତ ହେବା ପରେ ଆବଶ୍ୟକ ସଂଶୋଧନ କରାଯାଇ ଅନୁମୋଦିତ ହୋଇଛି । ଏହି ପୁସ୍ତକର ପ୍ରସ୍ତୁତିରେ ସଂପୃକ୍ତ ବ୍ୟକ୍ତିବିଶେଷ ତଥା ମୁଦ୍ରାକରଙ୍କୁ ପରିଷଦ ତରଫରୁ ଧନ୍ୟବାଦ ତଥା କୃତଜ୍ଞତା ଜଣାଉଛି ।

ତ୍ରୁଟି ରହିତ ସମ୍ପାଦନା ପାଇଁ ସମସ୍ତ ଉଦ୍ୟମ କରାଯାଇଥିଲେ ମଧ୍ୟ ତ୍ରୁଟି-ବିଚ୍ୟୁତିର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ମୋର ଆଶା ଓ ବିଶ୍ୱାସ, ଅନିଚ୍ଛାକୃତ ତ୍ରୁଟି-ବିଚ୍ୟୁତିଗୁଡିକ ପରିଷଦର କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବାରେ ପାଠକ ଓ ପାଠିକା ସହଯୋଗ କଲେ, ତାହା ପରବର୍ତ୍ତୀ ସଂସ୍କରଣରେ ସଂଶୋଧିତ ହୋଇପାରିବ ।

**ସଭାପତି**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

# ଭାରତର ସମ୍ବିଧାନ

**ପ୍ରାକ୍ କଥନ:**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ

ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା

ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବେ ।

# ସୂଚୀପତ୍ର


| ଅଧ୍ୟାୟ/ପାଠ | ବିଷୟ | ପୃଷ୍ଠା |
|---|---|---|
| | **ଇତିହାସ** | |
| **ପ୍ରଥମ ଅଧ୍ୟାୟ : ବିଶ୍ୱର କେତେକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି** | | [୧ - ୬୦] |
| ପ୍ରଥମ ପାଠ – | ଏସିଆ ଓ ଆଫ୍ରିକା ମହାଦେଶରେ ଉପନିବେଶବାଦ | ୧ - ୧୬ |
| ଦ୍ୱିତୀୟ ପାଠ – | ପ୍ରଥମ ବିଶ୍ୱଯୁଦ୍ଧ : କାରଣ ଓ ଫଳାଫଳ | ୧୭ - ୩୩ |
| ତୃତୀୟ ପାଠ – | ରୁଷ ବିପ୍ଳବ : କାରଣ ଓ ଫଳାଫଳ | ୩୪ - ୪୯ |
| ଚତୁର୍ଥ ପାଠ – | ଶାନ୍ତି ପାଇଁ ପ୍ରାରମ୍ଭିକ ଉଦ୍ୟମ : ଜାତିସଂଘ | ୫୦ - ୬୦ |
| **ଦ୍ୱିତୀୟ ଅଧ୍ୟାୟ : ଏକ ନୂତନ ବିଶ୍ୱ ଅଭିମୁଖେ** | | [୬୧ - ୮୫] |
| ପ୍ରଥମ ପାଠ – | ଫାସୀବାଦ ଓ ନାଜିବାଦର ବିକାଶ | ୬୧ - ୬୮ |
| ଦ୍ୱିତୀୟ ପାଠ – | ଦ୍ୱିତୀୟ ବିଶ୍ୱଯୁଦ୍ଧ : କାରଣ ଓ ଫଳାଫଳ | ୬୯ - ୭୫ |
| ତୃତୀୟ ପାଠ – | ବିଂଶ ଶତାବ୍ଦୀରେ ଏସିଆ ଓ ଆଫ୍ରିକାରେ ଜାତୀୟତାବାଦୀ ଆନ୍ଦୋଳନ ଏବଂ ସ୍ୱାଧୀନ ରାଷ୍ଟ୍ରସମୂହର ଅଭ୍ୟୁଦୟ | ୭୬ - ୮୫ |
| **ତୃତୀୟ ଅଧ୍ୟାୟ : ୧୯୪୫ ପରବର୍ତ୍ତୀ ପୃଥିବୀ : କେତେକ ପ୍ରମୁଖ ଘଟଣା ପ୍ରବାହ** | | [୮୬ - ୧୦୯] |
| ପ୍ରଥମ ପାଠ – | ଶୀତଳ ଯୁଦ୍ଧ: କାରଣ ଓ ଫଳାଫଳ | ୮୬ - ୯୦ |
| ଦ୍ୱିତୀୟ ପାଠ – | ସାମରିକ ଗୋଷ୍ଠୀ ଗଠନ : ସଶସ୍ତ୍ରୀକରଣ ପାଇଁ ପ୍ରତିଦ୍ୱନ୍ଦ୍ୱିତା | ୯୧-୯୫ |
| ତୃତୀୟ ପାଠ – | ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ | ୯୬ -୧୦୩ |
| ଚତୁର୍ଥ ପାଠ – | ସୋଭିଏତ୍ ସଂଘର ବିଖଣ୍ଡୀକରଣ | ୧୦୪ - ୧୦୯ |
| **ଚତୁର୍ଥ ଅଧ୍ୟାୟ : ଭାରତର ଐତିହ୍ୟ** | | [୧୧୦ - ୧୭୧] |
| ପ୍ରଥମ ପାଠ – | ଭାରତୀୟ ସଂସ୍କୃତି : ବିଭିନ୍ନତାରେ ଏକତା | ୧୧୦ - ୧୨୨ |
| ଦ୍ୱିତୀୟ ପାଠ – | ଭାରତର ପରମ୍ପରା | ୧୨୩ -୧୩୪ |
| ତୃତୀୟ ପାଠ – | ଭାରତର କଳା, ସ୍ଥାପତ୍ୟ, ଶିଳ୍ପକୌଶଳ, ସାହିତ୍ୟ, ବିଜ୍ଞାନ ଏବଂ ବୈଷୟିକ ବିଦ୍ୟା | ୧୩୫ -୧୫୫ |
| ଚତୁର୍ଥ ପାଠ – | ଓଡ଼ିଶାର ଐତିହ୍ୟ | ୧୫୬ - ୧୭୧ |

# ରାଜନୀତି ବିଜ୍ଞାନ


| ଅଧ୍ୟାୟ/ପାଠ | ବିଷୟ | ପୃଷ୍ଠା |
|---|---|---|
| **ପ୍ରଥମ ଅଧ୍ୟାୟ:** | **ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ଓ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ** | [୧୭୨ - ୧୮୬] |
| ପ୍ରଥମ ପାଠ – | ମୌଳିକ ଅଧିକାର | ୧୭୨ - ୧୭୮ |
| ଦ୍ୱିତୀୟ ପାଠ – | ମୌଳିକ କର୍ତ୍ତବ୍ୟ | ୧୭୯ - ୧୮୧ |
| ତୃତୀୟ ପାଠ – | ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ | ୧୮୨ - ୧୮୬ |
| **ଦ୍ୱିତୀୟ ଅଧ୍ୟାୟ:** | **ମାନବାଧିକାର, ସୂଚନା ଅଧିକାର, ଭାରତର ସୂଚନା ଅଧିକାର ଆଇନ** | [୧୮୭ - ୨୦୧] |
| ପ୍ରଥମ ପାଠ – | ମାନବାଧିକାର | ୧୮୭ - ୧୯୨ |
| ଦ୍ୱିତୀୟ ପାଠ – | ସୂଚନା ଅଧିକାର : ଭାରତର ସୂଚନା ଅଧିକାର ଆଇନ | ୧୯୩ - ୨୦୧ |
| **ତୃତୀୟ ଅଧ୍ୟାୟ:** | **ଭାରତୀୟ ଜାତୀୟତାବାଦ, ଜାତୀୟସଂହତି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ** | [୨୦୨ - ୨୨୩] |
| ପ୍ରଥମ ପାଠ – | ଭାରତୀୟ ଜାତୀୟତାବାଦ | ୨୦୨ - ୨୦୮ |
| ଦ୍ୱିତୀୟ ପାଠ – | ଜାତୀୟ ସଂହତି | ୨୦୯ - ୨୧୬ |
| ତୃତୀୟ ପାଠ – | ଗଣତାନ୍ତ୍ରିକ ମୂଲ୍ୟବୋଧ | ୨୧୭ - ୨୨୩ |
| **ଚତୁର୍ଥ ଅଧ୍ୟାୟ :** | **ସଂଯୁକ୍ତ ରାଷ୍ଟ୍ରସଂଘ : ଗଠନ ଓ କାର୍ଯ୍ୟାବଳୀ,** ଭାରତ ଓ ସଂଯୁକ୍ତ ରାଷ୍ଟ୍ରସଂଘ | [୨୨୪ - ୨୩୪] |


❖❖❖

## ପ୍ରଥମ ଅଧ୍ୟାୟ

# ବିଶ୍ୱର କେତେକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି
# (World - Some Major Developments)

## ପ୍ରଥମ ପାଠ

# ଏସିଆ ଓ ଆଫ୍ରିକାରେ ଉପନିବେଶବାଦ
# (Colonisation in Asia and Africa)

ଉପନିବେଶର ଆକ୍ଷରିକ ଅର୍ଥ ହେଉଛି ବିଦେଶସ୍ଥ ଆବାସ । କୌଣସି ଅଞ୍ଚଳରେ ପ୍ରବାସୀମାନଙ୍କ ବସତି ସ୍ଥାପନକୁ ଏକ ସ୍ୱତ୍ୱାଧିକାରୀ ରାଜ୍ୟ ମନେ କରି ମାତୃ ଦେଶର ଲାଭ ପାଇଁ କାର୍ଯ୍ୟରେ ଲଗାଇବା ହେଉଛି ଉପନିବେଶବାଦ । ବାଣିଜ୍ୟ ବ୍ୟବସାୟର ଉନ୍ନତି, ଆର୍ଥିକ ସମୃଦ୍ଧି, ସାମ୍ରାଜ୍ୟ ବିସ୍ତାର ଓ ଧର୍ମ ପ୍ରଚାର ଉପନିବେଶବାଦର ମୁଖ୍ୟ ଲକ୍ଷ୍ୟ ଥିଲା । ଉପନିବେଶବାଦ ପ୍ରଥମେ ଷୋଡ଼ଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା । ଇଉରୋପୀୟ ରାଷ୍ଟ୍ରମାନେ ପୃଥିବୀର ବିଭିନ୍ନ ଅଞ୍ଚଳରେ ନିଜ ଦେଶର ଉପନିବେଶମାନ ସ୍ଥାପନ କରିଥିଲେ । ସେମାନେ ଏସିଆ ଓ ଆଫ୍ରିକାକୁ ମୁଖ୍ୟତଃ ବାଣିଜ୍ୟ ବ୍ୟବସାୟ ଉଦ୍ଦେଶ୍ୟରେ ଆସିଥିଲେ ଏବଂ ବିଭିନ୍ନ ସ୍ଥାନରେ ବାଣିଜ୍ୟ କେନ୍ଦ୍ରମାନ ଖୋଲି ଏକଚାଟିଆ ବାଣିଜ୍ୟ କାରବାର କରିବା ପାଇଁ ଉଦ୍ୟମ କଲେ । ବାଣିଜ୍ୟିକ ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ସେମାନଙ୍କ ମଧ୍ୟରେ କଳହ ଲାଗି ରହିଲା । ପ୍ରଥମ ପର୍ଯ୍ୟାୟ ଉପନିବେଶବାଦ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ଚାଲିଥିଲା । ଊନବିଂଶ ଶତାବ୍ଦୀର ଶେଷବେଳକୁ ଉପନିବେଶ ସ୍ଥାପନ ଓ ଔପନିବେଶିକ ପ୍ରତିଦ୍ୱନ୍ଦ୍ୱିତାର ପୁନରୁତ୍ଥାନ ହେଲା । ଊନବିଂଶ ଶତାବ୍ଦୀରେ ବିଭିନ୍ନ ଦେଶର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅବସ୍ଥା ଉପନିବେଶବାଦର ବିକାଶ ପାଇଁ ସହାୟକ ହେଲା । ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ପରିସ୍ଥିତିର ଫାଇଦା ନେଇ ନିଜର ସ୍ୱାର୍ଥକୁ ସୁହାଉଥିବା ଅଞ୍ଚଳକୁ ଜୟକଲେ ଏବଂ ବିଜିତ ଅଞ୍ଚଳରେ ଉପନିବେଶ ସ୍ଥାପନ କଲେ । ଉପନିବେଶବାଦର ଏହି ନୂତନ ପର୍ଯ୍ୟାୟ ଥିଲା ଔପନିବେଶିକ ସାମ୍ରାଜ୍ୟବାଦ । ଏହା ୧୯୧୪ ମସିହାରେ ଆରମ୍ଭ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧ ପାଇଁ ଏକ ପ୍ରମୁଖ କାରଣ ହୋଇଥିଲା ।

### ଏସିଆ ଓ ଆଫ୍ରିକାରେ ଉପନିବେଶବାଦର କାରଣ :

### (୧) ଭୌଗୋଳିକ ଆବିଷ୍କାର:

ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀର ଭୌଗୋଳିକ ଆବିଷ୍କାର ଫଳରେ ଭିନ୍ନ ଭିନ୍ନ ସ୍ଥାନରେ ଅନେକ ନୂତନ ଅଞ୍ଚଳର ସନ୍ଧାନ ମିଳିଲା । ଇଉରୋପୀୟ ରାଷ୍ଟ୍ରମାନଙ୍କରୁ ଏସିଆ ଓ ଆଫ୍ରିକା ମହାଦେଶର ବିଭିନ୍ନ ଦେଶକୁ ଜଳପଥ ଓ ସ୍ଥଳପଥ ଆବିଷ୍କୃତ ହେଲା । ଫଳରେ ଦେଶମାନଙ୍କ ମଧ୍ୟରେ ଯାତାୟାତ ଓ ଯୋଗାଯୋଗର ଅଧିକ ସୁବିଧା ହେଲା । ପ୍ରତ୍ୟେକ ଦେଶ ଅନ୍ୟ ଦେଶ ସମ୍ବନ୍ଧରେ ଜ୍ଞାନ ଆହରଣ କଲେ । ଭୌଗୋଳିକ ଅନୁସନ୍ଧାନକାରୀମାନେ ନୂତନ ଭାବେ ଆବିଷ୍କୃତ ଅଞ୍ଚଳରେ ବ୍ୟବସାୟିକ ଓ ରାଜନୈତିକ ଲାଭ ପାଇଁ ଅନୁକୂଳ ପରିସ୍ଥିତି ଥିବା କଥା ସେମାନଙ୍କ ବିବରଣୀରେ ଉଲ୍ଲେଖ କଲେ । ଏହିପରି ଭାବରେ ଭୌଗୋଳିକ ଆବିଷ୍କାର ଉପନିବେଶ ସ୍ଥାପନ ପାଇଁ ପଥ ପ୍ରଦର୍ଶନ କଲା ।

**ତୁମ ପାଇଁ କାମ:**

**ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀର ଭୌଗୋଳିକ ଆବିଷ୍କାରଗୁଡ଼ିକର ସେମାନଙ୍କ ଆବିଷ୍କାରକଙ୍କ ନାମ ସହ ଏକ ତାଲିକା ପ୍ରସ୍ତୁତ କର ।**

## (୨) ଲାଭଜନକ ବ୍ୟବସାୟର ସୁବିଧା:

ଏସିଆ ମହାଦେଶ ଅନ୍ତର୍ଗତ ଭାରତ ଓ ଅନ୍ୟାନ୍ୟ କେତୋଟି ଦେଶରେ ଅନେକ ଲାଭଦାୟକ ସାମଗ୍ରୀ ଉପଲବ୍ଧ ହେଉଥିଲା । ସେଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ରକାର ମସଲା, ଚହା, କାର୍ପାସ ବସ୍ତ୍ର, ରେଶମ, ସୁନା, ମୁକ୍ତା, ପ୍ରାକୃତିକ ଔଷଧ, ଚୀନାମାଟିର ପାତ୍ର ଏବଂ ଇବୋନୀକାଠ ମୁଖ୍ୟ ଥିଲା । ଏହି ସାମଗ୍ରୀଗୁଡ଼ିକୁ ଏସିଆର ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରି ଇଉରୋପୀୟ ବ୍ୟବସାୟୀମାନେ ସେମାନଙ୍କ ଦେଶରେ ବିକ୍ରୟ କରି ପ୍ରଚୁର ଲାଭ କଲେ । ସେହିପରି ଆଫ୍ରିକା ମହାଦେଶର ସୁନା, ହୀରା, ତମ୍ବା, ମୂଲ୍ୟବାନ କାଠ, ହାତୀଦାନ୍ତ, ରବର ଓ ୟୁରାନିୟମ୍ ପ୍ରଭୃତି ଦ୍ରବ୍ୟ ଇଉରୋପୀୟ ବ୍ୟବସାୟୀଙ୍କୁ ଯଥେଷ୍ଟ ଲାଭବାନ୍ କଲା । ଆଫ୍ରିକାରେ ଦାସ ବ୍ୟବସାୟ ସବୁଠାରୁ ବେଶୀ ଲାଭଦାୟକ ଥିଲା । ଇଉରୋପୀୟ ଦାସ ବ୍ୟବସାୟୀମାନେ ପ୍ରତ୍ୟେକ ମାସରେ ବହୁ ସଂଖ୍ୟକ ଆଫ୍ରିକୀୟଙ୍କୁ ଦାସ ଭାବରେ ଆମେରିକାକୁ ରପ୍ତାନୀ କରି ବହୁତ ଲାଭବାନ ହେଲେ । ପର୍ତ୍ତୁଗାଲ୍, ସ୍ପେନ୍, ହଲାଣ୍ଡ, ଫ୍ରାନ୍ସ ପ୍ରଭୃତି ଇଉରୋପୀୟ ରାଷ୍ଟ୍ରଗଣ ଏସିଆ ଓ ଆଫ୍ରିକାରେ ଲାଭଜନକ ବ୍ୟବସାୟ ଦ୍ୱାରା ଆକର୍ଷିତ ହୋଇ ସେଠାରେ ଉପନିବେଶମାନ ସ୍ଥାପନ ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାରେ ଲାଗିପଡ଼ିଲେ ।

*ତୁମେ ଜାଣିଛ କି ?*


***ନିଜ ଜନ୍ମଭୂମି ଛାଡ଼ି ଓ ନିଜର ବ୍ୟକ୍ତିଗତ ସ୍ୱାଧୀନତାକୁ କିଛି ଅର୍ଥ ବିନିମୟରେ ଆଜୀବନ ବିକ୍ରୟ କରି ବିଦେଶକୁ ଗୋଲାମି କରିବାକୁ ଯାଇଥିବା ବ୍ୟକ୍ତିକୁ କ୍ରୀତଦାସ କୁହାଯାଉଥିଲା ।***

## (୩) ଶିଳ୍ପ ବିପ୍ଳବ :

ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରୁ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଅନେକ ନୂତନ ଯନ୍ତ୍ରର ଉଦ୍ଭାବନ ହେଲା । ସେହି ଯନ୍ତ୍ର ସାହାଯ୍ୟରେ କଳ କାରଖାନାମାନଙ୍କରେ ଅଳ୍ପ ଶ୍ରମ ଓ ସମୟ ବିନିମୟରେ ଦୈନନ୍ଦିନ ବ୍ୟବହୃତ ଦ୍ରବ୍ୟମାନଙ୍କ ଉତ୍ପାଦନ ବୃଦ୍ଧି ଯୋଗୁଁ ମନୁଷ୍ୟ ଜୀବନଯାପନରେ ପରିବର୍ତ୍ତନ ଘଟିଲା । ଏହାକୁ ଶିଳ୍ପ ବିପ୍ଳବ କୁହାଯାଏ । ଏହା ଇଂଲାଣ୍ଡରେ ଆରମ୍ଭ ହୋଇଥିଲା । ଶିଳ୍ପ ବିପ୍ଳବ ଫଳରେ ବିଭିନ୍ନ ଜିନିଷର ଉତ୍ପାଦନ ବୃଦ୍ଧି ପାଇଲା । ନିଜ ଦେଶରେ ଚାହିଦାଠାରୁ ଉତ୍ପାଦିତ ଦ୍ରବ୍ୟର ପରିମାଣ ଅଧିକ ହେବାରୁ ଓ ସ୍ୱଳ୍ପ ମଜୁରି ଯୋଗୁଁ ଅଧିକାଂଶ ଲୋକଙ୍କ କ୍ରୟ କରିବା କ୍ଷମତା ଦୁର୍ବଳ ଥିବାରୁ ଅଧିକ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ପାଇଁ ଦେଶ ବାହାରେ ବଜାରର ଆବଶ୍ୟକତା ପଡ଼ିଲା । ସେ ସମୟରେ ଏସିଆ ଓ ଆଫ୍ରିକାରେ ଶିଳ୍ପ ବିପ୍ଳବ ହୋଇ ନ ଥିଲା । ତେଣୁ ସେଠାରେ ଉତ୍ପାଦିତ ଦ୍ରବ୍ୟର ପରିମାଣରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା । ତା'ଛଡ଼ା ପାଶ୍ଚାତ୍ୟ ଦେଶରେ ଉତ୍ପାଦିତ ହେଉଥିବା କେତେକ ଦ୍ରବ୍ୟ ଏ ଦୁଇ ମହାଦେଶରେ ଉତ୍ପାଦିତ ହେଉ ନ ଥିଲା । ଫଳରେ ବିନା ପ୍ରତିଯୋଗିତାରେ ଇଉରୋପୀୟ ରାଷ୍ଟ୍ରମାନଙ୍କୁ ସେମାନଙ୍କ ଦେଶର ଚାହିଦାଠାରୁ ଅଧିକ ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ପାଇଁ ଏସିଆ ଓ ଆଫ୍ରିକାରେ ବଜାର ସୃଷ୍ଟି କରିବା ସହଜ ହେଲା । ଏହା ବ୍ୟତୀତ ଇଉରୋପୀୟ ଦେଶଗୁଡ଼ିକର ଶିଳ୍ପ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ଯଥା କୋଇଲା, ଲୁହା, ଟିଣ, ସୁନା, ତମ୍ବା, ତୈଳ ପ୍ରଭୃତି ଏସିଆ ଓ ଆଫ୍ରିକାରେ ଯଥେଷ୍ଟ ପରିମାଣରେ ଉପଲବ୍ଧ ହେଉଥିଲା ।

*ତୁମ ପାଇଁ କାମ :*

***ଶିଳ୍ପ ବିପ୍ଳବ ସମୟରେ ଉଦ୍ଭାବିତ ଯନ୍ତ୍ରଗୁଡ଼ିକର ଉଦ୍ଭାବକଙ୍କ ନାମ ଓ ଉଦ୍ଭାବନ ସମୟର ଏକ ତାଲିକା ପ୍ରସ୍ତୁତ କର ।***



(ପ୍ରଥମ ବାଷ୍ପଚାଳିତ ଇଞ୍ଜିନ)

## (୪) ପରିବହନ ଓ ଯୋଗାଯୋଗରେ ଉନ୍ନତି :

ବାଷ୍ପୀୟ ଜାହାଜର ଉଦ୍ଭାବନ ଦ୍ୱାରା ଇଉରୋପୀୟ ଦେଶମାନଙ୍କରୁ ଜଳପଥରେ ଏସୀୟ ଓ ଆଫ୍ରିକୀୟ ଅଞ୍ଚଳକୁ ଜିନିଷପତ୍ର ପରିବହନ କରିବା ସହଜ ଓ ଶୀଘ୍ର ହେଲା । ଜଳପଥ, ସ୍ଥଳପଥ ଓ ରେଳପଥ ନିର୍ମାଣ ଫଳରେ ଆଭ୍ୟନ୍ତରୀଣ ଅଞ୍ଚଳରୁ କଞ୍ଚାମାଲ ପରିବହନ କରିବା ଏବଂ ଉତ୍ପାଦିତ ଦ୍ରବ୍ୟର ରପ୍ତାନୀ ବା ଆମଦାନୀ ପାଇଁ ସୁବିଧା ହେଲା ।

*ତୁମେ ଜାଣିଛ କି ?*

*ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଇଂଲାଣ୍ଡର ବୈଜ୍ଞାନିକ ନିଉ କମେନ୍ ବାଷ୍ପୀୟ ଇଞ୍ଜିନ୍ ଉଦ୍ଭାବନ କଲେ । ୧୭୬୯ ମସିହାରେ ଜେମ୍ସ୍ ୱାଟ୍ ଏହାକୁ ଅଧିକ ଉନ୍ନତ କଲେ । ୧୮୧୪ ମସିହାରେ ଜର୍ଜ ଷ୍ଟିଫେନ୍ସନ୍ ପ୍ରଥମ ବାଷ୍ପ ଚାଳିତ ରେଳ ଇଞ୍ଜିନ୍ ନିର୍ମାଣ କଲେ ଏବଂ ୧୮୩୦ ମସିହାରେ 'ରକେଟ୍' ନାମକ ପ୍ରଥମ ରେଳଗାଡ଼ି ଲିଭରପୁଲ୍‌ଠାରୁ ମାଞ୍ଚେଷ୍ଟର ପର୍ଯ୍ୟନ୍ତ ଚାଲିଥିଲା । ୧୮୩୮ ମସିହାରେ ବାଷ୍ପୀୟ ଶକ୍ତି ଚାଳିତ ଦୁଇଟି ଜାହାଜ ଆଟ୍‌ଲାଣ୍ଟିକ୍ ମହାସାଗର ଅତିକ୍ରମ କରିଥିଲା ।*

## (୫) ଦୁର୍ବଳ ଶାସନ:

ଊନବିଂଶ ଶତାବ୍ଦୀରେ ଏସିଆ ଓ ଆଫ୍ରିକା ମହାଦେଶ ଅନ୍ତର୍ଭୁକ୍ତ ଦେଶମାନଙ୍କରେ ଶାସନ ଅତ୍ୟନ୍ତ ଦୁର୍ବଳ ଥିଲା । ଅନେକ ଜାତୀୟରାଷ୍ଟ୍ର ସୃଷ୍ଟି ହୋଇଥିଲେ ସୁଦ୍ଧା ନୂତନ ଶାସନ ପଦ୍ଧତିର କୌଣସି ପ୍ରଭାବ ଏ ଦୁଇ ମହାଦେଶର ଦେଶମାନଙ୍କ ଉପରେ ପଡ଼ି ନ ଥିଲା । ସେଠାରେ ମଧ୍ୟଯୁଗୀୟ ଶାସନ ଚାଲିଥିଲା ଓ ସେ ଅଞ୍ଚଳର ଲୋକମାନେ ସ୍ଥାନୀୟ ମୁଖ୍ୟଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିଲେ । ଅଧିକନ୍ତୁ ଏସିଆ ଓ ଆଫ୍ରିକାର ଦେଶଗୁଡ଼ିକ ଉନ୍ନତ ଧରଣର ଯୁଦ୍ଧାସ୍ତ୍ର ନିର୍ମାଣ କରିପାରି ନ ଥିଲେ । ଫଳରେ ଇଉରୋପୀୟ ରାଷ୍ଟ୍ରମାନେ ସହଜରେ ସେମାନଙ୍କୁ ଯୁଦ୍ଧରେ ଜୟ କରିପାରୁଥିଲେ । ବହୁ ସଂଖ୍ୟାରେ ଏସିଆ ଓ ଆଫ୍ରିକାର ଲୋକମାନେ ସ୍ୱଳ୍ପ ପାରିଶ୍ରମିକ ମିଳିଲେ ସୁଦ୍ଧା ଇଉରୋପୀୟ ସୈନ୍ୟବାହିନୀରେ ଯୋଗ ଦେବାକୁ ବା ବିଦେଶରେ ଅବସ୍ଥିତ କାରଖାନାମାନଙ୍କରେ କାମ କରିବାକୁ ଚାଲିଯାଉଥିଲେ । ଫଳରେ ଏହି ଦୁଇ ମହାଦେଶର ସୈନ୍ୟବାହିନୀର ଲୋକବଳ ଦୁର୍ବଳ ହେଲା ।

## (୬) ଧର୍ମ ଓ ସଂସ୍କୃତିର ପ୍ରଚାର:

ଉପନିବେଶବାଦ ଦ୍ୱାରା ପଛୁଆ ଶ୍ରେଣୀର ଲୋକେ ପାଶ୍ଚାତ୍ୟ ସଂସ୍କୃତି ଓ ଧର୍ମର ସମ୍ପର୍କରେ ଆସି ଅଧିକ ଉନ୍ନତ ଜୀବନଯାପନ କରିବେ ବୋଲି କେତେକ ଇଉରୋପୀୟ ରାଷ୍ଟ୍ର ପ୍ରଚାର କଲେ । ଉପନିବେଶସ୍ଥିତ ଅନୁନ୍ନତ ଅଧିବାସୀଙ୍କ ଜୀବନ ଜୀବିକା ବା ଶିକ୍ଷା ଓ ସଂସ୍କୃତିର ଉନ୍ନତି କରିବା ଉଚ୍ଚତର ଜାତିର କର୍ତ୍ତବ୍ୟ ବୋଲି ସେମାନେ ଚିନ୍ତା କଲେ । ଏସିଆ ଓ ଆଫ୍ରିକା ମହାଦେଶର ମୂଳ ଅଧିବାସୀଙ୍କୁ ଏହି ଇଉରୋପୀୟ ଉପନିବେଶବାଦୀଗଣ ଅନୁନ୍ନତ ଓ ଅନଗ୍ରସର ମଣିଲେ । ସେମାନଙ୍କୁ ସଭ୍ୟ ଓ ସଂସ୍କୃତିସମ୍ପନ୍ନ କରିବା ଏବଂ ସେମାନଙ୍କ ଦେଶରେ ପାଶ୍ଚାତ୍ୟ ଧର୍ମ ପ୍ରଚାର କରିବା ଇଉରୋପୀୟମାନଙ୍କ ନୈତିକ କର୍ତ୍ତବ୍ୟ ବୋଲି ମନେ କରି ଉପନିବେଶ ସ୍ଥାପନ କରିବାକୁ ଆଗ୍ରହୀ ହେଲେ ।

## (୭) ଅନ୍ୟାନ୍ୟ ଅନୁକୂଳ ପରିସ୍ଥିତି:

ଏସିଆ ଓ ଆଫ୍ରିକାର ସାମରିକ ବା ବାଣିଜ୍ୟିକ ଗୁରୁତ୍ୱ ଓ ଅବସ୍ଥିତି ଅନେକ ଇଉରୋପୀୟ ରାଷ୍ଟ୍ରଙ୍କୁ ସେଠାରେ ଉପନିବେଶ ସ୍ଥାପନ ପାଇଁ ଆକୃଷ୍ଟ କଲା । ଏସିଆ ଓ

ଆଫ୍ରିକାର ଦେଶମାନଙ୍କରେ ଶିଳ୍ପୀ ଓ କାରିଗରମାନେ ଅନୁନ୍ନତ ପଦ୍ଧତିରେ ବିଭିନ୍ନ ସାମଗ୍ରୀ ନିର୍ମାଣ କରୁଥିବାରୁ ଲୋକଙ୍କ ଆବଶ୍ୟକ ଚାହିଦା ମେଣ୍ଟାଇପାରିଲେ ନାହିଁ । ଫଳରେ ସେମାନଙ୍କୁ ଇଉରୋପୀୟ ରାଷ୍ଟ୍ରଙ୍କ ଯନ୍ତ୍ର ତିଆରି ସାମଗ୍ରୀ ଉପରେ ଅଧିକ ନିର୍ଭର କରିବାକୁ ପଡୁଥିଲା । ଏହାର ସୁଯୋଗ ନେଇ ଇଉରୋପୀୟମାନେ ଏ ଦୁଇ ମହାଦେଶରେ ଉପନିବେଶ ସ୍ଥାପନ ପାଇଁ ଅଧିକ ଉତ୍ସାହିତ ହେଲେ । ଏସିଆ ଓ ଆଫ୍ରିକାରେ ଅଳ୍ପ ପାରିଶ୍ରମିକରେ ଇଉରୋପୀୟମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଖଣି କାରଖାନାରେ କାମ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ମାନବସମ୍ବଳ ଉପଲବ୍ଧ ହେଉଥିଲା ।

## ଏସିଆରେ ଉପନିବେଶ ସ୍ଥାପନ :

### ଭାରତରେ ଉପନିବେଶ :

ପର୍ତ୍ତୁଗାଲର ବିଶିଷ୍ଟ ନାବିକ ଭାସ୍କୋଡ଼ାଗାମାଙ୍କ ଦ୍ୱାରା ୧୪୯୮ ରେ ଭାରତକୁ ଜଳପଥ ଆବିଷ୍କୃତ ହେବା ଫଳରେ ପର୍ତ୍ତୁଗୀଜ୍‌ମାନେ (ପର୍ତ୍ତୁଗାଲ୍‌ର ଅଧିବାସୀ) ପ୍ରଥମେ ଭାରତ ସହିତ ବାଣିଜ୍ୟ ବ୍ୟବସାୟ ଆରମ୍ଭ କଲେ ଏବଂ ଉପନିବେଶ



(ଭାସ୍କୋଡ଼ାଗାମା)

ସ୍ଥାପନ କଲେ । ୧୪୯୭ ମସିହାରେ ପର୍ତ୍ତୁଗାଲ୍‌ର ରାଜଧାନୀ ଲିସ୍‌ବନ୍‌ଠାରୁ ଚାରିଟି ଜାହାଜ ସହିତ ଭାସ୍କୋଡ଼ାଗାମା ଜଳଯାତ୍ରା ଆରମ୍ଭ କରିଥିଲେ । ଆଫ୍ରିକାର ପଶ୍ଚିମ ଉପକୂଳ ପାର୍ଶ୍ୱରେ ଯାଇ ଉତ୍ତମାଶା ଅନ୍ତରୀପରେ ପହଞ୍ଚିଲେ । ସେଠାରୁ ଉତ୍ତର ଦିଗରେ ଗତି କରି ଜଣେ ଅରବ୍ ନାବିକଙ୍କ ସହାୟତାରେ ଭାରତ ମହାସାଗରରେ ଯାତ୍ରା କଲେ ଏବଂ ୧୪୯୮ ମେ ୨୦ ତାରିଖରେ ଭାରତର ମାଲାବାର ଉପକୂଳସ୍ଥ କାଲିକଟ୍ ବନ୍ଦରଠାରେ ପହଞ୍ଚିଥିଲେ । ଏହା ଇଉରୋପରୁ ଭାରତକୁ ସିଧାସଳଖ ଜଳପଥ ଆବିଷ୍କାର କଲା ଏବଂ ପର୍ତ୍ତୁଗୀଜ୍ ଓ ଅନ୍ୟାନ୍ୟ ଇଉରୋପୀୟମାନଙ୍କ ପାଇଁ ଭାରତରେ ଉପନିବେଶ ସ୍ଥାପନ କରିବା ନିମନ୍ତେ ସୁଯୋଗ ସୃଷ୍ଟି କଲା ।

***ତୁମ ପାଇଁ କାମ :***

***ପର୍ତ୍ତୁଗୀଜ୍‌ମାନେ ଭାରତରେ ସ୍ଥାପନ କରିଥିବା ଉପନିବେଶଗୁଡ଼ିକ ଭାରତ ମାନଚିତ୍ରରେ ଦର୍ଶାଅ । ସବୁଠାରୁ ଶେଷରେ ମୁକ୍ତ ହୋଇଥିବା ପର୍ତ୍ତୁଗୀଜ୍ ଉପନିବେଶର ନାମ ଓ ମୁକ୍ତ ହୋଇଥିବା ତାରିଖ ଉଲ୍ଲେଖ କର ।***

ପରେ ପରେ ଡଚ୍ (ହଲାଣ୍ଡର ଅଧିବାସୀ), ଡେନ୍ (ଡେନ୍‌ମାର୍କର ଅଧିବାସୀ), ଫରାସୀ (ଫ୍ରାନ୍ସର ଅଧିବାସୀ) ଓ ଇଂରେଜ ପ୍ରଭୃତି ଇଉରୋପୀୟ ରାଷ୍ଟ୍ରଗଣ ଭାରତରେ ଉପନିବେଶମାନ ସ୍ଥାପନ ପାଇଁ କ୍ରମେ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଓ କଳହରେ ଲିପ୍ତ ରହିଲେ । ଶେଷରେ ସମସ୍ତଙ୍କୁ ବିତାଡ଼ିତ କରି ଇଂରେଜମାନେ ଇଷ୍ଟ ଇଣ୍ଡିଆ କମ୍ପାନୀ ଜରିଆରେ ଭାରତର କେତେକ ସମୁଦ୍ର ଉପକୂଳ ଅଞ୍ଚଳକୁ ସେମାନଙ୍କ ଶାସନ ଅଧୀନକୁ ଆଣିଥିଲେ ।



(ବ୍ରିଟିଶ୍ ଇଷ୍ଟଇଣ୍ଡିଆ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ)

୧୮୫୭ ମସିହାର ବିଦ୍ରୋହ ପରେ ଭାରତ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ଶାସନର ଅଧୀନରେ ରହିଲା । କିନ୍ତୁ ତା' ପରେ ପରେ ଇଂରେଜମାନଙ୍କ ଅସହ୍ୟ ଶୋଷଣ

ନୀତିଯୋଗୁଁ ଭାରତରେ ଦେଶାତ୍ମବୋଧ ଓ ସାମଗ୍ରିକ ଜାତୀୟତା ଜାଗ୍ରତ ହେଲା ଓ ଦେଶବାସୀ ଇଂରେଜମାନଙ୍କ କବଳରୁ ମୁକ୍ତ ହେବା ପାଇଁ ସଂଗ୍ରାମ ଜାରି ରଖିଲେ । ୧୮୫୭ ମସିହାର ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ । ଇଷ୍ଟ ଇଣ୍ଡିଆ କମ୍ପାନୀର ରବର୍ଟ କ୍ଲାଇବ୍‌ଙ୍କ ଦ୍ୱାରା ୧୭୫୭ ମସିହାର ପଲାସୀ ଯୁଦ୍ଧରେ ବଙ୍ଗଳାର ନବାବ ସିରାଜ ଉଦ୍ଦୌଲା ପରାସ୍ତ ହେବା ପରଠାରୁ ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ପ୍ରଥମେ ବଙ୍ଗଳା ଓ ପରେ ସମଗ୍ର ଭାରତ ଏକ ଶତ ନବେ ବର୍ଷ ବ୍ୟାପି ଇଂଲାଣ୍ଡର ଏକ ଉପନିବେଶ ଭାବେ ଇଂରେଜମାନଙ୍କ ଶାସନ ଅଧୀନରେ ରହିଥିଲା ।

**ତୁମେ ଜାଣିଛ କି ?**

***୧୭୫୭ ମସିହା ଜୁନ୍‌ମାସ ୨୩ ତାରିଖରେ ପଶ୍ଚିମ ବଙ୍ଗର ଭାଗୀରଥୀ ନଦୀ କୂଳରେ ଅବସ୍ଥିତ ପଲାସୀ ନାମକ ସ୍ଥାନରେ ଏକ ଆମ୍ରତୋଟାରେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ବଙ୍ଗଳାର ନବାବଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧ ପଲାସୀ ଯୁଦ୍ଧ ନାମରେ ଖ୍ୟାତ । ଏହି ଯୁଦ୍ଧରେ ଇଂରେଜମାନଙ୍କ ବିଜୟ ଭାରତରେ ଇଂରେଜ ଶାସନର ଭିତ୍ତି ସ୍ଥାପନ କରିଥିଲା ।***

## ଚୀନ୍‌ରେ ଇଂଲାଣ୍ଡର ପ୍ରଭାବ ବିସ୍ତାର :

ଇଂରେଜମାନେ ଚୀନ୍‌ରୁ ଚା' ଓ ରେଶମ କ୍ରୟ କରି ଇଉରୋପରେ ବିକ୍ରୟ କରୁଥିଲେ କିନ୍ତୁ ଚୀନ୍‌ରେ ଇଂଲାଣ୍ଡର ଉତ୍ପାଦିତ ଦ୍ରବ୍ୟ ବିକ୍ରୟ ହୋଇପାରୁ ନ ଥିଲା । ଇଂରେଜମାନେ ଭାରତରେ ଅଫିମ ଚାଷ କରି ଚୀନ୍ ସହିତ ବେଆଇନ୍ ଅଫିମ ବ୍ୟବସାୟ କଲେ । ଚୀନ୍ ଏକ ଅଫିମ ବୋଝେଇ ଜାହାଜକୁ ଜବତ କରି ସମସ୍ତ ଅଫିମକୁ ନଷ୍ଟ କରିଦେଲା । ଫଳରେ ୧୮୩୯ ମସିହାରେ ଇଂଲାଣ୍ଡ ଚୀନ୍ ବିରୋଧରେ ଯୁଦ୍ଧ କଲା ଏବଂ ତାକୁ ଅକ୍ଳେଶରେ ପରାସ୍ତ କଲା । ଏହି ଯୁଦ୍ଧକୁ "ଅଫିମ ଯୁଦ୍ଧ" କୁହାଯାଏ । ଯୁଦ୍ଧ ପରେ ଚୀନ୍ ଇଂଲାଣ୍ଡକୁ କ୍ଷତିପୂରଣ ଦେଲା; ଇଂରେଜ ବ୍ୟବସାୟୀଙ୍କ ପାଇଁ ଦୁଇଟି ପରିବର୍ତ୍ତେ ପାଞ୍ଚଟି ବନ୍ଦର ଖୋଲିଲା ଏବଂ ହଙ୍ଗକଙ୍ଗ୍ ଦ୍ୱୀପ ଇଂଲାଣ୍ଡକୁ ହସ୍ତାନ୍ତର କଲା ।

## ଚୀନ୍‌ର ବିଭାଜନ:

କୋରିଆ ଉପରେ ଜାପାନ୍ ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ କରିବା ଫଳରେ ଜାପାନ୍ ଓ ଚୀନ୍ ମଧ୍ୟରେ ଯୁଦ୍ଧ ହେଲା । ଏଥିରେ ଚୀନ୍ ପରାସ୍ତ ହୋଇ କୋରିଆକୁ ସ୍ୱାଧୀନତା ପ୍ରଦାନ କଲା ଏବଂ ଜାପାନ୍‌କୁ ଫର୍ମୋଜା ଓ ଅନ୍ୟାନ୍ୟ ଦ୍ୱୀପ ସମର୍ପଣ କରିବା ସହ ଶହେ ପଚିଶ ଲକ୍ଷ ଡଲାର କ୍ଷତି ପୂରଣ ଦେବାକୁ ବାଧ୍ୟ ହୋଇଥିଲା ।

*ତୁମେ ଜାଣିଛ କି ?*

| *ପୁରାତନ ନାମ* | *ବର୍ତ୍ତମାନ ନାମ* |
|---|---|
| *ଫର୍ମୋଜା* | *ତାଇୱାନ୍* |
| *ପର୍ତ୍ତୁଗୀଜ୍ ଗିନି* | *ଗିନି ବିସାଉ* |
| *ହଲାଣ୍ଡ* | *ନେଦରଲାଣ୍ଡସ୍* |
| *ଟୋଗୋଲାଣ୍ଡ* | *ଟୋଗୋ* |
| *ମାଳୟ* | *ମାଲୟେସିଆ* |
| *ବର୍ମା* | *ମିଆଁମାର* |
| *କନ୍‌ଷ୍ଟାଣ୍ଟିନୋପଲ୍* | *ଇସ୍ତାନ୍‌ବୁଲ୍* |
| *ରୋଡ଼େସିଆ* | *ଜିମ୍ବାବ୍ୱେ* |
| *ପର୍ସିଆ ବା ପାରସ୍ୟ* | *ଇରାନ୍* |
| *ବେଚୁଆନାଲାଣ୍ଡ* | *ବୋଟ୍‌ସ୍ୱାନା* |
| *ମେସୋପଟାମିଆ* | *ଇରାକ୍* |
| *ବସୁତୋଲାଣ୍ଡ* | *ଲେସୋଥୋ* |
| *ବେଲ୍‌ଜିଆନ୍ କଙ୍ଗୋ* | *କଙ୍ଗୋ ଗଣତାନ୍ତ୍ରିକ ସାଧାରଣତନ୍ତ୍ର* |
| *ଜାଞ୍ଜିବାର ଓ ଟାଙ୍ଗାନାଇକା* | *ଟାଞ୍ଜାନିଆ* |
| *ସ୍ୱର୍ଣ୍ଣ ଉପକୂଳ* | *ଘାନା* |
| *ଫରାସୀ କଙ୍ଗୋ* | *କଙ୍ଗୋ ସାଧାରଣତନ୍ତ୍ର* |
| *ନ୍ୟାସାଲାଣ୍ଡ* | *ମାଲାୱି* |
| *ଦାହୋମେ* | *ବେନିନ୍* |
| *ରୁଆଣ୍ଡା-ଉରୁଣ୍ଡି* | *ବୁରୁଣ୍ଡି ଓ ରୁଆଣ୍ଡା* |
| *ଫରାସୀ ସୁଦାନ୍* | *ମାଲି* |
| *ଫରାସୀ ସୋମାଲିଲାଣ୍ଡ* | *ଜିବୌତି* |
| *ଉପର ଭୋଲ୍‌ଟା* | *ବୁର୍କିନା ଫାସୋ* |
| *ବ୍ରିଟିସ୍-ଇଟାଲୀୟ ସୋମାଲିଲାଣ୍ଡ* | *ସୋମାଲିଆ / ସୋମାଲିଲାଣ୍ଡ ସାଧାରଣତନ୍ତ୍ର* |
| *ଆବିସିନିଆ* | *ଇଥିଓପିଆ* |

ଏହି କ୍ଷତି ପୂରଣ ଦେବାପାଇଁ ଚୀନ୍‌କୁ ସାହାଯ୍ୟ କରି ଜର୍ମାନୀ, ରୁଷିଆ, ଫ୍ରାନ୍ସ ଓ ଇଂଲାଣ୍ଡ ଚୀନ୍‌କୁ ଭାଗ ଭାଗ କରି ସେମାନଙ୍କ ମଧ୍ୟରେ କର୍ତ୍ତୃତ୍ୱ ପରିସର ବାଣ୍ଟିନେଲେ । ଜର୍ମାନୀ କିଆଉଓ ଉପସାଗର ଏବଂ ସାଣ୍ଟୁଙ୍ଗ ଓ ହୋୟାଙ୍ଗ ହୋ ଉପତ୍ୟକାରେ ସ୍ୱତନ୍ତ୍ର ଅଧିକାର ପାଇଲା । ରୁଷିଆ ମାଞ୍ଚୁରିଆରେ ରେଳପଥ ନିର୍ମାଣର ଅଧିକାର ସହିତ ଲିଆଓତୁଙ୍ଗ ଉପଦ୍ୱୀପ ପାଇଲା । ଫ୍ରାନ୍ସ କ୍ୱାଙ୍ଗଚଉ ଉପସାଗର ଓ ଚୀନ୍‌ର ତିନୋଟି ଦାକ୍ଷିଣାତ୍ୟ ପ୍ରଦେଶରେ ବ୍ୟାପକ ଅଧିକାର ପାଇଲା । ଇଂଲାଣ୍ଡ ୟାଙ୍ଗସି ଉପତ୍ୟକାରେ ପ୍ରଭାବ ବ୍ୟତୀତ ୱିହିଓ୍ୱି ଲାଭ କଲା । ଚୀନ୍‌ର ଏହି ବିଭାଜନକୁ "ଚୀନା ତରଭୁଜର କର୍ତ୍ତନ" (Cutting of the Chinese Melon) ଭାବେ ବର୍ଣ୍ଣନା କରାଯାଇଛି ।

### ହଲାଣ୍ଡର ନିୟନ୍ତ୍ରଣ ବିସ୍ତାର:

ଶ୍ରୀଲଙ୍କା ପ୍ରଥମେ ପର୍ତ୍ତୁଗାଲ୍ ଓ ପରବର୍ତ୍ତୀ କାଳରେ ହଲାଣ୍ଡ ଏବଂ ଇଂଲାଣ୍ଡ ଦ୍ୱାରା ଅଧିକୃତ ହେଲା । ସିଙ୍ଗାପୁର ସମେତ ମାଳୟକୁ ଡଚମାନେ ଇଂଲାଣ୍ଡକୁ ଦେଇଦେବା ଦ୍ୱାରା ଦୂର ପ୍ରାଚ୍ୟର ସମସ୍ତ ବ୍ୟବସାୟ ଇଂଲାଣ୍ଡର ନିୟନ୍ତ୍ରଣରେ ରହିଲା । ଇଣ୍ଡୋନେସିଆ ଓ ତା'ର ଚାରିପଟରେ ଥିବା ଦ୍ୱୀପଗୁଡ଼ିକ କ୍ରମେ ଡଚ୍ ନିୟନ୍ତ୍ରଣରେ ରହିଲା । ୧୮୭୫ ମସିହା ପରେ ହଲାଣ୍ଡ ମୋଲୁକା ଦ୍ୱୀପପୁଞ୍ଜ ଉପରେ ନିୟନ୍ତ୍ରଣ ବିସ୍ତାର କଲା ।

### ଇଣ୍ଡୋଚୀନ୍‌ରେ ଫ୍ରାନ୍ସର ସଫଳତା:

ଦକ୍ଷିଣ ପୂର୍ବ ଏସିଆର ଲାଓସ୍, କାମ୍ବୋଡ଼ିଆ ଓ ଭିଏତ୍‌ନାମ ଅଞ୍ଚଳ ମୋଟାମୋଟି ଭାବେ ଇଣ୍ଡୋ-ଚୀନ୍ ଭାବରେ ପରିଚିତ । ଫ୍ରାନ୍ସ ଇଣ୍ଡୋ-ଚୀନ୍‌ରେ ନିଜର ବ୍ୟବସାୟ ପ୍ରସାର ଉଦ୍ୟମରେ ସଫଳ ହୋଇ ଇଣ୍ଡୋ-ଚୀନ୍‌ର ସର୍ବେସର୍ବା ହେଲା । କ୍ରମେ ଉଲ୍ଲିଖିତ ଭିନ୍ନ ଭିନ୍ନ ଅଞ୍ଚଳଗୁଡ଼ିକୁ ଏକାଠି କରାଯାଇ ଜଣେ ଫରାସୀ ଗଭର୍ଣ୍ଣର ଜେନେରାଲ୍‌ଙ୍କ ତତ୍ତ୍ୱାବଧାନରେ ରଖାଗଲା ।

**ତୁମ ପାଇଁ କାମ :**

*ଏସିଆ ମାନଚିତ୍ର ପ୍ରସ୍ତୁତ କରି ଇଣ୍ଡୋଚୀନ ଅନ୍ତର୍ଭୁକ୍ତ ଦେଶଗୁଡ଼ିକ ପ୍ରଦର୍ଶନ କର ।*

### ଇଂଲାଣ୍ଡର ବର୍ମା ଅଧିକାର :

ବର୍ମା ତୋନ୍‌କିନ୍ ଠାରୁ ମାଣ୍ଡାଲୟ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରିବାକୁ ୧୮୮୦ ମସିହାରେ ଫ୍ରାନ୍ସ ସରକାରଙ୍କୁ ଅଧିକାର ଦେଲା । ଫ୍ରାନ୍ସର ସାମ୍ରାଜ୍ୟ ବିସ୍ତାର ଆଶଙ୍କା କରି ଇଂଲାଣ୍ଡ ଏହାର ବିରୋଧ କଲା ଓ ବର୍ମା ବିରୋଧରେ ଯୁଦ୍ଧ ଘୋଷଣା କଲା । ଇଂଲାଣ୍ଡ ବର୍ମାକୁ ପରାସ୍ତ କରି ତାହାକୁ ୧୮୮୬ ମସିହାରେ ଭାରତ ସହ ମିଶାଇ ବିରାଟ ଇଂରେଜ ସାମ୍ରାଜ୍ୟରେ ପରିଣତ କଲା ।

### ଯୁକ୍ତରାଷ୍ଟ୍ର ଆମେରିକା ଅଧୀନରେ ଫିଲିପାଇନ୍ସ :

କ୍ୟୁବା ଓ ଫିଲିପାଇନ୍ସ ସ୍ପେନୀୟ ଶାସନ ବିରୋଧରେ ବିଦ୍ରୋହ କଲେ । ଯୁକ୍ତରାଷ୍ଟ୍ର ଆମେରିକା ସ୍ପେନ୍ ବିରୋଧରେ ଯୁଦ୍ଧ କରି ତାକୁ ପରାସ୍ତ କଲା ଏବଂ କ୍ୟୁବା ଓ ଫିଲିପାଇନ୍ସକୁ ନିଜ ଅଧୀନକୁ ଆଣିଲା । ଏହାର ବିରୋଧ କରି ଫିଲିପିନୋମାନେ (ଫିଲିପାଇନ୍ସର ଅଧିବାସୀ) ଆମେରିକା ବିରୋଧରେ ବିଦ୍ରୋହ କଲେ କିନ୍ତୁ ଆମେରିକା ବିଦ୍ରୋହକୁ ଦମନ କରିଥିଲା । ଫିଲିପାଇନ୍ସ ଆମେରିକା ଅଧୀନରେ ଦୀର୍ଘକାଳ ବ୍ୟାପି ଏକ ଉପନିବେଶ ରୂପେ ରହିଥିଲା ।

### ଇଂଲାଣ୍ଡର ତିବ୍ବତ ଓ ଇରାନ୍ ଅଧିକାର:

କେନ୍ଦ୍ରୀୟ ଏସିଆ, ଇରାନ୍, ଆଫଗାନିସ୍ତାନ ଓ ତିବ୍ବତ ଉପରେ ନିୟନ୍ତ୍ରଣ ଅଧିକାର ପାଇଁ ଇଂଲାଣ୍ଡ ଓ ରୁଷିଆ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ଥିଲେ । ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ କେନ୍ଦ୍ରୀୟ ଏସିଆର ପ୍ରାୟ ସମସ୍ତ ଅଞ୍ଚଳ ଅଧିକାର କରିବାରେ ରୁଷିଆ ସଫଳ ହେଲା । ୧୯୦୭ ମସିହାର ଏକ ରାଜିନାମା ଅନୁଯାୟୀ ଦକ୍ଷିଣ ଇରାନ୍ ଇଂଲାଣ୍ଡର ଓ ଉତ୍ତର ଇରାନ୍ ରୁଷିଆର କର୍ତ୍ତୃତ୍ୱାଧୀନ ହେଲା । ମଧ୍ୟ

ଇରାନ୍‌କୁ ନିରପେକ୍ଷ ରଖି ଦୁଇ ଦେଶ ପାଇଁ ମୁକ୍ତ ରଖାଗଲା । ୧୯୦୭ ମସିହା ରାଜିନାମା ଅନୁସାରେ ଉଭୟ ଦେଶ ତିବ୍ବତରେ ହସ୍ତକ୍ଷେପ କରିବେ ନାହିଁ ବୋଲି ରାଜି ହେଲେ ଓ ରୁଷିଆ ଆଫଗାନିସ୍ତାନର ପ୍ରଭାବ କ୍ଷେତ୍ର ବହିର୍ଭୂତ ବୋଲି ରାଜି ହେଲା ଏବଂ ଆଫଗାନିସ୍ତାନ ଶାସକ ଇଂଲାଣ୍ଡ ପ୍ରତି ଅନୁଗତ ରହିବା ପର୍ଯ୍ୟନ୍ତ ଇଂଲାଣ୍ଡ ଆଫଗାନିସ୍ତାନ ଅଧିକାର କରିବ ନାହିଁ ବୋଲି ରାଜି ହେଲା । କିନ୍ତୁ ୧୯୧୧ ମସିହାରେ ଚୀନ୍‌ରେ ରାଜତନ୍ତ୍ରର ଉଚ୍ଛେଦ ପରେ ତିବ୍ବତ ଇଂରେଜମାନଙ୍କ ଅଧୀନକୁ ଚାଲିଗଲା । ୧୯୧୭ ମସିହାର ରୁଷ୍ ବିପ୍ଲବ ପରେ ନୂତନ ସୋଭିଏତ୍ ରୁଷିଆ ସରକାର ଇଂଲାଣ୍ଡ ଓ ରୁଷିଆ ରାଜିନାମାର ଅବସାନ ଘୋଷଣା କଲେ ଓ ଇରାନ୍ ଉପରୁ ସମସ୍ତ ଅଧିକାର ପ୍ରତ୍ୟାହାର କଲେ । ଫଳରେ ଇରାନ୍ ଇଂଲାଣ୍ଡଦ୍ୱାରା ଅଧିକୃତ ହେଲା । ଇତି ମଧ୍ୟରେ ଇରାନ୍‌ରେ ତେଲର ସନ୍ଧାନ ମିଳିବାରୁ ଏହା ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟାଣ୍ଡାର୍ଡ ତେଲ କମ୍ପାନୀ ଓ ଇଂଲାଣ୍ଡର ଆଙ୍ଗ୍ଲୋ-ପରସିଆନ୍ ତେଲ କମ୍ପାନୀର କର୍ତ୍ତୃତ୍ୱରେ ରହିଲା ।

## ତୁର୍କୀର କ୍ଷୟ :

ତୁର୍କୀ ଓ ତୁର୍କୀ ସାମ୍ରାଜ୍ୟରେ ଥିବା ଏସୀୟ ଅଧିକାରଭୁକ୍ତ ଅଞ୍ଚଳ ସମୂହରେ କ୍ରମେ ଜର୍ମାନୀ ପ୍ରଭାବ ବିସ୍ତାର କରୁଥିଲା । ଏହି ଅଞ୍ଚଳରେ କନ୍‌ଷ୍ଟାଣ୍ଟିନୋପଲ୍‌ରୁ ବାଗ୍‌ଦାଦ ଓ ପରସିଆନ ଗଲ୍ଫ ପର୍ଯ୍ୟନ୍ତ ଏକ ରେଳପଥ ନିର୍ମାଣ କରିବାକୁ ଜର୍ମାନୀର ଗୋଟିଏ କମ୍ପାନୀ ଅନୁମତି ପାଇଥିଲା । ଇରାନ୍ ଓ ଭାରତରେ ଜର୍ମାନୀ ତା'ର ଆର୍ଥିକ ସ୍ୱାର୍ଥକୁ ଆଗେଇ ନେବା ପାଇଁ ଆଶା କରିଥିଲା । ମାତ୍ର ଫ୍ରାନ୍ସ, ଇଂଲାଣ୍ଡ ଓ ରୁଷିଆ ଏହାର ବିରୋଧ କଲେ । ଫଳରେ ଜର୍ମାନୀ, ଫ୍ରାନ୍ସ ଓ ଇଂଲାଣ୍ଡ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇ ଉକ୍ତ ଅଞ୍ଚଳକୁ ଭାଗ କରାଗଲା କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ଓ ତୁର୍କୀ ପରାସ୍ତ ହେବା ପରେ ସିରିଆ, ପାଲେଷ୍ଟାଇନ୍, ମେସୋପଟାମିଆ ଓ ଆରବ ସମେତ ସୁବିସ୍ତୃତ ଅଞ୍ଚଳ ତୁର୍କୀଠାରୁ କାଢ଼ି ନିଆଯାଇ ଇଂଲାଣ୍ଡ ଓ ଫ୍ରାନ୍ସ ନିୟନ୍ତ୍ରଣରେ ରଖାଗଲା ।

## ଜାପାନ୍‌ର ସଫଳତା :


କୋରିଆକୁ ନେଇ ୧୮୯୪ ମସିହାରେ ଜାପାନ୍ ଓ ଚୀନ୍ ମଧ୍ୟରେ ହୋଇଥିବା ଯୁଦ୍ଧ ପରେ ଚୀନ୍‌ରେ ଜାପାନ୍‌ର ପ୍ରଭାବ ବୃଦ୍ଧି ପାଇଲା । ୧୯୦୨ ମସିହାରେ ଇଂଲାଣ୍ଡ ସହିତ ଚୁକ୍ତି ସ୍ୱାକ୍ଷର କରି ଜାପାନ୍ ଯେ କୌଣସି ଇଉରୋପୀୟ ବୃହତ୍ ରାଷ୍ଟ୍ରର ସମକକ୍ଷ ବୋଲି ଜଣାଇଦେଲା । ୧୯୦୪-୦୫ ମସିହା ଯୁଦ୍ଧରେ ରୁଷିଆକୁ ପରାସ୍ତ କରି ଜାପାନ୍ ସାଖାଲିନ୍‌ର ଦକ୍ଷିଣଭାଗ ଏବଂ ପୋର୍ଟ ଆର୍ଥର ସହ ଲିଆଓତୁଙ୍ଗ ଉପଦ୍ୱୀପର ଦକ୍ଷିଣଭାଗ ପାଇଲା । ୧୯୧୦ ମସିହାରେ କୋରିଆ ଜାପାନ୍‌ର ଏକ ଉପନିବେଶରେ ପରିଣତ ହୋଇଥିଲା ।

> ***ତୁମ ପାଇଁ କାମ :***
>
> ***ଏସିଆ ମାନଚିତ୍ରରେ ଇଉରୋପୀୟ ଦେଶମାନଙ୍କର ଉପନିବେଶଗୁଡ଼ିକ ଚିହ୍ନଟ କର ।***

## ଆଫ୍ରିକାରେ ଉପନିବେଶ ସ୍ଥାପନ :

### ବେଲ୍‌ଜିଆନ୍ କଙ୍ଗୋର ସୃଷ୍ଟି :

ବେଲ୍‌ଜିଅମ୍‌ର ରାଜା ଦ୍ୱିତୀୟ ଲିଓପୋଲ୍ଡଙ୍କ ଆର୍ଥିକ ସହାୟତାରେ ୧୮୭୮ ମସିହାରେ ଆନ୍ତର୍ଜାତିକ କଙ୍ଗୋ ସଂଘ ଗଠନ କରାଯାଇଥିଲା । ଏହି ସଂଘଦ୍ୱାରା ଆଫ୍ରିକାର ମୁଖ୍ୟମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇ ୧୮୮୫ ମସିହାରେ କଙ୍ଗୋ ସ୍ୱାଧୀନ ରାଷ୍ଟ୍ର ଗଠିତ ହେଲା ଓ ଲିଓପୋଲ୍ଡ ଏହାର ରାଜା ହେଲେ । କଙ୍ଗୋ ଅଧିବାସୀଙ୍କୁ ନୃଶଂସଭାବେ ଶୋଷଣ କରାଯିବାରୁ ୧୯୦୮ ମସିହାରେ ରାଜା ଲିଓପୋଲ୍ଡ ବାଧ୍ୟ ହୋଇ କଙ୍ଗୋ ସ୍ୱାଧୀନ ରାଷ୍ଟ୍ରକୁ ବେଲ୍‌ଜିଅମ ସରକାରଙ୍କୁ ହସ୍ତାନ୍ତର କଲେ । ପରେ ଏହା "ବେଲ୍‌ଜିଆନ୍




(ଏସୀୟ ଉପନିବେଶ)

କଙ୍ଗୋ" ଭାବରେ ନାମିତ ହେଲା । କ୍ରମେ ରବର ଓ ହାତୀଦାନ୍ତ ଅପେକ୍ଷା କଙ୍ଗୋର ସୁନା, ହୀରା, ୟୁରାନିୟମ୍, କାଠ ଓ ତମ୍ବା ପ୍ରଭୃତି ଦ୍ରବ୍ୟ ଗୁଡ଼ିକ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା । ଇଂଲାଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ସମେତ ବହୁତ ରାଷ୍ଟ୍ର ଏହି ସମ୍ପଦ ଗୁଡ଼ିକର ବିନିଯୋଗ ପାଇଁ ବେଲ୍‌ଜିଅମ୍ ସହିତ ଯୋଗ ଦେଲେ ।

## ନାଇଜେରିଆରେ ଇଂଲାଣ୍ଡର ଆଧିପତ୍ୟ:

ପଶ୍ଚିମ ଆଫ୍ରିକାର ନାଇଜର ନଦୀ ଅଞ୍ଚଳ ପ୍ରଚୁର ମୂଲ୍ୟବାନ୍ ସମ୍ପଦରେ ଭରପୂର ଥିଲା । ନାଇଜେରିଆ ନାମରେ ପରିଚିତ ଏହି ଅଞ୍ଚଳର ଗୋଟିଏ ଭାଗ ଇଂଲାଣ୍ଡ ଦ୍ୱାରା ଅଧିକୃତ ହୋଇଥିଲା । ଇଂଲାଣ୍ଡ ସେଠାରୁ ଦାସମାନଙ୍କୁ ଆମେରିକା ରପ୍ତାନୀ କରୁଥିଲା । କ୍ରମେ ଇଂରେଜ କମ୍ପାନୀ ଫ୍ରାନ୍ସର ଏକ କମ୍ପାନୀକୁ ପ୍ରତିଦ୍ୱନ୍ଦ୍ୱିତାରୁ ହଟାଇ ନାଇଜେରିଆର ଶାସକ ହେଲା । କିଛି ବର୍ଷ ପରେ ଇଂଲାଣ୍ଡ ସରକାର ନାଇଜେରିଆ ଇଂଲାଣ୍ଡର ସୁରକ୍ଷା ପ୍ରାପ୍ତ ରାଷ୍ଟ୍ର ବୋଲି ଘୋଷଣା କଲେ । ଇଂଲାଣ୍ଡ ପଶ୍ଚିମ ଆଫ୍ରିକାରେ ଗାମ୍ବିଆ, ଅଶନ୍ତି, ସ୍ୱର୍ଣ୍ଣ ଉପକୂଳ ଓ ସିଏରାଲିଓନ ଅଞ୍ଚଳଗୁଡ଼ିକୁ ମଧ୍ୟ ଅଧିକାର କଲା ।

## ପଶ୍ଚିମ ଆଫ୍ରିକାରେ ଫ୍ରାନ୍ସର ସାମ୍ରାଜ୍ୟ ବିସ୍ତାର :

କଙ୍ଗୋ ନଦୀର ଉତ୍ତରରେ ଥିବା ଅଞ୍ଚଳକୁ ଫ୍ରାନ୍ସ ଅଧିକାର କଲା ଏବଂ ଏହା 'ଫରାସୀ କଙ୍ଗୋ' ଭାବେ ପରିଚିତ ହେଲା । ପୂର୍ବରୁ ଆଫ୍ରିକାର ପଶ୍ଚିମ ଉପକୂଳରେ ଫ୍ରାନ୍ସ ସେନିଗାଲ୍ ଅଧିକାର କରିଥିଲା । ପରେ ପଶ୍ଚିମ ଆଫ୍ରିକାରେ ଫ୍ରାନ୍ସ ତା'ର ସାମ୍ରାଜ୍ୟ ବିସ୍ତାର କରି ସେନିଗାଲ୍, ଫରାସୀ ଗିନି, ଆଇଭରି ଉପକୂଳ, ଦାହୋମେ, ମଉରିତାନିଆ, ଫରାସୀ ସୁଦାନ, ଉପର ଭୋଲ୍‌ଟା ଓ ନାଇଜର ଅଞ୍ଚଳଗୁଡ଼ିକର ଅଧିକାରୀ ହେଲା ।

## ଜର୍ମାନୀର କ୍ଷତି:

୧୮୮୦ ମସିହା ପରେ ଜର୍ମାନୀ ପ୍ରଥମେ ପଶ୍ଚିମ ଉପକୂଳରେ ଟୋଗୋଲାଣ୍ଡ ଅଧିକାର କଲା । ପରେ ପରେ

ଦକ୍ଷିଣ ଦିଗକୁ ମାଡ଼ି ଯାଇ କାମେରୁନ୍ ଅଧିକାର କଲା । ଜର୍ମାନୀୟମାନେ କ୍ରମେ ଦକ୍ଷିଣ ପଶ୍ଚିମ ଆଫ୍ରିକାରେ ପ୍ରତିଷ୍ଠିତ ହେଲେ । ପର୍ତ୍ତୁଗୀଜ୍ ଉପନିବେଶ ଆଙ୍ଗୋଲା ଓ ମୋଜାମ୍ବିକ୍‌କୁ ଇଂଲାଣ୍ଡ ଓ ଜର୍ମାନୀ ନିଜ ଭିତରେ ବାଣ୍ଟିନେବାକୁ ରାଜି ଥିଲେ କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀର ପରାଜୟ ପରେ ଏହାର ଉପନିବେଶଗୁଡ଼ିକୁ ବିଜେତା ରାଷ୍ଟ୍ରମାନଙ୍କୁ ବାଣ୍ଟି ଦିଆଗଲା । ଟୋଗୋଲାଣ୍ଡ ଓ କାମେରୁନ୍ ଇଂଲାଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଭାଗ କରାଗଲା ଏବଂ ଦକ୍ଷିଣ ପଶ୍ଚିମ ଆଫ୍ରିକାର ଜର୍ମାନୀ ଅଧିକୃତ ସମସ୍ତ ଅଞ୍ଚଳ ଇଂରେଜ ଶାସିତ ଦକ୍ଷିଣ ଆଫ୍ରିକାକୁ ଦିଆଗଲା । ଆଫ୍ରିକାର ପଶ୍ଚିମ ଉପକୂଳରେ ରିଓ ଡି ଓରୋ (ସ୍ପେନୀୟ ସାହାରା) ଏବଂ ରିଓ ମୁନି ଓ ଫର୍ନାଣ୍ଡୋପୋ (ସ୍ପେନୀୟ ଗିନି)ଠାରେ ସ୍ପେନ୍‌ର ଦୁଇଟି ଉପନିବେଶ ଥିଲା । ଆଙ୍ଗୋଲା ଓ ପର୍ତ୍ତୁଗୀଜ୍ ଗିନିର ମୂଲ୍ୟବାନ ଅଞ୍ଚଳକୁ ପର୍ତ୍ତୁଗାଲ ଅଧିକାର କରିଥିଲା । କେବଳ ଲାଇବେରିଆ ବ୍ୟତୀତ ସମଗ୍ର ପଶ୍ଚିମ ଆଫ୍ରିକା ଇଉରୋପୀୟମାନଙ୍କ ମଧ୍ୟରେ ଭାଗ ହୋଇଥିଲା । ଆମେରିକାରୁ ମୁକ୍ତ ହୋଇଥିବା ଦାସମାନେ ଲାଇବେରିଆରେ ବସତି ସ୍ଥାପନ କରିଥିଲେ ।

## ପ୍ରବାସୀ ଡଚ୍‌ମାନଙ୍କ ଦ୍ୱାରା ନୂତନ ରାଜ୍ୟ ସ୍ଥାପନ :

ଦକ୍ଷିଣ ଆଫ୍ରିକାରେ ଡଚ୍‌ମାନେ ପ୍ରତିଷ୍ଠା କରିଥିବା କେପ୍ କଲୋନୀକୁ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଇଂଲାଣ୍ଡ ଅଧିକାର କରିନେଲା । 'ବୋଏର୍' ଭାବରେ ପରିଚିତ ପ୍ରବାସୀ ଡଚ୍ ଅଧିବାସୀମାନେ ଉତ୍ତର ଦିଗକୁ ଚାଲିଗଲେ । ସେଠାରେ ଅରେଞ୍ଜ ସ୍ୱାଧୀନ ରାଜ୍ୟ ଓ ଟ୍ରାନ୍ସଭାଲ୍ ନାମରେ ଦୁଇଟି ରାଜ୍ୟ ସ୍ଥାପନ କଲେ । ୧୯୫୦ ମସିହା ସୁଦ୍ଧା ଏହି ଦୁଇଟି ରାଜ୍ୟକୁ ବୋଏରମାନେ ଶାସନ କରୁଥିଲେ ।

## ଦକ୍ଷିଣ ଆଫ୍ରିକାର ଶ୍ୱେତାଙ୍ଗ ଶାସନ:

୧୮୭୦ ମସିହାରେ ସେସିଲ୍ ରୋଡ୍‌ସ (Cecil Rhodes) ନାମକ ଜଣେ ଇଂରେଜ ଅର୍ଥାନ୍ୱେଷୀ ବ୍ୟକ୍ତି ଦକ୍ଷିଣ ଆଫ୍ରିକାରେ ହୀରା ଓ ସୁନା ଖନନ କରି ଅତ୍ୟନ୍ତ ଧନୀ ହୋଇଗଲେ । ଏକ ଆଫ୍ରିକୀୟ ଉପନିବେଶକୁ ନିଜ ନାମ ଅନୁସାରେ 'ରୋଡ଼େସିଆ' ରଖିଲେ । ଇଂରେଜମାନେ ରୋଡ଼େସିଆ, ବେଚୁଆନାଲାଣ୍ଡ, ସ୍ୱାଜିଲାଣ୍ଡ ଓ ବସୁତୋଲାଣ୍ଡ ଅଧିକାର କଲେ । ଏହାର ଅଳ୍ପ ଦିନ ପରେ ଦକ୍ଷିଣ ଆଫ୍ରିକା ୟୁନିଅନ୍ ଗଠିତ ହେଲା । ଏଥିରେ କେପ୍, ନାଟାଲ୍, ଟ୍ରାନ୍ସଭାଲ୍ ଓ ଅରେଞ୍ଜ ରିଭର କଲୋନୀ ଅନ୍ତର୍ଭୁକ୍ତ ହେଲେ । ବୋଏର, ଇଂରେଜ ଓ ଅନ୍ୟ କେତେକ ଇଉରୋପୀୟ ପ୍ରବାସୀଙ୍କୁ ନେଇ ଦକ୍ଷିଣ ଆଫ୍ରିକା ୟୁନିଅନ୍ ସଂଖ୍ୟାଲଘୁ ଶ୍ୱେତାଙ୍ଗଙ୍କ ଦ୍ୱାରା ଶାସିତ ହେଲା । ପରବର୍ତ୍ତୀ ସମୟରେ ଦକ୍ଷିଣ ଆଫ୍ରିକା ଏକ ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଘୋଷିତ ହେଲା ।

## ପୂର୍ବ ଆଫ୍ରିକାର ନିୟନ୍ତ୍ରଣ:

ମୋଜାମ୍ବିକ୍‌ର ଏକ ଅଂଶ ପର୍ତ୍ତୁଗାଲ ଦ୍ୱାରା ଦଖଲ ହେବା ବ୍ୟତୀତ ୧୮୮୪ ମସିହା ପର୍ଯ୍ୟନ୍ତ ପୂର୍ବ ଆଫ୍ରିକା କୌଣସି ଇଉରୋପୀୟ ରାଷ୍ଟ୍ର ଦ୍ୱାରା ଅଧିକୃତ ହୋଇ ନ ଥିଲା । ସେହି ବର୍ଷ ଜର୍ମାନୀର କାର୍ଲପିଟରସ୍ ନାମକ ଜଣେ ବ୍ୟକ୍ତି ଏହି ଅଞ୍ଚଳକୁ ଜର୍ମାନୀର ସୁରକ୍ଷା ଅଧୀନରେ ରଖିବାକୁ ସ୍ଥାନୀୟ ଶାସକମାନଙ୍କୁ ପ୍ରରୋଚିତ କଲେ । ଫ୍ରାନ୍ସ ଓ ଇଂଲାଣ୍ଡଙ୍କର ମଧ୍ୟ ଏହି ଅଞ୍ଚଳ ପ୍ରତି ଲୋଭ ଥିଲା । ଏକ ରାଜିନାମା ବଳରେ ଫ୍ରାନ୍ସ ମାଡ଼ାଗାସ୍କର ପାଇଲା ଏବଂ ପୂର୍ବ ଆଫ୍ରିକାକୁ ଜର୍ମାନୀ ଓ ଇଂଲାଣ୍ଡ ମଧ୍ୟରେ ଭାଗ କରାଗଲା । ଜାଞ୍ଜିବାର୍‌ର ଶାସକ ପୂର୍ବ ଆଫ୍ରିକା ତାଙ୍କର ସମ୍ପତ୍ତି ବୋଲି ଦାବି କରିବାରୁ ତାଙ୍କୁ ଉପକୂଳ ଅଞ୍ଚଳରେ ଏକ କରିଡ଼ର ଦିଆଗଲା । ଏହି କରିଡ଼ରର ଉତ୍ତରାର୍ଦ୍ଧ ଇଂରେଜମାନଙ୍କର ଓ ଦକ୍ଷିଣାର୍ଦ୍ଧ ଜର୍ମାନୀମାନଙ୍କ କର୍ତ୍ତୃତ୍ୱରେ ରହିଲା । ପରବର୍ତ୍ତୀ ସମୟରେ ଏହି ଅଞ୍ଚଳଗୁଡ଼ିକ ଇଂଲାଣ୍ଡ ଓ ଜର୍ମାନୀ ଦ୍ୱାରା

ଅଧିକୃତ ହେଲା । ୧୮୯୦ ମସିହାର ଏକ ରାଜିନାମା ଦ୍ୱାରା ଉଗାଣ୍ଡାକୁ ଇଂଲାଣ୍ଡକୁ ଦେବା ପାଇଁ ନିଷ୍ପତ୍ତି ନିଆଗଲା ଏବଂ ତା’ ବଦଳରେ ଜର୍ମାନୀକୁ ହେଲିଗୋଲାଣ୍ଡ ଦିଆଗଲା । ୧୮୯୬ ମସିହାରେ ଉଗାଣ୍ଡାକୁ ଇଂରେଜଙ୍କ ସୁରକ୍ଷାପ୍ରାପ୍ତ ରାଷ୍ଟ୍ର ଭାବେ ଘୋଷଣା କରାଗଲା । ଜାଞ୍ଜିବାର ଏବଂ ପେମ୍ବା ଦ୍ୱୀପ, ୱିଟୁ ଓ ନ୍ୟାସାଲାଣ୍ଡ ଉପରୁ ଜର୍ମାନୀ ତା’ର ଦାବି ପ୍ରତ୍ୟାହାର କଲା । କିନ୍ତୁ ଆଭ୍ୟନ୍ତରୀଣ ଅଞ୍ଚଳରେ ତା’ଠାରୁ ଅଧିକ ଅଞ୍ଚଳ ଅଧିକାର କଲା । ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀ ହାରିବାପରେ ଜର୍ମାନୀ ଅଧିକୃତ ପୂର୍ବ ଆଫ୍ରିକା ଇଂଲାଣ୍ଡକୁ ଦେଇ ଦିଆଗଲା ଏବଂ ଏହାକୁ ‘ଟାଙ୍ଗାନାଇକା’ ନାମରେ ନାମିତ କରାଗଲା । ଇଂରେଜ ଅଧିକୃତ ପୂର୍ବ ଆଫ୍ରିକାକୁ ‘କେନିଆ’ ନାମରେ ନାମିତ କରାଗଲା । ଜର୍ମାନୀ ଅଧିକୃତ ରୁଆଣ୍ଡା-ଉରୁଣ୍ଡି ବେଲ୍‌ଜିଅମକୁ ଦିଆଗଲା ।

### ଇଟାଲୀର ଔପନିବେଶିକ ଉଦ୍ୟମ:

ଇଟାଲୀୟମାନେ ଆଫ୍ରିକାର ମରୁଭୂମି ଅଞ୍ଚଳରେ ଅବସ୍ଥିତ ସୋମାଲିଲାଣ୍ଡ ଓ ଏରିଟ୍ରିଆକୁ ଅଧିକାର କରିଥିଲେ । ଆବିସିନିଆ ଏକ ସ୍ୱାଧୀନ ରାଷ୍ଟ୍ର ଥିଲା । ଏହାକୁ ଇଟାଲୀ ତା’ର ସୁରକ୍ଷାପ୍ରାପ୍ତ ଅଞ୍ଚଳ ବୋଲି ଦାବି କରି ଆକ୍ରମଣ କଲା । ୧୮୯୬ ମସିହାରେ ଆବିସିନିଆ ଇଟାଲୀର ଦାବିକୁ ପ୍ରତ୍ୟାଖ୍ୟାନ କରି ଇଟାଲୀୟ ସୈନ୍ୟବାହିନୀକୁ ଏକ ଯୁଦ୍ଧରେ ପରାସ୍ତ କଲା । ଫଳରେ ଇଟାଲୀ ତା’ର ଦାବି ଓ ସୈନ୍ୟବାହିନୀକୁ ଏଠାରୁ ପ୍ରତ୍ୟାହାର କଲା ।

### ଫ୍ରାନ୍ସର ଟ୍ୟୁନିସିଆ ଦଖଲ:

ଆଫ୍ରିକାର ଉତ୍ତର ଉପକୂଳରେ ଅବସ୍ଥିତ ଆଲ୍‌ଜେରିଆ ଫ୍ରାନ୍ସର ସମସ୍ତ ଉପନିବେଶ ମଧ୍ୟରେ ସବୁଠାରୁ ଅଧିକ ଲାଭଜନକ ଥିଲା । ଏହା ଫରାସୀ ଉତ୍ପାଦିତ ସାମଗ୍ରୀ ପାଇଁ ବିଶାଳ ବଜାର ସୃଷ୍ଟି କରିଥିଲା । ଆଲ୍‌ଜେରିଆର ପୂର୍ବରେ ଅବସ୍ଥିତ ଟ୍ୟୁନିସିଆ ଉପରେ ଫ୍ରାନ୍ସ, ଇଂଲାଣ୍ଡ ଓ ଇଟାଲୀର ଲୋଭ ଥିଲା । ୧୮୭୮ ମସିହାର ଏକ ରାଜିନାମା ଅନୁସାରେ ଇଂଲାଣ୍ଡ ସାଇପ୍ରସ୍ ଦ୍ୱୀପକୁ ଅଧିକାର କଲା ଓ ତା’ ବଦଳରେ ଫ୍ରାନ୍ସକୁ ଟ୍ୟୁନିସିଆରେ ସ୍ୱଚ୍ଛନ୍ଦ ଭାବେ ପ୍ରଭାବ ବିସ୍ତାର କରିବା ପାଇଁ ସୁଯୋଗ ଦେଲା । ପରବର୍ତ୍ତୀ ସମୟରେ ଟ୍ୟୁନିସିଆ ଫ୍ରାନ୍ସର ଦଖଲଭୁକ୍ତ ହେଲା ।

### ମରକ୍କୋର ସ୍ଥିତି ନିର୍ଦ୍ଧାରଣ:

ଜିବ୍ରାଲ୍‌ଟରର ଦକ୍ଷିଣରେ ଓ ଆଫ୍ରିକାର ଉତ୍ତର ଉପକୂଳରେ ଅବସ୍ଥିତ ମରକ୍କୋ ସେମାନଙ୍କ ଅଞ୍ଚଳ ବୋଲି ଉଭୟ ଫ୍ରାନ୍ସ ଓ ଇଟାଲୀ ଦାବି କଲେ । ୧୯୦୦ ମସିହାରେ ଫରାସୀମାନଙ୍କର ମରକ୍କୋ ଅଧିକାର ଏବଂ ଇଟାଲୀୟମାନଙ୍କର ତ୍ରିପୋଲି ଓ ସିରେନାଇକା ଅଧିକାରକୁ ଉଭୟ ଦେଶ ଗ୍ରହଣ କଲେ । ୧୯୦୪ ମସିହାରେ ସ୍ୱାକ୍ଷରିତ ଏକ ରାଜିନାମା ଅନୁଯାୟୀ ଫ୍ରାନ୍ସକୁ ମରକ୍କୋ ଦିଆଗଲା ଓ ଇଂଲାଣ୍ଡକୁ ଇଜିପ୍ଟ ଦିଆଗଲା ।

ଇଂଲାଣ୍ଡ, ଫ୍ରାନ୍ସ ଓ ଇଟାଲୀ ଉତ୍ତର ଆଫ୍ରିକାକୁ ଭାଗ କରିବା ପାଇଁ ରାଜିନାମା ସ୍ୱାକ୍ଷର କରିବାବେଳେ ଜର୍ମାନୀକୁ ଉପେକ୍ଷା କରାଯାଇଥିବାରୁ ଜର୍ମାନୀ ଫ୍ରାନ୍ସର ଅଧିକାରକୁ ବିରୋଧ କରିବ ବୋଲି ଧମକ ଦେଲା । ଫ୍ରାନ୍ସର ମରକ୍କୋ ଅଧିକାର ବଦଳରେ ସ୍ପେନ୍‌କୁ ଟାଞ୍ଜିଏର୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଏ ସଂକ୍ରାନ୍ତରେ ଅନେକ ଆନ୍ତର୍ଜାତିକ ସଙ୍କଟ ଦେଖାଦେଲା ଓ ଯୁଦ୍ଧର ଆଶଙ୍କା ସୃଷ୍ଟି ହେଲା । ତେବେ ଶେଷରେ ଫରାସୀ କଙ୍ଗୋର ୨୫୦୦୦୦ କିଲୋମିଟର ଅଞ୍ଚଳ ଜର୍ମାନୀକୁ ସମର୍ପଣ କରିବା ପାଇଁ ଫ୍ରାନ୍ସ ରାଜି ହେଲା । ସ୍ପେନ୍‌କୁ ମରକ୍କୋର ଏକ ଛୋଟ ଅଂଶ ଦିଆଗଲା । ୧୯୧୨ ମସିହାରେ ଫ୍ରାନ୍ସ ମରକ୍କୋକୁ ତା’ର ସୁରକ୍ଷାପ୍ରାପ୍ତ ଦେଶ ଭାବେ ପ୍ରତିଷ୍ଠିତ କଲା ।

## ବିଖଣ୍ଡିତ ତୁର୍କୀ :

ତୁର୍କୀ ସାମ୍ରାଜ୍ୟର ଅଧିକୃତ ତ୍ରିପୋଲି ଓ ସିରେନାଇକା ଉପରେ ଇଟାଲୀର ଦାବିକୁ ଇଉରୋପୀୟ ରାଷ୍ଟ୍ରମାନେ ସମର୍ଥନ ଜଣାଇଥିଲେ । ତେଣୁ ଇଟାଲୀ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କରି ସେହି ଦୁଇ ରାଜ୍ୟକୁ ଅଧିକାର କଲା ଏବଂ ସେହି ଅଞ୍ଚଳକୁ 'ଲିବିଆ' ନାମ ଦିଆଗଲା ।

ଇଜିପ୍ଟ ତୁର୍କୀ ସାମ୍ରାଜ୍ୟର ଏକ ରାଜ୍ୟ ଥିଲା ଏବଂ ପାଶା ନାମରେ ପରିଚିତ ତୁର୍କୀର ସୁଲ୍‌ତାନଙ୍କ ପ୍ରତିନିଧିଙ୍କ ଦ୍ୱାରା ଶାସିତ ହେଉଥିଲା । ଫ୍ରାନ୍ସ ଇଜିପ୍ଟ ଅଧିକାର କରିବା ପାଇଁ ଆଗ୍ରହୀ ଥିଲା । ଇଜିପ୍ଟ ଗଭର୍ଣ୍ଣର ଇସ୍‌ମାଇଲ୍ ପାଶା ସୁଏଜ୍ କେନାଲର ଖନନ ପାଇଁ ଫ୍ରାନ୍ସର ଏକ କମ୍ପାନୀକୁ ଦାୟିତ୍ୱ ଦେଇଥିଲେ । ୧୮୬୯ ମସିହାରେ କେନାଲ ଖନନ ସମ୍ପୂର୍ଣ୍ଣ ହେବା ପରେ ଇଂଲାଣ୍ଡ ପ୍ରଧାନମନ୍ତ୍ରୀ ଭାରତକୁ ପଥ ସୁରକ୍ଷିତ ରଖିବା ପାଇଁ କେନାଲ୍‌ର ବହୁ ସଂଖ୍ୟକ ଅଂଶଧନ କ୍ରୟ କଲେ । ପାଶାଙ୍କର ଆର୍ଥିକ ସମସ୍ୟା ପାଇଁ ଇଜିପ୍ଟ ଉପରେ ଇଂରେଜ ଓ ଫରାସୀଙ୍କର ଯୁଗ୍ମ ନିୟନ୍ତ୍ରଣ ବୃଦ୍ଧି ପାଇଲା । ପାଶା ଏହାକୁ ପ୍ରତିରୋଧ କରିବାକୁ ଉଦ୍ୟମ କରିବାରୁ ତାଙ୍କୁ ଗାଦି ତ୍ୟାଗ କରିବାକୁ ପଡିଲା ଏବଂ ତାଙ୍କ ସ୍ଥାନରେ ଜଣେ ନୂତନ ଗଭର୍ଣ୍ଣରଙ୍କୁ ନିଯୁକ୍ତି ଦିଆଗଲା । ୧୮୮୨ ମସିହାରେ ଇଂରେଜ ଓ ଫରାସୀଙ୍କ ନିୟନ୍ତ୍ରଣ ବିରୋଧରେ ହୋଇଥିବା ବିଦ୍ରୋହକୁ ଦମନ କରି ଇଂରେଜ ସୈନ୍ୟବାହିନୀ ଇଜିପ୍ଟ ଦଖଲ କଲେ । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ସମୟରେ ଇଜିପ୍ଟ ଇଂଲାଣ୍ଡର ସୁରକ୍ଷାପ୍ରାପ୍ତ ରାଷ୍ଟ୍ର ଏବଂ ତୁର୍କୀର ରାଜ୍ୟ ନୁହେଁ ବୋଲି ଇଂଲାଣ୍ଡ ଘୋଷଣା କଲା । କାଳକ୍ରମେ ୧୯୨୨ ମସିହାରେ ଇଜିପ୍ଟକୁ ଏକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ର ବୋଲି ଗ୍ରହଣ କରିବାକୁ ଇଂଲାଣ୍ଡ ବାଧ୍ୟ ହୋଇଥିଲା ।

## ବିଭାଜିତ ସୁଦାନ :

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଜଣେ ସୁଦାନୀୟ ନେତା ନିଜକୁ 'ମାହଦି' ଭାବରେ ଘୋଷଣା କରି ସୁଦାନ ଉପରେ ଇଜିପ୍ଟ ଓ ଇଂଲାଣ୍ଡର ନିୟନ୍ତ୍ରଣକୁ ଉଚ୍ଛେଦ କରିଥିଲେ । ୧୮୯୮ ମସିହାରେ ଇଜିପ୍ଟ ଓ ଇଂଲାଣ୍ଡ ମଧ୍ୟରେ ଏକ ଦୀର୍ଘ ଓ ରକ୍ତାକ୍ତ ଯୁଦ୍ଧ ପରେ ଇଂଲାଣ୍ଡ ସୁଦାନକୁ ପୁନଃ ଅଧିକାର କଲା । ସୁଦାନ ଇଂଲାଣ୍ଡ ଶାସନାଧୀନ ହେଲା । ଫ୍ରାନ୍ସ ସୁଦାନର ଦକ୍ଷିଣ ଭାଗକୁ ଅଧିକାର କରିବା ପାଇଁ ଉଦ୍ୟମ କରି ବିଫଳ ହେଲା । ତେବେ ପଶ୍ଚିମ ସୁଦାନ ଓ ସାହାରା ଅଞ୍ଚଳକୁ ଫ୍ରାନ୍ସକୁ ତା'ର ସ୍ୱାଧୀନ ଅଧିକାର ବିସ୍ତାର କରିବା ପାଇଁ ଛାଡ଼ି ଦିଆଗଲା ।

***ତୁମ ପାଇଁ କାମ :***


*ଆଫ୍ରିକା ମହାଦେଶର ମାନଚିତ୍ରରେ ଉପନିବେଶ ସ୍ଥାପିତ ହୋଇଥିବା ଅଞ୍ଚଳଗୁଡ଼ିକ ଚିହ୍ନଟ କର ।*

## ଉପନିବେଶବାଦର ପରିଣାମ:

ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏସିଆ ଓ ଆଫ୍ରିକା ମହାଦେଶରେ ଉପନିବେଶମାନ ସ୍ଥାପନ କରିଥିଲେ । ଏ ଦୁଇ ମହାଦେଶର ଅଧିକାଂଶ ଦେଶ ସେମାନଙ୍କ ରାଜନୈତିକ ସ୍ୱାଧୀନତା ହରାଇ ଦେଇଥିଲେ ଏବଂ ଏକ ବା ତତୋଽଧିକ ସାମ୍ରାଜ୍ୟବାଦୀ ରାଷ୍ଟ୍ର ଦ୍ୱାରା ଶାସିତ ହେଉଥିଲେ । ୧୯୧୪ ମସିହା ସୁଦ୍ଧା ପୃଥିବୀର ପ୍ରାୟ ସମସ୍ତ ଅଣଶିଳ୍ପାୟିତ ରାଷ୍ଟ୍ର କେତେକ ଶିଳ୍ପାୟିତ ରାଷ୍ଟ୍ରଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ନିୟନ୍ତ୍ରଣକୁ ଆସିଯାଇଥିଲେ । ସାମ୍ରାଜ୍ୟବାଦର ଶେଷ ସମୟ ବେଳକୁ ପୃଥିବୀର ପ୍ରାୟ ଦୁଇ ତୃତୀୟାଂଶ ଲୋକ ବିଦେଶ ଶାସନାଧୀନ ରହିଥିଲେ । ଇଉରୋପୀୟ ରାଷ୍ଟ୍ରଗୁଡ଼ିକ ସବୁଠାରୁ ବେଶୀ ଉପନିବେଶ ସ୍ଥାପନ କରିଥିଲେ । ସେତେବେଳର ବିଶ୍ୱ ଅର୍ଥନୀତି ଉପନିବେଶଗୁଡ଼ିକର ଶୋଷଣର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଥିଲା । ଉପନିବେଶବାଦର ନିମ୍ନଲିଖିତ ପରିଣାମଗୁଡ଼ିକ ପରିଲକ୍ଷିତ ହୋଇଥିଲା ।

### କୁପରିଣାମ

ପ୍ରଥମତଃ ସାମ୍ରାଜ୍ୟବାଦ ଓ ଉପନିବେଶବାଦ ଫଳରେ ଉପନିବେଶଗୁଡ଼ିକର ତଥା ସାମ୍ରାଜ୍ୟବାଦୀ ରାଷ୍ଟ୍ରଙ୍କ ଦ୍ୱାରା ପରୋକ୍ଷ ଭାବରେ ନିୟନ୍ତ୍ରିତ ଅନ୍ୟାନ୍ୟ ଦେଶଗୁଡ଼ିକର




(ଆଫ୍ରିକୀୟ ଉପନିବେଶ)

ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଲା । ଏହି ଦେଶମାନଙ୍କରେ ସ୍ଥାନୀୟ ଶିଳ୍ପଗୁଡ଼ିକ ଲୋପ ପାଇଲା । ଉଦାହରଣ ସ୍ୱରୂପ ଭାରତର ବୟନ ଶିଳ୍ପ ଏପରି ଧ୍ୱଂସପ୍ରାପ୍ତ ହେଲା ଯେ, ପୂର୍ବରୁ ଭାରତ ବିଦେଶକୁ ଲୁଗା ରପ୍ତାନୀ କରୁଥିବା ବେଳେ ଉପନିବେଶ ହେବାପରେ ଭାରତକୁ ଇଂଲାଣ୍ଡରୁ ଲୁଗା ଆମଦାନୀ କରିବାକୁ ପଡ଼ିଲା ।

**ତୁମ ପାଇଁ କାମ :**

***ଇଂରେଜ ଶାସନ ସମୟରେ ଭାରତରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ଏବଂ ଉପଲବ୍ଧ ହେଉଥିବା କଞ୍ଚାମାଲ ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***

ଦ୍ୱିତୀୟତଃ ଉପନିବେଶଗୁଡ଼ିକର ପ୍ରାକୃତିକ ସମ୍ପଦ ସାମ୍ରାଜ୍ୟବାଦୀ ରାଷ୍ଟ୍ରଙ୍କ ନିୟନ୍ତ୍ରଣାଧୀନ ହେଲା ଏବଂ ସେମାନେ ନିଜର ଲାଭ ପାଇଁ ସେଗୁଡ଼ିକ ଉପଯୋଗ କଲେ । ଉପନିବେଶମାନଙ୍କରେ ଶିଳ୍ପାୟନକୁ ନିରୁତ୍ସାହିତ କରାଗଲା ଏବଂ କେବଳ ସାମ୍ରାଜ୍ୟବାଦୀ ରାଷ୍ଟ୍ରଙ୍କ କମ୍ପାନୀର ହିତ ପାଇଁ ଆବଶ୍ୟକ ହେଉଥିବା ଦ୍ରବ୍ୟର ଉତ୍ପାଦନ ପାଇଁ ଶିଳ୍ପ ପ୍ରତିଷ୍ଠା କରାଗଲା ।

ତୃତୀୟତଃ ଉପନିବେଶଗୁଡ଼ିକରେ ସାମ୍ରାଜ୍ୟବାଦୀ ଦେଶମାନଙ୍କର ଶିଳ୍ପ ପାଇଁ ହେଉଥିବା ଆବଶ୍ୟକତାକୁ ମେଣ୍ଟାଇବା ଉଦ୍ଦେଶ୍ୟରେ କୃଷି ପ୍ରଣାଳୀରେ ପରିବର୍ତ୍ତନ ହେଲା । ତା'ଛଡ଼ା କେତେକ ଦେଶରେ କେବଳ ଗୋଟିଏ ବା ଦୁଇଟି ଦ୍ରବ୍ୟ ଉତ୍ପାଦନ କରାଗଲା । ଉଦାହରଣ ସ୍ୱରୂପ କ୍ୟୁବାରେ କେବଳ ଚିନି ଉତ୍ପାଦନ କରାଗଲା ।

ଚତୁର୍ଥତଃ ଉପନିବେଶଗୁଡ଼ିକରେ ଅତ୍ୟଧିକ କର ଓ ଖଜଣା ଆଦାୟ କରି ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ଶୋଷଣ କଲେ । ଉତ୍ତମ ଜମିଗୁଡ଼ିକୁ ସେମାନେ ନିଜ ଅଧୀନକୁ ନେଇଗଲେ । ବସ୍ତୁତଃ ଉପନିବେଶଗୁଡ଼ିକର ସମସ୍ତ ପ୍ରାକୃତିକ ସମ୍ପଦ ସାମ୍ରାଜ୍ୟବାଦୀମାନେ ଲୁଟି ନେଇଗଲେ । ଫଳରେ ଉପନିବେଶଗୁଡ଼ିକରେ ଦାରିଦ୍ର୍ୟ ବୃଦ୍ଧି ପାଇଲା ।

ରାଜନୈତିକ ସ୍ୱାଧୀନତା ପାଇବା ପରେ ମଧ୍ୟ ଅନେକ ଦେଶଙ୍କୁ ଅର୍ଥନୈତିକ ପ୍ରଗତି ପାଇଁ ବହୁ କଷ୍ଟ ସହିବାକୁ ପଡ଼ିଲା ।

ପଞ୍ଚମତଃ ଉପନିବେଶବାଦ ବା ସାମ୍ରାଜ୍ୟବାଦ ଦ୍ୱାରା ବର୍ଣ୍ଣଗତ ବିଦ୍ୱେଷ ଓ ଅହଙ୍କାର ସୃଷ୍ଟି ହେଲା । ପୃଥିବୀରେ ଶାସନ କରିବା ପାଇଁ ଭଗବାନ ଗୋରା ଲୋକମାନଙ୍କୁ ସୃଷ୍ଟି କରିଛନ୍ତି ବୋଲି ପ୍ରଚାର କରି ସେମାନଙ୍କୁ ଉଚ୍ଚ ବର୍ଗର ବୋଲି ବିବେଚନା କରାଗଲା । ଉପନିବେଶଗୁଡ଼ିକରେ ଗୋରା ଶାସକମାନେ ସ୍ଥାନୀୟ ଅଧିବାସୀଙ୍କୁ ନୀଚ ଦୃଷ୍ଟିରେ ଦେଖି ବର୍ଣ୍ଣଗତ ବିଭେଦ ସୃଷ୍ଟି କଲେ । ଗୋରା ଲୋକମାନେ ସ୍ଥାନୀୟ ଲୋକଙ୍କ ସହିତ ଏକାଠି ନ ରହି ସ୍ୱତନ୍ତ୍ରଭାବେ ଅଲଗା ରହିଲେ । ଦକ୍ଷିଣ ଆଫ୍ରିକାରେ ଏହି ବର୍ଣ୍ଣ ବୈଷମ୍ୟ ନୀତି ସବୁଠାରୁ ଅଧିକ ଘୃଣ୍ୟ ଅବସ୍ଥାରେ ଥିଲା ।

*ତୁମେ ଜାଣିଛ କି ?*

*ଗୋରା ସରକାରଙ୍କ ଉଗ୍ର ବର୍ଣ୍ଣ ବୈଷମ୍ୟ ନୀତି ବିରୋଧରେ ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଆନ୍ଦୋଳନ କରିଥିଲେ ଏବଂ ଭରତୀୟମାନଙ୍କ ପ୍ରତି ଦମନମୂଳକ ଆଇନ୍ ପ୍ରତ୍ୟାହାର କରିବାକୁ ଗୋରା ସରକାରଙ୍କୁ ବାଧ କରିଥିଲେ ।*



(ମହାତ୍ମା ଗାନ୍ଧୀ)

*ତୁମେ ଜାଣିଛ କି ?*

*ଦକ୍ଷିଣ ଆଫ୍ରିକାର ମହାନ୍ ନେତା ନେଲସନ୍ ମାଣ୍ଡେଲା ଦୀର୍ଘ ୨୭ ବର୍ଷ କାଳ ବନ୍ଦୀ ହୋଇ ସୁଦ୍ଧା ବର୍ଣ୍ଣ ବୈଷମ୍ୟ ନୀତି ବିରୋଧରେ ଲଢ଼େଇ କରି ଶେଷରେ ଦକ୍ଷିଣ ଆଫ୍ରିକାରେ ଏକ ଅଣ-ବର୍ଣ୍ଣବାଦ ଗଣତନ୍ତ୍ର ପ୍ରତିଷ୍ଠା କରିଥିଲେ ଏବଂ ୧୯୯୪ରେ ସେ ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ହୋଇଥିଲେ ।*

## ସୁପରିଣାମ:

ଉପନିବେଶବାଦ ଦ୍ୱାରା ପରୋକ୍ଷରେ କେତେକ ସୁଫଳ ମଧ୍ୟ ମିଳିଥିଲା । ପ୍ରଥମତଃ ନିଜ ସ୍ୱାର୍ଥ ହାସଲ ପାଇଁ



(ନେଲ୍‌ସନ୍ ମାଣ୍ଡେଲା)




(ଆଫ୍ରିକାରେ ବର୍ଣ୍ଣ ବୈଷମ୍ୟ ବିରୋଧରେ ଆନ୍ଦୋଳନ)

ଉପନିବେଶବାଦୀଙ୍କ ଦ୍ୱାରା ନିଆଯାଇଥିବା କେତେକ ପଦକ୍ଷେପ ପ୍ରକାରାନ୍ତରେ ଉପନିବେଶବାସୀଙ୍କୁ ସାହାଯ୍ୟ କରିଥିଲା । ଉଦାହରଣ ସ୍ୱରୂପ ଭାରତରେ ପାଶ୍ଚାତ୍ୟ ଶିକ୍ଷା ପ୍ରଚଳନ, ରେଳପଥ ନିର୍ମାଣ, ଡାକତାର ବ୍ୟବସ୍ଥାର ଆରମ୍ଭ ପ୍ରଭୃତି ଦେଶର ଜାତୀୟତା ବିକାଶରେ ସହାୟକ ହୋଇଥିଲା ।

*ତୁମ ପାଇଁ କାମ :*

*ଭାରତରେ ବ୍ରିଟିଶ୍ ଶାସନ ସମୟରେ ଶିକ୍ଷା କ୍ଷେତ୍ରରେ ପ୍ରଚଳନ କରାଯାଇଥିବା ମୁଖ୍ୟ ପରିବର୍ତ୍ତନ ଗୁଡ଼ିକ ସମ୍ବନ୍ଧରେ ଏକ କ୍ଷୁଦ୍ର ପ୍ରବନ୍ଧ ଲେଖ ।*

ଦ୍ୱିତୀୟତଃ ଉପନିବେଶଗୁଡ଼ିକର ଅନ୍ୟ ଦେଶ ସହିତ ବାଣିଜ୍ୟିକ ସମ୍ପର୍କ ସାମ୍ରାଜ୍ୟବାଦୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ ହୋଇଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଉପନିବେଶଗୁଡ଼ିକ ସ୍ୱାଧୀନ ହେବାପରେ ଏହା ସେମାନଙ୍କ ଅର୍ଥନୀତିର ପ୍ରଗତିରେ ସାହାଯ୍ୟ କରିଥିଲା । ତୃତୀୟତଃ ଉପନିବେଶଗୁଡ଼ିକ ନିଜ ମାତୃଦେଶ ତଥା ଅନ୍ୟ ଦେଶର ସମ୍ପର୍କରେ ଆସି ନୂତନ ସଭ୍ୟତା ଓ ସଂସ୍କୃତିଦ୍ୱାରା ପ୍ରଭାବିତ ହେଲେ ଏବଂ ନିଜ ଦେଶରେ ସାମାଜିକ ଓ ସାଂସ୍କୃତିକ ଉନ୍ନତି ଆଣିପାରିଲେ ।

ସଭ୍ୟତାର ପ୍ରସାର ଉପନିବେଶ ସ୍ଥାପନର ଉଦ୍ଦେଶ୍ୟ ବୋଲି ଯୁକ୍ତି ବାଢ଼ିଥିଲେ ସୁଦ୍ଧା ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ଉପନିବେଶଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ଶୋଷଣ କରି ନିଜ ସ୍ୱାର୍ଥ ତଥା ନିଜ ଦେଶର ବିକାଶ ଘଟାଇଥିଲେ । ତେବେ ପ୍ରତ୍ୟେକ ପଦକ୍ଷେପରେ ଉପନିବେଶବାସୀ ଉପନିବେଶବାଦୀଙ୍କୁ ବିରୋଧ କରୁଥିଲେ ଏବଂ ଆବଶ୍ୟକ ପଡ଼ିଲେ ସଶସ୍ତ୍ର ସଂଗ୍ରାମ କରି ବିଦେଶୀ ଶାସକଙ୍କୁ ନିଜ ମାଟିରୁ ହଟାଇବାକୁ ପଛେଇ ନ ଥିଲେ । କ୍ରମେ ସାମ୍ରାଜ୍ୟବାଦ ବିରୋଧୀ ଆନ୍ଦୋଳନ ଏକ ଆନ୍ତର୍ଜାତିକ ରୂପ ନେଲା ଏବଂ ପ୍ରତ୍ୟେକ ବିଜିତ ଦେଶ ଅନ୍ୟ ବିଜିତ ଦେଶର ସ୍ୱାଧୀନତା ପାଇଁ ସମର୍ଥନ ଜଣାଇଲା । ଦ୍ୱିତୀୟ ବିଶ୍ୱଯୁଦ୍ଧର ଦୁଇ ଦଶନ୍ଧି ମଧ୍ୟରେ ପ୍ରାୟ ସମସ୍ତ ଉପନିବେଶ ସ୍ୱାଧୀନତା ହାସଲ କରିଥିଲେ ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଉପନିବେଶ ସ୍ଥାପନ ପାଇଁ ଶିଳ୍ପ ବିପ୍ଳବ କିପରି ସହାୟକ ହୋଇଥିଲା ?

(ଖ) "ଚୀନା ତରଭୁଜର କର୍ତ୍ତନ" କହିଲେ କ'ଣ ବୁଝାଯାଏ ?

(ଗ) ଦକ୍ଷିଣ ଆଫ୍ରିକା କିପରି ଇଂରେଜ ଶାସନାଧୀନ ହେଲା ?

(ଘ) ଉପନିବେଶବାଦ ଫଳରେ ଉପନିବେଶମାନଙ୍କରେ ଶିଳ୍ପ ଓ କୃଷି କିପରି ପ୍ରଭାବିତ ହୋଇଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଉପନିବେଶବାଦ କ'ଣ ଓ ଏହାର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?

(ଖ) ଏସିଆ ମହାଦେଶରେ ଉପଲବ୍ଧ ହେଉଥିବା ପ୍ରଧାନ ଲାଭଦାୟକ ସାମଗ୍ରୀଗୁଡ଼ିକ କ'ଣ ଥିଲା ?

(ଗ) ଏସିଆ ଓ ଆଫ୍ରିକା ମହାଦେଶର ସୈନ୍ୟବାହିନୀରେ କାହିଁକି ଲୋକବଳ ଦୁର୍ବଳ ହେଲା ?

(ଘ) କେଉଁ କାର୍ଯ୍ୟଟି ସେମାନଙ୍କ ନୈତିକ କର୍ତ୍ତବ୍ୟ ବୋଲି ମନେ କରି ଇଉରୋପୀୟମାନେ ଉପନିବେଶ ସ୍ଥାପନ କରିବାକୁ ଆଗ୍ରହୀ ହେଲେ ?

(ଙ) 'ଅଫିମ ଯୁଦ୍ଧ' ପରେ ଇଂଲାଣ୍ଡ ଚୀନ୍ ଠାରୁ କ'ଣ ପାଇଲା ?

(ଚ) କେଉଁ ଅଞ୍ଚଳ ଇଣ୍ଡୋ-ଚୀନ୍ ଭାବରେ ପରିଚିତ ଏବଂ କେଉଁ ଦେଶ ଇଣ୍ଡୋ-ଚୀନ୍‌ର ସର୍ବେସର୍ବା ହୋଇଥିଲା ?

(ଛ) ପ୍ରଥମ ବିଶ୍ୱଯୁଦ୍ଧରେ ତୁର୍କୀ ପରାସ୍ତ ହେବା ପରେ କେଉଁ ଅଞ୍ଚଳଗୁଡ଼ିକ ତା'ଠାରୁ କାଢ଼ି ନିଆଯାଇ ଇଂଲାଣ୍ଡ ଓ ଫ୍ରାନ୍ସ ନିୟନ୍ତ୍ରଣରେ ରଖାଗଲା ?

(ଜ) ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀର ପରାଜୟ ପରେ ପଶ୍ଚିମ ଓ ଦକ୍ଷିଣ ଆଫ୍ରିକାରେ ଥିବା ଏହାର ଉପନିବେଶଗୁଡ଼ିକ କିପରି ବିଜେତା ରାଷ୍ଟ୍ରମାନଙ୍କୁ ବାଣ୍ଟି ଦିଆଗଲା ?

(ଝ) କେଉଁ ଦୁଇ ଅଞ୍ଚଳକୁ ଟାଙ୍ଗାନାଇକା ଓ କେନିଆ ନାମରେ ନାମିତ କରାଯାଇଥିଲା ?

(ଞ) ଆଫ୍ରିକାର ଉତ୍ତର ଉପକୂଳର କେଉଁ ଅଞ୍ଚଳ ଏବଂ କାହିଁକି ଫ୍ରାନ୍ସର ସବୁଠାରୁ ଅଧିକ ଲାଭଜନକ ଉପନିବେଶ ଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଇଉରୋପୀୟ ରାଷ୍ଟ୍ରମାନେ ମୁଖ୍ୟତଃ କେଉଁ ଉଦ୍ଦେଶ୍ୟରେ ଏସିଆ ଓ ଆଫ୍ରିକାକୁ ଆସିଥିଲେ ?

(ଖ) ଇଉରୋପୀୟ ରାଷ୍ଟ୍ରମାନେ କାହିଁକି ଏସିଆ ଓ ଆଫ୍ରିକାର ଦେଶଗୁଡିକୁ ସହଜରେ ଯୁଦ୍ଧରେ ପରାସ୍ତ କରିପାରୁଥିଲେ ?

(ଗ) କେବେଠାରୁ ଭାରତ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ଶାସନର ଅଧୀନରେ ରହିଲା ?

(ଘ) ୧୮୭୫ ମସିହା ପରେ ହଲାଣ୍ଡ ଇଣ୍ଡୋନେସିଆ ନିକଟସ୍ଥ କେଉଁ ଦ୍ୱୀପପୁଞ୍ଜ ଉପରେ ନିୟନ୍ତ୍ରଣ ବିସ୍ତାର କଲା ?

(ଙ) କେବେ ଚୀନ୍‌ରେ ରାଜତନ୍ତ୍ରର ଉଚ୍ଛେଦ ହେଲା ?

(ଚ) କାହା ଆର୍ଥିକ ସହାୟତାରେ ୧୮୭୮ ମସିହାରେ ଆନ୍ତର୍ଜାତିକ କଙ୍ଗୋ ସଂଘ ଗଠନ କରାଯାଇଥିଲା ?

(ଛ) କେପ୍ କଲୋନୀର ପ୍ରବାସୀ ଡଚ୍ ଅଧିବାସୀମାନେ କେଉଁ ନାମରେ ପରିଚିତ ଥିଲେ ?

(ଜ) କେବେ ଆବିସିନିଆ ଇଟାଲୀୟ ସୈନ୍ୟବାହିନୀକୁ ପରାସ୍ତ କରି ଇଟାଲୀକୁ ଆବିସିନିଆ ଉପରେ ତା'ର ଦାବି ପ୍ରତ୍ୟାହାର କରିବାକୁ ବାଧ କରିଥିଲା ?

(ଝ) ଫରାସୀମାନେ କେଉଁ ମସିହାରେ ମରକ୍କୋ ଅଧିକାର କରିଥିଲେ ?

(ଞ) ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଜଣେ ସୁଦାନୀୟ ନେତା ନିଜକୁ କ'ଣ ଭାବେ ଘୋଷଣା କରି ସୁଦାନ ଉପରେ ଇଜିପ୍ଟ ଓ ଇଂଲାଣ୍ଡର ନିୟନ୍ତ୍ରଣକୁ ଉଚ୍ଛେଦ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) କେଉଁ ବ୍ୟବସାୟ ଆଫ୍ରିକାରେ ସବୁଠାରୁ ବେଶୀ ଲାଭଦାୟକ ଥିଲା ?

(i) ହୀରା ବ୍ୟବସାୟ (ii) ୟୁରାନିୟମ୍ ବ୍ୟବସାୟ (iii) ଦାସ ବ୍ୟବସାୟ (iv) ହାତୀଦାନ୍ତ ବ୍ୟବସାୟ

(ଖ) କେଉଁ ମସିହାରେ ଭାସ୍କୋଡ଼ାଗାମା ଭାରତକୁ ଜଳପଥ ଆବିଷ୍କାର କରିଥିଲେ ?

(i) ୧୪୯୨ (ii) ୧୪୯୭ (iii) ୧୪୯୮ (iv) ୧୫୯୭

(ଗ) କେବେ ଇଂଲାଣ୍ଡ ଓ ଚୀନ୍ ମଧ୍ୟରେ ଅଫିମ ଯୁଦ୍ଧ ହୋଇଥିଲା ?

(i) ୧୭୬୯ (ii) ୧୮୩୯ (iii) ୧୮୭୯ (iv) ୧୮୭୫

(ଘ) କେଉଁ ମସିହାରେ ବର୍ମା ଭାରତର ଇଂରେଜ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ହେଲା ।

(i) ୧୮୮୦ (ii) ୧୮୮୬ (iii) ୧୯୦୭ (iv) ୧୯୧୧

(ଙ) କୋରିଆ କେବେ ଜାପାନ୍‌ର ଏକ ଉପନିବେଶ ହେଲା ?

(i) ୧୮୯୪ (ii) ୧୯୦୨ (iii) ୧୯୧୦ (iv) ୧୯୧୭

(ଚ) କେଉଁ ଅଞ୍ଚଳ ଫରାସୀ କଙ୍ଗୋ ଭାବରେ ପରିଚିତ ହେଲା ?

(i) କଙ୍ଗୋ ସ୍ୱାଧୀନ ରାଷ୍ଟ୍ର (ii) ନାଇଜର ନଦୀର ଉତ୍ତର ଅଞ୍ଚଳ

(iii) ଆଫ୍ରିକାର ପଶ୍ଚିମ ଉପକୂଳ ଅଞ୍ଚଳ (iv) କଙ୍ଗୋ ନଦୀର ଉତ୍ତର ଅଞ୍ଚଳ

(ଛ) କିଏ ଏକ ଆଫ୍ରିକୀୟ ଉପନିବେଶକୁ ରୋଡ଼େସିଆ ନାମ ଦେଇଥିଲେ ?

(i) ଲିଓପୋଲ୍ଡ (ii) ଦକ୍ଷିଣ ଆଫ୍ରିକୀୟ ଅଧିବାସୀ

(iii) ସେସିଲ ରୋଡ୍‌ସ (iv) କାର୍ଲପିଟରସ୍

(ଜ) ଟ୍ୟୁନିସିଆ କେଉଁ ଦେଶର ଦଖଲଭୁକ୍ତ ହୋଇଥିଲା ?

(i) ଫ୍ରାନ୍ସ (ii) ଇଂଲାଣ୍ଡ (iii) ଇଟାଲୀ (iv) ଜର୍ମାନୀ

(ଝ) କିଏ ସୁଏଜ କେନାଲ୍‌ର ଖନନ ପାଇଁ ଫ୍ରାନ୍ସର ଏକ କମ୍ପାନୀକୁ ଦାୟିତ୍ୱ ଦେଇଥିଲେ ?

(i) ତୁର୍କୀ ସୁଲ୍‌ତାନ୍ (ii) ଇଜିପ୍ଟ ଗଭର୍ଣ୍ଣର

(iii) ଇଂଲାଣ୍ଡ ପ୍ରଧାନମନ୍ତ୍ରୀ (iv) ଫ୍ରାନ୍ସ ପ୍ରଧାନମନ୍ତ୍ରୀ

(ଞ) କେଉଁଠାରେ ବର୍ଣ୍ଣ ବୈଷମ୍ୟ ନୀତି ସବୁଠାରୁ ଅଧିକ ଘୃଣ୍ୟ ଅବସ୍ଥାରେ ଥିଲା ।

(i) ପୂର୍ବ ଆଫ୍ରିକା (ii) ଦକ୍ଷିଣ ଆଫ୍ରିକା (iii) ଭାରତ (iv) ତୁର୍କୀ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ଦ୍ୱିତୀୟ ପାଠ


# ପ୍ରଥମ ବିଶ୍ୱଯୁଦ୍ଧ-କାରଣ ଓ ଫଳାଫଳ
# (First World War – Causes and Consequences)

୧୯୧୪ ମସିହାରେ ଆରମ୍ଭ ହୋଇ ଦୀର୍ଘ ଚାରି ବର୍ଷରୁ ଊର୍ଦ୍ଧ୍ୱକାଳ ବ୍ୟାପି ରହିଥିବା ପ୍ରଥମ ବିଶ୍ୱଯୁଦ୍ଧ ମନୁଷ୍ୟ ଜାତିର ଇତିହାସରେ ଏ ପର୍ଯ୍ୟନ୍ତ ସଂଘଟିତ ସମସ୍ତ ଯୁଦ୍ଧଠାରୁ ଅଧିକ ମାରାତ୍ମକ, ଶକ୍ତିଶାଳୀ, ସଂଗଠିତ ଓ ଭୟାବହ ଥିଲା । ଏଥିରେ ପୃଥିବୀର ଅଧିକାଂଶ ଉନ୍ନତ ଦେଶ ଭାଗ ନେଇଥିଲେ ଏବଂ ଅନେକ ଆଧୁନିକ ଧ୍ୱଂସାତ୍ମକ ଯୁଦ୍ଧାସ୍ତ୍ର ବ୍ୟବହୃତ ହୋଇଥିଲା । ଏହି ଯୁଦ୍ଧରେ ସୈନ୍ୟମାନଙ୍କ ବ୍ୟତୀତ ଯୁଦ୍ଧରତ ଦେଶମାନଙ୍କର ଜନସାଧାରଣଙ୍କୁ ମଧ୍ୟ ପ୍ରକାରାନ୍ତରେ ଭାଗ ନେବାକୁ ପଡ଼ିଥିଲା । ତେଣୁ ଏହାକୁ ବିଶ୍ୱଯୁଦ୍ଧ ଆଖ୍ୟା ଦିଆଯାଇଛି । ଏହା ସମାପ୍ତ ହେବାର ମାତ୍ର କୋଡ଼ିଏ ବର୍ଷପରେ ଅନ୍ୟ ଏକ ବିଶ୍ୱଯୁଦ୍ଧ ସଂଘଟିତ ହୋଇଥିବାରୁ ଏହି ଯୁଦ୍ଧକୁ ପ୍ରଥମ ବିଶ୍ୱଯୁଦ୍ଧ ଭାବେ ନାମିତ କରାଯାଇଛି । ନିମ୍ନୋକ୍ତ ସୁଦୂର ଏବଂ ଆସନ୍ନ କାରଣ ଓ ପରିସ୍ଥିତିଗୁଡ଼ିକ ଏହି ଯୁଦ୍ଧ ପାଇଁ ଦାୟୀ ଥିଲେ ।


## ସୁଦୂର କାରଣ

### ୧. କୂଟନୈତିକ ଚୁକ୍ତି :

ଜର୍ମାନୀର ଏକତ୍ରୀକରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ତଥା ୧୮୭୧ ମସିହାରୁ ୧୮୯୦ ମସିହା ପର୍ଯ୍ୟନ୍ତ ଜର୍ମାନୀର ଚାନ୍‌ସେଲର ରୂପେ କ୍ଷମତାରେ ଥିବା



(ପ୍ରଥମ ବିଶ୍ୱଯୁଦ୍ଧ ସମୟର ଇଉରୋପ୍)



(ଅଟୋଭନ୍ ବିସ୍ମାର୍କ)

ଅଟୋ ଭନ୍ ବିସ୍ମାର୍କ (Otto Von Bismarck) ଏହି କୂଟନୈତିକ ଚୁକ୍ତି ବ୍ୟବସ୍ଥା ଆରମ୍ଭ କରିଥିଲେ । ୧୮୭୦ ମସିହାର ସିଦାନ୍ ଯୁଦ୍ଧରେ ଫ୍ରାନ୍ସ ଜର୍ମାନୀ ଦ୍ୱାରା ପରାସ୍ତ ହେବାପରେ ଦୁଇ ଦେଶ ମଧ୍ୟରେ ଫ୍ରାଙ୍କଫର୍ଟ ସନ୍ଧି (Treaty of Frankfurt) ସ୍ୱାକ୍ଷରିତ ହୋଇଥିଲା ଏବଂ ଏହି ସନ୍ଧି ଅନୁଯାୟୀ ଫ୍ରାନ୍ସ ତାର ଦୁଇଟି ପ୍ରଦେଶ ଯଥା ଆଲ୍‌ସେସ ଓ ଲରେନ୍ ଜର୍ମାନୀକୁ ହସ୍ତାନ୍ତର କଲା ।

**ତୁମେ ଜାଣିଛ କି ?**

*ଫ୍ରାନ୍ସ ଓ ପ୍ରୁସିଆ ମଧ୍ୟରେ ହୋଇଥିବା ସିଦାନ ଯୁଦ୍ଧରେ ପରାସ୍ତ ହୋଇ ୧୮୭୦ ସେପ୍ଟେମ୍ବର ୨ ତାରିଖରେ ଫ୍ରାନ୍ସର ସୈନ୍ୟବାହିନୀ ଆତ୍ମସମର୍ପଣ କରିଥିଲେ । ୧୮୭୧ ଜାନୁଆରୀ ୧୮ତାରିଖରେ ପ୍ରୁସିଆର ରାଜା ପ୍ରଥମ ଉଇଲିୟମ୍‌ଙ୍କୁ ଜର୍ମାନୀର ସମ୍ରାଟ୍ ଭାବେ ଘୋଷଣା କରାଗଲା । ୧୮୭୧ ମେ ୧୦ ତାରିଖରେ ଫ୍ରାଙ୍କଫର୍ଟ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଫ୍ରାନ୍ସର ପରାଜୟ ପରେ ଜର୍ମାନୀ ଏକତ୍ରୀକରଣ ସମ୍ପୂର୍ଣ୍ଣ ହୋଇଥିଲା ।*

ଏହା ପରଠାରୁ ଫ୍ରାନ୍ସ ହରାଇଥିବା ଅଞ୍ଚଳଗୁଡ଼ିକ ଫେରାଇ ଆଣିବା ପାଇଁ ଏବଂ ତା'ର ଅପମାନଜନକ ପରାଜୟର ପ୍ରତିଶୋଧ ନେବାପାଇଁ ଚାହିଁଲା । ଫ୍ରାନ୍ସକୁ ଇଉରୋପରେ ଏକଘରିକିଆ କରିବା ଉଦ୍ଦେଶ୍ୟରେ ବିସ୍ମାର୍କ ଚୁକ୍ତି ବ୍ୟବସ୍ଥା ଆରମ୍ଭ କଲେ । ପ୍ରଥମେ ଜର୍ମାନୀ, ଅଷ୍ଟ୍ରିଆ ଓ ରୁଷିଆର ସମ୍ରାଟମାନଙ୍କୁ ଏକତ୍ର କରି ତ୍ରି-ସମ୍ରାଟ ସଂଘ ଗଠନ କଲେ । କିନ୍ତୁ ୧୮୭୮ ମସିହାର ବର୍ଲିନ୍ ମହାସଭାରେ (Berlin Congress) ବଲ୍‌କାନ୍ ଅଞ୍ଚଳରେ

ଅଷ୍ଟ୍ରିଆର ପ୍ରବେଶ ପ୍ରତି ବିସ୍ମାର୍କଙ୍କ ସମର୍ଥନ ଘୋଷଣା ରୁଷିଆକୁ ଅସନ୍ତୁଷ୍ଟ କଲା । ରୁଷିଆ ଓ ଅଷ୍ଟ୍ରିଆ ପରସ୍ପରଠାରୁ ବିଚ୍ଛିନ୍ନହେବା ଭଳି ପରିସ୍ଥିତି ସୃଷ୍ଟି ହେଲା । ଅପରନ୍ତୁ ୧୮୭୯ ମସିହାରେ ବିସ୍ମାର୍କ ଅଷ୍ଟ୍ରିଆ ସହିତ ଏକ ରାଜିନାମା ସ୍ୱାକ୍ଷର କଲେ । ୧୮୮୨ ମସିହାରେ ଏହି ଅଷ୍ଟ୍ରିଆ ରାଜିନାମାରେ ଇଟାଲୀ ଯୋଗଦେଲା । ଫଳରେ ଜର୍ମାନୀ ତ୍ରିଶକ୍ତି ମେଣ୍ଟ (Triple Alliance) ସୃଷ୍ଟି ହେଲା । ଏହି ମେଣ୍ଟ ଏକ ପ୍ରତିରକ୍ଷାତ୍ମକ ଚୁକ୍ତି ଥିଲା ଏବଂ ଏହି ମେଣ୍ଟର ରାଷ୍ଟ୍ରମାନେ ପରସ୍ପରର ନିରାପତ୍ତାଲାଗି କାର୍ଯ୍ୟକରିବେ ବୋଲି ପ୍ରତିଶ୍ରୁତିବଦ୍ଧ ହେଲେ ।

**ତୁମେ ଜାଣିଛ କି ?**

*ଆଲ୍‌ବାନିଆ, ବୁଲ୍‌ଗେରିଆ, ଗ୍ରୀସ୍, ରୁମାନିଆ, ସର୍ବିଆ ମଣ୍ଟେନିଗ୍ରୋ ଓ ବୋସ୍‌ନିଆ ହର୍ଜିଗୋଭିନା ଏବଂ ଇଉରୋପୀୟ ତୁର୍କୀକୁ ଧାରଣ କରିଥିବା ଦକ୍ଷିଣ ପୂର୍ବ ଇଉରୋପର ଉପଦ୍ୱୀପକୁ ବଲ୍‌କାନ୍ ଅଞ୍ଚଳ କୁହାଯାଏ ।*

**ତୁମ ପାଇଁ କାମ :**

*ଇଉରୋପ ମାନଚିତ୍ରରେ ବଲ୍‌କାନ୍ ଅଞ୍ଚଳର ବିଭିନ୍ନ ଦେଶଗୁଡ଼ିକର ଅବସ୍ଥିତି ଦର୍ଶାଅ ।*

୧୮୯୦ ମସିହାରେ ବିସ୍ମାର୍କଙ୍କ ପତନ ପରେ ଇଉରୋପର ରାଜନୈତିକ ଅବସ୍ଥାରେ ବ୍ୟାପକ ପରିବର୍ତ୍ତନ ଘଟିଥିଲା । ରୁଷିଆ ଓ ଫ୍ରାନ୍ସ ପରସ୍ପରର ନିକଟତର ହେବାକୁ ଲାଗିଲେ । ୧୮୯୪ ମସିହାରେ ସେମାନେ ଦୁହେଁ ପ୍ରତିରକ୍ଷାତ୍ମକ ଚୁକ୍ତିର ସର୍ତ୍ତ ସହିତ ଏକ ସାମରିକ ଚୁକ୍ତି ମଧ୍ୟ ସ୍ୱାକ୍ଷର କଲେ । ଏହିପରି ଭାବରେ ଉନବିଂଶ ଶତାବ୍ଦୀର ଶେଷ ଦଶକ ବେଳକୁ ଇଉରୋପ୍‌ରେ ଦୁଇ ପରସ୍ପର

ବିରୋଧୀ ଗୋଷ୍ଠୀ 'ତ୍ରିଶକ୍ତି ମେଣ୍ଟ' ଓ 'ଦ୍ୱିଶକ୍ତି ମେଣ୍ଟ' ସୃଷ୍ଟି ହୋଇ ସାରିଥିଲା । ଏହା ଇଉରୋପର ଦେଶମାନଙ୍କ ମଧ୍ୟରେ ଏକ ବିପଦପୂର୍ଣ୍ଣ ଶକ୍ତିର ଅସନ୍ତୁଳନ ସୃଷ୍ଟି କଲା । ଏଭଳି ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟରେ ଇଂଲାଣ୍ଡ କୌଣସି ଦେଶ ସହିତ ଯୋଗ ନ ଦେଇ ନିରପେକ୍ଷ ରହିଲା ।

ଜର୍ମାନୀର କାଇଜର ଦ୍ୱିତୀୟ ଉଇଲିୟମ୍ ସମଗ୍ର ବିଶ୍ୱରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଆକ୍ରମଣାତ୍ମକ ନୀତି ଅବଲମ୍ବନ କରିବା ଯୋଗୁଁ ଇଂଲାଣ୍ଡକୁ ନିଜର ନିଷ୍ପକ୍ଷତା ନୀତି ତ୍ୟାଗ କରିବାକୁ ପଡିଲା । ଫଳରେ ଇଂଲାଣ୍ଡ ୧୯୦୨ ମସିହାରେ ବାଧ ହୋଇ ଜାପାନ୍ ସହିତ, ୧୯୦୪ ମସିହାରେ ଫ୍ରାନ୍ସ ସହିତ ଏବଂ ୧୯୦୭ ମସିହାରେ ରୁଷିଆ ସହିତ ଚୁକ୍ତି ସ୍ୱାକ୍ଷର କଲା । ଏହି ପରିପ୍ରେକ୍ଷୀରେ ଇଂଲାଣ୍ଡ, ରୁଷିଆ ଓ ଫ୍ରାନ୍ସ ମଧ୍ୟରେ 'ତ୍ରିମିତ୍ର ପକ୍ଷ' (Triple Entente) ଗଠିତ ହେଲା । ବିସ୍ମାର୍କଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ତ୍ରିଶକ୍ତି ମେଣ୍ଟ'କୁ 'ତ୍ରିମିତ୍ର ପକ୍ଷ'ର ସମ୍ମୁଖୀନ ହେବାକୁ ପଡିଲା । ଏ ଦୁଇଗୋଷ୍ଠୀ ମଧ୍ୟରେ ବୃଦ୍ଧି ପାଇଥିବା ଶତ୍ରୁତା ହିଁ ପ୍ରଥମ ବିଶ୍ୱଯୁଦ୍ଧର ଏକ ସୁଦୂର କାରଣ ହେଲା ।

*ତୁମ ପାଇଁ କାମ :*

*୧୮୯୦ ମସିହାରେ କାହିଁକି ଓ କିପରି ବିସ୍ମାର୍କଙ୍କ ପତନ ହେଲା, ତାହାର ଏକ ବିଶ୍ଳେଷଣ ପ୍ରଦାନ କର ।*

*ତୁମେ ଜାଣିଛ କି ?*

*ଜର୍ମାନୀର ସମ୍ରାଟ୍‌ଙ୍କୁ କାଇଜର, ରୁଷିଆର ସମ୍ରାଟ ଓ ବୁଲଗେରିଆର ରାଜାଙ୍କୁ ଜାର୍ ଏବଂ ତୁର୍କୀର ଶାସକଙ୍କୁ ସୁଲତାନ କୁହାଯାଉଥିଲା ।*

## ୨. ଉଗ୍ର ଜାତୀୟତାବାଦ:

ଊନବିଂଶ ଶତାବ୍ଦୀରେ ପ୍ରାୟ ପ୍ରତ୍ୟେକ ଦେଶରେ ଜାତୀୟତାବାଦର ବିକାଶ ଘଟିଥିଲା । ଯଦିଓ ଜାତୀୟତାବାଦ ଏକ ଉତ୍ତମ ଚିନ୍ତାଧାରା, ତଥାପି ସମୟକ୍ରମେ ଏହା କେତେକ ଦେଶରେ ଉଗ୍ର ରୂପ ଧାରଣ କଲା । ଉଗ୍ର ଜାତୀୟତାବାଦୀ ଦେଶଗୁଡ଼ିକ କେବଳ ନିଜ ଦେଶକୁ ଭଲ ପାଇଲେ ଏବଂ ନିଜ ଦେଶର ସ୍ୱାର୍ଥ ସାଧନ ପାଇଁ ଚିନ୍ତା କଲେ । ଫଳରେ ସେମାନଙ୍କ ମଧ୍ୟରେ ପଡ଼ୋଶୀ ଦେଶର ନାଗରିକଙ୍କ ପ୍ରତି ଈର୍ଷା, ବିଦ୍ୱେଷ ଓ ପ୍ରତିଦ୍ୱନ୍ଦ୍ୱିତା ମୂଳକ ମନୋଭାବ ଜାଗ୍ରତ ହେଲା । ଇଉରୋପ୍‌ର ପ୍ରତ୍ୟେକ ବୃହତ୍ ରାଷ୍ଟ୍ର ନିଜକୁ ଅନ୍ୟମାନଙ୍କ ଅପେକ୍ଷା ଉତ୍କୃଷ୍ଟ ବୋଲି ମନେ କଲେ । ଜର୍ମାନୀର ଜନସାଧାରଣ ଓ ସରକାର ଉଦ୍ଦାମ ଜାତୀୟତାରେ ଏତେ ପରିମାଣରେ ଉଦ୍‌ବୁଦ୍ଧ ହୋଇ ଯାଇଥିଲେ ଯେ ସେମାନେ ଜର୍ମାନୀକୁ ପୃଥିବୀର ସର୍ବଶ୍ରେଷ୍ଠ ରାଷ୍ଟ୍ର ବୋଲି ବିବେଚନା କଲେ । ବଲ୍‌କାନ୍ ରାଜ୍ୟମାନଙ୍କରେ ଆଭ୍ୟନ୍ତରୀଣ ରାଜନୀତି ମଧ୍ୟ ଉଗ୍ର ଜାତୀୟତାଭାବ ଦ୍ୱାରା ପ୍ରଭାବିତ ହେଲା । ଏ ପ୍ରକାର ଉଦ୍ଦାମ ଜାତୀୟ ମନୋଭାବ ଜର୍ମାନୀ ଓ ଇଂଲାଣ୍ଡ ମଧ୍ୟରେ ଉତ୍ତେଜନା ଓ ଶତ୍ରୁତା ବୃଦ୍ଧି କରିବାରେ ସାହାଯ୍ୟ କଲା ଏବଂ ବିଶ୍ୱଶାନ୍ତି ଓ ଆନ୍ତର୍ଜାତିକତା ପାଇଁ ବିପଦ ସୃଷ୍ଟି କଲା ।

*ତୁମ ପାଇଁ କାମ :*

*ବଲ୍‌କାନ୍ ରାଜ୍ୟମାନଙ୍କରେ ଉଗ୍ର ଜାତୀୟତାବାଦର ପ୍ରଭାବର କେତେକ ଉଦାହରଣ ଉଲ୍ଲେଖ କର ।*

## ୩. ସାମରିକ ପ୍ରତିଯୋଗିତା :

ଉଗ୍ର ଜାତୀୟତାର ତୀବ୍ର ପରିପ୍ରକାଶ ଯୋଗୁଁ ପ୍ରତ୍ୟେକ ଦେଶ ନିଜକୁ ଶକ୍ତିଶାଳୀ କରିବାକୁ ଚାହିଁଲେ । ଫଳରେ ପରସ୍ପର ମଧ୍ୟରେ ସାମରିକ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହେଲା । ଇଉରୋପ୍‌ର ପ୍ରାୟ ସମସ୍ତ ଦେଶ ନିଜର ପଦାତିକ ବାହିନୀ ଓ ନୌବାହିନୀ ବୃଦ୍ଧି କରିବା ପାଇଁ ଉଦ୍ୟମରତ ହେଲେ । ପ୍ରତ୍ୟେକ ଦେଶ ନିଜର ଏକ ଗୁପ୍ତଚର ସଂସ୍ଥା ରଖିଲେ । ୧୮୯୦ ମସିହାପରେ ଜର୍ମାନୀ ନିଜର ନୌଶକ୍ତିରେ ଇଂଲାଣ୍ଡ ଅପେକ୍ଷା ଅଧିକ ବୃଦ୍ଧି ଘଟାଇଛି ବୋଲି ଘୋଷଣା କଲା । ନୌବାହିନୀରେ ଆଧିପତ୍ୟ ପାଇଁ ଜର୍ମାନୀର ଉଦ୍ୟମକୁ ଇଂଲାଣ୍ଡ ନିଜ ସୁରକ୍ଷାପ୍ରତି ଏକ ଧମକ

ବୋଲି ବିବେଚନା କଲା । ଏହି ଦୁଇଦେଶ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାତ୍ମକ ଶତ୍ରୁତା ମନୋଭାବ ସୃଷ୍ଟି କଲା । ସେ ସମୟରେ ଅନେକ ନୂତନ ଯୁଦ୍ଧାସ୍ତ୍ରର ବୈଜ୍ଞାନିକ ଉଦ୍ଭାବନ ଘଟିଥିବାରୁ ଇଉରୋପୀୟ ଦେଶମାନେ ବହୁ ପରିମାଣରେ ବିନାଶକାରୀ ଅସ୍ତ୍ରଶସ୍ତ୍ର ନିର୍ମାଣ କଲେ । ଫଳରେ ପରସ୍ପର ମଧ୍ୟରେ ସଶସ୍ତ୍ରୀକରଣର ତୀବ୍ର ପ୍ରତିଯୋଗିତା ସୃଷ୍ଟି ହେଲା । ଇଉରୋପୀୟ ଦେଶମାନଙ୍କରେ ଏ ପ୍ରକାର ଚରମ ସାମରିକବାଦର ଦ୍ରୁତ ବିକାଶ ପ୍ରଥମ ବିଶ୍ୱଯୁଦ୍ଧ ପାଇଁ ବ୍ୟାପକ ପୃଷ୍ଠଭୂମି ପ୍ରସ୍ତୁତ କରିଥିଲା ।

### ୪. ସାମ୍ରାଜ୍ୟବାଦୀ ନୀତି:

ଇଉରୋପରେ ଶିଳ୍ପ ବିପ୍ଳବର ଅଗ୍ରଗତି ହେବା ସଙ୍ଗେ ସଙ୍ଗେ ଇଉରୋପୀୟ ଦେଶମାନଙ୍କରେ ନୂତନ ସମସ୍ୟାମାନ ଦେଖାଦେଲା । ଶିଳ୍ପ ପ୍ରଧାନ ଦେଶମାନଙ୍କ ମଧ୍ୟରେ ଅଧିକ ଧନଶାଳୀ ହେବା ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଲା । ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁଁ କଞ୍ଚାମାଲ୍‌ର ଆବଶ୍ୟକତା ପୂରଣ ପାଇଁ, ନିଜର ଚାହିଦାଠାରୁ ଅଧିକ ଉତ୍ପାଦିତ ହୋଇଥିବା ଦ୍ରବ୍ୟର ବଜାର ଅନ୍ୱେଷଣ ଓ ବିକ୍ରୟ ପାଇଁ ଏବଂ ବୃଦ୍ଧି ପାଉଥିବା ଜନସଂଖ୍ୟାର ବସତି ପାଇଁ ନିଜ ଦେଶ ବାହାରେ ନୂତନ ଅଞ୍ଚଳ ଖୋଜିବା ଆବଶ୍ୟକ ହେଲା । ସେଥିପାଇଁ ଇଉରୋପୀୟମାନେ ଏସିଆ ଓ ଆଫ୍ରିକାର ଅନୁନ୍ନତ ଅଞ୍ଚଳଗୁଡ଼ିକରେ ଅର୍ଥନୈତିକ ଆଧିପତ୍ୟ ବିସ୍ତାର କଲେ । ଅର୍ଥନୈତିକ ପ୍ରଭାବ ବିସ୍ତାର ସଙ୍ଗେ ସଙ୍ଗେ ରାଜନୈତିକ ଆଧିପତ୍ୟ ବିସ୍ତାର ଉଦ୍ଦେଶ୍ୟରେ ଉପନିବେଶମାନ ସ୍ଥାପନ ପାଇଁ ଅଗ୍ରସର ହେଲେ । ଏହା ସେମାନଙ୍କ ମଧ୍ୟରେ କ୍ରମେ ପ୍ରତିଦ୍ୱନ୍ଦ୍ୱିତା ଓ ଶତ୍ରୁତା ବୃଦ୍ଧି କଲା । ବିସ୍‌ମାର୍କ ଔପନିବେଶିକ ବିସ୍ତାରଣ ନୀତିର ସପକ୍ଷରେ ନ ଥିଲେ । କିନ୍ତୁ ତାଙ୍କ ପରେ କାଇଜର ଦ୍ୱିତୀୟ ଉଇଲିଅମ ଔପନିବେଶିକବାଦ ନୀତି ଗ୍ରହଣ କଲେ । ସେତେବେଳେକୁ ଏସିଆ ଓ ଆଫ୍ରିକାର ଅନେକ ଅଞ୍ଚଳ ବାଣିଜ୍ୟ କାରବାର ପାଇଁ ଇଂଲାଣ୍ଡ ଓ ଫ୍ରାନ୍ସ ନିୟନ୍ତ୍ରଣାଧୀନ ହୋଇସାରିଥିଲା । ତେଣୁ ଜର୍ମାନୀ ଓ ଇଟାଲୀକୁ ନୂତନ ଅଞ୍ଚଳମାନ ଅନୁସନ୍ଧାନ କରିବାକୁ ପଡ଼ିଲା । ଦେଶ ଦେଶ ମଧ୍ୟରେ ଅହେତୁକ ଔପନିବେଶିକ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହେଲା । ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଔପନିବେଶିକବାଦରୁ ଉଗ୍ର ସାମ୍ରାଜ୍ୟବାଦ ଜନ୍ମ ନେଲା । ଔପନିବେଶିକ ବିସ୍ତାରଣ ଦ୍ୱାରା ଜର୍ମାନୀ ଇଂଲାଣ୍ଡଠାରୁ ଅଧିକ ଶକ୍ତିଶାଳୀ ହୋଇଯାଇପାରେ ବୋଲି ଇଂଲାଣ୍ଡ ଆଶଙ୍କା କଲା । ଫଳରେ ଇଂଲାଣ୍ଡ ଓ ଜର୍ମାନୀ ମଧ୍ୟରେ ସମ୍ପର୍କ ତିକ୍ତ ହେବାରେ ଲାଗିଲା । ୧୯୦୭ ମସିହାରେ ଜର୍ମାନୀକୁ ଔପନିବେଶିକ ପ୍ରତିଦ୍ୱନ୍ଦ୍ୱିତାରୁ ହଟାଇବା ପାଇଁ ଇଂଲାଣ୍ଡ ଫ୍ରାନ୍ସ ସହିତ ହାତ ମିଳାଇଥିଲା । ଏହି ସାମ୍ରାଜ୍ୟବାଦ ନୀତି ପ୍ରଥମ ବିଶ୍ୱଯୁଦ୍ଧର ଏକ ସୁଦୂର କାରଣ ଥିଲା ।

### ୫. ଜର୍ମାନୀର ପ୍ରାଚ୍ୟ ନୀତି :

୧୮୭୮ ମସିହାର ବର୍ଲିନ୍ ମହାସଭା ପରେ ତୁର୍କୀର ଆଭ୍ୟନ୍ତରୀଣ ବ୍ୟାପାର ପ୍ରତି ଇଂଲାଣ୍ଡର ପ୍ରବଳ ଉଦାସୀନତା ଓ ବିତୃଷ୍ଣାର ସୁଯୋଗ ନେଇ ଜର୍ମାନୀ ତୁର୍କୀ ସହିତ ମିତ୍ରତା ସ୍ଥାପନ କଲା । ଜର୍ମାନୀ ତୁର୍କୀର ସବୁଠାରୁ ଉତ୍ତମ ବନ୍ଧୁ ବୋଲି କାଇଜର ଦ୍ୱିତୀୟ ଉଇଲିଅମ୍ ତୁର୍କୀର ସୁଲ୍‌ତାନଙ୍କୁ ଆଶ୍ୱାସନା ଦେଲେ । ପ୍ରକୃତରେ ଜର୍ମାନୀ ନିଜର ବାଣିଜ୍ୟ ବ୍ୟବସାୟ ବୃଦ୍ଧିକରିବା ଉଦ୍ଦେଶ୍ୟରେ ଓ ବର୍ଲିନ୍-ବାଗ୍‌ଦାଦ୍ ରେଳପଥ ପ୍ରକଳ୍ପ ନିର୍ମାଣ କରିବା ପାଇଁ ତୁର୍କୀର ଅନୁମତି ଆବଶ୍ୟକ କରୁଥିଲା । ଇଂଲାଣ୍ଡ ଏହାକୁ ବିରୋଧ କରିଥିଲା କାରଣ ଏହି ରେଳପଥ ନିର୍ମାଣ ହେଲେ ଏହା ଭାରତ ଏବଂ ଏସିଆର ଅନ୍ୟାନ୍ୟ ସ୍ଥାନରେ ଥିବା ବ୍ରିଟିସ୍ ସାମ୍ରାଜ୍ୟ ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ଥିଲା । ଜର୍ମାନୀର ଏହି ପ୍ରକଳ୍ପ ସର୍ବିଆରେ ଫ୍ରାନ୍ସର ଆଧିପତ୍ୟ ପ୍ରତି ମଧ୍ୟ ବିପଦ ଥିଲା । ଏ ଭଳି ପରିସ୍ଥିତିରେ ଜର୍ମାନୀର ବର୍ଲିନ୍-ବାଗ୍‌ଦାଦ୍ ରେଳପଥ ନିର୍ମାଣ ପ୍ରସ୍ତାବକୁ ଇଂଲାଣ୍ଡ ଓ ଫ୍ରାନ୍ସ ବିରୋଧ କରିବାରୁ ଫ୍ରାନ୍ସର ଘନିଷ୍ଠ ବନ୍ଧୁ ହିସାବରେ ରୁଷିଆ ମଧ୍ୟ ଜର୍ମାନୀର ପ୍ରାଚ୍ୟ ନୀତିକୁ ବିରୋଧ କଲା ।

*ତୁମ ପାଇଁ କାମ :*

*ଜର୍ମାନୀର ବର୍ଲିନ୍-ବାଗ୍‌ଦାଦ୍ ରେଳପଥ ପ୍ରକଳ୍ପକୁ ବିଭିନ୍ନ ଦେଶ ବିରୋଧ କରିବା ପଛରେ ନିହିତ କାରଣ ଏବଂ ପ୍ରକଳ୍ପ ନିର୍ମାଣର ଫଳାଫଳ ବିଶ୍ଳେଷଣ କର ।*

## ୬. ମରକ୍କୋ ସଙ୍କଟ:

୧୯୦୪ ମସିହାରେ ଇଂଲାଣ୍ଡ ଓ ଫ୍ରାନ୍ସ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହେବାପରେ ଫ୍ରାନ୍ସ ସ୍ୱାଧୀନ ରାଜ୍ୟ ମରକ୍କୋରେ ଆଧିପତ୍ୟ ବିସ୍ତାର ଲାଗି ଆଗ୍ରହୀ ହେଲା । ଲୌହ ସମ୍ପଦର ପ୍ରାଚୁର୍ଯ୍ୟ ତଥା ଏହାର ଭୌଗୋଳିକ ଅବସ୍ଥିତି କାରଣରୁ ସ୍ପେନ୍, ଜର୍ମାନୀ ଓ ଇଟାଲୀ ମଧ୍ୟ ମରକ୍କୋକୁ ଅଧିକାର କରିବା ପାଇଁ ବ୍ୟଗ୍ର ଥିଲେ । କିନ୍ତୁ ଫ୍ରାନ୍ସ ଅକସ୍ମାତଭାବେ ମରକ୍କୋରେ ପ୍ରବେଶ କରି ଆର୍ଥିକ ଓ ବାଣିଜ୍ୟିକ ପ୍ରତିପତ୍ତି ବିସ୍ତାର କରିବାକୁ ଲାଗିଲା । ଜର୍ମାନ୍ କାଇଜର ଏହାର ଦୃଢ଼ ବିରୋଧ କଲେ । ୧୯୦୫ ମସିହା ମାର୍ଚ୍ଚ ମାସରେ ମରକ୍କୋର ଟାଞ୍ଜିଏର୍ ସହରକୁ ଯାଇ କାଇଜର ଘୋଷଣା କଲେ ଯେ ସେ ମରକ୍କୋ ସୁଲତାନଙ୍କୁ ସୁରକ୍ଷା ଯୋଗାଇବେ, ମରକ୍କୋର ସାର୍ବଭୌମ ବଜାୟ ରଖିବାରେ ସମସ୍ତ ସାହାଯ୍ୟ କରିବେ ଏବଂ ସେଠାକାର ବାଣିଜ୍ୟ କ୍ଷେତ୍ରରେ ସବୁ ଦେଶକୁ ସମାନ ସୁଯୋଗ ଦେବେ । ଘୋଷଣା ରୂପରେ କାଇଜରଙ୍କ ହସ୍ତକ୍ଷେପ ଯୋଗୁଁ ଫରାସୀମାନେ ଉତ୍‌କ୍ଷିପ୍ତ ହେଲେ ଏବଂ ଜର୍ମାନୀ ବିରୋଧରେ ଯୁଦ୍ଧ ଡାକରା ଦେଲେ । ସୁଲ୍‌ତାନଙ୍କ ପ୍ରସ୍ତାବ ଅନୁଯାୟୀ ୧୯୦୬ ମସିହା ଜାନୁଆରୀ ମାସରେ ଆଲ୍‌ଜେସିରାସ୍‌ଠାରେ ଅନୁଷ୍ଠିତ ସମ୍ମିଳନୀରେ ଫ୍ରାନ୍ସ ଶାନ୍ତିପୂର୍ଣ୍ଣ ଉପାୟରେ ଓ ଆନ୍ତର୍ଜାତିକ ନିୟନ୍ତ୍ରଣରେ ମରକ୍କୋରେ କେତେକ ଆର୍ଥିକ ସୁବିଧା ଉପଭୋଗ କରିବ କିନ୍ତୁ ମରକ୍କୋ ଅଧିକାର କରିପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଗଲା । ଏହାଦ୍ୱାରା ଫ୍ରାନ୍ସର ବିସ୍ତାରଣ ନୀତିକୁ ପ୍ରତିରୋଧ କରାଯାଇ ପାରିଲା ଏବଂ ଏହାକୁ କାଇଜରଙ୍କ ବିଜୟ ବୋଲି ମନେ କରାଗଲା । ଫଳରେ ଜର୍ମାନୀ ଓ ଫ୍ରାନ୍ସର ରାଜନୈତିକ ସମ୍ପର୍କରେ ତିକ୍ତତା ବଢ଼ିଲା ।

## ୭. ବୋସ୍‌ନିଆ - ହର୍ଜିଗୋଭିନା ସମସ୍ୟା :

ପୂର୍ବରୁ ବୋସ୍‌ନିଆ ଓ ହର୍ଜିଗୋଭିନା ତୁର୍କୀ ଅଧୀନସ୍ଥ ପ୍ରଦେଶ ଥିଲା । ୧୮୭୭ ମସିହାର ରୁଷିଆ-ତୁର୍କୀ ଯୁଦ୍ଧ ପରେ ୧୮୭୮ ମସିହାରେ ଅନୁଷ୍ଠିତ ବର୍ଲିନ୍ ମହାସଭାର ରାଜିନାମା ବଳରେ ଏହି ଦୁଇ ପ୍ରଦେଶକୁ କେବଳ ଦଖଲ ଓ ଶାସନ କରିବା ପାଇଁ ଅଷ୍ଟ୍ରିଆକୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ଏହି ଅଞ୍ଚଳଦ୍ୱୟ ତୁର୍କୀର ସାର୍ବଭୌମ ଅଧୀନରେ ରହିବେ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ବଲ୍‌କାନ୍ ପ୍ରଦେଶଗୁଡ଼ିକୁ ଅଷ୍ଟ୍ରିଆକୁ ଅର୍ପଣ କରିବା ଦ୍ୱାରା ଅଷ୍ଟ୍ରିଆ ବଲ୍‌କାନ୍ ରାଜନୀତିରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସୁଯୋଗ ପାଇଲା । ୧୯୦୮ ମସିହା ଅକ୍ଟୋବର ୭ ତାରିଖରେ ଅଷ୍ଟ୍ରିଆ ସମ୍ରାଟ୍ ଫ୍ରାନ୍‌ସିସ୍ ଯୋସେଫ୍ ଅଷ୍ଟ୍ରିଆ ସାମ୍ରାଜ୍ୟରେ ଉଲ୍ଲିଖିତ ଦୁଇ ରାଜ୍ୟର ମିଶ୍ରଣ ଘୋଷଣା କଲେ । ଏହା ବର୍ଲିନ୍ ମହାସଭାର ସର୍ତ୍ତକୁ ଉଲଂଘନ କଲା । ଅଷ୍ଟ୍ରିଆର ଏହି ନିଷ୍ପତ୍ତିକୁ ପ୍ରଥମେ ସର୍ବିଆ ବିରୋଧ କଲା ଏବଂ ଅନ୍ୟ ରାଷ୍ଟ୍ରମାନଙ୍କ ସମ୍ମୁଖରେ ଦୃଢ଼ ପ୍ରତିବାଦ ଜଣାଇଲା । ସାରା ଦେଶରେ ଯୁଦ୍ଧ ମନୋବୃତ୍ତିର ବହ୍ନି ଜଳିଉଠିଲା । ଏହି ଘଟଣାଟି ଅଷ୍ଟ୍ରିଆ ଓ ସର୍ବିଆ ମଧ୍ୟରେ ଶତ୍ରୁତା ବୃଦ୍ଧି କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା । ଜର୍ମାନୀ ଅଷ୍ଟ୍ରିଆର ଘନିଷ୍ଠ ବନ୍ଧୁ ହୋଇଥିବାରୁ ସ୍ୱାଭାବିକ୍‌ଭାବେ ଅଷ୍ଟ୍ରିଆର ଦାବିକୁ ସମର୍ଥନ କଲା ।

## ୮. ଆଗାଦିର ସଙ୍କଟ :

ଆଲ୍‌ଜେସିରାସ୍ ସମ୍ମିଳନୀରେ ବାରଣ କରାଯାଇଥିବା ସତ୍ତ୍ୱେ ଫ୍ରାନ୍ସ ସରକାର ମରକ୍କୋର ଆଭ୍ୟନ୍ତରୀଣ ଅଶାନ୍ତିକୁ ଦମନ କରିବା ବାହାନାରେ ସେଠାକୁ ସୈନ୍ୟ ପ୍ରେରଣ କଲେ । ଫ୍ରାନ୍ସକୁ ଧମକ ଦେବା ଉଦ୍ଦେଶ୍ୟରେ ଜର୍ମାନ୍ କାଇଜର ମରକ୍କୋର ଆଗାଦିର ବନ୍ଦରକୁ "ପାନ୍ଥର" ନାମକ ଏକ ଯୁଦ୍ଧ ଜାହାଜ ପଠାଇଲେ । ଯୁଦ୍ଧର ଆଶଙ୍କା ଉପଲବ୍ଧି କରି ଇଂଲାଣ୍ଡ ଫ୍ରାନ୍ସକୁ ସମର୍ଥନ ଜଣାଇଲା । କିନ୍ତୁ କାଇଜର ଶାନ୍ତିପୂର୍ଣ୍ଣ ଭାବରେ ବିବାଦର ସମାଧାନ ପାଇଁ ରାଜି ହୋଇଗଲେ । ଆଗାଦିର ସଙ୍କଟରୁ ପ୍ରମାଣିତ ହେଲା ଯେ

ଜର୍ମାନୀ ବିରୋଧରେ ଯୁଦ୍ଧ କରିବା ପାଇଁ ଇଂଲାଣ୍ଡ ଓ ଫ୍ରାନ୍ସ ପ୍ରସ୍ତୁତ ହୋଇ ରହିଥିଲେ । ତେଣୁ କାଇଜର ମଧ୍ୟ ଯୁଦ୍ଧ ପ୍ରସ୍ତୁତିରେ ମନୋନିବେଶ କଲେ ।

## ୯. ବଲ୍‌କାନ୍ ଯୁଦ୍ଧ:

ଅଷ୍ଟ୍ରିଆ ଓ ସର୍ବିଆ ମଧ୍ୟରେ ଏବଂ ଅଷ୍ଟ୍ରିଆ ଓ ରୁଷିଆ ମଧ୍ୟରେ ଥିବା ଆଞ୍ଚଳିକ କଳହ ବଲ୍‌କାନ୍ ଅଞ୍ଚଳରେ ସଙ୍କଟ ସୃଷ୍ଟି କଲା । ଅଷ୍ଟ୍ରିଆ ଓ ରୁଷିଆ ପ୍ରତ୍ୟେକ ସେହି ଅଞ୍ଚଳରେ ନିଜର ପ୍ରାଧାନ୍ୟ ବଜାୟ ରଖିବା ପାଇଁ ଓ ପ୍ରଭାବ ବିସ୍ତାର ପାଇଁ ପରସ୍ପର ମଧ୍ୟରେ କଳହରେ ଲିପ୍ତ ରହିଲେ । ଜର୍ମାନୀକୁ ମିତ୍ର ରୂପେ ପାଇ ଅଷ୍ଟ୍ରିଆର ସାହସ ବଢ଼ିଯାଇଥିଲା ଏବଂ ଇଂଲାଣ୍ଡ ଓ ଫ୍ରାନ୍ସର ସମର୍ଥନରେ ରୁଷିଆ ଅଧିକ ଶକ୍ତିଶାଳୀ ହୋଇଯାଇଥିଲା । ଆଗାଦିର ସଙ୍କଟ ପରେ ବଲ୍‌କାନ୍ ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇ ୧୯୧୨-୧୩ ମସିହାରେ ସେଠାରେ ଯୁଦ୍ଧ ଲାଗିଗଲା । ଏହି ଆଞ୍ଚଳିକ ଯୁଦ୍ଧରୁ ପ୍ରଥମ ବିଶ୍ୱଯୁଦ୍ଧର ସ୍ଫୁଲିଙ୍ଗ ଉତ୍ପନ୍ନ ହେଲା । ସେଠାରେ ବୃହତ୍ ଶକ୍ତିମାନେ ନିଜର ସ୍ୱାର୍ଥ ସାଧନ ନିମନ୍ତେ ପରସ୍ପର ମଧ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା କରି ଶତ୍ରୁତା ସୃଷ୍ଟି କଲେ ଏବଂ ବଲ୍‌କାନ୍ ଅଞ୍ଚଳକୁ ଏକ ବିପଦ ସଙ୍କୁଳ ଅଞ୍ଚଳରେ ପରିଣତ କରିଦେଲେ ।

**ତୁମ ପାଇଁ କାମ :**

***ବଲ୍‌କାନ୍ ଅଞ୍ଚଳରେ ଆଧିପତ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଇଉରୋପୀୟ ରାଷ୍ଟ୍ରମାନେ କି ପ୍ରକାର ସ୍ୱାର୍ଥ ହାସଲ କରିବା ପାଇଁ କଳହରେ ଲିପ୍ତଥିଲେ ତା'ର ଅନୁଶୀଳନ କର ।***

## ୧୦. କାଇଜର ଦ୍ୱିତୀୟ ଉଇଲିଅମ୍‌ଙ୍କ ନୀତି :

ବିସ୍‌ମାର୍କଙ୍କ ମଧ୍ୟମ ପନ୍ଥାକୁ ପ୍ରତ୍ୟାଖ୍ୟାନକରି କାଇଜର ଦ୍ୱିତୀୟ ଉଇଲିଅମ୍ ଏକ ଅସ୍ଥିର ଓ ଅପରିଣାମଦର୍ଶୀ ନୀତି ଅବଲମ୍ବନ କଲେ । ପ୍ରଭୁତ୍ୱ ବିସ୍ତାର ନୀତିକୁ ଆସ୍ଫାଳନ ସହିତ ବ୍ୟକ୍ତକରି ସେ ବିଭିନ୍ନ ରାଷ୍ଟ୍ରରେ ସଂଶୟ ସୃଷ୍ଟି କଲେ । ଜର୍ମାନୀକୁ ଏକ ବିଶ୍ୱଶକ୍ତି କରିବା ତାଙ୍କର ଲକ୍ଷ୍ୟ ବୋଲି ବିଭିନ୍ନ ଭାଷଣରେ ଘୋଷଣା କଲେ । ଜର୍ମାନୀର ପ୍ରସାରଣ ଓ ସମରସଜ୍ଜା ତାଙ୍କ ବୈଦେଶିକ ନୀତିର ମୂଳଭିତ୍ତି ଥିଲା । ବଲ୍‌କାନ୍ ଅଞ୍ଚଳର କଳହରେ ଅଷ୍ଟ୍ରିଆକୁ ସର୍ବିଆ ବିରୋଧରେ ନିଃସର୍ତ୍ତ ସମର୍ଥନ ଦେଇ ଏକ ଆଞ୍ଚଳିକ ବିବାଦକୁ ଜର୍ମାନୀର ଫ୍ରାନ୍ସ ଓ ଇଂଲାଣ୍ଡ ବିରୋଧରେ ଥିବା ଶତ୍ରୁତା ସହିତ ସମ୍ପୃକ୍ତ କଲେ ଏବଂ ତାହା ଅବିଳମ୍ବେ ଏକ ବିଶ୍ୱଯୁଦ୍ଧର ରୂପ ନେଲା ।

**ତୁମ ପାଇଁ କାମ :**

***ଆନ୍ତର୍ଜାତିକ କ୍ଷେତ୍ରରେ ଜର୍ମାନୀକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେବା ପାଇଁ ବିସ୍‌ମାର୍କ ଓ କାଇଜର ଦ୍ୱିତୀୟ ଉଇଲିଅମ୍ ଅବଲମ୍ବନ କରିଥିବା ନୀତି ମଧ୍ୟରେ ଥିବା ପାର୍ଥକ୍ୟ ଗୁଡ଼ିକ ବର୍ଣ୍ଣନ କର ।***

## ୧୧. ଆନ୍ତର୍ଜାତିକ ସଂଗଠନର ଅଭାବ :

ଯୁଦ୍ଧର ସମ୍ଭାବନାକୁ ଏଡ଼ାଇବା ଉଦ୍ଦେଶ୍ୟରେ ଉଦ୍ୟମ କରିବାପାଇଁ କୌଣସି ଆନ୍ତର୍ଜାତିକସ୍ତରୀୟ ସଂଗଠନ ନ ଥିଲା । ସମସ୍ତ ରାଷ୍ଟ୍ର ସେମାନଙ୍କ ସ୍ୱାର୍ଥକୈନ୍ଦ୍ରିକ ଉଦ୍ଦେଶ୍ୟ ସାଧନ ପାଇଁ ସ୍ୱାଧୀନଭାବେ ଯେ କୌଣସି କାର୍ଯ୍ୟ କରିପାରୁଥିଲେ । ୧୮୯୯ ଓ ୧୯୦୭ ମସିହାରେ ହେଗ୍‌ଠାରେ ହୋଇଥିବା ସମ୍ମିଳନୀଗୁଡ଼ିକରେ ଯୁଦ୍ଧ ନିବାରଣ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଆଇନ୍ ପ୍ରଣୟନ କରାଯାଇଥିଲା । କିନ୍ତୁ ଏହି ଆଇନ୍‌ଗୁଡ଼ିକ ପାଳନ କରିବାକୁ ବାଧ୍ୟ କରିବା ପାଇଁ ସମ୍ମିଳନୀରେ କୌଣସି ନିର୍ଦ୍ଦିଷ୍ଟ ପନ୍ଥା ସ୍ଥିରୀକୃତ ହୋଇ ନ ଥିଲା । ତେଣୁ ରାଷ୍ଟ୍ରଗୁଡ଼ିକ ଏହି ଆଇନ୍ ଉଲଂଘନ କରିବାକୁ କୁଣ୍ଠା ବୋଧ କଲେ ନାହିଁ । ପ୍ରତ୍ୟେକ ରାଷ୍ଟ୍ର ତିଳେ ହେଲେ ଅନ୍ୟ ରାଷ୍ଟ୍ରର ସ୍ୱାର୍ଥ ପ୍ରତି ଯତ୍ନବାନ୍ ନ ହୋଇ ନିଜ ନିଜର ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରିବାକୁ ଲାଗିଲେ । ଏହାକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ କୌଣସି ପ୍ରତିଷ୍ଠିତ ଆନ୍ତର୍ଜାତିକ ଆଇନ ନ ଥଲା । ଫଳରେ ଇଉରୋପ୍‌ର ସମସ୍ତ ଅଞ୍ଚଳରେ ସନ୍ଦେହ ଓ ନୈରାଶ୍ୟର ବାତାବରଣ ସୃଷ୍ଟି ହେଲା ।

## ଆସନ୍ନ କାରଣ :

### ୧୨. ଫ୍ରାନ୍‌ସିସ ଫର୍ଡିନାଣ୍ଡଙ୍କ ହତ୍ୟା :

ପୂର୍ବ ବର୍ଣ୍ଣିତ ପରିସ୍ଥିତି ଯୋଗୁଁ ସମଗ୍ର ଇଉରୋପରେ ଅସ୍ଥିରତା ଓ ବିଶୃଙ୍ଖଳାର ବାତାବରଣ ବ୍ୟାପିଗଲା । ଯୁଦ୍ଧ ଆରମ୍ଭ ପାଇଁ କେବଳ ସ୍ଫୁଲିଙ୍ଗ ସଂଯୋଗର ଆବଶ୍ୟକତା ଥିଲା । ଅଷ୍ଟ୍ରିଆ ଦେଶର ରାଜକୁମାରଙ୍କ ହତ୍ୟା ଏହି ଅଗ୍ନି ସଂଯୋଗ କରିଥିଲା । ୧୯୧୪ ମସିହା ଜୁନ୍ ମାସ ୨୮ ତାରିଖରେ ଅଷ୍ଟ୍ରିଆ ସମ୍ରାଟଙ୍କ ପୁତୁରା ତଥା ଅଷ୍ଟ୍ରିଆ ରାଜଗାଦିର ଉତ୍ତରାଧିକାରୀ ଆର୍କଡ୍ୟୁକ୍ ଫ୍ରାନ୍‌ସିସ୍ ଫର୍ଡିନାଣ୍ଡ ଏବଂ ତାଙ୍କ ପତ୍ନୀ ସୋଫିଆଙ୍କୁ ବୋସ୍‌ନିଆର ରାଜଧାନୀ ସାରାଜେଭୋଠାରେ ହତ୍ୟା କରାଗଲା । ଯଦିଓ ଏହି ହତ୍ୟାକାଣ୍ଡ ଅଷ୍ଟ୍ରିଆ ମାଟିରେ ହୋଇଥିଲା, ହତ୍ୟାକାରୀ ସର୍ବିଆ ଜାତିର ଏବଂ ସର୍ବୀୟ ଗୁପ୍ତ ସଂଗଠନ "ବ୍ଲାକ୍ ହ୍ୟାଣ୍ଡ" ସହିତ ସମ୍ପୃକ୍ତ ଥିବାରୁ ସର୍ବିଆ ଦେଶକୁ ଏଥିପାଇଁ ଦାୟୀ କରାଗଲା । ବୋସ୍‌ନିଆ ଓ ହର୍ଜଗୋଭିନାକୁ ନିଜ ଦେଶରେ ସାମିଲ୍ କରିବା ବିଷୟକୁ ନେଇ ଏବଂ ଆଡ୍ରିଆଟିକ୍ ସାଗର ମଧ୍ୟକୁ ସର୍ବିଆର ପ୍ରବେଶ ପଥ ଅବରୋଧ କରିଥିବା ହେତୁ ଅଷ୍ଟ୍ରିଆ ଓ ସର୍ବିଆ ମଧ୍ୟରେ ଆଗରୁ ତିକ୍ତ ସମ୍ପର୍କ ଥିଲା । ଅଷ୍ଟ୍ରିଆ ରାଜକୁମାରଙ୍କ ହତ୍ୟା ସର୍ବିଆ ଉପରେ ପ୍ରତିଶୋଧ ନେବା ପାଇଁ ଅଷ୍ଟ୍ରିଆକୁ ଏକ ସୁଯୋଗ ଯୋଗାଇଲା । ସର୍ବିଆ ବିରୋଧରେ ଅଷ୍ଟ୍ରିଆକୁ ଜର୍ମାନୀର ନିଃସର୍ତ୍ତ ସମର୍ଥନ ଅଷ୍ଟ୍ରିଆର ମନୋବଳକୁ ଦୃଢ଼ କଲା । ୧୯୧୪ ମସିହା ଜୁଲାଇ ୨୩ ତାରିଖରେ ଅଷ୍ଟ୍ରିଆ ଦଶଟି ସର୍ତ୍ତ ସମ୍ବଳିତ ଏକ ଚରମ ପତ୍ର ଅଠଚାଳିଶ ଘଣ୍ଟା ମଧ୍ୟରେ ଗ୍ରହଣ କରିବାକୁ ସର୍ବିଆ ନିକଟକୁ ପଠାଇଲା । ଯଦିଓ କେତେକ ବୃହତ୍ ଶକ୍ତିଙ୍କ ମଧ୍ୟସ୍ଥତାରେ ସର୍ବିଆ ମୁଖ୍ୟ ସର୍ତ୍ତ ଗୁଡ଼ିକ ଗ୍ରହଣ କରିଥିଲା, ସେଥିରେ ଅଷ୍ଟ୍ରିଆ ସନ୍ତୁଷ୍ଟ ହେଲା ନାହିଁ ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲା । ଯୁଦ୍ଧର ସମ୍ଭାବନାକୁ ଏଡ଼ାଇବା ପାଇଁ ବୃହତ୍ ଶକ୍ତିମାନଙ୍କ ସମସ୍ତ ଉଦ୍ୟମ ବିଫଳ ହେଲା ।



(ଫର୍ଡିନାଣ୍ଡ ଓ ସୋଫିଆ)

**ତୁମେ ଜାଣିଛ କି ?**

*ବିଦେଶକୁ ଘୁଷୁରୀ ରପ୍ତାନୀ ସର୍ବିଆର ଏକ ପ୍ରଧାନ ବ୍ୟବସାୟ ଥିଲା । ଆଡ୍ରିଆଟିକ୍ ସାଗରକୁ ପ୍ରବେଶ ବନ୍ଦ କରିବା ଦ୍ୱାରା ସର୍ବିଆର ବ୍ୟବସାୟରେ କ୍ଷତି ହେଲା । ସର୍ବିଆ ଏହାକୁ ଅଷ୍ଟ୍ରିଆର 'ଘୁଷୁରୀ ରାଜନୀତି' ବୋଲି ଅଭିହିତ କଲା । ଅଷ୍ଟ୍ରିଆକୁ ଆତଙ୍କିତ କରିବା ପାଇଁ ସର୍ବିଆ "ବ୍ଲାକ୍ ହ୍ୟାଣ୍ଡ" ଗୁପ୍ତ ସଂଗଠନ ସ୍ଥାପନ କରିଥିଲା । ସାରାଜେଭୋଠାରେ ଅଷ୍ଟ୍ରିଆର ଯୁବରାଜଙ୍କୁ ହତ୍ୟା କରିଥିବା ବୋସନୀୟ ଯୁବକର ନାମ ଥିଲା ଗାଭ୍‌ରିଲୋ ପ୍ରିନ୍‌ସିପ୍ ଓ ସେ 'ବ୍ଲାକ୍ ହ୍ୟାଣ୍ଡ' ସଂଗଠନର ସଭ୍ୟ ଥିଲା ।*

### ଯୁଦ୍ଧର ଆରମ୍ଭ :

୧୯୧୪ ଜୁଲାଇ ୨୮ ତାରିଖରେ ଅଷ୍ଟ୍ରିଆ ସର୍ବିଆ ଉପରେ ଆକ୍ରମଣ କରି ସର୍ବିଆ ବିରୋଧରେ ଯୁଦ୍ଧ ଘୋଷଣା କଲା । ଏହାର ତିନିଦିନ ପରେ ରୁଷିଆ ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କରିବା ସଙ୍ଗେ ସଙ୍ଗେ ଅଗଷ୍ଟ ମାସ ୧ ତାରିଖରେ ଜର୍ମାନୀ ରୁଷିଆ ବିରୋଧରେ ଯୁଦ୍ଧ ଘୋଷଣା କଲା । ଫ୍ରାନ୍ସ ରୁଷିଆର ମିତ୍ର ରାଷ୍ଟ୍ର ହୋଇଥିବାରୁ ସେ ମଧ୍ୟ ଅଷ୍ଟ୍ରିଆ ଓ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା । ଅଗଷ୍ଟ ୩ ତାରିଖରେ ଜର୍ମାନୀ ଫ୍ରାନ୍ସ ବିରୋଧରେ ଯୁଦ୍ଧ ଘୋଷଣା କଲା । ବେଲ୍‌ଜିଅମ୍ ଦେଶ ଅତିକ୍ରମ କରି ଫ୍ରାନ୍ସ ଆଡ଼କୁ ଅଗ୍ରସର ହେବାପାଇଁ ଜର୍ମାନ୍ ସୈନ୍ୟବାହିନୀ ଉଦ୍ୟମ କରିବାରୁ ବେଲ୍‌ଜିଅମ୍‌ର ନିରପେକ୍ଷତା ବଜାୟ ରଖିବାର ଅଙ୍ଗୀକାରବଦ୍ଧତା ଉଲଂଘନ ଦୋଷରେ ଆରୋପ କରି ଅଗଷ୍ଟ

୪ ତାରିଖ ମଧ୍ୟରାତ୍ରରେ ଇଂଲାଣ୍ଡ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା । ଏହିପରି ଭାବରେ ଅଷ୍ଟ୍ରିଆ ଓ ସର୍ବିଆ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧରେ ଧୀରେ ଧୀରେ ଅନେକ ଦେଶ ଜଡ଼ିତ ହେବାପରେ ଏହା ପ୍ରଥମ ବିଶ୍ୱଯୁଦ୍ଧରେ ପରିଣତ ହୋଇଥିଲା ।

## ଯୁଦ୍ଧର ପରସ୍ପର ବିରୋଧୀ ପକ୍ଷ :


ପ୍ରଥମ ବିଶ୍ୱଯୁଦ୍ଧରେ ଗୋଟିଏ ପକ୍ଷରେ ରହିଲେ ଜର୍ମାନୀ, ଅଷ୍ଟ୍ରିଆ, ତୁର୍କୀ ଓ ବୁଲ୍‌ଗେରିଆ । ଏମାନଙ୍କୁ କୁହାଗଲା "କେନ୍ଦ୍ରଶକ୍ତି" । ଅନ୍ୟ ପକ୍ଷରେ ଥିଲେ ଫ୍ରାନ୍ସ, ସର୍ବିଆ, ରୁଷିଆ, ଇଂଲାଣ୍ଡ, ବେଲ୍‌ଜିଅମ୍, ପର୍ତ୍ତୁଗାଲ, ଗ୍ରୀସ୍, ରୁମାନିଆ, ଜାପାନ୍ ଓ ଚୀନ୍ । ଏମାନଙ୍କୁ କୁହାଗଲା "ମିତ୍ରଶକ୍ତି" । ଇଟାଲୀ ପ୍ରଥମେ ନିରପେକ୍ଷ ରହିଥିଲା, କିନ୍ତୁ ଅଷ୍ଟ୍ରିଆ ଓ ତୁର୍କୀର କିଛି ଅଧିକୃତ ଅଞ୍ଚଳ ତା'କୁ ଦିଆଯିବ ବୋଲି ଇଂଲାଣ୍ଡ ଓ ଫ୍ରାନ୍ସଠାରୁ ପ୍ରତିଶ୍ରୁତି ପାଇ ସେ ୧୯୧୫ ମେ ମାସରେ ମିତ୍ରଶକ୍ତି ସପକ୍ଷରେ ଯୁଦ୍ଧରେ ଯୋଗଦେଲା । ୧୯୧୭ ମସିହାରେ ଜର୍ମାନୀର ବୁଡ଼ାଜାହାଜ ଯୁକ୍ତରାଷ୍ଟ୍ର ଆମେରିକାର କେତେକ ଜାହାଜକୁ ଆକ୍ରମଣ କରିବାରୁ ସେ ବାଧ୍ୟ ହୋଇ ସେହି ବର୍ଷ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କରି ବିଶ୍ୱଯୁଦ୍ଧରେ ଜଡ଼ିତ ହୋଇଗଲା ।

## ଯୁଦ୍ଧର ଅଗ୍ରଗତି ଓ ସମାପ୍ତି :


ପ୍ରଥମ ବିଶ୍ୱଯୁଦ୍ଧ ମୁଖ୍ୟତଃ ପଶ୍ଚିମ ଇଉରୋପ୍, ପୂର୍ବ ଇଉରୋପ୍, ଦକ୍ଷିଣ ପୂର୍ବ ଇଉରୋପ୍, ନିକଟ ପ୍ରାଚ୍ୟ, ମଧ୍ୟ ପ୍ରାଚ୍ୟ, ଦୂର ପ୍ରାଚ୍ୟ ଓ ସାଗର ବକ୍ଷର ବିଭିନ୍ନ ସ୍ଥାନରେ ସଂଘଟିତ ହୋଇଥିଲା । ଯୁଦ୍ଧର ପ୍ରଥମ ପର୍ଯ୍ୟାୟରେ ଅନେକ ଯୁଦ୍ଧ କ୍ଷେତ୍ରରେ ମିତ୍ରଶକ୍ତିର ଦେଶଗୁଡ଼ିକ କେନ୍ଦ୍ରଶକ୍ତି ଦ୍ୱାରା ପରାଜିତ ହୋଇଥିଲେ । ପଶ୍ଚିମ ଇଉରୋପ୍‌ରେ ସମସ୍ତ ଯୁଦ୍ଧରେ ଜୟଲାଭ କରି ଜର୍ମାନ୍ ସୈନ୍ୟବାହିନୀ ଫ୍ରାନ୍ସ ଆଡ଼କୁ ଅଗ୍ରସର ହେବାବେଳେ ଇଂରେଜ ଓ ଫରାସୀ ସୈନ୍ୟବାହିନୀ ସେମାନଙ୍କ ପଥରୋଧ କରିବାରେ ବିଫଳ ହେଲେ । ପୂର୍ବ ଇଉରୋପ୍‌ରେ ରୁଷିଆ ଜର୍ମାନୀଠାରୁ ପରାଜୟ ସ୍ୱୀକାର କରି ୧୯୧୭ ମସିହାରେ ଯୁଦ୍ଧରୁ ଓହରିଗଲା । ନିକଟ ପ୍ରାଚ୍ୟ ଅଞ୍ଚଳରେ ତୁର୍କୀ ଦ୍ୱାରା ଇଂଲାଣ୍ଡ ଓ ଫ୍ରାନ୍ସର ମିଳିତ ସୈନ୍ୟବାହିନୀ ଏବଂ ଇଂଲାଣ୍ଡ ଓ ଭାରତର ସୈନ୍ୟବାହିନୀ ପରାଜିତ ହେଲେ । ଜର୍ମାନ୍ ବୁଡ଼ାଜାହାଜଗୁଡ଼ିକ ଅନେକ ଇଂରେଜ ଓ ଫରାସୀ ଜାହାଜଗୁଡ଼ିକୁ ଧ୍ୱଂସ କରି ଦେଇଥିଲେ ସୁଦ୍ଧା ସାଗରବକ୍ଷର ଯୁଦ୍ଧଗୁଡ଼ିକ ପ୍ରାୟ ଅମୀମାଂସିତ ଥିଲା । ୧୯୧୭ ମସିହା ପରେ ଯୁକ୍ତରାଷ୍ଟ୍ର ଆମେରିକାର ମିତ୍ରଶକ୍ତି ସପକ୍ଷରେ ଯୁଦ୍ଧରେ ଯୋଗଦାନ ଫଳରେ ଯୁଦ୍ଧର ଗତିପଥ ଓଲଟି ଗଲା । କ୍ରମେ ଜର୍ମାନୀ ତଥା କେନ୍ଦ୍ରଶକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକ ସମସ୍ତ ଯୁଦ୍ଧକ୍ଷେତ୍ରରେ ପରାଜୟ ବରଣ କଲେ । ୧୯୧୮ ମସିହା ନଭେମ୍ବର ୯ ତାରିଖରେ କାଇଜର ଦ୍ୱିତୀୟ ଉଇଲିଅମ୍ ସ୍ୱେଚ୍ଛାକୃତଭାବେ ରାଜଗାଦି ତ୍ୟାଗ କଲେ ଏବଂ ଶରାଣାର୍ଥୀ ହେବା ପାଇଁ ଏକ ମଟର ଗାଡ଼ିରେ ହଲାଣ୍ଡ ଦେଶକୁ ପଳାୟନ କଲେ । ସେହି ବର୍ଷ ନଭେମ୍ବର ୧୧ ତାରିଖରେ ଜର୍ମାନୀକୁ ଯୁଦ୍ଧ ବିରତି ସନ୍ଧିରେ ସ୍ୱାକ୍ଷର କରିବାକୁ ପଡ଼ିଥିଲା ଏବଂ ଏଥି ସହିତ ଜର୍ମାନ୍ ସରକାର "ଯୁଦ୍ଧ ସମାପ୍ତି" ଗ୍ରହଣ କରିଥିଲେ ।

**ତୁମେ ଜାଣିଛ କି ?**

***ନିକଟ ପ୍ରାଚ୍ୟ କହିଲେ ବଲ୍‌କାନ୍ ଅଞ୍ଚଳକୁ ବୁଝାଏ, ଏହାର ଉତ୍ତର ଭାଗଟି ଆଡ୍ରିଆଟିକ୍ ଓ କୃଷ୍ଣସାଗର ମଧ୍ୟବର୍ତ୍ତୀ ଅଞ୍ଚଳ ଏବଂ ଦକ୍ଷିଣ ଭାଗଟି ଆଇଓନିଆନ୍ ଓ ଏଜିଆନ୍ ସାଗର ମଧ୍ୟବର୍ତ୍ତୀ ଗ୍ରୀସ୍ ଉପଦ୍ୱୀପ । ଭୂମଧ୍ୟ ସାଗର ଓ ଭାରତ ମହାସାଗରର ମଧ୍ୟବର୍ତ୍ତୀ ଅଞ୍ଚଳ ସାଧାରଣତଃ ମଧ୍ୟପ୍ରାଚ୍ୟ ଭାବରେ ଅଭିହିତ । ଇଜିପ୍ଟ, ପାଲେଷ୍ଟାଇନ୍, ଏସୀୟ ତୁର୍କୀ, ଇରାନ୍, ଆଫଗାନିସ୍ଥାନ୍, ଇରାକ୍, ସିରିଆ, ଲେବାନନ୍, ଜୋର୍ଡାନ୍, ସାଉଦି ଆରବିଆ ଓ ୟେମେନ୍ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟର ଅନ୍ତର୍ଭୁକ୍ତ । ଏହି ଅଞ୍ଚଳଟି ଏସିଆ, ଇଉରୋପ୍ ଓ ଆଫ୍ରିକା ତିନି ମହାଦେଶର ମିଳନ ସ୍ଥଳ ଏବଂ ଏଠାରେ ପ୍ରଚୁର ପରିମାଣରେ ଖଣିଜ ତୈଳ ଗଚ୍ଛିତ ରହିଛି । ପୂର୍ବ ସାଇବେରିଆ, କୋରିଆ, ଚୀନ୍, ମାଞ୍ଚୁରିଆ, ମଙ୍ଗୋଲିଆ, ସିଙ୍କିୟାଙ୍ଗ, ତିବ୍ବତ୍, ମିଆମାର, ଥାଇଲାଣ୍ଡ, ଇଣ୍ଡୋଚୀନ୍, ମାଲୟେସିଆ, ଜାପାନ୍ ଫିଲିପାଇନ୍ସ ଓ ଇଣ୍ଡୋନେସିଆ ଦୂର ପ୍ରାଚ୍ୟର ଅନ୍ତର୍ଭୁକ୍ତ ।***




(ମଧ୍ୟପ୍ରାଚ୍ୟ)




(ଦୂରପ୍ରାଚ୍ୟ)

**ତୁମ ପାଇଁ କାମ :**

*ଏସିଆ ମାନଚିତ୍ରରେ ଦୂରପ୍ରାଚ୍ୟ ଅଞ୍ଚଳର ଦେଶମାନଙ୍କ ଅବସ୍ଥିତି ଚିହ୍ନଟ କର ।*

## ଯୁଦ୍ଧର ଫଳାଫଳ:

୧୯୧୪ ମସିହାର ବିଶ୍ୱଯୁଦ୍ଧ ଏ ଯାବତ୍ ପୃଥିବୀର ସବୁଠାରୁ ବଡ଼ ବିପର୍ଯ୍ୟୟାତ୍ମକ ଘଟଣା ଏବଂ ପୂର୍ବରୁ ଘଟିଥିବା ସମସ୍ତ ଯୁଦ୍ଧ ତୁଳନାରେ ଏହା ସବୁଠାରୁ ଅଧିକ ବିଭୀଷିକାପୂର୍ଣ୍ଣ ଓ ବିନାଶକାରୀ ଥିଲା । ପ୍ରାୟ ୩୬ଟି ରାଷ୍ଟ୍ର ଏହି ଯୁଦ୍ଧରେ ଯୋଗ ଦେଇଥିଲେ । ଦୁଇପକ୍ଷରୁ ମିଶି ପ୍ରାୟ ୬୫୦ ଲକ୍ଷରୁ ଅଧିକ ଲୋକ ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ ଏବଂ ସେଥିରୁ ପ୍ରାୟ ୧୩୦ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଥିଲେ, ୨୨୦ ଲକ୍ଷରୁ ଅଧିକ ଆଘାତପ୍ରାପ୍ତ ହୋଇଥିଲେ ଓ ୭୦ ଲକ୍ଷରୁ ଅଧିକ ସେମାନଙ୍କ ଅଙ୍ଗ ପ୍ରତ୍ୟଙ୍ଗ ହରାଇଥିଲେ । ଏହା ଥିଲା ପ୍ରଥମ ଯୁଦ୍ଧ ଯେଉଁଥିରେ ଟ୍ୟାଙ୍କ୍, ଉଡ଼ାଜାହାଜ, ବୁଡ଼ାଜାହାଜ, ବିଷାକ୍ତ ବାଷ୍ପ ଓ ଆକାଶରୁ ନିକ୍ଷେପ ହେଉଥିବା ବୋମା ଭଳି ନୂତନ ଓ ଆଧୁନିକ ଅସ୍ତ୍ରଶସ୍ତ୍ର ବହୁ ସଂଖ୍ୟାରେ ପ୍ରୟୋଗ କରାଯାଇଥିଲା ।

ଏହି ବିଶ୍ୱଯୁଦ୍ଧର ବହୁ ସୁଦୂର ପ୍ରସାରୀ ପରିଣାମ ଅନେକ ରାଷ୍ଟ୍ରର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅବସ୍ଥାକୁ ପ୍ରଭାବିତ କରିଥିଲା ।



**(ଯୁଦ୍ଧ ସମୟର ଉଡ଼ାଜାହାଜ)**

## ୧. ରାଜନୈତିକ ପରିଣାମ :

**(କ) ରାଜତନ୍ତ୍ର ଶାସନର ଲୋପ :** ପ୍ରଥମ ବିଶ୍ୱଯୁଦ୍ଧ ଇଉରୋପ ତଥା ଅନ୍ୟାନ୍ୟ ମହାଦେଶମାନଙ୍କର ଅନେକ ଦେଶଗୁଡ଼ିକରେ ସ୍ୱେଚ୍ଛାଚାରୀ ଓ ରାଜତନ୍ତ୍ର ଶାସନର ଲୋପ ଘଟାଇଥିଲା । ଏହି ଯୁଦ୍ଧ ଫଳରେ ଜର୍ମାନୀର ହୋଏନ୍‌ଜୋଲେର୍ଣ୍ଣ, ଅଷ୍ଟ୍ରିଆର ହାପ୍‌ସ୍‌ବର୍ଗ ଏବଂ ରୁଷିଆର ରୋମାନୋଭ ଭଳି ପୁରାତନ ତଥା ମହାନ ରାଜବଂଶଗୁଡ଼ିକର ପତନ ହୋଇଥିଲା । ପରେ ୧୯୨୨ ନଭେମ୍ବର ମାସରେ ତୁର୍କୀର ସୁଲ୍‌ତାନ ଆତ୍ମସମର୍ପଣ କରି ରାଜଗାଦି ପରିତ୍ୟାଗ କରିବା ଦ୍ୱାରା ତୁର୍କୀର ଉସ୍‌ମାନୀ ରାଜବଂଶ ଶାସନର ସମାପ୍ତି ଘଟିଲା ଏବଂ ୧୯୨୩ ଅକ୍ଟୋବର ମାସରେ ଖଲିଫା ପଦର ଉଚ୍ଛେଦ ହେଲା । ଏହା ବ୍ୟତୀତ ପୋଲାଣ୍ଡ, ବୁଲ୍‌ଗେରିଆ, ଚେକୋସ୍ଲୋଭାକିଆ ଓ ଫିନ୍‌ଲାଣ୍ଡରେ ଏକଛତ୍ରବାଦୀ ଶାସନର ଅନ୍ତ ଘଟିଲା । ଇଂଲାଣ୍ଡ, ସ୍ପେନ୍, ଗ୍ରୀସ୍ ଓ ରୁମାନିଆରେ ପାରମ୍ପରିକ ରାଜତନ୍ତ୍ରର ମୂଳୋତ୍ପାଟନ ହୋଇପାରି ନ ଥିଲେ ସୁଦ୍ଧା ଏହି ଦେଶଗୁଡ଼ିକର ଶାସନ ବ୍ୟବସ୍ଥା ଓ ଢାଞ୍ଚାରେ ପ୍ରଭୂତ ଗଣତାନ୍ତ୍ରିକ ନୀତି ନିୟମ ଅନୁସୃତ ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧର ଠିକ୍ ପରେ ପରେ ଏହି ଦେଶଗୁଡ଼ିକରେ ସରକାର ଗଠନରେ ଗଣତାନ୍ତ୍ରିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

**ତୁମେ ଜାଣିଛ କି ?**


***ଜର୍ମାନୀରେ ହୋଏନ୍‌ଜୋଲେର୍ଣ୍ଣ ବଂଶର ଶେଷ ଶାସକ ଥିଲେ କାଇଜର ଦ୍ୱିତୀୟ ଉଇଲିୟମ୍ । ଅଷ୍ଟ୍ରିଆରେ ହାପ୍‌ସ୍‌ବର୍ଗ ବଂଶର ଶେଷ ଶାସକ ଥିଲେ ସମ୍ରାଟ୍ ଫ୍ରାନ୍‌ସିସ୍ ଜୋସେଫ୍ । ରୁଷିଆରେ ରୋମାନୋଭ ବଂଶର ଶେଷ ଶାସକ ଥିଲେ ଜାର୍ ଦ୍ୱିତୀୟ ନିକୋଲାସ୍ ଏବଂ ତୁର୍କୀରେ ଶେଷ ସୁଲ୍‌ତାନ୍ ଥିଲେ ଷଷ୍ଠ ମହମ୍ମଦ ୱାହିଦଲ୍-ଦିନ୍ ଓ ଶେଷ ଖଲିଫା ଥିଲେ ଅବ୍‌ଦ୍ ଅଲ୍ ମଜିଦ୍ ।***

**(ଖ) ଗଣତନ୍ତ୍ରର ବିକାଶ :** କେନ୍ଦ୍ରଶକ୍ତି ବିରୋଧରେ ମିତ୍ରଶକ୍ତିର ଯୁଦ୍ଧୋତ୍ତର ଘୋଷଣା ଲୋକମାନଙ୍କୁ ଗଣତନ୍ତ୍ର ପ୍ରତି ପ୍ରେରଣା ପ୍ରଦାନ କଲା । ଯୁଦ୍ଧ ଶେଷ ହେବା ପରେ ଇଉରୋପ୍‌ର ପ୍ରାୟ ଅଧିକାଂଶ ଦେଶରେ ରାଜତନ୍ତ୍ର ସ୍ଥାନରେ ଗଣତାନ୍ତ୍ରିକ ସରକାର ଗଠିତ ହେଲା । ପରାଜୟ ପରେ ଜର୍ମାନୀର ଅଧିବାସୀମାନେ ଗଣତାନ୍ତ୍ରିକ ଆବେଗରେ ଏତେ ଉତ୍ସାହିତ ହୋଇଯାଇଥିଲେ ଯେ ସେମାନେ ତାଙ୍କ ଦେଶରେ ରାଜତନ୍ତ୍ରର ସମାପ୍ତି ଘୋଷଣା କରି ସାଧାରଣତନ୍ତ୍ର ପ୍ରତିଷ୍ଠା କଲେ । ଏହା ଜର୍ମାନୀର ଏକତ୍ରୀକରଣ ପରେ ପ୍ରଥମ ସାଧାରଣତନ୍ତ୍ରୀୟ ସରକାର ଥିଲା । ଅନ୍ୟ ଦେଶଗୁଡ଼ିକ ଜର୍ମାନୀକୁ ଅନୁସରଣ କଲେ । ପ୍ରଥମ ବିଶ୍ୱଯୁଦ୍ଧ ପରେ ପ୍ରତିଷ୍ଠିତ ହୋଇଥିବା ସାଧାରଣତନ୍ତ୍ର ରାଷ୍ଟ୍ରଗୁଡ଼ିକ ହେଲେ ରୁଷିଆ, ଚେକୋସ୍ଲୋଭାକିଆ, ଜର୍ମାନୀ, ଅଷ୍ଟ୍ରିଆ, ପୋଲାଣ୍ଡ, ଲିଥୁଆନିଆ, ଫିନ୍‌ଲାଣ୍ଡ, ତୁର୍କୀ ପ୍ରଭୃତି ।

***ତୁମ ପାଇଁ କାମ :***

***ପ୍ରଥମ ବିଶ୍ୱଯୁଦ୍ଧ ପରେ ଜର୍ମାନୀରେ ହୋଇଥିବା ରାଜନୈତିକ ଅବସ୍ଥାର ପରିବର୍ତ୍ତନ ଗୁଡ଼ିକ ସଂକ୍ଷେପରେ ବର୍ଣ୍ଣନ କର ।***

**(ଗ) ଆନ୍ତର୍ଜାତିକତାବାଦର କ୍ରମ ବିକାଶ :** ପ୍ରଥମ ବିଶ୍ୱଯୁଦ୍ଧର ବିନାଶକାରୀ ପରିଣାମ ବିଭିନ୍ନ ରାଷ୍ଟ୍ରମାନଙ୍କର ଆଖି ଖୋଲିଦେଲା । ପରସ୍ପର ମଧ୍ୟରେ ସହଯୋଗ ଓ ବନ୍ଧୁତା ବିନା ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା ହୋଇପାରିବନାହିଁ ବୋଲି ସେମାନେ ଉପଲବ୍ଧି କଲେ । ସମସ୍ୟାଗୁଡ଼ିକର ସମାଧାନ ପାଇଁ ଯୁଦ୍ଧ ଏକମାତ୍ର ବିକଳ୍ପ ପନ୍ଥା ନୁହେଁ ବୋଲି ମଧ୍ୟ ସେମାନେ ଅନୁଭବ କଲେ । ଏହିପରି ରାଷ୍ଟ୍ରମାନଙ୍କ ମଧ୍ୟରେ ଆନ୍ତର୍ଜାତିକତାବାଦର ବିକାଶ ଘଟିବା ଫଳରେ ଭବିଷ୍ୟତରେ ଏଭଳି ଯୁଦ୍ଧର ଆଶଙ୍କାକୁ ଦୂର କରି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଅବଲମ୍ବନ କରିବା ଉଦ୍ଦେଶ୍ୟରେ ୧୯୧୯ ମସିହାରେ ପ୍ୟାରିସ୍ ଶାନ୍ତି ସମ୍ମିଳନୀ ଆହୂତ ହୋଇଥିଲା । ଫ୍ରାନ୍ସ ପ୍ରଧାନମନ୍ତ୍ରୀ କ୍ଲିମେନ୍ସୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବସ୍ତୁତଃ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଉଡ୍ରୋ ଉଇଲ୍‌ସନ୍, ଇଂଲାଣ୍ଡର ପ୍ରଧାନମନ୍ତ୍ରୀ ଲଏଡ୍ ଜର୍ଜ ଓ କ୍ଲିମେନ୍ସୁ ସମସ୍ତ ନିଷ୍ପତ୍ତି ନିର୍ଦ୍ଧାରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିଗୁଡ଼ିକ ମଧ୍ୟରେ ସବୁଠାରୁ ଦୀର୍ଘ ଓ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ଥିଲା ଫ୍ରାନ୍ସର ଭର୍ସାଇଠାରେ ଜର୍ମାନୀ ସହିତ ସ୍ୱାକ୍ଷରିତ ହୋଇଥିବା ଭର୍ସାଇ ଚୁକ୍ତି (Treaty of Versailles) । ଏହି ଚୁକ୍ତିର ସର୍ତ୍ତଗୁଡ଼ିକ ଏକ ତରଫା, ନିର୍ଦ୍ଦେଶାତ୍ମକ ଓ ଅପମାନଜନକ ହୋଇଥିବାରୁ ଏହା ଜର୍ମାନୀରେ ପ୍ରତିଶୋଧପରାୟଣତା ସୃଷ୍ଟି କଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ କାରଣ ହେଲା । ଏ ଚୁକ୍ତି ବ୍ୟତୀତ ପ୍ୟାରିସ୍‌ଠାରେ ଅଷ୍ଟ୍ରିଆ ସହିତ ସେଣ୍ଟ ଜର୍ମେନ୍ ଚୁକ୍ତି, ହଙ୍ଗେରୀ ସହିତ ଟ୍ରାଏନନ୍ ଚୁକ୍ତି, ବୁଲଗେରିଆ ସହିତ ନିଉଲି ଚୁକ୍ତି ଏବଂ ତୁର୍କୀ ସହିତ ସେଭର୍ସ ଓ ଲସେନ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍‌ଙ୍କ ପ୍ରସ୍ତାବ ଅନୁଯାୟୀ ରାଷ୍ଟ୍ରମାନଙ୍କ ସମସ୍ୟାଗୁଡ଼ିକୁ ପରସ୍ପର ମଧ୍ୟରେ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସ୍ଥାୟୀ ଭାବରେ ଏକ ଅନ୍ତର୍ଜାତିକ ଅନୁଷ୍ଠାନ ପ୍ରତିଷ୍ଠା କରିବାପାଇଁ ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା । ଏହି ନିଷ୍ପତ୍ତିର ଫଳ ସ୍ୱରୂପ ଜାତିସଂଘ (League of Nations) ସୃଷ୍ଟି ହେଲା ।



**(ଉଡ୍ରୋ ଉଇଲ୍‌ସନ୍)**

> **ତୁମେ ଜାଣିଛ କି ?**
>
> *୧୯୧୯ ଜାନୁଆରୀ ୧୮ ତାରିଖରେ ଆହୂତ ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ କେବଳ ବିଜୟୀ ରାଷ୍ଟ୍ର ଓ ସେମାନଙ୍କ ସହଯୋଗୀ ରାଷ୍ଟ୍ରର ପ୍ରତିନିଧିମାନେ ଯୋଗ ଦେଇଥିଲେ ।*

**(ଘ) ଜାତୀୟତାବାଦର ବିକାଶ :** ପ୍ରଥମ ବିଶ୍ୱଯୁଦ୍ଧପରେ ଜାତୀୟତାବାଦ ଉପରେ ଆଧାରିତ ଚିନ୍ତାଧାରାକୁ ବିଶେଷ ଗୁରୁତ୍ୱ ଦିଆଗଲା ଏବଂ ସମଗ୍ର ଇଉରୋପରେ ଜାତୀୟତାବାଦର ବିକାଶ ଘଟିଲା । କୌଣସି ନୂତନ ରାଷ୍ଟ୍ର ଗଠନ କରିବାକୁ ନିଷ୍ପତ୍ତି ନେବାବେଳେ ସଂପୃକ୍ତ ଅଞ୍ଚଳର ଭାଷା, ଧର୍ମ, ସଭ୍ୟତା, ସଂସ୍କୃତି, ଜୀବନଯାପନ ପ୍ରଣାଳୀ, ପ୍ରଥା ଓ ପରମ୍ପରାକୁ ବିଚାରକୁ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଲା । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲ୍‌ସନ୍ ପ୍ୟାରିସ୍ ସମ୍ମିଳନୀରେ ଆତ୍ମ-ସିଦ୍ଧାନ୍ତ (Self-determination) ଓ ଆତ୍ମ-ନିଷ୍ପତ୍ତି (Self-decision) ନୀତି ଉପରେ ଗୁରୁତ୍ୱ ଦେଇଥିଲେ । ସେ ସେଠାରେ ଉପସ୍ଥାପନ କରିଥିବା ତାଙ୍କର ଚଉଦ ସୂତ୍ରୀ କାର୍ଯ୍ୟକ୍ରମରେ ପ୍ରତ୍ୟେକ ରାଷ୍ଟ୍ରକୁ ଆତ୍ମ-ସିଦ୍ଧାନ୍ତର ଅଧିକାର ଦିଆଯିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ ।

> **ତୁମେ ଜାଣିଛ କି ?**
>
> *ଭବିଷ୍ୟତ ବିଶ୍ୱଶାନ୍ତି ପାଇଁ ଭିତ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଉଡ୍ରୋ ଉଇଲ୍‌ସନ୍ ଚଉଦଟି ସୂତ୍ରର ବୟାନ କରିଥିଲେ । ଶକ୍ତିମତ୍ତା ଓ ଦୁର୍ବଳତା ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଓ ଜାତୀୟତା ପ୍ରତି ଏବଂ ସମସ୍ତଙ୍କ ପାଇଁ ସମାନ ସ୍ୱାଧୀନତା ଓ ନିରାପତ୍ତାର ସର୍ତ୍ତ ରଖି ସମସ୍ତଙ୍କର ପରସ୍ପର ସହିତ ବଞ୍ଚିବାର ଅଧିକାର ପ୍ରତି ନିରପେକ୍ଷ ନୀତି ଅବଲମ୍ବନ କରିବା ଏହି ଚଉଦ ସୂତ୍ରୀ କାର୍ଯ୍ୟକ୍ରମର ଲକ୍ଷ୍ୟଥିଲା ।*

ଏହି ମତର ଭିତ୍ତିରେ ପ୍ୟାରିସ୍ ଶାନ୍ତି ସମ୍ମିଳନୀର ଅବ୍ୟବହିତପରେ ଆଠୋଟି ନୂତନ ରାଷ୍ଟ୍ର ଗଠିତ ହୋଇଥିଲା । ସେଗୁଡ଼ିକ ହେଲା ଚେକୋସ୍ଲୋଭାକିଆ, ଯୁଗୋସ୍ଲୋଭିଆ, ହଙ୍ଗେରୀ, ପୋଲାଣ୍ଡ, ଫିନ୍‌ଲାଣ୍ଡ, ଲିଥୁଆନିଆ, ଇଷ୍ଟୋନିଆ ଓ ଲାଟିଭିଆ ।

> **ତୁମେ ଜାଣିଛ କି ?**
>
> *ବର୍ତ୍ତମାନ ଚେକୋସ୍ଲୋଭିଆ ନାମରେ କୌଣସି ଦେଶ ନାହିଁ । ଚେକୋସ୍ଲୋଭାକିଆ ୧୯୯୩ ଜାନୁଆରୀ ୧ ତାରିଖରେ ଚେକ୍ ସାଧାରଣତନ୍ତ୍ର ଓ ସ୍ଲୋଭାକିଆ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ରରେ ବିଭାଜିତ ଏବଂ ଯୁଗୋସ୍ଲୋଭିଆ ବିଭାଜିତ ହୋଇ ୧୯୯୨ ଏପ୍ରିଲ ୨୭ରୁ ସର୍ବିଆ ସ୍ୱାଧୀନ ରାଷ୍ଟ୍ର ଓ ୨୦୦୬ ଜୁନ୍ ୩ରୁ ମଣ୍ଟେନିଗ୍ରୋ ସ୍ୱାଧୀନ ରାଷ୍ଟ୍ର ଗଠିତ ହୋଇଛି ।*

## ୨. ଅର୍ଥନୈତିକ ପରିଣାମ:

ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁଁ ହୋଇଥିବା ବିପୁଳ ପରିମାଣର ଆର୍ଥିକ କ୍ଷତି, ଅପଚୟ ଓ ବିନାଶ ଉଭୟ ବିଜେତା ଓ ବିଜିତ ରାଷ୍ଟ୍ରମାନଙ୍କ ଅର୍ଥନୈତିକ ଅବସ୍ଥା ଉପରେ ବିଶେଷ କ୍ଷୟକାରୀ ପ୍ରଭାବ ପକାଇଥିଲା । ଉଭୟ ପକ୍ଷ ଯୁଦ୍ଧରେ ବହୁ ଅର୍ଥ ଖର୍ଚ୍ଚ କରିଥିଲେ । ଏହି ଯୁଦ୍ଧରେ ପ୍ରତ୍ୟକ୍ଷଭାବେ ପ୍ରାୟ ଶହେ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପରୋକ୍ଷଭାବେ ହୋଇଥିବା ଖର୍ଚ୍ଚର ଅଟକଳ କରିବା ସମ୍ଭବ ହୋଇ ପାରିନାହିଁ । ବିଶ୍ୱଯୁଦ୍ଧ ଫଳରେ ରାଷ୍ଟ୍ରମାନଙ୍କର ଅର୍ଥନୀତି କିଭଳି ବିପର୍ଯ୍ୟସ୍ତ ହୋଇଥିଲା ତାହା ନିମ୍ନରେ ଦିଆଗଲା ।

**(କ) ଅର୍ଥନୈତିକ ବିକାଶର ବାଧା:** ଯୁଦ୍ଧରତ ରାଷ୍ଟ୍ରମାନଙ୍କରେ ସରକାର ସମସ୍ତ ଟଙ୍କା ଯୁଦ୍ଧରେ ଖଟାଇବାରୁ ସେହି ରାଷ୍ଟ୍ରଗୁଡ଼ିକରେ ଶିଳ୍ପ, ବ୍ୟବସାୟ, କୃଷି ଓ ବାଣିଜ୍ୟର ବିକାଶ ବାଧାପ୍ରାପ୍ତ ହେଲା । ଫଳରେ ଅନେକାଂଶରେ ଉତ୍ପାଦନ ହ୍ରାସ ପାଇଲା । ଲୋକମାନଙ୍କ ଚାହିଦା ମେଣ୍ଟାଇବାପାଇଁ ସରକାରଙ୍କୁ ଅତ୍ୟାବଶ୍ୟକ ଜିନିଷଗୁଡ଼ିକ ଅନ୍ୟ ଦେଶରୁ ଆମଦାନୀ କରିବାକୁ ପଡ଼ିଲା । ସମସ୍ତ ଜିନିଷର ଦର ବହୁ ପରିମାଣରେ ବୃଦ୍ଧି ପାଇଲା । ଏହା ଲୋକଙ୍କ ଆର୍ଥିକ ଅବସ୍ଥାକୁ ଆହୁରି ଦୁର୍ବଳ କଲା । ସେମାନଙ୍କୁ ବହୁ ଦୁଃଖ କଷ୍ଟରେ ଜୀବନ ବିତାଇବାକୁ ପଡ଼ିଲା ।

**(ଖ) ମୁଦ୍ରାସ୍ଫୀତି :** ଭାରିସଂଖ୍ୟାର ଋଣଯୋଗୁଁ ରାଷ୍ଟ୍ରମାନଙ୍କୁ ବହୁ ପରିମାଣର କାଗଜଟଙ୍କା ପ୍ରଚଳନ କରିବାକୁ ପଡ଼ିଲା । ଏହା ଫଳରେ ମୁଦ୍ରାସ୍ଫୀତି ଘଟିଲା । ଟଙ୍କାର ମୂଲ୍ୟ ହ୍ରାସ ପାଇଲା ଓ ଜିନିଷପତ୍ରର ଦରଦାମ ବୃଦ୍ଧି ପାଇଲା । ସରକାରଙ୍କ ଦ୍ୱାରା ଗୃହୀତ ଅର୍ଥନୀତି ଲୋକଙ୍କ ସମସ୍ୟା ଓ ଦୁଃଖକୁ ଅଧିକ ଉତ୍କଟ କଲା ।

**(ଗ) ଟିକସର ବୋଝ :** ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଅନେକ ଦେଶରେ ସରକାର ବିଭିନ୍ନ ପ୍ରକାର ଟିକସ ବସାଇଲେ । ଭୟଙ୍କର ଆର୍ଥିକ ଦୁରବସ୍ଥାରୁ କଷ୍ଟ ପାଉଥିବା ଲୋକମାନଙ୍କ ପାଇଁ ଏହା ବୋଝ ଉପରେ ନଳିତାବିଡ଼ା ସଦୃଶ ଥିଲା । ଅତିମାତ୍ରାରେ ଟିକସର ବୋଝ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କଲା ।

## ୩. ସାମାଜିକ ପରିଣାମ:

ପ୍ରଥମ ବିଶ୍ୱଯୁଦ୍ଧ ଫଳରେ ବିଭିନ୍ନ ଦେଶରେ କେତେକ ଉଲ୍ଲେଖନୀୟ ସାମାଜିକ ପରିବର୍ତ୍ତନ ଘଟିଥିଲା । ଏହି ପରିବର୍ତ୍ତନଗୁଡ଼ିକ ମଧ୍ୟରୁ କେତେକ ଗଠନ ମୂଳକ ହୋଇଥିବାବେଳେ ଅନ୍ୟ କେତେକ ହାନିକାରକ ଓ ନକରାତ୍ମକ ମଧ୍ୟ ଥିଲା ।

### (କ) ମହିଳାମାନଙ୍କ ଜୀବନରେ ପରିବର୍ତ୍ତନ :

ଯୁଦ୍ଧ ଅଗ୍ରସର ହେବା ସଙ୍ଗେ ଶତ୍ରୁ ବିପକ୍ଷରେ ଲଢ଼େଇ କରିବାପାଇଁ ଏବଂ ଯୁଦ୍ଧ ସାମଗ୍ରୀ ଉତ୍ପାଦନ କରୁଥିବା କାରଖାନାମାନଙ୍କରେ କାମ କରିବା ପାଇଁ ଅଧିକ ସୈନ୍ୟଙ୍କ ଆବଶ୍ୟକତା ପଡ଼ିଲା । ଏହି ଆବଶ୍ୟକତା ପୂରଣ କରିବା ପାଇଁ ଅନେକ ଲୋକଙ୍କୁ ସେମାନେ ପୂର୍ବରୁ କରୁଥିବା ଚାକିରି ଛାଡ଼ି ସୈନ୍ୟବାହିନୀରେ ଯୋଗ ଦେବାକୁ ପଡ଼ିଲା । ଫଳରେ ଉକ୍ତ ଚାକିରି ଗୁଡ଼ିକରେ ଉପୁଜିଥିବା ଖାଲିସ୍ଥାନଗୁଡ଼ିକ ମହିଳାମାନଙ୍କ ଦ୍ୱାରା ପୂରଣ ହେବାକୁ ପଡ଼ିଲା । ସେତେବେଳ ପର୍ଯ୍ୟନ୍ତ ସମସ୍ତ ଦେଶରେ ମହିଳାମାନେ ଘରର ଚାରି କାନ୍ଥଭିତରେ ଆବଦ୍ଧ ଥିଲେ ଏବଂ ଗୃହୋପଯୋଗୀ କର୍ତ୍ତବ୍ୟଛଡ଼ା ଆଉ କିଛି ଜାଣି ନ ଥିଲେ । କିନ୍ତୁ ଯୁଦ୍ଧ ଫଳରେ ହଠାତ୍ ଅବସ୍ଥାର ପରିବର୍ତ୍ତନ ଘଟିଲା । ମହିଳାମାନେ କାରଖାନା ଓ କାର୍ଯ୍ୟାଳୟମାନଙ୍କରେ କାମକରିବା ଆରମ୍ଭ କରିଦେଲେ । ମହିଳାମାନଙ୍କ ପାଇଁ କାର୍ଯ୍ୟର ସୁଯୋଗ ବୃଦ୍ଧି ପାଇଲା ଏବଂ ସେମାନେ ନିଜର ପ୍ରାଧାନ୍ୟ ଉପଲବ୍ଧି କଲେ । ସେମାନେ ଦେଶର ଅର୍ଥନୈତିକ ବିକାଶ ପାଇଁ ଅନେକ କାମ କଲେ ଏବଂ ରାଜନୈତିକ ଆନ୍ଦୋଳନଗୁଡ଼ିକରେ ସକ୍ରିୟ ଅଂଶ ଗ୍ରହଣ କଲେ । ସେମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଓ ସାହସ ବୃଦ୍ଧି ପାଇଲା । ସେମାନେ ପୁରୁଷମାନଙ୍କ ସହିତ ସମାନ ମର୍ଯ୍ୟାଦା ଓ ସାମାଜିକ ସ୍ଥିତି ଦାବି କଲେ । ପୁରୁଷମାନେ ଉପଭୋଗ କରୁଥିବା ସମସ୍ତ ସୁବିଧାସୁଯୋଗ ଓ ଅଧିକାର ସେମାନଙ୍କୁ ମଧ୍ୟ ଦେବାପାଇଁ ଦାବି କଲେ । ଏହିପରି ଭାବରେ ପ୍ରଥମ ବିଶ୍ୱଯୁଦ୍ଧ ପରେ ମହିଳାମାନଙ୍କ ଜୀବନରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା ଏବଂ ସାମାଜିକ ସ୍ଥିତିର ବହୁଳଭାବେ ଉନ୍ନତି ଘଟିଲା ।

*ତୁମ ପାଇଁ କାମ :*

***ଭାରତରେ ମହିଳାମାନଙ୍କ ସଶକ୍ତୀକରଣ ପାଇଁ ନିଆଯାଇଥିବା କେତେକ ମୁଖ୍ୟ ବ୍ୟବସ୍ଥାଗୁଡ଼ିକ ସମ୍ବନ୍ଧରେ ଏକ କ୍ଷୁଦ୍ର ପ୍ରବନ୍ଧ ଲେଖ ।***

### (ଖ) ବର୍ଣ୍ଣଗତ ତିକ୍ତତା ଦୂରୀକରଣ :

ବର୍ଣ୍ଣଗତ ତିକ୍ତତା ଦୂରୀକରଣରେ ପ୍ରଥମ ବିଶ୍ୱଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଯୁଦ୍ଧ ପୂର୍ବରୁ ଇଂଲାଣ୍ଡର ଲୋକମାନେ କଳା, ଗୋରା ବର୍ଣ୍ଣଗତ ବୈଷମ୍ୟ ପାଇଁ ଭାରତ ଓ ଆଫ୍ରିକାର ଲୋକମାନଙ୍କୁ ଘୃଣା କରୁଥିଲେ । ବର୍ଣ୍ଣ ଭିତ୍ତିରେ ଜର୍ମାନ ଓ ଫରାସୀମାନେ ନିଜକୁ ଅନ୍ୟଦେଶର ଅଧିବାସୀମାନଙ୍କଠାରୁ ଉତ୍କୃଷ୍ଟ ବୋଲି ମନେକରୁଥିଲେ । କିନ୍ତୁ ଯୁଦ୍ଧପରେ ପରିସ୍ଥିତିର ପରିବର୍ତ୍ତନ ହେଲା । ଯୁଦ୍ଧରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରାୟ ସମସ୍ତ ଜାତି ଓ ବର୍ଣ୍ଣର ଲୋକମାନେ ସକ୍ରିୟ ଭାଗ ନେଇଥିଲେ । ଭାରତ ଓ ଆଫ୍ରିକାର ସୈନ୍ୟମାନେ ଇଂଲାଣ୍ଡ ସୈନ୍ୟବାହିନୀ ସହିତ ମିଶି ଲଢ଼ିବାରୁ ସେମାନେ ଇଂଲାଣ୍ଡର ସହାନୁଭୂତି ପାଇଲେ । ସେମାନଙ୍କ ମଧ୍ୟରେ ଥିବା ଜାତିଗତ ବିଦ୍ୱେଷ ଓ ବର୍ଣ୍ଣଗତ ତିକ୍ତତା ହ୍ରାସ ପାଇଲା ।

**(ଗ) ଶ୍ରମିକ ଶ୍ରେଣୀର ପୁନରୁତ୍ଥାନ :** ଶ୍ରମିକମାନେ ଯୁଦ୍ଧ ସମୟରେ ବହୁ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସାମଗ୍ରୀ ଉତ୍ପାଦନରେ ଅଂଶ ଗ୍ରହଣ କରି ସେମାନଙ୍କ ପାଇଁ ଦେଶର ରାଜନୀତିରେ ଏକ ବିଶିଷ୍ଟ ସ୍ଥାନ ଲାଭ କରିପାରିଥିଲେ । ଯୁଦ୍ଧ ଶେଷହେବା ପରେ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ନିଜ ଦେଶର ସରକାରଙ୍କ ନିକଟରେ ଦାବି କଲେ । ବ୍ୟବସାୟ ତଥା ଦେଶର ଶାସନରେ ସେମାନଙ୍କ ଭୂମିକା ନିର୍ଦ୍ଧାରଣ କରିବା ପାଇଁ ମଧ୍ଯ ଦାବି କଲେ । ସେମାନଙ୍କ ଦାବି ପୂରଣ ଉଦ୍ଦେଶ୍ୟରେ ଯୁଦ୍ଧ ସମାପ୍ତି ପୂର୍ବରୁ ଆରମ୍ଭ ହୋଇଥିବା ଶ୍ରମିକ ସଂଘ ଆନ୍ଦୋଳନକୁ ସଫଳ କରିବା ପାଇଁ ସମସ୍ତ ଶକ୍ତି ଖଟାଇଲେ । ଏହିପରି ଶ୍ରମିକ ଶ୍ରେଣୀର ପୁନରୁତ୍ଥାନ ବିଶ୍ୱଯୁଦ୍ଧର ଏକ ଗୁରୁତ୍ୱପୂର୍ଣ୍ଣ ପରିଣାମ ଥିଲା ।

**(ଘ) ଶିକ୍ଷାର ପ୍ରଗତିରେ ଶିଥିଳତା :** ପ୍ରଥମ ବିଶ୍ୱଯୁଦ୍ଧର ଏକ ନକାରାତ୍ମକ ପରିଣାମ ସ୍ୱରୂପ ଦେଶଗୁଡ଼ିକରେ ଶିକ୍ଷାର ପ୍ରଗତି ଶିଥିଳ ହୋଇ ଯାଇଥିଲା । ଯୁଦ୍ଧ କ୍ଷେତ୍ରରେ ଲଢ଼େଇ କରିବା ପାଇଁ ସୈନ୍ୟମାନଙ୍କ ଆବଶ୍ୟକତା ବୃଦ୍ଧି ପାଇବା ଯୋଗୁଁ ବହୁ ସଂଖ୍ୟକ ବିଦ୍ୟାର୍ଥୀ ସୈନ୍ୟବାହିନୀରେ ଯୋଗଦେଲେ । ସମସ୍ତଙ୍କ ପାଇଁ ସାମରିକ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେଲା । ବିଦ୍ୟାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇବା ଯୋଗୁଁ ଅନେକଗୁଡ଼ିଏ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଗଲା । ଏହିପରି ପ୍ରଥମ ବିଶ୍ୱଯୁଦ୍ଧ ଶିକ୍ଷାର ପ୍ରଗତି ଉପରେ ପ୍ରତିକୂଳ ପ୍ରଭାବ ପକାଇଲା ।

## ୪. ବୈଜ୍ଞାନିକ ପରିଣାମ :

ପ୍ରଥମ ବିଶ୍ୱଯୁଦ୍ଧରେ ମହାନ୍ ବୈଜ୍ଞାନିକମାନଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା ବିଭିନ୍ନ ପ୍ରକାର ସରଞ୍ଜାମ ଓ ଯନ୍ତ୍ରପାତିର ବିନାଶକାରୀ ଲକ୍ଷଣଗୁଡ଼ିକ ମୁକ୍ତଭାବରେ ପ୍ରଦର୍ଶିତ ହେଲା ।ଏ ଯୁଦ୍ଧରେ ଉଡ଼ାଜାହାଜ, ବୁଡ଼ାଜାହାଜ, ବୋମା ଓ ବିଷାକ୍ତ ଗ୍ୟାସ୍‌ର ବ୍ୟବହାର ପ୍ରଥମ ଥର ପାଇଁ କରାଯାଇଥିଲା । ବିଜ୍ଞାନକ୍ଷେତ୍ରରେ ଅଧିକ ଆବିଷ୍କାର ଓ ଉଦ୍ଭାବନ କରିବାପାଇଁ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିଲା । ବିଜ୍ଞାନର ବିକାଶ ତଥା ଆଧୁନିକ ବୈଜ୍ଞାନିକ ଉପକରଣ ନିର୍ମାଣ କରିବା ପାଇଁ ଦେଶମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତାମୂଳକ ମନୋଭାବ ଜାଗ୍ରତ ହେଲା ।

## ୫. ସାଂସ୍କୃତିକ ପରିଣାମ :

ସାଂସ୍କୃତିକ କ୍ଷେତ୍ରରେ ପ୍ରଥମ ବିଶ୍ୱଯୁଦ୍ଧର ପରିଣାମ ନକାରାତ୍ମକ ଥିଲା । ଏହି ଯୁଦ୍ଧରେ ଅନେକ ସାହିତ୍ୟିକ, ଐତିହାସିକ, ବୈଜ୍ଞାନିକ, କଳାକାର ପ୍ରଭୃତି ଜୀବନ ହରାଇଲେ । ଫଳରେ ଦେଶମାନଙ୍କରେ ସାଂସ୍କୃତିକ ପ୍ରଗତି ବାଧାପ୍ରାପ୍ତ ହେଲା । ଏହାଛଡ଼ା ସାଂସ୍କୃତିକ ଦୃଷ୍ଟିକୋଣରୁ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ତଥା ଦେଶର ଐତିହ୍ୟ ବହନ କରୁଥିବା ଅନେକ ସୁନ୍ଦର ଅଟ୍ଟାଳିକା ଏବଂ ସାଂସ୍କୃତିକ ବିକାଶରେ ସାହାଯ୍ୟ କରୁଥିବା ବିଦ୍ୟାଳୟ, ପ୍ରେକ୍ଷାଳୟ, ଚିକିତ୍ସାଳୟ, ରେଳପଥ, ସଡ଼କପଥ, ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ଧ୍ୱଂସ ପାଇଲା । ଏହିପରିଭାବେ ବିଶ୍ୱଯୁଦ୍ଧ ବିଶ୍ୱସଂସ୍କୃତିର ବହୁ ପରିମାଣର କ୍ଷତି ସାଧନ କଲା ।

ପ୍ରୋକ୍ତ ବର୍ଣ୍ଣନାରୁ ଜଣାଯାଏ ଯେ ପ୍ରଥମ ବିଶ୍ୱଯୁଦ୍ଧ ପୃଥିବୀ ଇତିହାସର ଏକ ଯୁଗାନ୍ତକାରୀ ଘଟଣା । ଏଥିପାଇଁ ଯୁଦ୍ଧରେ ଉଭୟ ବିଜେତା ଓ ବିଜିତଙ୍କୁ ଅନେକ ପରିମାଣରେ ଅର୍ଥହାନି ଓ ଜୀବନହାନି ସହିବାକୁ ପଡ଼ିଥିଲା । ଯୁଦ୍ଧ ପରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନୁଷ୍ଠିତ ପ୍ୟାରିସ୍ ସନ୍ଧିଗୁଡ଼ିକରେ ନିଷ୍ପତ୍ତି ହୋଇଥିବା କ୍ଷତି ପୂରଣରେ ବିଜେତା ରାଷ୍ଟ୍ରମାନେ ସନ୍ତୁଷ୍ଟ ହେଲେ ନାହିଁ । ଅପର ପକ୍ଷରେ ବିଜିତ ରାଷ୍ଟ୍ରମାନେ ସେମାନଙ୍କ ଇଚ୍ଛା ବିରୋଧରେ ନିଷ୍ପତ୍ତିକୁ ମାନିନେବାକୁ ବାଧ୍ୟ ହୋଇଥିଲେ ସୁଦ୍ଧା ପରାଜୟର ପ୍ରତିଶୋଧ ନେବାପାଇଁ ଯୋଜନା ପ୍ରସ୍ତୁତ କଲେ । ସ୍ଥାୟୀଭାବେ ଶାନ୍ତି ପ୍ରତିଷ୍ଠା ହୋଇପାରିଲା ନାହିଁ ଏବଂ ମାତ୍ର କୋଡ଼ିଏ ବର୍ଷ ପରେ ସଂପୃକ୍ତ ରାଷ୍ଟ୍ରମାନଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତାର ଶିକାର ହେବାକୁ ପଡ଼ିଲା ।

*ତୁମ ପାଇଁ କାମ :*

*ପ୍ରଥମ ବିଶ୍ୱଯୁଦ୍ଧ ପରେ ସ୍ଥାୟୀଭାବରେ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାପାଇଁ ଉଦ୍ୟମ କାହିଁକି ସଫଳ ହୋଇ ନ ଥିଲା ତା'ର ଏକ ସମୀକ୍ଷା କର ।*

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ପ୍ରଥମ ବିଶ୍ୱଯୁଦ୍ଧର ପ୍ରମୁଖ କାରଣ ହୋଇଥିବା କୂଟନୈତିକ ଚୁକ୍ତିଗୁଡ଼ିକ ଉଲ୍ଲେଖ କର ?

(ଖ) ପ୍ରଥମ ବିଶ୍ୱଯୁଦ୍ଧର ଆସନ୍ନ କାରଣ ବର୍ଣ୍ଣନ କର ?

(ଗ) ପ୍ରଥମ ବିଶ୍ୱଯୁଦ୍ଧ ଫଳରେ ରାଷ୍ଟ୍ରମାନଙ୍କର ଅର୍ଥନୀତି କି ଭଳି ବିପର୍ଯ୍ୟସ୍ତ ହୋଇଥିଲା ?

(ଘ) ପ୍ରଥମ ବିଶ୍ୱଯୁଦ୍ଧ ପରେ କି ପ୍ରକାର ସାମାଜିକ ପରିବର୍ତ୍ତନ ଘଟିଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଫ୍ରାଙ୍କଫର୍ଟ ସନ୍ଧି ଅନୁଯାୟୀ ଫ୍ରାନ୍ସ କେଉଁ ଦୁଇଟି ପ୍ରଦେଶ ଜର୍ମାନୀକୁ ହସ୍ତାନ୍ତର କରିଥିଲା ?

(ଖ) ୧୮୯୪ ମସିହାରେ କେଉଁ ଦୁଇଟି ଦେଶ ଏକ ସାମରିକ ଚୁକ୍ତି ସ୍ୱାକ୍ଷର କରିଥିଲେ ?

(ଗ) ଉଗ୍ର ଜାତୀୟତାବାଦର ବିକାଶ ଫଳରେ ବିଭିନ୍ନ ଦେଶରେ ଚିନ୍ତାଧାରାରେ କି ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା ?

(ଘ) ଶିଳ୍ପ ବିପ୍ଳବର ଅଗ୍ରଗତି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ରାଷ୍ଟ୍ର କାହିଁକି ସାମ୍ରାଜ୍ୟବାଦ ନୀତି ଅବଲମ୍ବନ କରିଥିଲେ ?

(ଙ) ଜର୍ମାନୀ କାହିଁକି ତୁର୍କୀ ସହିତ ମିତ୍ରତା ସ୍ଥାପନ ପାଇଁ ଆଗ୍ରହୀ ହୋଇଥିଲା ?

(ଚ) ଫ୍ରାନ୍ସ ବ୍ୟତୀତ ସ୍ପେନ୍, ଜର୍ମାନୀ ଓ ଇଟାଲୀ କାହିଁକି ମରକ୍କୋ ଅଧିକାର କରିବାକୁ ବ୍ୟଗ୍ର ଥିଲେ ?

(ଛ) ଅଷ୍ଟ୍ରିଆର ସମ୍ରାଟଙ୍କ ଦ୍ୱାରା ଅଷ୍ଟ୍ରିଆ ସାମ୍ରାଜ୍ୟରେ କେଉଁ ଦୁଇ ରାଜ୍ୟର ମିଶ୍ରଣ ବର୍ଲିନ୍ ମହାସଭା ସର୍ତ୍ତକୁ ଉଲଂଘନ କରିଥିଲା ?

(ଜ) ପ୍ରଥମ ବିଶ୍ୱଯୁଦ୍ଧ ଫଳରେ କେଉଁ ରାଜବଂଶଗୁଡ଼ିକର ଶାସନର ସମାପ୍ତି ଘଟିଥିଲା ?

(ଝ) ପ୍ୟାରିସ୍ ଶାନ୍ତି ସମ୍ମିଳନୀର ଅବ୍ୟବହିତ ପରେ ଗଠିତ ହୋଇଥିବା ଆଠୋଟି ନୂତନ ରାଷ୍ଟ୍ରର ନାମ କ'ଣ ?

(ଞ) ପ୍ରଥମ ବିଶ୍ୱଯୁଦ୍ଧରେ କେଉଁ ଯୁଦ୍ଧ ଉପକରଣଗୁଡ଼ିକ ପ୍ରଥମ ଥର ବ୍ୟବହାର କରାଯାଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କି ଉଦ୍ଦେଶ୍ୟରେ ବିସ୍‌ମାର୍କ ଚୁକ୍ତି ବ୍ୟବସ୍ଥା ଆରମ୍ଭ କରିଥିଲେ ?

(ଖ) କେଉଁ ସ୍ଥାନରେ କାଇଜର ଦ୍ୱିତୀୟ ଉଇଲିଅମ୍ ମରକ୍କୋ ସୁଲତାନଙ୍କୁ ସୁରକ୍ଷା ଯୋଗାଇବେ, ମରକ୍କୋର ସାର୍ବଭୌମ କ୍ଷମତା ବଜାୟ ରଖିବାରେ ସାହାଯ୍ୟ କରିବେ ଏବଂ ସେଠାକାର ବାଣିଜ୍ୟ କ୍ଷେତ୍ରରେ ସବୁ ଦେଶକୁ ସମାନ ସୁଯୋଗ ଦେବେ ବୋଲି ଘୋଷଣା କରିଥିଲେ ?

(ଗ) ୧୯୦୬ ମସିହା ଜାନୁଆରୀ ମାସରେ କେଉଁଠାରେ ଅନୁଷ୍ଠିତ ସମ୍ମିଳନୀରେ ଫ୍ରାନ୍ସ ଶାନ୍ତିପୂର୍ଣ୍ଣ ଉପାୟରେ ଓ ଆନ୍ତର୍ଜାତିକ ନିୟନ୍ତ୍ରଣରେ ମରକ୍କୋରେ କେତେକ ଆର୍ଥିକ ସୁବିଧା ଉପଭୋଗ କରିବ କିନ୍ତୁ ମରକ୍କୋ ଅଧିକାର କରିପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଗଲା ?

(ଘ) ୧୯୦୮ ମସିହାର କେଉଁ ଘଟଣାଟି ଅଷ୍ଟ୍ରିଆ ଓ ସର୍ବିଆ ମଧ୍ୟରେ ଶତ୍ରୁତା ବୃଦ୍ଧି କରିବାରେ ଏକ ନିର୍ଣ୍ଣୟାତ୍ମକ ଭୂମିକା ଗ୍ରହଣ କରିଥିଲା ?

(ଙ) ଜର୍ମାନ୍ କାଇଜର ଅଗାଦିର ବନ୍ଦରକୁ ପଠାଇଥିବା ଯୁଦ୍ଧ ଜାହାଜର ନାମ କ'ଣ ଥିଲା ?

(ଚ) ଫ୍ରାନ୍ସିସ୍ ଫର୍ଡ଼ିନାଣ୍ଡଙ୍କ ହତ୍ୟାକାରୀ କେଉଁ ଗୁପ୍ତ ସଂଗଠନ ସହିତ ସମ୍ପୃକ୍ତ ଥିଲା ?

(ଛ) ପ୍ରଥମ ବିଶ୍ୱଯୁଦ୍ଧରେ ପରସ୍ପରର ସମ୍ମୁଖୀନ ହୋଇଥିବା ଦୁଇ ଗୋଷ୍ଠୀ କ'ଣ ଭାବରେ ପରିଚିତ ଥିଲେ ?

(ଜ) ଜର୍ମାନୀ କେବେ ଯୁଦ୍ଧ ବିରତି ସନ୍ଧିରେ ସ୍ୱାକ୍ଷର କଲା ?

(ଝ) ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର କାଇଜର କିଏ ଥିଲେ ?

(ଞ) ପ୍ରଥମ ବିଶ୍ୱଯୁଦ୍ଧପରେ ପ୍ରତିଷ୍ଠିତ ହୋଇଥିବା ଆନ୍ତର୍ଜାତିକ ଅନୁଷ୍ଠାନର ନାମ କ'ଣ ଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) ୧୮୭୦ ମସିହାରେ କେଉଁ ଯୁଦ୍ଧରେ ଫ୍ରାନ୍ସ ଜର୍ମାନୀ ଦ୍ୱାରା ପରାସ୍ତ ହୋଇଥିଲା ?

(i) ରୁଷିଆ-ତୁର୍କୀ ଯୁଦ୍ଧ (ii) ବଲକାନ୍ ଯୁଦ୍ଧ (iii) ଅଷ୍ଟ୍ରିଆ-ସର୍ବିଆ ଯୁଦ୍ଧ (iv) ସିଦାନ୍ ଯୁଦ୍ଧ

(ଖ) ୧୮୮୨ ମସିହାରେ ଜର୍ମାନୀ-ଅଷ୍ଟ୍ରିଆ ରାଜିନାମାରେ କେଉଁ ଦେଶ ଯୋଗ ଦେବା ଫଳରେ ତ୍ରିଶକ୍ତି-ମେଣ୍ଟ ସୃଷ୍ଟି ହୋଇଥିଲା ?

(i) ରୁଷିଆ (ii) ଫ୍ରାନ୍ସ (iii) ଇଟାଲୀ (iv) ଇଂଲାଣ୍ଡ

(ଗ) ଇଂଲାଣ୍ଡ କେବେ ରୁଷିଆ ସହିତ ଚୁକ୍ତି ସ୍ୱାକ୍ଷର କରିଥିଲା ?

(i) ୧୮୯୪ (ii) ୧୯୦୨ (iii) ୧୯୦୪ (iv) ୧୯୦୭

(ଘ) ୧୮୯୦ ମସିହା ପରେ କେଉଁ ଦେଶ ନୌଶକ୍ତିରେ ଇଂଲାଣ୍ଡ ଅପେକ୍ଷା ଅଧିକ ବୃଦ୍ଧି ଘଟାଇଛି ବୋଲି ଘୋଷଣା କଲା ?

(i) ଇଟାଲୀ (ii) ଫ୍ରାନ୍ସ (iii) ଜର୍ମାନୀ (iv) ରୁଷିଆ

(ଙ) ୧୮୯୯ ଓ ୧୯୦୭ ମସିହାରେ କେଉଁଠାରେ ଅନୁଷ୍ଠିତ ହୋଇଥିବା ସମ୍ମିଳନୀଗୁଡ଼ିକରେ ଯୁଦ୍ଧ ନିବାରଣ ପାଇଁ ଆଇନ୍ ପ୍ରଣୟନ କରାଯାଇଥିଲା ?

(i) ବର୍ଲିନ୍ (ii) ଆଲ୍‌ଜେସିରାସ୍ (iii) ହେଗ୍ (iv) ପ୍ୟାରିସ୍

(ଚ) ଆର୍କଡ୍ୟୁକ୍ ଫ୍ରାନ୍‌ସିସ୍ ଫର୍ଡିନାଣ୍ଡ ଓ ତାଙ୍କ ପତ୍ନୀ ସୋଫିଆଙ୍କୁ କେଉଁ ଅଞ୍ଚଳରେ ହତ୍ୟା କରାଯାଇଥିଲା ?

(i) ବୋସ୍‌ନିଆ (ii) ସର୍ବିଆ (iii) ହର୍ଜଗୋଭିନା (iv) ଅଷ୍ଟ୍ରିଆ

(ଛ) କେଉଁ ତାରିଖରେ ଅଷ୍ଟ୍ରିଆ ସର୍ବିଆ ଉପରେ ଆକ୍ରମଣ କରି ସର୍ବିଆ ବିରୋଧରେ ଯୁଦ୍ଧ ଘୋଷଣା କଲା ?

(i) ୧୯୧୪ ଜୁନ୍ ୨୮ (ii) ୧୯୧୪ ଜୁଲାଇ ୨୩ (iii) ୧୯୧୪ ଜୁଲାଇ ୨୮

(iv) ୧୯୧୪ ଅଗଷ୍ଟ ୧

(ଜ) ଯୁକ୍ତରାଷ୍ଟ୍ର ଆମେରିକା କେବେ ପ୍ରଥମ ବିଶ୍ୱଯୁଦ୍ଧରେ ଜଡ଼ିତ ହେଲା ?

(i) ୧୯୧୫ (ii) ୧୯୧୬ (iii) ୧୯୧୭ (iv) ୧୯୧୮

(ଝ) ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ କିଏ ଚଉଦ ସୂତ୍ରୀ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ ?

(i) ଦ୍ୱିତୀୟ ଉଇଲିଅମ୍ (ii) କ୍ଲେମେନ୍ସୁ (iii) ଲଏଡ୍ ଜର୍ଜ (iv) ଉଡ୍ରୋ ଉଇଲ୍‌ସନ୍

(ଞ) ପ୍ରଥମ ବିଶ୍ୱଯୁଦ୍ଧପରେ ରାଷ୍ଟ୍ରମାନଙ୍କୁ କାହିଁକି ବହୁ ପରିମାଣରେ କାଗଜ ଟଙ୍କା ପ୍ରଚଳନ କରିବାକୁ ପଡ଼ିଲା ?

(i) ଉତ୍ପାଦନ ହ୍ରାସ ପାଇବା ଯୋଗୁଁ (ii) ଭାରି ସଂଖ୍ୟାର ଋଣ ଯୋଗୁଁ

(iii) ମୁଦ୍ରାସ୍ଫୀତି ଯୋଗୁଁ (iv) ଟଙ୍କାର ମୂଲ୍ୟ ହ୍ରାସ ପାଇବା ଯୋଗୁଁ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

●●

### ତୃତୀୟ ପାଠ

# ରୁଷ୍ ବିପ୍ଳବ-କାରଣ ଓ ଫଳାଫଳ

# (Russian Revolution – Causes and Consequences)

୧୭୮୯ ମସିହାର ଫରାସୀ ବିପ୍ଳବ ପରେ ୧୯୧୭ ମସିହାରେ ଘଟିଥିବା ରୁଷ୍ ବିପ୍ଳବ ପୃଥିବୀର ବୈପ୍ଳବିକ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଫରାସୀ ବିପ୍ଳବ ସାରା ବିଶ୍ୱକୁ ମୁକ୍ତି, ସାମ୍ୟ ଓ ମୈତ୍ରୀର ବାର୍ତ୍ତା ଦେଇଥିବାବେଳେ ରୁଷ୍ ବିପ୍ଳବ ସାମ୍ୟବାଦ, ସମାଜବାଦ ଓ ସମତାର ବାର୍ତ୍ତା ପ୍ରସାରଣ କରିଥିଲା । ରୁଷ୍ ବିପ୍ଳବ ପୃଥିବୀର ଅନେକ ଦେଶରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ସହାୟତା କରିଥିଲା । ନିମ୍ନୋକ୍ତ କାରଣଗୁଡ଼ିକ ଏହି ବିପ୍ଳବ ପାଇଁ ଦାୟୀ ଥିଲେ ।

## ୧. ସ୍ୱେଚ୍ଛାଚାରୀ ଶାସନ :

ରୁଷିଆରେ ଶାସନର ସମସ୍ତ କ୍ଷମତା ଜାର୍ (ରୁଷିଆର ସମ୍ରାଟ)ଙ୍କ ହାତରେ କେନ୍ଦ୍ରୀଭୂତ ହୋଇଥିଲା । ସେ ତାଙ୍କ ଦରବାରର ଅଳ୍ପ କେତେକ ଉପଦେଷ୍ଟାଙ୍କ ସାହାଯ୍ୟରେ ପ୍ରଜାମାନଙ୍କୁ ଶାସନ କରୁଥିଲେ । ଶାସନ କ୍ଷେତ୍ରରେ ପ୍ରାୟ ସମସ୍ତ ନିଯୁକ୍ତି ଜାର୍ ନିଜେ ହିଁ କରୁଥିଲେ । ସେ ଥିଲେ ଦେଶର ପଦାତିକବାହିନୀ ଓ ନୌବାହିନୀର ମୁଖ୍ୟ ସେନାପତି । ସେ ରୁଷିଆ ଚର୍ଚ୍ଚର ମଧ୍ୟ ମୁଖ୍ୟ ଥିଲେ । ସେ ଯାହାକୁ ଚାହିଁଲେ ତା'କୁ ବନ୍ଦୀ କରିପାରୁଥିଲେ ବା ସୁଦୂର ବରଫାବୃତ୍ତ ସାଇବେରିଆକୁ ନିର୍ବାସନ କରୁଥିଲେ ।

> ***ତୁମ ପାଇଁ କାମ :***
>
> ***ଦଣ୍ଡଦେବା ଉଦ୍ଦେଶ୍ୟରେ ସାଇବେରିଆକୁ ନିର୍ବାସନ କରାଯାଉଥିବା ପରିପ୍ରେକ୍ଷୀରେ ସାଇବେରିଆର ଭୌଗୋଳିକ ଅବସ୍ଥିତି ଓ ପ୍ରକୃତି ଏବଂ କଷ୍ଟସାଧ ଜୀବନ ଯାପନ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଏକ ବିବରଣୀ ଲେଖ ।***

ସେ ବିନା ବିଚାରରେ ଯେ କୌଣସି ଲୋକକୁ ମୃତ୍ୟୁଦଣ୍ଡର ଆଦେଶ ଦେଇପାରୁଥିଲେ । ଏହିପରିଭାବେ ରୁଷିଆରେ ଜାର୍‌ମାନଙ୍କ ତ୍ରୁଟିପୂର୍ଣ୍ଣ ଏକଛତ୍ରବାଦୀ ଶାସନ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି କଲା । ରୁଷ୍ ବିପ୍ଳବ ପୂର୍ବରୁ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ରୋମାନୋଭ ବଂଶର ପାଞ୍ଚଜଣ ଜାର୍ ରୁଷିଆରେ ସ୍ୱେଚ୍ଛାଚାରୀ ଶାସନକୁ ଚରମ ସୀମାରେ ପହଞ୍ଚାଇ ଦେଇଥିଲେ। ଜାର୍ ପ୍ରଥମ ଆଲେକ୍‌ଜାଣ୍ଡାର (୧୮୦୧-୧୮୨୫) ପ୍ରତିକ୍ରିୟାଶୀଳ ନୀତି ପ୍ରବର୍ତ୍ତନ କରିଥିଲେ । ଜାର୍ ପ୍ରଥମ ନିକୋଲାସ (୧୮୨୫-୧୮୫୫) ଜଣେ ଅତ୍ୟାଚାରୀ ଶାସକ ଥିଲେ ଏବଂ ପ୍ରଗତିଶୀଳ ଚିନ୍ତାଧାରାର ଘୋର ବିରୋଧୀ ଥିଲେ । ଜାର୍ ଦ୍ୱିତୀୟ ଆଲେକ୍‌ଜାଣ୍ଡାର (୧୮୫୫-୧୮୮୧) ଦାସତ୍ୱ ଓ କୃଷିଭୃତ୍ୟ ପ୍ରଥା ଉଚ୍ଛେଦ ଓ ସାମ୍ବିଧାନିକ ସଂସ୍କାର ଭଳି କେତେକ ଉଦାରନୀତି ଅବଲମ୍ବନ କରିଥିଲେ ସୁଦ୍ଧା ରାଜତ୍ୱର ଶେଷ ଭାଗରେ ଦମନମୂଳକ ନୀତି ପ୍ରବର୍ତ୍ତନ କରି ଜଣେ ଆତତାୟୀ ଦ୍ୱାରା ନିହତ ହୋଇଥିଲେ । ରୁଷିଆରେ ୪୫୦ ଲକ୍ଷ ଅର୍ଥାତ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଭାଗ କୃଷିଭୃତ୍ୟ ବା ସର୍ଫ (Serf) ଥିଲେ । ସେମାନଙ୍କ ମଧ୍ୟରୁ ୨୩୦ ଲକ୍ଷ ଥିଲେ ଜାର୍‌ଙ୍କ ପ୍ରତ୍ୟକ୍ଷ ଅଧିକାରଭୁକ୍ତ ଓ ଅନ୍ୟମାନେ ଘରୋଇ ସଂଭ୍ରାନ୍ତଙ୍କ ଅଧୀନରେ ରହିଥିଲେ । ସମସ୍ତ ପ୍ରକାର ଅଧିକାରରୁ ବଞ୍ଚିତ ହୋଇ ସେମାନେ ଅତି ଶୋଚନୀୟ ଅବସ୍ଥାରେ ଜୀବନଯାପନ କରୁଥିଲେ । ୧୮୬୧ ମସିହାରେ ଜାର୍ ଦ୍ୱିତୀୟ ଆଲେକ୍‌ଜାଣ୍ଡାର ଦାସତ୍ୱ ମୋଚନ ରାଜାଜ୍ଞା (Edict of Emancipation) ଘୋଷଣା କରି

କୃଷିଭୃତ୍ୟମାନଙ୍କୁ ମୁକ୍ତ କରିଥିଲେ ଏବଂ ସେମାନଙ୍କୁ ସାମାଜିକ ଅଧିକାର ପ୍ରଦାନ କରିଥିଲେ । ଏଥିପାଇଁ ତାଙ୍କୁ 'ମୁକ୍ତିଦାତା ଜାର୍' (Czar, the Liberator) ବୋଲି ଆଖ୍ୟାୟିତ କରାଯାଇଛି । ତାଙ୍କ ଉତ୍ତରାଧିକାରୀ ଜାର୍ ତୃତୀୟ ଆଲେକ୍‌ଜାଣ୍ଡାର (୧୮୮୧-୧୮୯୪) ଜଣେ ନିଷ୍ଠୁର ଓ ନିରଙ୍କୁଶ ଶାସକ ଥିଲେ । ତାଙ୍କର ଦମନଲୀଳା ଦେଶରେ ଆତଙ୍କ ଖେଳାଇ ଦେଇଥିଲା । ତାଙ୍କ ପରେ ୧୮୯୪ ମସିହାରେ ଦ୍ୱିତୀୟ ନିକୋଲାସ (୧୮୯୪-୧୯୧୭) ରୁଷିଆର ଜାର ହେଲେ । ସେ ଜଣେ ଉତ୍ତମ ଚରିତ୍ର ଓ ଧାର୍ମିକ ମନୋବୃତ୍ତିର ବ୍ୟକ୍ତି ହୋଇ ଥିଲେ ସୁଦ୍ଧା, ଅତ୍ୟନ୍ତ ଦୁର୍ବଳମନା ଥିଲେ । ସେ ତାଙ୍କର ପ୍ରଜା ଓ କର୍ମଚାରୀଙ୍କ ପ୍ରତି ଖୁବ୍ ଉଦାର ଥିଲେ କିନ୍ତୁ ସ୍ୱେଚ୍ଛାଚାରୀ ଥିଲେ । ଦ୍ୱିତୀୟ ନିକୋଲାସ୍‌ଙ୍କ ସମୟରେ ଜାର୍ ଶାସନ ବିରୋଧରେ ଲୋକମାନଙ୍କ ଅସନ୍ତୋଷ ଘନୀଭୂତ ହୋଇ ବିପ୍ଳବର ସୂତ୍ରପାତ ହେଲା ।



(ଦ୍ୱିତୀୟ ନିକୋଲାସ୍ )

**ତୁମ ପାଇଁ କାମ :**

***୧୮୦୧ ମସିହାରୁ ୧୯୧୭ ମସିହା ପର୍ଯ୍ୟନ୍ତ ରାଜତ୍ୱ କରୁଥିବା ପ୍ରତ୍ୟେକ ଜାରଙ୍କ ସ୍ୱେଚ୍ଛାଚାରୀ ଶାସନର ଦୁଇଟି ଲେଖାଏଁ ଉଦାହରଣ ଉଲ୍ଲେଖ କର ।***

## ୨. ସାମାଜିକ ବୈଷମ୍ୟ :

ରୁଷିଆର ସମାଜ ମୁଖ୍ୟତଃ ଦୁଇଟି ଶ୍ରେଣୀରେ ବିଭକ୍ତ ହୋଇଥିଲା । ଗୋଟିଏ ଥିଲା "ଥିଲାବାଲା' ଶ୍ରେଣୀ ଓ ଅନ୍ୟଟି ଥିଲା "ନ ଥିଲାବାଲା" ଶ୍ରେଣୀ । ଧନୀକ ଓ ସଂଭ୍ରାନ୍ତ ଗୋଷ୍ଠୀର ଲୋକମାନେ "ଥିଲାବାଲା" ଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ । ସେମାନେ ଜାର୍‌ଙ୍କ ଏକଛତ୍ରବାଦ ଓ ସ୍ୱେଚ୍ଛାଚାରିତାକୁ ସମର୍ଥନ କରୁଥିଲେ । ସେମାନେ ଶାସନର ପ୍ରାୟ ସମସ୍ତ ପଦପଦବୀ ଅଧିକାର କରିଥିଲେ ଓ ଦେଶର ସମସ୍ତ ଜମିର ମାଲିକ ଥିଲେ । ସେମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଓ ପ୍ରଭୂତ କ୍ଷମତା ଉପଭୋଗ କରୁଥିଲେ । "ନ ଥିଲାବାଲା" ଶ୍ରେଣୀରେ ଥିଲେ କୃଷକ ଓ ଶ୍ରମିକ । ସେମାନେ ଧନୀକ ଗୋଷ୍ଠୀର ଲୋକଙ୍କ ଅମାନୁଷିକ ବ୍ୟବହାରରେ ଅତିଷ୍ଠ ହେଉଥିଲେ । ରୁଷିଆରେ ଦାସତ୍ୱ ପ୍ରଥା ଉଚ୍ଛେଦ ହୋଇ ଯାଇଥିଲେ ସୁଦ୍ଧା ଗରିବମାନଙ୍କ ସାମାଜିକ ବ୍ୟବସ୍ଥାରେ କିଛି ଉଲ୍ଲେଖନୀୟ ପରିବର୍ତ୍ତନ ହୋଇ ନ ଥିଲା । ଶ୍ରମିକମାନେ ସହରରେ ଅତି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଛୋଟ ଛୋଟ ଘରେ ରହୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ 'ଭୋଦ୍‌କା' ନାମକ ଏକ ଦେଶୀୟ ନିଶାକାରୀ ପାନୀୟପ୍ରତି ଆସକ୍ତଥିଲେ ।

**ତୁମେ ଜାଣିଛ କି ?**

***'ଭୋଦ୍‌କା' ହେଉଛି ଗହମ ଜାତୀୟ ଏକ ଶସ୍ୟକୁ ବିଶୋଧନ କରାଯାଇ ସେଥିରୁ ପ୍ରସ୍ତୁତ କରାଯାଇଥିବା ସୁରାସାର ।***

ଅସ୍ୱାସ୍ଥ୍ୟକର ପରିବେଶ, କ୍ଷୁଧା ଓ ନିଶାଦ୍ରବ୍ୟ ସେବନର ଅଭ୍ୟାସ ଫଳରେ ଅନେକ ରୋଗାକ୍ରାନ୍ତ ହୋଇ ଅକାଳରେ ମୃତ୍ୟୁ ବରଣ କରୁଥିଲେ । ଏହି ନିମ୍ନ ଶ୍ରେଣୀର ଲୋକଙ୍କ ସାମାଜିକ କଲ୍ୟାଣ ତଥା ଜୀବନଧାରଣର ଉନ୍ନତି ଦିଗରେ ଜାର୍ ସରକାର କୌଣସି ପଦକ୍ଷେପ ନେଲେ ନାହିଁ । ରୁଷିଆର ସାମାଜିକ ବୈଷମ୍ୟ ଲୋକମାନଙ୍କ ମଧ୍ୟରେ ଶ୍ରେଣୀ ସଂଘର୍ଷର ମନୋଭାବ ସୃଷ୍ଟି କଲା । ଦେଶର ସାମାଜିକ ବ୍ୟବସ୍ଥାରେ

ବିପ୍ଲବ ମାଧ୍ୟମରେ ଏକ ପୂର୍ଣ୍ଣାଙ୍ଗ ପରିବର୍ତ୍ତନ ଆଣିବାପାଇଁ ନିମ୍ନ ଶ୍ରେଣୀର ଲୋକମାନେ ସଂକଳ୍ପ ନେଲେ ।

> *ତୁମ ପାଇଁ କାମ :*
>
> ***୧୯୧୭ ରୁଷ୍ ବିପ୍ଲବ ପୂର୍ବରୁ ରୁଷୀୟ ସମାଜରେ ଥିବା ବୈଷମ୍ୟ ସହିତ ୧୭୮୯ ଫରାସୀ ବିପ୍ଲବ ପୂର୍ବରୁ ଫ୍ରାନ୍ସରେ ଥିବା ସାମାଜିକ ବୈଷମ୍ୟର ଏକ ତୁଳନା କର ।***

## ୩. ଅର୍ଥନୈତିକ ଅସମାନତା :

ସାମାଜିକ ବୈଷମ୍ୟ ହେତୁ ରୁଷ୍‌ବାସୀଙ୍କ ମଧ୍ୟରେ ଅର୍ଥନୈତିକ ଅସମାନତା ଦେଖାଦେଲା । କିଛି ଲୋକ ଅତ୍ୟନ୍ତ ଧନୀ ଓ ବିଭବଶାଳୀ ହୋଇଥିବାବେଳେ ଅଧିକାଂଶ ଲୋକ ଗରିବ ଓ ସର୍ବହରା ହୋଇ ରହିଥିଲେ । ଏ ପ୍ରକାର ଅସମାନତା ଶୋଷକ ଓ ଶୋଷିତ ଶ୍ରେଣୀ ସୃଷ୍ଟି କଲା । ସମ୍ଭ୍ରାନ୍ତ ଓ ପୁଞ୍ଜିବାଦୀମାନେ କୃଷକ ଓ ଶ୍ରମିକମାନଙ୍କୁ ଶୋଷଣ କରି ନିଜେ ବିଳାସବ୍ୟସନରେ କାଳ କାଟୁଥିଲେ । ୧୮୬୧ ମସିହାରେ ଜାର୍ ଦ୍ୱିତୀୟ ଆଲେକ୍‌ଜାଣ୍ଡାର କୃଷିଭୃତ୍ୟ ପ୍ରଥା ଉଚ୍ଛେଦ କରିବା ସତ୍ତ୍ୱେ କୃଷକମାନଙ୍କ ଅର୍ଥନୈତିକ ଅବସ୍ଥାରେ ବିଶେଷ ଉନ୍ନତି ହୋଇ ନ ଥିଲା । କେତେକ ପ୍ରତ୍ୟକ୍ଷ କର ସହିତ ଜମିବାବଦ ଅର୍ଥ ସରକାରଙ୍କୁ ଦେବାଦ୍ୱାରା ସେମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହେଲା । ଋଷ ଜମିର ଆବଣ୍ଟନ ଠିକ୍‌ଭାବେ ନ ହେବାରୁ ବହୁଲୋକ ଭୂମିହୀନ ହୋଇଗଲେ । ସେମାନେ ସର୍ବହରା ବା "ପ୍ରୋଲେତାରିଏତ୍" (Proletariat) ଭାବେ ପରିଚିତ ହେଲେ ।

> *ତୁମ ପାଇଁ କାମ :*
>
> ***ଜାର୍ ଦ୍ୱିତୀୟ ଆଲେକ୍‌ଜାଣ୍ଡାରଙ୍କ ଦାସତ୍ୱ ମୋଚନ ରାଜାଜ୍ଞା (Edict of Emancipation) ରେ କୃଷକମାନଙ୍କ ଉନ୍ନତି ପାଇଁ କରାଯାଇଥିବା ବ୍ୟବସ୍ଥାଗୁଡ଼ିକ ବିଶ୍ଳେଷଣ କର ।***

## ୪. ଶିଳ୍ପ ବିପ୍ଲବର ପ୍ରଭାବ :


ଶିଳ୍ପ ବିପ୍ଲବର ପରିଣାମ ସ୍ୱରୂପ ରୁଷିଆର ପ୍ରାୟ ସମସ୍ତ ସହରରେ ବହୁ ସଂଖ୍ୟାରେ କଳକାରଖାନା ଓ ନୂତନ ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠିତ ହେଲା । ଶ୍ରମିକମାନଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇଲା । ସ୍ୱଳ୍ପ ମଜୁରିରେ ସେମାନଙ୍କଠାରୁ ଅଧିକ ଶ୍ରମ ଆଦାୟ କରାଗଲା । ଦେଶର ଉତ୍ପାଦନ ବୃଦ୍ଧି ପାଇଲା ଏବଂ ରୁଷିଆର ଅର୍ଥନୀତି ଓ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ଘଟିଲା । କିନ୍ତୁ ଶ୍ରମିକମାନଙ୍କ ଜୀବନ ଧାରଣରେ କୌଣସି ଉନ୍ନତି ହେଲା ନାହିଁ । କେତେକ ଶିଳ୍ପ ଓ କଳକାରଖାନାରେ ଅଳ୍ପ ସମୟରେ ଅଧିକ ଉତ୍ପାଦନ କରିବା ପାଇଁ ଉତ୍ପାଦନ ପଦ୍ଧତିରେ ନୂତନ ଯନ୍ତ୍ରପାତିର ବ୍ୟବହାର ହେଲା । ଫଳରେ ଅନେକ ଶ୍ରମିକ କାର୍ଯ୍ୟରୁ ଛଟେଇ ହେଲେ । ଛଟେଇ ହୋଇଥିବା ଶ୍ରମିକମାନଙ୍କ ଅବସ୍ଥା ଶୋଚନୀୟ ହେବାରୁ ସେମାନେ ଅଳ୍ପ ପାରିଶ୍ରମିକରେ ଅଧିକ କାମ କରିବାପାଇଁ ବାଧ୍ୟ ହେଲେ । ସାମାନ୍ୟ ମଜୁରିରେ ପରିବାର ପୋଷଣ ସମ୍ଭବ ନ ହେବାରୁ ସେମାନେ ନିଜର ସ୍ତ୍ରୀ ଓ ପିଲାମାନଙ୍କୁ ମଧ୍ୟ ଶ୍ରମିକଭାବେ କାର୍ଯ୍ୟରେ ଲଗାଇଲେ । ପୁଞ୍ଜିପତି ଓ ଶ୍ରମିକମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଖରାପ ହେଲା । ଏ ଭଳି ପରିସ୍ଥିତିରେ ଶ୍ରମିକମାନେ ନିଜର ସଂଘ ଗଠନ କରି ସେମାନଙ୍କ ସମସ୍ୟା ଓ ତା'ର ସମାଧାନ ପନ୍ଥା ଆଲୋଚନା କଲେ ଏବଂ ରୁଷିଆର ଶିଳ୍ପକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ନିଷ୍ପତ୍ତି ନେଲେ ।

> *ତୁମ ପାଇଁ କାମ :*
>
> ***ରୁଷିଆରେ ଜାର୍‌ମାନଙ୍କ ଶାସନ ସମୟରେ ହୋଇଥିବା ଶିଳ୍ପ ବିକାଶର ଏକ ବିବରଣୀ ପ୍ରସ୍ତୁତ କର ।***

## ୫. ବୌଦ୍ଧିକ ଚେତନା:


ପାଶ୍ଚାତ୍ୟ ଇଉରୋପର ଉଦାର ରାଜନୈତିକ ଚିନ୍ତାଧାରା ରୁଷିଆର ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀକୁ ଗଭୀରଭାବେ

ପ୍ରଭାବିତ କରିଥିଲା । ରୁଷିଆର ପ୍ରଗତିଶୀଳ ମତବାଦଗୁଡ଼ିକର ପ୍ରଚାରରେ ଜାର୍‌ଙ୍କ ପ୍ରତିବନ୍ଧକ ସତ୍ତ୍ୱେ ଅନେକ ପାଶ୍ଚାତ୍ୟ ସାହିତ୍ୟ ରୁଷ୍ ଭାଷାରେ ଅନୂଦିତ ହୋଇ ଶିକ୍ଷିତ ଲୋକଙ୍କ ଦ୍ୱାରା ପଠିତ ହେଲା । ଏହାଛଡ଼ା ଲିଓ ଟଲଷ୍ଟୟ (Leo Tolstoy), ଦସ୍ତୋଭେସ୍କି (Dostoivesky), ମାକ୍ସିମ୍ ଗୋର୍କୀ (Maxim Gorkey), ଲାଭରୋଭ (Lavrov) ଆଦି ଚିନ୍ତାଶୀଳ



(କାଲମାର୍କ୍ସ)

ଲେଖକଙ୍କ ରଚନା ଶିକ୍ଷିତ ରୁଷ୍‌ବାସୀଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିଲା । କିନ୍ତୁ ରୁଷ୍‌ବାସୀ ସବୁଠାରୁ ବେଶୀ ପ୍ରଭାବିତ ହୋଇଥିଲେ ଜର୍ମାନୀରେ ଜନ୍ମିତ ମହାନ୍ ଚିନ୍ତାନାୟକ କାର୍ଲ ମାର୍କ୍ସଙ୍କ (Karl Marx) ଆଦର୍ଶବାଦରେ । ବନ୍ଧୁ ଫ୍ରେଡ଼େରିକ୍ ଏଞ୍ଜେଲ୍ସଙ୍କ (Friederich Engels) ସହିତ ମିଶି ୧୮୪୮ ମସିହାରେ ତାଙ୍କର ବୈପ୍ଲବିକ ଚିନ୍ତାଧାରା ସମ୍ବଳିତ ପ୍ରସିଦ୍ଧ ପୁସ୍ତିକା "କମ୍ୟୁନିଷ୍ଟ ମାନିଫେଷ୍ଟୋ" (Communist Manifesto) ପ୍ରକାଶ କଲେ । ଏହି ପୁସ୍ତକରେ ସେ ମାନବ ଜାତିର ଶୋଷକ ଓ ଶୋଷିତ ବା ପୁଞ୍ଜିପତି ଓ ସର୍ବହରା ଶ୍ରେଣୀରେ ବିଭାଜନ ଏବଂ ସମାଜରେ ହେଉଥିବା ଅବିରତ ଶ୍ରେଣୀ ସଂଘର୍ଷ ସମ୍ପର୍କରେ ଆଲୋଚ଼ନା କରିଛନ୍ତି । ମାର୍କ୍ସଙ୍କ ମତ ଅନୁସାରେ ଦେଶର ଜମି ଓ କଳ କାରଖାନା ତଥା ଅନ୍ୟାନ୍ୟ ଉତ୍ପାଦକ ସମ୍ପଦର ମାଲିକ ହେଉଛି ସମାଜ ବା ରାଷ୍ଟ୍ର । କୃଷକ ଓ ଶ୍ରମିକଙ୍କ ଝାଳବୁହା ପରିଶ୍ରମରେ ଉତ୍ପାଦିତ ସମ୍ପତ୍ତିକୁ ପୁଞ୍ଜିପତିମାନେ ଉପଭୋଗ କରନ୍ତି ଏବଂ ସମାଜରେ ଧନୀକ ଓ ଦରିଦ୍ର ଶ୍ରେଣୀ ସୃଷ୍ଟି କରନ୍ତି । ଏହି ଶୋଷଣ ଓ ବୈଷମ୍ୟ ବିରୋଧରେ ବିପ୍ଳବ କରିବା ପାଇଁ କାର୍ଲ ମାର୍କ୍ସ ପ୍ରୋଲେତାରିଏତ୍ ବା ସର୍ବହରାମାନଙ୍କୁ ଆହ୍ୱାନ ଦେଇଥିଲେ । ମାର୍କ୍ସଙ୍କ ଆଦର୍ଶବାଦରେ ଉଦ୍‌ବୁଦ୍ଧ ହୋଇ ରୁଷିଆର ଜନସାଧାରଣ ସମ୍ଭ୍ରାନ୍ତ ଓ ପୁଞ୍ଜିବାଦୀଙ୍କ ଶୋଷଣ ବିରୋଧରେ ବିପ୍ଳବ କରିବାକୁ ଆଗେଇ ଆସିଲେ । ଶିଳ୍ପ ବିପ୍ଳବରୁ ସୃଷ୍ଟି ହୋଇଥିବା ପୁଞ୍ଜିବାଦ ଉପରେ ମଧ୍ୟ ସେ ଗବେଷଣା କରିଥିଲେ । ୧୮୬୭ ରେ ତାଙ୍କ ରଚିତ "ଦ କ୍ୟାପିଟାଲ୍" (Das Kapital) ପୁସ୍ତକର ପ୍ରଥମ ଖଣ୍ଡ ପ୍ରକାଶିତ ହୋଇଥିଲା । ଉକ୍ତ ପୁସ୍ତକର ଦ୍ୱିତୀୟ ଓ ତୃତୀୟ ଖଣ୍ଡ ତାଙ୍କ ମୃତ୍ୟୁପରେ ତାଙ୍କ ବନ୍ଧୁ ଏଞ୍ଜେଲ୍ସଙ୍କ ଦ୍ୱାରା ୧୮୮୫ ରୁ ୧୮୯୫ ମଧ୍ୟରେ ପ୍ରକାଶ ପାଇଥିଲା ।



(ଫ୍ରେଡ଼େରିକ୍ ଏଞ୍ଜେଲ୍ସ)

**ତୁମ ପାଇଁ କାମ :**


***୧୯୧୭ ଅକ୍ଟୋବର ବିପ୍ଳବ ପାଇଁ ଶିକ୍ଷିତ ରୁଷବାସୀଙ୍କୁ ପ୍ରଭାବିତ କରିଥିବା ଦାର୍ଶନିକ ଓ ଲେଖକ ଏବଂ ସେମାନଙ୍କ ରଚନା ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***

**ତୁମେ ଜାଣିଛ କି ?**

*୧୯୧୮ ମସିହାରେ ଜର୍ମାନୀର ରାଇନ୍‌ଲାଣ୍ଡରେ ଜନ୍ମିତ କାର୍ଲ ମାର୍କ୍ସ ଯୁବକ ଅବସ୍ଥାରୁ ହିଁ ବୈପ୍ଲବିକ ଚିନ୍ତାଧାରାର ବ୍ୟକ୍ତି ଥିଲେ । ପ୍ରୁସିଆ ସରକାରଙ୍କ ତୀକ୍ଷଣ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ୧୮୪୩ରେ ସେ ପ୍ୟାରିସକୁ ଚାଲିଯାଇଥିଲେ । ସେଠାରେ ତାଙ୍କର ଫ୍ରେଡ୍ରେରିକ୍ ଏଙ୍ଗେଲ୍ସଙ୍କ ସହିତ ବନ୍ଧୁତା ସ୍ଥାପିତ ହୋଇଥିଲା । ଦୁହେଁ ମିଶି ବୈପ୍ଲବିକ ଚିନ୍ତାଧାରା ସମ୍ବଳିତ ଲେଖା ରଚନା କରିବାରୁ ୧୮୪୫ ରେ ଫ୍ରାନ୍ସ ସରକାରଙ୍କ ଦ୍ୱାରା ବିତାଡ଼ିତ ହୋଇ ବ୍ରସେଲ୍ସ ଚାଲିଯାଇଥିଲେ । ୧୮୪୮ ରେ ପ୍ରକାଶିତ ତାଙ୍କର "କମ୍ୟୁନିଷ୍ଟ ମାନିଫେଷ୍ଟୋ" ସର୍ବହରାମାନଙ୍କୁ ବିପ୍ଳବ ପାଇଁ ଆହ୍ୱାନ ଜଣାଇଲା । ବର୍ଷକ ପରେ ପଶ୍ଚିମ ୟୁରୋପରୁ ବିତାଡ଼ିତ ହୋଇ ସେ ଲଣ୍ଡନ ଚାଲିଗଲେ ଏବଂ ୧୮୬୭ ରେ ତାଙ୍କ ରଚିତ "ଦ କ୍ୟାପିଟାଲ" ଗ୍ରନ୍ଥର ପ୍ରଥମ ଖଣ୍ଡ ପ୍ରକାଶିତ ହେଲା । କାର୍ଲ ମାର୍କ୍ସ ୧୮୮୩ ରେ ଲଣ୍ଡନଠାରେ ମୃତ୍ୟୁ ବରଣ କଲେ ।*

## ୬. ଭିନ୍ନ ଭିନ୍ନ ଦଳ ଗଠନ :

ରୁଷୀୟ ସମାଜରେ ସବୁଠାରୁ ଦୁସ୍ଥ ଓ ଅବହେଳିତ ଅବସ୍ଥାରେ ଥିଲେ କୃଷକ ଓ ଶ୍ରମିକ । ସେମାନେ ଥିଲେ ଶୋଷିତ ଶ୍ରେଣୀର । ଏହି ସର୍ବହରା ଗୋଷ୍ଠୀକୁ "ପ୍ରୋଲେତାରିଏତ୍" କୁହାଯାଉଥିଲା । ସେମାନେ ଜାର୍‌ଙ୍କ ସ୍ୱେଚ୍ଛାଚାରିତା ଓ ଶୋଷକ ଶ୍ରେଣୀର ଅନ୍ୟାୟ ବିରୋଧରେ ଭିନ୍ନ ଭିନ୍ନ ଦଳରେ ସଂଗଠିତ ହେଲେ । ୧୯୦୧ ମସିହାରେ ଭୂମିହୀନ କୃଷକମାନେ "ସାମାଜିକ ବିପ୍ଳବୀ ଦଳ" (Social Revolutionary Party) ଗଠନ କରିଥିଲେ । ସମ୍ଭ୍ରାନ୍ତମାନଙ୍କଠାରୁ ଜମି ଛଡ଼ାଇଆଣି କୃଷକମାନଙ୍କୁ ବଣ୍ଟନ କରିବା ଥିଲା ଏ ଦଳର ମୁଖ୍ୟ ଲକ୍ଷ୍ୟ। ପୂର୍ବରୁ ୧୮୯୫ ମସିହାରେ ଅସନ୍ତୁଷ୍ଟ ଶ୍ରମିକମାନେ "ସାମାଜିକ ଗଣତାନ୍ତ୍ରିକ ଦଳ (Social Democratic Party) ଗଠନ କରିଥିଲେ । ଏହି ଦଳରେ କେତେକଙ୍କ ମଧ୍ୟରେ ମତଭେଦ ହେବାରୁ ୧୯୦୩ ମସିହାରେ ଦଳ ଦୁଇଭାଗ ହୋଇଗଲା । ମୂଳ ଦଳକୁ କୁହାଗଲା ମେନ୍‌ସେଭିକ୍ ଦଳ (Mensheviks) ଓ ଏହାର ନେତୃତ୍ୱ ନେଇଥିଲେ ମାର୍‌ତୋଭ୍ । ଏହି ଦଳ ଶାନ୍ତିପୂର୍ଣ୍ଣ ଉପାୟରେ ପ୍ରଚଳିତ ବ୍ୟବସ୍ଥାର ପରିବର୍ତ୍ତନ ଚାହୁଁଥିଲେ । ଅନ୍ୟ ଭାଗଟି "ବୋଲ୍‌ସେଭିକ୍ ଦଳ" (Bolsheviks) ଭାବରେ ନାମିତ ହେଲା । ବୋଲ୍‌ସେଭିକ୍‌ମାନେ ଚରମପନ୍ଥୀ ଥିଲେ ଏବଂ ବୈପ୍ଳବିକ ଉପାୟରେ ଜାର୍ ଶାସନର ବିଲୋପ ଘଟାଇ ପ୍ରୋଲେତାରିଏତ୍ ଶାସନ ପ୍ରତିଷ୍ଠା କରିବାକୁ ଚାହିଁଲେ । ସେମାନଙ୍କ ନେତୃତ୍ୱ ନେଇଥିଲେ ମାର୍କ୍ସବାଦର ସବୁଠାରୁ ନିଷ୍ଠାବାନ ଅନୁଗାମୀ ଲେନିନ୍ । ସେ ହିଁ ଥିଲେ ରୁଷ୍‌ର ଅକ୍ଟୋବର ବିପ୍ଳବର କର୍ଣ୍ଣଧାର । ତାଙ୍କରି ବଳିଷ୍ଠ ନେତୃତ୍ୱ ବିପ୍ଳବର ସଫଳତା ଆଣିଥିଲା ।



**(ଲେନିନ୍)**

**ତୁମେ ଜାଣିଛ କି ?**

*୧୮୭୦ ରେ ରୁଷିଆରେ ଜନ୍ମଗ୍ରହଣ କରିଥିବା ଲେନିନ୍‌ଙ୍କ ପ୍ରକୃତ ନାମ ଥିଲା ଭ୍ଲାଡିମିର୍ ଇଲିଚ୍ ଉଲିଆନୋଭ* **(Vladimir Illych Ulyanov)** *। ତାଙ୍କ ବଡ଼ଭାଇ ମାତ୍ର ୧୯ ବର୍ଷ ବୟସରେ ଜାର୍‌ଙ୍କ ବିରୋଧରେ ଷଡ଼ଯନ୍ତ୍ରରେ ଲିପ୍ତଥିବା ଅଭିଯୋଗରେ ଫାଶୀଦଣ୍ଡ ପାଇବାରୁ ଲେନିନ୍ ଜାର୍ ଶାସନ ବିରୋଧରେ ସଂଗ୍ରାମ କରିବା ପାଇଁ ସଂକଳ୍ପ ନେଲେ । ଛାତ୍ରାବସ୍ଥାରେ ସେ ବୈପ୍ଳବିକ ସଂଗଠନଗୁଡ଼ିକ ସହିତ ଗୁପ୍ତ ସମ୍ପର୍କ ସ୍ଥାପନ କରିଥିବା ଯୋଗୁଁ ପ୍ରଥମେ କାରାଦଣ୍ଡ ଓ ପରେ ସାଇବେରିଆରେ ନିର୍ବାସନ ଦଣ୍ଡରେ ରହିଥିଲେ ମଧ୍ୟ ବିପ୍ଳବୀମାନଙ୍କ ସହିତ ସମ୍ପର୍କ ରଖିଥିଲେ । ସେ କୃପସ୍‌କାୟା ନାମ୍ନୀ ଜଣେ ବିପ୍ଳବିନୀଙ୍କୁ ବିବାହ କରିଥିଲେ । ସାଇବେରିଆର ଲେନା ନଦୀର ନାମ ଅନୁସାରେ ନିଜକୁ ଲେନିନ୍ ନାମରେ ନାମିତ କଲେ । ୧୯୨୪ ଜାନୁଆରୀରେ ତାଙ୍କର ମୃତ୍ୟୁ ହୋଇଥିଲା ।*

## ୭. ଅପାରଗ ଅମଲାତନ୍ତ୍ର :

ରୁଷିଆ ଅମଲାତନ୍ତ୍ରର ଅଧିକାଂଶ ଉଚ୍ଚ ପଦବୀଧାରୀ ଅଫିସର ଧନୀକ ଶ୍ରେଣୀର ଥିଲେ । ସେମାନଙ୍କର ସାଧାରଣ ଲୋକଙ୍କ ପ୍ରତି କୌଣସି ସହାନୁଭୂତି ନ ଥିଲା । ସେମାନେ ଗରିବ ଲୋକଙ୍କୁ ଶୋଷଣ କରୁଥିଲେ । ସେମାନେ କେବଳ ଜାର୍‌ଙ୍କ ପାଇଁ କାମ କରୁଥିଲେ । ଶାସନରେ ସେମାନଙ୍କର ଦକ୍ଷତା ନ ଥିଲା । ସେମାନଙ୍କ ଅକ୍ଷମତା ଯୋଗୁଁ ଦେଶରେ ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ବୃଦ୍ଧି ପାଇଲା । ଲୋକମାନଙ୍କ ମଧ୍ୟରେ ଏହା ବିରକ୍ତି, ଅସନ୍ତୋଷ ଓ ହତାଶାଭାବ ସୃଷ୍ଟି କଲା । ସମଗ୍ର ଦେଶରେ ଅଶାନ୍ତି ଓ ଅରାଜକତା ବ୍ୟାପିଗଲା । ରୁଷବାସୀ ଶାସନରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିବା ପାଇଁ ବଦ୍ଧପରିକର ହେଲେ ।

## ୮. ନିରୁତ୍ସାହିତ ସୈନ୍ୟବାହିନୀ :

ରୁଷିଆର ଏକଛତ୍ରବାଦୀ ସରକାର ଏହାର ସୈନ୍ୟବାହିନୀକୁ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଯୋଗାଇବା ପାଇଁ ଆଗ୍ରହ ପ୍ରକାଶ କରି ନ ଥିଲା । ଯୁଦ୍ଧ କ୍ଷେତ୍ରରେ ରୁଷିଆ ସୈନ୍ୟମାନେ ଭୋକ ଉପାସ ଓ ଯୁଦ୍ଧ ଉପକରଣର ଅଭାବ ଯୋଗୁଁ ମୃତ୍ୟୁ ବରଣ କରୁଥିଲେ । ରୁଷିଆର ସରକାର ଓ ଅମଲାତନ୍ତ୍ର ଦ୍ୱାରା ଯୁଦ୍ଧପାଣ୍ଠିର ଦୁରୁପଯୋଗ ହେଉଥିଲା । ୧୮୫୪ ମସିହାର କ୍ରିମିଆଯୁଦ୍ଧ ଓ ୧୯୦୪ ମସିହାର ରୁଷ୍-ଜାପାନ୍ ଯୁଦ୍ଧରେ ପରାସ୍ତ ହେବାଦ୍ୱାରା ରୁଷିଆର ସମ୍ମାନ କ୍ଷୁଣ୍ଣ ହୋଇଥିଲା । ଏହି ଯୁଦ୍ଧଗୁଡ଼ିକରେ ରୁଷିଆ ଭଳି ଏକ ବୃହତ୍‌ଶକ୍ତିର ସୈନ୍ୟବାହିନୀର ବିଫଳତା ଜାର୍‌ଶାସନର ଦୁର୍ବଳତାକୁ ପ୍ରମାଣ କଲା ଏବଂ ବ୍ୟାପକଭାବେ ପ୍ରଚରିତ ରୁଷ ଦେଶର ଅଜେୟତାକୁ ଭଙ୍ଗକରି ଦେଶ ପ୍ରତି ଦୁର୍ନାମ ଆଣିଲା । ରୁଷ୍‌ର ଜନସାଧାରଣ ଅପମାନିତ ବୋଧ କଲେ ଏବଂ ସରକାରଙ୍କ ତୀବ୍ର ସମାଲୋଚନା କରି ସାମ୍ବିଧାନିକ ସଂସ୍କାର ସପକ୍ଷରେ ଆନ୍ଦୋଳନ କଲେ ।

**ତୁମେ ଜାଣିଛ କି ?**

*ତୁର୍କୀ ଉପରେ ଅଧିକାରକୁ ନେଇ ୟୁରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତା ଦକ୍ଷିଣ ରୁଷିଆର କ୍ରିମିଆ ଉପଦ୍ୱୀପରେ ଯୁଦ୍ଧର ରୂପ ନେଇଥିଲା । ତୁର୍କୀ ସାମ୍ରାଜ୍ୟର ଜେରୁଜେଲମ୍‌ଠାରେ ଗ୍ରୀକ୍ ଖ୍ରୀଷ୍ଟିଆନ୍‌ମାନଙ୍କ ସୁରକ୍ଷା ଦାୟିତ୍ୱ ନେବାପାଇଁ ରୁଷିଆର ଦାବିକୁ ତୁର୍କୀ ପ୍ରତ୍ୟାଖାନ କରିବାରୁ ରୁଷିଆ ତୁର୍କୀ ଉପରେ ଆକ୍ରମଣ କଲା । ପରେ ପରେ ଇଂଲାଣ୍ଡ, ଫ୍ରାନ୍ସ, ପିଡ଼ମଣ୍ଟ ଓ ଅଷ୍ଟ୍ରିଆ ତୁର୍କୀ ସପକ୍ଷରେ ଯୁଦ୍ଧରେ ଯୋଗ ଦେଲେ । ଯୁଦ୍ଧ ଚାଲୁଥିବା ସମୟରେ ୧୮୫୫ ମାର୍ଚ୍ଚ ୨ ରେ ଜାର୍ ପ୍ରଥମ ନିକୋଲାସ ମୃତ୍ୟୁ ବରଣ କଲେ । ୧୮୫୫ ସେପ୍ଟେମ୍ବର ୯ ରେ ରୁଷିଆର ଦୁର୍ଗ ସେବାସ୍ତୋପୋଲ୍‌ର ସମର୍ପଣ ପରେ ୧୮୫୬ ଫେବୃଆରୀ ୨୫ ରୁ ଏପ୍ରିଲ୍ ୧୬ ପର୍ଯ୍ୟନ୍ତ ପ୍ୟାରିସ୍‌ଠାରେ ହୋଇଥିବା ଶାନ୍ତି ସମ୍ମିଳନୀରେ ଗୃହୀତ ରୁଷିଆ ପ୍ରତି ଅପମାନଜନକ ସର୍ତ୍ତ ସମ୍ବଳିତ ଚୁକ୍ତିରେ ଜାର୍ ଦ୍ୱିତୀୟ ଆଲେକ୍‌ଜାଣ୍ଡାର ସ୍ୱାକ୍ଷର କରିଥିଲେ ।*

**ତୁମେ ଜାଣିଛ କି ?**

*ଇଉରୋପ୍‌ରେ ସାମ୍ରାଜ୍ୟ ବିସ୍ତାର କରିବାରେ ବିଫଳ ହେବାପରେ ରୁଷିଆ ଏସିଆ ମହାଦେଶର ପୂର୍ବ ଭାଗରେ ମାଞ୍ଚୁରିଆ ପର୍ଯ୍ୟନ୍ତ ରେଳପଥ ବିସ୍ତାର କରିଥିବାରୁ ଲିଆଓତୁଙ୍ଗ୍ ଉପରେ ପ୍ରଭାବ ବିସ୍ତାର କଲା ଏବଂ ଆର୍ଥର ବନ୍ଦରକୁ ଦୁର୍ଗୀକରଣ କଲା । ସମୟ କ୍ରମେ ମାଞ୍ଚୁରିଆ ଓ କୋରିଆ ଅଧିକାର କରିବା ପାଇଁ ରୁଷିଆ ଓ ଜାପାନ୍ ଆଗ୍ରହୀ ହେଲେ । ୟାଲୁ ନଦୀ ତଟରେ ଗଛକଟାକୁ ନେଇ ଉଭୟ ଦେଶର ସୈନ୍ୟଙ୍କ ମଧ୍ୟରେ ଗୁଳି ବିନିମୟରେ କେତେକ ରୁଷୀୟ ସୈନ୍ୟଙ୍କ ମୃତ୍ୟୁ ପରେ ରୁଷିଆ କୋରିଆରେ ନିଜର ସୈନ୍ୟ ମୁତୟନ କରିବାରୁ ୧୯୦୪ ଫେବୃଆରୀ ୫ ରେ ଜାପାନ୍ ରୁଷିଆ ବିରୋଧରେ ଯୁଦ୍ଧ ଘୋଷଣା କଲା । ଏହି ଯୁଦ୍ଧରେ ପରାଜିତ ହେଲା ପରେ ସମ୍ପାଦିତ ପୋର୍ଟସମାଉଥ ସନ୍ଧି ରୁଷିଆର ପୂର୍ବ ଏସିଆରେ ପ୍ରଭାବ ବିସ୍ତାର କରିବାର ଅଭିଳାଷରେ ପୂର୍ଣ୍ଣଚ୍ଛେଦ ପକାଇଲା ।*

ଇତିହାସ

## ୯. ରକ୍ତାକ୍ତ ରବିବାର :

୧୯୦୫ ମସିହା ଜାନୁଆରୀ ୨୨ ତାରିଖ ରବିବାର ଦିନ ଧର୍ମଯାଜକ ଫାଦର ଗ୍ୟାପନ୍‌ଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ବିକ୍ଷୋଭକାରୀ ଜାର ଦ୍ୱିତୀୟ ନିକୋଲାସଙ୍କୁ ଏକ ଦାବିପତ୍ର ଦେବାପାଇଁ ସେଣ୍ଟ ପିଟରସ୍‌ବର୍ଗସ୍ଥିତ ଜାରଙ୍କ ଶୀତକାଳୀନ ପ୍ରାସାଦ ଅଭିମୁଖେ ଏକ ଶୋଭାଯାତ୍ରାରେ ଯାଉଥିଲେ । ଜାର୍‌ଙ୍କ ନିର୍ଦ୍ଦେଶରେ ସୈନ୍ୟମାନେ ଶୋଭାଯାତ୍ରାକାରୀଙ୍କ ଉପରେ ଗୁଳି ଚାଳନା କରିବା ଫଳରେ ଅନେକ ମୃତ୍ୟୁ ବରଣ କଲେ ଓ ବହୁସଂଖ୍ୟକ ଆହତ ହେଲେ । ଏହି ସମ୍ବାଦ ପ୍ରଚାରିତ ହେବା ମାତ୍ରେ ଦେଶସାରା ଧ୍ୱଂସଲୀଳା ଆରମ୍ଭ ହୋଇଗଲା ଏବଂ ଚାରିଆଡ଼େ ଜନ ଆନ୍ଦୋଳନ ବ୍ୟାପିଗଲା । ଉକ୍ତ ଦିବସଟି ରୁଷ୍ ଇତିହାସରେ "ରକ୍ତାକ୍ତ ରବିବାର" (Bloody Sunday) ଭାବେ ନାମିତ ।

**ତୁମେ ଜାଣିଛ କି ?**

***୧୭୦୩ ମସିହାରେ ଜାର୍ ପିଟରଙ୍କ ଦ୍ୱାରା ପ୍ରତିଷ୍ଠିତ ସେଣ୍ଟ ପିଟରସ୍‌ବର୍ଗ କିଛି ଦିନ ପାଇଁ ପେଟ୍ରୋଗ୍ରାଡ଼ ଭାବରେ ନାମିତ ହୋଇ ୧୯୧୮ ପର୍ଯ୍ୟନ୍ତ ରୁଷିଆର ରାଜଧାନୀ ଥିଲା । ଏବେ ଏହା ଲେନିନ୍‌ଗ୍ରାଡ଼ ନାମରେ ପରିଚିତ ଏବଂ ଏହା ରୁଷିଆର ଦ୍ୱିତୀୟ ବୃହତ୍ତମ ସହର ।***

## ୧୦. କ୍ଷମତାବିହୀନ ଡୁମା :

ବ୍ୟାପକ ଜନ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ୧୯୦୫ ଅଗଷ୍ଟ ମାସରେ ଜାର୍ ଦ୍ୱିତୀୟ ନିକୋଲାସ୍ ଆଇନ୍ ପ୍ରଣୟନ କରିବା କ୍ଷମତା ନ ଥାଇ କେବଳ ପରାମର୍ଶ ଦେବାପାଇଁ ଏକ ନିର୍ବାଚିତ ସଂସଦ ବା ଡୁମା ଆହ୍ୱାନ କରିବାକୁ ଆଦେଶ ଜାରିକଲେ । ଏଥିରେ ସନ୍ତୁଷ୍ଟ ନ ହୋଇ ରୁଷ୍‌ବାସୀ ଦେଶ ବ୍ୟାପି ଆନ୍ଦୋଳନ କଲେ । ବାଧ୍ୟହୋଇ ଜାର୍ ସେହିବର୍ଷ ଅକ୍ଟୋବର ୩୦ ତାରିଖରେ ଏକ ଇସ୍ତାହାର ଘୋଷଣା କଲେ । ଏହାକୁ 'ଅକ୍ଟୋବର ଇସ୍ତାହାର' (October Manifesto) କୁହାଯାଏ । ତଦନୁଯାୟୀ ଅନ୍ୟାନ୍ୟ ପ୍ରସଙ୍ଗ ବ୍ୟତୀତ 'ଡୁମା'କୁ ଆଇନ୍ ପ୍ରଣୟନ କ୍ଷମତା ଦିଆଗଲା ।

୧୯୦୬ ମସିହା ମେ ମାସ ୬ ତାରିଖରେ ଦ୍ୱିତୀୟ ନିକୋଲାସଙ୍କର ପ୍ରଥମ ଡୁମା ମହାସମାରୋହରେ ଉଦ୍‌ଘାଟିତ ହେଲା । କିନ୍ତୁ ଡୁମା ହାତରେ ପ୍ରକୃତ କ୍ଷମତା ନ ଥିଲା । ସଭ୍ୟମାନେ ଜାର୍‌ଙ୍କ ସ୍ୱେଚ୍ଛାଚାରିତାକୁ ନିୟନ୍ତ୍ରଣ କରିବା ପାଇଁ ଅଧିକାର ଚାହିଁବାରୁ ସେହି ବର୍ଷ ଜୁଲାଇ ମାସରେ ଜାର୍ ଡୁମାକୁ ଭଙ୍ଗ କଲେ । ୧୯୦୭ ମସିହା ମାର୍ଚ୍ଚ ମାସରେ ଜାର୍ ଦ୍ୱିତୀୟ ଡୁମା ଆହ୍ୱାନ କଲେ କିନ୍ତୁ ମନ୍ତ୍ରିମଣ୍ଡଳ ସଙ୍ଗେ ମତାନ୍ତର ହେବାରୁ ଚାରିମାସପରେ ଭାଙ୍ଗି ଦେଲେ । ଭୋଟଦାତାଙ୍କ ସଂଖ୍ୟା ହ୍ରାସକରି ଜାର୍ ତୃତୀୟ ଡୁମା ନିର୍ବାଚିତ କରାଇଲେ । ଏହାର ସଭ୍ୟମାନେ ଜାର୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରିବାରୁ ଏହା ପାଞ୍ଚବର୍ଷଧରି ୧୯୧୨ ମସିହା ପର୍ଯ୍ୟନ୍ତ ତିଷ୍ଠି ରହିଲା । କିନ୍ତୁ ୧୯୧୨ ମସିହାରେ ଗଠିତ ଚତୁର୍ଥ ଡୁମାର ସଦସ୍ୟମାନେ ଅତ୍ୟନ୍ତ ରକ୍ଷଣଶୀଳ ଥିଲେ ଏବଂ ଜାର୍‌ଙ୍କ କ୍ରୀଡ଼ନକଭାବେ କାର୍ଯ୍ୟ କଲେ । ଫଳରେ ଏହା ଏକ ବିଧାୟକ ସଭା ନ ହୋଇ କେବଳ ଏକ ପରାମର୍ଶଦାତା ସଭା ହୋଇଗଲା ।

## ୧୧. ଜାରିନା ଓ ରାସ୍‌ପୁଟିନ୍‌ଙ୍କ ହସ୍ତକ୍ଷେପ:

ଜାର୍ ଦ୍ୱିତୀୟ ନିକୋଲାସ୍‌ଙ୍କ ପତ୍ନୀ ଜାରିନା ଆଲେକ୍‌ଜାଣ୍ଡ୍ରା ମଧ୍ୟ ସ୍ୱେଚ୍ଛାଚାରୀ ପ୍ରକୃତିର ଥିଲେ । ସେ ଜଣେ ଅହଙ୍କାରୀ ଓ ସଂକୀର୍ଣ୍ଣମନା ନାରୀ ଥିଲେ । ଅତ୍ୟନ୍ତ କ୍ଷମତା ଲୋଭୀ ଜାରିନା ସବୁବେଳେ ଜାର୍ ଦ୍ୱିତୀୟ ନିକୋଲାସ୍‌ଙ୍କୁ ନିରଙ୍କୁଶ ଓ କଠୋର ଶାସନ କରିବା ପାଇଁ ପ୍ରରୋଚିତ କରୁଥିଲେ। ପରବର୍ତ୍ତୀ ସମୟରେ ଅନ୍ଧବିଶ୍ୱାସର ଶିକାର ହୋଇ ଜାରିନା ଜଣେ ଭଣ୍ଡ ସନ୍ନ୍ୟାସୀଙ୍କ ପୁତ୍ତଳିକା ସଦୃଶ ହୋଇଗଲେ । ତାଙ୍କ ନାମ ଥିଲା ଗ୍ରୀଗୋରୀ ଏଫିମୋଭିଚ କିନ୍ତୁ ସେ ରାସ୍‌ପୁଟିନ୍ ନାମରେ ପରିଚିତ ଥିଲେ । ଜାରିନାଙ୍କ ଜରିଆରେ ରାସ୍‌ପୁଟିନ୍ ଜାର୍ ଏବଂ ତାଙ୍କ ଶାସନ ଉପରେ ଅଖଣ୍ଡ ପ୍ରଭାବ ବିସ୍ତାର କଲେ । ରାଜନୀତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞଥାଇ ମଧ୍ୟ ସେ ସମସ୍ତ ରାଜକାର୍ଯ୍ୟରେ ହସ୍ତକ୍ଷେପ କଲେ । ସେ ଯାହାକୁ ଚାହିଁଲେ ତା'କୁ ଉଚ୍ଚ ପଦବୀରେ ରଖାଇ ପାରୁଥିଲେ । ତାଙ୍କର

ଉପଦେଶ ଅନୁସାରେ ଜାର୍ ଅନେକ ଦକ୍ଷ ଓ ଯୋଗ୍ୟ ମନ୍ତ୍ରିମାନଙ୍କୁ ବହିଷ୍କାର କଲେ । ମନ୍ତ୍ରିମଣ୍ଡଳରେ ପ୍ରାୟତଃ ରାସ୍‌ପୁଟିନ୍‌ଙ୍କ ଚାଟୁକାରମାନେ ନିଯୁକ୍ତି ପାଇଲେ । ପ୍ରକାରାନ୍ତରେ ରୁଷକୁ ରାସ୍‌ପୁଟିନ୍ ଶାସନ କଲେ । ତାଙ୍କର ପ୍ରଭାବ ସାରା ଦେଶରେ ଦୁର୍ନୀତି ଓ ବିଭ୍ରାନ୍ତର ବାତାବରଣ ସୃଷ୍ଟି କଲା । ଫଳରେ ଜନସାଧାରଣ ରାଜପରିବାର ପ୍ରତି ଅସନ୍ତୁଷ୍ଟ ହେଲେ ଏବଂ ଦେଶର ଶାସନ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ସଂକଳ୍ପ ନେଲେ ।

**ତୁମେ ଜାଣିଛ କି ?**

*ରୁଷିଆରେ ଶାସନର ପ୍ରତ୍ୟେକ କାର୍ଯ୍ୟରେ ରାସ୍‌ପୁଟିନ୍‌ଙ୍କ ହସ୍ତକ୍ଷେପ ଜନସାଧାରଣଙ୍କ ବ୍ୟତୀତ ଜାରଙ୍କ ଅନୁଗତମାନଙ୍କୁ ମଧ୍ୟ ଅତିଷ୍ଠ କରିଦେଲା । ଫଳରେ ସେମାନେ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କଲେ । ୧୯୧୬ ଡିସେମ୍ବରରେ ରାଜକୁମାର ୟୁସୁପୋଭଙ୍କ ନେତୃତ୍ୱରେ କେତେକ ସଂଭ୍ରାନ୍ତ ବ୍ୟକ୍ତି ରାସ୍‌ପୁଟିନ୍‌ଙ୍କୁ ଏକ ନୈଶଭୋଜିକୁ ନିମନ୍ତ୍ରଣ କରି ସେଠାରେ ତାଙ୍କୁ ଗୁଳି କରି ହତ୍ୟା କଲେ ଏବଂ ତାଙ୍କ ମରଶରୀରକୁ ନେଭା ନଦୀର ଅତ୍ୟନ୍ତ ଶୀତଳ ପାଣି ମଧ୍ୟକୁ ନିକ୍ଷେପ କରିଦେଲେ ।*

**ତୁମ ପାଇଁ କାମ :**

*ରୁଷ୍ ବିପ୍ଳବ ପାଇଁ ଜାରିନା ଆଲେକଜାଣ୍ଡ୍ରାଙ୍କ ଭୂମିକା ସହିତ ୧୭୮୯ ମସିହାରେ ଫରାସୀ ବିପ୍ଳବ ପାଇଁ ଫ୍ରାନ୍ସର ରାଣୀ ମେରି ଏଣ୍ଟୋଇନେଙ୍କ ଭୂମିକାର ଏକ ତୁଳନାତ୍ମକ ବିଶ୍ଳେଷଣ ଦିଅ ।*

## ୧୨. ବିଶ୍ୱଯୁଦ୍ଧରେ ରୁଷିଆର ପରାଜୟ :

ଦେଶର ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକର ସମାଧାନ ଦିଗରେ କୌଣସି ଉଲ୍ଲେଖନୀୟ ପଦକ୍ଷେପ ନେବା ପରିବର୍ତ୍ତେ ରୁଷବାସୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ପ୍ରଥମ ବିଶ୍ୱଯୁଦ୍ଧରେ ରୁଷିଆ ଜର୍ମାନୀ ବିରୋଧରେ ମିତ୍ରଶକ୍ତି ସପକ୍ଷରେ ଯୋଗଦେଲା । ଯୁଦ୍ଧ ପାଇଁ ଜର୍ମାନୀ ତୁଳନାରେ ରୁଷିଆର ପ୍ରସ୍ତୁତି ଯଥେଷ୍ଟ ନ ଥିଲା । ତା'ଛଡ଼ା ରୁଷୀୟ ସୈନ୍ୟମାନେ ନିରୁତ୍ସାହିତ ଥିଲେ ଏବଂ ସେମାନଙ୍କ ମନୋବଳ ଦୃଢ଼ ନ ଥିଲା । ଫଳରେ ଯୁଦ୍ଧ ଆରମ୍ଭରୁ ହିଁ ରୁଷିଆ ପରାଜୟ ବରଣ କରିବାରେ ଲାଗିଲା । ବହୁ ସଂଖ୍ୟକ ରୁଷୀୟ ସୈନ୍ୟ ପ୍ରାଣ ହରାଇଲେ ଓ ବନ୍ଦୀ ହେଲେ । ରୁଷୀୟ ସୈନ୍ୟବାହିନୀ କେନ୍ଦ୍ରଶକ୍ତିର ସୈନ୍ୟବାହିନୀର ସମ୍ମୁଖୀନ ହେବା ପାଇଁ ଅକ୍ଷମ ହେଲେ । ପରାଜୟର ଅପମାନ ସାଙ୍ଗକୁ ଯୁଦ୍ଧ ଯୋଗୁଁ ରୁଷିଆର ଆର୍ଥିକ ଅବସ୍ଥାର ଅବନତି ହେବାକୁ ଲାଗିଲା । ଏହା ଅସନ୍ତୁଷ୍ଟ ଜନତାଙ୍କୁ ଜାର୍‌ଙ୍କ ବିରୋଧରେ ବିପ୍ଳବ କରିବାପାଇଁ ଉତ୍ତେଜିତ କଲା ।

**ତୁମ ପାଇଁ କାମ :**

*ରୁଷବାସୀଙ୍କ ପ୍ରବଳ ବିରୋଧସତ୍ତ୍ୱେ ପ୍ରଥମ ବିଶ୍ୱଯୁଦ୍ଧରେ ରୁଷିଆ ଜର୍ମାନୀ ବିରୋଧରେ ମିତ୍ରଶକ୍ତି ସହିତ ଯୋଗ ଦେବାର କାରଣଗୁଡ଼ିକ ପର୍ଯ୍ୟାଲୋଚନା କର ।*

### ବିପ୍ଳବର ସୂତ୍ରପାତ:

ବିଭିନ୍ନ କାରଣରୁ ଉପୁଜିଥିବା ଜନ ଅସନ୍ତୋଷ ପୁଞ୍ଜିଭୂତ ହୋଇ ଏକ ବିପ୍ଳବ କରିବା ସପକ୍ଷରେ ରୁଷିଆରେ ଜନମତ ସୃଷ୍ଟି ହେଲା । ଖାଦ୍ୟଶସ୍ୟ, ପୋଷାକ, ଜାଳେଣି ପ୍ରଭୃତି ଦୈନନ୍ଦିନ ଆବଶ୍ୟକତାର ଅଭାବ ବିପ୍ଳବର ଆଶୁ କାରଣ ହେଲା । ବଜାରରେ ଜିନିଷପତ୍ରର ଘୋର ଅଭାବ ଯୋଗୁଁ ଦରଦାମ ବହୁ ପରିମାଣରେ ବୃଦ୍ଧି ପାଇଲା । ଗରିବ ଲୋକମାନେ ଅତି ଦୁଃଖ କଷ୍ଟରେ ଜୀବନ ଅତିବାହିତ କଲେ । ସେମାନଙ୍କ ଦୃଢ଼ ବିଶ୍ୱାସ ଥିଲା ଯେ ଦେଶରେ କୌଣସି ଜିନିଷର ଅଭାବ ନ ଥିଲା, କିନ୍ତୁ ଅତ୍ୟଧିକ ଲାଭ ଉଠାଇବା ପାଇଁ ଲୋଭୀ ପୁଞ୍ଜିପତିମାନେ ସେଗୁଡ଼ିକ ଲୁଚାଇ ରଖିଥିଲେ । ରୁଷିଆର ଅରାଜକତା ଓ ବିଶୃଙ୍ଖଳ ପରିସ୍ଥିତି ପାଇଁ ଜାର୍ ଦ୍ୱିତୀୟ ନିକୋଲାସ ଉଦାସୀନ ଥିଲେ । ବଜାରରେ ଜିନିଷପତ୍ରର ଅଭାବ ଦୂର କରିବା ପାଇଁ ସେ କୌଣସି ପଦକ୍ଷେପ ନେଲେନାହିଁ । ଲୋକମାନେ ସେମାନଙ୍କ ଏ ଭଳି ଦୁର୍ଦ୍ଦଶାପାଇଁ ଜାର୍‌ଙ୍କୁ ଦାୟୀ କଲେ ଏବଂ ବିପ୍ଳବର ପନ୍ଥା ଗ୍ରହଣ କଲେ ।

### ପ୍ରଥମ ପର୍ଯ୍ୟାୟ - ଫେବ୍ରୁଆରୀ ବିପ୍ଳବ :

୧୯୧୭ ମସିହା ମାର୍ଚ୍ଚମାସ ୮ ତାରିଖରେ ପ୍ରାୟ ଏକ ଲକ୍ଷ ଲୋକ ପେଟ୍ରୋଗ୍ରାଡ଼ ସହରର ରାସ୍ତାଘାଟରେ ବିକ୍ଷୋଭ ପ୍ରଦର୍ଶନ କଲେ । ଏହି ବିକ୍ଷୋଭରେ ହଜାର ହଜାର ସଂଖ୍ୟାରେ ମହିଳାମାନେ ମଧ୍ୟ ଯୋଗ ଦେଇଥିଲେ । ବିକ୍ଷୋଭକାରୀମାନେ ଜାର୍ ଓ ଅମଲାତନ୍ତ୍ରର କର୍ମଚାରୀଙ୍କ ବିରୋଧରେ ସ୍ଲୋଗାନ୍ ଦେଲେ । ସରକାରୀ ଗୃହ ଓ କର୍ଯ୍ୟାଳୟଗୁଡ଼ିକୁ ଘେରଉ କଲେ ଏବଂ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା କଲେ । ସାଂଘାତିକ ଖାଦ୍ୟ ସମସ୍ୟା ଯୋଗୁଁ ପାଉଁରୁଟି ଭାଟିଗୁଡ଼ିକ ଉପରେ ଚଢଉ କଲେ । ଜାର୍ ତାଙ୍କର ସାମରିକ ବାହିନୀକୁ ବିକ୍ଷୁବ୍ଧ ଜନତାଙ୍କ ଉପରକୁ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଲେ କିନ୍ତୁ ସେମାନେ ଜାର୍‌ଙ୍କ ନିର୍ଦ୍ଦେଶକୁ ମାନିଲେ ନାହିଁ । ଅପରନ୍ତୁ ସେମାନେ ବିକ୍ଷୋଭକାରୀଙ୍କ ସହିତ ଯୋଗ ଦେଲେ । ସମଗ୍ର ଦେଶରେ ଆନ୍ଦୋଳନ ବ୍ୟାପିଲା । ମାର୍ଚ୍ଚମାସ ୧୦ ତାରିଖରେ ଜାର୍ ଡୁମାକୁ ଭଙ୍ଗ କଲେ । ଡୁମାର ସଦସ୍ୟମାନେ ଜାର୍‌ଙ୍କ ବିରୋଧରେ ବିଦ୍ରୋହ କରିବା ପାଇଁ ଜାଗ୍ରତ ହେଲେ ଏବଂ ଏକ କାମଚ଼ଳା ସରକାର ଗଠନ କରିବା ପାଇଁ ଘୋଷଣା କଲେ । ସେହିଦିନ ସଂଧ୍ୟାରେ ସୈନ୍ୟବାହିନୀ ଓ ଆନ୍ଦୋଳନକାରୀ ସେମାନଙ୍କ ପ୍ରତିନିଧିମାନଙ୍କୁ ନେଇ "ସୋଭିଏତ୍" ବା ଶାସନ ପରିଚାଳନା ପରିଷଦ ଗଠନ କଲେ ।

ବିପ୍ଳବୀମାନେ ବଳ ପ୍ରୟୋଗ ପୂର୍ବକ ଜାର୍ ଓ ତାଙ୍କ ସରକାରଙ୍କୁ କ୍ଷମତାରୁ ହଟାଇ ମାର୍ଚ୍ଚମାସ ୧୨ ତାରିଖରେ ଏକ କାମଚଳା ସରକାର ପ୍ରତିଷ୍ଠା କଲେ ଏବଂ ଜାରଙ୍କୁ ରୁଷିଆର ରାଜଗାଦି ତ୍ୟାଗ କରିବା ପାଇଁ ଦାବି କଲେ । ବିପ୍ଳବୀ ଓ ଜାର୍‌ଙ୍କ ଅନୁଗତ ସାମରିକ କର୍ମଚାରୀଙ୍କ ମଧ୍ୟରେ ତୁମୁଳ ଲଢ଼େଇ ହେଲା । ବିପ୍ଳବୀମାନେ ସଫଳ ହେଲେ । ମାର୍ଚ୍ଚ ମାସ ୧୫ ତାରିଖରେ ଜାର୍ ଦ୍ୱିତୀୟ ନିକୋଲାସ୍ ରାଜଗାଦି ତ୍ୟାଗ କରିବାକୁ ବାଧ୍ୟ ହେଲେ । ଏହିପରି ଭାବେ ରୁଷିଆରେ ତିନିଶହ ବର୍ଷରୁ ଊର୍ଦ୍ଧ୍ୱ ଶାସନ କରୁଥିବା ରୋମାନୋଭ ରାଜବଂଶର ରାଜତ୍ୱର ଅନ୍ତ ଘଟିଲା । ଏହା ଥିଲା ୧୯୧୭ ମସିହାର ଫେବ୍ରୁଆରୀ ବିପ୍ଳବ ।

**ତୁମେ ଜାଣିଛ କି ?**

*ସେ ସମୟରେ ପ୍ରଚଳିତ କାଲେଣ୍ଡର ଅନୁଯାୟୀ ମାର୍ଚ୍ଚ ୧୨ ତାରିଖଟି ଫେବୃଆରୀ ୨୭ ତାରିଖ ଥିଲା । ତେଣୁ ଏହାକୁ ଫେବ୍ରୁଆରୀ ବିପ୍ଳବ କୁହାଯାଏ । ପରବର୍ତ୍ତୀ କାଲେଣ୍ଡରରେ ଉକ୍ତ ଦିବସଟି ମାର୍ଚ୍ଚ ମାସର ଅନ୍ତର୍ଭୁକ୍ତ ହେବାରୁ କେହି କେହି ଏହାକୁ ମାର୍ଚ୍ଚ ବିପ୍ଳବ ବୋଲି ମଧ୍ୟ କହିଥାନ୍ତି ।*

### *କାମଚଳା ସରକାର :*

ବିପ୍ଳବର ସୂତ୍ରପାତରେ କୃଷକ, ଶ୍ରମିକ ଓ ଗରିବ ଜନସାଧାରଣ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ କିନ୍ତୁ ରୁଷିଆର ଶାସନ କ୍ଷମତା ମଧ୍ୟବିତ୍ତ ଶ୍ରେଣୀର ହସ୍ତରେ ନ୍ୟସ୍ତ ହେଲା । କାମଚଳା ସରକାର ରୁଷିଆର ତିନୋଟି ଦଳର ଏକ ମଳିତ ସରକାର ଥିଲା । ପ୍ରିନ୍ସ ଲୋଭୋଭ୍ ଏହି ସରକାରଙ୍କ ମୁଖ୍ୟ ଥିଲେ ।

ନୂତନ ସରକାରଙ୍କର ସାମ୍ବିଧାନିକ କାର୍ଯ୍ୟକାରିତା ଉପରେ ବିଶ୍ୱାସ ଥିଲା ଏବଂ କ୍ଷମତାକୁ ଆସିବାପରେ ଏହି ସରକାର ସଙ୍ଗେ ସଙ୍ଗେ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଘୋଷଣା କଲେ । ନାଗରିକଙ୍କୁ ନିଜର ମତ ବ୍ୟକ୍ତ କରିବା ପାଇଁ ଓ ସଂଘ ଗଠନ କରିବା ପାଇଁ ସ୍ୱାଧୀନତା ଦିଆଗଲା । ଧର୍ମ ଓ ସମ୍ବାଦପତ୍ରର ସ୍ୱାଧୀନତା ଦିଆଗଲା । ସମସ୍ତ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରାଗଲା ଓ ନିର୍ବାସନ ଦଣ୍ଡ ଭୋଗୁଥିବା ବିପ୍ଳବୀମାନଙ୍କୁ ରୁଷିଆକୁ ଫେରିଆସିବା ପାଇଁ ଅନୁମତି ଦିଆଗଲା । ବିନା ତଦନ୍ତରେ କାହାରିକୁ ବନ୍ଦୀ କରିବା ନିଷେଧ ହେଲା । ଏକ ନୂତନ ସମ୍ବିଧାନ ସଭା ଗଠନ ପାଇଁ ଘୋଷଣା କରାଗଲା । ପ୍ରାପ୍ତବୟସ୍କ ଭୋଟଦାନ ଅଧିକାର ପ୍ରଥା ଘୋଷଣା କରାଗଲା । ଜିଉମାନଙ୍କୁ ପୁନର୍ବାର ସେମାନଙ୍କ ରାଜନୈତିକ, ସାମାଜିକ ଓ ସାମରିକ ଅଧିକାର ଦିଆଗଲା । ଫିନ୍‌ଲାଣ୍ଡର ସାମ୍ବିଧାନିକ ଅଧିକାରକୁ

ପୂର୍ବାବସ୍ଥାକୁ ଫେରାଇ ଆଣିବା ଓ ପୋଲାଣ୍ଡକୁ ସ୍ୱୟଂଶାସନ ଅଧିକାର ପ୍ରଦାନ ପାଇଁ ଘୋଷଣା କରାଗଲା ।

> ***ତୁମ ପାଇଁ କାମ :***
>
> ***ଭାରତରେ ନିର୍ବାଚନରେ ଭୋଟଦାନ କରିବା ପାଇଁ ଆବଶ୍ୟକ ଯୋଗ୍ୟତା ଓ ଭୋଟଦାନ ପ୍ରକ୍ରିୟା ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଲେଖ ।***

ଉଦାରନୀତି ସତ୍ତ୍ୱେ କାମଚଳା ସରକାର ବେଶୀଦିନ ତିଷ୍ଠି ପାରିଲା ନାହିଁ । ଆରମ୍ଭରୁ ହିଁ ସରକାରଙ୍କୁ କେତେକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସରକାର ବିଶ୍ୱଯୁଦ୍ଧରେ ରୁଷିଆର ଯୋଗଦାନକୁ ଚାଲୁ ରଖିବାକୁ ଚାହିଁଲେ କିନ୍ତୁ ଦେଶବାସୀ ଆର୍ଥିକ ଦୁରବସ୍ଥା ଓ ଖାଦ୍ୟାଭାବ କାରଣରୁ ଏବଂ ପରାଜୟଜନିତ ନିରୁତ୍ସାହିତ ସୈନ୍ୟବାହିନୀଯୋଗୁଁ ଯୁଦ୍ଧ ସପକ୍ଷରେ ନ ଥିଲେ । ଦ୍ୱିତୀୟତଃ ସମାଜବାଦ ନୀତି ଦ୍ୱାରା ପରିଚାଳିତ ଶ୍ରମିକମାନେ ସରକାରଙ୍କ ଘୋର ବିରୋଧ କଲେ । ଶ୍ରମିକ ଓ ସୈନ୍ୟମାନଙ୍କର ସଂଗଠନ "ସୋଭିଏତ୍" ଏବଂ ଉଦାର ସରକାରଙ୍କ ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ ଓ ସରକାରଙ୍କ ଅନୁପଯୁକ୍ତ କାର୍ଯ୍ୟ ଶୈଳୀ ହେତୁ ସବୁବେଳେ ବିବାଦ ଦେଖାଦେଲା । ତୃତୀୟତଃ ବିନା କ୍ଷତି ପୂରଣରେ ଜମିମାଲିକଙ୍କ ଠାରୁ ଆଣି ଜମିକୁ କୃଷକମାନଙ୍କ ମଧ୍ୟରେ ବାଣ୍ଟିବା ଓ ଶିଳ୍ପଗୁଡ଼ିକର ଜାତୀୟକରଣ କରି ତା'ଉପରୁ ପୁଞ୍ଜିପତିମାନଙ୍କ ଅଧିକାର ଉଚ୍ଛେଦ କରିବା ପାଇଁ କୌଣସି ପଦକ୍ଷେପ ନ ନେବାରୁ କୃଷକ ଓ ଶ୍ରମିକମାନେ ସରକାରଙ୍କ ବିରୋଧୀ ହେଲେ । ସମାଜବାଦୀ ନେତାମାନଙ୍କ ନେତୃତ୍ୱରେ ସେମାନେ ସରକାରଙ୍କ ଉପରେ ଚାପ ପକାଇବାପାଇଁ ଉଗ୍ର ଓ ଧମକପୂର୍ଣ୍ଣ ପନ୍ଥା ଅବଲମ୍ବନ କଲେ । ଏହା ଦେଶରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି କଲା ଏବଂ ସରକାରଙ୍କ ପାଇଁ ସଫଳତାର ସହ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଲା ।

## କେରେନ୍‌ସ୍କି ସରକାର :

କାମଚଳା ସରକାରଙ୍କ ବିଫଳତା ପରେ ଉଦାରବାଦୀଙ୍କ ହାତରୁ କ୍ଷମତା ଅପସାରିତ ହେଲା । ମେନ୍‌ସେଭିକ୍ ଦଳ କ୍ଷମତାକୁ ଆସିଲା ଏବଂ ଏହି ଦଳର ବିପ୍ଳବୀ ସମାଜବାଦୀ ନେତା ତଥା ପୂର୍ବତନ ଯୁଦ୍ଧମନ୍ତ୍ରୀ କେରେନ୍‌ସ୍କି ପ୍ରଧାନମନ୍ତ୍ରୀ ହେଲେ । ସେ ସମାଜବାଦ ପ୍ରତିଷ୍ଠାପାଇଁ ସାମ୍ବିଧାନିକ ପନ୍ଥାରେ ବିଶ୍ୱାସ କରୁଥିଲେ । ସେ ଯୁଦ୍ଧ ଚାଲୁରହିବା ସପକ୍ଷରେ ଥିଲେ କିନ୍ତୁ ତା' ସହିତ ଯଥାଶୀଘ୍ର ସମ୍ମାନର ସହ ଏହାର ସମାପ୍ତି ଚାହୁଁଥିଲେ । ସୈନ୍ୟମାନଙ୍କ ମଧ୍ୟରେ ସାହସ ଓ ମନୋବଳକୁ ସେ ଦୃଢ଼ କରିବାକୁ ଉଦ୍ୟମ କରି ବିଫଳ ହେଲେ କାରଣ ସେମାନେ ବୋଲ୍‌ସେଭିକଙ୍କ ଆଦର୍ଶରେ ଅତିଶୟ ପ୍ରଭାବିତ ହୋଇ ଯୁଦ୍ଧ କରିବାପାଇଁ ଆଉ ଆଗ୍ରହୀ ନ ଥିଲେ । ଅନ୍ୟ ପକ୍ଷରେ ଜର୍ମାନୀର ସୈନ୍ୟମାନେ କ୍ଷିପ୍ରଗତିରେ ରୁଷିଆ ଆଡ଼କୁ ଅଗ୍ରସର ହେଉଥିଲେ । ପୁନଶ୍ଚ ଗୁରୁତ୍ୱପୂର୍ଣ୍ଣ ରିଗା ସହର ଜର୍ମାନୀ ସୈନ୍ୟମାନଙ୍କ ଦ୍ୱାରା ଅଧିକୃତ ହେବା ଦ୍ୱାରା ପେଟ୍ରୋଗ୍ରାଡ଼ ସହର ପାଇଁ ବିପଦ ସୃଷ୍ଟି କଲା । ବହୁ ଯୁଦ୍ଧକ୍ଷେତ୍ରରେ ରୁଷୀୟ ସୈନ୍ୟବାହିନୀର ଲଗାତାର ପରାଜୟ ଯୋଗୁଁ ରୁଷିଆର ଲୋକମାନଙ୍କ ମନରେ ଅସନ୍ତୋଷ ଜନ୍ମିଲା । କେରେନ୍‌ସ୍କି ସରକାର ଏହାର ମୂଳ ଉଦ୍ଦେଶ୍ୟ ପୂରଣ କରିବା ଦିଗରେ ବିଫଳ ହେଲେ ।

## ଦ୍ୱିତୀୟ ପର୍ଯ୍ୟାୟ - ଅକ୍ଟୋବର ବିପ୍ଳବ :

ଲେନିନ୍‌ଙ୍କ ନେତୃତ୍ୱରେ ବୋଲ୍‌ସେଭିକ୍ ଦଳଦ୍ୱାରା ଅକ୍ଟୋବର ବିପ୍ଳବ ସଂଗଠିତ ଓ ପରିଚାଳିତ ହୋଇଥିଲା ଏବଂ ବିପ୍ଳବର ସଫଳତା ପରେ ବୋଲ୍‌ସେଭିକ୍ ଦଳ ରୁଷିଆର କ୍ଷମତା ଦଖଲ କରିଥିଲେ । ସେଥିପାଇଁ ଏହି ବିପ୍ଳବକୁ "ବୋଲ୍‌ସେଭିକ୍ ବିପ୍ଳବ" ବୋଲି ମଧ୍ୟ କୁହାଯାଏ ।

୧୯୦୦ ମସିହାରେ ନିର୍ବାସନ ଦଣ୍ଡରୁ ମୁକ୍ତିପାଇ ଓ ସତରବର୍ଷ ବ୍ୟାପୀ ୟୁରୋପର ବିଭିନ୍ନ ଦେଶରୁ ରୁଷିଆର ବିପ୍ଳବୀମାନଙ୍କୁ ରାଜତନ୍ତ୍ର ବିରୋଧରେ ପ୍ରେରଣା ଦେଇ ଲେନିନ୍ ଫେବ୍ରୁଆରୀ ବିପ୍ଳବର ସଫଳତା ପରେ ୧୯୧୭ ଏପ୍ରିଲ ୧୬ ତାରିଖରେ ସୁଇଜରଲାଣ୍ଡରୁ ଆସି ପେଟ୍ରୋଗ୍ରାଡ଼ଠାରେ ପହଞ୍ଚିଲେ ଏବଂ ବିପ୍ଳବୀମାନଙ୍କୁ ପ୍ରତ୍ୟକ୍ଷ ନେତୃତ୍ୱ ଦେଲେ । କୃଷକ, ଶ୍ରମିକ ଓ ସୈନିକ ଉତ୍ସାହିତ ହେଲେ ଏବଂ ଲେନିନ୍‌ଙ୍କ ନେତୃତ୍ୱ ପ୍ରତି ବିପୁଳ ସମର୍ଥନ ଜଣାଇଲେ । ଲେନିନ୍ ଓ ଟ୍ରଟ୍‌ସ୍କିଙ୍କ ନେତୃତ୍ୱରେ ବୋଲ୍‌ସେଭିକ୍ ଦଳ କେରେନ୍‌ସ୍କି ସରକାରଙ୍କୁ କଠୋର ସମାଲୋଚନା କଲା ଏବଂ ତାଙ୍କ ନୀତି ବିରୋଧରେ ପ୍ରଚାର କଲା । ବୋଲ୍‌ସେଭିକ୍ ନେତୃବୃନ୍ଦ ସରକାରଙ୍କ ଉପରେ ନିୟନ୍ତ୍ରଣ ନିଜ ଅଧୀନକୁ ଆଣିବା ପାଇଁ ଯୋଜନା କଲେ । କେରେନ୍‌ସ୍କି ସରକାର ଲେନିନ୍‌ଙ୍କୁ ବନ୍ଦୀ କରିବାପାଇଁ ଉଦ୍ୟମ କରିବାରୁ ଲେନିନ୍ ଆତ୍ମଗୋପନ କଲେ ଏବଂ ତାଙ୍କ ଦଳକୁ ଦୂରରୁ ନେତୃତ୍ୱ ଦେଲେ ।

୧୯୧୭ ମସିହା ନଭେମ୍ବର ୭ ତାରିଖରେ ବୋଲ୍‌ସେଭିକ୍ ସ୍ୱେଚ୍ଛାସେବୀମାନେ ପେଟ୍ରୋଗ୍ରାଡ଼ ସହରର ରେଳଷ୍ଟେସନ, ସାମରିକ ଦୁର୍ଗ, ଟେଲିଗ୍ରାଫ୍ ଓ ଟେଲିଫୋନ୍ କାର୍ଯ୍ୟାଳୟ ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଅକ୍ତିଆର କରିନେଲେ । ସୈନ୍ୟବାହିନୀର ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ଅଧିକାର କଲେ । କାମଚଳା ସରକାରଙ୍କ କାର୍ଯ୍ୟାଳୟ ଅବସ୍ଥିତ ଥିବା ଜାରଙ୍କ ଶୀତକାଳୀନ ପ୍ରାସାଦକୁ ଅବରୋଧ କଲେ । କେରେନ୍‌ସ୍କି ଛଦ୍ମବେଶରେ ଏକ ଅଜଣା ସ୍ଥାନକୁ ପଳାୟନ କଲେ । ତାଙ୍କର ବହୁ ସହକର୍ମୀ ଓ ମନ୍ତ୍ରୀମାନେ ଆତ୍ମସମର୍ପଣ କରି ବନ୍ଦୀ ହେଲେ । ଏହିପରି ଭାବେ କେରେନ୍‌ସ୍କି ସରକାରର ପତନ ଘଟିଲା ଏବଂ ବିନା ରକ୍ତପାତରେ ରୁଷିଆ ଶାସନ ଉପରେ ବୋଲ୍‌ସେଭିକ୍ ଦଳର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପ୍ରତିଷ୍ଠିତ ହେଲା ।

**ତୁମେ ଜାଣିଛ କି ?**

***ରୁଷ୍ ବିପ୍ଳବ ସମୟରେ ପ୍ରଚଳିତ କାଲେଣ୍ଡରରେ ନଭେମ୍ବର ୭ ତାରିଖ ଅକ୍ଟୋବର ମାସର ୨୫ ତାରିଖ ହୋଇଥିବାରୁ ଏହାକୁ ଅକ୍ଟୋବର ବିପ୍ଳବ କୁହାଯାଏ । କିନ୍ତୁ ପରିବର୍ତ୍ତିତ କାଲେଣ୍ଡରରେ ବିପ୍ଳବ ଦିବସଟି ନଭେମ୍ବର ମାସର ଅନ୍ତର୍ଭୁକ୍ତ ହେବାରୁ ଏହି ବିପ୍ଳବକୁ ନଭେମ୍ବର ବିପ୍ଳବ ବୋଲି ମଧ୍ୟ କୁହାଯାଏ ।***

୧୯୧୭ ମସିହା ନଭେମ୍ବର ୭ ତାରିଖ ସଂଧ୍ୟାରେ ରୁଷିଆରେ ସୋଭିଏତ୍ ସାଧାରଣତନ୍ତ୍ର ସ୍ଥାପିତ ହେଲା ବୋଲି ଏହାର ନେତା ଲେନିନ୍ ଘୋଷଣା କଲେ । ରୁଷିଆରେ ସାମ୍ୟବାଦ ପ୍ରତିଷ୍ଠା ହେବ ବୋଲି ମଧ୍ୟ ସେ ଘୋଷଣା କଲେ । ପେଟ୍ରୋଗ୍ରାଡ଼ଠାରେ ନିଖିଳ ରୁଷିଆ ସୋଭିଏତ୍ କଂଗ୍ରେସ୍‌ର ସଦସ୍ୟମାନଙ୍କ ଦ୍ୱାରା ତାଙ୍କର ତିନିଗୋଟି ଆଦେଶନାମା ଅନୁମୋଦିତ କରାଇନେଲେ । ସେଗୁଡ଼ିକ ହେଲା ଯୁଦ୍ଧରତ ରାଷ୍ଟ୍ରମାନଙ୍କ ସହିତ ଶାନ୍ତି ସ୍ଥାପନ କରିବା, ଜମି ବ୍ୟବହାର କରିବା ଅଧିକାର କୃଷକମାନଙ୍କୁ ଦେବା ଏବଂ ଶିଳ୍ପ ଓ କାରଖାନାଗୁଡ଼ିକରେ ଉତ୍ପାଦନ ପରିଚାଳନା କ୍ଷମତା ଶ୍ରମିକମାନଙ୍କ ସମିତି ହସ୍ତରେ ନ୍ୟସ୍ତ କରିବା ।

ନୂତନ ସରକାରରେ ଲେନିନ୍ ପ୍ରଧାନମନ୍ତ୍ରୀ ହେଲେ ଓ ଟ୍ରଟ୍‌ସ୍କି ବୈଦେଶିକ ବ୍ୟାପାର ମନ୍ତ୍ରୀଭାବେ ନିଯୁକ୍ତ ହେଲେ । ୧୯୧୭ ଫେବ୍ରୁଆରୀ ବିପ୍ଳବ ଏକ ରାଜନୈତିକ ବିପ୍ଳବ ଥିଲା ଏବଂ ଏହା ଜାରଙ୍କ ସ୍ୱେଚ୍ଛାଚାରିତାକୁ ସମୂଳେ ଧ୍ୱଂସ କରି ଶାସନ ଉପରେ ମଧ୍ୟବିତ୍ତ ଶ୍ରେଣୀର ନିୟନ୍ତ୍ରଣ ପ୍ରତିଷ୍ଠା କରିଥିଲା । ୧୯୧୭ ଅକ୍ଟୋବର ବିପ୍ଳବ ଏକ ସାମାଜିକ ବିପ୍ଳବ ଥିଲା ଏବଂ ଏହା ପ୍ରୋଲେତାରିଏତ୍‌କୁ ଶାସନ ବ୍ୟବସ୍ଥା ନିୟନ୍ତ୍ରଣର କ୍ଷମତା ଦେଇ ଦେଶରେ ସାମ୍ୟବାଦ ଓ ସମାଜବାଦ ପ୍ରତିଷ୍ଠା କଲା ।

## ରୁଷ୍ ବିପ୍ଳବର ଫଳାଫଳ :

ଉଭୟ ଆଭ୍ୟନ୍ତରୀଣ ଓ ଆନ୍ତର୍ଜାତିକ କ୍ଷେତ୍ରରେ ରୁଷ୍ ବିପ୍ଳବର ଫଳାଫଳ ପରିଲକ୍ଷିତ ହେଲା । ଏହା ରୁଷିଆର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅବସ୍ଥାରେ

ଏକଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଆନ୍ତର୍ଜାତିକ କ୍ଷେତ୍ରରେ ଏହି ବିପ୍ଳବର ପ୍ରଭାବ ସୁଦୂର ପ୍ରସାରୀ ଥିଲା ।

## ୧. ରାଜନୈତିକ ପରିବର୍ତ୍ତନ :

ଜାର୍‌ମାନଙ୍କ ଏକଛତ୍ରଶାସନ ଲୋପ ପାଇଲା । ଦେଶର ଶାସନ ପ୍ରୋଲେତାରିଏତ୍‌ଙ୍କ ହାତକୁ ଗଲା । ପ୍ରଶାସନକୁ ପରିଚାଳିତ କରିବାପାଇଁ ସହର ଓ ଜିଲ୍ଲା ସ୍ତରରେ "ସୋଭିଏତ୍" ଗଠିତ ହେଲା । ଆଞ୍ଚଳିକ ସ୍ତରରୁ ନିର୍ବାଚିତ ପ୍ରତିନିଧି ପ୍ରଦେଶ ସ୍ତରୀୟ "ସୋଭିଏତ୍" ଏବଂ ପ୍ରାଦେଶିକ "ସୋଭିଏତ୍" ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା "ସର୍ବ ରୁଷୀୟ ସୋଭିଏତ୍ କଂଗ୍ରେସ" ଗଠିତ ହେଲା । ଏହା ରୁଷ ଦେଶର ସଂସଦଭାବେ କାର୍ଯ୍ୟ କଲା । ସର୍ବ-ରୁଷୀୟ ସୋଭିଏତ୍ କଂଗ୍ରେସ ନିର୍ବାଚନରେ କେବଳ 'ବୋଲ୍‌ସେଭିକ୍' ଦଳ ଅଂଶ ଗ୍ରହଣ କଲା । ଫଳରେ ରୁଷିଆ ଗୋଟିଏ ଏକଦଳୀୟ ରାଷ୍ଟ୍ର ହେଲା । ବୋଲ୍‌ସେଭିକ୍ ଦଳ "ରୁଷୀୟ କମ୍ୟୁନିଷ୍ଟ ଦଳ (ବୋଲ୍‌ସେଭିକ୍)" ନାମରେ ପୁନର୍ନାମିତ ହୋଇଥିଲା । ୧୯୧୮ ମସିହା ସମ୍ବିଧାନରେ ରୁଷିଆକୁ "ରୁଷୀୟ ସୋସିଆଲିଷ୍ଟ ଫେଡ଼େରେଟିଭ ସୋଭିଏତ୍ ରିପବ୍ଲିକ୍" ଭାବରେ ନାମିତ କରାଯାଇଥିଲା କିନ୍ତୁ ୧୯୨୪ ମସିହାରେ ଗୃହୀତ ସମ୍ବିଧାନ ଅନୁଯାୟୀ ରୁଷିଆର ନାମ ପରିବର୍ତ୍ତନ କରାଯାଇ ଏହାକୁ "ୟୁନିଅନ୍ ଅଫ୍ ସୋଭିଏତ୍ ସୋସିଆଲିଷ୍ଟ ରିପବ୍ଲିକ୍‌ସ୍" କୁହାଗଲା ।

> **ତୁମେ ଜାଣିଛ କି ?**
>
> ***୧୯୯୧ ମସିହାଠାରୁ ରୁଷିଆ ଏକ ସ୍ୱାଧୀନ ରାଷ୍ଟ୍ରହୋଇ ଏହା ପୂର୍ବବର୍ତ୍ତୀ "ୟୁନିଅନ୍ ଅଫ୍ ସୋଭିଏତ୍ ସୋସିଆଲିଷ୍ଟ ରିପବ୍ଲିକ୍ସ" ପରିବର୍ତ୍ତେ 'ରୁଷୀୟ ସଂଘ' ବା 'ରଷିଆନ୍ ଫେଡ଼େରେସନ' ଭାବରେ ପରିଚିତ ହେଲା । ୨୧ଟି ସାଧାରଣତନ୍ତ୍ର, ୬ଟି ରାଜ୍ୟ ପାହ୍ୟା ପାଇ ନ ଥିବା ଅଞ୍ଚଳ, ୪୯ଟି ପ୍ରଦେଶ, ୧୦ଟି ସ୍ୱୟଂଶାସିତ ଅଞ୍ଚଳ, ସଂଘୀୟ ପଦ ମର୍ଯ୍ୟାଦା ସହ ୨ଟି ସହର ଏବଂ ଜାଉ ସ୍ୱୟଂଶାସିତ କ୍ଷେତ୍ର ବିରୋବିଜନ ଏହାର ଅନ୍ତର୍ଭୁକ୍ତ ହେଲା ।***

## ୨. ଅର୍ଥନୈତିକ ପରିବର୍ତ୍ତନ :

ସମସ୍ତ ଘରୋଇ ଶିଳ୍ପ, କାରଖାନା ତଥା ବ୍ୟାଙ୍କଗୁଡ଼ିକର ଜାତୀୟକରଣ ହେଲା ଏବଂ ସେଗୁଡ଼ିକ ସରକାରଙ୍କ ନିୟନ୍ତ୍ରଣାଧୀନ ହେଲା । ଜମିଦାରମାନଙ୍କଠାରୁ ଜମିର ସ୍ୱତ୍ତ୍ୱ କାଢି ନିଆଗଲା । ଜମିର ଜାତୀୟକରଣ କରାଯାଇ ସେଗୁଡ଼ିକର ଉପଯୁକ୍ତ ଆବଣ୍ଟନ ଓ ବ୍ୟବହାର ପାଇଁ କୃଷକମାନଙ୍କ କମିଟି ଗଠନ କରାଗଲା । ସହରମାନଙ୍କରେ ଥିବା ପୁଞ୍ଜିପତିମାନଙ୍କର ବଡ଼ ବଡ଼ ଅଟ୍ଟାଳିକାଗୁଡ଼ିକୁ ପରିବାରର ଆବଶ୍ୟକତା ଅନୁଯାୟୀ ଭାଗ ଭାଗ କରିଦିଆଗଲା । ଦେଶର ସମସ୍ତ ସମ୍ପଦକୁ ରାଷ୍ଟ୍ରୀୟ ସମ୍ପତ୍ତି ରୂପେ ଘୋଷଣା କରାଗଲା । ଶିଳ୍ପ ଓ କାରଖାନାମାନଙ୍କରେ ଉତ୍ପାଦନ ଓ ଆବଣ୍ଟନ ବ୍ୟବସ୍ଥାକୁ ପରିଚାଳନା କରିବା ପାଇଁ ଶ୍ରମିକମାନଙ୍କ କମିଟି ଗଠିତ ହେଲା । ଏହିପରି ଭାବେ ପୁଞ୍ଜିବାଦର ଅବସାନ ହେଲା ଓ ସାମ୍ୟବାଦର ଉତ୍‌ଥାନ ହେଲା ।

## ୩. ସାମାଜିକ ପରିବର୍ତ୍ତନ :

ରୁଷିଆରେ ଶିକ୍ଷାର ବ୍ୟାପକ ପ୍ରସାର ହେଲା । ପୁରାତନ ପାଠ୍ୟକ୍ରମ ଓ ଶିକ୍ଷାଦାନ ପଦ୍ଧତିକୁ ବଦଳାଇ ଦିଆଗଲା । ସାମ୍ୟବାଦ ଓ ସମାଜବାଦ ସମ୍ବନ୍ଧରେ ଅଧିକ ଶିକ୍ଷା ଦିଆଗଲା ।

ରୁଷିଆର ଲୋକଙ୍କ ଉପରେ ରକ୍ଷଣଶୀଳ ଗ୍ରୀକ୍ ଗୀର୍ଜାର ବହୁତ ପ୍ରଭାବ ଥିଲା । ଏହି ଗୀର୍ଜାକୁ ଭାଙ୍ଗି ଦିଆଗଲା ଓ ଏହାର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତି କରାଗଲା । ଶିକ୍ଷା କ୍ଷେତ୍ରରେ ଧର୍ମର ପ୍ରଭାବକୁ ଲୋପ କରାଗଲା ।

ବୋଲ୍‌ସେଭିକ୍ ଦଳ ସାମ୍ୟବାଦ ଓ ସମାଜବାଦର ପ୍ରତିଷ୍ଠା ପାଇଁ ତଥା ରୁଷୀୟ ସମାଜର ପରିବର୍ତ୍ତନ ପାଇଁ ଆଗ୍ରହ ପ୍ରଦର୍ଶନ କରିବାରୁ ଅନେକ ଯୁବ ଲେଖକ ଓ କଳାକାର ଲେନିନ୍ ସରକାରଙ୍କ ପ୍ରତି ଆକୃଷ୍ଟ ହେଲେ । ଫଳରେ କଳା ଓ ସ୍ଥାପତ୍ୟ କ୍ଷେତ୍ରରେ ନୂତନତ୍ୱ

ଦେଖାଦେଲା । କିନ୍ତୁ ସାହିତ୍ୟ ଓ କଳା କ୍ଷେତ୍ରରେ ବୋଲ୍‌ସେଭିକ୍ ଦଳର ନିୟନ୍ତ୍ରଣ ଅନେକଙ୍କୁ ନିରାଶ କରିଥିଲା ।

## ୪. ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରଭାବ :

ଅକ୍ଟୋବର ବିପ୍ଳବପରେ ରୁଷିଆର ନୂତନ ସରକାର ରାଷ୍ଟ୍ରଗଠନକୁ ଅଗ୍ରାଧିକାର ଦେଇ ପ୍ରଥମ ବିଶ୍ୱଯୁଦ୍ଧରୁ ଓହରି ଆସିବା ପାଇଁ ଜର୍ମାନୀ ସହିତ ଯୁଦ୍ଧ ବିରତି ଘୋଷଣା କଲେ । ୧୯୧୭ ମସିହା ଡିସେମ୍ବର ୧୫ ତାରିଖରେ ବ୍ରେଷ୍ଟ-ଲିଟୋଭ୍‌ସ୍କଠାରେ ଜର୍ମାନୀ ସହିତ ଯୁଦ୍ଧ ବିରତି ବୁଝାମଣା ସ୍ୱାକ୍ଷର କରି ରୁଷିଆକୁ ପ୍ରଥମ ବିଶ୍ୱଯୁଦ୍ଧରୁ ପ୍ରତ୍ୟାହାର କରି ଆଣାଗଲା । ପରେ ୧୯୧୮ ମସିହା ମାର୍ଚ୍ଚମାସ ୩ ତାରିଖରେ ଲେନିନ୍ ଜର୍ମାନୀ ସହିତ ବ୍ରେଷ୍ଟ-ଲିଟୋଭ୍‌ସ୍କ ସନ୍ଧି (Treaty of Brest-Litovsk) ସ୍ୱାକ୍ଷର କଲେ । ଏହି ସନ୍ଧି ଫଳରେ ରୁଷିଆକୁ ଖଣିଜ ସମ୍ପଦ ଭରା ଅର୍ଦ୍ଧ ନିୟୁତ ବର୍ଗମାଇଲ୍ ଅଞ୍ଚଳ ଓ ପ୍ରାୟ ୬୫ ନିୟୁତ ଅଧିବାସୀ ହରାଇବାକୁ ପଡ଼ିଥିଲା । ଏହା ଏକ ଅପମାନଜନକ ସନ୍ଧି ହୋଇଥିଲେ ମଧ୍ୟ ସେ ସମୟର ଦୁର୍ବଳ ସାମରିକ ଶକ୍ତି ଓ ନିରୁତ୍ସାହିତ ସୈନ୍ୟବାହିନୀ ଏବଂ ଅକ୍ଟୋବର ବିପ୍ଳବର ଉଦ୍ଦେଶ୍ୟକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାର ଆବଶ୍ୟକତା ଦୃଷ୍ଟିରୁ ଲେନିନ୍ ସରକାର ବାଧ୍ୟ ହୋଇ ଏହି ସନ୍ଧି ଗ୍ରହଣ କରିଥିଲେ ।

**ତୁମ ପାଇଁ କାମ :**

***ରୁଷିଆ ଓ ଜର୍ମାନୀ ମଧ୍ୟରେ ୧୯୧୭ ରେ ସ୍ୱାକ୍ଷରିତ ବ୍ରେଷ୍ଟଲିଟୋଭ୍‌ସ୍କ ସନ୍ଧିର ସର୍ତ୍ତଗୁଡ଼ିକ ଉଲ୍ଲେଖ କର ।***

କମ୍ୟୁନିଷ୍ଟ ରୁଷିଆର ଉତ୍‌ଥାନ ଫଳରେ ଆଦର୍ଶଗତ ପାର୍ଥକ୍ୟ ଦୃଷ୍ଟିରୁ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ଅସ୍ଥିର ହେଲେ । ରୁଷିଆ ସହିତ ଇଂଲାଣ୍ଡ, ଫ୍ରାନ୍ସ, ଇଟାଲୀ ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କର ଆଦର୍ଶବାଦ କଳହର ସୂତ୍ରପାତ ହେଲା । ଅନେକ ଦେଶରେ ଦରିଦ୍ର ନିଷ୍ପେଷିତ ଜନସାଧାରଣ ସାମ୍ୟବାଦ ଓ ସାମାଜିକ ସମାନତା ପ୍ରତି ଆକୃଷ୍ଟ ହେଲେ । ସାରା ବିଶ୍ୱରେ ଶ୍ରମିକ ଶ୍ରେଣୀ ପାଇଁ ରୁଷ୍ ବିପ୍ଳବ ପ୍ରେରଣା ଯୋଗାଇଲା ଓ ମାର୍କ୍‌ସ୍‌ବାଦ ସପକ୍ଷରେ ଆନ୍ଦୋଳନ ହେଲା । ଶିଳ୍ପାୟିତ ରାଷ୍ଟ୍ରମାନଙ୍କରେ ଶ୍ରମିକ ଆନ୍ଦୋଳନ ଆରମ୍ଭ ହେଲା । ଅନେକ ସ୍ଥାନରେ ଶ୍ରମିକମାନେ କାରଖାନାଗୁଡ଼ିକର ପରିଚାଳନା କରଗତ କରିବାକୁ ଉଦ୍ୟମ କଲେ । ପୋଲାଣ୍ଡ, ହଙ୍ଗେରୀ, ଯୁଗୋସ୍ଲୋଭିଆ, ଚୀନ୍, ଚେକୋସ୍ଲୋଭାକିଆ, ରୁମାନିଆ, ବୁଲ୍‌ଗେରିଆ ପ୍ରଭୃତି ଦେଶମାନଙ୍କରେ ସାମ୍ୟବାଦ ପ୍ରତିଷ୍ଠା ଲାଭ କରିପାରିଥିଲା ।

ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କରେ କମ୍ୟୁନିଷ୍ଟ ବିପ୍ଳବର ଭୟ ସଂଚରିତ ହେଲା । ଅନେକ ଦେଶର ଚିନ୍ତାନାୟକମାନଙ୍କୁ ସୋଭିଏତ୍ ଅର୍ଥନୀତି ଓ ସାମାଜିକ ବିପ୍ଳବର ଚିନ୍ତାଧାରା ପ୍ରଚଳିତ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ସମର୍ଥନ କରିବାକୁ ଉତ୍ସାହିତ କଲା । ପୁଞ୍ଜିବାଦୀମାନେ କମ୍ୟୁନିଷ୍ଟ ଆନ୍ଦୋଳନକୁ ବିଫଳ କରିବା ପାଇଁ ଗୋପନୀୟଭାବେ କାର୍ଯ୍ୟ କଲେ ।

ରୁଷିଆ କ୍ରମେ ଆନ୍ତର୍ଜାତିକ କ୍ଷେତ୍ରରେ ଅଧିକରୁ ଅଧିକତର କ୍ଷମତାଶାଳୀ ଓ ପ୍ରଭାବଶାଳୀ ହେଲା । ପ୍ରଥମ ବିଶ୍ୱଯୁଦ୍ଧପରେ ପାଶ୍ଚାତ୍ୟ ଗଣତନ୍ତ୍ର ଏବଂ ଇଟାଲୀ ଓ ଜର୍ମାନୀର ଯଥାକ୍ରମେ ଫାସୀବାଦ ଓ ନାଜିବାଦ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ରୁଷିଆର କମ୍ୟୁନିଷ୍ଟବାଦ ଆହ୍ୱାନ ଜଣାଇଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଫାସୀବାଦ ଓ ନାଜିବାଦ ବିରୋଧରେ ହୋଇଥିବା ଲଢ଼େଇରେ ଗଣତାନ୍ତ୍ରିକ ରାଷ୍ଟ୍ରମାନେ ରୁଷିଆର ସାହାଯ୍ୟ ଲୋଡ଼ିଥିଲେ । ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକାର ସମକକ୍ଷ ହୋଇ ରୁଷିଆ ପୃଥିବୀର ଅନ୍ୟତମ ବୃହତ ଶକ୍ତିଭାବେ ବିବେଚିତ ହେଲା ଏବଂ ଆନ୍ତର୍ଜାତିକ ବ୍ୟାପାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଧିକାର କଲା ।

ଏହିପରି ଭାବରେ ରୁଷ୍ ବିପ୍ଳବ ଉଭୟ ଆଭ୍ୟନ୍ତରୀଣ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲା ଏବଂ କାର୍ଲ ମାର୍କ୍ସଙ୍କ ପ୍ରଣୀତ କମ୍ୟୁନିଷ୍ଟବାଦର ପ୍ରସାର କରି ବିଶ୍ୱ ରାଜନୀତି ଓ ଅର୍ଥନୀତିରେ ପୁଞ୍ଜିବାଦର ଏକଚାଟିଆ ଆଧିପତ୍ୟ ବିସ୍ତାରକୁ ପ୍ରତିରୋଧ କରିପାରିଥିଲା ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ରୁଷ୍ ବିପ୍ଳବ ପୂର୍ବରୁ ରୁଷିଆର ଜାର୍‌ମାନଙ୍କ ସ୍ୱେଚ୍ଛାଚାରୀ ଶାସନର ଏକ ବିବରଣୀ ଦିଅ ।

(ଖ) ରୁଷ୍ ବିପ୍ଳବର ଅବ୍ୟବହିତ ପୂର୍ବରୁ ରୁଷିଆର ସାମାଜିକ ଅବସ୍ଥା କିପରି ଥିଲା ?

(ଗ) ରୁଷ୍ ବିପ୍ଳବ ପାଇଁ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ରଚନା କିପରି ଇନ୍ଧନ ଯୋଗାଇଥିଲା ?

(ଘ) ଫେବ୍ରୁଆରୀ ବିପ୍ଳବ ପରବର୍ତ୍ତୀ କାମଚଳା ସରକାର ତାଙ୍କ ଉଦାରନୀତି ସତ୍ତ୍ୱେ କାହିଁକି ବେଶିଦିନ ତିଷ୍ଠି ପାରିଲା ନାହିଁ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) କାର୍ଲମାର୍କ୍ସଙ୍କ ଦ୍ୱାରା ରଚିତ ଦୁଇଟି ସୁପ୍ରସିଦ୍ଧ ପୁସ୍ତକ କ'ଣ ଥିଲା ?

(ଖ) ରୁଷ୍ ବିପ୍ଳବ ପୂର୍ବରୁ ଅସନ୍ତୁଷ୍ଟ ଶ୍ରମିକମାନଙ୍କ ଦ୍ୱାରା ଓ ଭୂମିହୀନ କୃଷକମାନଙ୍କ ଦ୍ୱାରା ଯଥାକ୍ରମେ କେଉଁ ଦୁଇଟି ଦଳ ଗଠନ କରାଯାଇଥିଲା ?

(ଗ) ୧୯୦୩ ମସିହାରେ ରୁଷିଆରେ କେଉଁ ଦୁଇଟି ଦଳ ସୃଷ୍ଟି ହୋଇଥିଲା ?

(ଘ) ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପୂର୍ବରୁ କେଉଁ ଦୁଇଟି ଯୁଦ୍ଧରେ ରୁଷିଆର ପରାଜୟ ଦେଶର ସମ୍ମାନକୁ କ୍ଷୁର୍ଣ୍ଣ କରି ଜାର୍ ଶାସନର ଦୁର୍ବଳତା ପ୍ରମାଣ କରିଥିଲା ?

(ଙ) ୧୯୦୫ ମସିହା ଜାନୁଆରୀ ୨୨ ତାରିଖରେ ବିକ୍ଷୋଭକାରୀମାନେ କାହା ନେତୃତ୍ୱରେ ଏବଂ କେଉଁ ସ୍ଥାନରେ ଜାର୍‌ଙ୍କୁ ଏକ ଦାବିପତ୍ର ଦେବା ପାଇଁ ଶୋଭାଯାତ୍ରାରେ ଯାଉଥିଲେ ?

(ଚ) ୧୯୧୭ ବିପ୍ଳବ ସମୟରେ ରୁଷିଆରେ ଜାର୍ କିଏ ଥିଲେ ଏବଂ ତାଙ୍କ ରାଜବଂଶର ନାମ କ'ଣ ଥିଲା ?

(ଛ) ୧୯୧୭ ନଭେମ୍ବର ୭ ତାରିଖ ସଂଧ୍ୟାରେ ଲେନିନ୍ କ'ଣ ଘୋଷଣା କରିଥିଲେ ?

(ଜ) ୧୯୧୭ ନଭେମ୍ବର ୭ ତାରିଖରେ କେଉଁ ଠାରେ ଏବଂ କାହାଦ୍ୱାରା ଲେନିନ୍ ତାଙ୍କର ତିନିଗୋଟି ଆଦେଶନାମା ଅନୁମୋଦିତ କରାଇନେଇଥିଲେ ।

(ଝ) ୧୯୧୭ ଅକ୍ଟୋବର ବିପ୍ଳବ ପରେ ରୁଷିଆର ନୂତନ ସରକାରରେ କିଏ ପ୍ରଧାନମନ୍ତ୍ରୀ ଓ କିଏ ବୈଦେଶିକ ମନ୍ତ୍ରୀ ହୋଇଥିଲେ ।

(ଞ) ୧୯୧୮ ମସିହା ସମ୍ବିଧାନରେ ଏବଂ ୧୯୨୪ ମସିହା ସମ୍ବିଧାନରେ ଯଥାକ୍ରମେ ରୁଷିଆକୁ କେଉଁ କେଉଁ ନାମରେ ନାମିତ କରାଯାଇଥିଲା ?

## ଇତିହାସ

୩. **ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେଉଁ ମସିହାରେ ଦ୍ୱିତୀୟ ନିକୋଲାସ ରୁଷିଆର ଜାର୍ ହେଲେ ?

(ଖ) ରୁଷ୍ ବିପ୍ଲବ ପୂର୍ବରୁ ଦରିଦ୍ର କୃଷକ ଓ ଶ୍ରମିକମାନେ କେଉଁ ନିଶାକାରୀ ଦ୍ରବ୍ୟ ପ୍ରତି ଆସକ୍ତ ଥିଲେ ?

(ଗ) କାର୍ଲମାର୍କ୍ସଙ୍କ "କମ୍ୟୁନିଷ୍ଟ ମାନିଫେଷ୍ଟୋ" କେବେ ପ୍ରକାଶିତ ହୋଇଥିଲା ?

(ଘ) ରୁଷିଆରେ 'ଅକ୍ଟୋବର ଇସ୍ତାହାର' କେବେ ଘୋଷଣା କରାଯାଇଥିଲା ?

(ଙ) ରୁଷ୍ ବିପ୍ଲବ ସମୟରେ ରୁଷିଆର ଜାରିନା କିଏ ଥିଲେ ?

(ଚ) ରାସ୍‌ପୁଟିନ୍‌ଙ୍କ ପ୍ରକୃତ ନାମ କ'ଣ ଥିଲା ?

(ଛ) ରୁଷିଆରେ କାମଚଳା ସରକାରଙ୍କ ବିଫଳତା ପରେ କିଏ ପ୍ରଧାନମନ୍ତ୍ରୀ ହୋଇଥିଲେ ?

(ଜ) ରୁଷିଆର କେଉଁ ବିପ୍ଲବକୁ "ବୋଲ୍‌ସେଭିକ୍ ବିପ୍ଲବ" କୁହାଯାଏ ?

(ଝ) ରୁଷିଆରେ ଜାର୍‌ଙ୍କ ଶୀତକାଳୀନ ପ୍ରାସାଦ କେଉଁଠାରେ ଅବସ୍ଥିତ ଥିଲା ?

(ଞ) ରୁଷ୍ ବିପ୍ଲବ ପରେ କାହାକୁ "ରୁଷୀୟ କମ୍ୟୁନିଷ୍ଟ ଦଳ" ଭାବେ ନାମିତ କରାଗଲା ?

୪. **ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) କିଏ ରୁଷିଆରେ କୃଷିଭୃତ୍ୟ ପ୍ରଥା ଉଚ୍ଛେଦ କରିଥିଲେ ?

(i) ପ୍ରଥମ ଆଲେକ୍‌ଜାଣ୍ଡାର (ii) ଦ୍ୱିତୀୟ ଆଲେକ୍‌ଜାଣ୍ଡାର (iii) ତୃତୀୟ ଆଲେକ୍‌ଜାଣ୍ଡାର (iv) ପ୍ରଥମ ନିକୋଲାସ୍

(ଖ) ରୁଷିଆର ସର୍ବହରାମାନଙ୍କୁ କ'ଣ କୁହାଯାଉଥିଲା ?

(i) ମେନ୍‌ସେଭିକ୍ (ii) ବୋଲ୍‌ସେଭିକ୍ (iii) ସର୍ଫ (iv) ପ୍ରୋଲେତାରିଏତ୍

(ଗ) ରୁଷ୍‌ବିପ୍ଲବ ସମୟରେ ଲେନିନ୍ କେଉଁ ଦଳର ନେତୃତ୍ୱ ନେଇଥିଲେ ?

(i) ସାମାଜିକ ଗଣତାନ୍ତ୍ରିକ ଦଳ (ii) ସାମାଜିକ ବିପ୍ଳବୀ ଦଳ

(iii) ମେନ୍‌ସେଭିକ୍‌ସ୍ (iv) ବୋଲ୍‌ସେଭିକ୍‌ସ୍

(ଘ) କେଉଁ ଦିବସଟି ରୁଷ ଇତିହାସରେ "ରକ୍ତାକ୍ତ ରବିବାର" ଭାବେ ନାମିତ ?

(i) ୧୯୦୫ ଜାନୁଆରୀ ୨୨ (ii) ୧୯୦୬ ମେ ୬

(iii) ୧୯୧୭ ମାର୍ଚ୍ଚ ୮ (iv) ୧୯୧୭ ନଭେମ୍ବର ୭

(ଙ) ଦ୍ୱିତୀୟ ନିକୋଲାସ୍‌ଙ୍କ ପ୍ରଥମ ଡୁମା କେବେ ଉଦ୍‌ଘାଟିତ ହୋଇଥିଲା ?

(i) ୧୯୦୫ ଅଗଷ୍ଟ (ii) ୧୯୦୫ ଅକ୍ଟୋବର (iii) ୧୯୦୬ ମେ (iv) ୧୯୦୭ ମାର୍ଚ୍ଚ

(ଚ) ଜାର୍ ଦ୍ୱିତୀୟ ନିକୋଲାସ୍ କେଉଁ ଦିନ ରାଜଗାଦି ତ୍ୟାଗ କଲେ ?

(i) ୧୯୧୭ ମାର୍ଚ୍ଚ ୮ (ii) ୧୯୧୭ ମାର୍ଚ୍ଚ ୧୦ (iii) ୧୯୧୭ ମାର୍ଚ୍ଚ ୧୨ (iv) ୧୯୧୭ ମାର୍ଚ୍ଚ ୧୫

(ଛ) ୧୯୧୭ ଫେବ୍ରୁଆରୀ ବିପ୍ଳବ ପରେ ପ୍ରତିଷ୍ଠିତ କାମଚଳା ସରକାରର ମୁଖ୍ୟ କିଏ ଥିଲେ ?

(i) ମାରତୋଭ୍ (ii) ଲେନିନ୍ (iii) ଲୋଭୋଭ୍ (iv) ଟ୍ରଟସ୍କି

(ଜ) ରୁଷ୍ ବିପ୍ଳବପରେ କେଉଁ ଅନୁଷ୍ଠାନ ରୁଷ୍ ଦେଶର ସଂସଦ ଭାବେ କାର୍ଯ୍ୟ କଲା ?

(i) ସୋଭିଏତ୍ (ii) ରୁଷୀୟ କମ୍ୟୁନିଷ୍ଟ ଦଳ (iii) ସର୍ବ-ରୁଷୀୟ ସୋଭିଏତ୍ କଂଗ୍ରେସ (iv) ଡୁମା

(ଝ) କେବେଠାରୁ ରୁଷିଆକୁ "ୟୁନିୟନ୍ ଅଫ୍ ସୋଭିଏଟ୍ ସୋସିଆଲିଷ୍ଟ ରିପବ୍ଲିକ୍ସ୍" କୁହାଗଲା ?

(i) ୧୯୧୭ (ii) ୧୯୧୮ (iii) ୧୯୨୪ (iv) ୧୯୯୧

(ଞ) ପ୍ରଥମ ବିଶ୍ୱଯୁଦ୍ଧରୁ ଓହରିବା ପରେ ଜର୍ମାନୀ ସହିତ ରୁଷିଆ କେବେ ବ୍ରେଷ୍ଟ-ଲିତୋଭ୍‌ସ୍କ ସନ୍ଧି ସ୍ୱାକ୍ଷର କରିଥିଲା ?

(i) ୧୯୧୭ ମର୍ଚ୍ଚ ୧୨ (ii) ୧୯୧୭ ନଭେମ୍ବର ୭

(iii) ୧୯୧୭ ଡିସେମ୍ବର ୧୫ (iv) ୧୯୧୮ ମାର୍ଚ୍ଚ ୩

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

# ଚତୁର୍ଥ ପାଠ
# ଶାନ୍ତି ପାଇଁ ପ୍ରାରମ୍ଭିକ ଉଦ୍ୟମ - ଜାତିସଂଘ
# (Peace Initiatives - League of Nations)

## ଜାତିସଂଘ ଗଠନର ପ୍ରସ୍ତାବ:

ପ୍ରଥମ ବିଶ୍ୱଯୁଦ୍ଧପରେ ୧୯୧୯ ମସିହା ଜାନୁଆରୀ ୧୮ ତାରିଖରେ ପ୍ୟାରିସ୍‌ଠାରେ ଏକ ଶାନ୍ତି ସମ୍ମିଳନୀ ଆହୂତ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଉଡ୍ରୋ ଉଇଲ୍‌ସନ ଆନ୍ତର୍ଜାତିକ କ୍ଷେତ୍ରରେ ସ୍ଥାୟୀ ଶାନ୍ତି ଓ ସହଯୋଗ ପ୍ରତିଷ୍ଠା ପାଇଁ ଏହି ସମ୍ମିଳନୀରେ ତାଙ୍କର ଚଉଦ ସୂତ୍ରୀ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ । ଏହାର ଶେଷ ସୂତ୍ର ଜାତିସଂଘ ଗଠନ ସହିତ ପ୍ରତ୍ୟକ୍ଷଭାବେ ସମ୍ପୃକ୍ତ ଥିଲା । ସମ୍ମିଳନୀରେ ତାଙ୍କର ପ୍ରସ୍ତାବ ଅନୁଯାୟୀ ଜାତିସଂଘ ଗଠନ ସମ୍ପର୍କିତ ରାଜିନାମା ପ୍ୟାରିସ୍ ଚୁକ୍ତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗୃହୀତ ହେଲା । ଏହିପରି ଭାବେ ଉଇଲ୍‌ସନ୍‌ଙ୍କ ଉଦ୍ୟମ ଯୋଗୁଁ ହିଁ ଜାତିସଂଘ ଗଠିତ ହୋଇଥିଲା ।

## ଜାତିସଂଘର କୋଭେନାଣ୍ଟ ବା ରାଜିନାମା:

ଜାତିସଂଘ କୋଭେନାଣ୍ଟ କହିଲେ ରାଷ୍ଟ୍ରମାନଙ୍କ ମଧ୍ୟରେ ଜାତିସଂଘ ଗଠନ ସମ୍ପର୍କିତ ରାଜିନାମାକୁ ବୁଝାଯାଏ । ଏହାକୁ ଜାତିସଂଘର ସମ୍ବିଧାନ ବୋଲି ବିଚାର କରାଯାଏ । ଉଇଲ୍‌ସନ୍‌ଙ୍କ ସଭାପତିତ୍ୱରେ ଊଣେଇଶ ଜଣ ପ୍ରତିନିଧିଙ୍କ ଦ୍ୱାରା ଏହି କୋଭେନାଣ୍ଟର ଚିଠା ପ୍ରସ୍ତୁତ ହୋଇଥିଲା ଏବଂ ଇଂଲାଣ୍ଡ ପ୍ରତିନିଧିଙ୍କ ଦ୍ୱାରା ଏହାର ବୈଧାନିକ ରୂପ ଦିଆଯାଇଥଲା । ୧୯୧୯ ଏପ୍ରିଲ ୨୮ ରେ ଏହା ପ୍ୟାରିସ୍ ସମ୍ମିଳନୀର ଏକ ସାଧାରଣ ଅଧିବେଶନରେ ଗୃହୀତ ହେଲା । ଏଥିରେ ଛବିଶଟି ଧାରା ଥିଲା ଏବଂ ସବୁ ଧାରାଗୁଡ଼ିକ ସହିତ ୧୯୧୯ ଜୁନ୍ ୨୮ ରେ ଏହାକୁ ପ୍ୟାରିସ୍‌ଠାରେ ସ୍ୱାକ୍ଷରିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭର୍ସାଇ ସନ୍ଧିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ୧୯୨୦ ଜାନୁଆରୀ ୧୦ ତାରିଖରୁ ଏହି କୋଭେନାଣ୍ଟ ବଳବତ୍ତର ହେଲା ଏବଂ ଆନୁଷ୍ଠାନିକ ଭାବେ ଜାତିସଂଘ ପ୍ରତିଷ୍ଠିତ ହେଲା ।

> **ତୁମ ପାଇଁ କାମ :**
>
> *ଜାତିସଂଘ କୋଭେନାଣ୍ଟର ଚିଠା ପ୍ରସ୍ତୁତିରେ ଭାଗ ନେଇଥିବା ୧୯ ଜଣ ପ୍ରତିନିଧି ଓ ସେମାନଙ୍କ ରାଷ୍ଟ୍ରଗୁଡ଼ିକର ନାମ ତାଲିକା ପ୍ରସ୍ତୁତ କର ।*

## ଜାତିସଂଘର ଉଦ୍ଦେଶ୍ୟ :

କୋଭେନାଣ୍ଟର ଭୂମିକାରେ ଜାତିସଂଘର ଉଦ୍ଦେଶ୍ୟ ନିମ୍ନମତେ ଉଲ୍ଲେଖ କରାଯାଇଛି ।

(କ) ଆନ୍ତର୍ଜାତିକ ସହଯୋଗ, ଶାନ୍ତି ଓ ସୁରକ୍ଷାକୁ ଉତ୍ସାହିତ କରିବା;

(ଖ) ଯୁଦ୍ଧର ଆଶ୍ରୟ ନ ନେବାକୁ ଏବଂ ରାଷ୍ଟ୍ରମାନଙ୍କ ମଧ୍ୟରେ ମୁକ୍ତ, ନିରପେକ୍ଷ ଓ ସମ୍ମାନଜନକ ସମ୍ପର୍କକୁ ନୈତିକ କର୍ତ୍ତବ୍ୟଭାବେ ଗ୍ରହଣ କରିବା;

(ଗ) ଆନ୍ତର୍ଜାତିକ ଆଇନ୍‌କୁ ରାଷ୍ଟ୍ରମାନଙ୍କ ପରସ୍ପର ମଧ୍ୟରେ ଆଚରଣର ପ୍ରକୃତ ବିଧିଭାବରେ ପ୍ରତିଷ୍ଠିତ କରିବା;

(ଘ) ନିରପେକ୍ଷତା ବଜାୟ ରଖିବା ଏବଂ ଅନୁମୋଦିତ ଚୁକ୍ତିଗୁଡ଼ିକ ପ୍ରତି ସଚେତନ ସମ୍ମାନ ଜଣାଇବା ।


## ଜାତିସଂଘର ସଂଗଠନ :

ଜାତିସଂଘର କାର୍ଯ୍ୟକାରିତା ଓ ପରିଚାଳନା ପାଇଁ ତିନୋଟି ମୁଖ୍ୟ ଅଙ୍ଗ ଥିଲା । ସେଗୁଡ଼ିକ ହେଲା ସଭା, ପରିଷଦ ଓ ସଚିବାଳୟ । ସ୍ଥାୟୀ ଆନ୍ତର୍ଜାତିକ ନ୍ୟାୟାଳୟ ଓ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଜାତିସଂଘର ଦୁଇଟି ସ୍ୱୟଂଶାସିତ ଅଙ୍ଗ ଥିଲେ । ଏଗୁଡ଼ିକ ବ୍ୟତୀତ ଜାତିସଂଘର ଉଦ୍ଦେଶ୍ୟ

ସାଧନରେ ସାହାଯ୍ୟ କରିବା ପାଇଁ ଅନ୍ୟାନ୍ୟ ଅନେକ ଅନୁଷ୍ଠାନ ରହିଥିଲା ।

## ୧. ସଭା :

ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଏହି ସଭାର ସଭ୍ୟ ଥିଲେ । ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ର ସଭାକୁ ତିନିଜଣ ପ୍ରତିନିଧି ପଠାଇପାରୁଥିଲା, କିନ୍ତୁ କେବଳ ଗୋଟିଏ ଭୋଟ୍‌ର ଅଧିକାର ପାଉଥିଲା । ସଭାରେ ପ୍ରତ୍ୟେକ ରାଷ୍ଟ୍ରର ସ୍ଥାନ ସମାନ ଥିଲା ।



(ଜାତିସଂଘର ସଭାଗୃହ ବା ଆସେମ୍ବ୍ଲି)

ସଭା ଏହାର ନିଜର ସଭାପତିଙ୍କୁ ଏବଂ ଆଠଜଣ ଉପସଭାପତିଙ୍କୁ ନିର୍ବାଚିତ କରୁଥିଲା । ବିଭିନ୍ନ ବିଷୟ ତଦାରଖ କରିବା ପାଇଁ ଛଅଗୋଟି ସ୍ଥାୟୀ କମିଟି ଓ ଦୁଇଗୋଟି ଅତିରିକ୍ତ କମିଟି ଥିଲା । ପ୍ରତ୍ୟେକ କମିଟି ନିଜର ଚେୟାରମ୍ୟାନ୍‌ଙ୍କୁ ନିର୍ବାଚିତ କରୁଥିଲା । ଏ ସମସ୍ତ ନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ସଭାର ସାଧାରଣ କମିଟି ଗଠିତ ହୋଇଥିଲା । ପ୍ରତ୍ୟେକ ବର୍ଷ ଅନ୍ତତଃ ଥରେ ଏହାର ବୈଠକ ବସିବାପାଇଁ ନିଷ୍ପତ୍ତି ହୋଇଥିଲା । ସମସ୍ତ ସଭ୍ୟଙ୍କ ସମ୍ମତି ବିନା ସଭାରେ କୌଣସି ପ୍ରସ୍ତାବ ଗୃହୀତ ହୋଇ ପାରୁ ନ ଥିଲା । ନୂତନ ରାଷ୍ଟ୍ରକୁ ସଭ୍ୟପଦ ଦେବାପାଇଁ ଅତିକମ୍‌ରେ ସଭାର ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା । ବିଶ୍ୱଶାନ୍ତି ପ୍ରତି ବିପଦ ସୃଷ୍ଟି କରୁଥିବା ଯେ କୌଣସି ପ୍ରସଙ୍ଗରେ ସଭାରେ ଆଲୋଚନା ହେଉଥିଲା । ଜାତିସଂଘର ସାଧାରଣ ସମ୍ପାଦକ ମନୋନୟନରେ ସଭାର କିଛି କ୍ଷମତା ଥିଲା । ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତି ଓ ଜାତିସଂଘ ପରିଷଦର ଅସ୍ଥାୟୀ ସଭ୍ୟଙ୍କୁ ସଭା ନିର୍ବାଚିତ କରୁଥିଲା ।

**ତୁମେ ଜାଣିଛ କି ?**

***୪୩ଟି ରାଷ୍ଟ୍ର ଜାତିସଂଘର ମୂଳ ସଦସ୍ୟ ଥିଲେ । ୧୯୩୫ ରେ ଏହାର ସଦସ୍ୟ ସଂଖ୍ୟା ୬୦ ରେ ପହଞ୍ଚିଥିଲା । ଜାତିସଂଘର ଶେଷ ବର୍ଷ ଏହାର ୪୩ ଜଣ ସଦସ୍ୟ ଥିଲେ । ୧୯୪୬ ଏପ୍ରିଲରେ "ସଭା'ର ଶେଷ ବୈଠକରେ ମାତ୍ର ୩୪ଟି ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲେ ।***

*ତୁମ ପାଇଁ କାମ :*

***ଜାତିସଂଘର ମୂଳ ସଦସ୍ୟ ରାଷ୍ଟ୍ରମାନଙ୍କର ନାମ ଉଲ୍ଲେଖ କର ।***

## ୨. ପରିଷଦ:

ପରିଷଦ ଜାତିସଂଘର କାର୍ଯ୍ୟକାରିଣୀ ଅଙ୍ଗ ଥିଲା । ପାଞ୍ଚଜଣ ସ୍ଥାୟୀ ସଭ୍ୟ ଓ ଚାରିଜଣ ଅସ୍ଥାୟୀ ସଭ୍ୟଙ୍କୁ ନେଇ ଏହା ଗଠିତ ହୋଇଥିଲା । ଗ୍ରେଟ୍ ବ୍ରିଟେନ୍, ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା, ଇଟାଲୀ ଓ ଜାପାନକୁ ପରିଷଦର ସ୍ଥାୟୀ ସଭ୍ୟ କରାଗଲା ଏବଂ ଚାରିଜଣ ଅସ୍ଥାୟୀ ସଭ୍ୟ ସଭାଦ୍ୱାରା ନିର୍ବାଚିତ ହେଲେ । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ୟାରିସ୍ ଶାନ୍ତି ଚୁକ୍ତିକୁ ସିନେଟ୍ ଅନୁମୋଦନ ନ କରିବାରୁ ସେ ଜାତିସଂଘର ସଭ୍ୟ ହୋଇପାରିଲା ନାହିଁ । ଫଳରେ ଚାରିଜଣ ସ୍ଥାୟୀ ସଭ୍ୟ ରହିଲେ ଏବଂ ପରିଷଦର ମୋଟ ସଭ୍ୟ ସଂଖ୍ୟା ନଅ ପରିବର୍ତ୍ତେ ଆଠ ରହିଲା । ଦୁଇ ବର୍ଷ ପରେ ଅସ୍ଥାୟୀ ସଭ୍ୟ ସଂଖ୍ୟା ଛଅକୁ ବୃଦ୍ଧି କରାଗଲା । ୧୯୨୬ ମସିହାରେ ଜର୍ମାନୀକୁ ସ୍ଥାୟୀ ସଭ୍ୟ କରାଗଲା କିନ୍ତୁ ଜର୍ମାନୀ ଜାତିସଂଘରୁ ଓହରି ଆସିବା ପରେ ଓ ୧୯୩୪ ମସିହାରେ ରୁଷିଆର ଯୋଗଦାନ ପରେ ସେ ସ୍ଥାୟୀ ସଭ୍ୟ ହେଲା । ୧୯୩୯ ମସିହାରେ ମାତ୍ର ତିନିଜଣ ସ୍ଥାୟୀ ସଭ୍ୟ ଥିଲେ । ପୁଣି ୧୯୩୯ ମସିହାରେ ରୁଷିଆ ଜାତିସଂଘରୁ ବହିଷ୍କୃତ ହେବା ଫଳରେ କେବଳ ବ୍ରିଟେନ୍ ଓ ଫ୍ରାନ୍ସ ସ୍ଥାୟୀ ସଭ୍ୟ ରହିଲେ । ସେହିପରି ବିଭିନ୍ନ ସମୟରେ ଅସ୍ଥାୟୀ ସଭ୍ୟ ସଂଖ୍ୟା ବୃଦ୍ଧିପାଇ ୧୯୩୬ ମସିହାରେ ଏହା ଏଗାର ହୋଇଥିଲା । ଅସ୍ଥାୟୀ ସଭ୍ୟମାନେ

କେବଳ ତିନି ବର୍ଷପାଇଁ ନିର୍ବାଚିତ ହେଉଥିଲେ ଓ ପ୍ରତ୍ୟେକ ବର୍ଷ ତିନିଜଣ ଅସ୍ଥାୟୀ ସଭ୍ୟ ନିର୍ବାଚିତ ହେଉଥିଲେ । ୧୯୨୬ ମସିହା ପରେ ପରିଷଦ ପ୍ରତ୍ୟେକ ବର୍ଷ ଅତି କମ୍‌ରେ ଚାରିଥର ଆହୂତ ହୋଇଥିଲା । ତା'ଛଡ଼ା କେତେକ ସ୍ୱତନ୍ତ୍ର ଅଧିବେଶନ ମଧ ବସିଥିଲା । ରାଷ୍ଟ୍ରର ନାମର ପ୍ରଥମ ଅକ୍ଷର ଅନୁସାରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଜଣକ ପରେ ଜଣେ ପାଳି କରି ପରିଷଦର ପ୍ରତ୍ୟେକ ଅଧିବେଶନରେ ସଭାପତିତ୍ୱ କରୁଥିଲେ ।



(ଜାତିସଂଘ ପରିଷଦର ଅଧିବେଶନ)

**_ତୁମ ପାଇଁ କାମ :_**

**_ଜାତିସଂଘ "ପରିଷଦ"ର ନିୟମିତ ଓ ସ୍ୱତନ୍ତ୍ର ଅଧିବେଶନଗୁଡ଼ିକ ବସିଥିବା ବର୍ଷ ଓ ସେଥିରେ ସଭାପତିତ୍ୱ କରିଥିବା ରାଷ୍ଟ୍ରଗୁଡ଼ିକର ନାମ ସଂଗ୍ରହ କରି ଲେଖ ।_**

ପରିଷଦ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷମତାର ଅଧିକାରୀ ଥିଲା । ରାଷ୍ଟ୍ରମାନଙ୍କ ମଧରେ ଥିବା ବିବାଦଗୁଡ଼ିକୁ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବା ପରିଷଦର ମୁଖ୍ୟ କାର୍ଯ୍ୟ ଥିଲା ଏବଂ ଏଥିପାଇଁ ଆବଶ୍ୟକ ହେଲେ ଆନ୍ତର୍ଜାତିକ ସମ୍ମିଳନୀ ଡାକିବା ପାଇଁ ଏହାର ଅଧିକାର ଥିଲା । କୌଣସି ସଦସ୍ୟ ରାଷ୍ଟ୍ର ଚୁକ୍ତି ପାଳନରେ ଅବହେଳା କଲେ ତା'କୁ ପରିଷଦ ଜାତିସଂଘର ସଭ୍ୟ ପଦରୁ ବଞ୍ଚିତ କରୁଥିଲା । ଅହେତୁକ ଆକ୍ରମଣକାରୀ ରାଷ୍ଟ୍ର ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅଧିକାର ପରିଷଦର ଥିଲା । ରାଷ୍ଟ୍ରମାନଙ୍କର ଅସ୍ତ୍ରଶସ୍ତ୍ର ପରିମାଣକୁ ହ୍ରାସ କରିବା ପାଇଁ ଉଦ୍ୟମ କରିବା, ସଂଖ୍ୟାଲଘୁଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କାର୍ଯ୍ୟ କରିବା, ସାର୍ ବେସିନ୍ ଓ ଡାନ୍‌ଜିଗ୍ ସହରକୁ ଶାସନ କରିବା, ମାଣ୍ଡେଟ୍ ବ୍ୟବସ୍ଥାରେ ଥିବା ଅଞ୍ଚଳଗୁଡ଼ିକର ଶାସନକୁ ତଦାରଖ କରିବା, ଜାତିସଂଘ ସଚିବାଳୟର କାର୍ଯ୍ୟକୁ ତଦାରଖ କରିବା ଏବଂ ଜାତିସଂଘର ବିଭିନ୍ନ ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକର ବିବରଣୀ ଗ୍ରହଣ କରିବା ପରିଷଦର କର୍ତ୍ତବ୍ୟ ଥିଲା ।

**_ତୁମେ ଜାଣିଛ କି ?_**

**_'ମାଣ୍ଡେଟ୍' ବ୍ୟବସ୍ଥା ଅର୍ଥ ହେଉଛି ଅଧିଶାସନ ପଦ୍ଧତି । ଏହି ବ୍ୟବସ୍ଥାରେ ଜାତିସଂଘ ଏହାର ଏକ ସଦସ୍ୟ ରାଷ୍ଟ୍ରକୁ କେତେକ ଅଞ୍ଚଳର ଅଧିଶାସକ ଭାବେ କର୍ତ୍ତୃତ୍ୱ ପ୍ରଦାନ କରିଥିଲା । ପ୍ରଥମ ବିଶ୍ୱଯୁଦ୍ଧପରେ ତୁର୍କୀ ଓ ଜର୍ମାନୀଠାରୁ ଛଡ଼ାଇ ଅଣାଯାଇଥିବା ଉପନିବେଶଗୁଡ଼ିକର ସମସ୍ୟା ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଏହି ପଦ୍ଧତି ଗ୍ରହଣ କରାଯାଇଥିଲା ।_**

## ୩. ସଚିବାଳୟ :

ଜାତିସଂଘର ସଚିବାଳୟ ବା ମୁଖ୍ୟ କାର୍ଯ୍ୟାଳୟ ସୁଇଜରଲାଣ୍ଡ ଦେଶର ଜେନେଭା ସହରରେ ଅବସ୍ଥିତ ଥିଲା । ଏହାର ସର୍ବୋଚ୍ଚ କର୍ମକର୍ତ୍ତାଙ୍କୁ ସେକ୍ରେଟେରୀ ଜେନେରାଲ ବା ମହାସଚିବ କୁହାଯାଉଥିଲା । ପରିଷଦର ସୁପାରିସରେ ସଭାର ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ଭୋଟଦ୍ୱାରା ସେକ୍ରେଟେରୀ ଜେନେରାଲ୍ ନିର୍ବାଚିତ ହେଉଥିଲେ । ବିଭିନ୍ନ ଦେଶର ପ୍ରାୟ ସାତଶହ ପଚାଶଜଣ ବ୍ୟକ୍ତି ସଚିବାଳୟରେ କାର୍ଯ୍ୟକରିବା ପାଇଁ ନିଯୁକ୍ତି ପାଇଥିଲେ । ପରିଷଦର ଅନୁମୋଦନରେ ସେକ୍ରେଟେରୀ ଜେନେରାଲ୍‌ଙ୍କ ଦ୍ୱାରା ଏହି ନିଯୁକ୍ତି ସମ୍ପନ୍ନ ହେଉଥିଲା । ଜାତିସଂଘର ସଭ୍ୟ ନ ଥିବା ଦେଶର ଅଧିବାସୀଙ୍କୁ ମଧ ନିଯୁକ୍ତ କରାଯାଇପାରୁଥିଲା । ଜାତିସଂଘ ସଚିବାଳୟର ସମସ୍ତ କାର୍ଯ୍ୟକର୍ତ୍ତା ସେମାନଙ୍କ ବ୍ୟକ୍ତିଗତ ଜାତୀୟତା ନିର୍ବିଶେଷରେ ନିଜ ରାଷ୍ଟ୍ରର ନିୟନ୍ତ୍ରଣରୁ ସ୍ୱାଧୀନ ରହି ଜାତିସଂଘର ଅନୁଗତ ଭାବେ ସେକ୍ରେଟେରୀ ଜେନେରାଲ୍‌ଙ୍କ ଅଧୀନରେ ଏବଂ ତାଙ୍କ ଜରିଆରେ

"ପରିଷଦ" ଓ "ସଭା" ଅଧୀନରେ ରହିଲେ କାରଣ ସେମାନଙ୍କୁ କେବଳ ତାଙ୍କ ରାଷ୍ଟ୍ରପାଇଁ କାମ ନ କରି ସମଗ୍ର ବିଶ୍ୱପାଇଁ କାମ କରିବାକୁ ହେଲା । ଜାତିସଂଘ ସଚିବାଳୟ କେବଳ ବିଭିନ୍ନ ଜାତୀୟତାର ବ୍ୟକ୍ତିଙ୍କ ସମଷ୍ଟି ନ ହୋଇ ଏକ ଆନ୍ତର୍ଜାତିକ ଅନୁଷ୍ଠାନ ପରି କାର୍ଯ୍ୟ କରିବବୋଲି ମତ ଦେଇଥିବା ଇଂଲାଣ୍ଡର ସାର୍ ଏରିକ୍ ଡ୍ରୁମଣ୍ଡ ଯଥାର୍ଥରେ ଜାତିସଂଘର ପ୍ରଥମ ସେକ୍ରେଟେରୀ ଜେନେରାଲ୍ ହୋଇଥିଲେ । ତାଙ୍କପରେ କ୍ରମରେ ଫ୍ରାନ୍ସର ଆଭେନଲ୍ ଓ ଆୟାରଲାଣ୍ଡର ଲେଷ୍ଟର ଉକ୍ତ ପଦବୀ ଅଳଙ୍କୃତ କରିଥିଲେ । ସଚିବାଳୟରେ ଏଗାରଟି ବିଭାଗ କାର୍ଯ୍ୟ କରୁଥିଲା ଏବଂ ପ୍ରତ୍ୟେକ ବିଭାଗ ଜଣେ ସେକ୍ରେଟେରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିଲା ।

ସଭା ଓ ପରିଷଦରେ ବିଚାର ଆଲୋଚନା ପାଇଁ ବିଭିନ୍ନ ବିଷୟଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକ ସମ୍ପର୍କରେ ଆବଶ୍ୟକ ସୂଚନା ଯୋଗାଇବା, ଗୃହୀତ ହୋଇଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା, ସଭାରେ ହୋଇଥିବା ଆଲୋଚନାର ବିବରଣୀ ଓ ରାଷ୍ଟ୍ରମାନଙ୍କ ମଧ୍ୟରେ ହୋଇଥିବା ରାଜିନାମା ବା ସନ୍ଧିଗୁଡ଼ିକ ପ୍ରକାଶ କରିବା ପ୍ରଭୃତି ସଚିବାଳୟର ପ୍ରଧାନ କାର୍ଯ୍ୟଥିଲା । ସେକ୍ରେଟେରୀ ଜେନେରାଲ୍ ଜାତିସଂଘର ସମସ୍ତ ଶାସକୀୟ ଅଙ୍ଗଗୁଡ଼ିକର କାର୍ଯ୍ୟର ସମନ୍ୱୟକାରୀ ଥିଲେ । ସମୟ ସମୟରେ ସେ ଜାତିସଂଘର ନୀତି ଓ ବିବାଦଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପରାମର୍ଶ ଦେଉଥିଲେ ।




(ଜାତିସଂଘ ସଚିବାଳୟ)

## ୪. ସ୍ଥାୟୀ ଆନ୍ତର୍ଜାତିକ ନ୍ୟାୟାଳୟ :

ନେଦରଲାଣ୍ଡର ହେଗ୍‌ଠାରେ ପ୍ରତିଷ୍ଠିତ ଆନ୍ତର୍ଜାତିକ ନ୍ୟାୟାଳୟ ୧୯୨୨ ମସିହା ଫେବ୍ରୁଆରୀ ୧୫ ତାରିଖରେ ଉଦ୍‌ଘାଟିତ ହୋଇ ବିଧିବଦ୍ଧ ଭାବେ ଏହାର କାର୍ଯ୍ୟ ଆରମ୍ଭ କଲା । ଫରାସୀ ଓ ଇଂରାଜୀ ଥିଲା ଏହି ନ୍ୟାୟାଳୟର ସ୍ୱୀକୃତ ଭାଷା । ଏହି ନ୍ୟାୟାଳୟରେ ଆରମ୍ଭ ସମୟରେ ଏଗାର ଜଣ ବିଚାରପତି ଓ ଚାରିଜଣ ଉପ-ବିଚାରପତି ଥିଲେ । ୧୯୩୦ ମସିହା ବେଳକୁ ଏହାର ବିଚାରପତିଙ୍କ ସଂଖ୍ୟା ପନ୍ଦରକୁ ବୃଦ୍ଧି କରାଯାଇଥିଲା ଏବଂ ୧୯୩୬ ମସିହାରେ ଉପ-ବିଚାରପତି ପଦ ଉଚ୍ଛେଦ କରାଯାଇଥିଲା । ସଭା ଓ ପରିଷଦରେ ପୃଥକ୍ ଭାବେ ଭୋଟଦାନ ପଦ୍ଧତି ଦ୍ୱାରା ବିଚାରପତି ନିର୍ବାଚିତ ହେଉଥିଲେ । ନିର୍ବାଚିତ ହେବା ପାଇଁ ଉଭୟ ଗୃହରେ ନିରଙ୍କୁଶ ସଂଖ୍ୟାଗରିଷ୍ଠ ମତ ହାସଲକରିବା ଆବଶ୍ୟକ ଥିଲା । ବିଚାରପତିମାନେ ନିଜେ ସେମାନଙ୍କ ସଭାପତି ଓ ଉପ-ସଭାପତି ନିର୍ବାଚନ କରୁଥିଲେ । ନିଜ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ହେବାପାଇଁ ଯୋଗ୍ୟତା ଥିବା ଓ ଆନ୍ତର୍ଜାତିକ ଆଇନ୍‌ରେ ଗଭୀର ଜ୍ଞାନଥିବା ଯେ କୌଣସି ଜାତୀୟତାର ବ୍ୟକ୍ତି ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତି ପଦପାଇଁ ବଛାଯାଉଥିଲେ । ସେମାନଙ୍କ କାର୍ଯ୍ୟକାଳ ନଅ ବର୍ଷ ଥିଲା । ନ୍ୟାୟାଳୟରେ ବିଚାର ପାଇଁ ଗୃହୀତ ହୋଇଥିବା କଳହରେ ଭାଗୀଦାର ଥିବା କୌଣସି ରାଷ୍ଟ୍ରର ବ୍ୟକ୍ତି ବିଚାରପତି ନ ଥିଲେ, ନ୍ୟାୟାଳୟକୁ ସେହି ରାଷ୍ଟ୍ରର ଆଇନ୍ ଓ ପରମ୍ପରା ଅବଗତ କରାଇବାପାଇଁ ଉକ୍ତ ରାଷ୍ଟ୍ରର ଜଣେ ବିଚାରପତିଙ୍କୁ ନିଯୁକ୍ତ କରିବାର ବ୍ୟବସ୍ଥା ଥିଲା ।

ଆନ୍ତର୍ଜାତିକ ଚୁକ୍ତିଗୁଡ଼ିକର ସର୍ତ୍ତ ଓ ଉଦ୍ଦେଶ୍ୟକୁ ବ୍ୟାଖ୍ୟା କରିବା, ବିଭିନ୍ନ ରାଷ୍ଟ୍ର ମଧ୍ୟରେ ପାରସ୍ପରିକ କଳହ ସମୟରେ ଆଇନ୍‌ଗତ ପରାମର୍ଶ ଦେବା, ଜାତିସଂଘର କୋଭେନାଣ୍ଟକୁ ସ୍ପଷ୍ଟ ଓ ବୋଧଗମ୍ୟ କରିବା ଏବଂ ସଭା ବା ପରିଷଦ ଦ୍ୱାରା ପ୍ରେରିତ କୌଣସି ବିବାଦ ସମ୍ବନ୍ଧୀୟ ବିଷୟ ଉପରେ ଉପଦେଶାତ୍ମକ ମତ ଦେବା ଆନ୍ତର୍ଜାତିକ ନ୍ୟାୟାଳୟର କାର୍ଯ୍ୟ ଥିଲା ।

ଆନ୍ତର୍ଜାତିକ ନ୍ୟାୟାଳୟର ଆଇନ୍‌ଗତ ଅଧିକାର ଦୁଇ ପ୍ରକାରର ଥିଲା । ସେଗୁଡ଼ିକ ହେଲା ସ୍ୱେଚ୍ଛାକୃତ ଓ ବାଧ୍ୟତାମୂଳକ । ଯେତେବେଳେ ଦୁଇ ବା ତତୋଽଧିକ ରାଷ୍ଟ୍ର ସେମାନଙ୍କ ମଧ୍ୟରେ ଥିବା ବିବାଦକୁ ସମାଧାନ କରିବା ପାଇଁ ନ୍ୟାୟାଳୟରେ ଉପସ୍ଥାପନ କରୁଥିଲେ ତାହା ନ୍ୟାୟାଳୟର ସ୍ୱେଚ୍ଛାକୃତ ଅଧିକାର ପରିସର ଅନ୍ତର୍ଭୁକ୍ତ ହେଉଥିଲା । ଜାତିସଂଘର ସଭ୍ୟ ହେବା ସମୟରେ କେତେକ ରାଷ୍ଟ୍ର ସେମାନଙ୍କ ବିବାଦର ନିଷ୍ପତ୍ତି ପାଇଁ ଆନ୍ତର୍ଜାତିକ ନ୍ୟାୟାଳୟରେ ଉପସ୍ଥାପନ କରିବେ ବୋଲି ଅଙ୍ଗୀକାରବଦ୍ଧ ହୋଇଥିଲେ । ଏ ପ୍ରକାର ବିବାଦର ସମାଧାନ କରିବା ନ୍ୟାୟାଳୟର ବାଧ୍ୟତାମୂଳକ ଅଧିକାର ପରିସର ଅନ୍ତର୍ଭୁକ୍ତ ଥିଲା ।



(ଆନ୍ତର୍ଜାତିକ ନ୍ୟାୟାଳୟ)

**ତୁମେ ଜାଣିଛ କି ?**

***ଜାତିସଂଘର "ପରିଷଦ" ଦ୍ୱାରା ୧୯୨୦ରେ ସ୍ଥାପିତ ଆଇନଜ୍ଞମାନଙ୍କ କମିଟି ପ୍ରସ୍ତୁତ କରିଥିବା ଆନ୍ତର୍ଜାତିକ ନ୍ୟାୟାଳୟର ସମ୍ବିଧାନ ୧୯୨୦ ଡିସେମ୍ବର ୧୩ରେ "ସଭା" ଦ୍ୱାରା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ୧୯୨୧ସେପ୍ଟେମ୍ବର ମାସରେ ବିଚାରପତିମାନେ ନିର୍ବାଚିତ ହେବାପରେ ୧୯୨୨ ଫେବ୍ରୁଆରୀ ୧୫ତାରିଖରେ 'ଶାନ୍ତି ପ୍ରାସାଦ'ର ନ୍ୟାୟ ବିଚାର ପାଇଁ ଉଦ୍ଦିଷ୍ଟ ବୃହତ୍‌କକ୍ଷରେ ଏହା ଉଦ୍‌ଘାଟିତ ହୋଇଥିଲା । ଫରାସୀ ଓ ଇଂରାଜୀ ଥିଲା ଏହି ନ୍ୟାୟାଳୟର ସ୍ୱୀକୃତ ଭାଷା ।***

**ତୁମ ପାଇଁ କାମ :**

***ଜାତିସଂଘର ସ୍ଥାୟୀ ଆନ୍ତର୍ଜାତିକ ନ୍ୟାୟାଳୟର ପ୍ରଥମ ଏଗାରଜଣ ବିଚାରପତିଙ୍କ ନାମ ଏବଂ ସେମାନଙ୍କ ଦେଶର ନାମ ସଂଗ୍ରହ କର ।***

## ୫. ଆନ୍ତର୍ଜାତିକ ଶ୍ରମ ସଂଗଠନ :

ଆନ୍ତର୍ଜାତିକ ଶ୍ରମ ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ଜେନେଭାଠାରେ ସ୍ଥାପିତ ହୋଇଥିଲା । ଜାତିସଂଘର ସମସ୍ତ ସଭ୍ୟ ସ୍ୱୟଂକ୍ରିୟଭାବେ ଏହି ସଂଗଠନର ସଭ୍ୟ ହୋଇଥିଲେ । ତା'ଛଡ଼ା ଜାତିସଂଘର ସଭ୍ୟ ନ ହୋଇଥିବା ରାଷ୍ଟ୍ରମାନଙ୍କୁ ମଧ୍ୟ ଏହାର ସଦସ୍ୟ କରାଯାଇଥିଲା । ପୁରୁଷ, ମହିଳା ଓ ଶିଶୁମାନଙ୍କ ଶ୍ରମ ପାଇଁ ତାଙ୍କ ନିଜ ଦେଶରେ ଏବଂ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ତାଙ୍କ ଦେଶର ସମ୍ପର୍କ ଥିବା ଅନ୍ୟ ଦେଶରେ ଅନୁକୂଳ ଓ ମାନବୋଚିତ ଅବସ୍ଥା ସୁରକ୍ଷିତ କରିବା ଆନ୍ତର୍ଜାତିକ ଶ୍ରମ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ତେଣୁ ଏହି ସଂଗଠନ ସାରା ବିଶ୍ୱରେ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା କରି ସେମାନଙ୍କ ଅବସ୍ଥାର ଉନ୍ନତି ପାଇଁ କାର୍ଯ୍ୟ କରିଥିଲା । ଏହି ସଂଗଠନର ତିନୋଟି ଅଙ୍ଗ ଥିଲା । ସେଗୁଡ଼ିକ ହେଲା ସାଧାରଣ ସମ୍ମିଳନୀ, ଶାସନ ନିୟନ୍ତ୍ରକ ଦଳ ଓ ଆନ୍ତର୍ଜାତିକ ଶ୍ରମ କାର୍ଯ୍ୟାଳୟ । ସାଧାରଣ ସମ୍ମିଳନୀରେ ପ୍ରତ୍ୟେକ ସଦସ୍ୟ-ରାଷ୍ଟ୍ରର ଚାରିଜଣ ପ୍ରତିନିଧି ଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ସରକାରଙ୍କ ଦ୍ୱାରା, ଜଣେ ଶିଳ୍ପପତିଙ୍କ ଦ୍ୱାରା ଓ ଜଣେ ଶ୍ରମିକମାନଙ୍କ ଦ୍ୱାରା ମନୋନୀତ ହେଉଥିଲେ । ସାଧାରଣ ସମ୍ମିଳନୀର କୌଣସି ବୈଧାନିକ କ୍ଷମତା ନ ଥିଲା । କିନ୍ତୁ ଏହା ଶ୍ରମିକମାନଙ୍କ ଅବସ୍ଥାର କେତେକ ତ୍ରୁଟି ଓ ସେଗୁଡ଼ିକ ସୁଧାରିବା ପାଇଁ ଦୃଷ୍ଟି ଆକର୍ଷଣ କରୁଥିଲା ଏବଂ ଶ୍ରମିକମାନଙ୍କ କାର୍ଯ୍ୟକରିବା ଅବସ୍ଥାର ଉନ୍ନତି କରିବା ଉଦ୍ଦେଶ୍ୟରେ ଆବଶ୍ୟକ ଚିଠା ପ୍ରସ୍ତୁତ କରୁଥିଲା । ଶାସନ ନିୟନ୍ତ୍ରକ ଦଳରେ ବତ୍ରିଶ ଜଣ ସଦସ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଷୋହଳ ଜଣ ସଦସ୍ୟ ରାଷ୍ଟ୍ରର ସରକାରଙ୍କର, ଆଠ ଜଣ ଶିଳ୍ପପତିମାନଙ୍କର ଓ ଆଠ ଜଣ ଶ୍ରମିକମାନଙ୍କର

ପ୍ରତିନିଧିତ୍ୱ କରୁଥିଲେ । ଆନ୍ତର୍ଜାତିକ ଶ୍ରମ କାର୍ଯ୍ୟାଳୟର ନିର୍ଦ୍ଦେଶକଙ୍କ ନିର୍ବାଚନ ଏହାର ମୁଖ୍ୟ କାର୍ଯ୍ୟ ଥିଲା । ତା'ଛଡ଼ା ସାଧାରଣ ସମ୍ମିଳନୀର ବୈଠକରେ ଆଲୋଚନା ହେବାକୁ ଥିବା ବିଷୟଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ମଧ୍ୟ ଏହାର କାର୍ଯ୍ୟଥିଲା । ଜେନେଭାଠାରେ ଅବସ୍ଥିତ ଆନ୍ତର୍ଜାତିକ ଶ୍ରମ କାର୍ଯ୍ୟାଳୟ ଶ୍ରମିକମାନଙ୍କ ଉନ୍ନତି ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ତା'ର ପ୍ରସାରଣ ପାଇଁ ଉଦ୍ଦିଷ୍ଟ ଥିଲା କିନ୍ତୁ ଶ୍ରମିକମାନଙ୍କ ଅବସ୍ଥାର ନିୟନ୍ତ୍ରଣ ପାଇଁ ଆନ୍ତର୍ଜାତିକ ନିୟମ ପ୍ରସ୍ତୁତ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟାଳୟ ନିଜର ସମ୍ବାଦପତ୍ର ଓ ପତ୍ରିକା ପ୍ରକାଶ କରୁଥିଲେ ।




(ଆନ୍ତର୍ଜାତିକ ଶ୍ରମସଂଗଠନର ମୁଖ୍ୟ କାର୍ଯ୍ୟାଳୟ)

**ତୁମେ ଜାଣିଛ କି ?**

***ଆଇନତଃ ଆନ୍ତର୍ଜାତିକ ଶ୍ରମ ସଂଗଠନ ଜାତିସଂଘର ଏକ ଅଂଶ ନ ଥିଲା କିନ୍ତୁ ଜାତିସଂଘ ଭଳି ଏହା ପ୍ୟାରିସ୍ ସମ୍ମିଳନୀ ଦ୍ୱାରା ସୃଷ୍ଟି ହୋଇ ଜାତିସଂଘର ଏକ ସ୍ୱୟଂଶାସିତ ଶାଖା ଥିଲା । ଏହାର ସମ୍ବିଧାନରେ ଥିବା ବ୍ୟବସ୍ଥା ଅନୁଯାୟୀ ଜାତିସଂଘର ସଭ୍ୟ ନ ଥାଇ ମଧ୍ୟ ଜର୍ମାନୀ ଓ ଅଷ୍ଟ୍ରିଆ ଆରମ୍ଭରୁ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଓ ରୁଷିଆ ୧୯୩୪ ରୁ ଏହାର ସଭ୍ୟ ହୋଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ୧୯୪୬ ଡିସେମ୍ବରରେ ଏହା ସଂଯୁକ୍ତ ରାଷ୍ଟ୍ରସଂଘର ଏକ ସ୍ୱତନ୍ତ୍ର କର୍ତ୍ତୃତ୍ୱାଧୀନ ଅନୁଷ୍ଠାନ ଭାବେ ରହିଲା ।***

**ତୁମ ପାଇଁ କାମ :**

***ଆମ ଦେଶରେ ଶ୍ରମିକମାନଙ୍କ ଅବସ୍ଥାର ଉନ୍ନତିପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ସୂଚନା ଦିଅ ।***

## ଜାତିସଂଘର କାର୍ଯ୍ୟାବଳୀ :

ଜାତିସଂଘର କାର୍ଯ୍ୟାବଳୀ ଆଲୋଚ଼ନା କଲେ ଜଣାଯାଏ ଯେ ଏହା କେତେକ କାର୍ଯ୍ୟରେ କୃତିତ୍ୱ ହାସଲ କରିଥିବା ବେଳେ କେତେକ କାର୍ଯ୍ୟ ସମ୍ପାଦନ କରିବାରେ ଅକୃତକାର୍ଯ୍ୟ ହୋଇଥିଲା ।

**(କ)କୃତିତ୍ୱପୂର୍ଣ୍ଣ କାର୍ଯ୍ୟ:** ଜାତିସଂଘର ହସ୍ତକ୍ଷେପ ଫଳରେ ଅନେକ ଅନ୍ତଃରାଷ୍ଟ୍ରୀୟ କଳହ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମାଧାନ ହୋଇଥିଲା । ୧୯୨୧ ମସିହାରେ ଆଲାଣ୍ଡଦ୍ୱୀପର ଅଧିକାରକୁ ନେଇ ସ୍ୱିଡେନ୍ ଓ ଫିନ୍‌ଲାଣ୍ଡ ମଧ୍ୟରେ ଲାଗିଥିବା କଳହର ସମାଧାନ କରାଯାଇ ଆଲାଣ୍ଡ ଫିନ୍‌ଲାଣ୍ଡକୁ ହସ୍ତାନ୍ତର କରାଯାଇଥିଲା ଏବଂ ସେଠାରେ ଥିବା ସ୍ୱିଡେନ୍ ଅଧିବାସୀଙ୍କୁ ସ୍ୱୟଂଶାସନର ଅଧିକାର ଦିଆଯାଇଥିଲା । ଗଣଭୋଟ ଜରିଆରେ ଉତ୍ତର ସାଇଲେସିଆର ସୀମାକୁ ନେଇ ପୋଲାଣ୍ଡ ଓ ଜର୍ମାନୀ ମଧ୍ୟରେ କଳହର ସମାଧାନ କରାଯାଇଥିଲା । ଆଲ୍‌ବାନିଆର ସୀମା ସମ୍ପର୍କରେ ଗ୍ରୀସ୍ ଓ ଯୁଗୋସ୍ଲୋଭିଆ ମଧ୍ୟରେ ଯୁଦ୍ଧର ସମ୍ଭାବନାକୁ ଏଡ଼ାଯାଇ ପାରିଥିଲା । ୧୯୨୨ ମସିହାରେ ଏକ କମିଶନ ନିଯୁକ୍ତ କରି ପୋଲାଣ୍ଡ ଓ ଚେକୋସ୍ଲୋଭାକିଆ ମଧ୍ୟରେ ଥିବା ସୀମା ସମ୍ପର୍କିତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିଥିଲା । ୧୯୨୫ ମସିହାରେ ଗ୍ରୀସ୍ ଓ ବୁଲ୍‌ଗେରିଆ ମଧ୍ୟରେ ସୀମା ନିରୂପଣ ପ୍ରସଙ୍ଗରେ ବୁଲ୍‌ଗେରିଆରେ ମୁତୟନ ଥିବା ଗ୍ରୀସ୍ ସୈନ୍ୟମାନଙ୍କୁ ପ୍ରତ୍ୟାହାର କରାଯାଇ ପାରିଥିଲା । ୧୯୨୨ ମସିହାର ଏକ ସନ୍ଧି ଅନୁଯାୟୀ କଲମ୍ବିଆକୁ ହସ୍ତାନ୍ତର କରିଥିବା ଲେଟିସିଆ ସହରକୁ ଦକ୍ଷିଣ ଆମେରିକାର ପେରୁ ରାଷ୍ଟ୍ରର ୧୯୩୩ ମସିହାରେ ପୁନଃ ଅଧିକାରକୁ ନେଇ ଦୁଇ ଦେଶ ମଧ୍ୟରେ ହୋଇଥିବା ଯୁଦ୍ଧକୁ ବନ୍ଦ କରାଯାଇ ଆପୋଷ ନିଷ୍ପତ୍ତି ଦ୍ୱାରା

ଲେଟିସିଆ କଲମ୍ବିଆକୁ ଦିଆଯାଇଥିଲା । ପ୍ୟାରିସ୍ ସନ୍ଧି ଅନୁଯାୟୀ ୧୯୩୫ ମସିହାରେ 'ସାର୍' କୋଇଲା ଅଞ୍ଚଳରେ ଏକ ଗଣଭୋଟ ସଂଗଠିତ କରାଯାଇ 'ସାର୍' ଅଞ୍ଚଳକୁ ଜର୍ମାନୀ ସହିତ ମିଶାଇ ଦିଆଯାଇଥିଲା । ମାଣ୍ଡେଟ୍ ବ୍ୟବସ୍ଥା ଫଳରେ ପ୍ରତ୍ୟେକ ରାଷ୍ଟ୍ର ନିଜର ଉପନିବେଶମାନଙ୍କର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ବାର୍ଷିକ ବିବରଣୀ ଜାତିସଂଘକୁ ଦେବାଦ୍ୱାରା ଉପନିବେଶଗୁଡ଼ିକରେ ଶୋଷଣ ବନ୍ଦ ହୋଇପାରିଥିଲା ।

ଶ୍ରମିକମାନଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କ ଅବସ୍ଥାର ଉନ୍ନତି ପାଇଁ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ପ୍ରତିଷ୍ଠା,ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସଂଗଠନ ସ୍ଥାପନା ତଥା ମେଲେରିଆ, ଯକ୍ଷ୍ମା, କଲେରା, ବସନ୍ତ ଓ ଅନ୍ୟ କେତେକ ସଂକ୍ରାମକ ରୋଗର ନିରାକରଣ ଏବଂ ପୁରୁଷ, ମହିଳା ଓ ଶିଶୁମାନଙ୍କୁ ନେଇ ବେଆଇନ୍ ଦାସ ବ୍ୟବସାୟର ନିୟନ୍ତ୍ରଣ ଭଳି କେତେକ ବିଶିଷ୍ଟ ପଦକ୍ଷେପ ଜାତିସଂଘର ସାମାଜିକ ଓ ମାନବୀୟ କ୍ଷେତ୍ରରେ କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ।

**(ଖ) ଅସଫଳ କ୍ଷେତ୍ର :** କେତେକ କାର୍ଯ୍ୟରେ ଜାତିସଂଘ ସଫଳତା ପାଇପାରିନଥିଲା । ଲିଥୁଆନିଆ ଦଖଲରେ ଥିବା ଭିଲ୍‌ନା ସହର ଉପରେ ପୋଲାଣ୍ଡର ନିୟନ୍ତ୍ରଣ, ଗ୍ରୀସ୍ ଓ ଆଲ୍‌ବାନିଆ ମଧ୍ୟରେ ସୀମା ନିରୂପଣ କରିବାକୁ ଯାଇଥିବା ଇଟାଲୀୟ ପ୍ରତିନିଧିଙ୍କୁ ହତ୍ୟା ଘଟଣାରେ ଇଟାଲୀ ଦ୍ୱାରା କୋର୍‌ଫ୍ୟୁ ଦ୍ୱୀପ ଧ୍ୱଂସ ଓ ଗ୍ରୀସ୍ ଠାରୁ କ୍ଷତିପୂରଣ ଆଦାୟ, ଜାତିସଂଘ ସୁରକ୍ଷା ଦେଉଥିବା ଓ ଜଣେ ଫରାସୀ କମିଶନରଙ୍କ ଦ୍ୱାରା ପ୍ରଶାସିତ ହେଉଥିବା ମେମେଲ୍ ବନ୍ଦର ଉପରେ ଲିଥୁଆନିଆର ପ୍ରଭାବ ବିସ୍ତାର, ଜାପାନର ମାଞ୍ଚୁରିଆ ଅଧିକାର, ଇଟାଲୀର ଆବିସିନିଆ ବିଜୟ ଏବଂ ସ୍ପେନୀୟ ଗୃହଯୁଦ୍ଧରେ ସେଠାକାର ପ୍ରଜାତନ୍ତ୍ରର ଉଚ୍ଛେଦକୁ ରୋକିବାରେ ଜାତିସଂଘ ଅକୃତକାର୍ଯ୍ୟ ହୋଇଥିଲା ।

ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରି ଜାତିସଂଘ ନିଶ୍ଚୟ କୃତି ଅର୍ଜନ କରିଥିଲା । ତଥାପି ପୃଥିବୀରେ ଯୁଦ୍ଧର ଆଶଙ୍କାକୁ ଦୂରୀଭୂତ କରି ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାରେ ଜାତିସଂଘର ମୂଳ ଉଦ୍ଦେଶ୍ୟ ସଫଳ ହୋଇ ନ ଥିଲା ଏବଂ ୧୯୩୯ ମସିହାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ଏହା ପ୍ରତିରୋଧ କରି ପାରି ନ ଥିଲା । ଜାତିସଂଘର ଏହି ବିଫଳତା ପାଇଁ ଅନେକ କାରଣ ଦାୟୀ ଥିଲା ।

## ଜାତିସଂଘର ବିଫଳତାର କାରଣ :

### ୧. ପ୍ୟାରିସ୍ ଶାନ୍ତିଚୁକ୍ତି ସହିତ ସଂଯୋଗ :

ଜାତିସଂଘର କୋଭେନାଣ୍ଟକୁ ପ୍ୟାରିସ୍‌ଠାରେ ସ୍ୱାକ୍ଷରିତ ହୋଇଥିବା ଶାନ୍ତି ଚୁକ୍ତି ସହିତ ସଂଲଗ୍ନ କରିଦିଆଯାଇଥିଲା । ଚୁକ୍ତିର ସର୍ତ୍ତଗୁଡ଼ିକ ବିଜିତ ରାଷ୍ଟ୍ରମାନଙ୍କ ପ୍ରତି ଅତ୍ୟନ୍ତ କଠୋର ଥିଲା । ଉକ୍ତ ସର୍ତ୍ତ ଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ଜାତିସଂଘ ଏକ ମାଧ୍ୟମ ରୂପେ ବ୍ୟବହୃତ ହେବ ବୋଲି ବିଜିତ ରାଷ୍ଟ୍ରମାନଙ୍କ ଧାରଣା ହେଲା । ଜାତିସଂଘର ଆରମ୍ଭରେ ବିଜିତ ରାଷ୍ଟ୍ରମାନଙ୍କୁ ସଭ୍ୟପଦ ଦିଆ ନ ଯିବାରୁ ସେମାନେ ଜାତିସଂଘକୁ କେବଳ ବିଜେତାମାନଙ୍କର ଏକ ସଂଗଠନ ବୋଲି ମନେ କଲେ । ସେମାନେ ଜାତିସଂଘକୁ ଘୃଣା କଲେ ଓ ସମର୍ଥନ ଦେବାପାଇଁ କୁଣ୍ଠାବୋଧ କଲେ ।

### ୨.ଯୁକ୍ତରାଷ୍ଟ୍ର ଆମେରିକାର ଅନୁପସ୍ଥିତି :

ଯୁକ୍ତରାଷ୍ଟ୍ର ଆମେରିକାର ସିନେଟ୍ ପ୍ୟାରିସ୍ ଶାନ୍ତି ଚୁକ୍ତିକୁ ଅନୁମୋଦନ କଲା ନାହିଁ । ଫଳରେ ସେ ଜାତିସଂଘର ସଭ୍ୟ ହୋଇପାରିଲା ନାହିଁ । ଆମେରିକାର ଅନୁପସ୍ଥିତି କେତେକ ଦେଶକୁ ଜାତିସଂଘ ସଭ୍ୟପଦରୁ ଇସ୍ତଫା ଦେବା ପାଇଁ ଉତ୍ସାହିତ କଲା । ଜାତିସଂଘର ଅର୍ଥନୈତିକ ପ୍ରତିବନ୍ଧକ ନୀତି ଫଳପ୍ରଦଭାବରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଇଂଲାଣ୍ଡ ଓ ଆମେରିକା ଦ୍ୱାରା ଫ୍ରାନ୍ସକୁ ଦିଆଯାଇଥିବା ସୁରକ୍ଷାର ପ୍ରତିଶ୍ରୁତି ଅର୍ଥହୀନ ହୋଇଗଲା । ଲାଟିନ୍ ଆମେରିକା ଓ ଦୂର ପ୍ରାଚ୍ୟ ଅଞ୍ଚଳରେ ଜାତିସଂଘର କ୍ଷମତାକୁ ଦୁର୍ବଳ କରିଦେଲା ।

### ୩. ରାଷ୍ଟ୍ରମାନଙ୍କର ସ୍ୱାର୍ଥପର ମନୋଭାବ :

ଜାତିସଂଘର ସଦସ୍ୟ ରାଷ୍ଟ୍ରମାନେ ଜାତିସଂଘ ବା ସାରା ବିଶ୍ୱର ସ୍ୱାର୍ଥ ଅପେକ୍ଷା ନିଜର ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଲେ । ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେମାନଙ୍କ ସାର୍ବଭୌମ କ୍ଷମତା ତ୍ୟାଗ କରିବାକୁ ପ୍ରସ୍ତୁତ ନ ଥିଲେ । ଫଳରେ ସେମାନଙ୍କ ମଧ୍ୟରେ ଥିବା ବିବାଦର ସମାଧାନ ନିମନ୍ତେ ମଧ୍ୟସ୍ଥତା କରିବା ଜାତିସଂଘ ପାଇଁ କଷ୍ଟକର ହୋଇପଡ଼ିଲା । ଲାଟିନ୍ ଆମେରିକା ଓ ଦୂରପ୍ରାଚ୍ୟ ଅଞ୍ଚଳରେ ଯୁକ୍ତରାଷ୍ଟ୍ର ଆମେରିକା ନିଃସଙ୍ଗ ନୀତି ପରିତ୍ୟାଗ କରି ନିଜର ଜାତୀୟ ସ୍ୱାର୍ଥ ପ୍ରତି ଅନୁକୂଳ ହେଉଥିବା ନୀତି ଗ୍ରହଣ କଲା ଏବଂ ଇଂଲାଣ୍ଡ ଓ ଫ୍ରାନ୍ସ ସେମାନଙ୍କ ସ୍ୱାର୍ଥ ରକ୍ଷାପାଇଁ ଫାସୀବାଦୀ ଓ ନାଜିବାଦୀଙ୍କ ପ୍ରତି ତୋଷଣ ନୀତି ଅବଲମ୍ବନ କଲେ ।

### ୪. ସାର୍ବଜନୀନତାର ଅଭାବ :

କୌଣସି ସମୟରେ ସମସ୍ତ ବୃହତ୍ ରାଷ୍ଟ୍ର ଜାତିସଂଘର ସଦସ୍ୟ ରହି ନ ଥିଲେ । ଯୁକ୍ତରାଷ୍ଟ୍ର ଆମେରିକା କେବେ ମଧ୍ୟ ଏହାର ସଦସ୍ୟ ନ ଥିଲା । ଜର୍ମାନୀ ଓ ସୋଭିଏତ୍ ରୁଷିଆ ଭଳି ପ୍ରମୁଖ ରାଷ୍ଟ୍ରଗଣ ଆରମ୍ଭରୁ ଏହାର ସଦସ୍ୟ ନ ଥିଲେ । ଜର୍ମାନୀ ୧୯୨୬ ମସିହାରେ ଏହାର ସଦସ୍ୟ ହେଲା, କିନ୍ତୁ ହିଟଲରଙ୍କ ଉତ୍‌ଥାନ ପରେ ୧୯୩୩ ମସିହାରେ ସଦସ୍ୟ ପଦ ତ୍ୟାଗ କଲା । ସେହି ବର୍ଷ ଜାପାନ୍ ମାଞ୍ଚୁରିଆ ଆକ୍ରମଣ କରିବାପରେ ଜାତିସଂଘ ସହିତ ସମ୍ପର୍କ ଛିନ୍ନ କଲା । ୧୯୩୪ ମସିହାରେ ସୋଭିଏତ୍ ରୁଷିଆକୁ ସଦସ୍ୟ କରାଗଲା କିନ୍ତୁ ୧୯୩୯ ମସିହାରେ ଫିନ୍‌ଲାଣ୍ଡ ଆକ୍ରମଣ କରିବାରୁ ତାକୁ ଜାତିସଂଘ ସଦସ୍ୟ ପଦରୁ ବହିଷ୍କାର କରାଗଲା । ଇଟାଲୀ ୧୯୩୭ ମସିହାରେ ସଦସ୍ୟପଦ ଛାଡ଼ିଥିଲା । ଏହିପରି ସାର୍ବଜନୀନତାର ଅଭାବ ଫଳରେ ଜାତିସଂଘ ଦୁର୍ବଳ ହୋଇପଡ଼ିଲା ଏବଂ ଏହାର ନିଷ୍ପତ୍ତିଗୁଡ଼ିକ ଫଳପ୍ରଦ ଭାବରେ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

**_ତୁମ ପାଇଁ କାମ :_**

**_ଜାତିସଂଘର କେତେକ ସଦସ୍ୟ ରାଷ୍ଟ୍ରଙ୍କ ଭିନ୍ନ ଭିନ୍ନ ସମୟରେ ଜାତିସଂଘରୁ ପ୍ରତ୍ୟାହାରକୁ ପ୍ରତିରୋଧ କରିବାରେ ଜାତିସଂଘ ବିଫଳ ହେବାର କାରଣଗୁଡ଼ିକ ବିଶ୍ଳେଷଣ କର ।_**

### ୫. ସାମ୍ବିଧାନିକ ତ୍ରୁଟି :

ସଭା ଓ ପରିଷଦରେ ନିଷ୍ପତ୍ତି ନେବାପାଇଁ ସର୍ବସମ୍ମତିର ଆବଶ୍ୟକତା ଥିବାରୁ ନିଷ୍ପତ୍ତି ନେବାପାଇଁ ଅସୁବିଧା ହେଉଥିଲା । କିନ୍ତୁ କୌଣସି ବିଷୟରେ ସୁପାରିସ କରିବାକୁ ସର୍ବସମ୍ମତିର ଆବଶ୍ୟକତା ନ ଥିଲା । ତେଣୁ ସୁପାରିସ ଗୁଡ଼ିକରେ ନିଷ୍ପତ୍ତିର ଦୃଢ଼ତା ରହୁ ନ ଥିଲା । ପ୍ରତ୍ୟେକ ରାଷ୍ଟ୍ର ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ନିଜର ଅସ୍ତ୍ରଶସ୍ତ୍ର ସର୍ବନିମ୍ନ ପରିମାଣକୁ ହ୍ରାସ କରିବା ପାଇଁ କୋଭେନାଣ୍ଟରେ ଉଲ୍ଲେଖ କରାଯାଇଥିଲା । କିନ୍ତୁ ସର୍ବନିମ୍ନ ପରିମାଣର ନିର୍ଦ୍ଦିଷ୍ଟ ଅର୍ଥ ନିରୂପଣ କରାଯାଇ ନ ଥିଲା । ଫଳରେ ରାଷ୍ଟ୍ରଗୁଡ଼ିକ ନିଜର ସ୍ୱାର୍ଥ ଓ ସୁବିଧା ଅନୁଯାୟୀ 'ସର୍ବନିମ୍ନ ପରିମାଣ'ର ଭିନ୍ନ ଭିନ୍ନ ବ୍ୟାଖ୍ୟା କଲେ ଏବଂ ଯଥେଷ୍ଟ ପରିମାଣର ଅସ୍ତ୍ରଶସ୍ତ୍ର ମହଜୁଦ କଲେ । ଜାତିସଂଘ ଯୁଦ୍ଧକୁ ଅସିଦ୍ଧ ଘୋଷଣା କରି ନ ଥିଲା । ଫଳରେ ଅନେକ ସଦସ୍ୟ ରାଷ୍ଟ୍ର କୌଣସି ବିବାଦୀୟ ପ୍ରସଙ୍ଗ ସମାଧାନ ପାଇଁ ଆଇନ୍‌ସମ୍ମତଭାବେ ପରସ୍ପର ମଧ୍ୟରେ ଯୁଦ୍ଧ କଲେ । ଜାତିସଂଘର ନିଜର ବା ଏହାର ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏକ ସୈନ୍ୟବାହିନୀ ନ ଥିଲା । ତେଣୁ ଅନ୍ୟାୟରେ ଆକ୍ରମଣ କରୁଥିବା ରାଷ୍ଟ୍ରର ସାମରିକ କାର୍ଯ୍ୟକୁ ପ୍ରତିରୋଧ କରିବା ପାଇଁ ସଦସ୍ୟ ରାଷ୍ଟ୍ରଙ୍କ ଇଚ୍ଛାଧୀନ ସାହାଯ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା । ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାପାଇଁ ଉଦ୍ୟମ କରିବା ବ୍ୟତୀତ ଜାତିସଂଘକୁ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟ ସମ୍ପାଦନ କରିବା ଦାୟିତ୍ୱ ବହନ କରିବାକୁ ପଡୁଥିଲା । ସର୍ବୋପରି ଜାତିସଂଘକୁ ଏହାର ନିଷ୍ପତ୍ତି କାର୍ଯ୍ୟକାରୀ କରିବାପାଇଁ ଯଥେଷ୍ଟ କ୍ଷମତା ଦିଆଯାଇ ନ ଥିଲା ।

## ୬. ଆର୍ଥିକ ମାନ୍ଦାବସ୍ଥା :

୧୯୩୦ ମସିହାର ଆର୍ଥିକ ମାନ୍ଦାବସ୍ଥା ବିଶ୍ୱ ଅର୍ଥନୀତିକୁ ଭଙ୍ଗ କରିଦେଇଥିଲା । ଏହା ସବୁଦେଶରେ ସାମାଜିକ ବିନ୍ୟାସର ଗଠନକୁ ନଷ୍ଟ କରିଦେଇଥିଲା । ଜର୍ମାନୀରେ ନାଜିବାଦ ଓ ଜାପାନରେ ସାମରିକବାଦର ଉତ୍‌ଥାନ ପାଇଁ ଏହା ଅନେକ ପରିମାଣରେ ଦାୟୀ ଥିଲା । ଏହା ପ୍ରତ୍ୟେକ ରାଷ୍ଟ୍ରରେ ପୁନଶ୍ଚ ଅର୍ଥନୈତିକ ଜାତୀୟତାଭାବ ସୃଷ୍ଟି କଲା । ଫଳରେ ରାଷ୍ଟ୍ରମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ପୁନରାବୃତ୍ତି ହେଲା ଏବଂ ପରସ୍ପର ମଧ୍ୟରେ ସନ୍ଦେହ ଓ ଅବିଶ୍ୱାସ ଜାତ ହେଲା । ଅନ୍ୟ ପକ୍ଷରେ ଜର୍ମାନୀ, ଇଟାଲୀ, ସ୍ପେନ୍ ଓ ଜାପାନ୍‌ରେ ଏକଛତ୍ରବାଦୀମାନେ ଶାସନ କ୍ଷମତାକୁ ଆସିଲେ ଏବଂ ପାରସ୍ପରିକ ଆଲୋଚନା ଓ ବୁଝାମଣା ଅପେକ୍ଷା ସାମରିକ ଶକ୍ତିକୁ ଅଧିକ ଗୁରୁତ୍ୱ ଦେଲେ । ଜାତିସଂଘ ଉପରେ ସେମାନଙ୍କ ବିଶ୍ୱାସ ରହିଲା ନାହିଁ ଏବଂ ସେମାନେ ସଭ୍ୟପଦରୁ ଇସ୍ତଫା ଦେଲେ । ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ରାଷ୍ଟ୍ରଗୁଡ଼ିକ ତୋଷଣ ଓ ଅଣ ହସ୍ତକ୍ଷେପ ନୀତି ଅବଲମ୍ବନ କରି ଅହେତୁକ ଆକ୍ରମଣ ପ୍ରତି ମୌନ ସହମତି ଜଣାଇଲେ । ଏ ଭଳି ପରିସ୍ଥିତିରେ ଜାତିସଂଘର ସ୍ଥିତି ଅର୍ଥହୀନ ହୋଇପଡ଼ିଲା ।

ବିଶ୍ୱଶାନ୍ତିର ମହାନ୍ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ସଂଗଠନ ଭାବରେ ଜାତିସଂଘ ଗଠିତ ହୋଇଥିଲା । ଅନ୍ତଃରାଷ୍ଟ୍ର ଦ୍ୱନ୍ଦ୍ୱ ଓ କଳହ ସମାଧାନ କରିବାରେ ଏହା କେତେକ କ୍ଷେତ୍ରରେ ଯଥେଷ୍ଟ ସଫଳତା ହାସଲ କରିଥିଲା । ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ସଫଳତା ଉଲ୍ଲେଖନୀୟ । କିନ୍ତୁ ଯୁଦ୍ଧର ଆଶଙ୍କାକୁ ହ୍ରାସକରି ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ସଫଳତା ପ୍ରାପ୍ତ କରିପାରି ନ ଥିଲା । ତଥାପି ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗଠିତ ସଂଯୁକ୍ତ ରାଷ୍ଟ୍ରସଂଘର ଅଗ୍ରଦୂତ ଭାବେ କାର୍ଯ୍ୟ କରିଥିଲା । ତେଣୁ ବିଶ୍ୱ ଇତିହାସରେ ଜାତିସଂଘର ଗୁରୁତ୍ୱ ଓ ଭୂମିକାକୁ ଉପେକ୍ଷା କରାଯାଇପାରିବ ନାହିଁ । ୧୯୪୬ ଏପ୍ରିଲ ଅଠର ତାରିଖରେ ଜାତିସଂଘକୁ ନୂତନ ଭାବେ ଗଠିତ ସଂଯୁକ୍ତ ରାଷ୍ଟ୍ରସଂଘ ସହିତ ମିଶାଇ ଦିଆଗଲା ।

***ତୁମ ପାଇଁ କାମ :***

***ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ପ୍ରତିଷ୍ଠିତ ହୋଇଥିବା ସଂଯୁକ୍ତ ରାଷ୍ଟ୍ରସଂଘର ଗଠନରେ ପ୍ରଥମ ବିଶ୍ୱଯୁଦ୍ଧ ପରେ ପ୍ରତିଷ୍ଠିତ ଜାତିସଂଘ ଗଠନର ସାମଞ୍ଜସ୍ୟଗୁଡ଼ିକ ଦର୍ଶାଅ ।***

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଜାତିସଂଘ "ପରିଷଦ"ର କ୍ଷମତାଗୁଡ଼ିକ ଆଲୋଚନା କର ।

(ଖ) ସ୍ଥାୟୀ ଆନ୍ତର୍ଜାତିକ କାର୍ଯ୍ୟାଳୟ କିପରି ଗଠିତ ହୋଇଥିଲା ଏବଂ ଏହାର କାର୍ଯ୍ୟଗୁଡ଼ିକ କ'ଣ ଥିଲା ?

(ଗ) କେଉଁ କାର୍ଯ୍ୟଗୁଡ଼ିକରେ ଜାତିସଂଘ ସଫଳତା ପାଇ ପାରି ନ ଥିଲା ?

(ଘ) ଜାତିସଂଘର ବିଫଳତା ପାଇଁ ଏହାର ସମ୍ବିଧାନର କେଉଁ ତ୍ରୁଟିଗୁଡ଼ିକ ଦାୟୀ ଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଜାତିସଂଘର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ କ'ଣ ଥିଲା ?

(ଖ) ଜାତିସଂଘର "ସଭା"ରେ ପ୍ରତ୍ୟେକ ସଦସ୍ୟରାଷ୍ଟ୍ରକୁ କିପରି ସମାନ ସ୍ଥାନ ଦିଆଯାଇଥିଲା ?

(ଗ) କେଉଁ ରାଷ୍ଟ୍ରଗୁଡ଼ିକ ଜାତିସଂଘ "ପରିଷଦ"ର ପ୍ରଥମ ସ୍ଥାୟୀ ସଭ୍ୟ ହୋଇଥିଲେ ?

(ଘ) ଜାତିସଂଘ "ପରିଷଦ"ର ଅସ୍ଥାୟୀ ସଭ୍ୟଙ୍କ କାର୍ଯ୍ୟକାଳ କେତେ ବର୍ଷ ଥିଲା ଏବଂ ପ୍ରତ୍ୟେକ ବର୍ଷ କେତେଜଣ ଅସ୍ଥାୟୀ ସଭ୍ୟ ନିର୍ବାଚିତ ହେଉଥିଲେ ?

(ଙ) କେବେ ଓ କେଉଁଠାରେ ଜାତିସଂଘର ସ୍ଥାୟୀ ଆନ୍ତର୍ଜାତିକ ନ୍ୟାୟାଳୟ ପ୍ରତିଷ୍ଠିତ ହୋଇଥିଲା ?

(ଚ଼) ଆନ୍ତର୍ଜାତିକ ଶ୍ରମ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(ଛ) ଆନ୍ତର୍ଜାତିକ ଶ୍ରମ ସଂଗଠନର "ସାଧାରଣ ସମ୍ମିଳନୀ"ରେ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରର କେତେଜଣ ପ୍ରତିନିଧି ଥିଲେ ଏବଂ ସେମାନେ କିପରି ମନୋନୀତ ହେଉଥିଲେ ?

(ଜ) ଜାତିସଂଘ ଦ୍ୱାରା ଆଲାଣ୍ଡ ଦ୍ୱୀପର ସମସ୍ୟା କିପରି ସମାଧାନ କରାଯାଇଥିଲା ?

(ଝ) ପ୍ରଥମ ବିଶ୍ୱଯୁଦ୍ଧରେ ପରାଜିତ ରାଷ୍ଟ୍ରମାନେ ଜାତିସଂଘକୁ ସମର୍ଥନ ଦେବା ପାଇଁ କାହିଁକି କୁଣ୍ଠାବୋଧ କଲେ ?

(ଞ) ଜର୍ମାନୀ କେବେ ଜାତିସଂଘର ସଦସ୍ୟ ହୋଇଥିଲା ଏବଂ କେବେ ଏହାର ସଦସ୍ୟପଦ ତ୍ୟାଗ କରିଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେବେ ପ୍ୟାରିସ୍ ସମ୍ମିଳନୀରେ ଜାତିସଂଘ କୋଭେନାଣ୍ଟର ଚିଠା ଗୃହୀତ ହୋଇଥିଲା ?

(ଖ) ଜାତିସଂଘ କେବେ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠିତ ହେଲା ?

(ଗ଼) ଯୁକ୍ତରାଷ୍ଟ୍ର ଆମେରିକା କାହିଁକି ଜାତିସଂଘର ସଭ୍ୟ ହୋଇପାରିଲାନାହିଁ ?

(ଘ) ସ୍ଥାୟୀ ଆନ୍ତର୍ଜାତିକ ନ୍ୟାୟାଳୟର ଦୁଇପ୍ରକାର ଆଇନ୍‌ଗତ ଅଧିକାର କ'ଣ ଥିଲା ?

(ଙ) ଆନ୍ତର୍ଜାତିକ ଶ୍ରମ ସଂଗଠନର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଥିଲା ?

(ଚ) ଆନ୍ତର୍ଜାତିକ ଶ୍ରମ କାର୍ଯ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(ଛ) 'ସାର୍' ଅଞ୍ଚଳକୁ କେଉଁ ପଦ୍ଧତିରେ ନିଷ୍ପତ୍ତି ନିଆଯାଇ ଜର୍ମାନୀ ସହିତ ମିଶାଇ ଦିଆଯାଇଥିଲା ?

(ଜ) ସୋଭିଏତ୍ ରୁଷିଆକୁ କାହିଁକି ଜାତିସଂଘ ସଦସ୍ୟପଦରୁ ବହିଷ୍କାର କରାଯାଇଥିଲା ?

(ଝ) ୧୯୩୦ ର ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ରାଷ୍ଟ୍ରଗୁଡ଼ିକ କିପରି ଅହେତୁକ ଆକ୍ରମଣ ପ୍ରତି ମୌନ ସମ୍ମତି ଜଣାଇଲେ ?

(ଞ) ଜାତିସଂଘ କେବେ ସଂଯୁକ୍ତ ରାଷ୍ଟ୍ରସଂଘ ସହିତ ମିଶିଗଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) କିଏ ପ୍ୟାରିସ୍ ସମ୍ମିଳନୀରେ ଜାତିସଂଘ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ ?

(i) ଆଭେନଲ୍ (ii) ଲେଷ୍ଟର (iii) ଉଡ୍ରୋ ଉଇଲ୍‌ସନ୍ (iv) ଏରିକ୍ ଡ୍ରୁମଣ୍ଡ

(ଖ) ଜାତିସଂଘ କୋଭେନାଣ୍ଟକୁ କେବେ ଭର୍ସାଇ ସନ୍ଧିର ଅନ୍ତର୍ଭୁକ୍ତ କରାଯାଇଥିଲା ?

(i) ୧୯୧୯ ଜାନୁଆରୀ ୧୮ (ii) ୧୯୧୯ ଏପ୍ରିଲ୍ ୨୮

(iii) ୧୯୧୯ ଜୁନ୍ ୨୮ (iv) ୧୯୨୦ ଜାନୁଆରୀ ୧୦

(ଗ) ନୂତନ ରାଷ୍ଟ୍ରକୁ ସଭ୍ୟପଦ ଦେବା ପାଇଁ ଅତିକମ୍‌ରେ "ସଭା"ର କେତେ ସଭ୍ୟଙ୍କ ସମର୍ଥନ ଆବଶ୍ୟକ ଥିଲା ?

(i) ଏକ ତୃତୀୟାଂଶ (ii) ଏକ ଚତୁର୍ଥାଂଶ (iii) ଦୁଇ ତୃତୀୟାଂଶ (iv) ତିନି ଚତୁର୍ଥାଂଶ

(ଘ) ରୁଷିଆ କେବେ ଜାତିସଂଘ ପରିଷଦର ସ୍ଥାୟୀ ସଭ୍ୟ ହୋଇଥିଲା ?

(i) ୧୯୨୬ (ii) ୧୯୩୪ (iii) ୧୯୩୬ (iv) ୧୯୩୯

(ଙ) ଜାତିସଂଘର ସଚିବାଳୟ କେଉଁଠାରେ ଅବସ୍ଥିତ ଥିଲା ?

(i) ପ୍ୟାରିସ୍ (ii) ହେଗ୍ (iii) ଜେନେଭା (iv) ଭିଲ୍‌ନା

(ଚ) ସ୍ଥାୟୀ ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତିଙ୍କ କାର୍ଯ୍ୟକାଳ କେତେ ବର୍ଷ ଥିଲା ?

(i) ଏଗାର ବର୍ଷ (ii) ଚାରିବର୍ଷ (iii) ପନ୍ଦର ବର୍ଷ (iv) ନଅ ବର୍ଷ

(ଛ) ଆନ୍ତର୍ଜାତିକ ଶ୍ରମ ସଂଗଠନର ଶାସନ ନିୟନ୍ତ୍ରକ ଦଳରେ କେତେଜଣ ସଦସ୍ୟ ରହିଥିଲେ ?

(i) ଚାରିଜଣ (ii) ଆଠଜଣ (iii) ଷୋହଳ ଜଣ (iv) ବତ୍ରିଶ ଜଣ

(ଜ) କଲମ୍ବିଆକୁ ହସ୍ତାନ୍ତର କରିଥିବା କେଉଁ ସହରକୁ ପେରୁ ୧୯୩୩ ରେ ପୁନଃ ଅଧିକାର କରିଥିଲା ?

(i) ଡାନ୍‌ଜିଗ୍ (ii) ଆଲାଣ୍ଡ (iii) ହେଗ୍ (iv) ଲେଟିସିଆ

(ଝ) ଇଟାଲୀୟ ପ୍ରତିନିଧିଙ୍କୁ ହତ୍ୟା ଘଟଣାରେ କେଉଁ ଅଞ୍ଚଳକୁ ଇଟାଲୀ ଧ୍ୱଂସ କରିଥିଲା ?

(i) ଅଲାଣ୍ଡ ଦ୍ୱୀପ (ii) 'ସାର' କୋଇଲା ଅଞ୍ଚଳ (iii) ଭିଲ୍‌ନା (iv) କୋରଫ୍ୟୁ ଦ୍ୱୀପ

(ଞ) ଇଟାଲୀ କେବେ ଜାତିସଂଘ ସଦସ୍ୟପଦ ଛାଡ଼ିଥିଲା ?

(i) ୧୯୩୩ (ii) ୧୯୩୪ (iii) ୧୯୩୬ (iv) ୧୯୩୯

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ଦ୍ୱିତୀୟ ଅଧ୍ୟାୟ

# ଏକ ନୂତନ ବିଶ୍ୱ ଅଭିମୁଖେ ୧୯୧୯-୧୯୪୫

# ( Towards a New World 1919 - 1945 )

## ପ୍ରଥମ ପାଠ

## ଫାସୀବାଦ ଓ ନାଜିବାଦର ବିକାଶ

## (Development of Fascism & Nazism)

ପ୍ରଥମ ବିଶ୍ୱଯୁଦ୍ଧର ଅବ୍ୟବହିତ ପରେ ପୃଥିବୀରେ ଘଟିଥିବା ଅଭୂତପୂର୍ବ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପରିବର୍ତ୍ତନ ଜନସାଧାରଣଙ୍କୁ ଏକ ନୂତନ ବିଶ୍ୱ ଅଭିମୁଖେ ଅଗ୍ରସର ହେବା ପାଇଁ ପଥ ଉନ୍ମୁକ୍ତ କରିଥିଲା । ପ୍ରଥମ ବିଶ୍ୱଯୁଦ୍ଧର ଫଳ ସ୍ୱରୂପ ପୃଥିବୀରେ ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ସଙ୍କଟ, ସମାଜବାଦୀ ଓ ସାମ୍ୟବାଦୀ ଆନ୍ଦୋଳନ, ଜାତୀୟତାବାଦୀ ଜନଜାଗରଣ ଆଦି ବିଭିନ୍ନ ସମସ୍ୟା ଦେଖା ଦେଇଥିଲା । କ୍ରମଶଃ ଏହି ସମସ୍ୟାଗୁଡ଼ିକ ଅଧିକ ଗମ୍ଭୀର ରୂପ ଧାରଣ କରିଥିଲା ।

ପ୍ରଥମ ବିଶ୍ୱଯୁଦ୍ଧର ପ୍ରଭାବରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଇଉରୋପର ଅଧିକାଂଶ ଦେଶରେ ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହୋଇଥିଲା । ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧ ସାମଗ୍ରୀ ଉତ୍ପାଦନ ପାଇଁ ଗଢ଼ି ଉଠିଥିବା କଳ କାରଖାନାଗୁଡ଼ିକ ଯୁଦ୍ଧପରେ ବନ୍ଦ ହୋଇ ଯାଇଥିଲା । ତେଣୁ ଅନେକ ଶ୍ରମିକ ବେକାର ହୋଇଗଲେ । ବେସାମରିକ ସାମଗ୍ରୀ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ କଳ କାରଖାନାର ଶ୍ରମିକମାନେ ଅଧିକ ମଜୁରି ଦାବିକରି ଧର୍ମଘଟ କଲେ । ଲୋକଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ଯାଇଥିବାରୁ ବଜାରରେ କେତେକ ଶିଳ୍ପଜାତ ଦ୍ରବ୍ୟର ଚାହିଦା କମିଗଲା । କଳକାରଖାନା ଗୁଡ଼ିକରେ ଉତ୍ପାଦନ ହ୍ରାସ ପାଇଲା । ଶିଳ୍ପପତିମାନେ ବାଧ୍ୟହୋଇ କେତେକ କଳ କାରଖାନା ବନ୍ଦ କରିଦେଲେ । ଫଳରେ ଲକ୍ଷ ଲକ୍ଷ ଶ୍ରମିକ ବେକାର ହୋଇଗଲେ । ଉତ୍ପାଦନ ହ୍ରାସହେବା ଯୋଗୁଁ ଶିଳ୍ପଜାତ ଦ୍ରବ୍ୟଗୁଡ଼ିକର ମୂଲ୍ୟ ବିଶେଷ ଭାବରେ ବୃଦ୍ଧି ପାଇଲା । ଜନସାଧାରଣ ନିଜର ଅତ୍ୟାବଶ୍ୟକ ସାମଗ୍ରୀ କିଣି ପାରିଲେ ନାହିଁ । ଅନେକ ବ୍ୟାଙ୍କ ଅଚଳ ହୋଇଗଲା । ଲୋକମାନେ ସେମାନଙ୍କର ସଞ୍ଚିତ ଅର୍ଥ ହରାଇଲେ । ୧୯୨୯ ମସିହାରୁ ୧୯୩୩ ମସିହା ମଧ୍ୟରେ ପୃଥିବୀର ବିଭିନ୍ନ ଅଞ୍ଚଳରେ ଏହି ଅର୍ଥନୈତିକ ସଙ୍କଟ ଉତ୍କଟ ରୂପ ଧାରଣ କରିଥିଲା ।

**ତୁମେ ଜାଣିଛ କି ?**

***୧୯୨୯ ମସିହାରୁ ୧୯୩୩ ମସିହା ମଧ୍ୟରେ ପୃଥିବୀର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଉତ୍କଟ ଅର୍ଥନୈତିକ ସଂକଟ ଦ୍ୱାରା ସୋଭିଏତ୍ ରୁଷ ପ୍ରଭାବିତ ହୋଇ ନଥିଲା । ୧୯୨୮ ମସିହାରେ ଯୋସେଫ୍ ଷ୍ଟାଲିନ୍‌ଙ୍କ ଦ୍ୱାରା ପଞ୍ଚବାର୍ଷିକ ଯୋଜନାର ପ୍ରବର୍ତ୍ତନ ଫଳରେ ସୋଭିଏତ୍ ରୁଷରେ ଦ୍ରୁତ ଅର୍ଥନୈତିକ ଉନ୍ନତି ଘଟିଥିଲା । ପାଶ୍ଚାତ୍ୟ ଦେଶମାନଙ୍କରେ କଳକାରଖାନା ବନ୍ଦ ଓ ବେକାରୀ ବୃଦ୍ଧି ବେଳେ ସୋଭିଏତ୍ ରୁଷରେ ଅର୍ଥନୈତିକ ପ୍ରଗତି ଅବ୍ୟାହତ ରହିଥିଲା ।***

**ତୁମ ପାଇଁ କାମ :**

***ତୁମ ସହପାଠୀମାନଙ୍କ ସହିତ ମିଶି ୧୯୨୯-୩୩ ମଧ୍ୟରେ ପୃଥିବୀରେ ଦେଖାଦେଇଥିବା ଅର୍ଥନୈତିକ ସଙ୍କଟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ କର ।***

କୃଷି କ୍ଷେତ୍ରରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ଶିଳ୍ପ ବିପ୍ଳବ ଯୋଗୁଁ କୃଷିକ୍ଷେତ୍ର ଗୁଡ଼ିକରେ ଯାନ୍ତ୍ରିକ ପଦ୍ଧତିର ବିନିଯୋଗ ଫଳରେ କୃଷି ଉତ୍ପାଦନ ବିଶେଷ ଭାବରେ ବୃଦ୍ଧି ପାଇଥିଲା । କିନ୍ତୁ ଯୁଦ୍ଧ ଯୋଗୁଁ ବାଣିଜ୍ୟ ବ୍ୟବସାୟ ବନ୍ଦ ହୋଇଯିବା ଫଳରେ କୃଷିଜାତ ଦ୍ରବ୍ୟର ବିକ୍ରୟ ହୋଇ ପାରିଲାନାହିଁ । ତେଣୁ ଅଧିକ କୃଷି ଉତ୍ପାଦନ କରୁଥିବା ଦେଶଗୁଡ଼ିକ କ୍ଷତିଗ୍ରସ୍ତ ହେଲେ । କୃଷି ଶ୍ରମିକଙ୍କର ଦୁରବସ୍ଥା ବଢ଼ିଲା ।

ଉତ୍ପାଦନର ଦୁଇ ମୁଖ୍ୟ ଉତ୍ସ କୃଷି ଓ ଶିଳ୍ପ କ୍ଷେତ୍ରରେ ଏ ପ୍ରକାରର ସଙ୍କଟ ଯୋଗୁଁ ଚାରିଆଡ଼େ ଅଭାବ ଓ ଅନଟନ ଦେଖାଦେଲା । ଦାରିଦ୍ର୍ୟ ଓ ବେକାରି ବୃଦ୍ଧିପାଇ ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସମସ୍ୟା ଦେଖାଦେଲା । କେତେକ ଦେଶରେ ସେମାନଙ୍କର ସରକାରଙ୍କ ବିରୋଧରେ ଜନମତ ପ୍ରକାଶ ପାଇଲା ଏବଂ ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ଦାବିକରି ଶ୍ରମିକମାନେ ଆନ୍ଦୋଳନ କଲେ । ଦେଶରେ ଥିବା ସମାଜବାଦୀ ଓ ସାମ୍ୟବାଦୀ ଦଳଗୁଡ଼ିକ ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେଲେ । ଏହି ଆନ୍ଦୋଳନର ଲକ୍ଷ୍ୟଥିଲା ବିପ୍ଳବ ଦ୍ୱାରା ରାଜତନ୍ତ୍ର ଲୋପକରି ପ୍ରଜାତନ୍ତ୍ର ପ୍ରତିଷ୍ଠା କରିବା । ଜମିଦାର, ପୁଞ୍ଜିପତି ଓ ଶିଳ୍ପପତିମାନେ ଶ୍ରମିକ ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟାକଲେ । ସେଥିପାଇଁ ସେମାନେ ସ୍ୱେଚ୍ଛାଚାରୀ ତଥା ଉଗ୍ରବାଦୀ ଶକ୍ତିମାନଙ୍କର ସାହାଯ୍ୟ ନେବାକୁ ବାହାରିଲେ । ଏହି ପରିସ୍ଥିତିର ସୁଯୋଗ ନେଇ କେତେକ ସ୍ଥାନରେ ଉଗ୍ର ଜାତୀୟତାବାଦୀ ତଥା ଏକଛତ୍ରବାଦୀ ଶକ୍ତିମାନଙ୍କର ଉତ୍ଥାନ ଘଟିଲା । ଏହି ଶକ୍ତିମାନଙ୍କୁ ଫାସୀବାଦୀ ଶକ୍ତି କୁହାଗଲା ଏବଂ ସେମାନଙ୍କର ଚିନ୍ତାଧାରା ଫାସୀବାଦ ନାମରେ ପରିଚିତ ହେଲା । ଫାସୀବାଦର ମୂଳଲକ୍ଷ୍ୟ ହେଲା ହିଂସାତ୍ମକ ପନ୍ଥାଦ୍ୱାରା ଜଣେ କିମ୍ବା ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ ସମସ୍ତ ଶାସନ କ୍ଷମତା କେନ୍ଦ୍ରୀଭୂତ କରି ଦେଶରେ ଏକଛତ୍ର ଶାସନ ପ୍ରତିଷ୍ଠା କରିବା । ଫାସୀବାଦୀମାନେ ବହୁଦଳୀୟ ଶାସନର ବିରୋଧକରି ଏକଦଳୀୟ ଶାସନରେ ବିଶ୍ୱାସ କରୁଥିଲେ । ପ୍ରଥମେ ଇଟାଲୀ ଓ ଜର୍ମାନୀ ଦେଶରେ ଫାସୀବାଦୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ।

***ତୁମପାଇଁ କାମ :***

***କୌଣସି ଦେଶର ଅର୍ଥନୈତିକ ଉନ୍ନତି କେଉଁସବୁ ଉପାଦାନ ଉପରେ ନିର୍ଭର କରେ ବନ୍ଧୁମାନଙ୍କ ସହିତ ଆଲୋଚନା କରି ଲେଖ ।***

## ଇଟାଲୀରେ ଫାସୀବାଦର ବିକାଶ:

ପ୍ରଥମ ବିଶ୍ୱଯୁଦ୍ଧ ପରେ ଇଟାଲୀ ଦେଶରେ ଫାସୀବାଦର ବିକାଶ ଘଟିଥିଲା । ଲାଟିନ୍ ଶବ୍ଦ ଫାସିସ୍ (Fasces)ରୁ ଫାସୀବାଦର ସୃଷ୍ଟି । ଫାସିସ୍ ଶବ୍ଦର ଅର୍ଥ କୁରାଢ଼ି ସହିତ ବିଡ଼ାଏ କାଠି । ଇଟାଲୀର ଏକ ଉଗ୍ର ଜାତୀୟବାଦୀ ଦଳ ତା'ର ଦଳୀୟ ସଂକେତ ରୂପେ କୁରାଢ଼ି ସହିତ ବିଡ଼ାଏକାଠି ବ୍ୟବହାର କରୁଥିବାରୁ ସେହିଦଳକୁ ଫାସୀବାଦୀ ଦଳ (Fascist Party) ଏବଂ ସେହି ଦଳର ଚିନ୍ତାଧାରାକୁ ଫାସୀବାଦ (Fascism) କୁହାଗଲା । ସେ ସମୟରେ ଇଟାଲୀ ଦେଶର ଆଭ୍ୟନ୍ତରୀଣ ପରିସ୍ଥିତି ଫାସୀବାଦର ବିକାଶ ନିମନ୍ତେ ମାର୍ଗ ପ୍ରସ୍ତୁତ କରିଥିଲା । ଉପନିବେଶ ଲାଭ ଆଶାରେ ଇଟାଲୀ ମିତ୍ରଶକ୍ତି ପକ୍ଷରେ ପ୍ରଥମ ବିଶ୍ୱଯୁଦ୍ଧରେ ଯୋଗ ଦେଇଥିଲା । କିନ୍ତୁ ପ୍ୟାରିସ୍ ଶାନ୍ତି ସମ୍ମିଳନୀରୁ ତାହାକୁ ନିରାଶ ହୋଇ ଫେରିବାକୁ ପଡ଼ିଥିଲା । ଫଳରେ ବିଜୟୀ ଶକ୍ତି ଭାବରେ ତାହାର ଅହମିକା ରହିଲା ନାହିଁ । ତାହାର ଜାତୀୟ ସମ୍ମାନ ହାନି ଘଟିଲା । ଯୁଦ୍ଧ ପରେ ଦେଶର ଆର୍ଥିକ ଅବସ୍ଥାରେ ଘୋର ଅବନତି ଦେଖା ଦେଇଥିଲା । ଦାରିଦ୍ର୍ୟ, ବେକାରି, ଶ୍ରମିକ ଅଶାନ୍ତି, ଧର୍ମଘଟ ଏବଂ ହିଂସାକାଣ୍ଡ ଦ୍ୱାରା ଦେଶର ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । କୃଷି ଓ ଶିଳ୍ପ ଶ୍ରମିକମାନଙ୍କର ଅବସ୍ଥା ଶୋଚନୀୟ ହୋଇ ପଡ଼ିବାରୁ ସେମାନେ ଆନ୍ଦୋଳନ କଲେ । ଶିଳ୍ପପତି, ପୁଞ୍ଜିପତି, ବ୍ୟବସାୟୀ ତଥା ଜମିଦାରମାନେ ଏହି ଆନ୍ଦୋଳନ ଯୋଗୁଁ ଭୟଭୀତ ହୋଇପଡ଼ିଲେ । ଶ୍ରମିକ ଆନ୍ଦୋଳନକୁ ଦମନ କରିବା ନିମନ୍ତେ ସେମାନେ ଇଟାଲୀରେ ଗଢ଼ିଉଠିଥିବା ଫାସୀବାଦୀ ଦଳକୁ ସାହାଯ୍ୟକଲେ, ଯାହାଦ୍ୱାରା ଫାସୀବାଦୀ ଆନ୍ଦୋଳନ ଦୃଢ଼ ହୋଇଥିଲା ।



(ବେନିତୋ ମୁସୋଲିନୀ)

ଇଟାଲୀ ଦେଶରେ ଏହି ଫାସୀବାଦୀ ଆନ୍ଦୋଳନର କର୍ଣ୍ଣଧାର ଥିଲେ ବେନିତୋ ମୁସୋଲିନୀ (Benito Mussolini)। ୧୮୮୩ ମସିହାରେ ଇଟାଲୀର ରୋମାନାଠାରେ ସେ ଜନ୍ମଗ୍ରହଣ କରିଥିଲେ । ପ୍ରଥମେ ସେ ଶିକ୍ଷକତା କରୁଥିଲେ । ପ୍ରଥମ ବିଶ୍ୱଯୁଦ୍ଧରେ ଜଣେ ସୈନିକ ଭାବରେ କାର୍ଯ୍ୟ କରିଥିଲେ । ଯୁଦ୍ଧ ଶେଷରେ ସେ ଯୁଦ୍ଧଫେରନ୍ତା ବେକାର ସୈନିକ, ଦେଶଭକ୍ତ ନାଗରିକ ଓ ରାଜତନ୍ତ୍ର ବିରୋଧୀ କେତେକ ଲୋକଙ୍କୁ ନେଇ ଗୋଟିଏ ଦଳ ଗଢ଼ିଥିଲେ । ସମୟକ୍ରମେ ଏହି ଦଳ ଫାସୀବାଦୀ ଦଳ ନାମରେ ପରିଚିତ ହେଲା । ସମାଜବାଦୀ ଓ ସାମ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ଶ୍ରମିକ ଆନ୍ଦୋଳନକୁ ଦମନ କରିବାପାଇଁ ଏହି ଦଳ ଆଗେଇ ଆସିଲା । ଏହି ଦଳର ତତ୍ତ୍ୱାବଧାନରେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବକମାନଙ୍କୁ ନେଇ ଏକ ସଶସ୍ତ୍ର ବାହିନୀ ଗଠନ କରାଯାଇଥିଲା । କଳା ପୋଷାକ ପରିଧାନ କରୁଥିବାରୁ ସେମାନଙ୍କୁ 'କଳାକୁର୍ତ୍ତା ବାହିନୀ' ବୋଲି କୁହାଗଲା । ସେମାନେ ମୁଖ୍ୟତଃ ସମାଜବାଦୀ ଓ ସାମ୍ୟବାଦୀ ମାନଙ୍କର ବିରୋଧୀଥିଲେ । ଇଟାଲୀର ରାଜା ତୃତୀୟ ଭିକ୍ଟର୍ ଇମାନୁଏଲ୍ (Victor Emmanuel III) ବିପର୍ଯ୍ୟସ୍ତ ଶାନ୍ତିଶୃଙ୍ଖଳା ଓ ଆର୍ଥିକ ସ୍ୱଚ୍ଛଳତା ଫେରାଇ ଆଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ଅନ୍ୟ ପକ୍ଷରେ ମୁସୋଲିନୀଙ୍କ ନେତୃତ୍ୱରେ ଫାସୀବାଦୀ ଦଳ ଜାତୀୟ ଐକ୍ୟ, ସାମ୍ରାଜ୍ୟ ବିସ୍ତାର, ଯୁଦ୍ଧନୀତି, ଜାତୀୟ ଶକ୍ତି ଓ ଇଟାଲୀର ଗୌରବ ବୃଦ୍ଧିରେ ବିଶ୍ୱାସକରେ ବୋଲି ଘୋଷଣା କରିଥିଲା ।

**ତୁମ ପାଇଁ କାମ :**

***ବେନିତୋ ମୁସୋଲିନୀଙ୍କର ବାଲ୍ୟକାଳ ସମ୍ପର୍କରେ ବିଭିନ୍ନ ପୁସ୍ତକରୁ ସୂଚନା ସଂଗ୍ରହ କରି ତାହାର ଏକ ସଂକ୍ଷିପ୍ତ ବିବରଣୀ ଲେଖ ଏବଂ ସହପାଠୀମାନଙ୍କ ସହିତ ଆଲୋଚନା କର ।***

ଏହି ପରିସ୍ଥିତିରେ ୧୯୨୧ ମସିହାରେ ଇଟାଲୀରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସେହି ନିର୍ବାଚନରେ କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରି ପାରିଲେ ନାହିଁ । ବଳପୂର୍ବକ କ୍ଷମତା ଅଧିକାର କରି ଏକଛତ୍ର ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ମୁସୋଲିନୀ ତାଙ୍କର ଅନୁଗାମୀମାନଙ୍କ ସହିତ ୧୯୨୨ ମସିହା ଅକ୍ଟୋବର ୨୮ ତାରିଖ ଦିନ ଇଟାଲୀର ରାଜଧାନୀ ରୋମ୍ ଅଭିମୁଖେ ଅଗ୍ରସର ହେଲେ । ଏଥିରେ ଭୟଭୀତ ହୋଇ ଇଟାଲୀର ରାଜା ଭିକ୍ଟର୍ ଇମାନୁଏଲ ତୃତୀୟ ମୁସୋଲିନୀଙ୍କୁ ସରକାର ଗଠନ କରିବାକୁ ଆମନ୍ତ୍ରଣ କଲେ ।୧୯୨୨ ମସିହା ଅକ୍ଟୋବର ୨୯ ତାରିଖ ଦିନ ମୁସୋଲିନୀ ଇଟାଲୀର ପ୍ରଧାନମନ୍ତ୍ରୀ ହେଲେ ।




( ଭିକ୍ଟର୍ ଇମାନୁଏଲ୍ ତୃତୀୟ)

କ୍ଷମତାକୁ ଆସିବା ପରେ ଇଟାଲୀରେ ଏକଛତ୍ର ଶାସନ ପ୍ରତିଷ୍ଠା ନିମନ୍ତେ ଫାସୀବାଦୀମାନେ ବିଭିନ୍ନ ପଦକ୍ଷେପ ନେଲେ । ସମାଜବାଦୀ ଓ ସାମ୍ୟବାଦୀ ନେତାମାନଙ୍କ ମଧ୍ୟରୁ ଅନେକଙ୍କୁ ହତ୍ୟା କରାଗଲା । କେତେକଙ୍କୁ ବନ୍ଦୀ କରାଗଲା କିମ୍ବା ନିର୍ବାସନ ଦଣ୍ଡ ଦିଆଗଲା । ନିର୍ବାଚନ ଆଇନରେ ବ୍ୟାପକ ପରିବର୍ତ୍ତନ କରାଗଲା । ଇଟାଲୀର ସଂସଦୀୟ ବ୍ୟବସ୍ଥାକୁ ଅକାମୀ କରିଦିଆଗଲା । ମହା ପରିଷଦ ନାମକ ଏକ ନୀତି ନିର୍ଦ୍ଧାରକ ସଂସ୍ଥା ପ୍ରତିଷ୍ଠା କରି ମନ୍ତ୍ରୀମଣ୍ଡଳର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇ ଦିଆଗଲା । ଫଳରେ ୧୯୨୪ ମସିହାର ନିର୍ବାଚନରେ ଫାସୀବାଦୀ ଦଳ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠ ହେଲା ଏବଂ ମୁସୋଲିନୀଙ୍କର ପ୍ରତିପତ୍ତି ଓ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇଲା । ୧୯୨୬ ମସିହାରେ ଫାସୀବାଦୀ ଦଳ ବ୍ୟତୀତ ଅନ୍ୟ ସମସ୍ତ ରାଜନୈତିକ ଦଳ ବେଆଇନ ଘୋଷିତ ହେଲେ । ଇଟାଲୀରେ ଏକ ଦଳୀୟ ଶାସନ ପ୍ରତିଷ୍ଠିତ ହେଲା । ସାର୍ବଜନୀନ ଭୋଟ୍ ପ୍ରଥା ଉଠାଇ ଦିଆଗଲା । ସମ୍ବାଦପତ୍ରଗୁଡ଼ିକର ସ୍ୱାଧୀନତା କାଢ଼ିନିଆଗଲା । ଶିକ୍ଷା ପଦ୍ଧତିକୁ ନିୟନ୍ତ୍ରଣ କରାଯାଇ ସାମରିକ ଶିକ୍ଷାକୁ ବାଧ୍ୟତାମୂଳକ କରାଗଲା । ଇଟାଲୀରୁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଅବସାନ ଘଟିଲା । ଦେଶର ସମସ୍ତ ଶାସନ କ୍ଷମତା ଫାସୀବଦୀ ଦଳର ମୁଖ୍ୟ ମୁସୋଲିନୀଙ୍କ ହାତରେ କେନ୍ଦ୍ରୀଭୂତ ହେଲା ଏବଂ ସେ ଇଟାଲୀର ସର୍ବେସର୍ବା ହେଲେ ।

ଫାସୀବାଦୀ ଦଳର ଅଭ୍ୟୁଦୟକୁ ଇଟାଲୀର ସାଧାରଣ ଜନତା ବିରୋଧ କରି ନଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ ଏକମାତ୍ର ଫାସୀବାଦୀ ଦଳ ହିଁ ଦେଶରୁ ଅରାଜକତା ଦୂର କରି ପାରିବ । ଅନ୍ୟପକ୍ଷରେ ଦେଶର ସେନାବାହିନୀ, ପୁଞ୍ଜିପତି ଓ ବ୍ୟବସାୟୀ ଗୋଷ୍ଠୀ ନିଜର ସ୍ୱାର୍ଥ ଓ ସୁବିଧା ଦୃଷ୍ଟିରୁ ଫାସୀବାଦୀ ଦଳକୁ ନୀରବରେ ସମର୍ଥନ କଲେ ଏବଂ ଏହାର ପ୍ରଭାବ ବିସ୍ତାରରେ ସାହାଯ୍ୟ କେଲେ ।

## ଜର୍ମାନୀରେ ନାଜିବାଦର ବିକାଶ:
## (Development of Nazism in Germany)

ପ୍ରଥମ ବିଶ୍ୱଯୁଦ୍ଧ ପରେ ଇଟାଲୀ ଦେଶପରି ଜର୍ମାନୀ ଦେଶରେ ମଧ୍ୟ ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ସଙ୍କଟ, ଦାରିଦ୍ର୍ୟ, ବେକାରି, ଧର୍ମଘଟ, ହିଂସାକାଣ୍ଡ ଆଦି ଦେଖା ଦେଇଥିଲା । ପ୍ରଥମ ବିଶ୍ୱଯୁଦ୍ଧରେ ଜର୍ମାନୀର ପରାଜୟ ଓ ଭର୍ସାଇ ସନ୍ଧିର କଠୋର ଅପମାନ ଜନକ ସର୍ତ୍ତାବଳୀ ଦ୍ୱାରା ଜର୍ମାନ୍‌ଜାତି ମର୍ମାହତ ହୋଇଥିଲେ । ଦେଶରେ ଗଣବିପ୍ଳବ ଦେଖାଦେଲା । ଏହାର ମୁକାବିଲା କରି ନପାରି କାଇଜର ଦ୍ୱିତୀୟ ଉଇଲିୟମ୍ ଦେଶଛାଡ଼ି ନେଦରଲାଣ୍ଡ ଚାଲିଗଲେ । ଜର୍ମାନୀରେ ରାଜତନ୍ତ୍ରର ପତନ ଘଟି ସାଧାରଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେଲା । ଏହାକୁ 'ୱେମର୍' ସାଧାରଣତନ୍ତ୍ର (Weimer Republic) କୁହାଗଲା । କିନ୍ତୁ ଏହି ରାଜନୈତିକ ପରିବର୍ତ୍ତନ ସତ୍ତ୍ୱେ ଦେଶର ଆର୍ଥନୀତିକ ଅବସ୍ଥାରେ କୌଣସି ଉନ୍ନତି ଘଟିଲା ନାହିଁ । ଶାସନ ପରିଚାଳନାରେ ପୁଞ୍ଜିପତି, ବ୍ୟବସାୟୀ ଓ ଶିଳ୍ପପତିମାନଙ୍କର ପ୍ରାଧାନ୍ୟ ପୂର୍ବପରି ରହିଲା । ସମାଜବାଦୀ ଓ ସାମ୍ୟବାଦୀ ଦଳମାନଙ୍କର ନେତୃତ୍ୱରେ ଶ୍ରମିକ ଆନ୍ଦୋଳନ ଆରମ୍ଭ ହେଲା । ଏହିଭଳି ରାଜନୈତିକ ଅସ୍ଥିରତା ମଧ୍ୟରେ ଆଡଲଫ୍ ହିଟ୍‌ଲର୍‌ଙ୍କ (Adolf Hitler)ଙ୍କ ନେତୃତ୍ୱରେ ଉଗ୍ର ଜାତୀୟତାବାଦୀ ଆନ୍ଦୋଳନ ଆରମ୍ଭ ହେଲା । ଯାହା ପରବର୍ତ୍ତୀ ସମୟରେ ନାଜି ବିପ୍ଳବ ନାମରେ ପରିଚିତ ହେଲା ।



(ଆଡ଼ଲଫ୍ ହିଟ୍‌ଲର)



(ନାଜିଦଳର ସ୍ୱସ୍ତିକ ପତାକା)

**ତୁମେ ଜାଣିଛ କି ?**

***୧୮୭୧ ମସିହାରୁ ୧୯୧୮ ମସିହା ପର୍ଯ୍ୟନ୍ତ ଜର୍ମାନୀର ସମ୍ରାଟମାନଙ୍କୁ 'କାଇଜର' ବୋଲି କୁହାଯାଉଥିଲା । ଏହି ସମୟ ମଧ୍ୟରେ ଜର୍ମାନୀରେ ତିନିଜଣ କାଇଜର୍ ରାଜତ୍ୱ କରିଥିଲେ ।***

***ସେମାନେ ହେଲେ ୧. ପ୍ରଥମ ଉଇଲିଅମ୍ (୧୮୭୧ ମସିହାରୁ ୧୮୮୮ ମସିହା ପର୍ଯ୍ୟନ୍ତ) ୨. ତୃତୀୟ ଫ୍ରେଡେରିକ୍ (୧୮୮୮ ମସିହାରେ ମାତ୍ର ୯୯ଦିନ) ୩. ଦ୍ୱିତୀୟ ଉଇଲିଅମ୍ (୧୮୮୮ ମସିହାରୁ ପ୍ରଥମ ବିଶ୍ୱଯୁଦ୍ଧ ଶେଷ ପର୍ଯ୍ୟନ୍ତ) ।***

୧୮୮୯ ମସିହା ଏପ୍ରିଲ୍ ମାସ ୨୦ ତାରିଖ ଦିନ ଆଡଲ୍ଫ୍ ହିଟ୍ଲର ଅଷ୍ଟ୍ରିଆ ଦେଶରେ ବାସ କରୁଥିବା ଜର୍ମାନ୍ ଅଧିବାସୀମାନଙ୍କ ମଧ୍ୟରେ ଜନ୍ମ ଗ୍ରହଣ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧରେ ସେ ଜର୍ମାନୀ ତରଫରୁ ସୈନ୍ୟବାହିନୀରେ ଯୋଗ ଦେଇଥିଲେ । ଯୁଦ୍ଧପରେ ୧୯୧୯ ମସିହାରେ ସେ ଶ୍ରମଜୀବୀ ଦଳ ନାମକ ଗୋଟିଏ କ୍ଷୁଦ୍ର ରାଜନୈତିକ ଦଳରେ ଯୋଗ ଦେଇଥିଲେ । ୧୯୨୧ ମସିହାରେ ସେ ସେହି ଦଳର ନେତା ହେଲେ ଏବଂ ଦଳର ନୂତନ ନାମ ଦେଲେ ଜାତୀୟ ସମାଜବାଦୀ ଶ୍ରମିକ ଦଳ (National Socialist German Workers' Party) । ଏହି ଦଳ ନାଜିଦଳ ରୂପେ ପରିଚିତ ହେଲା ଏବଂ ଏହାର ନୀତିକୁ ନାଜିବାଦ କୁହାଗଲା । ପ୍ରାଚୀନ ଆର୍ଯ୍ୟମାନଙ୍କର ସ୍ୱସ୍ତିକ ଚିହ୍ନକୁ ହିଟ୍ଲର୍ ନାଜିଦଳର ଦଳୀୟ ସଙ୍କେତ ଭାବରେ ଗ୍ରହଣ କରିଥିଲେ । ମୁସୋଲିନୀଙ୍କର ପଦାଙ୍କ ଅନୁକରଣ କରି ସେ ନାଜିଦଳକୁ ଗୋଟିଏ ଶକ୍ତିଶାଳୀ ସୈନିକ ଦଳରୂପେ ସଂଗଠିତ କଲେ । ଲୋକଙ୍କର ଦୁରବସ୍ଥା, ଆର୍ଥିକ ସଙ୍କଟ, ବେକାରି, ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ଜର୍ମାନୀର ଅପମାନ ପ୍ରଭୃତି ସମସ୍ୟାକୁ କେନ୍ଦ୍ରକରି ନାଜିଦଳ ସୁଦୃଢ଼ ହେଲା ।

**ତୁମ ପାଇଁ କାମ :**

***"ବିଶ୍ୱ ରାଜନୀତିରେ ଆଡଲ୍ଫ୍ ହିଟ୍ଲରଙ୍କର ଆବିର୍ଭାବ ହୋଇ ନ ଥିଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଘଟିତ ହୋଇ ନ ଥାନ୍ତା ।" ଏ ସମ୍ପର୍କରେ ଏକ ତର୍କ ସଭା ଆୟୋଜନ କର । ଏହାର ସପକ୍ଷରେ ଓ ବିପକ୍ଷରେ ମିଳୁଥିବା ମତାମତକୁ ଲିପିବଦ୍ଧ କରି ତାହାର ବିଶ୍ଳେଷଣ କର ।***

୧୯୨୩ ମସିହାରେ ହିଟ୍ଲର୍ ବଳପୂର୍ବକ ଜର୍ମାନୀର ଶାସନ କ୍ଷମତା ଅଧିକାର କରିବାକୁ ଉଦ୍ୟମ କରି ବିଫଳ ହେଲେ ଏବଂ କାରାଦଣ୍ଡ ଭୋଗକଲେ । ଜେଲ୍‌ରେ ଥିବାବେଳେ ସେ 'ମେଁ କାମ୍ପ' (Mein Kampf) ବା 'ମୋର ସଂଘର୍ଷ' ନାମକ ଏକ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକରେ ନାଜି ଦଳର ଆଦର୍ଶ, ଚିନ୍ତାଧାରା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ ଅଛି । ଜଣେ ମହାନ୍ ନେତାଙ୍କ ଏକଛତ୍ର ଶାସନ ବ୍ୟବସ୍ଥାକୁ ସେ ପସନ୍ଦ କରୁଥିଲେ । ନିଜର ଉଗ୍ର ଜାତୀୟତାବାଦୀ ନୀତି ଯୋଗୁଁ ସେ ପୁଞ୍ଜିପତି ଓ ଗଣତନ୍ତ୍ର ବିରୋଧୀ ଶକ୍ତି ମାନଙ୍କର ସମର୍ଥନ ଲାଭ କଲେ । ୧୯୨୪ ମସିହାରେ ଜେଲ୍‌ରୁ ମୁକ୍ତି ଲାଭକରି ବ୍ୟାପକ ପ୍ରଚାର ଦ୍ୱାରା ସେ ନାଜି ଦଳ ପ୍ରତି ଜର୍ମାନୀଜାତିକୁ ଆକର୍ଷିତ କରିଥିଲେ ।

ହିଟ୍‌ଲରଙ୍କର ଅସାଧାରଣ ବାଗ୍ମିତା ଦ୍ୱାରା ସାଧାରଣ ଜନତା ପ୍ରଭାବିତ ହୋଇଥିଲେ । ଭର୍ସାଇ ସନ୍ଧି ଦ୍ୱାରା ଜର୍ମାନୀ ପ୍ରତି ହୋଇଥିବା ଚରମ ଅପମାନ ଓ ଅନ୍ୟାୟର ପ୍ରତିଶୋଧ, ଏକ ଦୃଢ଼ ତଥା ଶକ୍ତିଶାଳୀ ଜର୍ମାନୀ ରାଜ୍ୟ ଗଠନ କରି ଜର୍ମାନୀର ହୃତ ଗୌରବ ଫେରାଇ ଆଣିବାର ପ୍ରତିଶ୍ରୁତି, ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇଦେବାର ଆଶ୍ୱାସନା ଏବଂ ଯୁବଗୋଷ୍ଠୀ ନିମନ୍ତେ ନିରାପଦ ଭବିଷ୍ୟତ ଗଢ଼ିବାର ଭରସା ତାଙ୍କୁ ଜର୍ମାନ୍ ମାନଙ୍କର ଆସ୍ଥାଭାଜନ କଲା । ତାଙ୍କ ନେତୃତ୍ୱରେ ଜର୍ମାନୀର ପୁନରୁତ୍ଥାନ ସମ୍ଭବ ବୋଲି ଅନେକଙ୍କ ମଧ୍ୟରେ ଧାରଣା ସୃଷ୍ଟି ହେଲା ।

୧୯୩୩ ମସିହାରେ ଜର୍ମାନୀରେ ସାଧାରଣ ନିର୍ବାଚନ ହେଲା । ନାଜି ଦଳ ସଂଖ୍ୟା ଗରିଷ୍ଠ ହୋଇ ନଥିଲେ ମଧ୍ୟ ଜର୍ମାନୀର ରାଷ୍ଟ୍ରପତି ହିଣ୍ଡେନ୍‌ବର୍ଗ ହିଟ୍‌ଲରଙ୍କୁ ପ୍ରଧାନମନ୍ତ୍ରୀ ବା ଚାନ୍‌ସେଲର ଭାବେ ନିଯୁକ୍ତ କରିଥିଲେ । ସଂଖ୍ୟାଗରିଷ୍ଠତା ଲାଭ କରିବାପାଇଁ ହିଟ୍‌ଲର୍ ପୁଣିଥରେ ନିର୍ବାଚନ କରାଇଲେ କିନ୍ତୁ ସଫଳ ହେଲେନାହିଁ । ଇତି ମଧ୍ୟରେ ରାଷ୍ଟ୍ରପତି ହିଣ୍ଡେନ୍‌ବର୍ଗ ମୃତ୍ୟୁବରଣ କଲେ । ହିଟ୍‌ଲର୍ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଉଭୟ ରାଷ୍ଟ୍ରପତି ଓ ଚାନ୍‌ସେଲରଙ୍କର କ୍ଷମତା ନିଜ ହାତକୁ ନେଇ ଯାଇଥିଲେ । ଏହାଦ୍ୱାରା ସେ ଏକାଧାରରେ ରାଷ୍ଟ୍ରମୁଖ୍ୟ, ଶାସନମୁଖ୍ୟ ଓ ସାମରିକ ବିଭାଗର ସର୍ବୋଚ୍ଚ କର୍ତ୍ତା ଭାବରେ ଜର୍ମାନୀର ସର୍ବମୟ କର୍ତ୍ତା ଓ ଏକଛତ୍ରବାଦୀ ଶାସକରୂପେ ଅବତୀର୍ଣ୍ଣ ହେଲେ ।

ସମସ୍ତ କ୍ଷମତା ନିଜ ହାତରେ କେନ୍ଦ୍ରୀଭୂତ କରିବା ପାଇଁ ହିଟ୍‌ଲର୍ ସ୍ୱତନ୍ତ୍ର ଆଇନମାନ ପ୍ରଣୟନ କଲେ । ନାଜି ଦଳକୁ ଜର୍ମାନୀର ଏକମାତ୍ର ରାଜନୈତିକ ଦଳବୋଲି ସ୍ୱୀକୃତି ଦିଆଗଲା । ସମାଜବାଦୀ ଓ ସାମ୍ୟବାଦୀ ଦଳମାନଙ୍କର ସଂଗଠନଗୁଡ଼ିକୁ ଭାଙ୍ଗି ଦିଆଗଲା । ସେମାନଙ୍କର ସମ୍ପତ୍ତିକୁ ବାଜ୍ୟାପ୍ତ କରାଗଲା । ଶ୍ରମିକସଂଗଠନଗୁଡ଼ିକୁ ମଧ୍ୟ ଭାଙ୍ଗି ଦିଆଗଲା । ହଜାର ହଜାର ସମାଜବାଦୀ, ସାମ୍ୟବାଦୀ, ଏବଂ ନାଜି ବିରୋଧୀଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ହିଟ୍‌ଲର୍ ଇହୁଦୀମାନଙ୍କୁ ଘୃଣା କରୁଥିଲେ । ଲକ୍ଷ ଲକ୍ଷ ଇହୁଦୀଙ୍କୁ ସେ ନୃଶଂସ ଭାବରେ ହତ୍ୟା କରିଥିଲେ । ସମ୍ବାଦପତ୍ର ଓ ବେତାରକୁ ନିୟନ୍ତ୍ରଣ କରାଗଲା । ବ୍ୟକ୍ତି ସ୍ୱାଧୀନତା ଲୋପ ପାଇଲା । ହିଟ୍‌ଲର୍ ଭର୍ସାଇ ସନ୍ଧିର ସର୍ତ୍ତଗୁଡ଼ିକୁ ଇଚ୍ଛାକୃତ ଭାବରେ ଉଲଂଘନ କରି ଜର୍ମାନୀର ସାମରିକ ଶକ୍ତି ବୃଦ୍ଧି କଲେ । ଆକାଶବାହିନୀ ଓ ନୌବାହିନୀ ଗଠନ କରି ସେଗୁଡିକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କଲେ । ରାଇନ୍ ନଦୀ ଉପତ୍ୟକାରେ ପୁନର୍ବାର ସୈନ୍ୟ ମୁତୟନ କରିଥିଲେ । ଏହିପରି କେତେକ ପଦକ୍ଷେପ ନେଇ ହିଟ୍‌ଲର୍ ଜର୍ମାନୀକୁ ଆଉ ଗୋଟିଏ ବିଶ୍ୱ ଯୁଦ୍ଧ ପାଇଁ ପ୍ରସ୍ତୁତ କରିଥିଲେ ।

***ତୁମ ପାଇଁ କାମ :***

***ହିଟ୍‌ଲର୍ ଇହୁଦୀମାନଙ୍କୁ କାହିଁକି ଘୃଣା କରୁଥିଲେ ଓ କିପରି ନୃଶଂସ ଭାବରେ ହତ୍ୟା କରିଥିଲେ ସେ ବିଷୟରେ ବିଭିନ୍ନ ପୁସ୍ତକ ସଂଗ୍ରହକରି ପଢ଼ ଓ ତା'ର ଏକ ବିବରଣୀ ଲେଖ ।***

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ୧୯୨୯ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ ପୃଥିବୀରେ ଦେଖାଦେଇଥିବା ଅର୍ଥନୈତିକ ସଙ୍କଟର କାରଣ ଓ ଫଳାଫଳ ସଂକ୍ଷେପରେ ବର୍ଣ୍ଣନା କର ।

(ଖ) ଫାସୀବାଦୀମାନେ ଇଟାଲୀ ଦେଶରେ କିପରି କ୍ଷମତା ବିସ୍ତାର କରିଥିଲେ ସଂକ୍ଷେପରେ ଲେଖ ।

(ଗ) ଫାସୀବାଦ ପ୍ରତିଷ୍ଠା ଫଳରେ ଇଟାଲୀ ଦେଶର ଶାସନ କ୍ଷେତ୍ରରେ କି ପରିବର୍ତ୍ତନ ଦେଖାଦେଲା ?

(ଘ) ହିଟଲର୍ ସମସ୍ତ କ୍ଷମତା ନିଜ ହାତରେ କେନ୍ଦ୍ରୀଭୂତ କରି ଜର୍ମାନୀରେ ଏକଛତ୍ର ଶାସନ ପ୍ରତିଷ୍ଠା କରିବାକୁ କି' ପଦକ୍ଷେପମାନ ନେଲେ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ପ୍ରଥମ ବିଶ୍ୱଯୁଦ୍ଧର ଫଳ ସ୍ୱରୂପ ପୃଥିବୀରେ କି କି ସମସ୍ୟା ଦେଖା ଦେଇଥିଲା ?

(ଖ) ୧୯୨୯ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ ଦେଖାଦେଇଥିବା ଆନ୍ତର୍ଜାତିକ ଅର୍ଥନୈତିକ ସଙ୍କଟ ସମୟରେ କୃଷି ଉତ୍ପାଦନ କିପରି ପ୍ରଭାବିତ ହୋଇଥିଲା ?

(ଗ) ଫାସୀବାଦ କାହାକୁ କୁହାଯାଏ ? ଏହାର ମୂଳ ଲକ୍ଷ୍ୟ କ'ଣ ?

(ଘ) କେଉଁସବୁ କାରଣ ଯୋଗୁଁ ଇଟାଲୀ ଦେଶରେ ଫାସୀବାଦର ବିକାଶ ହୋଇଥିଲା ?

(ଙ) 'କଳାକୁର୍ତ୍ତା ବାହିନୀ' କେଉଁମାନଙ୍କୁ କୁହାଯାଉଥିଲା ? ସେମାନେ ମୁଖ୍ୟତଃ କାହାର ବିରୋଧୀ ଥିଲେ ?

(ଚ) ଫାସୀବାଦୀମାନେ ଇଟାଲୀରେ ଏକଛତ୍ର ଶାସନ ପ୍ରତିଷ୍ଠା ନିମନ୍ତେ କି କି ପଦକ୍ଷେପ ନେଇଥିଲେ ?

(ଛ) କେଉଁ କାରଣ ଯୋଗୁଁ ପ୍ରଥମ ବିଶ୍ୱଯୁଦ୍ଧପରେ ଜର୍ମାନୀ ଦେଶରେ ନାଜି ବିପ୍ଳବର ଆରମ୍ଭ ହୋଇଥିଲା ?

(ଜ) ହିଟ୍‌ଲର୍ କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ? ତାଙ୍କ ନେତୃତ୍ୱରେ କେବେ ନାଜି ଦଳ ଗଠିତ ହୋଇଥିଲା ?

(ଝ) 'ମେଁ କାମ୍ଫ' ପୁସ୍ତକ କିଏ ରଚନା କରିଥିଲେ ? ଏହି ପୁସ୍ତକରେ କେଉଁ ବିଷୟରେ ଉଲ୍ଲେଖ ଅଛି ?

(ଞ) ହିଟ୍‌ଲର୍ ଜର୍ମାନୀକୁ ଆଉ ଗୋଟିଏ ବିଶ୍ୱଯୁଦ୍ଧ ପାଇଁ କିପରି ପ୍ରସ୍ତୁତ କରିଥିଲେ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଭିନ୍ନ ଦେଶରେ ଦେଖାଦେଇଥିବା ଶ୍ରମିକ ଆନ୍ଦୋଳନର ନେତୃତ୍ୱ କେଉଁମାନେ ନେଇଥିଲେ ?

(ଖ) ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଶ୍ରମିକ ଆନ୍ଦୋଳନର ଲକ୍ଷ୍ୟ କ'ଣ ଥିଲା ?

(ଗ) କେଉଁମାନେ ଶ୍ରମିକ ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲେ ।

(ଘ) ଶ୍ରମିକ ଆନ୍ଦୋଳନର ଦମନ ପାଇଁ କାହାର ସାହାଯ୍ୟ ନିଆଯାଇଥିଲା ?

(ଙ) ଫାସିସ୍ ଶବ୍ଦର ଅର୍ଥ କ'ଣ ?

(ଚ) ପ୍ରଥମେ କେଉଁ ଦୁଇଟି ଦେଶରେ ଫସୀବାଦୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ?

(ଛ) ମୁସୋଲିନୀ କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(ଜ) ପ୍ରଥମ ବିଶ୍ୱଯୁଦ୍ଧ ବେଳେ ମୁସୋଲିନୀ କି କାର୍ଯ୍ୟ କରିଥିଲେ ?

(ଝ) କେଉଁମାନଙ୍କୁ ନେଇ ମୁସୋଲିନୀ ଏକ ଦଳ ଗଢ଼ିଥିଲେ ?

(ଞ) ପ୍ରଥମ ବିଶ୍ୱଯୁଦ୍ଧ ପରେ ଜର୍ମାନୀରେ ପ୍ରତିଷ୍ଠିତ ସାଧାରଣତନ୍ତ୍ରକୁ କ'ଣ କୁହାଯାଏ ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ସହିତ ବାଛି ଲେଖ ।**

(କ) କେଉଁ ଭାଷାରୁ ଫାସିସ୍ ଶବ୍ଦଟି ଆସିଛି ?

(i) ସଂସ୍କୃତ (ii) ଲାଟିନ୍ (iii) ଇଂରାଜୀ (iv) ଜର୍ମାନୀ

(ଖ) କେଉଁ ଦେଶ ପ୍ୟାରିସ୍ ଶାନ୍ତି ସମ୍ମିଳନୀରୁ ନିରାଶ ହୋଇ ଫେରିଥିଲା ?

(i) ଇଟାଲୀ (ii) ଯୁକ୍ତରାଷ୍ଟ୍ର ଆମେରିକା (iii) ଜର୍ମାନୀ (iv) ଫ୍ରାନ୍ସ

(ଗ) ହିଟ୍ଲର୍ କେଉଁ ଦେଶରେ ଜନ୍ମ ଗ୍ରହଣ କରିଥିଲେ ?

(i) ଜର୍ମାନୀ (ii) ରୁଷିଆ (iii) ଇଟାଲୀ (iv) ଅଷ୍ଟ୍ରିଆ

(ଘ) କେଉଁ ମସିହାରେ ହିଟ୍ଲର୍ ବଳପୂର୍ବକ ଜର୍ମାନୀର ଶାସନ କ୍ଷମତା ଗ୍ରହଣ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ?

(i) ୧୯୨୧ (ii) ୧୯୨୨ (iii) ୧୯୨୩ (iv) ୧୯୨୪

(ଙ) ହିଟଲର୍ ତାଙ୍କର କେଉଁ ନୀତି ଯୋଗୁଁ ପୁଞ୍ଜିପତି ଓ ଗଣତନ୍ତ୍ର ବିରୋଧୀ ଶକ୍ତିମାନଙ୍କର ସମର୍ଥନ ଲାଭ କରିଥିଲେ ?

(i) ସାମ୍ୟବାଦୀ (ii) ଉଦାରବାଦୀ (iii) ସମାଜବାଦୀ (iv) ଉଗ୍ରଜାତୀୟତାବାଦୀ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ଦ୍ୱିତୀୟ ପାଠ

# ଦ୍ୱିତୀୟ ବିଶ୍ୱଯୁଦ୍ଧ – କାରଣ ଓ ଫଳାଫଳ
# (Second World War – Causes and Consequences)

ପ୍ରଥମ ବିଶ୍ୱଯୁଦ୍ଧର ବିପୁଳ କ୍ଷୟକ୍ଷତି ବିଶ୍ୱବାସୀଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା । ଭବିଷ୍ୟତ ପୃଥିବୀକୁ ଶାନ୍ତିପ୍ରଦ ଓ ମନୁଷ୍ୟଜାତିକୁ ନିରାପଦ କରିବା ଆଶାରେ ଜାତିସଂଘ (League of Nations) ଗଠନ କରାଯାଇଥିଲା । ଜାତିସଂଘ ଆନୁକୂଲ୍ୟରେ ଶାନ୍ତିପ୍ରତିଷ୍ଠା ଓ ନିରସ୍ତ୍ରୀକରଣ ଦିଗରେ ବହୁ ପଦକ୍ଷେପ ନିଆ ଯାଇଥିଲା । ମାତ୍ର ଏ ସମସ୍ତ ପ୍ରଚେଷ୍ଟା ବିଫଳ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବାର ପ୍ରାୟ କୋଡ଼ିଏ ବର୍ଷପରେ ବିଭିନ୍ନ କାରଣ ଯୋଗୁଁ ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଘଟିତ ହୋଇଥିଲା ।

## ଯୁଦ୍ଧର କାରଣ

### ୧. ପ୍ୟାରିସ୍ ଶାନ୍ତି ସମ୍ମିଳନୀର ତ୍ରୁଟି :

ପ୍ୟାରିସ୍ ଶାନ୍ତି ସମ୍ମିଳନୀର ତ୍ରୁଟି ବିଚ୍ୟୁତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ଅନେକ ପରିମାଣରେ ଦାୟୀ ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ପରେ ଶାନ୍ତିପ୍ରତିଷ୍ଠା ଉଦ୍ଦେଶ୍ୟରେ ପ୍ୟାରିସ୍ ନଗରୀରେ ସମବେତ ବିଜୟୀ ରାଷ୍ଟ୍ରଗୁଡ଼ିକର ରାଷ୍ଟ୍ର ମୁଖ୍ୟମାନେ ପରାଜିତ ରାଷ୍ଟ୍ରମାନଙ୍କ ସହିତ ବିଚାରବିମର୍ଶ ନ କରି ଶାନ୍ତିଚୁକ୍ତିର ସର୍ତ୍ତାବଳୀ ନିର୍ଦ୍ଧାରଣ କରିଥିଲେ । ଅନ୍ୟପକ୍ଷରେ ସେମାନେ ପ୍ରତିଶୋଧପରାୟଣ ଓ ଆକ୍ରୋଶମୂଳକ ଭାବରେ ସେଗୁଡ଼ିକୁ ପ୍ରସ୍ତୁତ କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକା ବ୍ୟତୀତ ଅନ୍ୟ ଶକ୍ତିମାନେ ସେମାନଙ୍କର ସ୍ୱାର୍ଥ ସାଧନ ପାଇଁ ବ୍ୟଗ୍ରଥିଲେ । ଶାନ୍ତି ସମ୍ମିଳନୀର ସର୍ତ୍ତ ଅନୁଯାୟୀ ଇଂଲାଣ୍ଡ ଓ ଫ୍ରାନ୍ସ ନିଜପାଇଁ ଯଥେଷ୍ଟ ଲାଭ ହାସଲ କରିଥିବା ବେଳେ ସେମାନଙ୍କର ମିତ୍ର ଭାବରେ ଯୁଦ୍ଧରେ ଭାଗ ନେଇଥିବା ଇଟାଲୀ ଓ ଜାପାନ ବିଶେଷ କିଛି ପାଇଲେ ନାହିଁ । ଫଳରେ ଏହି ଦୁଇ ଦେଶ ଅସନ୍ତୁଷ୍ଟ ହେଲେ । ସେମାନେ ଯଥା ସମୟରେ ଜର୍ମାନୀ ସହିତ ମିତ୍ରତା ସ୍ଥାପନ କରି ଫ୍ରାନ୍ସ ଓ ଇଂଲାଣ୍ଡର ଶତ୍ରୁରୂପେ କାର୍ଯ୍ୟକଲେ । ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ଭାଗନେଇଥିବା ବିଜୟୀ ରାଷ୍ଟ୍ରଗୁଡ଼ିକର ରାଷ୍ଟ୍ରନାୟକମାନଙ୍କର ଅପରିଣାମଦର୍ଶିତା, ସଂକୀର୍ଣ୍ଣ ମନୋଭାବ ଓ ସାମ୍ରାଜ୍ୟଲୋଭ ପୃଥିବୀକୁ ଆଉ ଏକ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟକୁ ଟାଣି ନେଇଥିଲା ।

### ୨. ଭର୍ସାଇ ସନ୍ଧିର କଠୋରତା :

ଶାନ୍ତି ପ୍ରତିଷ୍ଠା ନିମନ୍ତେ ବିଜୟୀ ରାଷ୍ଟ୍ରମାନେ ଜର୍ମାନୀ ସହିତ ସ୍ୱାକ୍ଷର କରିଥିବା ଭର୍ସାଇ ସନ୍ଧିର କଠୋରତା ଦ୍ୱିତୀୟ ବିଶ୍ୱଯୁଦ୍ଧ ନିମନ୍ତେ ମାର୍ଗ ପ୍ରସ୍ତୁତ କରିଥିଲା । ଏହା ଏକ ନିର୍ଦ୍ଦେଶିତ ସନ୍ଧି ଥିଲା । ଆକ୍ରମଣ ଭୟରେ ପରାଜିତ ଜର୍ମାନୀ ବାଧ୍ୟହୋଇ ବିଭିନ୍ନ ଅପମାନଜନକ ସର୍ତ୍ତସମ୍ବଳିତ ସନ୍ଧି ଗ୍ରହଣ କରିଥିଲା । ଜର୍ମାନୀକୁ ଦୁର୍ବଳ କରିଦେବା ପାଇଁ ଏହି ସନ୍ଧିରେ ସେ ଦେଶ ଉପରେ ରାଜନୈତିକ, ଅର୍ଥନୈତିକ ଓ ସାମରିକ କ୍ଷେତ୍ରରେ ବହୁ କଟକଣା ଜାରି କରାଯାଇଥିଲା । ଫଳରେ ଜର୍ମାନୀର ଜନସାଧାରଣ କ୍ଷୁବ୍ଧ ଓ ତୀବ୍ରଭାବରେ ଅସନ୍ତୁଷ୍ଟ ହୋଇଥିଲେ । ସେମାନଙ୍କ ମନରେ ଜାଗି ଉଠିଥିବା ପ୍ରତିହିଂସାର ପ୍ରକ୍ରିୟା ପରବର୍ତ୍ତୀ କାଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ମୁଖ୍ୟ କାରଣ ହୋଇଥିଲା ।

### ୩. ଜାତିସଂଘର ବିଫଳତା:

ଶାନ୍ତି ପ୍ରତିଷ୍ଠା ଦିଗରେ ଜାତିସଂଘର ବିଫଳତା ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ୟଏକ କାରଣ । ପ୍ରଥମ ବିଶ୍ୱଯୁଦ୍ଧ ପରେ ସାମୂହିକ ସୁରକ୍ଷା ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଜାତିସଂଘ ଗଠନ କରାଯାଇଥିଲା । କିନ୍ତୁ ଏହି ଲକ୍ଷ୍ୟ ପୂରଣ

କରିବାକୁ ଜାତିସଂଘ ସମର୍ଥ ହୋଇପାରିଲା ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲ୍‌ସନ୍ (Woodrow Wilson) ଜାତିସଂଘ ଗଠନରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ମଧ୍ୟ ସିନେଟ୍‌ର ବିରୋଧ ଯୋଗୁଁ ଆମେରିକା ଏହାର ସଭ୍ୟପଦ ଗ୍ରହଣ କରିପାରିଲାନାହିଁ । ପୁନଶ୍ଚ ଜାତିସଂଘର ନିର୍ଦ୍ଦେଶ ଅମାନ୍ୟ କରୁଥିବା ଓ ବିଶ୍ୱଶାନ୍ତି ଭଙ୍ଗ କରୁଥିବା ବୃହତ ରାଷ୍ଟ୍ରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିଲା ନାହିଁ । ଏହାର ସଭ୍ୟ ରାଷ୍ଟ୍ରମାନେ ନିଜ ଇଚ୍ଛା ଅନୁସାରେ ସଭ୍ୟପଦରୁ ଓହରି ଯାଇ ପାରୁଥିଲେ । ସ୍ୱାର୍ଥ ପୂରଣ ନହେବାରୁ ପ୍ରଥମେ ଜର୍ମାନୀ ଓ ପରେ ପରେ ଇଟାଲୀ ଓ ଜାପାନ ସଭ୍ୟପଦ ତ୍ୟାଗକଲେ । ବୃହତ୍ ରାଷ୍ଟ୍ରମାନଙ୍କର କାର୍ଯ୍ୟକଳାପ ଯୋଗୁଁ କ୍ଷୁଦ୍ର ରାଷ୍ଟ୍ରମାନେ ନିଜକୁ ସୁରକ୍ଷିତ ମଣିଲେ ନାହିଁ । ତେଣୁ ଜାତିସଂଘରୁ ସେମାନେ ଆସ୍ଥା ହରାଇଲେ ।

*ତୁମେ ଜାଣିଛ କି ?*

***ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ୍ ଭାରତର ସଂସଦ ବା ପାର୍ଲ୍ୟାମେଣ୍ଟ ସଦୃଶ । ଭାରତର ସଂସଦର ଦୁଇଟି ସଦନ ହେଉଛି ଲୋକସଭା ଓ ରାଜ୍ୟସଭା । ସେହିପରି ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ୍‌ର ଦୁଇଟି ସଦନ ହେଉଛି ସିନେଟ୍ (Senate) ଓ ପ୍ରତିନିଧି ସଭା (House of Representatives)***

### ୪.ଫାସୀବାଦୀ ଶକ୍ତିମାନଙ୍କର ଉତ୍ଥାନ :

ଉଗ୍ରଜାତୀୟତାବାଦୀ ଓ ଫାସୀବାଦୀ ଶକ୍ତିମାନଙ୍କର ଉତ୍ଥାନ ଫଳରେ ବିଶ୍ୱ ରାଜନୀତିରେ ସଙ୍କଟଜନକ ପରିସ୍ଥିତି ଉପୁଜିଲା । ହିଟ୍‌ଲର୍ ଜର୍ମାନୀରେ ଏକଛତ୍ର ଶାସନ ପ୍ରତିଷ୍ଠା କରିବା ପରେ ବିଜୟୀ ରାଷ୍ଟ୍ରମାନଙ୍କୁ କ୍ଷତିପୂରଣ ବାବଦ ବିପୁଳ ଅର୍ଥ ଦେବାକୁ ମନା କରିଦେଲେ । ଇଚ୍ଛାକୃତ ଭାବରେ ସେ ଭର୍ସାଇ ସନ୍ଧିର ସର୍ତ୍ତାବଳୀକୁ ଉଲଂଘନ କଲେ ଏବଂ ଲଢୁଆ ଆକାଶବାହିନୀ ଓ ନୌବାହିନୀ ସମେତ ଏକ ବିରାଟ ସୈନ୍ୟବାହିନୀ ଗଠନ କଲେ । ୧୯୩୩ ମସିହାରେ ଜର୍ମାନୀ ଜାତିସଂଘରୁ ଓହରି ଆସିଲା । ୧୯୩୬ ମସିହା ମାର୍ଚ୍ଚ ମାସରେ ହିଟ୍‌ଲର୍ ରାଇନ୍ ଅଞ୍ଚଳ ଅଧିକାର କରିନେଲେ । ଜର୍ମାନ୍‌ଜାତି ବାସ କରୁଥିବା ଅଞ୍ଚଳଗୁଡ଼ିକୁ ନିଜ ଶାସନାଧୀନ କରିବାର ଅଧିକାର ଜର୍ମାନୀର ଅଛି ବୋଲି ଘୋଷଣା କରି ସେ ୧୯୩୮ ମସିହାରେ ଅଷ୍ଟ୍ରିଆ ଅଧିକାର କଲେ । ଚେକୋସ୍ଲୋଭାକିଆର ସୁଦେତାନ ଅଞ୍ଚଳ ଓ ପରେ ପରେ ସମଗ୍ର ଚେକୋସ୍ଲୋଭାକିଆ ତାଙ୍କଦ୍ୱାରା ଅଧିକୃତ ହେଲା ।

ଇଟାଲୀର ଏକଛତ୍ରବାଦୀ ଶାସକ ମୁସୋଲିନୀ ମଧ୍ୟ ପ୍ରାଚୀନ ରୋମାନ୍ ସାମ୍ରାଜ୍ୟର ପୂର୍ବ ଗୌରବର ପୁନଃ ପ୍ରତିଷ୍ଠା ନିମନ୍ତେ ଅନୁରୂପ ନୀତି ଅନୁସରଣ କଲେ । ୧୯୩୬ ମସିହାରେ ସେ ଆଫ୍ରିକା ମହାଦେଶସ୍ଥ ଆବିସିନିଆକୁ ଜୟକରି ଇଟାଲୀ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ ।  ଜାପାନ୍ ମଧ୍ୟ ନିଜର ସାମ୍ରାଜ୍ୟ ଲିପ୍ସା ପୂରଣ ପାଇଁ ଦୂରପ୍ରାଚ୍ୟରେ ସାମରିକ ଅଭିଯାନ ଆରମ୍ଭ କଲା । ଜାପାନ ୧୯୩୧ ମସିହାରେ ତୈଳ ଓ ଖଣିଜ ସମ୍ପଦପୂର୍ଣ୍ଣ ଚୀନ୍‌ର ମାଞ୍ଚୁରିଆ ପ୍ରଦେଶ ଆକ୍ରମଣ କରି ଏହାକୁ ଅଧିକାର କରିନେଲା । ନିଜ ସ୍ୱାର୍ଥ ଦୃଷ୍ଟିରୁ ସେ ଜାତିସଂଘରୁ ଓହରି ଆସିଲା ।

### ୫. ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କର ନିଷ୍କ୍ରିୟତା :

ଜର୍ମାନୀ, ଇଟାଲୀ ଓ ଜାପାନର ସାମ୍ରାଜ୍ୟବାଦୀ ଓ ଆକ୍ରମଣାତ୍ମକ ରାଜ୍ୟବିସ୍ତାର ନୀତିକୁ ପୃଥିବୀର ଗଣତନ୍ତ୍ରବାଦୀ ବୃହତ ରାଷ୍ଟ୍ରଗଣ ସକ୍ରିୟ ପ୍ରତିରୋଧ କରି ନଥିଲେ । ଅନ୍ୟପକ୍ଷରେ ବ୍ରିଟେନ୍, ଫ୍ରାନ୍ସ ପ୍ରଭୃତି ରାଷ୍ଟ୍ର ଜର୍ମାନୀକୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥିଲେ । ଜର୍ମାନୀ ସୁଦେତାନ ଅଞ୍ଚଳ ଅଧିକାର କରିବା ସମୟରେ ବ୍ରିଟେନ୍ ଓ ଫ୍ରାନ୍ସ ଏହାର ପ୍ରତିରୋଧ କରିବା ପରିବର୍ତ୍ତେ ୧୯୩୮ ମସିହାରେ ମ୍ୟୁନିକ ଠାରେ ଏକ ଚୁକ୍ତି କରି ଜର୍ମାନୀର କାର୍ଯ୍ୟକଳାପକୁ ପରୋକ୍ଷରେ ଅନୁମୋଦନ କଲେ । ଏହି ଚୁକ୍ତି ଦ୍ୱାରା ଚେ଼କୋସ୍ଲୋଭାକିଆକୁ ଜର୍ମାନୀ ନିକଟରେ ମୁଣ୍ଡ ନୁଆଁଇବାକୁ ଏକରକମ ବାଧ୍ୟ କରାଯାଇଥିଲା । ତେଣୁ ଗଣତନ୍ତ୍ରବାଦୀ ବୃହତ୍ ରାଷ୍ଟ୍ରମାନଙ୍କର ସନ୍ତୁଷ୍ଟି କରଣ ନୀତି ରାଜନୈତିକ ନିଷ୍କ୍ରିୟତା ଓ ଉଦାସୀନତା ଏକଛତ୍ରବାଦୀ ଶକ୍ତିମାନଙ୍କୁ

ପ୍ରୋତ୍ସାହନ ଯୋଗାଇଥିଲା ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା ।

> *ତୁମେ ଜାଣିଛ କି ?*
>
> *ମ୍ୟୁନିକ୍ ଚୁକ୍ତି ଦ୍ୱାରା ଚେକୋସ୍ଲୋଭାକିଆକୁ ଜର୍ମାନୀ ନିକଟରେ ମୁଣ୍ଡ ନୁଆଁଇବାକୁ ଏକରକମ ବାଧ କରାଯାଇଥିଲା । ଯୁଦ୍ଧ ଏଡ଼ାଇବାକୁ ଚେକୋସ୍ଲୋଭାକିଆର ବିଖଣ୍ଡୀକରଣ କରାଯାଇ ଜର୍ମାନୀର ସୁଦେତାନ ଅଞ୍ଚଳ ଅଧିକାରକୁ ଅନୁମୋଦନ କରାଯାଇଥିଲା । ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଚାମ୍ବରଲେନ୍ (Chamberlain) ଦାବି କରିଥିଲେ ଯେ ସେ ସମ୍ମାନର ସହିତ ଶାନ୍ତି ରକ୍ଷା କରିପାରିଛନ୍ତି କିନ୍ତୁ ବାସ୍ତବରେ ଏହା ବ୍ରିଟେନ୍ ପାଇଁ ସମ୍ପୂର୍ଣ୍ଣ କୂଟନୈତିକ ପରାଜୟ ଥିଲା । ମ୍ୟୁନିକ୍ ଚୁକ୍ତି ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ମାତ୍ର ୧୧ ମାସ ପାଇଁ ତିଷ୍ଠି ପାରିଥିଲା ।*

### ୬. ବିଭିନ୍ନ ଆଦର୍ଶବାଦ ମଧ୍ୟରେ ସଂଘର୍ଷ :

ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ଗଣତାନ୍ତ୍ରିକ ଆଦର୍ଶରେ ବିଶ୍ୱାସ କରୁଥିବା ବେଳେ ଜର୍ମାନୀ, ଇଟାଲୀ ଓ ଜାପାନ୍ ଏକଛତ୍ରବାଦୀ ଆଦର୍ଶରେ ବିଶ୍ୱାସ କରୁଥିଲେ । ସେମାନଙ୍କ ମଧ୍ୟରେ ଥିବା ଆଦର୍ଶଗତ ତାରତମ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧନିମନ୍ତେ ପଥ ଉନ୍ମୁକ୍ତ କରିଥିଲା । ୧୯୩୬ ମସିହାରେ ସ୍ପେନ୍ ଦେଶରେ ନିର୍ବାଚିତ ସରକାରଙ୍କ ବିରୋଧରେ ଜେନେରାଲ ଫ୍ରାଙ୍କୋଙ୍କ ନେତୃତ୍ୱରେ ସୈନ୍ୟବାହିନୀର ଏକ ଅଂଶର ବିଦ୍ରୋହ ଯୋଗୁଁ ସେଠାରେ ଗୃହଯୁଦ୍ଧ ଅନୁଷ୍ଠିତ ହୋଇଥିଲା । ଇଟାଲୀ ଓ ଜର୍ମାନୀ ଏହି ବିଦ୍ରୋହୀମାନଙ୍କୁ ସାମରିକ ସାହଯ୍ୟ ଯୋଗାଇଥିଲେ । ଏକ ପକ୍ଷରେ ଗଣତନ୍ତ୍ର ଓ ଅନ୍ୟପକ୍ଷରେ ଏକଛତ୍ରବାଦ ମଧ୍ୟରେ ସଂଘଟିତ ଏହି ସଂଘର୍ଷରେ ଗଣତନ୍ତ୍ରର ପରାଜୟ ହୋଇଥିଲା । ଜେନେରାଲ୍ ଫ୍ରାଙ୍କୋଙ୍କ ନେତୃତ୍ୱରେ ସ୍ପେନ୍ ଦେଶରେ ଏକଛତ୍ରବାଦ ପ୍ରତିଷ୍ଠିତ ହୋଇଥିଲା ଗଣତନ୍ତ୍ର, ସମାଜବାଦ ଓ ସାମ୍ୟବାଦକୁ ଦମନ କରିବା ନିମନ୍ତେ ଏକଛତ୍ରବାଦୀମାନେ ବିଭିନ୍ନ ପଦକ୍ଷେପ ନେଇଥିଲେ ।



(ଜେନେରାଲ୍ ଫ୍ରାଙ୍କୋ)

### ୭. ସାମରିକ ମେଣ୍ଟ ଗଠନ :

ସାମରିକ ମେଣ୍ଟ ଗଠନ ଦ୍ୱାରା ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର ପଥ ସୁଗମ ହୋଇଥିଲା । ଯୁଦ୍ଧ ସମୟରେ ପରସ୍ପରକୁ ସାହାଯ୍ୟ କରିବା ନିମନ୍ତେ ୧୯୩୬ ମସିହାରେ ଇଟାଲୀ ଓ ଜର୍ମାନୀ ଏକ ଚୁକ୍ତି ସମ୍ପାଦନ କରିଥିଲେ । ସେମାନେ ଅକ୍ଷଶକ୍ତି (Axis Power) ନାମରେ ପରିଚିତ ହେଲେ । ୧୯୩୭ ମସିହାରେ ଜାପାନ୍ ଏହି ମେଣ୍ଟରେ ଯୋଗଦେଲା । ଫଳରେ ରୋମ୍-ବର୍ଲିନ୍-ଟୋକିଓ ଅକ୍ଷଶକ୍ତି (Rome-Berlin-Tokyo Axis) ଗଠିତ ହେଲା । ଅନ୍ୟପକ୍ଷରେ ଇଂଲାଣ୍ଡ, ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ମିଳିତ ହୋଇ ଏକ ସାମରିକ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏହା ଫଳରେ ଦୁଇଗୋଟି ପରସ୍ପର ବିରୋଧୀ ସାମରିକ ଗୋଷ୍ଠୀର ସୃଷ୍ଟି ହୋଇଥିଲା । ସାମରିକ ଶକ୍ତିରେ ବଳୀୟାନ୍ ବୃହତ୍ ଶକ୍ତିମାନଙ୍କର ପରସ୍ପର ପ୍ରତି ଥିବା ଅବିଶ୍ୱାସ ଓ ସାମ୍ରାଜ୍ୟବାଦୀ ମନୋଭାବ ଯୋଗୁଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ।

## ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ଫାସୀବାଦୀ ଶକ୍ତିଙ୍କର ପରାଜୟ :

ଜର୍ମାନୀ ୧୯୩୯ ମସିହା ସେପ୍ଟେମ୍ବର ୧ ତାରିଖ ଦିନ ପୋଲାଣ୍ଡ ଆକ୍ରମଣ କଲା । ପୋଲାଣ୍ଡ ମାଟିରୁ ଅପସରି ଯିବାପାଇଁ ବ୍ରିଟେନ୍ ଜର୍ମାନୀକୁ ଚେତାବନୀ ଦେଲା । କିନ୍ତୁ

ଜର୍ମାନୀ ଏଥିରେ କର୍ଣ୍ଣପାତ ନ କରିବାରୁ ବ୍ରିଟେନ୍ ସେପ୍ଟେମ୍ବର ମାସ ୩ ତାରିଖ ଦିନ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା । ଏହାର ଅଳ୍ପ କିଛି ଘଣ୍ଟା ପରେ ଫ୍ରାନ୍ସ ମଧ୍ୟ ଜର୍ମାନୀ ବିରୋଧରେ ଯୁଦ୍ଧ ଘୋଷଣା କଲା । ଫଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆନୁଷ୍ଠାନିକଭାବେ ଆରମ୍ଭ ହେଲା । ୧୯୪୦ ମସିହା ମେ ମାସ ସୁଦ୍ଧା ପୋଲାଣ୍ଡ, ନରୱେ, ଡେନ୍‌ମାର୍କ, ହଲାଣ୍ଡ, ବେଲ୍‌ଜିୟମ୍ ପ୍ରଭୃତି ଦେଶ ଜର୍ମାନୀ ଦ୍ୱାରା ଅଧିକୃତ ହେଲେ । ଜୁନ୍ ମାସ ୧୪ ରାତିଖ ଦିନ ଜର୍ମାନିବାହିନୀ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ଅଧିକାର କଲେ । ଫରାସୀ ସରକାର ନିଜ ଦେଶର ପ୍ରାୟ ଅର୍ଦ୍ଧେକ ପରିମାଣର ଅଞ୍ଚଳ ଜର୍ମାନୀକୁ ହସ୍ତାନ୍ତର କରି ତାହା ସହିତ ସନ୍ଧି କଲେ । ସେହି ବର୍ଷ ଅଗଷ୍ଟ ମାସରେ ଜର୍ମାନୀ ବ୍ରିଟେନ୍ ଉପରେ ବୋମା ବର୍ଷଣ କଲା । ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍ (Winston Churchill) ଙ୍କ ନେତୃତ୍ୱରେ ବ୍ରିଟେନ୍ ଜର୍ମାନୀ ଆକ୍ରମଣର ମୁକାବିଲା କରିଥିଲା । ପର୍ଯ୍ୟାୟକ୍ରମେ ଜର୍ମାନ୍ ବାହିନୀ ଗ୍ରୀସ୍ ଓ ଯୁଗୋସ୍ଲୋଭିଆ ଅଧିକାର କରିନେଲେ ।




(ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍)

୧୯୩୯ ମସିହା ଅଗଷ୍ଟ ୨୩ ତାରିଖ ଦିନ ସୋଭିଏତ୍ ରୁଷ୍ ଏବଂ ଜର୍ମାନୀ ପରସ୍ପର ମଧ୍ୟରେ ଏକ ଅନାକ୍ରମଣ ଚୁକ୍ତି ସ୍ୱାକ୍ଷର କରିଥିଲେ । କିନ୍ତୁ ଏହି ଚୁକ୍ତିର ସର୍ତ୍ତକୁ ଅମାନ୍ୟ କରି ୧୯୪୧ ମସିହା ଜୁନ୍ ୨୨ ତାରିଖରେ ହିଟ୍‌ଲର୍ ସୋଭିଏତ୍ ରୁଷ୍ ଆକ୍ରମଣ କରିବାରୁ ଅନନ୍ୟୋପାୟ ହୋଇ ସୋଭିଏତ୍ ରୁଷ୍ ମିତ୍ରଶକ୍ତି ପକ୍ଷରେ ଯୁଦ୍ଧରେ ଯୋଗ ଦେଲା । ସେହି ବର୍ଷ ପ୍ରଶାନ୍ତ ମହାସାଗରର ହାୱାଇ ଦ୍ୱୀପରେ ଅବସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକାର ବନ୍ଦର ନଗର ପର୍ଲହାର୍ବର ଉପରେ ଜାପାନ୍ ଆକ୍ରମଣ କରିବାରୁ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ବାଧ୍ୟହୋଇ ମିତ୍ରଶକ୍ତି ପକ୍ଷରେ ଯୁଦ୍ଧରେ ଯୋଗ ଦେଲା । ଫଳରେ ଯୁଦ୍ଧ ବ୍ୟାପକ ରୂପ ଧାରଣ କରିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରାଥମିକ ଅବସ୍ଥାରେ ଜର୍ମାନୀ, ଇଟାଲୀ ସମେତ ଫାସୀବାଦୀ ଶକ୍ତିମାନେ ବିପୁଳ ବିଜୟ ହାସଲ କରିଥିଲେ । କିନ୍ତୁ ୧୯୪୨ ମସିହାରେ ବ୍ରିଟେନ୍, ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ୍ ପ୍ରଭୃତି ୨୬ଟି ଦେଶର ପ୍ରତିନିଧି ଫାସୀବାଦ ବିରୋଧରେ ମିଳିତ ସଂଗ୍ରାମ ଘୋଷଣା କରିବା ପରେ ଯୁଦ୍ଧର ଗତି ମିତ୍ରଶକ୍ତି ସପକ୍ଷରେ ଯାଇଥିଲା । ଷ୍ଟାଲିନ୍‌ଗ୍ରାଡ୍‌ଠାରେ ରୁଷ୍‌ର ପ୍ରବଳ ପ୍ରତିରୋଧ ଯୋଗୁଁ ଜର୍ମାନୀ ବିଶେଷ କ୍ଷତିଗ୍ରସ୍ତ ହେଲା । ପର୍ଯ୍ୟାୟକ୍ରମେ ରୁଷ୍ ଜର୍ମାନୀ ଅଧିକୃତ ଚେକୋସ୍ଲୋଭାକିଆ, ରୁମାନିଆ ପ୍ରଭୃତି ରାଜ୍ୟ ଅଧିକାର କରିନେଲା । ୧୯୪୩ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ୍‌ର ମିଳିତ ସୈନ୍ୟବାହିନୀ ସିସିଲି ଅଧିକାର କଲେ । ଜର୍ମାନୀଠାରୁ ସବୁ ପ୍ରକାର ସାହାଯ୍ୟ ପାଇ ମଧ୍ୟ ଇଟାଲୀ ପରାଜିତ ହୋଇ ୧୯୪୩ ମସିହା ସେପ୍ଟେମ୍ବରରେ ଆତ୍ମସମର୍ପଣ କରିଲା । କ୍ରମେ ଜର୍ମାନୀ ମଧ୍ୟ ବିଭିନ୍ନ ଯୁଦ୍ଧକ୍ଷେତ୍ରରେ ପରାଜିତ ହେବାକୁ ଲାଗିଲା । ୧୯୪୫ ମସିହାର ଆରମ୍ଭରୁ ଉଭୟ ପଶ୍ଚିମ ଓ ପୂର୍ବଦିଗରୁ ଜର୍ମାନୀ ଆଡ଼କୁ ମିତ୍ରଶକ୍ତିର ସୈନ୍ୟମାନେ ଅଗ୍ରସର ହେଲେ । ଏପ୍ରିଲ୍ ୩୦ ତାରିଖ ଦିନ ରୁଷ୍ ସୈନ୍ୟମାନେ ଜର୍ମାନୀର ରାଜଧାନୀ ବର୍ଲିନ୍ ସହର ମଧ୍ୟକୁ ମାଡ଼ି ଆସିଲା ବେଳେ, ହିଟ୍‌ଲର୍ ମାଟିତଳେ ନିର୍ମିତ ତାଙ୍କର ଆଶ୍ରୟକକ୍ଷରେ ଆତ୍ମହତ୍ୟା କଲେ । ରୁଷ୍ ସୈନ୍ୟ ବର୍ଲିନ୍ ଅଧିକାର କଲେ ଏବଂ ୧୯୪୫ ମସିହା ମେ ମାସ ୭ ତାରିଖ ଦିନ ଜର୍ମାନୀ ବିନା ସର୍ତ୍ତରେ ମିତ୍ରଶକ୍ତି ନିକଟରେ ଆତ୍ମସମର୍ପଣ କଲା ।

ଜର୍ମାନୀର ପରାଜୟ ସତ୍ତ୍ୱେ ଜାପାନ୍ ଯୁଦ୍ଧରୁ ବିରତ ହେଲାନାହିଁ । ୧୯୪୫ ମସହା ଅଗଷ୍ଟ ୬ ତାରିଖ ଦିନ ଜାପାନ ମହାନଗରୀ ହିରୋସୀମା ଏବଂ ପରେ ପରେ ଅଗଷ୍ଟ ୯ ତାରିଖ ଦିନ ଜାପାନ ନଗରୀ ନାଗାସାକି ଉପରେ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ବୋମା ପକାଇ ଜାପାନ୍‌ର ଏହି ନଗରୀ ଦୁଇଟିକୁ ଧ୍ୱଂସ କରିଦେଲା । ପରମାଣୁ ବୋମାର ଭୟାବହତା ଦେଖି ୧୯୪୫ ମସିହା ଅଗଷ୍ଟ ୧୪ ତାରିଖ ଦିନ ଜାପାନ ବିନା ସର୍ତ୍ତରେ ଆତ୍ମସମର୍ପଣ କଲା । ଫଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା।



(ପରମାଣୁ ବିସ୍ଫୋରଣ)

## ଦ୍ୱିତୀୟ ବିଶ୍ୱଯୁଦ୍ଧର ଫଳାଫଳ

### ୧. କ୍ଷୟକ୍ଷତି :

ପୂର୍ବରୁ ଘଟିଥିବା ପୃଥିବୀର ସମସ୍ତ ଯୁଦ୍ଧ ତୁଳନାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଅତୀବ ଭୟଙ୍କର ଥିଲା । ଏହାର ପ୍ରଧାନ ରଣକ୍ଷେତ୍ରଗୁଡ଼ିକ ଇଉରୋପ ମହାଦେଶରେ ଥିବାରୁ ଇଉରୋପ ମହାଦେଶ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏହି ଯୁଦ୍ଧରେ ଯୁକ୍ତରାଷ୍ଟ୍ର ଆମେରିକା ତଥା ଏସିଆ ଓ ଇଉରୋପର ବୃହତ ଶକ୍ତିସମୂହ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଥମଥର ପାଇଁ ଏହି ମହାସମରରେ ପରମାଣୁ ବୋମାର ପ୍ରୟୋଗ କରାଯାଇଥିଲା । ଜଳ, ସ୍ଥଳ ଓ ଆକାଶମାର୍ଗରେ ଉଭୟ ପକ୍ଷର ଆକ୍ରମଣାତ୍ମକ ଶକ୍ତିର ପରୀକ୍ଷା ହୋଇଥିଲା । ଯୁଦ୍ଧ ଯୋଗୁଁ ହଜାର ହଜାର ବର୍ଗ କିଲୋମିଟର ଉର୍ବର ଚାଷଜମି ନଷ୍ଟ ହୋଇ ଯାଇଥିଲା । ଏଥିରେ ଅସଂଖ୍ୟ ସାମରିକ ଓ ବେସାମରିକ ଲୋକ ମୃତ୍ୟୁବରଣ କରିଥିଲେ । ଅଗଣିତ ଲୋକ ବିକଳାଙ୍ଗ ହୋଇଥିଲେ । ଶହଶହ ସହର, ଗୀର୍ଜା, ବିଶ୍ୱବିଦ୍ୟାଳୟ ଓ କଳକାରଖାନା ମଧ୍ୟ ଧ୍ୱଂସ ସ୍ତୂପରେ ପରିଣତ ହୋଇଯାଇଥିଲା । ଘନଘନ ଆକ୍ରମଣ ଓ ବୋମାବର୍ଷଣ ଫଳରେ ଜର୍ମାନ ରାଜଧାନୀ ବର୍ଲିନ୍ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିଲା । ପରମାଣୁ ବୋମା ପ୍ରୟୋଗ ଫଳରେ ଜାପାନର ପ୍ରମୁଖ ସହର ହିରୋସୀମା ଓ ନାଗାସାକି ଧ୍ୱଂସ ସ୍ତୂପରେ ପରିଣତ ହୋଇଥିଲା । ଯୁଦ୍ଧରେ ଧନସମ୍ପତ୍ତିର କ୍ଷୟକ୍ଷତି କଳ୍ପନାତୀତ ଥିଲା । ହଜାର ହଜାର ସଂଖ୍ୟକ ଯୁଦ୍ଧବନ୍ଦୀଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର କରାଯାଇଥିଲା । ହିଟ୍‌ଲରଙ୍କର ନିର୍ଦ୍ଦେଶରେ ଅସଂଖ୍ୟ ଇହୁଦୀ ଓ ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରାଯାଇଥିଲା ।

### ୨. ରାଜନୈତିକ ଓ ଅର୍ଥନୈତିକ ପରିଣତି :

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀର ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ଦେଖାଦେଇଥିଲା । ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ପ୍ରଭାବ ହ୍ରାସ ପାଇଥିଲା । ଏସିଆ ଓ ଆଫ୍ରିକାର ବହୁ ଉପନିବେଶ ଆନ୍ଦୋଳନ କରି ସ୍ୱାଧୀନ ହେଲେ । ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରରୂପେ ପ୍ରତିଷ୍ଠିତ ହୋଇଥିଲା । ସୋଭିଏତ୍ ରୁଷ୍ ଅନ୍ୟତମ ବୃହତ୍‌ଶକ୍ତି ରୂପେ ଆତ୍ମପ୍ରକାଶ କଲା ।

ଜର୍ମାନୀରୁ ନାଜିଦଳ ଲୋପ ପାଇବା ସଙ୍ଗେ ସଙ୍ଗେ ଜର୍ମାନୀ ଉପରେ ବ୍ରିଟେନ୍, ରୁଷ୍, ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକାର କର୍ତ୍ତୃତ୍ୱ ପ୍ରତିଷ୍ଠିତ ହେଲା । ୧୯୪୯ ମସିହାରେ ଜର୍ମାନୀର ପଶ୍ଚିମାଞ୍ଚଳକୁ ଏକତ୍ର କାରାଯାଇ ପଶ୍ଚିମ ଜର୍ମାନୀ ବା ଜର୍ମାନ୍ ସଂଯୁକ୍ତ ସାଧାରଣତନ୍ତ୍ର (Federal Republic of Germany) ଗଠିତ ହୋଇଥିଲା । ପୂର୍ବ ଜର୍ମାନୀ ଜର୍ମାନ୍ ଗଣତାନ୍ତ୍ରିକ ସାଧାରଣତନ୍ତ୍ର (German Democratic Republic) ନାମରେ ପରିଚିତ ହେଲା । ପଶ୍ଚିମ ଜର୍ମାନୀର ଶାସନରେ ପାଶ୍ଚାତ୍ୟ ଗଣତନ୍ତ୍ରର ପ୍ରଭାବ

ରହୁଥିବା ବେଳେ ପୂର୍ବ ଜର୍ମାନୀର ଶାସନରେ ସାମ୍ୟବାଦୀ ପ୍ରଭାବ ରହିଲା ।

ଫ୍ରାନ୍ସ ଓ ଇଟାଲୀରେ ସାମ୍ୟବାଦୀ ପ୍ରଭାବ ବିଶେଷ ଭାବରେ ବୃଦ୍ଧି ପାଇଲା । ବ୍ରିଟେନ୍‌ରେ କ୍ଲିମେଣ୍ଟ ଅଟ୍‌ଲିଙ୍କ ନେତୃତ୍ୱରେ ଶ୍ରମିକ ଦଳ କ୍ଷମତାକୁ ଆସିଲେ । ଏହି ଦଳର ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରି ବ୍ରିଟେନ୍‌ର ଅର୍ଥନୀତିରେ ଉନ୍ନତି ଘଟାଇଥିଲା ।

ପୋଲାଣ୍ଡ, ହଙ୍ଗେରୀ, ରୁମାନିଆ, ବୁଲ୍‌ଗେରିଆ, ଚେକୋସ୍ଲୋଭାକିଆ ପ୍ରଭୃତି ପୂର୍ବ ଇଉରୋପୀୟ ଦେଶମାନଙ୍କରେ ସାମ୍ୟବାଦୀ ସରକାର ଗଠିତ ହେଲା । ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପୁନର୍ବାର ଉଦ୍ୟମ ଆରମ୍ଭ ହୋଇଯାଇଥିଲା ।

***ତୁମ ପାଇଁ କାମ :***

***ହିରୋସୀମା ଓ ନାଗାସାକି ସହରରେ ପରମାଣୁ ବିସ୍ଫୋରଣର ମାସକ ପରେ ଜଣେ ସେଠାକୁ ଯାଇଥିଲେ କ'ଣ ଦେଖିଥାଆନ୍ତେ ଏବଂ ଏବେ ସେଠାରେ କ'ଣ ଦେଖିବାକୁ ମିଳିବ, ତାହାର ଏକ ତୁଳନାତ୍ମକ ବିବରଣୀ ଚିନ୍ତା କରି ଲେଖ ।***

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣଗୁଡ଼ିକ ସଂକ୍ଷେପରେ ଆଲୋଚନା କର ।

(ଖ) ଯୁକ୍ତରାଷ୍ଟ୍ର ଆମେରିକା କେବେ ଓ କାହିଁକି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗ ଦେଇଥିଲା ? ଏହାର ପରିଣତି କ'ଣ ହେଲା ?

(ଗ) ଦ୍ୱିତୀୟ ବିଶ୍ୱଯୁଦ୍ଧର ସାମାଜିକ ଓ ଅର୍ଥନୈତିକ ପରିଣତି ଲେଖ ।

(ଘ) ଦ୍ୱିତୀୟ ବିଶ୍ୱଯୁଦ୍ଧର କ୍ଷୟକ୍ଷତି ସମ୍ପର୍କରେ ଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ସ୍ପେନ୍ ଦେଶରେ କେବେ ଓ କାହିଁକି ଗୃହଯୁଦ୍ଧ ହୋଇଥିଲା ?

(ଖ) ଜର୍ମାନୀ ଓ ଇଟାଲୀ କେବେ ଓ କାହିଁକି ପରସ୍ପର ମଧ୍ୟରେ ଏକ ଚୁକ୍ତିକରିଥିଲେ ? ସେମାନେ କେଉଁ ନାମରେ ପରିଚିତ ହେଲେ ?

(ଗ) ସୋଭିଏତ୍ ରୁଷ୍ କେବେ ଓ କାହିଁକି ମିତ୍ରଶକ୍ତି ପକ୍ଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗ ଦେଇଥିଲା ?

(ଘ) ଯୁକ୍ତରାଷ୍ଟ୍ର ଆମେରିକା କେବେ ଓ କାହିଁକି ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯୋଗ ଦେଇଥିଲା ?

(ଙ) ଯୁକ୍ତରାଷ୍ଟ୍ର ଆମେରିକା କେବେ ଓ କାହିଁକି ଜାପାନର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ପକାଇଥିଲା ?

(ଚ) ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀ କିପରି ଭାଗ ଭାଗ ହେଲା ?

(ଛ) ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମ୍ୟବାଦୀ ସରକାର ଗଠିତ ହୋଇଥିବା ୪ଟି ପୂର୍ବ ଇଉରୋପୀୟ ଦେଶର ନାମ ଲେଖ ।

(ଜ) ୧୯୪୦ ମସିହାରେ ଜର୍ମାନବାହିନୀ ଦ୍ୱିତୀୟ ବିଶ୍ୱଯୁଦ୍ଧରେ କି ସଫଳତା ଲାଭ କରିଥିଲେ ?

(ଝ) ଜାତିସଂଘର ବିଫଳତା ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ କିପରି ଦାୟୀ ଥିଲା ?

(ଞ) କେଉଁ ସବୁ ସମସ୍ୟାକୁ କେନ୍ଦ୍ରକରି ଜର୍ମାନୀରେ ନାଜିଦଳ ସୁଦୃଢ଼ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଜାତିସଂଘ ଗଠନରେ କିଏ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ?

(ଖ) ଜର୍ମାନୀ କେବେ ପୋଲାଣ୍ଡ ଆକ୍ରମଣ କରିଥିଲା ?

(ଗ) ଦ୍ୱିତୀୟ ବିଶ୍ୱଯୁଦ୍ଧ କେବେ ଆରମ୍ଭ ହୋଇଥିଲା ?

(ଘ) ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କିଏ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଥିଲେ ?

(ଙ) ଜର୍ମାନୀ କେବେ ଆତ୍ମସମର୍ପଣ କରିଥିଲା ?

(ଚ) କେବେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା ?

(ଛ) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ବ୍ରିଟେନ୍‌ରେ କାହା ନେତୃତ୍ୱରେ ଶ୍ରମିକ ଦଳ କ୍ଷମତାକୁ ଆସିଥିଲେ ?

(ଜ) ହିଟ୍‌ଲର୍ କେବେ ରାଇନ୍ ଅଞ୍ଚଳ ଅଧିକାର କରିଥିଲେ ?

(ଝ) ପ୍ୟାରିସ୍ ଶାନ୍ତି ସମ୍ମିଳନୀର ସର୍ତ୍ତ ଅନୁଯାୟୀ କେଉଁ ଦୁଇଟି ଦେଶ ନିଜ ପାଇଁ ଯଥେଷ୍ଟ ଲାଭ ହାସଲ କରିଥିଲେ ?

(ଞ) ନାଜିଦଳର ପୂରାନାମ କ'ଣ ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ସହିତ ବାଛି ଲେଖ ।**

(କ) ୧୯୩୩ ମସିହାରେ କେଉଁ ଦେଶ ଜାତିସଘରୁ ଓହରି ଆସିଥିଲା ?

(i) ରୁଷ୍ (iii) ଜର୍ମାନୀ (ii) ଇଟାଲୀ (iv) ଜାପାନ୍

(ଖ) କେଉଁ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ପର୍ଲହାର୍ବର ଉପରେ ଆକ୍ରମଣ କରିଥିଲା ?

(i) ଜର୍ମାନୀ (iii) ରୁଷ୍ (ii) ଇଟାଲୀ (iv) ଜାପାନ୍

(ଗ) ଜାପାନ୍ ୧୯୩୧ ମସିହାରେ କେଉଁ ପ୍ରଦେଶ ଆକ୍ରମଣ କରିଥିଲା ।

(i) ସୁଦେତାନ୍ (iii) ମାଞ୍ଚୁରିଆ (ii) ଆବିସିନିଆ (iv) ମ୍ୟୁନିକ୍

(ଘ) କେବେ ରୋମ୍ ବର୍ଲିନ୍-ଟୋକିଓ ଅକ୍ଷଶକ୍ତି ଗଠିତ ହୋଇଥିଲା ?

(i) ୧୯୩୬ ମସିହା (iii) ୧୯୩୮ ମସିହା (iv) ୧୯୩୭ ମସିହା (iv) ୧୯୩୯ ମସିହା

(ଙ) କେଉଁ ରାଷ୍ଟ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ରୂପେ ପ୍ରତିଷ୍ଠିତ ହୋଇଥିଲା ?

(i) ଯୁକ୍ତରାଷ୍ଟ୍ର ଆମେରିକା (ii) ସୋଭିଏତ୍ ରୁଷ୍ (iii) ବ୍ରିଟେନ୍ (iv) ଫ୍ରାନ୍ସ

**୫. ପାଠରେ ଦିଆଯାଇଥିବା 'ତୁମ ପାଇଁ କାମଗୁଡିକ' ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ତୃତୀୟ ପାଠ

# ବିଂଶ ଶତାବ୍ଦୀରେ ଏସିଆ ଓ ଆଫ୍ରିକାରେ ଜାତୀୟତାବାଦୀ ଆନ୍ଦୋଳନ ଏବଂ ସ୍ୱାଧୀନ ରାଷ୍ଟ୍ରସମୂହର ଅଭ୍ୟୁଦୟ

# (Nationalist Movements in Asia and Africa and Emergence of Independent States In Twentieth Century)

ପଞ୍ଚଦଶ ଓ ଷୋଡଶ ଶତାବ୍ଦୀରେ ଭୌଗୋଳିକ ଆବିଷ୍କାର ଯୋଗୁଁ ପୃଥିବୀର ବିଭିନ୍ନ ଅଞ୍ଚଳକୁ ଜଳପଥ ଓ ସ୍ଥଳପଥମାନ ଆବିଷ୍କୃତ ହେଲା । ଯାତାୟାତ ଓ ଯୋଗାଯୋଗର ସୁବିଧା ହେବା ଦ୍ୱାରା ଏସିଆ ଓ ଆଫ୍ରିକା ମହାଦେଶର ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ସମ୍ପର୍କରେ ଇଉରୋପୀୟ ବଣିକମାନେ ଜାଣିପାରିଲେ । ଫଳରେ ବାଣିଜ୍ୟର ଉନ୍ନତି, ଆର୍ଥିକ ସମୃଦ୍ଧି, ସାମ୍ରାଜ୍ୟ ବିସ୍ତାର ଓ ଧର୍ମପ୍ରଚାର ଉଦ୍ଦେଶ୍ୟରେ ଇଉରୋପର ବିଭିନ୍ନ ରାଷ୍ଟ୍ର ଯଥା ଇଂଲାଣ୍ଡ, ଫ୍ରାନ୍ସ, ପର୍ତ୍ତୁଗାଲ୍, ଡେନ୍‌ମାର୍କ୍, ସ୍ପେନ୍, ହଲାଣ୍ଡ ପ୍ରଭୃତି ଏସିଆ ଓ ଆଫ୍ରିକା ମହାଦେଶର ବିଭିନ୍ନ ଦେଶରେ ଉପନିବେଶମାନ ସ୍ଥାପନ କରିଥିଲେ । ସେମାନେ ଉପନିବେଶଗୁଡ଼ିକର ଉନ୍ନତି ପ୍ରତି ଦୃଷ୍ଟି ନ ଦେଇ ନିଜର ସ୍ୱାର୍ଥ ହାସଲ ଦିଗରେ ଅଧିକ ଆଗ୍ରହୀ ଥିଲେ । ଉପନିବେଶଗୁଡ଼ିକର ଅଧିବାସୀମାନେ ଶୋଷଣ ଓ ନିର୍ଯାତନାର ଶିକାର ହେଉଥିଲେ । ତେଣୁ ଉପନିବେଶଗୁଡ଼ିକରେ ତୀବ୍ର ଜନ ଅସନ୍ତୋଷ ଦେଖା ଦେଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ପରେ ସେହି ଉପନିବେଶଗୁଡ଼ିକ ସ୍ୱାଧୀନତା ଲାଭ ଆଶାରେ ମିତ୍ରଶକ୍ତି ପକ୍ଷରେ ଯୋଗ ଦେଇଥିଲେ । କିନ୍ତୁ ଯୁଦ୍ଧ ଶେଷ ହେବାପରେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଲା । ତେଣୁ ସେହି ଉପନିବେଶଗୁଡ଼ିକରେ ଜନ ଅସନ୍ତୋଷ ଆନ୍ଦୋଳନ ରୂପ ନେଇଥିଲା ଏବଂ ଜନସାଧାରଣଙ୍କର ସକ୍ରିୟ ଅଂଶ ଗ୍ରହଣରେ ସେଗୁଡ଼ିକରେ ଗଣ ଆନ୍ଦୋଳନ ଆରମ୍ଭ ହୋଇ ଅନେକ ଏସୀୟ ଓ ଆଫ୍ରିକୀୟ ଉପନିବେଶ ସ୍ୱାଧୀନତା ଲାଭ କରିଥିଲେ ।

### ଏସିଆରେ ମୁକ୍ତି ଆନ୍ଦୋଳନ:

ଏସିଆ ମହାଦେଶର ପ୍ରାୟ ସମସ୍ତ ଉପନିବେଶରେ ସ୍ୱାଧୀନତାପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଇରାନ୍ ଦେଶରେ ଇଂରେଜ ଶାସନ ବିରୋଧରେ ଆନ୍ଦୋଳନ ଦେଖାଦେଲା । ୧୯୨୧ ମସିହାରେ ରେଜା ଖାଁ ଇଂରେଜମାନଙ୍କ ଠାରୁ କ୍ଷମତା ଅଧିକାର କରି ଇରାନ୍‌କୁ ସ୍ୱାଧୀନ କରିଥିଲେ । ଆଫଗାନିସ୍ତାନରେ ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ଇଂରେଜ ଶାସନ ଚାଲିଥିଲା । ୧୯୧୯ ମସିହାରେ ଏହାର ରାଜାଙ୍କୁ ହତ୍ୟା କରାଯିବାରୁ ତାଙ୍କପୁତ୍ର ଅମାନୁଲ୍ଲା ସିଂହାସନରେ ବସିଲେ । ସେ ଆଫଗାନିସ୍ତାନକୁ ଏକ ସ୍ୱାଧୀନ ରାଷ୍ଟ୍ର ବୋଲି ଘୋଷଣା କଲେ । ପ୍ରଥମେ ରୁଷ୍ ଓ ପରେ ପରେ ଅନ୍ୟ ଦେଶମାନେ ଆଫଗାନିସ୍ତାନର ସ୍ୱାଧୀନତାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ଏହି ସମୟରେ ଆରବ ରାଜ୍ୟମାନଙ୍କରେ ମଧ୍ୟ ଫରାସୀ ଓ ଇଂରେଜ୍ ଉପନିବେଶବାଦ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା ।

ଫରାସୀ ଶାସନ ବିରୋଧରେ ସିରିଆରେ ଗଣ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗଣହତ୍ୟା, ଆତଙ୍କରାଜ ଓ ଦମନଲୀଳା ସତ୍ତ୍ୱେ ଏହି ଆନ୍ଦୋଳନ ତୀବ୍ରରୂପ ଧାରଣ



(ମୁସ୍ତାଫା କେମାଲ)

କରିଥିଲା । ପ୍ରଥମ ବିଶ୍ୱଯୁଦ୍ଧପରେ ତୁର୍କୀରେ ମିତ୍ରଶକ୍ତିମାନଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହୋଇଥିଲା । ତୁର୍କୀର ଜନସାଧାରଣ ମୁସ୍ତାଫା କେମାଲ (Mustafa Kemal)ଙ୍କ ନେତୃତ୍ୱରେ ଏହା ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ । ରୁଷ୍ ସରକାରଙ୍କର ସହଯୋଗରେ ମୁସ୍ତାଫା କେମାଲ୍ ମିତ୍ରଶକ୍ତି ମାନଙ୍କର ସାମରିକ ବାହିନୀଗୁଡ଼ିକ ତୁର୍କୀରୁ ତଡ଼ିଦେଲେ । ତୁର୍କୀ ସ୍ୱାଧୀନତା ଲାଭ କରି ଏକ ସାଧାରଣତନ୍ତ୍ରରେ ପରିଣତ ହେଲା । ଇଣ୍ଡୋନେସିଆର ଜାତୀୟଦଳ ମଧ୍ୟ ଡଚ୍ ଶାସନ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲା । କୋରିଆ, ଇଣ୍ଡୋଚ୍ୱୀନ୍, ବର୍ମା ପ୍ରଭୃତି ଦେଶରେ ମଧ୍ୟ ସାମ୍ରାଜ୍ୟବାଦୀ ଶକ୍ତିକୁ ପ୍ରତିରୋଧ କରାଯାଇଥିଲା ।

ଭାରତରେ ବ୍ରିଟିଶ୍ ଉପନିବେଶବାଦ ବିରୋଧରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ତାଙ୍କ ପ୍ରଦର୍ଶିତ ଅହିଂସା ଆନ୍ଦୋଳନ ବଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ସ୍ୱାଧୀନତା ଲାଭ କାରିଥିଲା । କିନ୍ତୁ ବ୍ରିଟିଶ୍ ସାମ୍ରାଜ୍ୟବାଦର କୂଟନୈତିକ ଚକ୍ରାନ୍ତ ଫଳରେ ଅଖଣ୍ଡ ଭାରତ ପରିବର୍ତ୍ତେ ଏହା ଭାରତ ଓ ପାକିସ୍ତାନ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିଲା । ବ୍ରହ୍ମଦେଶରେ ଅଙ୍ଗସାନ୍‌ଙ୍କ ନେତୃତ୍ୱରେ ଫାସୀବାଦୀ ବିରୋଧୀ ସ୍ୱାଧୀନ ଜନ ସାମ୍ମୁଖ୍ୟ ମାଧ୍ୟମରେ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୯୪୮ ମସିହା ଜାନୁଆରୀ ୪ ତାରିଖ ଦିନ ବ୍ରହ୍ମଦେଶ ସ୍ୱାଧୀନ ହେଲା । ଜାତୀୟବାଦୀ ନେତା ସୁକର୍ଣ୍ଣୋଙ୍କ ନେତୃତ୍ୱରେ ଓଲନ୍ଦାଜ୍ ଶାସନ ବିରୋଧରେ ଆନ୍ଦୋଳନ କରି ଇଣ୍ଡୋନେସିଆ ୧୯୪୯ ମସିହା ନଭେମ୍ବର ୨ ତାରିଖ ଦିନ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିଲା । ଶ୍ରୀଲଙ୍କା ୪ ଫେବୃଆରୀ୧୯୪୮ ମସିହାରେ ବ୍ରିଟିଶ୍ ସାମ୍ରାଜ୍ୟବାଦ କବଳରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଥିଲା । ୧୯୫୭ ମସିହା ଅଗଷ୍ଟ ୩୧ ତାରିଖରେ ମାଳୟ ବ୍ରିଟିଶ୍ ଶାସନରୁ ନିଜକୁ ମୁକ୍ତ କରିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ଫିଲିପାଇନ୍‌ସ୍ ଦ୍ୱୀପପୁଞ୍ଜକୁ ଜାପାନ କବଳରୁ ମୁକ୍ତ କରି ସ୍ୱାଧୀନତା ପ୍ରଦାନ କରିଥିଲା । ୧୯୫୯ ମସିହାରେ ସିଙ୍ଗାପୁର ବ୍ରିଟିଶ୍ ଶାସନ କବଳରୁ ମୁକ୍ତ ହୋଇ ସ୍ୱାଧୀନ ହୋଇଥିଲା ।

***ତୁମ ପାଇଁ କାମ :***

***ସ୍ୱାଧୀନତା ଲାଭ କରିବା ସମୟରେ ଭାରତ ବିଭାଜିତ ନ ହୋଇ ଏକ ଅଖଣ୍ଡ ତଥା ସ୍ୱାଧୀନ ଭାରତ ଗଠିତ ହୋଇଥିଲେ ବିଶ୍ୱ ରାଜନୀତି ଉପରେ ତାହାର କି ପ୍ରଭାବ ପଡ଼ିଥାଆନ୍ତା ? ଏ ସମ୍ପର୍କରେ ତୁମର ବନ୍ଧୁମାନଙ୍କୁ ନେଇ ଏକ ଆଲୋଚନା ଚକ୍ର କର । ଆଲୋଚନା ଚକ୍ରରୁ ମିଳିଥିବା ଫଳାଫଳକୁ ତୁମର ଦୈନିକ ଟିପାଖାତା (Daily Diary) ରେ ଲିପିବଦ୍ଧ କର ।***



(ସନ୍‌ୟାତ୍ ସେନ)

ପ୍ରଥମ ବିଶ୍ୱଯୁଦ୍ଧ ପରେ ସନ୍‌ୟାତ୍‌ସେନ୍‌ଙ୍କ (Sun Yat Sen)ଙ୍କ ନେତୃତ୍ୱରେ ଚୀନ୍ ଦେଶରେ ଜାତୀୟତାବାଦୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ତାଙ୍କର କୋମିଙ୍ଗ୍‌ଟାଙ୍ଗ୍ ଦଳ ଜାତୀୟ ସରକାର ଗଠନ କଲେ । ଚୀନର ସାମ୍ୟବାଦୀ ଦଳ ମଧ୍ୟ ଏହି ଜାତୀୟ ସରକାରକୁ ସହଯୋଗ କରିଥିଲା । ମାତ୍ର ସନ୍‌ୟାତ୍‌ସେନ୍‌ଙ୍କ ମୃତ୍ୟୁପରେ



(ଚିଆଙ୍ଗ୍ କାଇ ଶେକ୍)


ଏହି ଦୁଇଦଳ ମଧ୍ୟରେ ମତଭେଦ ଦେଖାଦେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ଚ଼ୀନ୍ ଦେଶରେ ଚିଆଙ୍ଗ୍ କାଇ ଶେକ୍ (Chiang Kai Shek) ଙ୍କ ନେତୃତ୍ୱରେ



(ମାଓ ସେ ତୁଙ୍ଗ୍ )

କୋମିଙ୍ଗ୍‌ଟାଙ୍ଗ ଦଳ କ୍ଷମତାସୀନ ଥିଲା । ୧୯୩୧ ମସିହାରେ ଜାପାନ୍‌ର ମାଞ୍ଚୁରିଆ ଆକ୍ରମଣଠାରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ଚ଼ୀନର ସେନାବାହିନୀ କ୍ରମାଗତ ଭାବରେ ଜାପାନ୍‌ଠାରୁ ପରାଜୟ ବରଣ କରିଥିଲା । ଯୁଦ୍ଧରେ ପରାଜିତ ହେବା ଯୋଗୁଁ ଏବଂ ଦେଶର ଦୁର୍ବଳ ଆର୍ଥିକ ସ୍ଥିତିକୁ ସୁଧାରିବାରେ ଅକ୍ଷମ ହେବାରୁ ମାଓ ସେ ତୁଙ୍ଗ୍ (Mao Tse Tung) ଙ୍କ ନେତୃତ୍ୱାଧୀନ ସାମ୍ୟବାଦୀ ଦଳ ଓ ଚିଆଙ୍ଗ୍ କାଇ ଶେକ୍‌ଙ୍କର କୋମିଙ୍ଗ୍‌ଟାଙ୍ଗ୍ ଦଳ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା । ବିପୁଳ ଜନ ସମର୍ଥନ ବଳରେ ମାଓ ସେ ତୁଙ୍ଗ୍ ବିଜୟଲାଭ କରି ୧୯୪୯ ମସିହା ଅକ୍ଟୋବର ୧ ତାରିଖରେ ଚୀନ୍ ଦେଶରେ ଲୋକ ସାଧାରଣତନ୍ତ୍ର (People’s Republic) ସରକାର ଗଠନ କରିଥିଲେ । ଚିଆଙ୍ଗ କାଇ ଶେକ୍ ପରାଜିତ ହୋଇ ଫର୍ମୋଜା ଦ୍ୱୀପକୁ ପଳାୟନ କଲେ । ସେଠାରେ ସେ ଯୁକ୍ତରାଷ୍ଟ୍ର ଆମେରିକା ସହଯୋଗରେ ସରକାର ଗଠନ କରି ସ୍ୱାଧୀନ ତାଇୱାନ୍ ରାଷ୍ଟ୍ର ପ୍ରତିଷ୍ଠା କରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଜାପାନ୍ କବଳରୁ କୋରିଆ ମୁକ୍ତି ଲାଭ କରି ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ନାମରେ ଦୁଇଭାଗ ହୋଇଥିଲା । ସୋଭିଏତ୍ ରୁଷ୍ ସମର୍ଥନରେ ଉତ୍ତର କୋରିଆରେ ସାମ୍ୟବାଦୀ ସରକାର ପ୍ରତିଷ୍ଠିତ ହେବା ପରେ ୨୫ ଜୁନ୍ ୧୯୫୦ ମସିହାରେ ଉତ୍ତର କୋରିଆ ଦକ୍ଷିଣ କୋରିଆ ଉପରେ ଆକ୍ରମଣ କଲା । ଫଳରେ କୋରିଆ ଯୁଦ୍ଧ ଆରମ୍ଭ ହେଲା । ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା ପ୍ରେରିତ ସୈନ୍ୟବାହିନୀ ଉତ୍ତର କୋରିଆର ସୈନ୍ୟମାନଙ୍କୁ ଦକ୍ଷିଣ କୋରିଆରୁ ବିତାଡ଼ିତ କରିଥିଲେ । ଯୁଦ୍ଧର ଅବସାନ ହେଲା । ୧୯୫୪ ମସିହାରେ ଅନୁଷ୍ଠିତ ଜେନେଭା ସମ୍ମିଳନୀରେ ଉତ୍ତର କୋରିଆ ଓ ଦକ୍ଷିଣ କୋରିଆକୁ ଦୁଇଟି ସ୍ୱାଧୀନ ରାଷ୍ଟ୍ରରୂପେ ପରିଗଣିତ କରାଗଲା ଏବଂ ୩୮° ସମାନ୍ତରକୁ ଉଭୟ ଦେଶର ସୀମାରେଖା ରୂପେ ନିର୍ଣ୍ଣୟ କରାଗଲା ।




(ଉପନିବେଶମୁକ୍ତ ଏସିଆର ସ୍ୱାଧୀନ ରାଷ୍ଟ୍ରଗଣ)

ଭିଏତ୍‌ନାମ୍‌ରେ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ଫରାସୀ ଶାସନ ବିରୋଧରେ ମୁକ୍ତି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନ ନେତୃତ୍ୱ ନେଇଥିଲେ ହୋ ଚି ମିନ୍ (Ho Chi Minh) । ସେ ସାମ୍ୟବଦୀ ଚିନ୍ତାଧାରା ଦ୍ୱାରା



(ହୋ ଚି ମିନ୍ )

ଉଦ୍‌ବୁଦ୍ଧ ହୋଇ 'ଭିଏତ୍ ମିନ୍' (Viet Minh) ନାମକ ଏକ ଗଣବାହିନୀ ଗଠନ କରିଥିଲେ ଏବଂ ଫରାସୀ ସୈନ୍ୟମାନଙ୍କୁ ପରାଜିତ କରିଥିଲେ । ସୋଭିଏତ୍ ରୁଷ୍ ଓ ଚୀନ୍ ଭିଏତ୍‌ନାମ୍‌ର ମୁକ୍ତି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ୧୯୫୪ ମସିହାରେ ଜେନେଭା ସମ୍ମିଳନୀରେ ଭିଏତ୍‌ନାମ୍‌କୁ ଭାଗକରି ଉତ୍ତର ଭିଏତ୍‌ନାମ୍ ଓ ଦକ୍ଷିଣ ଭିଏତ୍‌ନାମ୍ ନାମକ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଗଠନ କରାଯାଇଥିଲା । ଲାଓସ୍‌ରେ ଫରାସୀ ଶାସନ ବିରୋଧରେ ପାଥେଟ୍‌ଲାଓ (Pathet Lao) ନାମକ ଗଣବାହିନୀ ଆନ୍ଦୋଳନ ଚଳାଇ ୧୯୫୪ ମସିହାରେ ସ୍ୱାଧୀନ ଲାଓସ୍ ରାଜ୍ୟ ଗଠନ କରିଥିଲେ । କାମ୍ବୋଡ଼ିଆ ମଧ୍ୟ ଫରାସୀ ଶାସନରୁ ମୁକ୍ତିପାଇ ନାରୋଦମ୍ ସିହାନୋକଙ୍କ ନେତୃତ୍ୱରେ ନିଜକୁ ସ୍ୱାଧୀନ ରାଷ୍ଟ୍ର ରୂପେ ଘୋଷଣା କରିଥିଲା ।

***ତୁମ ପାଇଁ କାମ :***

***ସାମ୍ରାଜ୍ୟବାଦ କବଳରୁ ମୁକ୍ତିଲାଭ କରିଥିବା ଏସିଆ ମହାଦେଶର ଦେଶଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।***

ପଶ୍ଚିମ ଏସୀୟ ରାଷ୍ଟ୍ର ସିରିଆ ଓ ଲେବାନନ୍ ମୁକ୍ତି ଆନ୍ଦୋଳନ ଚଳାଇ ୧୯୪୬ ମସିହାରେ ଫରାସୀମାନଙ୍କୁ ବିତାଡ଼ିତକରି ସ୍ୱାଧୀନ ହୋଇଥିଲେ । ଆରବ ଦେଶମାନଙ୍କରେ ମୁକ୍ତି ଆନ୍ଦୋଳନ 'ଆରବ ଲିଗ୍' ମାଧ୍ୟମରେ ଆଶାନୁରୂପ ସଫଳତା ଲାଭ କରିଥିଲା । ୟେମନ୍, ଜୋର୍ଡାନ୍, ଇରାନ୍ ପ୍ରଭୃତି ଦେଶ ବିଦେଶୀ ପ୍ରଭାବରୁ ନିଜକୁ ମୁକ୍ତ କରିଥିଲେ ।

### ଆଫ୍ରିକାରେ ମୁକ୍ତି ଆନ୍ଦୋଳନ :

ଆଫ୍ରିକା ମହାଦେଶରେ ମଧ୍ୟ ରାଜନୈତିକ ଓ ଜାତୀୟ ଜାଗରଣ ଦେଖା ଦେଇଥିଲା । ଆଫ୍ରିକୀୟ ଜାତୀୟ କଂଗ୍ରେସ ଦକ୍ଷିଣ ଆଫ୍ରିକାରେ ଆନ୍ଦୋଳନର ନେତୃତ୍ୱ ନେଇ ଏହାକୁ ଚାଲୁ ରଖିଥିଲା । ଇଥିଓପିଆ (ପୂର୍ବତନ ଆବିସିନିଆ)ରେ ଇଟାଲୀ ଆକ୍ରମଣକୁ ଦୃଢ଼ ଭାବରେ ପ୍ରତିରୋଧ କରାଗଲା । ଉପନିବେଶବାଦୀ ଓ ସାମ୍ରାଜ୍ୟବାଦୀ ଶକ୍ତିଗୁଡ଼ିକ କ୍ରମଶଃ ଦୁର୍ବଳ ହୋଇପଡ଼ିଲେ । ଜନସାଧାରଣଙ୍କର ବିରୋଧର ମୁକାବିଲା କରି ନ ପାରି ସେମାନେ ଗୋଟିଏ ପରେ ଗୋଟିଏ ଉପନିବେଶକୁ ସ୍ୱାଧୀନତା ଦେବାକୁ ବାଧ୍ୟ ହୋଇଥିଲେ ।


ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଜିପ୍ଟରେ ଗଣ ଆନ୍ଦୋଳନ ସଂଗଠିତ ହୋଇ ବ୍ରିଟିଶ୍ ସମର୍ଥିତ ରାଜତନ୍ତ୍ରର ପତନ ଘଟିଲା । ୧୯୫୨ ମସିହାରେ ସେଠାକାର ରାଜା ଫାରୁକ୍‌ଙ୍କୁ ଗାଦିଚ୍ୟୁତ କରି ଜେନେରାଲ୍ ନାଗୁଇବ୍ (General Naguib) ଶାସନ କ୍ଷମତା ହାତକୁ ନେଇଥିଲେ । ୧୯୫୪ ମସିହାରେ କର୍ଣ୍ଣେଲ୍ ଗାମାଲ୍ ଅବ୍‌ଦୁଲ୍ ନାସେର୍ ବିପ୍ଳବୀ ପରିଷଦର ଅଧ୍ୟକ୍ଷ ହୋଇ ଇଜିପ୍ଟ ଦେଶରେ ନୂତନ ସରକାର ଗଢ଼ିଥଲେ । ଫରାସୀ ସରକାର ବିରୋଧରେ ସଂଗ୍ରାମ ଚଳାଇ ମରକ୍କୋ ଓ ଟ୍ୟୁନିସିଆ ୧୯୫୬ ମସିହାରେ ସ୍ୱାଧୀନ ହୋଇଥିଲେ ।



(ଜେନେରାଲ ନାଗୁଇବ୍)

୧୯୫୪ ମସିହାରେ ଆଲ୍‌ଜେରିଆରେ ‘ଜାତୀୟ ମୁକ୍ତି ସାମ୍ମୁଖ୍ୟ’ ଗଠିତ ହେଲା ଏବଂ ଏହା ଫରାସୀ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମ ଘୋଷଣା କରିଥିଲା । ଫରାସୀ ସାମ୍ୟବାଦୀ ଦଳ ଓ ଅନ୍ୟାନ୍ୟ ଉଦାରଚେତା ନେତାମାନେ ଆଲ୍‌ଜେରିଆର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କଲେ । ଫ୍ରାନ୍ସର ଜେନେରାଲ୍ ଡି’ଗଲ୍ ସରକାର ମଧ୍ୟ ଆଲ୍‌ଜେରିଆର ସ୍ୱାଧୀନତା ପ୍ରତି ସମ୍ବେଦନା ପ୍ରକାଶ କଲେ । ଫଳରେ ୧୯୬୨ ମସିହା ଜୁଲାଇ ମାସରେ ଆଲ୍‌ଜେରିଆ ସ୍ୱାଧୀନ ହେଲା ।

ବ୍ରିଟିଶ୍ ଶାସନାଧୀନ ଆଫ୍ରିକୀୟ କୃଷ୍ଣକାୟ ଦେଶ ଗୋଲ୍ଡକୋଷ୍ଟରେ ଡ: କ୍ୱାମେ ଏନ୍‌କ୍ରୁମା (Dr. Kwame Nkrumah) ଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହା ୧୯୫୭ ମସିହା ମାର୍ଚ୍ଚ ମାସ ୬ ତାରିଖରେ ବ୍ରିଟିଶ ଶାସନରୁ ମୁକ୍ତ ହୋଇ ଘାନା ନାମରେ ପରିଚିତ ହେଲା । ଫରାସୀ ଶାସନାଧୀନ ଗିନିରେ ଜନମତ ଗ୍ରହଣ କରାଯାଇ ୧୯୫୮ ମସିହା ଅକ୍ଟୋବର ୨ ତାରିଖ ଦିନ ଏକ ସାଧାରଣତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା । ୧୯୬୦ ମସିହାରେ ଆଫ୍ରିକାର ୧୭ଟି ଦେଶ ଯଥା ମୌରିଟାନିଆ, ମାଲି, ନାଇଜର୍, ଚାଦ୍, ସେନେଗାଲ୍, ଅପର୍‌ଭୋଲ୍‌ଟା,




(ଆଫ୍ରିକା ମହାଦେଶର ସ୍ୱାଧୀନ ରାଷ୍ଟ୍ର)

ଆଇଭରିକୋଷ୍ଟ, ଟୋଗୋ, ଦାହୋମେ, ନାଇଜେରିଆ, କାମେରୁନ୍, ମଧ୍ୟ ଆଫ୍ରିକା ସାଧାରଣତନ୍ତ୍ର, ଗାବୋନ୍, କଙ୍ଗୋ, ସୋମାଲିଆ, ମାଲାଗାସି, କଙ୍ଗୋ ସାଧାରଣତନ୍ତ୍ର ପ୍ରଭୃତି ସ୍ୱାଧୀନ ହୋଇଥିଲେ । ତେଣୁ ଏହି ବର୍ଷକୁ 'ଆଫ୍ରିକା ବର୍ଷ' କୁହାଯାଏ । ସେହିପରି ୧୯୬୧ ମସିହାରୁ ୧୯୬୬ ମସିହା ମଧ୍ୟରେ ଗାମ୍ବିଆ, ସିଏରାଲିଓନ୍, ରୁଓ୍ୱାଣ୍ଡା, ଉଗାଣ୍ଡା, କେନିଆ, ତାଞ୍ଜାନିଆ, ମାଲାଓ୍ୱି, ଜାମ୍ବିଆ, ବୋଟ୍ସଓ୍ୱାନା, ଲେସୋଥୋ ପ୍ରଭୃତି ରାଜ୍ୟ ସ୍ୱାଧୀନ ହୋଇଥିଲେ ।

**ତୁମ ପାଇଁ କାମ :**

***ଆଫ୍ରିକା ମହାଦେଶର ମାନଚିତ୍ରରେ ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ସ୍ୱାଧୀନତା ଲାଭ କରିଥିବା ଆଫ୍ରିକୀୟ ଦେଶ ଗୁଡ଼ିକୁ ଚିହ୍ନଟ କର ।***

ପର୍ତ୍ତୁଗୀଜ୍ ଉପନିବେଶ ମୋଜାମ୍ବିକ୍ ଓ ଆଙ୍ଗୋଲାରେ ମୁକ୍ତି ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଥିଲା । ଏହି ଆନ୍ଦୋଳନ ପ୍ରତି ଅନେକ ଆଫ୍ରିକୀୟ ସ୍ୱାଧୀନ ରାଷ୍ଟ୍ର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମର୍ଥନ ଜଣାଇଲେ । ୧୯୭୫ ମସିହା ବେଳକୁ ଏହି ଦୁଇଟି ପର୍ତ୍ତୁଗୀଜ୍ ଉପନିବେଶ ସ୍ୱାଧୀନ ହୋଇଥିଲେ । ରୋଡ଼େସିଆର ବିଭିନ୍ନ ଅଞ୍ଚଳରେ ବ୍ରିଟିଶ୍ ଉପନିବେଶବାଦ ବିରୋଧରେ ଗଣ ଆନ୍ଦୋଳନ ଦେଖା ଦେଇଥିଲା । ଦକ୍ଷିଣ ରୋଡ଼େସିଆର ମୁକ୍ତି ଆନ୍ଦୋଳନକୁ ସଂଯୁକ୍ତ ରାଷ୍ଟ୍ରସଂଘ ସାଧାରଣ ପରିଷଦ ସମର୍ଥନ ଜଣାଇଲା । ଫଳରେ ଦକ୍ଷିଣ ରୋଡ଼େସିଆ ୧୯୮୦ ମସିହା ଏପ୍ରିଲ ମାସରେ ସ୍ୱାଧୀନ ହୋଇ ଜିମ୍ବାବ୍ୱେ ନାମରେ ପରିଚିତ ହେଲା ।

ଦକ୍ଷିଣ-ପଶ୍ଚିମ ଆଫ୍ରିକାରେ ମଧ୍ୟ ଉପନିବେଶ ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ପରେ ଏହାକୁ ଜର୍ମାନୀଠାରୁ ଛଡ଼ାଇ ନିଆଯାଇ ଦକ୍ଷିଣ ଆଫ୍ରିକା ତତ୍ତ୍ୱାବଧାନରେ ରଖାଯାଇଥିଲା । ମାତ୍ର ଦକ୍ଷିଣ ଆଫ୍ରିକା ଏହାକୁ ଏକ ଉପନିବେଶ ଭାବରେ ଶାସନ କରିଥିଲା । ଏହାର ଜନସାଧାରଣ ଦକ୍ଷିଣ-ପଶ୍ଚିମ ଆଫ୍ରିକା ଜନ ସଂଗଠନ (South West African Peoples' Organization-SWAPO) ନାମକ ଏକ ବଳିଷ୍ଠ ସଂଗଠନ ଗଢ଼ି ଆନ୍ଦୋଳନ ଚଳାଇ ରଖିଲେ । ଶେଷରେ ଦକ୍ଷିଣ-ପଶ୍ଚିମ ଆଫ୍ରିକା ମାର୍ଚ୍ଚ ୨୧, ୧୯୯୦ ରେ ସ୍ୱାଧୀନ ହେଲା ଏବଂ ଏହାର ନୂତନ ନାମ ହେଲା ନାମିବିଆ ।

ଦକ୍ଷିଣ ଆଫ୍ରିକାର ଶାସନ ବ୍ୟବସ୍ଥା ଔପନିବେଶିକ ଶାସନ ବ୍ୟବସ୍ଥା ଠାରୁ ଅଧିକ ଭୟଙ୍କର ଓ ନିନ୍ଦନୀୟ ଥିଲା । ସେଠାରେ ସଂଖ୍ୟାଲଘୁ ଶ୍ୱେତାଙ୍ଗମାନେ ସଂଖ୍ୟାଗରିଷ୍ଠ କୃଷ୍ଣକାୟମାନଙ୍କୁ ଶାସନ କରୁଥିଲେ ଏବଂ ସେମାନଙ୍କୁ ଘୃଣା ଓ ଶୋଷଣ ମଧ୍ୟ କରୁଥିଲେ । ଶ୍ୱେତାଙ୍ଗମାନଙ୍କର ଧାରଣା ଥିଲା ଯେ କୃଷ୍ଣକାୟମାନେ ଶାରୀରିକ ଓ ମାନସିକ ଦୃଷ୍ଟିରୁ ସେମାନଙ୍କଠାରୁ ନିକୃଷ୍ଟ । ନିଜକୁ ଶାସନ କରିବାର କ୍ଷମତା ସେମାନଙ୍କର ନାହିଁ । ଏଣୁ ଶ୍ୱେତାଙ୍ଗମାନଙ୍କର ଶାସନ ନ୍ୟାୟ ସଙ୍ଗତ । ଶ୍ୱେତାଙ୍ଗମାନଙ୍କ ଏହି ନୀତିକୁ ବର୍ଣ୍ଣବିଦ୍ୱେଷ ବା ବର୍ଣ୍ଣବୈଷମ୍ୟ ନୀତି (Apartheid) କୁହାଯାଏ । ଏହି ନୀତି ଯୋଗୁଁ କୃଷ୍ଣକାୟମାନେ ଦେଶ ଶାସନରେ ଭାଗ ନେଇ ପାରୁ ନ ଥିଲେ । ଶ୍ୱେତାଙ୍ଗମାନଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ, କ୍ଲବ୍, ଡାକ୍ତରଖାନା, ଭୋଜନାଳୟ ପ୍ରଭୃତିରେ କୃଷ୍ଣକାୟମାନଙ୍କର ପ୍ରବେଶ ନିଷେଧ ଥିଲା । ଏହି ନୀତିକୁ ବଜାୟ ରଖିବା ପାଇଁ ଶ୍ୱେତାଙ୍ଗ ସରକାର ବଦ୍ଧପରିକର ହୋଇଥିଲାବେଳେ କୃଷ୍ଣକାୟମାନେ ଏହାର ବିରୋଧ କରିଥିଲେ ।

କୃଷ୍ଣକାୟମାନେ 'ଆଫ୍ରିକୀୟ ଜାତୀୟ କଂଗ୍ରେସ୍' ନାମକ ଏକ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଚଳାଇଥିଲେ । ଭାରତର ମହାନ୍ ମୁକ୍ତି ସଂଗ୍ରାମୀ ମୋହନଦାସ୍ କରମଚାନ୍ଦ ଗାନ୍ଧୀ ସେତେବେଳେ (୧୮୯୩ ଖ୍ରୀ:ଅ ରୁ ୧୯୧୪ ଖ୍ରୀଅ:) ଦକ୍ଷିଣ ଆଫ୍ରିକାରେ ଅବସ୍ଥାନ କରୁଥିଲେ । ମହାତ୍ମା ଗାନ୍ଧୀଙ୍କର ନୀତି ଓ ଆଦର୍ଶରେ ଆଫ୍ରିକୀୟ ଆନ୍ଦୋଳନ ପରିଚାଳିତ ହୋଇଥିଲା । ପର୍ଯ୍ୟାୟ କ୍ରମେ ଡେସ୍ମଣ୍ଡ ଲୁଥୁଲି, ଓ୍ୱାଲଟର୍ ସିସୁଲି ଓ ନେଲ୍ସନ୍ ମାଣ୍ଡେଲା ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏହି

ଆନ୍ଦୋଳନକୁ ବିରୋଧକରି ଶ୍ୱେତାଙ୍ଗ ସରକାର ପ୍ରବଳ ଦମନଲୀଳା ଚଳାଇଲେ ।



ଡେସ୍‌ମଣ୍ଡ ଲୁଥୁଲି

**ତୁମ ପାଇଁ କାମ :**

*ମହାତ୍ମାଗାନ୍ଧୀ ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷ ନୀତିର ବିରୋଧ କରି କି କି ପଦକ୍ଷେପ ନେଇଥିଲେ ଏବଂ କିପରି ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହୋଇଥିଲେ ସେ ସମ୍ପର୍କରେ ବିଭିନ୍ନ ବହି ସଂଗ୍ରହ କରି ପଢ଼ ଓ ଜାଣ ।*

ପୃଥିବୀର ବହୁଦେଶ ଦକ୍ଷିଣ ଆଫ୍ରିକା ସରକାରଙ୍କର ବର୍ଣ୍ଣବିଦ୍ୱେଷ ନୀତିକୁ ତୀବ୍ର ସମାଲୋଚ଼ନା କରିଥିଲେ । ସଂଯୁକ୍ତ ରାଷ୍ଟ୍ରସଂଘ ଏହାର ବିରୋଧ କରି ଦକ୍ଷିଣ ଆଫ୍ରିକା ବିରୋଧରେ ଅର୍ଥନୈତିକ ବାସନ୍ଦ ଲାଗୁ କରିଥିଲା । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା ଓ ବ୍ରିଟେନ୍ ପ୍ରଭୃତି ଦେଶ ଦକ୍ଷିଣ ଆଫ୍ରିକା ସରକାରଙ୍କ ସହିତ ଅର୍ଥନୈତିକ ସମ୍ପର୍କ ବଜାୟ ରଖିଥିଲେ ଓ ସାମରିକ ସାହାଯ୍ୟ ମଧ୍ୟ ଯୋଗାଇ ଦେଉଥିଲେ । କୃଷ୍ଣକାୟମାନଙ୍କର ଆନ୍ଦୋଳନକୁ ସାମ୍ୟବାଦୀ ଦେଶମାନେ ସମର୍ଥନ କରୁଥିବାରୁ ସେମାନେ ପରୋକ୍ଷରେ ଏହି ନୀତି ଅବଲମ୍ବନ କରୁଥିଲେ । କିନ୍ତୁ ବ୍ରିଟେନ୍‌ର ଶ୍ରମିକ ଦଳ ଓ ଯୁକ୍ତରାଷ୍ଟ୍ର ଆମେରିକାର କୃଷ୍ଣକାୟମାନେ ବର୍ଣ୍ଣ-ବିଦ୍ୱେଷ ନୀତିର ବିରୋଧ କରୁଥିଲେ । ବହୁ ବର୍ଷଧରି ଆନ୍ତର୍ଜାତିକ ସମାଲୋଚନା ଓ ଚାପ ଫଳରେ ଶ୍ୱେତାଙ୍ଗ ସରକାର ବାଧହୋଇ ସମାଧାନ ପାଇଁ ଆଗେଇ ଆସିଲେ । ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୃଷ୍ଣକାୟ ନେତା ନେଲ୍‌ସନ୍ ମାଣ୍ଡେଲା (Nelson Mandela) କାରାମୁକ୍ତ ହୋଇ ୧୦ ମେ ୧୯୯୪ ମସିହାରେ ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ହେଲେ । ସେଠାରେ ସ୍ୱେଚ୍ଛାଚାରୀ ଶ୍ୱେତାଙ୍ଗ ଶାସନ ବଦଳରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେଲା ।

## ପ୍ରଶ୍ନାବଳୀ

**୧. ନିମ୍ନଲିଖିତ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଚୀନ୍ ଦେଶରେ ଗୃହଯୁଦ୍ଧ ଆରମ୍ଭ ହେଲା କାହିଁକି ? ଏହାର ପରିଣତି କ'ଣ ହେଲା ?

(ଖ) କୋରିଆ ଯୁଦ୍ଧ ସମ୍ପର୍କରେ ସଂକ୍ଷେପରେ ଲେଖ ।

(ଗ) ବର୍ଣ୍ଣବିଦ୍ୱେଷ ନୀତି କାହାକୁ କୁହାଯାଏ ? ଏହାର ପରିସମାପ୍ତି କିପରି ଘଟିଥିଲା ?

(ଘ) ୧୯୬୦ ମସିହା ମଧ୍ୟରେ ଆଫ୍ରିକାରେ ସ୍ୱାଧୀନତା ଲାଭ କରିଥିବା ରାଷ୍ଟ୍ରଗୁଡ଼ିକ ସମ୍ପର୍କରେ ସଂକ୍ଷେପରେ ଲେଖ ।

## ଇତିହାସ

**୨.   ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଏସିଆ ଓ ଆଫ୍ରିକା ମହାଦେଶର ଉପନିବେଶ ଗୁଡ଼ିକରେ ତୀବ୍ର ଜନ ଅସନ୍ତୋଷ କାହିଁକି ଦେଖାଦେଇଥିଲା ?

(ଖ) ଇରାନ୍ କାହାର ଉପନିବେଶ ଥିଲା ? କାହା ନେତୃତ୍ୱରେ ଓ କେବେ ଏହା ସ୍ୱାଧୀନ ହୋଇଥିଲା ?

(ଗ) ତୁର୍କୀର ଜନସାଧାରଣ କାହା ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ କରିଥିଲେ ? ଏହା କିପରି ଏକ ସାଧାରଣତନ୍ତ୍ରରେ ପରିଣତ ହୋଇଥିଲା ?

(ଘ) କିଏ ଭିଏତ୍‌ନାମ୍‌ରେ ମୁକ୍ତି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ? ସେ ଗଠନ କରିଥିବା ଗଣବାହିନୀର ନାମ କ'ଣ ?

(ଙ) ଆଲ୍‌ଜେରିଆରେ 'ଜାତୀୟ ମୁକ୍ତି ସାମ୍ମୁଖ୍ୟ' କେବେ ଗଠିତ ହୋଇଥିଲା ? ଏହା କେବେ ସ୍ୱାଧୀନ ହେଲା ?

(ଚ) ୧୯୬୦ ମସିହାରେ ଆଫ୍ରିକାର ସ୍ୱାଧୀନତା ଲାଭ କରିଥିବା ୪ଟି ଦେଶର ନାମ ଲେଖ।

(ଛ) ଦକ୍ଷିଣ ରୋଡ଼େସିଆ କେବେ ସ୍ୱାଧୀନ ହେଲା ? ଏହାର ନୂତନ ନାମ କ'ଣ ?

(ଜ) ଗୋଲ୍ଡ କୋଷ୍ଟରେ କାହା ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଥିଲା ? ଏହା କେବେ ସ୍ୱାଧୀନ ହେଲା ?

(ଝ) ଦକ୍ଷିଣ ପଶ୍ଚିମ ଆଫ୍ରିକାର ଜନସାଧାରଣ କେଉଁ ବଳିଷ୍ଠ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଚଳାଇଥିଲେ ? ସ୍ୱାଧୀନତା ପରେ ଏହି ଦେଶର ନୂତନ ନାମ କ'ଣ ହେଲା ?

(ଞ) ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବିଦ୍ୱେଷ ନୀତି ଯୋଗୁଁ କୃଷ୍ଣକାୟମାନେ କିପରି ଅତ୍ୟାଚାରିତ ହେଉଥିଲେ ?

**୩.   ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କାହା ନେତୃତ୍ୱରେ ଓ କେବେ ବ୍ରହ୍ମଦେଶ ସ୍ୱାଧୀନ ହେଲା ?

(ଖ) କେଉଁ ସମ୍ମିଳନୀରେ ଓ କେବେ ଉତ୍ତର କୋରିଆ ଓ ଦକ୍ଷିଣ କୋରିଆକୁ ଦୁଇଟି ସ୍ୱାଧୀନରାଷ୍ଟ୍ରରେ ପରିଣତ କରାଗଲା ?

(ଗ) ଗୋଲ୍ଡକୋଷ୍ଟରେ କାହା ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା ?

(ଘ) ୧୯୭୫ ମସିହା ବେଳକୁ ଆଫ୍ରିକା ମହାଦେଶର କେଉଁ ଦୁଇଟି ପର୍ତ୍ତୁଗୀଜ୍ ଉପନିବେଶ ସ୍ୱାଧୀନ ହୋଇଥିଲା ?

(ଙ) ବର୍ଣ୍ଣବିଦ୍ୱେଷ ନୀତି ବିରୋଧରେ ହୋଇଥିବା ଆନ୍ଦୋଳନରେ କିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ?

(ଚ) ନେଲ୍‌ସନ୍ ମାଣ୍ଡେଲା କେବେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ହୋଇଥିଲେ ?

(ଛ) କେଉଁ ବର୍ଷକୁ 'ଆଫ୍ରିକା ବର୍ଷ' କୁହାଯାଏ ?

(ଜ) ଚିଆଙ୍ଗ କାଇଶେକ୍ କାହା ସହଯୋଗରେ ଫର୍ମୋଜା ଦ୍ୱୀପରେ ସ୍ୱାଧୀନ ତାଇୱାନ୍ ରାଷ୍ଟ୍ର ପ୍ରତିଷ୍ଠା କରିଥିଲେ ?

(ଝ) ସ୍ୱାଧୀନତା ଲାଭ କରିବା ପରେ ଗୋଲ୍ଡକୋଷ୍ଟ୍‌ର ନୂତନ ନାମ କ'ଣ ହେଲା ।

(ଞ) ଜେନେରାଲ୍ ନାଗୁଇବ୍ କେବେ ଇଜିପ୍ଟର ଶାସନ କ୍ଷମତା ନିଜ ହାତକୁ ନେଇଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ତା'ର କ୍ରମିକ ନମ୍ବର ସହିତ ବାଛି ଲେଖ ।**

(କ) ସିଙ୍ଗାପୁର କାହାର ଉପନିବେଶ ଥିଲା ?

(i) ଜାପାନ୍ (ii) ଯୁକ୍ତରାଷ୍ଟ୍ର ଆମେରିକା (iii) ଫ୍ରାନ୍ସ (iv) ବ୍ରିଟେନ୍

(ଖ) ପାଥେଟ୍ ଲାଓ ନାମକ ଗଣବାହିନୀ କେଉଁ ଦେଶର ସ୍ୱାଧୀନତା ପାଇଁ ଆନ୍ଦୋଳନ କରିଥିଲା ?

(i) ଲାଓସ୍ (ii) କାମ୍ବୋଡିଆ (iii) ଇଣ୍ଡୋନେସିଆ (iv) ଶ୍ରୀଲଙ୍କା

(ଗ) କେଉଁ ଦେଶଟି ସ୍ୱାଧୀନତା ପରେ ଘାନା ନାମରେ ପରିଚିତ ହେଲା ?

(i) ଅପରଭୋଲଟା (ii) ଆଇଭରିକୋଷ୍ଟ (iii) ଗୋଲ୍ଡକୋଷ୍ଟ (iv) ଟ୍ୟୁନିସିଆ

(ଘ) କର୍ଣ୍ଣେଲ୍ ଗମାଲ୍ ଅବ୍‌ଦୁଲ୍ ନାସେର୍ କେଉଁ ଦେଶରେ ନୂତନ ସରକାର ଗଢ଼ିଥିଲେ ?

(i) ଇଥିଓପିଆ (ii) ଇଜିପ୍ଟ (iii) ଆଲ୍‌ଜେରିଆ (iv) ଟାଞ୍ଜାନିଆ

(ଙ) କାମ୍ବୋଡିଆ କାହା ନେତୃତ୍ୱରେ ସ୍ୱାଧୀନ ହୋଇଥିଲା ?

(i) ହୋଚିମିନ (ii) ନାରୋଦମ୍ ସିହାନୋକ (iii) ଜେନେରାଲ୍ ନାଗୁଇବ (iv) ଜେନେରାଲ୍ ଡି ଗଲ୍

(ଚ) ମରକ୍କୋ ଓ ଟ୍ୟୁନିସିଆ କେଉଁ ମସିହାରେ ସ୍ୱାଧୀନ ହୋଇଥିଲେ ?

(i) ୧୯୫୪ (ii) ୧୯୫୫ (iii) ୧୯୫୬ (iv) ୧୯୫୭

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

### ତୃତୀୟ ଅଧ୍ୟାୟ

# ୧୯୪୫ ପରବର୍ତ୍ତୀ ପୃଥିବୀ : କେତେକ ପ୍ରମୁଖ ଘଟଣା ପ୍ରବାହ
# (World After 1945 - Some Major Events)

### ପ୍ରଥମ ପାଠ

## ଶୀତଳ ଯୁଦ୍ଧ – କାରଣ ଓ ଫଳାଫଳ
## Cold War - Causes & Consequences

ଶୀତଳ ଯୁଦ୍ଧ ଅସ୍ତ୍ରଶସ୍ତ୍ରର ଯୁଦ୍ଧ ନୁହେଁ । ଏହା ଆଦର୍ଶଗତ ବିଭେଦ, ଅପପ୍ରଚାର ଏବଂ କୂଟନୀତିସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା । ଏଥିରେ ପ୍ରତ୍ୟକ୍ଷ ସଂଘର୍ଷ ବା ସ୍ଥାୟୀ ଶାନ୍ତି ନ ଥାଏ । ଏ ଯୁଦ୍ଧରେ ପ୍ରତ୍ୟେକ ପକ୍ଷ ନିଜର ଶକ୍ତି ବୃଦ୍ଧି କରିବାକୁ ଉଦ୍ୟମ କରିବା ସହିତ ଅନ୍ୟ ପକ୍ଷକୁ ଦୁର୍ବଳ କରିଦେବାକୁ ସମସ୍ତ ପ୍ରକାରର ପଦକ୍ଷେପ ନେଇଥାଆନ୍ତି । 'ଶୀତଳ ଯୁଦ୍ଧ'ଶବ୍ଦଟିକୁ ପ୍ରଥମେ ଆମେରିକୀୟ ରାଜନୀତିଜ୍ଞ ବର୍ଣ୍ଣାଡ୍ ବାରୁକ୍ (Bernard Baruch) ୧୬ ଏପ୍ରିଲ



(ବର୍ଣ୍ଣାଡ୍ ବାରୁକ୍)

୧୯୪୭ରେ ବ୍ୟବହାର କରିଥିଲେ । ପରବର୍ତ୍ତୀ କାଳରେ ଆମେରିକାର ବୁଦ୍ଧିଜୀବୀ ଓ ସାମ୍ବାଦିକ ୱାଲଟର ଲିପମାନ୍ (Walter Lipmann) ତାଙ୍କ ପୁସ୍ତକରେ ଏ ଶବ୍ଦଟିକୁ ବ୍ୟବହାର କରି ଏହାକୁ ଜନପ୍ରିୟ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୋଭିଏତ୍ ରୁଷ୍ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସମ୍ପର୍କକୁ ବର୍ଣ୍ଣନା କରିବା ଉଦ୍ଦେଶ୍ୟରେ ଏହି ଶବ୍ଦଟି ବ୍ୟବହୃତ ହୋଇଥିଲା । ସାମ୍ୟବାଦୀ ସୋଭିଏତ୍ ରୁଷ୍ ଏବଂ ଗଣତନ୍ତ୍ରବାଦୀ ତଥା ପୁଞ୍ଜିବାଦୀ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ କ୍ରମାଗତ ଉତ୍ତେଜନା ଓ ଦ୍ୱନ୍ଦ୍ୱର ଆନ୍ତର୍ଜାତିକ ରାଜନୈତିକ ପରିବେଶ ଉପରେ ପ୍ରଭାବହିଁ ହେଉଛି ଶୀତଳ ଯୁଦ୍ଧ ।

କେତେକ ଐତିହାସିକ ବିଶ୍ୱାସ କରନ୍ତି ଯେ ଶୀତଳ ଯୁଦ୍ଧର ଆରମ୍ଭ ହୋଇଥିଲା ୧୯୧୭ ମସିହାରେ ଯେତେବେଳେ କି ରୁଷ୍ ଦେଶରେ କୃଷକ ଓ ଶ୍ରମିକ ଆନ୍ଦୋଳନ ଦ୍ୱାରା ଜାର୍ ଶାସନର ପତନ ଘଟି ସାମ୍ୟବାଦୀ ଶାସନ ପ୍ରତିଷ୍ଠିତ ହୋଇଥିଲା । ଆଉ କେତେକ ଐତିହାସିକଙ୍କ ମତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା । କିନ୍ତୁ ଅଧିକାଂଶ ଐତିହାସିକ ସହମତ ହୁଅନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଶୀତଳ ଯୁଦ୍ଧର ସୂତ୍ରପାତ ହୋଇଥିଲା ।

### ଶୀତଳ ଯୁଦ୍ଧର କାରଣ :

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ରୁଷ୍‌ର ସାମରିକ ଶକ୍ତି ବିପୁଳ ଭାବରେ ବୃଦ୍ଧିପ୍ରାପ୍ତ ହୋଇ ଯୁଦ୍ଧପରେ ଏହି ଦୁଇଟି ରାଷ୍ଟ୍ର ଦୁଇ ମହାଶକ୍ତି ରୂପେ ପରିଚିତ ହେଲେ । କିନ୍ତୁ ସେମାନେ ଦୁଇଗୋଟି ବିପରୀତ ଆଦର୍ଶରେ ବିଶ୍ୱାସ କରୁଥିଲେ । ସୋଭିଏତ୍ ରୁଷ୍ ସାମ୍ୟବାଦୀ ଆଦର୍ଶରେ ବିଶ୍ୱାସ କରୁଥିବା ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ପୁଞ୍ଜିବାଦରେ ବିଶ୍ୱାସ କରୁଥିଲା ।

ଯୁଦ୍ଧଯୋଗୁଁ ଜର୍ମାନୀ, ଇଟାଲୀ ଓ ଜାପାନ୍‌ର ସାମରିକ ଶକ୍ତି ଧ୍ୱଂସପ୍ରାପ୍ତ ହୋଇଥିଲା । ଯୁଦ୍ଧଜନିତ କ୍ଷୟକ୍ଷତି ଓ ସାମ୍ରାଜ୍ୟଗୁଡ଼ିକର ବିଲୟ ଫଳରେ ଇଂଲାଣ୍ଡ, ଫ୍ରାନ୍ସ ପ୍ରଭୃତି ଦେଶ ଦୁର୍ବଳ ହୋଇ ଯାଇଥିଲେ । ସେମାନେ ଯୁକ୍ତରାଷ୍ଟ୍ର ଆମେରିକାଠାରୁ ସାମରିକ ସାହାଯ୍ୟ ଆଶା କରୁଥିଲେ । ସେହିପରି ପୂର୍ବ ଇଉରୋପୀୟ ଦେଶ ଯଥା ପୋଲାଣ୍ଡ, ହଙ୍ଗେରୀ, ରୁମାନିଆ, ବୁଲ୍‌ଗେରିଆ, ଆଲ୍‌ବାନିଆ, ଚେକୋସ୍ଲୋଭାକିଆ, ଯୁଗୋସ୍ଲୋଭିଆ ପ୍ରଭୃତିରେ ସାମ୍ୟବାଦୀ ସରକାର ଗଠିତହୋଇଥିଲା ଏବଂ ସେଗୁଡ଼ିକରେ ସୋଭିଏତ୍ ରୁଷ୍‌ର ପ୍ରଭାବ ବହୁ ପରିମାଣରେ ବୃଦ୍ଧି ପାଇଥିଲା । ସେମାନେ ସୋଭିଏତ୍ ରୁଷର ଆର୍ଥିକ ସାହାଯ୍ୟ ଉପରେ ନିର୍ଭର କରୁଥିଲେ । ୧୯୪୯ ମସିହାରେ ରୁଷ୍ ସହାୟତାରେ ଚୀନ୍ ଦେଶରେ ଗଣ ବିପ୍ଳବ ମାଧ୍ୟମରେ ମାଓ ସେ ତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ।

**ତୁମେ ଜାଣିଛ କି ?**

***ମାଓ ସେ ତୁଙ୍ଗ ୧୮୯୩ ମସିହା ଡିସେମ୍ବର ୨୬ ତାରିଖ ଦିନ ଚୀନ୍ ଦେଶର ହୁନାନ୍ ପ୍ରଦେଶର ଶାଓଶାନ୍ (Shaoshan) ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତା ଜଣେ କୃଷକ ଥିଲେ । ସେ ଆଠବର୍ଷ ବୟସରେ ତାଙ୍କ ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରିଥିଲେ। ।***

ଏହି ପରିପ୍ରେକ୍ଷୀରେ ବିଶ୍ୱ ରାଜନୀତି କ୍ଷେତ୍ରରେ ପ୍ରଭାବ ବିସ୍ତାର ନିମନ୍ତେ ଦୁଇ ମହାଶକ୍ତି ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିଲା । ଉଭୟପକ୍ଷ ମଧ୍ୟରେ ସନ୍ଦେହ, ଈର୍ଷା ଓ ଶତ୍ରୁତା କ୍ରମାଗତ ଭାବରେ ବଢ଼ିଚାଲିଲା । ଦୁଇ ମହାଶକ୍ତି ପରସ୍ପର ମଧ୍ୟରେ ଯୁଦ୍ଧଦ୍ୱାରା ପ୍ରଭାବ ବିସ୍ତାର ନିମନ୍ତେ ସାହସ କଲେନାହିଁ । ସେମାନଙ୍କ ମଧ୍ୟରେ କୂଟନୈତିକ ଯୁଦ୍ଧ ଆରମ୍ଭ ହୋଇଗଲା । ସେମାନେ ନିଜର ଅନୁଗତ ରାଷ୍ଟ୍ରମାନଙ୍କୁ ଆର୍ଥିକ ଓ ସାମରିକ ସାହାଯ୍ୟ ଯୋଗାଇଲେ । ପରସ୍ପରପ୍ରତି ଅନାସ୍ଥା ପ୍ରକଟକରି କୁତ୍ସାରଟନା ଓ ବିରୋଧାତ୍ମକ ପ୍ରଚାରରେ ଲାଗିପଡ଼ିଲେ । ଫଳରେ ବିଶ୍ୱ ରାଜନୀତି କ୍ଷେତ୍ରରେ ଏକ ଅଶାନ୍ତ ତଥା ସରଗରମ ପରିସ୍ଥିତି ସୃଷ୍ଟି ହେଲା ଏବଂ ଏହା 'ଶୀତଳ ଯୁଦ୍ଧ' ନାମରେ କଥିତ ହେଲା ।

## ଶୀତଳ ଯୁଦ୍ଧର ପ୍ରସାର ଓ ଫଳାଫଳ:


ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୂର୍ବ ଇଉରୋପୀୟ ରାଷ୍ଟ୍ରସମୂହ ଏବଂ ଚୀନ୍ ଦେଶରେ ସୋଭିଏତ୍ ରୁଷ୍‌ର ପ୍ରଭାବ କ୍ରମଶଃ ବଢ଼ି ଚାଲିଲା । ଜର୍ମାନୀ ବିଭାଜନ ପରେ ପୂର୍ବ ଜର୍ମାନୀରେ ସାମ୍ୟବାଦୀ ଶାସନ ପ୍ରତିଷ୍ଠିତ ହେଲା । ପୂର୍ବ ଇଉରୋପକୁ ସାମ୍ୟବାଦର ଲୌହ ପରଦାରେ ଆଚ୍ଛାଦିତ କରିସାରିବା ପରେ ସୋଭିଏତ୍ ରୁଷ ପଶ୍ଚିମ ଇଉରୋପ ଆଡ଼େ ଦୃଷ୍ଟିନିକ୍ଷେପ କରିବାକୁ ଆରମ୍ଭ କରିଥିଲା । ସୋଭିଏତ୍ ରୁଷ୍‌ର ଏ ପ୍ରକାରର ପ୍ରଭାବ ବିସ୍ତାରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନେ ଆଶଙ୍କା ପ୍ରକାଶ କରିଥିଲେ । ଏହାର ପ୍ରସାରକୁ ପ୍ରତିହତ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା ବିଭିନ୍ନ ପଦକ୍ଷେପ ନେଲା ।

ଇଟାଲୀ, ଫ୍ରାନ୍ସ, ଗ୍ରୀସ୍ ଓ ତୁର୍କୀ ଆଦି ଦେଶରେ ଯୁଦ୍ଧ ପରବର୍ତ୍ତୀ ଆର୍ଥିକ ବିପର୍ଯ୍ୟୟର ସୁଯୋଗ ନେଇ ସାମ୍ୟବାଦୀମାନେ ସେହିସବୁ ଦେଶରେ ସେମାନଙ୍କର ପ୍ରଭାବ ଓ ଅଧିକାର ବିସ୍ତାର ନିମନ୍ତେ ଯୋଜନା କରିଥିଲେ । ବିଶେଷକରି ଗ୍ରୀସ୍ ଓ ତୁର୍କୀର ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇ ପଡ଼ିଥିଲା । ଗ୍ରୀକ୍‌ମାନେ ତାଙ୍କର ସ୍ୱାଧୀନତା ହରାଇବାକୁ ବସିଥିଲେ । ଗ୍ରୀସ୍‌ର ଉତ୍ତରରେ ଥିବା ସାମ୍ୟବାଦୀ ପଡ଼ୋଶୀ ରାଷ୍ଟ୍ର ଯଥା ଯୁଗୋସ୍ଲୋଭିଆ, ବୁଲ୍‌ଗେରିଆ ଏବଂ ଆଲ୍‌ବାନିଆ ସାମ୍ୟବାଦକୁ ସମର୍ଥନ କରୁଥିବା ୧୩,୦୦୦ ଗ୍ରୀକ୍ ଗରିଲାଙ୍କୁ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଯୁଦ୍ଧ ଉପକରଣ ଯୋଗାଇ ଗ୍ରୀସ୍‌ରେ ଗୃହଯୁଦ୍ଧର ସୂତ୍ରପାତ କରାଇଥିଲେ । ୧୯୪୬ ମସିହା ଡିସେମ୍ବର ମାସରେ ଗ୍ରୀସ୍ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ ସଂଯୁକ୍ତ ରାଷ୍ଟ୍ରସଂଘ ନିରାପତ୍ତା ପରିଷଦରେ ଅଭିଯୋଗ ଉପସ୍ଥାପନ କରିଥିଲା । ନିରାପତ୍ତା ପରିଷଦ ଏ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଏକ ଅନୁଧ୍ୟାନକାରୀ ଦଳ ଗ୍ରୀସ୍‌କୁ ପଠାଇଥିଲା ।

୧୯୪୭ ମସିହା ଜାନୁୟାରୀ ମାସରେ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ଯ ଏକ ଅର୍ଥନୈତିକ ଅନୁଧ୍ୟାନକାରୀ ଦଳ ସେଠାକୁ ପଠାଇଥିଲା ।

ତୁର୍କୀର ଅବସ୍ଥା ମଧ୍ଯ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇ ପଡ଼ିଥିଲା। ୧୯୪୫ ମସିହାରେ ସୋଭିଏତ୍ ରୁଷ୍ ତୁର୍କୀ ସହିତ ତାହାର ପୁରାତନ ବନ୍ଧୁତ୍ୱ ଚୁକ୍ତି ନବୀକରଣ ନିମନ୍ତେ ମନା କରିଦେଇଥିଲା ଏବଂ ପୂର୍ବ ତୁର୍କୀର ଦୁଇଟି ବିରାଟ ପ୍ରଦେଶ ଉପରେ ନିଜର କର୍ତ୍ତୃତ୍ୱ ଜାହିର୍ କରିବାକୁ ଉଦ୍ୟମ କରିଥିଲା । ତୁର୍କୀ ସରକାରଙ୍କୁ ଫାସୀବାଦୀ ଏବଂ ପ୍ରତିକ୍ରିୟାଶୀଳ ବୋଲି ସୋଭିଏତ୍ ରୁଷ୍ ତରଫରୁ ଦୋଷାରୋପ କରି ପ୍ରଚାର କରାଗଲା । ତୁର୍କୀର ସାଧାରଣ ଜନତାଙ୍କୁ ସରକାରଙ୍କ ବିରୋଧରେ ବିଦ୍ରୋହ କରିବାକୁ ଉତ୍ସାହିତ କରାଗଲା । ଏହି ପରିସ୍ଥିତିରେ ତୁର୍କୀ ସରକାର ଯୁକ୍ତରାଷ୍ଟ୍ର ଆମେରିକାର ସାହାଯ୍ୟ ଲୋଡ଼ିଲେ ।

୧୯୪୭ ମସିହା ମାର୍ଚ୍ଚ ୧୨ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଟ୍ରୁମାନ୍ (Truman) ଆମେରିକୀୟ କଂଗ୍ରେସର ମିଳିତ ଅଧିବେଶନରେ ଏକ ଅଭିଭାଷଣ ଉପସ୍ଥାପନ କରିଥିଲେ ଯାହା ପରବର୍ତ୍ତୀ କାଳରେ ଟ୍ରୁମାନ ନୀତି (Truman Doctrine) ଭାବରେ ପରିଚିତ ହେଲା । ଏହି ନୀତି ଅନୁଯାୟୀ ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ୍ ଜୁନ୍ ୧୯୪୮ ମସିହା ସୁଦ୍ଧା ଗ୍ରୀସ୍ ଓ ତୁର୍କୀକୁ ଆର୍ଥିକ ତଥା ସାମରିକ ସାହଯ୍ୟ ଉଦ୍ଦେଶ୍ୟରେ ୪୦୦ ନିୟୁତ ଡଲାର୍ ମଞ୍ଜୁର କରିଥିଲା । ଏହି ସହାୟତା ଦ୍ୱାରା ୧୯୫୦ ମସିହା ସୁଦ୍ଧା ଗ୍ରୀସ୍ ଓ ତୁର୍କୀର ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଥିଲା । ଗ୍ରୀସ୍‌ରୁ ଗରିଲାମାନେ ପ୍ରତିହତ ହୋଇଥିଲେ । ଦେଶରେ ଶାନ୍ତି ପ୍ରତିଷ୍ଠିତ ହୋଇ ସ୍ୱାଭାବିକ ଅବସ୍ଥା ଫେରି ଆସିଥିଲା । ତୁର୍କୀରେ ମଧ୍ଯ ଅନୁରୂପ ଉନ୍ନତି ଘଟିଥିଲା । ଶାନ୍ତି ପ୍ରତିଷ୍ଠା ପରେ ସେଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ୨୭ବର୍ଷ ଧରି ଶାସନ କରୁଥିବା ଏକମାତ୍ର ଦଳ କ୍ଷମତାଚ୍ୟୁତ ହୋଇଥିଲା ।



(ଟ୍ରୁମାନ୍)

ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଧ୍ୱସ୍ତ ଇଉରୋପୀୟ ରାଷ୍ଟ୍ରମାନଙ୍କର ସାମାଜିକ ତଥା ଅର୍ଥନୈତିକ ପରିସ୍ଥିତିରେ ଉନ୍ନତି ଆଣିବା ଏବଂ ସେହି ଦେଶଗୁଡ଼ିକରେ ସାମ୍ୟବାଦର ପ୍ରସାରକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଯୁକ୍ତରାଷ୍ଟ୍ର, ଆମେରିକା ୧୯୪୭ ମସିହା ଜୁନ ୫ ତାରିଖରେ ମାର୍ଶାଲ୍ ଯୋଜନା (Marshall Plan) ପ୍ରବର୍ତ୍ତନ କରିଥିଲା । ଏହା ଟ୍ରୁମାନ୍ ନୀତିର ଏକ ସମ୍ପ୍ରସାରଣ ଥିଲା ଏବଂ ସମଗ୍ର ଉଉରୋପର ଉନ୍ନତି ନିମନ୍ତେ କାର୍ଯ୍ୟକାରୀ କରାଯାଇଥିଲା । ଲକ୍ଷ୍ୟ ହାସଲ ଦିଗରେ ମାର୍ଶାଲ୍ ଯୋଜନା ବିପୁଳ ସଫଳତା ହାସଲ କରିଥିଲା । ଏହା ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକା ଉଉରୋପୀୟ ଦେଶଗୁଡ଼ିକୁ ଯଥେଷ୍ଟ ଆର୍ଥିକ ସହାୟତା ପ୍ରଦାନ କରି ସେଗୁଡ଼ିକୁ ଅର୍ଥନୈତିକ ବିପର୍ଯ୍ୟୟ ତଥା ସାମ୍ୟବାଦର ପ୍ରଭାବରୁ ରକ୍ଷା କରିଥିଲା ।

**_ତୁମ ପାଇଁ କାମ :_**

_ଭାରତୀୟ ଭୂ ଖଣ୍ଡ ଉପରେ ଶୀତଳ ଯୁଦ୍ଧର କି ପ୍ରଭାବ ପଡ଼ିଥିଲା ସେ ସମ୍ପର୍କରେ ଏକ ଆଲୋଚନା ଚକ୍ର ଆୟୋଜନ କର ।_

ମାର୍ଶାଲ୍ ଯୋଜନାକୁ ଇଉରୋପୀୟ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରୀଣ ବ୍ୟାପାରରେ ଯୁକ୍ତରାଷ୍ଟ୍ର ଆମେରିକାର ହସ୍ତକ୍ଷେପ ବୋଲି ଅଭିହିତ କରି ସୋଭିଏତ ରୁଷ ତାହାର

ତୀବ୍ର ନିନ୍ଦା କରିଥିଲା । ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ସଂଯୁକ୍ତ ରାଷ୍ଟ୍ରସଂଘ ପ୍ରତି ବିଶ୍ୱାସଘାତକତା ଏବଂ ସାମ୍ରାଜ୍ୟବାଦର ଏକ ନମୁନା ରୂପେ ସେ ଚିତ୍ରିତ କରିଥିଲା । ଏହାଦ୍ୱାରା ସୋଭିଏତ୍ ରୁଷ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ତିକ୍ତତା ବୃଦ୍ଧି କରିଥିଲା । ଫଳରେ ଶୀତଳଯୁଦ୍ଧ ତୀବ୍ରରୂପ ଧାରଣ କରିଥିଲା ଓ ଜର୍ମାନୀ, କ୍ୟୁବା ଓ କୋରିଆ ଆଦି ଦେଶରେ ସଂଘର୍ଷ ଉପୁଜିଲା । ସଂଯୁକ୍ତ ରାଷ୍ଟ୍ରସଂଘର ନିରାପତ୍ତା ବୈଠକ ଗୁଡ଼ିକରେ ଏହା ପ୍ରତିଫଳିତ ହୋଇଥିଲା ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଶୀତଳ ଯୁଦ୍ଧର କାରଣଗୁଡ଼ିକ ଲେଖ ।

(ଖ) ଶୀତଳ ଯୁଦ୍ଧ କିପରି ପ୍ରସାର ଲାଭ କରିଥିଲା ?

(ଗ) ଟ୍ରୁମାନ୍ ନୀତି କ'ଣ ? ଏହି ନୀତି ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା କିପରି ଗ୍ରୀସ୍ ଓ ତୁର୍କୀର ସାମ୍ୟବାଦର ପ୍ରସାରକୁ ପ୍ରତିହତ କରିଥିଲା ?

(ଘ) ଯୁକ୍ତରାଷ୍ଟ୍ର ଆମେରିକା କେବେ ଓ କାହିଁକି ମାର୍ଶାଲ ଯୋଜନା ପ୍ରବର୍ତ୍ତନ କରିଥିଲା ? ଏହାଦ୍ୱାରା ତାକୁ କି ସଫଳତା ମିଳିଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) କେଉଁ ଉଦ୍ଦେଶ୍ୟରେ ଶୀତଳ ଯୁଦ୍ଧ ଶବ୍ଦ ବ୍ୟବହାର କରାଯାଇଥିଲା ?

(ଖ) ଶୀତଳ ଯୁଦ୍ଧ କାହାକୁ କୁହାଯାଏ ?

(ଗ) ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ କେଉଁ ସବୁ ଦେଶରେ ସାମ୍ୟବାଦୀ ସରକାର ପ୍ରତିଷ୍ଠିତ ହୋଇଥିଲା ?

(ଘ) ୧୯୪୯ ମସିହାରେ କେଉଁ ଦେଶରେ ଓ କାହା ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ?

(ଙ) ସୋଭିଏତ୍ ରୁଷ୍‌ର କେଉଁ ପ୍ରକାର ପ୍ରଭାବ ବିସ୍ତାରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ପାଶ୍ଚାତ୍ୟ ପୁଞ୍ଜିବାଦୀ ରାଷ୍ଟ୍ରମାନେ ଆଶଙ୍କା ପ୍ରକାଶ କରିଥିଲେ ?

(ଚ) ୧୯୪୬ ମସିହା ଡିସେମ୍ବର ମାସରେ ଗ୍ରୀସ୍ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ କେଉଁଠାରେ ଓ କାହିଁକି ଅଭିଯୋଗ ଉପସ୍ଥାପନ କରିଥିଲା ?

(ଛ) ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ତୁର୍କୀର ଅବସ୍ଥା ଉଦ୍‌ବେଗଜନକ ହୋଇପଡ଼ିଥିଲା କାହିଁକି ?

(ଜ) ଟ୍ରୁମାନ୍ ନୀତି କେବେ ଓ କେଉଁଠାରେ ଉପସ୍ଥାପିତ ହୋଇଥିଲା ?

(ଝ) ଗ୍ରୀସ୍ ଓ ତୁର୍କୀରେ ଟ୍ରୁମାନ୍ ନୀତିର କି ପ୍ରଭାବ ପଡ଼ିଥିଲା ?

(ଞ) ସୋଭିଏତ୍ ରୁଷ୍ ମାର୍ଶାଲ୍ ଯୋଜନା ସମ୍ପର୍କରେ କି ପ୍ରତିକ୍ରିୟା ପ୍ରକାଶ କରିଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଶୀତଳ ଯୁଦ୍ଧ ଶବ୍ଦକୁ ପ୍ରଥମେ କିଏ ଓ କେବେ ବ୍ୟବହାର କରିଥିଲେ ?

(ଖ) ଶୀତଳ ଯୁଦ୍ଧ ଶବ୍ଦକୁ କିଏ ଓ କିପରି ଲୋକପ୍ରିୟ କରାଇଥିଲେ ?

(ଗ) ଅଧିକାଂଶ ଐତିହାସିକ ଶୀତଳ ଯୁଦ୍ଧ କେବେ ଆରମ୍ଭ ହୋଇଥିଲା ବୋଲି ସହମତ ହୁଅନ୍ତି ?

(ଘ) ଶୀତଳ ଯୁଦ୍ଧର ନେତୃତ୍ୱ ନେଇଥିବା ଦେଶ ଦୁଇଟିର ନାମ ଲେଖ ।

(ଙ) ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୂର୍ବ ଜର୍ମାନୀରେ କି ପ୍ରକାର ଶାସନ ପ୍ରତିଷ୍ଠିତ ହେଲା ?

(ଚ) ଗ୍ରୀସ୍‌ର କେଉଁ ସବୁ ପଡ଼ୋଶୀ ରାଷ୍ଟ୍ର ସେଠାରେ ଗୃହ ଯୁଦ୍ଧର ସୂତ୍ରପାତ କରାଇଥିଲେ ?

(ଛ) କେବେ ଯୁକ୍ତରାଷ୍ଟ୍ର ଆମେରିକା ଏକ ଅର୍ଥନୈତିକ ଅନୁଧ୍ୟାନକାରୀ ଦଳକୁ ଗ୍ରୀସ୍ ପଠାଇଥିଲା ?

(ଜ) ଟ୍ରୁମାନ୍ ନୀତି ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସ ଗ୍ରୀସ୍ ଓ ତୁର୍କୀ ପାଇଁ ମଞ୍ଜୁର କରିଥିବା ଆର୍ଥିକ ସହାୟତାର ପରିମାଣ କେତେ ଥିଲା ?

(ଝ) କେଉଁ ଦେଶ ଓ କେବେ ମାର୍ଶାଲ୍ ଯୋଜନା ପ୍ରବର୍ତ୍ତନ କରିଥିଲା ?

(ଜ) ଶୀତଳ ଯୁଦ୍ଧ ତୀବ୍ରରୂପ ଧାରଣ କରିବାରୁ କେଉଁସବୁ ଦେଶରେ ସଂଘର୍ଷ ଉପୁଜିଲା ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ତା'ର କ୍ରମିକ ନମ୍ବର ସହିତ ବାଛି ଲେଖ ।**

କ. କେଉଁ ଦେଶରେ ୧୯୧୭ ମସିହାରେ କୃଷକ ଓ ଶ୍ରମିକ ଆନ୍ଦୋଳନ ସଂଘଟିତ ହୋଇଥିଲା ?

(i) ଫ୍ରାନ୍ସ (ii) ଇଟାଲୀ (iii) ରୁଷ୍ (iv) ଜର୍ମାନୀ

ଖ. କେଉଁ ମସିହାରେ ଚୀନ୍ ଦେଶରେ ମାଓ ସେ ତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦୀ ସରକାର ଗଠିତ ହୋଇଥିଲା ?

(i) ୧୯୪୭ (ii) ୧୯୪୮ (iii) ୧୯୪୯ (iv) ୧୯୫୦

ଗ. କେଉଁ ଦେଶଟି ଗ୍ରୀସ୍‌ରେ ଗୃହଯୁଦ୍ଧର ସୂତ୍ରପାତ କରାଇବାରେ ଦାୟୀ ଥିଲା ?

(i) ତୁର୍କୀ (ii) ଜର୍ମାନୀ (iii) ଫ୍ରାନ୍ସ (iv) ବୁଲ୍‌ଗେରିଆ

ଘ. ଗ୍ରୀସ୍ କେବେ ସଂଯୁକ୍ତ ରାଷ୍ଟ୍ର ସଂଘର ନିରାପତ୍ତା ପରିଷଦରେ ତାହାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ବିରୋଧରେ ଅଭିଯୋଗ କରିଥିଲା ?

(i) ୧୯୪୬ ଡିସେମ୍ବର (ii) ୧୯୪୭ ଜାନୁୟାରୀ (iii) ୧୯୪୭ ମାର୍ଚ୍ଚ (iv) ୧୯୪୭ ଜୁନ୍

ଙ. କେଉଁ ଦେଶ ମାର୍ଶାଲ୍ ଯୋଜନାର ତୀବ୍ର ନିନ୍ଦା କରିଥିଲା ?

(i) ଚୀନ୍ (ii) ସୋଭିଏତ୍ ରୁଷ୍ (iii) ବୁଲ୍‌ଗେରିଆ (iv) ଯୁଗୋସ୍ଲୋଭିଆ

**୫. ପାଠରେ ଦିଆଯାଇଥିବା ତୁମପାଇଁ କାମ ଗୁଡିକୁ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

### ଦ୍ୱିତୀୟ ପାଠ

# ସାମରିକ ଗୋଷ୍ଠୀ ଗଠନ - ସଶସ୍ତ୍ରୀକରଣ ପାଇଁ ପ୍ରତିଦ୍ୱନ୍ଦ୍ୱିତା

# (Formation of Military Blocs - Race for Armaments )

ଶୀତଳ ଯୁଦ୍ଧ ଯୋଗୁଁ ପୃଥିବୀରେ ଏକ ଅଜଣା ଯୁଦ୍ଧ-ଆତଙ୍କ ଖେଳି ଯାଇଥିଲା । ଅନୁନ୍ନତ ଓ ବିକାଶଶୀଳ ଦେଶଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ପ୍ରଗତି ବ୍ୟାହତ ହେଲା । ଦୁଇ ମହାଶକ୍ତିଙ୍କ ନେତୃତ୍ୱରେ ପୃଥିବୀ ସାମ୍ୟବାଦୀଗୋଷ୍ଠୀ (Communist Bloc) ଓ ପୁଞ୍ଜିବାଦୀ ଗୋଷ୍ଠୀ (Capitalist Bloc) ଏହିପରି ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଗଲା। ସମ୍ମୁଖ ଯୁଦ୍ଧରେ ଉଭୟ ପକ୍ଷର ସୈନ୍ୟବାହିନୀ କେବେ ହେଲେ ନିୟୋଜିତ ହୋଇନଥିଲେ ସୁଦ୍ଧା, ସେମାନଙ୍କର ବିରୋଧାତ୍ମକ କାର୍ଯ୍ୟକଳାପ ସମଗ୍ର ବିଶ୍ୱରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା । ଏପରିକି ବିଶ୍ୱବାସୀଙ୍କୁ ତୃତୀୟ ବିଶ୍ୱଯୁଦ୍ଧର ସମ୍ଭାବନାର ଆଶଙ୍କା ଓ ଏହାର ଭୟାବହ ପରିଣାମ ଆନ୍ଦୋଳିତ କରିଥିଲା । କାଳକ୍ରମେ ଉଭୟଗୋଷ୍ଠୀ ପରସ୍ପର ସପକ୍ଷରେ ସାମରିକମେଣ୍ଟମାନ ଗଠନ କରିଥିଲେ । ଫଳରେ ଆଞ୍ଚଳିକ ନିରାପତ୍ତା ବିପନ୍ନ ହେଲା । ସାମରିକ ମେଣ୍ଟଗୁଡ଼ିକରେ ଯୋଗ ଦେଇଥିବା ରାଷ୍ଟ୍ରଗୁଡ଼ିକ ନିଜ ନିଜର ସାମରିକ ଶକ୍ତି ବୃଦ୍ଧି ପାଇଁ ଅସ୍ତ୍ରଶସ୍ତ୍ର ସଂଗ୍ରହ ପ୍ରତିଯୋଗିତାରେ ଲାଗିପଡ଼ିଲେ । ଦୁଇପକ୍ଷ ମଧ୍ୟରେ ଆଣବିକ ଅସ୍ତ୍ର ପ୍ରସ୍ତୁତ କରିବାର ପ୍ରତିଦ୍ୱନ୍ଦ୍ୱିତା ପୃଥିବୀବାସୀଙ୍କୁ ଚକିତ କରିଥିଲା । ବିଶେଷକରି ସୋଭିଏତ୍ ରୁଷ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ମହାକାଶ ଗବେଷଣା, ଚନ୍ଦ୍ରପୃଷ୍ଠରେ ମାନବର ଅବତରଣ ଏବଂ ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରତିଯୋଗିତାମୂଳକ ଉନ୍ନତି ଏକ ନୂତନ ପ୍ରଯୁକ୍ତି ବିଦ୍ୟାର ଯୁଗ ଆରମ୍ଭ କରିଥିଲା ।

ଯୁକ୍ତରାଷ୍ଟ୍ର ଆମେରିକା ପଶ୍ଚିମ ଓ ମଧ୍ୟ - ଇଉରୋପରେ ନିଜର ପ୍ରାଧାନ୍ୟ ବିସ୍ତାର ଓ ସୋଭିଏତ୍ ରୁଷ୍‌ର ପ୍ରତିପତ୍ତିକୁ ପରାହତ କରିବା ନିମନ୍ତେ ୧୯୪୯ ମସିହା ଏପ୍ରିଲ୍ ୪ ତାରିଖରେ ଉତ୍ତର ଆଟଲାଣ୍ଟିକ ଚୁକ୍ତି ସଂଗଠନ (North Atlantic Treaty Organisation - NATO) ଗଢ଼ିଥିଲା । ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ କାନାଡ଼ା, ବେଲଜିୟମ୍, ହଲାଣ୍ଡ, ଲକ୍‌ସେମ୍‌ବର୍ଗ, ଡେନ୍‌ମାର୍କ, ନରୱେ, ଆଇସ୍‌ଲାଣ୍ଡ, ବ୍ରିଟେନ୍, ଫ୍ରାନ୍ସ, ପର୍ତ୍ତୁଗାଲ୍ ଓ ଇଟାଲୀ ଦେଶ ସମୂହ ଯୋଗ ଦେଇଥିଲେ । ଚୁକ୍ତିଭୁକ୍ତ କୌଣସି ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ, ସମସ୍ତ ସଦସ୍ୟ ଦେଶ ଉପରେ ଆକ୍ରମଣ ହେଲାବୋଲି ଧରିନେଇ ଏହାର ପ୍ରତିରୋଧ କରିବା ବିଷୟ ଉକ୍ତ ଚୁକ୍ତିରେ ଉଲ୍ଲେଖ ଥିଲା । ଫେବୃଆରୀ ୧୯୫୨ରେ ଗ୍ରୀସ୍ ଓ ତୁର୍କୀ ଏବଂ ମେ ୧୯୫୫ରେ ଜର୍ମାନୀ ସଂଯୁକ୍ତ ସାଧାରଣତନ୍ତ୍ର ବା ପଶ୍ଚିମ ଜର୍ମାନୀ ଏହି ସାମରିକ ଚୁକ୍ତିରେ ଯୋଗ ଦେଇଥିଲେ । ଏହାଫଳରେ ୧୯୪୯ ମସିହା ପରେ ସାମ୍ୟବାଦୀମାନେ ପଶ୍ଚିମ ଇଉରୋପ ଓ ଆଟଲାଣ୍ଟିକ୍ ଅଞ୍ଚଳରେ କ୍ଷମତା ବିସ୍ତାର କରିପାରିଲେ ନାହିଁ ।

ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ତଥା ମିଳିତ ପ୍ରତିରକ୍ଷା ବ୍ୟବସ୍ଥାର ପରିଚାଳନା ନିମନ୍ତେ ୧୯୫୧ ମସିହାରେ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଆନ୍‌ଜସ୍ ରାଜିନାମା (ANZUS PACT) ସ୍ୱାକ୍ଷରିତ ହୋଇଥିଲା । ଏହି ରାଜିନାମା ଅନୁସାରେ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତିପ୍ରତିଷ୍ଠା ଏବଂ ବାହ୍ୟ ଶତ୍ରୁ ଆକ୍ରମଣର ପ୍ରତିରୋଧ ନିମନ୍ତେ ଚୁକ୍ତିବଦ୍ଧ ଦେଶଗୁଡ଼ିକ ପରସ୍ପରକୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରିବାର ବ୍ୟବସ୍ଥା କରାଯାଇଥିଲା ।

୧୯୫୨ ମସିହା ମେ ମାସ ୨୭ତାରିଖରେ ଇଉରୋପୀୟ ପ୍ରତିରକ୍ଷା ଗୋଷ୍ଠୀ (European Defence Community)ର ପ୍ରତିଷ୍ଠା ନିମନ୍ତେ ପ୍ୟାରିସ୍‌ଠାରେ ଏକ

ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିରେ ସମଗ୍ର ଇଉରୋପ ପାଇଁ ଏକ ସାଧାରଣ ରାଜନୈତିକ ଅନୁଷ୍ଠାନ, ସଶସ୍ତ୍ରବାହିନୀ, ବଜେଟ୍ ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କାର୍ଯ୍ୟନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ଏକ ମିଳିତ ସୈନ୍ୟବାହିନୀକୁ ଇଉରୋପ ପ୍ରତିରକ୍ଷା ବାହିନୀରୂପେ ଅଭିହିତ କରାଯାଇଥିଲା । ଉକ୍ତ ବାହିନୀର ପରିଚାଳନା ନିମନ୍ତେ ଗୋଟିଏ ରାଜନୈତିକ ଅନୁଷ୍ଠାନର ଗଠନ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିଲା, ଯାହାକି ଇଉରୋପୀୟ ପ୍ରତିରକ୍ଷା ଗୋଷ୍ଠୀର ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରିବ । ନେଦରଲାଣ୍ଡ ଏବଂ ପଶ୍ଚିମ ଜର୍ମାନୀ ପ୍ରଥମେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ, କିନ୍ତୁ ଫ୍ରାନ୍ସ ଏହାକୁ ସମର୍ଥନ କରି ନ ଥିଲା । ୧୯୫୪ ମସିହା ୨୮ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଲଣ୍ଡନଠାରେ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରଙ୍କ ମଧ୍ୟରେ ବୁଝାମଣା ନିମନ୍ତେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ସେଠାରେ ୧୯୪୮ ବ୍ରସେଲସ୍ ଚୁକ୍ତି ଆଧାରରେ ପଶ୍ଚିମ ଇଉରୋପୀୟ ଐକ୍ୟ ପ୍ରତିଷ୍ଠା ନିମନ୍ତେ ଏକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ଫଳରେ ପଶ୍ଚିମ ଇଉରୋପୀୟ ସଂଘ (Western European Union) ପ୍ରତିଷ୍ଠିତ ହେଲା । ପଶ୍ଚିମ ଇଉରୋପୀୟ ସଂଘର ପରିଷଦକୁ ସଂଖ୍ୟା ଗରିଷ୍ଠ ବହୁମତ ମାଧ୍ୟମରେ ବିଭିନ୍ନ ମୁଖ୍ୟ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନେବାକୁ କ୍ଷମତା ଅର୍ପଣ କରାଯାଇଥିଲା । ଏହା ଫଳରେ ପଶ୍ଚିମ ଇଉରୋପୀୟ ସଂଘ ଏକ ଆନ୍ତର୍ଜାତିକ ଅନୁଷ୍ଠାନରେ ପରିଣତ ହୋଇଥିଲା ।

ଦକ୍ଷିଣ ପୂର୍ବ ଏସିଆରେ ରୁଷ୍ ଓ ସାମ୍ୟବାଦୀ ଚୀନ୍‌ର ପ୍ରଭାବକୁ ହ୍ରାସ କରିବା ନିମନ୍ତେ ୧୯୫୪ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ଦକ୍ଷିଣ ପୂର୍ବ ଏସିଆ ଚୁକ୍ତି ସଂଗଠନ (South East Asia Treaty Organization - SEATO) ଗଠିତ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ୍, ଥାଇଲାଣ୍ଡ୍, ପାକିସ୍ତାନ ଓ ଫିଲିପାଇନ୍‌ସ ଏହାର ସଭ୍ୟ ରହିଲେ । ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଙ୍ଗଠନ ଢାଞ୍ଚାରେ ଏହାର ନୀତିମାନ ନିର୍ଦ୍ଧାରିତ ହେଲା । ଦକ୍ଷିଣପୂର୍ବ ଏସିଆରେ ଯେକୌଣସି ଆକ୍ରମଣକାରୀଙ୍କୁ ଏହାର ସଭ୍ୟମାନେ ମିଳିତଭାବରେ ପ୍ରତିରୋଧ କରି ସେହି ଅଞ୍ଚଳରେ ନିରାପତ୍ତା ରକ୍ଷା କରିବେ ବୋଲି ସ୍ଥିର ହେଲା । କିନ୍ତୁ ଭିଏତ୍‌ନାମ ଯୁଦ୍ଧ ସମୟରେ ଏହି ଚୁକ୍ତିର କାର୍ଯ୍ୟକାରିତା ପରୀକ୍ଷିତ ହୋଇଥିଲା । ଏଥିରେ ଅନେକ ସଭ୍ୟରାଷ୍ଟ୍ର ଥିଲେ ହେଁ ଯୁଦ୍ଧର ମୁଖ୍ୟ ସାମରିକ ଓ ଆର୍ଥିକ ଦାୟିତ୍ୱ ଯୁକ୍ତରାଷ୍ଟ୍ର ଆମେରିକା ବହନ କରିଥିଲା । ଦୀର୍ଘକାଳ ଯୁଦ୍ଧ ହେବାପରେ ସୋଭିଏତ୍ ସମର୍ଥିତ ଉତ୍ତର ଭିଏତ୍‌ନାମ୍ ଏପ୍ରିଲ ୧୯୭୫ରେ ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥିତ ଦକ୍ଷିଣ ଭିଏତ୍‌ନାମ୍ ଉପରେ ବିଜୟ ହାସଲ କରିଥିଲା । ଏହାଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକାର ମର୍ଯ୍ୟାଦା କ୍ଷୁର୍ଣ୍ଣହୋଇଥିଲା ଏବଂ ଦକ୍ଷିଣପୂର୍ବ ଏସିଆ ଚୁକ୍ତି ସଙ୍ଗଠନର ପରିସମାପ୍ତି ଘଟିଥିଲା ।

୧୯୫୫ ମସିହାରେ ଇରାକ୍‌ର ରାଜଧାନୀ ବାଗ୍‌ଦାଦ୍‌ଠାରେ ବ୍ରିଟେନ୍, ତୁର୍କୀ, ଇରାକ୍, ଇରାନ୍ ଓ ପାକିସ୍ତାନ ମଧ୍ୟରେ ଏକ ସାମରିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହା 'ବାଗ୍‌ଦାଦ୍ ଚୁକ୍ତି' ( Bagdad Pact) ନାମରେ ପରିଚିତ । ୧୯୫୮ ମସିହାରେ ରାଜତନ୍ତ୍ରର ପତନ ଫଳରେ ଇରାକ୍ ଏହି ମେଣ୍ଟରୁ ଓହରିଗଲା । ଏହାପରେ ଏହି ଚୁକ୍ତିର ନାମ କେନ୍ଦ୍ରୀୟ ଚୁକ୍ତି ସଙ୍ଗଠନ (Central Treaty Organization - CENTO) ରଖାଗଲା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ଏହାର ସଭ୍ୟରୂପେ ଯୋଗଦେଲା ।

ଯୁକ୍ତରାଷ୍ଟ୍ର ଆମେରିକାର ସାମରିକ ମେଣ୍ଟ ଗଠନ ବିରୋଧରେ ସୋଭିଏତ୍ ରୁଷ୍ ନେତୃତ୍ୱରେ ତା'ର ଅନୁଗାମୀ ଇଉରୋପୀୟ ସାମ୍ୟବାଦୀ ରାଷ୍ଟ୍ରମାନେ ୧୯୫୫ ମସିହା ମେ ୧ ତାରିଖରେ 'ୱାର୍‌ସ ଚୁକ୍ତି' (Warsaw Pact) ସ୍ୱାକ୍ଷର କଲେ । ପୋଲାଣ୍ଡର ରାଜଧାନୀ ୱାର୍‌ସଠାରେ ସୋଭିଏତ୍ ରୁଷ୍, ପୋଲାଣ୍ଡ୍, ହଙ୍ଗେରୀ, ରୁମାନିଆ, ବୁଲ୍‌ଗେରିଆ, ଆଲ୍‌ବାନିଆ, ଚେକୋସ୍ଲୋଭାକିଆ ଓ ଜର୍ମାନ

ଗଣତାନ୍ତ୍ରିକ ସାଧାରଣତନ୍ତ୍ର ବା ପୂର୍ବ ଜର୍ମାନୀ ମଧ୍ୟରେ ଏହି ସାମରିକ ଚୁକ୍ତି ସମ୍ପାଦିତ ହୋଇଥିଲା । ଏହି ଚୁକ୍ତି ସ୍ୱାକ୍ଷର କରିଥିବା ରାଷ୍ଟ୍ରମାନେ ପୁଞ୍ଜିବାଦୀ ରାଷ୍ଟ୍ରଙ୍କର ଆକ୍ରମଣକୁ ମିଳିତ ଭାବରେ ପ୍ରତିରୋଧ କରିବେ ବୋଲି ଘୋଷଣା କରିଥିଲେ ।

**ଦେତାଁ (Detente)**

୧୯୬୯ ମସିହାରୁ ୧୯୭୮ ମସିହା ମଧ୍ୟରେ ଦୁଇ ମହାଶକ୍ତିଙ୍କର ଆଶଙ୍କା ହୋଇଥିଲା ଯେ ସେମାନଙ୍କ ମଧ୍ୟରେ ଚାଲିଥିବା କ୍ରମାଗତ ଉତ୍ତେଜନା ଆଣବିକ ଯୁଦ୍ଧରେ ରୂପାନ୍ତରିତ ହୋଇ ସମଗ୍ର ପୃଥିବୀକୁ ଧ୍ୱଂସାଭିମୁଖୀ କରିଦେବ । ଏହି ଆଶଙ୍କା ସେମାନଙ୍କୁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିମନ୍ତେ ପ୍ରେରଣା ଯୋଗାଇଥିଲା । ଫଳରେ ଏହି ସମୟ ମଧ୍ୟରେ ଦୁଇ ମହାଶକ୍ତିଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଲା ଏବଂ ଶୀତଳ ଯୁଦ୍ଧ ଏକ ନୂତନ ରୂପ ନେଇ ଦେତାଁ (Detente) ନାମରେ ପରିଚିତ ହୋଇଥିଲା । ଦେତାଁ ସମୟରେ ଦୁଇ ମହାଶକ୍ତି ମଧ୍ୟରେ ଆଣବିକ ଅସ୍ତ୍ରର ପ୍ରସ୍ତୁତି ପରୀକ୍ଷଣ ଓ ପ୍ରୟୋଗକୁ ନିୟନ୍ତ୍ରଣ କରିବା ନିମନ୍ତେ ଅନେକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ହ୍ରାସ କରିବାକୁ ମଧ୍ୟ କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ବିନିମୟ, ଉଚ୍ଚସ୍ତରୀୟ ପରିଦର୍ଶନ, ବାଣିଜ୍ୟ ଚୁକ୍ତି ଓ ଔଦ୍ୟୋଗିକ କ୍ଷେତ୍ରରେ ସହଯୋଗିତା ଆରମ୍ଭ ହୋଇଥିଲା ।

**ତୁମ ପାଇଁ କାମ :**

***ଦେତାଁ ସମୟରେ ଆଣବିକ ଅସ୍ତ୍ରର ପ୍ରସ୍ତୁତି, ପରୀକ୍ଷଣ ଓ ପ୍ରୟୋଗକୁ ନିୟନ୍ତ୍ରଣ କରିବା ନିମନ୍ତେ ଏବଂ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ହ୍ରାସ କରିବାକୁ ଦୁଇ ମହାଶକ୍ତିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ରାଜିନାମା ଓ ଚୁକ୍ତିର ଏକ ତାଲିକା ପ୍ରସ୍ତୁତ କର ।***

**ନୂତନ ଶୀତଳ ଯୁଦ୍ଧ**

୧୯୭୯ ମସିହାର ଇରାନ୍ ବିଦ୍ରୋହ, ସେହି ବର୍ଷର ଚୀନଭିଏତ୍‌ନାମ ଯୁଦ୍ଧ, ଏଲ୍‌ସାଲ୍‌ଭେଡର୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ସଂପୃକ୍ତି, ଆଫଗାନିସ୍ତାନ୍‌ରେ ରୁଷିଆରେ ସାମରିକ ହସ୍ତକ୍ଷେପ ଆଦି ଘଟଣା ଯୋଗୁଁ ଦୁଇ ମହାଶକ୍ତି ମଧ୍ୟରେ ପୁରୁଣା ଉତ୍ତେଜନାର ପରିପ୍ରକାଶ ଘଟିଥିଲା । ଫଳରେ ୧୯୭୯ ମସିହାରେ ଦେତାଁର ସହସା ଅବସାନ ଘଟିଲା ଏବଂ ଏକ ନୂତନ ଶୀତଳ ଯୁଦ୍ଧର ସୂତ୍ରପାତ ହେଲା । ପୁରାତନ ଶୀତଳଯୁଦ୍ଧ ଏବଂ ନୂତନ ଶୀତଳ ଯୁଦ୍ଧ ମଧ୍ୟରେ କେତେକ ତାରତମ୍ୟ ଥିଲା । ନୂତନ ଶୀତଳ ଯୁଦ୍ଧରେ ଉଭୟ ପକ୍ଷର ସହଯୋଗୀ ରାଷ୍ଟ୍ରମାନେ ସକ୍ରିୟ ଭାବରେ ଜଡିତ ହୋଇ ନଥିଲେ । ମୁଖ୍ୟତଃ ଦୁଇ ମହାଶକ୍ତିଙ୍କ ମଧ୍ୟରେ ଉତ୍ତେଜନା ଓ ଦ୍ୱନ୍ଦ୍ୱ ପରିପ୍ରକାଶ ପାଇଲା ଏବଂ ପରମାଣୁ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଉଭୟ ଦେଶ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ଅଧିକ ଦକ୍ଷତା ହାସଲ କରିବାକୁ ଚେଷ୍ଟା କରିଥିଲେ । ପୁରାତନ ଶୀତଳଯୁଦ୍ଧ ଅପେକ୍ଷା ନୂତନ ଶୀତଳ ଯୁଦ୍ଧ ଅଧିକ ଭୟଙ୍କର ମନେ ହୋଇଥିଲା ।

**ତୁମେ ଜାଣିଛ କି ?**


***ଏଲ୍ ସାଲ୍‌ଭେଡର୍ (EL Salvedor) କେନ୍ଦ୍ରୀୟ ଆମେରିକାର ଏକ ଦେଶ । ଉତ୍ତର ପ୍ରଶାନ୍ତ ମହାସାଗର କୂଳରେ ଗ୍ୱାଟେମାଲା (Guatemala) ଏବଂ ହଣ୍ଡୁରାସ୍ (Honduras) ମଧ୍ୟରେ ଏହା ଅବସ୍ଥିତ । ଏହାର ରାଜଧାନୀ ସାନ୍ ସାନ୍‌ସାଲଭେଡର୍ (San Salvador) ଅଟେ ।***

କିନ୍ତୁ ଏହି ନୂତନ ଶୀତଳ ଯୁଦ୍ଧ ଅସ୍ଥାୟୀ ଥିଲା, ୧୯୮୫ ମସିହାରେ ମିଖାଇଲ୍ ଗୋର୍ବାଚେଭ୍ (Mikhail



(ମିଖାଇଲ୍ ଗୋର୍ବାଚେଭ୍)

Gorbachev) ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସମ୍ପାଦକ ହେବାପରେ କେତେକ ସଂସ୍କାରମୂଳକ ନୀତି ପ୍ରଣୟନ କଲେ ଯାହାକି ଉଭୟ ପକ୍ଷ ମଧ୍ୟରେ ଲାଗିରହିଥିବା ସଂଘର୍ଷର ଗତିକୁ ପରିବର୍ତ୍ତନ କରିଥିଲା । ସେମାନଙ୍କ ମଧ୍ୟରେ ଶାନ୍ତିସ୍ଥାପନ ଓ ସହାବସ୍ଥାନ ଭାବ ଜାଗ୍ରତ ହୋଇଥିଲା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବୃଦ୍ଧି ପାଇଥିଲା । ଏହା ଫଳରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ମଧ୍ୟ ହ୍ରାସ ପାଇଥିଲା ।



(ଜର୍ଜ ବୁଶ)

ପୂର୍ବ ଇଉରୋପୀୟ ଦେଶଗୁଡ଼ିକରୁ ସାମ୍ୟବାଦର ବିଲୋପ ଘଟିଲା । ୧୯୯୧ ମସିହା ଡିସେମ୍ବର ମାସରେ ସୋଭିଏତ୍ ସଂଘର ବିଲୟ ଘଟି ସ୍ୱାଧୀନ ରାଷ୍ଟ୍ରମାନଙ୍କରର ରାଷ୍ଟ ମଣ୍ଡଳ (Commonwealth of Independent States) ଗଠିତ ହେଲା । ୧୯୯୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜର୍ଜ ବୁଶ୍ ଓ କେନ୍ଦ୍ର ରୁଷ୍‌ମଣ୍ଡଳ (Russian Federation) ର ରାଷ୍ଟ୍ରପତି ବୋରିସ୍ ୟେଲତ୍‌ସିନ୍ (Boris Yeltisin) ଶୀତଳ ଯୁଦ୍ଧର ଅବସାନ ଘଟିଲା ବୋଲି ଘୋଷଣା କଲେ ।

*ତୁମେ ଜାଣିଛକି :*

*ସୋଭିଏତ୍ ପଲିଟିବ୍ୟୁରୋ* ***(Soviet Politiburo)****ର ଇଂରାଜୀରେ ପୁରାନାମ ହେଉଛି* ***(POLITICAL BUREAU OF THE CENTRAL COMMITTEE OF THE COMMUNIST PARTY OF THE SOVIET UNON)*** *ଏହା ଥିଲା ସୋଭିଏତ୍ ସାମ୍ୟବାଦୀ ଦଳର କେନ୍ଦ୍ରୀୟ କମିଟିର ମୁଖ୍ୟ ରାଜନୈତିକ ସଂଗଠନ । ଏହା ଦ୍ୱାରା ସୋଭିଏତ୍ ସାମ୍ୟବାଦର ସମସ୍ତ ନୀତି ନିର୍ଦ୍ଧାରଣ ଓ ପ୍ରଶାସନିକ କାର୍ଯ୍ୟ ସମ୍ପାଦିତ ହେଉଥିଲା ।)*

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ସମଗ୍ର ପୃଥିବୀରେ ଶୀତଳଯୁଦ୍ଧର କି ପ୍ରଭାବ ପଡିଥିଲା ?

(ଖ) ସାମ୍ୟବାଦର ପ୍ରସାରକୁ ପ୍ରତିରୋଧ କରିବା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ଗଠିତ ହୋଇଥିବା ସାମରିକ ଚୁକ୍ତି ଗୁଡିକ ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କର ।

(ଗ) ଇଉରୋପୀୟ ରାଷ୍ଟ୍ରମାନେ ସେମାନଙ୍କର ସୁରକ୍ଷା ନିମନ୍ତେ କି ପଦକ୍ଷେପ ନେଇଥିଲେ ?

(ଘ) କିପରି ଶୀତଳ ଯୁଦ୍ଧର ଅବସାନ ଘଟିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) କେଉଁ ଚୁକ୍ତି ଆଧାରରେ ପଶ୍ଚିମ ଇଉରୋପୀୟ ସଂଘ ପ୍ରତିଷ୍ଠିତ ହେଲା ଓ କେବେ ?

(ଖ) ଆନ୍‌ଜସ ରାଜିନାମା କ'ଣ ? ଏଥିରେ କି ବ୍ୟବସ୍ଥା କରାଯାଇଥିଲା ?

(ଗ) ଦକ୍ଷିଣପୂର୍ବ ଏସିଆ ଚୁକ୍ତି ସଂଗଠନର ପରିସମାପ୍ତି କିପରି ଘଟିଥିଲା ?

(ଘ) କେଉଁ ଦେଶଗୁଡିକ ମଧ୍ୟରେ "ବାଗ୍‌ଦାଦ୍ ଚୁକ୍ତି" ସ୍ୱାକ୍ଷରିତ ହୋଇଥିଲା ?

(ଙ) କେନ୍ଦ୍ରୀୟ ଚୁକ୍ତି ସଂଗଠନ କେବେ ଓ କିପରି ଗଠିତ ହୋଇଥିଲା ?

(ଚ) ୱାର୍‌ସ ଚୁକ୍ତି ସମ୍ପର୍କରେ ସଂକ୍ଷେପରେ ଲେଖ ।

(ଛ) ଦେତାଁ କ'ଣ ?

(ଜ) ଦେତାଁ ସମୟରେ ଦୁଇ ମହାଶକ୍ତି ମଧ୍ୟରେ ସମ୍ପର୍କରେ କି ପରିବର୍ତ୍ତନ ହୋଇଥିଲା ?

(ଝ) ନୂତନ ଶୀତଳ ଯୁଦ୍ଧ କଣ ?

(ଞ) ନୂତନ ଶୀତଳ ଯୁଦ୍ଧ ଓ ପୁରାତନ ଶୀତଳ ଯୁଦ୍ଧ ମଧ୍ୟରେ କି' ତାରତମ୍ୟ ଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଶୀତଳ ଯୁଦ୍ଧ ଯୋଗୁଁ ପୃଥିବୀ କେଉଁ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଥିଲା ?

(ଖ) ଶୀତଳ ଯୁଦ୍ଧ କିପରି ଏକ ନୂତନ ପ୍ରଯୁକ୍ତି ବିଦ୍ୟାର ଯୁଗ ଆରମ୍ଭ କରିଥିଲା ?

(ଗ) ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନ କେବେ ସ୍ୱାକ୍ଷରିତ ହୋଇଥିଲା ?

(ଘ) କେବେ ଲଣ୍ଡନଠାରେ ପଶ୍ଚିମ ଇଉରୋପୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବୁଝାମଣା ନିମନ୍ତେ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା ?

(ଙ) କେଉଁସବୁ ରାଷ୍ଟ୍ରଙ୍କ ମଧ୍ୟରେ ଆନ୍‌ଜସ୍ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ?

(ଚ) ବାଗ୍‌ଦାଦ୍ ଚୁକ୍ତିର ପରବର୍ତ୍ତିତ ନାମ କ'ଣ ?

(ଛ) ୱାର୍‌ସ ଚୁକ୍ତି କେବେ ଓ କେଉଁଠାରେ ସମ୍ପାଦିତ ହୋଇଥିଲା ?

(ଜ) କେଉଁ ମସିହାରେ ଦେତାଁର ସହସା ଅବସାନ ଘଟିଲା ?

(ଝ) ମିଖାଇଲ୍ ଗୋର୍ବାଚେଭ୍ କେବେ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସମ୍ପାଦକ ହେଲେ ?

(ଞ) ଶୀତଳ ଯୁଦ୍ଧର ଅବସାନ ହେଲାବୋଲି କେଉଁ ଦୁଇ ଜଣ ଘୋଷଣା କଲେ ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ବାଛି ଲେଖ ।**

କ. ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନରେ ପଶ୍ଚିମ ଜର୍ମାନୀ କେବେ ଯୋଗ ଦେଇଥିଲା ?

(i) ଫେବ୍ରୁଆରୀ ୧୯୫୨ (ii) ମେ ୧୯୫୨ (iii) ଫେବ୍ରୁଆରୀ ୧୯୫୫ (iv) ମେ ୧୯୫୫

ଖ. କିଏ ଆନ୍‌ଜସ୍‌ର ସଭ୍ୟ ନ ଥିଲା ?

(i) ଅଷ୍ଟ୍ରେଲିଆ (ii) ନେଦରଲାଣ୍ଡ (iii) ନିଉଜିଲାଣ୍ଡ (iv) ଯୁକ୍ତରାଷ୍ଟ୍ର ଆମେରିକା

ଗ. କେବେ ବାଗ୍‌ଦାଦ୍ ଚୁକ୍ତି କେନ୍ଦ୍ରୀୟ ଚୁକ୍ତି ସଂଗଠନ ନାମରେ ନାମିତ ହେଲା ?

(i) ୧୯୪୯ ମସିହା (ii) ୧୯୫୨ ମସିହା (iii) ୧୯୫୫ ମସିହା (iv)୧୯୫୮ ମସିହା

ଘ. କେବେ ଦେତାଁର ଅବସାନ ଘଟିଲା ?

(i) ୧୯୭୮ ମସିହା (ii) ୧୯୭୯ ମସିହା (iii) ୧୯୮୫ ମସିହା (iv) ୧୯୯୦ ମସିହା

ଙ. କାହାର ସଂସ୍କାରମୂଳକ ନୀତି ଶୀତଳ ଯୁଦ୍ଧର ଅବସାନ ନିମନ୍ତେ ମାର୍ଗ ପ୍ରସ୍ତୁତ କରିଥିଲା ?

(i) ୱାଲଟର ଲିପ୍‌ମାନ୍ (ii) ମିଖାଇଲ୍ ଗୋର୍ବାଚେଭ୍ (iii) ଜର୍ଜବୁଶ୍ (iv) ବୋରିସ୍ ୟେଲ୍‌ତ୍‌ସିନ୍

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**


●●

## ତୃତୀୟ ପାଠ

# ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ
# (Non-Aligned Movement)

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏସିଆ ଓ ଆଫ୍ରିକା ମହାଦେଶର ବହୁରାଷ୍ଟ୍ର ଉପନିବେଶବାଦ ତଥା ସାମ୍ରାଜ୍ୟବାଦ ବିରୋଧରେ ଆନ୍ଦୋଳନ କରି ସ୍ୱାଧୀନତା ହାସଲ କରିଥିଲେ । ମାତ୍ର ସେମାନେ ସେମାନଙ୍କର ଅର୍ଥନୈତିକ ଉନ୍ନତି ଓ ଦେଶର ସୁରକ୍ଷାନିମନ୍ତେ ବିତ୍ତଶାଳୀ ରାଷ୍ଟ୍ରମାନଙ୍କ ଠାରୁ ସାହାଯ୍ୟ ଆଶା କରିଥିଲେ । ଏହି ବିତ୍ତଶାଳୀ ରାଷ୍ଟ୍ରମାନେ ଆର୍ଥିକ ସାହାଯ୍ୟ ପ୍ରତିବଦଳରେ ସେ ସବୁ ରାଷ୍ଟ୍ରର ରାଜନୈତିକ ବ୍ୟାପାରରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ । ସେତେବେଳକୁ ଶୀତଳ ଯୁଦ୍ଧୀୟ ବାତାବରଣ ଯୋଗୁଁ ସାମ୍ୟବାଦୀ ରାଷ୍ଟ୍ର ସୋଭିଏତ୍ ରୁଷ୍ ଓ ପୁଞ୍ଜିବାଦୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱରେ ପୃଥିବୀ ଦୁଇଟି ବିବଦମାନ ଗୋଷ୍ଠୀରେ ବିଭକ୍ତ ହୋଇ ଯାଇଥିଲା । ନୂତନ ଭାବରେ ସ୍ୱାଧୀନତା ହାସଲ କରିଥିବା ଅଳ୍ପ କେତେକ ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ର ଦୁଇଟି ଗୋଷ୍ଠୀ ମଧ୍ୟରୁ ଯେ କୌଣସି ଗୋଟିଏ ଗୋଷ୍ଠୀରେ ନିଜକୁ ସାମିଲ୍ କରି ନେଇଥିଲେ । କିନ୍ତୁ ଏସିଆ ଓ ଆଫ୍ରିକାର ଅନେକ ସ୍ୱାଧୀନ, ଅନୁନ୍ନତ ତଥା ବିକାଶଶୀଳ ରାଷ୍ଟ୍ର ଦୁଇ ପ୍ରମୁଖ ଗୋଷ୍ଠୀ ମଧ୍ୟରୁ କୌଣସି ଗୋଟିଏ ହେଲେ ଗୋଷ୍ଠୀରେ ଯୋଗ ନଦେଇ ସେ ଗୁଡ଼ିକଠାରୁ ନିରାପଦ ଦୂରତ୍ୱ ରକ୍ଷାକରି ନିରପେକ୍ଷ ରହିବାକୁ ଉଚିତ ମନେକଲେ । ସେହି ରାଷ୍ଟ୍ରମାନେ ସେମାନଙ୍କର ଜାତୀୟ ପୁନର୍ଗଠନ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ପରସ୍ପର ସହ ସହଯୋଗ ସ୍ଥାପନ କଲେ । ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଯୋଗ ବୃଦ୍ଧିପାଇ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (Non-Aligned Movement) ର ଆରମ୍ଭ ହୋଇଥିଲା ।

୧୯୫୫ ମସିହା ଏପ୍ରିଲ୍ ମାସରେ ଇଣ୍ଡୋନେସିଆର ପଶ୍ଚିମ ଜାଭାର ବାନ୍ଦୁଙ୍ଗ୍ଠାରେ ଅନୁଷ୍ଠିତ 'ଆଫ୍ରୋ-ଏସୀୟ' ରାଷ୍ଟ୍ରମାନଙ୍କର ଏକ ସମ୍ମିଳନୀରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରା ଯାଇଥିଲା । ଏଥିରେ ୨୩ଟି ଏସୀୟ ଓ ୬ଟି ଆଫ୍ରିକୀୟ ରାଷ୍ଟ୍ର ଯୋଗଦେଇ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର କାର୍ଯ୍ୟକାରିତା ବିଷୟରେ ବିସ୍ତାରିତ ରୂପେ ଆଲୋଚନା କରିଥିଲେ । ଏଠାରେ ସ୍ପଷ୍ଟ କରି ଦିଆଯାଇଥିଲା ଯେ ଗୋଷ୍ଠୀ ନିରପେକ୍ଷ ନୀତି ଅବଲମ୍ବନ କରୁଥିବା ରାଷ୍ଟ୍ରମାନେ ଶକ୍ତି ପ୍ରଦର୍ଶନକାରୀ ରାଷ୍ଟ୍ରମାନଙ୍କର ଅନୁଗାମୀ ନୁହନ୍ତି । ବାନ୍ଦୁଙ୍ଗ୍ ସମ୍ମିଳନୀର ଆତ୍ମା ଥିଲେ



(ଜବାହାରଲାଲ ନେହେରୁ)

**ତୁମ ପାଇଁ କାମ :**

***୧୯୫୫ ମସିହାରେ ବାନ୍ଦୁଙ୍ଗ୍ଠାରେ ଅନୁଷ୍ଠିତ ଆଫ୍ରୋ-ଏସୀୟ ସମ୍ମିଳନୀରେ ଯୋଗଦାନ କରିଥିବା ୨୩ଟି ଏସୀୟ ଓ ୬ଟି ଆଫ୍ରିକୀୟ ରାଷ୍ଟ୍ରଙ୍କର ନାମ ସଂଗ୍ରହ କରି ଏକ ତାଲିକା ପ୍ରସ୍ତୁତ କର । ନାମଗୁଡ଼ିକୁ ମନେ ରଖ ।***

ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ୍ ଜବାହାରଲାଲ୍ ନେହେରୁ । ତାଙ୍କର ପଞ୍ଚଶୀଳ ବା ସମସ୍ତ ଜାତିର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ସେଠାରେ ଉପସ୍ଥାପିତ ହୋଇ ଗୃହୀତ ହୋଇଥିଲା ।

*ତୁମେ ଜାଣିଛ କି ?*

*ପଣ୍ଡିତ୍ ଜବାହାରଲାଲ ନେହେରୁଙ୍କର ପଞ୍ଚଶୀଳ ନୀତିରେ ନିମ୍ନଲିଖିତ ୫ଟି ନୀତି ଅନ୍ତର୍ଭୁକ୍ତ ହୋଇଥିଲା । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରର ସଭ୍ୟଗଣ ନିମ୍ନୋକ୍ତ ପାଞ୍ଚଗୋଟି ନୀତିକୁ ପାଳନ କରିବେ ବୋଲି ସ୍ଥିର ହୋଇଥିଲା । ୧୯୫୪ ମସିହାରେ ଏହା ଭାରତ ଓ ଚୀନ୍ ମଧ୍ୟରେ ସମ୍ପାଦିତ ହୋଇଥିଲା ।*

*୧. ଅନ୍ୟ ରାଷ୍ଟ୍ରର ସୀମା ଓ ସାର୍ବଭୌମ ପ୍ରତି ସମ୍ମାନ ।*

*୨. ଅନ୍ୟ ରାଷ୍ଟ୍ର ଉପରେ ଆକ୍ରମଣରୁ ବିରତ ରହିବା ।*

*୩. ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବା ।*

*୪. ଅନ୍ୟ ରାଷ୍ଟ୍ର ସହିତ ସମାନତା ଭିତ୍ତିରେ ବନ୍ଧୁତା ସ୍ଥାପନ କରିବା ।*

*୫. ପରସ୍ପର ପ୍ରତି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଅବଲମ୍ବନ କରିବା ।*

ସାମ୍ୟବାଦୀ ବା ପୁଞ୍ଜିବାଦୀ ଗୋଷ୍ଠୀ ମଧ୍ୟରୁ କୌଣସି ଗୋଷ୍ଠୀରେ ଯୋଗ ନଦେଇ ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ଗୋଷ୍ଠୀ ନିରପେକ୍ଷତା (Non-Alignment) କୁହାଯାଏ । ସ୍ୱାଧୀନତାର ସୁରକ୍ଷା, ସାମ୍ରାଜ୍ୟବାଦ ଓ ଉପନିବେଶବାଦର ବିଲୋପ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ ଅଟେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁଙ୍କର ନେତୃତ୍ୱରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ସୁଦୃଢ଼ ହୋଇଥିଲା । ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମାର୍ଶାଲ୍ ଟିଟୋ ଓ ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦୁଲ୍ ନାସେର୍‌ଙ୍କ ସହଯୋଗ ଏହାକୁ ପରିପୁଷ୍ଟ କରିଥିଲା । ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କୁ ନେଇ ତୃତୀୟ ବିଶ୍ୱ (Third World) ର ସୃଷ୍ଟି ହୋଇଥିଲା ।



(ମାର୍ଶାଲ୍ ଟିଟୋ)



(ଅବ୍‌ଦୁଲ୍ ନାସେର୍)

## ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଅଗ୍ରଗତି

### ୧. ବେଲ୍‌ଗ୍ରେଡ୍ ସମ୍ମିଳନୀ (୧୯୬୧):

୧୯୬୧ ମସିହା ସେପ୍ଟେମ୍ବର ମାସରେ ଯୁଗୋସ୍ଲୋଭିଆର ରାଜଧାନୀ ବେଲ୍‌ଗ୍ରେଡ୍‌ଠାରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପୃଥିବୀର ୨୫ଟି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ର ଯୋଗଦେଇଥିଲେ । ଏକମାତ୍ର ଇଉରୋପୀୟ ରାଷ୍ଟ୍ର ଯୁଗୋସ୍ଲୋଭିଆ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲା । ଏହି ସମ୍ମିଳନୀର ପ୍ରତିନିଧିମାନେ ବିଶ୍ୱଶାନ୍ତି ଓ ନିରପେକ୍ଷ ନୀତି ପାଳନ ଉପରେ ଗୁରୁତ୍ୱ ଦେଇଥିଲେ; ସମଗ୍ର ବିଶ୍ୱରେ ଅଣୁଅସ୍ତ୍ର ପ୍ରସ୍ତୁତି ଓ ପ୍ରୟୋଗକୁ ବିରୋଧ କରିଥିଲେ ଓ ନିରସ୍ତ୍ରୀକରଣ ସପକ୍ଷରେ ମତପ୍ରକାଶ କରିବା ସହିତ ପରମାଣୁ ଅସ୍ତ୍ର ପରୀକ୍ଷଣକୁ ସମ୍ପୂର୍ଣ୍ଣରୂପେ ନିଷେଧ କରିବାକୁ ସୁପାରିସ କରିଥିଲେ । ଉପନିବେଶବାଦ ଓ ସାମ୍ରାଜ୍ୟବାଦ ବିରୋଧରେ ଏଠାରେ ଏକ ସାଧାରଣ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରତିନିଧିମାନେ ସଂଯୁକ୍ତ ରାଷ୍ଟ୍ରସଂଘ ସନନ୍ଦରେ ସେମାନଙ୍କର ଆସ୍ଥା ପ୍ରକଟ କରିଥିଲେ । ଏହି ସମ୍ମିଳନୀ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପ୍ରତି ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ।

### ୨. କାଇରୋ ସମ୍ମିଳନୀ (୧୯୬୪) :

ଇଜିପ୍ଟର ରାଜଧାନୀ କାଇରୋଠାରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ପରବର୍ତ୍ତୀ ସମ୍ମିଳନୀ ୧୯୬୪

ମସିହା ଅକ୍ଟୋବର ମାସରେ ଆହୂତ ହୋଇଥିଲା । ଏଥିରେ ୪୭ଟି ଦେଶର ପ୍ରତିନିଧି ଯୋଗଦେଇଥିଲେ । ଏହି ସମ୍ମିଳନୀରେ ଶାନ୍ତି ଓ ଆନ୍ତର୍ଜାତିକ ସହଯୋଗ ଶୀର୍ଷକ ଏକ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିଲା ଏବଂ ସାମ୍ରାଜ୍ୟବାଦ ଓ ଉପନିବେଶବାଦ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରାଯାଇଥିଲା । ଅସ୍ତ୍ରଶସ୍ତ୍ର ବୃଦ୍ଧିପାଇଁ ଲାଗିରହିଥିବା ପ୍ରତିଦ୍ୱନ୍ଦ୍ୱିତା ବିପକ୍ଷରେ ସମ୍ମିଳିତ ପ୍ରତିବାଦ ଜଣାଇ ଦିଆଯାଇଥିଲା ।

### ୩. ଲୁସାକା ସମ୍ମିଳନୀ (୧୯୭୦):

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସଦସ୍ୟମାନେ ଜାମ୍ବିଆର ରାଜଧାନୀ ଲୁସାକାଠାରେ ୧୯୭୦ ମସିହା ସେପ୍ଟେମ୍ବର ମାସରେ ଏକତ୍ର ହୋଇଥିଲେ । ଏହି ସମ୍ମିଳନୀରେ ୫୪ଟି ରାଷ୍ଟ୍ର ଯୋଗଦାନ କରିଥିଲେ । ସେଠାରେ 'ଶାନ୍ତି ଓ ଆନ୍ତର୍ଜାତିକ ସହଯୋଗ' ଉପରେ ପୁନର୍ବାର ଗୁରୁତ୍ୱ ଆରୋପ କରାଯାଇଥିଲା । ବିଶ୍ୱ ଉତ୍ତେଜନା ଦୂର କରିବାକୁ ସାମରିକ ମେଣ୍ଟଗୁଡ଼ିକୁ ନଷ୍ଟ କରି ଦେବା ପାଇଁ ଦୃଢ଼ମତ ପ୍ରକାଶ ପାଇଥିଲା । ଉପନିବେଶବାଦକୁ ନିନ୍ଦା କରାଯାଇଥିଲା ଓ ସମସ୍ତ ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଆର୍ଥନୀତିକ ସହଯୋଗ କାମନା କରାଯାଇଥିଲା ।

### ୪. ଆଲ୍‌ଜିୟର୍ସ ସମ୍ମିଳନୀ (୧୯୭୩):

ଆଫ୍ରିକା ମହାଦେଶସ୍ଥ ଆଲ୍‌ଜେରିଆର ରାଜଧାନୀ ଆଲ୍‌ଜିୟର୍ସଠାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପରବର୍ତ୍ତୀ ସମ୍ମିଳନୀ ୧୯୭୩ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା । ସେଥିରେ ୭୬ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦାନ କରି ବିଭିନ୍ନ ଆନ୍ତର୍ଜାତିକ ସମସ୍ୟାର ଆଲୋଚନା କରିଥିଲେ ଏବଂ ଅର୍ଥନୈତିକ ଶୋଷଣକୁ ବିରୋଧ କରିଥିଲେ । ପ୍ରତ୍ୟେକ ରାଷ୍ଟ୍ର ତାହାର ପ୍ରାକୃତିକ ସମ୍ପଦକୁ ଜାତୀୟକରଣ କରିବା ଏବଂ ଆଭ୍ୟନ୍ତରୀଣ ଅର୍ଥନୈତିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବାର ଅଧିକାର ପାଇବା ଉଚିତ୍ ବୋଲି ମତ ପ୍ରକାଶ ପାଇଥିଲା ।

### ୫. କଲମ୍ବୋ ସମ୍ମିଳନୀ (୧୯୭୬) :

୧୯୭୬ ମସିହା ଅଗଷ୍ଟ ମାସରେ ୮୬ଟି ଦେଶର ପ୍ରତିନିଧିଙ୍କୁ ନେଇ କଲମ୍ବୋଠାରେ ପଞ୍ଚମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ବସିଥିଲା । ଆନ୍ତର୍ଜାତିକ କାରବାରରେ ବିକାଶୋନ୍ମୁଖୀ ରାଷ୍ଟ୍ରମାନେ ନ୍ୟାୟୋଚିତ ଆର୍ଥନୀତିକ ଅଧିକାର ପାଇବା ଉପରେ ଏହି ସମ୍ମିଳନୀରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହା ବ୍ୟତୀତ ସଂଯୁକ୍ତ ରାଷ୍ଟ୍ର ସଂଘ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟମାନଙ୍କର ଥିବା 'ଭିଟୋ' କ୍ଷମତାର ଉଚ୍ଛେଦ ନିମନ୍ତେ ଦାବି ଉପସ୍ଥାପନ କରାଯାଇଥିଲା ।

### ୬. ହାଭାନା ସମ୍ମିଳନୀ (୧୯୭୯) :


ଆମେରିକା ମହାଦେଶସ୍ଥିତ କ୍ୟୁବାର ରାଜଧାନୀ ହାଭାନାଠାରେ ୧୯୭୯ ମସିହା ସେପ୍ଟେମ୍ବର ମାସରେ ଆହୂତ ହୋଇଥିବା ଷଷ୍ଠ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ୯୪ଟି ରାଷ୍ଟ୍ରର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ବୃହତ୍ ଶକ୍ତିଗୁଡ଼ିକର ଆଧିପତ୍ୟ ବିସ୍ତାର ନୀତିକୁ ନିନ୍ଦା କରାଯାଇଥିଲା । ସାମରିକ ଘାଟିଗୁଡ଼ିକୁ ନଷ୍ଟ କରିଦେବାକୁ ସେମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଭାରତ ମହାସାଗରକୁ ଶାନ୍ତି ଅଞ୍ଚଳରୂପେ ରଖିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

### ୭. ନୂଆଦିଲ୍ଲୀ ସମ୍ମିଳନୀ (୧୯୮୩) :

୧୯୮୩ ମସିହା ମାର୍ଚ୍ଚ ମାସରେ ୭ଦିନ ଧରି ଭାରତର ରାଜଧାନୀ ନୂଆଦିଲ୍ଲୀଠାରେ ୯୯ଟି ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ଏକ ଶିଖର ବୈଠକରେ ମିଳିତ ହୋଇଥିଲେ । ଏଠାରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଏବଂ ଆଣବିକ ଯୁଦ୍ଧରୁ ନିବୃତ୍ତ ରହିବାକୁ ରାଷ୍ଟ୍ରମାନଙ୍କୁ ନିବେଦନ କରାଯାଇଥିଲା । ଏକ ଆନ୍ତର୍ଜାତିକ ଅର୍ଥବ୍ୟବସ୍ଥା ପ୍ରଚଳନ ପାଇଁ ପଦକ୍ଷେପ ନେବାକୁ ମଧ୍ୟ ସୁପାରିସ କରାଯାଇଥିଲା ।

**ତୁମ ପାଇଁ କାମ :**

***ବିଭିନ୍ନ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଭାରତୀୟ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଶ୍ରୀ ରାଜୀବ ଗାନ୍ଧୀଙ୍କର ଭୂମିକା ସମ୍ପର୍କରେ ସହପାଠୀମାନଙ୍କ ସହିତ ବିଶଦ ଭାବରେ ଆଲୋଚନା କର ।***



**(ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସାଙ୍କେତିକ ଚିହ୍ନ)**

## ୮. ହାରାରେ ସମ୍ମିଳନୀ (୧୯୮୬) :

୧୯୮୬ ମସିହା ସେପ୍ଟେମ୍ବର ମାସରେ ଜିମ୍ବାବ୍ୱେର ରାଜଧାନୀ ହାରାରେଠାରେ ଅଷ୍ଟମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ୧୦୧ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ । ସେଠାରେ ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ନୀତିରେ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶଦ୍ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା । ବିଶ୍ୱ ଅର୍ଥନୀତି ବ୍ୟବସ୍ଥା ପରିପ୍ରେକ୍ଷିରେ ଆନ୍ତର୍ଜାତିକ ଅର୍ଥନୈତିକ ସହଯୋଗ ପାଇଁ ସେଠାରେ ଆହ୍ୱାନ ଦିଆଯାଇଥିଲା । ଏହା ବ୍ୟତୀତ ନାମିବିଆର ସ୍ୱାଧୀନତା ଏବଂ କାମ୍ବୋଡିଆ, ଆଫଗାନିସ୍ତାନ୍ ଓ ଇରାନ୍ - ଇରାକ୍ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା ।

## ୯. ବେଲ୍‌ଗ୍ରେଡ୍ ସମ୍ମିଳନୀ (୧୯୮୯) :

ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ନବମ ସମ୍ମିଳନୀ ୧୯୮୯ ମସିହା ସେପ୍ଟେମ୍ବର ମାସରେ ପୁନର୍ବାର ଇଉରୋପସ୍ଥିତ ଯୁଗୋସ୍ଲୋଭିଆର ରାଜଧାନୀ ବେଲ୍‌ଗ୍ରେଡ୍‌ଠାରେ ଅନୁଷ୍ଠିତ ହୋଇଥିଲା । ସେଠାରେ ୯୮ଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ । ଉତ୍ତର ଓ ଦକ୍ଷିଣର ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ଅର୍ଥନୈତିକ ସମ୍ପର୍କ ଏବଂ ନୂତନ ବିଶ୍ୱ ଅର୍ଥନୀତି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ଓ ସହଯୋଗ ପାଇଁ ଏହି ସମ୍ମିଳନୀରେ ଗୁରୁତ୍ୱ ଦିଆଯାଇଥିଲା ।

## ୧୦. ଜାକର୍ତ୍ତା ସମ୍ମିଳନୀ (୧୯୯୨)

ଦଶମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ୧୯୯୨ ମସିହା ସେପ୍ଟେମ୍ବର ମାସରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ହୋଇଥିଲା ସେଠାରେ ୧୦୮ଟି ସଭ୍ୟ ରାଷ୍ଟ୍ର ଯୋଗ ଦେଇଥିଲେ । ଶୀତଳ ଯୁଦ୍ଧର ଅବସାନ ଏବଂ ସୋଭିଏତ୍ ସଂଘର ବିଲୟ ପରେ ଏହା ପ୍ରଥମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ଅଟେ । ଏଠାରେ ଶୀତଳ ଯୁଦ୍ଧର ଅବସାନ ପରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ଏବଂ ଗଣତନ୍ତ୍ର ଓ ସମାନତା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

## ୧୧. କାର୍ଟାଜେନା ସମ୍ମିଳନୀ (୧୯୯୫)

କଲମ୍ବିଆର କାର୍ଟାଜେନା ଡି ଇଣ୍ଡିଆଜ୍‌ଠାରେ ଏକାଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ୧୯୯୫ ମସିହା ଅକ୍ଟୋବର ମାସରେ ୧୧୩ଟି ସଭ୍ୟ ରାଷ୍ଟ୍ରଙ୍କ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଠାରେ ଆନ୍ତର୍ଜାତିକ ସ୍ତରରେ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସହଯୋଗ ପ୍ରତିଷ୍ଠା ବିଷୟ ଉପସ୍ଥାପନ କରାଯାଇଥିଲା । ବିଶ୍ୱବ୍ୟାଙ୍କ୍ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ବ୍ୟତୀତ ଆନ୍ତର୍ଜାତିକ ନିରାପତ୍ତାରକ୍ଷା, ନିରସ୍ତ୍ରୀକରଣ ଏବଂ ଆତଙ୍କବାଦର ବିଲୋପ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା ।

## ୧୨. ଡର୍‌ବାନ୍ ସମ୍ମିଳନୀ (୧୯୯୮)

୧୯୯୮ ମସିହା ସେପ୍ଟେମ୍ବର ମାସରେ ଦକ୍ଷିଣ ଆଫ୍ରିକାର ଡର୍‌ବାନ୍‌ଠାରେ ଦ୍ୱାଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ୧୧୪ଟିସଭ୍ୟ ରାଷ୍ଟ୍ରର ପ୍ରତିନିଧି ଏକତ୍ର ହୋଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକା ଏହି ସମ୍ମିଳନୀରେ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବରେ ଯୋଗଦେଇଥିଲା । ଏହି ସମ୍ମିଳନୀରେ ଆନ୍ତର୍ଜାତୀୟ ସନ୍ତ୍ରାସବାଦ ଓ ଆଣବିକ ଅସ୍ତ୍ରଶସ୍ତ୍ରର ଦୂରୀକରଣ ବିପକ୍ଷରେ ଏକ ନ୍ୟାୟ ସଂଗତ ଆନ୍ତର୍ଜାତିକ ଅର୍ଥନୈତିକ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଆଲୋଚନା କରାଯାଇଥିଲା । ଇସ୍ରାଏଲ୍‌କୁ ପାଲେଷ୍ଟାଇନ୍

ଏବଂ ଆରବୀୟ ଅଞ୍ଚଳରୁ ଓହରିଯିବାକୁ ଦାବି କରାଯାଇଥିଲା ।

## ୧୩. କୁଆଲାଲାମ୍ପୁର ସମ୍ମିଳନୀ (୨୦୦୩)

ମାଲୟେସିଆର କୁଆଲାଲାମ୍ପୁରଠାରେ ତ୍ରୟୋଦଶ ଗୋଷ୍ଠୀନିରପେକ୍ଷ ସମ୍ମିଳନୀ ୨୦୦୩ ମସିହା ଫେବୃଆରୀ ମାସରେ ୧୧୪ଟି ମଧ୍ୟରୁ ୧୧୨ଟି ସଭ୍ୟ ରାଷ୍ଟ୍ରର ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା, ଏଠାରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିବା ଓ ସଂଯୁକ୍ତ ରାଷ୍ଟ୍ରସଂଘର ଦୃଢ଼ୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହା ବ୍ୟତୀତ ଇରାକ୍ ଓ ଦକ୍ଷିଣ କୋରିଆ ସମସ୍ୟା ଏବଂ ବିଶ୍ୱ ସନ୍ତ୍ରାସବାଦ ମୂଳୋତ୍ପାଟନ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା ।

## ୧୪. ହାଭାନା ସମ୍ମିଳନୀ (୨୦୦୬)

ଚତୁର୍ଦ୍ଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ପୁନର୍ବାର କ୍ୟୁବାର ହାଭାନାଠାରେ ୨୦୦୬ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିଲା । ଏଠାରେ ୧୧୮ଟି ସଭ୍ୟ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଯୁକ୍ତରାଷ୍ଟ୍ର ଆମେରିକା ଓ ତା'ର ସହଯୋଗୀ ରାଷ୍ଟ୍ରମାନଙ୍କର ଏକଚାଟିଆ ଆଧିପତ୍ୟ ପ୍ରତିଷ୍ଠାର ପ୍ରଚେଷ୍ଟାକୁ ବିରୋଧ କରିଥିଲେ । ବିଭିନ୍ନ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ବୈଦେଶିକ ହସ୍ତକ୍ଷେପ ଏବଂ ବଳପୂର୍ବକ ଶାସନ ପରିବର୍ତ୍ତନର ମଧ୍ୟ ଏଠାରେ ନିନ୍ଦା କରାଯାଇ ଥିଲା ।

## ୧୫. ଶାର୍ମ ଏଲ୍ ଶେଖ୍ ସମ୍ମିଳନୀ (୨୦୦୯)

ଇଜିପ୍ଟର ଶାର୍ମଏଲ୍ ଶେଖ୍ଠାରେ ୧୧୮ଟି ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରର ପ୍ରତିନିଧି ୨୦୦୯ ମସିହା ଜୁଲାଇ ମାସରେ

## ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ - ସାରଣୀ

| ଆନ୍ଦୋଳନ | ସମୟ (ମସିହା) | ସ୍ଥାନ |
|---|---|---|
| ପ୍ରଥମ | ୧୯୬୧ | ଯୁଗୋସ୍ଲୋଭିଆର ବେଲଗ୍ରେଡ୍ |
| ଦ୍ୱିତୀୟ | ୧୯୬୪ | ଇଜିପ୍ଟର କାଇରୋ |
| ତୃତୀୟ | ୧୯୭୦ | ଜାମ୍ବିଆର ଲୁସାକା |
| ଚତୁର୍ଥ | ୧୯୭୩ | ଆଲ୍‌ଜେରିଆର ଆଲ୍‌ଜିୟର୍ସ |
| ପଞ୍ଚମ | ୧୯୭୬ | ଶ୍ରୀଲଙ୍କାର କଲମ୍ବୋ |
| ଷଷ୍ଠ | ୧୯୭୯ | କ୍ୟୁବାର ହାଭାନା |
| ସପ୍ତମ | ୧୯୮୩ | ଭାରତର ନୂଆଦିଲ୍ଲୀ |
| ଅଷ୍ଟମ | ୧୯୮୬ | ଜିମ୍ବାବ୍ୱେର ହାରାରେ |
| ନବମ | ୧୯୮୯ | ଯୁଗୋସ୍ଲୋଭିଆର ବେଲ୍‌ଗ୍ରେଡ୍ |
| ଦଶମ | ୧୯୯୨ | ଇଣ୍ଡୋନେସିଆର ଜାକର୍ତ୍ତା |
| ଏକାଦଶ | ୧୯୯୫ | କଲମ୍ବିଆର କାର୍ଟାଜେନା ଡି ଇଣ୍ଡିଆନ୍ |
| ଦ୍ୱାଦଶ | ୧୯୯୮ | ଦକ୍ଷିଣ ଆଫ୍ରିକାର ଡରବାନ୍ |
| ତ୍ରୟୋଦଶ | ୨୦୦୩ | ମାଲୟେସିଆର କୁଆଲାଲାମ୍ପୁର |
| ଚତୁର୍ଦ୍ଦଶ | ୨୦୦୬ | କ୍ୟୁବାର ହାଭାନା |
| ପଞ୍ଚଦଶ | ୨୦୦୯ | ଇଜିପ୍ଟର ଶାର୍ମ ଏଲ୍ ଶେଖ୍ |

ପଞ୍ଚଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଏକତ୍ର ହୋଇ ସେଠାରେ ପୃଥିବୀର ଅର୍ଥନୈତିକ ସଙ୍କଟ ଏବଂ ବିଭିନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଉପୁଜୁଥିବା ରାଜନୈତିକ ଉତ୍ତେଜନା ଓ ଦ୍ୱନ୍ଦ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ସମୟ ମଧ୍ୟରେ ବିଶ୍ୱରେ ପ୍ରଭୂତ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ସୋଭିଏତ୍ ସଂଘ ଓ ପୂର୍ବ ଇଉରୋପରେ କମ୍ୟୁନିଷ୍ଟବାଦ (ସାମ୍ୟବାଦ)ର ବିଲୋପ ହେବା ସଙ୍ଗେ ସଙ୍ଗେ ସୋଭିଏତ୍ ମହାଶକ୍ତିର ମଧ୍ୟ ବିଲୟ ଘଟିଥିଲା । ସାମରିକ ମେଣ୍ଟମାନ ଭାଙ୍ଗି ଯାଇଥିଲା ଏବଂ ଶୀତଳ ଯୁଦ୍ଧର ଅନ୍ତ ହୋଇଥିଲା । ଏହି ପରିବର୍ତ୍ତିତ ପରିସ୍ଥିତିରେ ଏହି ସମ୍ମିଳନୀ ଗୁଡ଼ିକରେ ଆତଙ୍କବାଦ ଓ ଗଣବିଧ୍ୱଂସି ଅସ୍ତ୍ରଶସ୍ତ୍ର ବିରୋଧରେ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା । ଏହା ବ୍ୟତୀତ ଜଗତୀକରଣ ଓ ବିଶ୍ୱ ବାଣିଜ୍ୟିକ ସଂଗଠନ (World Trade Organization)ରେ ଅଂଶଗ୍ରହଣ କରିବାର ଧାରା ଚାଲୁ ରଖିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ।

## ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଅବଦାନ:

ଶୀତଳ ଯୁଦ୍ଧ, ମହାଶକ୍ତି ମେଣ୍ଟ ଓ ସାମରିକ ଗୋଷ୍ଠୀ ଗଠନ ଯୁଗରେ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଶୀତଳ ଯୁଦ୍ଧର ଅନ୍ତ ଦିଗରେ ଏହା ସଫଳ ପଦକ୍ଷେପ ନେଇ ପାରିଛି । ଏହା ବିଶ୍ୱରୁ ଉପନିବେଶବାଦର ବିଲୟକୁ ତ୍ୱରାନ୍ୱିତ କରିଛି । ନୂତନ ଭାବରେ ସ୍ୱାଧୀନ ହୋଇଥିବା ରାଷ୍ଟ୍ରଗୁଡ଼ିକ ଏକତ୍ର ହେବାଦ୍ୱାରା ଗୋଟିଏ ତୃତୀୟ ବିଶ୍ୱର ଅଭ୍ୟୁଦୟ ଘଟିଛି । ଦକ୍ଷିଣ ଆଫ୍ରିକାର ଘୃଣ୍ୟ ବର୍ଣ୍ଣବୈଷମ୍ୟବାଦର ଅନ୍ତ ଦିଗରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଉଦ୍ୟମ ପ୍ରଶଂସନୀୟ । ଏହା ଶୀତଳ ଯୁଦ୍ଧ ପରିପ୍ରେକ୍ଷୀରେ ପୃଥିବୀରେ ଗଢ଼ିଉଠିଥିବା ବିଭିନ୍ନ ସାମରିକ ମେଣ୍ଟକୁ ବିରୋଧ କରିବା ସହିତ ନୂତନ ଭାବରେ ସ୍ୱାଧୀନତା ପ୍ରାପ୍ତ ରାଷ୍ଟ୍ରମାନଙ୍କର ସେଗୁଡ଼ିକରେ ଯୋଗଦାନକୁ ନିରୁତ୍ସାହିତ କରିଥିଲା । ଦକ୍ଷିଣ ପୂର୍ବ ଏସିଆ ଚୁକ୍ତି ସଂଗଠନ, କେନ୍ଦ୍ରୀୟ ଚୁକ୍ତି ସଂଗଠନ ଓ ୱାର୍ସ ଚୁକ୍ତି ଆଦିର ବିଫଳତା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦିଏ । ଏହାର ପ୍ରଚେଷ୍ଟା ଫଳରେ ପାରମ୍ପରିକ ଓ ଅଣପାରମ୍ପରିକ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ସଙ୍କୁଚିତ ହୋଇପାରିଛି । ଏହାଦ୍ୱାରା ସଂଯୁକ୍ତ ରାଷ୍ଟ୍ରସଂଘର କାର୍ଯ୍ୟକ୍ରମକୁ ଅଧିକ ଗଣତାନ୍ତ୍ରିକ କରାଯାଇ ପାରିଛି ଏବଂ ପ୍ରଚଳିତ ରାଜନୀତିର ଗତି ଓ ରୂପରେଖକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦିଆଯାଇ ପାରିଛି । ଏହି ଆନ୍ଦୋଳନ ଯୋଗୁଁ ଦୁର୍ବଳ ରାଷ୍ଟ୍ରମାନେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି ଏବଂ ତୃତୀୟ ବିଶ୍ୱର ଶକ୍ତିମାନେ ବିଶ୍ୱଶାନ୍ତି ଓ ମାନବୀୟ ଭ୍ରାତୃତ୍ୱର ସଫଳ ପ୍ରସାର କରି ପାରିଛନ୍ତି ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ କିପରି ଆରମ୍ଭ ହୋଇଥିଲା ?

(ଖ) ଗୋଷ୍ଠୀ ନିରପେକ୍ଷତା କାହାକୁ କୁହାଯାଏ ? ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଲକ୍ଷ୍ୟ କ'ଣ ? ଏହି ଆନ୍ଦୋଳନର ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ କିଏ ?

(ଗ) ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ରୂପରେଖ କେବେ ଓ କେଉଁଠାରେ ପ୍ରସ୍ତୁତ କରାଯାଇଥିଲା ? ସେଠାରେ କେତୋଟି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ଓ ସେମାନେ କେଉଁସବୁ ବିଷୟରେ ଆଲୋଚ଼ନା କରିଥିଲେ ?

(ଘ) ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଗୋଷ୍ଠୀ ନିରପେକ୍ଷ ଅନ୍ଦୋଳନର ଅବଦାନ ଆଲୋଚ଼ନା କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) ପ୍ରଥମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ରମାନଙ୍କର ପ୍ରତିନିଧିମାନେ କି' କାର୍ଯ୍ୟ ସମ୍ପାଦନ କରିଥିଲେ ।

(ଖ) ପଞ୍ଚମ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେବେ ଓ କେଉଁଠାରେ ଅନୁଷ୍ଠିତ ହୋଇଥିଲା ? ଏହି ସମ୍ମିଳନୀରେ କେଉଁ ବିଷୟରେ ଗୁରୁତ୍ୱ ଆରୋପ କରାଯାଇଥିଲା ?

(ଗ) ନୂଆଦିଲ୍ଲୀଠାରେ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ଏକ ଶିଖର ବୈଠକ କେବେ ଅନୁଷ୍ଠିତ ହୋଇଥିଲା ? ଏଠାରେ କି' ପଦକ୍ଷେପ ନିଆଯାଇଥିଲା ।

(ଘ) ଲୁସାକା ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ କି କାର୍ଯ୍ୟ ସମ୍ପାଦିତ ହୋଇଥିଲା ?

(ଙ) ବାନ୍ଦୁଙ୍ଗ୍ ସମ୍ମିଳନୀର ଆତ୍ମା କିଏ ଥିଲେ ? ତାଙ୍କର କେଉଁ ନୀତି ସେଠାରେ ଗୃହୀତ ହୋଇଥିଲା ?

(ଚ) ହାରାରେ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗଦେଇଥିଲେ ? ସେଠାରେ କେଉଁ ଦୁଇଟି କାର୍ଯ୍ୟ ସମ୍ପାଦିତ ହୋଇଥିଲା ?

(ଛ) ୧୯୮୯ ମସିହା ସେପ୍ଟେମ୍ବର ମାସରେ କେଉଁଠାରେ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ? ସମ୍ମିଳନୀରେ କେଉଁ ବିଷୟରେ ପ୍ରସ୍ତାବ ଆସିଥିଲା ?

(ଜ) ତ୍ରୟୋଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ମୁଖ୍ୟତଃ କ'ଣ ଆଲୋଚିତ ହୋଇଥିଲା ?

(ଝ) ଚତୁର୍ଦ୍ଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେବେ ଓ କେଉଁ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ?

(ଞ) ପଞ୍ଚଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ? ଏଥିରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲେ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ।**

(କ) କାହା ନେତୃତ୍ୱରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ସୁଦୃଢ଼ ହୋଇଥିଲା ?

(ଖ) କେଉଁମାନଙ୍କ ସହଯୋଗ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ପରିପୁଷ୍ଟ କରିଥିଲା ?

(ଗ) କେଉଁମାନଙ୍କୁ ନେଇ ତୃତୀୟ ବିଶ୍ୱର ସୃଷ୍ଟି ହୋଇଥିଲା ?

(ଘ) କେଉଁ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ବୃହତ୍ ଶକ୍ତିମାନଙ୍କୁ ସେମାନଙ୍କର ସାମରିକ ଘାଟିଗୁଡ଼ିକୁ ନଷ୍ଟ କରିଦେବାକୁ ଆହ୍ୱାନ ଦିଆଯାଇଥିଲା ?

(ଙ) ଆଲ୍‌ଜିୟର୍ସ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ କେତୋଟି ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଥିଲେ ।

(ଚ) ଲୁସାକା କେଉଁ ଦେଶର ରାଜଧାନୀ ?

(ଛ) ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସପ୍ତମ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(ଜ) ଦକ୍ଷିଣ ଆଫ୍ରିକାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ କେଉଁ ପ୍ରଶଂସନୀୟ ପଦକ୍ଷେପ ନେଇଥିଲା ?

(ଝ) କେଉଁ ଚୁକ୍ତି ଗୁଡିକର ବିଫଳତା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର କାର୍ଯ୍ୟ ଦକ୍ଷତାର ପ୍ରମାଣ ଦିଏ ?

(ଞ) ପଞ୍ଚଦଶ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

**୪. ନିମ୍ନରେ ପ୍ରତ୍ୟେକରେ ତଳେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

କ. କେଉଁ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଆଫଗାନିସ୍ତାନରୁ ରୁଷିଆର ସୈନ୍ୟ ଅପସାରଣ ପାଇଁ ଆହ୍ୱାନ ଦିଆଯାଇଥଲା ?

(i) ହାଭାନା ସମ୍ମିଳନୀ ୧୯୭୯ (ii) ହାରାରେ ସମ୍ମିଳନୀ ୧୯୮୬

(iii) ନୂଆଦିଲ୍ଲୀ ସମ୍ମିଳନୀ ୧୯୮୩ (iv) ବେଲ୍‌ଗ୍ରେଡ୍ ସମ୍ମିଳନୀ ୧୯୮୯

ଖ. ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ପ୍ରଥମ ସମ୍ମିଳନୀ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

(i) ବାନ୍ଦୁଙ୍ଗ (ii) ଲୁସାକା

(iii) କାଇରୋ (iv) ବେଲ୍‌ଗ୍ରେଡ୍

ଗ. କେଉଁ ବିଷୟଟି ୧୯୮୯ ମସିହାରେ ବେଲ୍‌ଗ୍ରେଡ୍ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଆଲୋଚିତ ହୋଇଥିଲା ?

(i) ସମ୍ପୂର୍ଣ୍ଣ ଅଣୁ ଅସ୍ତ୍ର ଉଚ୍ଛେଦ (ii) ବିଶ୍ୱ ଅର୍ଥନୀତି ଅବସ୍ଥା

(iii) ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟବାଦର ବିଲୋପ (iv) ସାମ୍ରାଜ୍ୟବାଦ ବିରୋଧରେ ସାଧାରଣ ନିନ୍ଦା

ଘ. କେଉଁ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ବିଶ୍ୱ ଉତ୍ତେଜନା ଦୂର କରିବାକୁ ସାମରିକ ମେଣ୍ଟ ଗୁଡ଼ିକ ନଷ୍ଟ କରିଦେବା ପାଇଁ ମତ ପ୍ରକାଶ ପାଇଥିଲା ?

(i) ଲୁସାକା ସମ୍ମିଳନୀ (୧୯୭୦) (ii) ହାଭାନା ସମ୍ମିଳନୀ (୧୯୭୯)

(iii) କଲମ୍ବୋ ସମ୍ମିଳନୀ (୧୯୭୬) (iv) ହାରାରେ ସମ୍ମିଳନୀ (୧୯୮୬)

**ଙ. କେଉଁ ବିଷୟରେ ୧୯୮୬ ମସିହାର ହାରାରେ ଗୋଷ୍ଠୀ ନିରପେକ୍ଷ ସମ୍ମିଳନୀରେ ଆଲୋଚନା ହୋଇଥିଲା ?**

(i) ଆନ୍ତର୍ଜାତିକ ସନ୍ତ୍ରାସବାଦର ଦୂରୀକରଣ (ii) ବିଶ୍ୱବ୍ୟାଙ୍କର ସଂସ୍କାର

(iii) ସାମରିକ ଘାଟିଗୁଡ଼ିକର ଧ୍ୱଂସ (iv) ବର୍ଣ୍ଣ ବୈଷମ୍ୟ ନୀତିର ବିଲୋପ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ସହାୟତା ଓ ନିର୍ଦ୍ଦେଶନାରେ ସମ୍ପାଦନ କର ।**

●●

## ଚତୁର୍ଥ ପାଠ

# ସୋଭିଏତ୍ ସଂଘର ବିଖଣ୍ଡୀକରଣ
# (Disintegration of Soviet Union)

ଐତିହାସିକ ଦୃଷ୍ଟିକୋଣରୁ ବିଂଶ ଶତାବ୍ଦୀର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ସୋଭିଏତ୍ ସଂଘର ବିଲୟ ଯାହା ଶୀତଳ ଯୁଦ୍ଧ ଓ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ଅବସାନ ଘଟାଇଥିଲା । ୧୯୧୭ ମସିହାରେ ରୁଷ୍ ଦେଶରେ ଏକଛତ୍ରବାଦୀ ଓ ଅତ୍ୟାଚାରୀ ଜାର୍ ଶାସନ ବିରୋଧରେ ବୋଲ୍‌ସେଭିକ୍ ଆନ୍ଦୋଳନ ସଂଘଟିତ ହେବାଦ୍ୱାରା ଜାର୍ ଶାସନର ପତନ ହୋଇଥିଲା । ୧୯୨୩ ମସିହାରେ ଭ୍ଲାଡିମିର୍ ଲେନିନ୍‌ଙ୍କ (Vladimir Lenin) ନେତୃତ୍ୱରେ ୧୫ଟି ରାଜ୍ୟର ସମାହାରରେ ସାମ୍ୟବାଦୀ ସୋଭିଏତ୍ ସଂଘ ଆତ୍ମପ୍ରକାଶ



(ଯୋସେଫ୍ ଷ୍ଟାଲିନ)

କରିଥିଲା । ଲେନିନ୍‌ଙ୍କର ନୂତନ ଅର୍ଥନୈତିକ ନୀତି ଦ୍ୱାରା ୧୯୨୧ ମସିହାରୁ ସୋଭିଏତ୍ ସଂଘରେ ଅର୍ଥନୈତିକ ସଂସ୍କାର ଆରମ୍ଭ ହୋଇଥିଲା । ୧୯୨୮ ମସିହାରେ ଯୋସେଫ୍ ଷ୍ଟାଲିନ୍ (Joseph Stalin)ଙ୍କ ଦ୍ୱାରା ପଞ୍ଚବାର୍ଷିକ ଯୋଜନାର ପ୍ରବର୍ତ୍ତନ ଫଳରେ ଖୁବ୍ କମ୍ ସମୟ ମଧ୍ୟରେ ସୋଭିଏତ୍ ସଂଘ ଏକ କୃଷିପ୍ରଧାନ ରାଷ୍ଟ୍ରରୁ ଶକ୍ତିଶାଳୀ ଶିଳ୍ପୋନ୍ନତ ରାଷ୍ଟ୍ରରୂପେ ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଥିଲା ।

**ତୁମେ ଜାଣିଛ କି ?**

*ରୁଷର ସମ୍ରାଟମାନେ ୧୫୪୭ ମସିହାରୁ ଜାର୍ ଉପାଧି ଧାରଣ କରୁଥିଲେ । ୧୫୪୭ ମସିହାରେ ଚତୁର୍ଥ ଇଭାନ୍ (Ivan IV) ୧୭ ବର୍ଷ ବୟସରେ ରୁଷର ପ୍ରଥମ ଜାର୍ ହୋଇଥିଲେ । ଶେଷ ଜାର୍ ଦ୍ୱିତୀୟ ନିକୋଲସ୍ (Nicholas II) ୧୯୧୭ ମସିହା ଫେବ୍ରୁଆରୀ ବିପ୍ଳବ ଦ୍ୱାରା ଗାଦିଚ୍ୟୁତ ହୋଇଥିଲେ ।*

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ସୋଭିଏତ୍ ସଂଘ ପୃଥିବୀର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ଶକ୍ତିରେ ପରିଣତ ହୋଇ ଯୁକ୍ତରାଷ୍ଟ୍ର ଆମେରିକା ପରେ ପୃଥିବୀର ଅନ୍ୟତମ ବୃହତ୍‌ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଥିଲା । ଷ୍ଟାଲିନ୍‌ଙ୍କର ବଳିଷ୍ଠ ନେତୃତ୍ୱ ସୋଭିଏତ୍ ସଂଘର ଚତୁଃପାର୍ଶ୍ୱରେ ସାମ୍ୟବାଦର ଲୌହ ପରଦାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଆନ୍ତର୍ଜାତିକ କ୍ଷେତ୍ରରେ ଏହାର ପ୍ରଭାବ ଓ ପ୍ରତିପତ୍ତିକୁ ବୃଦ୍ଧି କରିଥିଲା । ୧୯୪୯ ମସିହା ବେଳକୁ ସୋଭିଏତ୍ ସଂଘ ପୂର୍ବ ଇଉରୋପୀୟ ଦେଶ ଯଥା ପୋଲାଣ୍ଡ, ହଙ୍ଗେରୀ, ଚେକୋସ୍ଲୋଭାକିଆ, ରୁମାନିଆ, ବୁଲ୍‌ଗେରିଆ, ଆଲବାନିଆ, ପୂର୍ବ ଜର୍ମାନୀ ପ୍ରଭୃତିରେ ସାମ୍ୟବାଦୀ ଶାସନ ପ୍ରତିଷ୍ଠା କରିଥିଲା । ଷ୍ଟାଲିନ୍ ୧୯୫୩ ମସିହା ପର୍ଯ୍ୟନ୍ତ ସୋଭିଏତ୍ ସଂଘର ଶାସନ ଦୃଢ଼ ହସ୍ତରେ ପରିଚାଳନା କରିଥିଲେ ।

ତୁମେ ଜାଣିଛ କି ?

୧୯୨୩ ମସିହାରେ ସୋଭିଏତ୍ ସଂଘ ନିମ୍ନଲିଖିତ ୧୫ଟି ରାଜ୍ୟକୁ ନେଇ ଗଠିତ ହୋଇଥିଲା :-

| | | |
|---|---|---|
| ରୁଷିଆ | କାଜାଖ୍ସ୍ତାନ୍ | ଉଜ୍‌ବେକିସ୍ତାନ୍ |
| ବେଲାରୁଷ୍ | କିରଗୀଜ୍‌ସ୍ତାନ | ଜର୍ଜିଆ |
| ୟୁକ୍ରେନ୍ | ମୋଲଡୋଭା | ଲିଥୁଆନିଆ |
| ଆର୍ମେନିଆ | ତୁର୍କମେନିସ୍ତାନ୍ | ଲାଟ୍‌ଭିଆ |
| ଆଜର୍‌ବାଇଜାନ୍ | ତାଜିକିସ୍ତାନ୍ | ଇସ୍ତୋନିଆ |

ତୁମ ପାଇଁ କାମ :

ଯୋସେଫ୍ ଷ୍ଟାଲିନ୍‌ଙ୍କ ସମୟରେ ସୋଭିଏତ୍ ସଂଘରେ କିପରି ଦ୍ରୁତ ଅର୍ଥନୈତିକ ଓ ସାମରିକ ଅଭିବୃଦ୍ଧି ଘଟିଥିଲା ସେ ସମ୍ପର୍କରେ ବିଭିନ୍ନ ବହି ପଢ଼ି ଏକ ସନ୍ଦର୍ଭ ଲେଖ ।

ଷ୍ଟାଲିନ୍‌ଙ୍କର ମୃତ୍ୟୁପରେ ନିକିତା କୃଶ୍ଚେଭ୍ (Nikita Khrushchev) ସୋଭିଏତ୍ ସଂଘର ପ୍ରଧାନମନ୍ତ୍ରୀ ହେଲେ ।



(ନିକିତା କୃଶ୍ଚେଭ୍)

ସେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିରେ ବିଶ୍ୱାସ କରୁଥିଲେ ଏବଂ ତାଙ୍କ ସମୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହିତ ସୋଭିଏତ୍ ସଂଘର ସମ୍ପର୍କରେ ସାମାନ୍ୟ ଉନ୍ନତି ଘଟିଥିଲା । କିନ୍ତୁ ଚୀନ୍‌ର ଶାସକ ମାଓ-ସେ-ତୁଙ୍ଗଙ୍କ ସହ ସୋଭିଏତ୍ ସଂଘର ସମ୍ପର୍କ ତିକ୍ତ ହୋଇଥିଲା । ସୋଭିଏତ୍ ସଂଘ ଏବଂ ସାମ୍ୟବାଦୀ ଚୀନ୍ ମଧ୍ୟରେ ତୀବ୍ର ମତଭେଦ ଘଟି ବିଶ୍ୱରେ ସୋଭିଏତ୍ ସଂଘର ପ୍ରଧାନ୍ୟ କ୍ଷୁଣ୍ଣ ହୋଇଥିଲା । କୃଶ୍ଚେଭ୍ ତାଙ୍କର ଉଦାରବାଦୀ ମନୋଭାବ ଯୋଗୁଁ କଠୋରପନ୍ଥୀଙ୍କ ଦ୍ୱାରା ନିନ୍ଦିତ ହେଲେ ଏବଂ ୧୯୬୪ ମସିହାରେ କ୍ଷମତାରୁ ଅପସରି ଗଲେ । କୃଶ୍ଚେଭ୍‌ଙ୍କ ପରେ ପରେ ଆଲେକ୍ସି କୋସିଜିନ୍ (Alexei Kosygin) ଏବଂ ଲିଓନିଡ୍



(ଆଲେକ୍ସି କୋସିଜିନ୍ )


ବ୍ରେଜ୍‌ନେଭଙ୍କ (Leonide Breznev) ସମୟରେ ଯୁକ୍ତରାଷ୍ଟ୍ର ଆମେରିକା ସହିତ ସୋଭିଏତ୍ ସଂଘର ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଓ ଶୀତଳ ଯୁଦ୍ଧ ଯୋଗୁଁ ଏହାର ସାମରିକ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଥିଲା ।



(ଲିଓନିଡ୍ ବ୍ରେଜ୍‌ନେଭ)

ଅଶୀଦଶକର ଆରମ୍ଭରୁ ମୁଦ୍ରାସ୍ଫୀତି, ଆବଶ୍ୟକ ସାମଗ୍ରୀର ଅଭାବ, କୃଷି ଉତ୍ପାଦନ ହ୍ରାସ ଏବଂ କଳାବଜାରର ପ୍ରଭାବରୁ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଦୁର୍ବଳ ହୋଇପଡ଼ିଲା । ଏତଦ୍‌ବ୍ୟତୀତ ସାମ୍ୟବାଦୀ ଲୌହପରଦା ନୀତି ଯୋଗୁଁ ବିଶ୍ୱସ୍ତରୀୟ ସୂଚନା ପ୍ରଯୁକ୍ତିବିଦ୍ୟାର ଶିଳ୍ପାୟନ ସୁଫଳରୁ ସୋଭିଏତ୍ ସଂଘ ବଞ୍ଚିତ ହୋଇ ଅନଗ୍ରସରତାର ଶିକାର ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୋନାଲଡ୍ ରିଗାନ୍‌ଙ୍କ (Ronald Reagan) ଦ୍ୱାରା ଘୋଷିତ ତାରକା ଯୁଦ୍ଧ

ଯୋଜନା ସୋଭିଏତ୍ ସଂଘର ଦୁର୍ବଳ ଅର୍ଥନୀତି ଉପରେ ଅତ୍ୟଧିକ ସାମରିକ ଖର୍ଚ୍ଚର ବୋଝ ଲଦି ଦେଇଥିଲା । ୧୯୮୬ ମସିହାର ଚେର୍ଣ୍ଣୋବିଲ୍ ଆଣବିକ ଶକ୍ତି କେନ୍ଦ୍ରରେ ଦୁର୍ଘଟଣା ହେତୁ ସୋଭିଏତ୍ ସଂଘର ବିପର୍ଯ୍ୟସ୍ତ ଆର୍ଥନୀତିକ ଅବସ୍ଥା ବିଶ୍ୱବାସୀଙ୍କୁ ଦୃଷ୍ଟିଗୋଚ଼ର ହୋଇଥିଲା ।



(ରୋନାଲଡ୍ ରିଗାନ୍)

ସୋଭିଏତ୍ ସଂଘର ଏହିପରି ସ୍ଥାଣୁ ଅବସ୍ଥା ଅବସରରେ କେତେକ ଯୁବ ସାମ୍ୟବାଦୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରାର ଅଭ୍ୟୁଦୟ ଘଟି ରାଜନୈତିକ ଓ ଆର୍ଥନୀତିକ ଉଦାରୀକରଣ ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ସୁସମ୍ପର୍କର ଏକ ନୂତନ ଅଧ୍ୟାୟର ସୂତ୍ରପାତ ହୋଇଥିଲା । ୧୯୮୫ ମସିହା ମାର୍ଚ୍ଚ ମାସରେ ମିଖାଇଲ୍ ଗୋର୍ବାଚେଭ୍ (Mikhail Gorbachev) ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସଂପାଦକ ଭାବେ ନିର୍ବାଚିତ ହେଲେ । ତାଙ୍କ ନେତୃତ୍ୱରେ ନିକିତା କୃଶ୍ଚେଭଙ୍କ ଅଧୀନରେ କାର୍ଯ୍ୟ କରିଥିବା ଷ୍ଟାଲିନ୍ ବିରୋଧୀ ତଥା ଉଦାରପନ୍ଥୀ ଓ ସଂସ୍କାରବାଦୀ ଯୁବ ବୈଷୟିକ ବିଜ୍ଞାନୀଗଣ ସୋଭିଏତ୍ କମ୍ୟୁନିଷ୍ଟ ଦଳରେ ନିଜର ସ୍ଥିତି ଦୃଢ଼ କରିଥିଲେ । ସେମାନଙ୍କ ସହାୟତାରେ ବିପର୍ଯ୍ୟସ୍ତ ରାଜନୈତିକ ଓ ଆର୍ଥନୀତିକ ଅବସ୍ଥାକୁ ସୁଧାରିବା ପାଇଁ ଗୋର୍ବାଚେଭ୍ଙ୍କ ଦ୍ୱାରା ଗ୍ଲାସ୍‌ନସ୍ତ (GLASNOST-Political openness) ବା ମୁକ୍ତ ରାଜନୈତିକ କାର୍ଯ୍ୟ କଳାପ, ପେରିସ୍ତ୍ରୋଇକା (PERESTROIKA - Economic Restructuring)- ବା ଆର୍ଥନୀତିକ ପୁନର୍ବିନ୍ୟାସ; ଏବଂ ଉସ୍କୋରେନିୟେ (USKORENIYE - speed up of economic development) - ବା ଦ୍ରୁତ ଆର୍ଥନୀତିକ ବିକାଶ ପରି କେତେକ ନୂତନ ନୀତି ୧୯୮୬ ମସିହାରେ ଘୋଷିତ ହୋଇଥିଲା ।

ଗ୍ଲାସ୍‌ନସ୍ତ ନୀତିଦ୍ୱାରା ସୋଭିଏତ୍ ସଂଘରେ ମତବ୍ୟକ୍ତ କରିବାର ସ୍ୱାଧୀନତା ଏବଂ ସମ୍ବାଦପତ୍ରର ସ୍ୱାଧୀନତା ସମ୍ଭବ ହୋଇଥିଲା । ସହସ୍ରାଧିକ ରାଜନୈତିକ ବନ୍ଦୀ ଏବଂ ବିରୋଧୀମାନଙ୍କୁ କାରାମୁକ୍ତ କରାଗଲା । ସୋଭିଏତ୍ ସମାଜ ସଂପର୍କିତ ଅଧ୍ୟୟନ ବ୍ୟାପକ ହେଲା ଏବଂ ବହୁ ଗୋପନୀୟ ତଥ୍ୟ ଲୋକଲୋଚନକୁ ଆସିଲା । ୧୯୮୭ ମସିହା ଜାନୁଆରୀ ମାସରେ ଗୋର୍ବାଚେଭ୍ ଗଣତାନ୍ତ୍ରିକ ପ୍ରକ୍ରିୟା ଆରମ୍ଭ କରିଥିଲେ । ୧୯୯୦ ମସିହା ମାର୍ଚ୍ଚ ମାସ ୧୫ ତାରିଖରେ ସେ ସୋଭିଏତ୍ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ । ଗ୍ଲାସ୍‌ନସ୍ତ ନୀତି ପ୍ରଣୟନ କରି ସୋଭିଏତ୍ ସାମ୍ୟବାଦୀ ବ୍ୟବସ୍ଥାରେ ଉନ୍ନତି ସାଧନ କରିବା ଗୋର୍ବାଚେଭ୍ଙ୍କର ଲକ୍ଷ୍ୟ ଥିଲା । କିନ୍ତୁ ଗଣମାଧ୍ୟମ ଉପରେ ନିୟନ୍ତ୍ରଣ କୋହଳ ହେବାଦ୍ୱାରା ସୋଭିଏତ୍ ସଂଘର ଦୁର୍ବଳତା ଲୋକଲୋଚନକୁ ଆସିଲା ଏବଂ ସରକାର ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ହରାଇଲେ । ୱାରସ ଚୁକ୍ତି ଅନ୍ତର୍ଭୁକ୍ତ ପୂର୍ବ ଇଉରୋପୀୟ ରାଷ୍ଟ୍ରସମୂହର ଆଭ୍ୟନ୍ତରୀଣ ବ୍ୟାପାରରେ ସୋଭିଏତ୍ ସଂଘର ହସ୍ତକ୍ଷେପ ବନ୍ଦକରି ନିୟନ୍ତ୍ରଣ କୋହଳ କରିଦିଆଯିବାରୁ ସେହି ସବୁ ରାଷ୍ଟ୍ରରେ ସାମ୍ୟବାଦୀ ସରକାରଙ୍କର ପତନ ଘଟିଲା ।

ଆର୍ଥନୀତିକ ପୁନର୍ଗଠନ ଓ ଦ୍ରୁତ ଆର୍ଥନୀତିକ ବିକାଶ ନିମନ୍ତେ ଗୋର୍ବାଚେଭଙ୍କ ଦ୍ୱାରା ପ୍ରଣୀତ ପେରିସ୍ତ୍ରୋଇକା ଏବଂ ଉସ୍କୋରେନିୟେ ନୀତି ଦ୍ୱାରା ସୋଭିଏତ୍ ସଂଘର ବହୁବର୍ଷ ଧରି ମନ୍ଥର ହୋଇଯାଇଥିବା ଅର୍ଥନୀତିରେ କୌଣସି ଉନ୍ନତି ହୋଇ ପାରି ନଥିଲା । ୧୯୯୦ ମସିହା ସୁଦ୍ଧା ସୋଭିଏତ୍ ସରକାର ଦେଶର ଅର୍ଥନୀତି ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇଲେ । ଲାଭ ହେଉ ନଥିବା ଉଦ୍ୟୋଗଗୁଡ଼ିକୁ

ବଞ୍ଚାଇବାକୁ ଯାଇ ସରକାରୀ ଖର୍ଚ୍ଚ ବଢ଼ି ଚାଲିଲା । ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରମାନେ ସଂଘୀୟ ସରକାରକୁ ରାଜସ୍ୱ ଦେବାକୁ ମନାକରିଦେଲେ । ଫଳରେ ସୋଭିଏତ୍ ସଂଘର ଅର୍ଥନୀତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଲା ।

କ୍ରମଶଃ ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକରେ ସାମାଜିକ ଓ ସାଂସ୍କୃତିକ ବିଭେଦ ତୀବ୍ରତର ହେଲା । ସେହି ରାଷ୍ଟ୍ରଗୁଡ଼ିକର ନିର୍ବାଚନରେ ସାମ୍ୟବାଦୀ ଦଳ ପରାଜିତ ହୋଇ ଆଞ୍ଚଳିକ ଦଳମାନ କ୍ଷମତାକୁ ଆସିଲେ । ଏହାଦ୍ୱାରା ସୋଭିଏତ୍ ସଂଘର କେନ୍ଦ୍ରୀୟ କ୍ଷମତା ଦୁର୍ବଳ ହୋଇଗଲା । ରାଷ୍ଟ୍ରମାନେ ବହୁଦଳୀୟ ବ୍ୟବସ୍ଥା ପ୍ରବର୍ତ୍ତନ କରି ସମାଜବାଦୀ ଓ ଗଣତାନ୍ତ୍ରିକ ଦଳ ଗଠନ କଲେ । ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ଲିଥୁଆନିଆ, ଇସ୍ତୋନିଆ, ଲାଟ୍‌ଭିଆ, ବେଲାରୁଷ୍, ଇଉକ୍ରେନ୍, ମୋଲ୍‌ଡାଭିଆ, ଉଜ୍‌ବେକିସ୍ତାନ, ଜର୍ଜିଆ, ଆର୍ମେନିଆ, ଆଜରବାଇଜାନ୍ ତୁର୍କମେନିସ୍ତାନ ଓ କାଜାଖସ୍ତାନ୍ ପ୍ରଭୃତି ରାଜ୍ୟ ସ୍ୱାଧୀନତା ଘୋଷଣା କଲେ । ସାମ୍ୟବଦୀ ଦଳକୁ ବାସନ୍ଦ କରାଗଲା ଓ ୱାରସ ଚୁକ୍ତିକୁ ଭାଙ୍ଗି ଦିଆଗଲା । କ୍ଷମତା ଦଖଲ କରିବାପାଇଁ କଠୋରପନ୍ଥୀ ସାମ୍ୟବାଦୀମାନଙ୍କର ସମସ୍ତ ଚେଷ୍ଟା ରୁଷ୍ ସାଧାରଣତନ୍ତ୍ରର ରାଷ୍ଟ୍ରପତି ବୋରିସ୍ ୟେଲ୍‌ତ୍‌ସିନ୍ (Boris Yeltsin) ଙ୍କର ଦୃଢ଼ ପଦକ୍ଷେପ ଯୋଗୁଁ ପଣ୍ଡ ହୋଇଗଲା । ୧୯୯୧ ମସିହା ଡିସେମ୍ବର ୨୫ ତାରିଖ ଦିନ ଗୋର୍ବାଚେଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ପ୍ରଦାନ କଲେ । ତା'ପର ଦିନ ଅର୍ଥାତ୍ ୧୯୯୧ ମସିହା ଡିସେମ୍ବର ୨୬ ତାରିଖ ଦିନ ସୋଭିଏତ୍ ସଂଘର ଅସ୍ତିତ୍ୱ ଲୋପ ପାଇଲା । ଏହା ପୂର୍ବରୁ ୨୧ ଡିସେମ୍ବର ୧୯୯୧ ମସିହା



(ବୋରିସ୍ ୟେଲ୍‌ତ୍‌ସିନ୍)

ସୁଦ୍ଧା ୧୧ ଗୋଟି ରାଜ୍ୟଙ୍କୁ ନେଇ ସ୍ୱାଧୀନ ରାଜ୍ୟମାନଙ୍କର ଏକ ରାଜ୍ୟଗୋଷ୍ଠୀ (Commonwealth of Independent States-CIS) ଗଠିତ ହୋଇ ସାରିଥିଲା । ସେହି ୧୧ଗୋଟି ରାଜ୍ୟ ହେଲେ ବେଲାରୁଷ୍ (Belarus), କେନ୍ଦ୍ର ରୁଷ୍ ମଣ୍ଡଳ (Russian Federation), ୟୁକ୍ରେନ୍ (Ukraine), ଆର୍ମେନିଆ (Armenia), ଆଜରବାଇଜାନ୍ (Azerbaijan), କାଜାଖସ୍ତାନ୍ (Kazakhstan), କିର୍ଗୀଜ୍‌ସ୍ତାନ୍ (Kyrgyzstan), ମୋଲ୍‌ଡୋଭା (Moldova), ତୁର୍କମେନିସ୍ତାନ୍ (Turkmenistan), ତାଜିକିସ୍ତାନ୍ (Tajikistan) ଏବଂ ଉଜ୍‌ବେକିସ୍ତାନ୍ (Uzbekistan) । ଡିସେମ୍ବର ୧୯୯୩ ରେ ଜର୍ଜିଆ (Georgia) ସେମାନଙ୍କ ସହିତ ମିଶିବାରୁ ରାଜ୍ୟ ସଂଖ୍ୟା ୧୨ ହେଲା । ରାଜ୍ୟଗୁଡ଼ିକ ସ୍ୱାଧୀନ ହେଲେ ମଧ୍ୟ ପ୍ରତିରକ୍ଷା, ରାଜସ୍ୱ ଆଦାୟ, ଅସ୍ତ୍ରଶସ୍ତ୍ର ଓ ଆଣବିକ ନିୟନ୍ତ୍ରଣ କ୍ଷେତ୍ରରେ କେନ୍ଦ୍ରୀୟ ରୁଷ୍ ସରକାର ଉପରେ ନିର୍ଭରଶୀଳ ରହିଲେ ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) କାହା ନେତୃତ୍ୱରେ ସୋଭିଏତ୍ ସଂଘ ପୃଥିବୀର ଦ୍ୱିତୀୟ ବୃହତ୍ ଅର୍ଥନୈତିକ ଶକ୍ତିରେ ପରିଣତ ହୋଇଥିଲା ? କେଉଁ ସବୁ କାରଣରୁ ଏହାର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଥିଲା ?

(ଖ) ସୋଭିଏତ୍ ସଂଘର ବିପର୍ଯ୍ୟସ୍ତ ରାଜନୈତିକ ଅବସ୍ଥାକୁ ସୁଧାରିବା ପାଇଁ ଗୋର୍ବାଚେଭ୍‌ଙ୍କ ଦ୍ୱାରା କେଉଁ ନୂତନ ନୀତି ଘୋଷିତ ହୋଇଥିଲା ? ଏହାର ପରିଣତି କ'ଣ ହେଲା ?

(ଗ) ସୋଭିଏତ୍ ସଂଘର ଆର୍ଥନୀତିକ ଅବସ୍ଥାକୁ ସୁଧାରିବା ପାଇଁ ଗୋର୍ବାଚେଭ୍ କେଉଁ ଦୁଇଟି ନୀତି ଘୋଷଣା କରିଥିଲେ । ସୋଭିଏତ୍ ଅର୍ଥନୀତି ସେଗୁଡ଼ିକ ଦ୍ୱାରା କିପରି ପ୍ରଭାବିତ ହୋଇଥିଲା ?

(ଘ) ସୋଭିଏତ୍ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ରଗୁଡ଼ିକରେ ସାମାଜିକ ଓ ସାଂସ୍କୃତିକ ବିଭେଦ ତୀବ୍ରତର ହେବାର ପରିଣତି କ'ଣ ହେଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ସୋଭିଏତ୍ ସଂଘ କିପରି ପୃଥିବୀର ଦ୍ୱିତୀୟ ବୃହତ୍ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଥିଲା ?

(ଖ) ଯୋସେଫ୍ ଷ୍ଟାଲିନ୍ ସୋଭିଏତ୍ ସଂଘକୁ କିପରି ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିଥିଲେ ?

(ଗ) କିଏ ତାରକାଯୁଦ୍ଧ ଯୋଜନା ଘୋଷଣା କରିଥିଲେ ? ସୋଭିଏତ୍ ସଂଘର ଅର୍ଥନୀତି ଉପରେ ଏହାର କି' ପ୍ରଭାବ ପଡ଼ିଥିଲା ?

(ଘ) ୧୯୮୬ ମସିହାରେ ମିଖାଇଲ୍ ଗୋର୍ବାଚେଭ୍‌ଙ୍କ ଦ୍ୱାରା ଘୋଷିତ ନୀତିଗୁଡିକ ଲେଖ ।

(ଙ) ଗ୍ଲାସ୍‌ନସ୍ତ୍ ନୀତିର ପ୍ରଚଳନ ଫଳରେ ସୋଭିଏତ୍ ସଂଘରେ କି ସୁବିଧା ହେଲା ?

(ଚ) ପେରିସ୍ତ୍ରୋଇକା ଓ ଉସ୍କୋରେନିୟେ ନୀତିର ଲକ୍ଷ୍ୟ କ'ଣ ଥିଲା ?

(ଛ) ଗ୍ଲାସ୍‌ନସ୍ତ୍ ନୀତି ପ୍ରଣୟନର କୁପରିଣତିଗୁଡ଼ିକ ଲେଖ ।

(ଜ) କେଉଁ ସବୁ କାରଣ ଯୋଗୁଁ ୧୯୯୦ ମସିହା ସୁଦ୍ଧା ସୋଭିଏତ୍ ସଂଘର ଅର୍ଥନୀତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିଲା ?

(ଝ) ଉଦାରୀକରଣ ପ୍ରକ୍ରିୟାର ପ୍ରଭାବରେ ସୋଭିଏତ୍ ସଂଘରେ କି ପରିବର୍ତ୍ତନ ଘଟିଥିଲା ?

(ଞ) ରୁଷୀୟ ରାଜ୍ୟଗୁଡ଼ିକ ସ୍ୱାଧୀନ ହୋଇଥିଲେ ସୁଦ୍ଧା କେଉଁ ବିଷୟଗୁଡ଼ିକରେ କେନ୍ଦ୍ରୀୟ ଋଷ ସରକାର ଉପରେ ନିର୍ଭରଶୀଳ ରହିଲେ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେବେ ରୁଷ୍ ଦେଶରେ ଜାର୍ ଶାସନ ବିରୋଧରେ ବୋଲ୍‌ସେଭିକ୍ ଆନ୍ଦୋଳନ ସଂଘଟିତ ହୋଇଥିଲା ?

(ଖ) କେବେଠାରୁ ସୋଭିଏତ୍ ସଂଘରେ ଅର୍ଥନୈତିକ ସଂସ୍କାର ଆରମ୍ଭ ହୋଇଥିଲା ?

(ଗ) ଯୋସେଫ ଷ୍ଟାଲିନ୍‌ଙ୍କର କେଉଁ ପଦକ୍ଷେପ ଫଳରେ ସୋଭିଏତ୍ ସଂଘ ଏକ ଶକ୍ତିଶାଳୀ ଶିଳ୍ପୋନ୍ନତ ରାଷ୍ଟ୍ରରେ ପରିଣତ ହୋଇଥିଲା ?

(ଘ) ଷ୍ଟାଲିନ୍‌ଙ୍କର ବଳିଷ୍ଠ ନେତୃତ୍ୱର କି ପ୍ରଭାବ ସୋଭିଏତ୍ ସଂଘ ଉପରେ ପଡ଼ିଥିଲା ?

(ଙ) ସାମ୍ୟବାଦୀ ଲୌହ ପରଦା ନୀତି ଯୋଗୁଁ ସୋଭିଏତ୍ ସଂଘ କିପରି କ୍ଷତିଗ୍ରସ୍ତ ହେଲା ?

(ଚ) ଗୋର୍ବାଚେଭ କେବେ ସୋଭିଏତ୍ ସଂଘର ପ୍ରଥମ କାର୍ଯ୍ୟନିର୍ବାହୀ ରାଷ୍ଟ୍ରପତି ରୂପେ ନିର୍ବାଚିତ ହେଲେ ?

(ଛ) ବୋରିସ୍ ୟେଲ୍‌ତ୍‌ସିନ୍ କିଏ ?

(ଜ) କେବେ ସୋଭିଏତ୍ ସଂଘର ଅସ୍ତିତ୍ୱ ଲୋପ ପାଇଲା ?

(ଝ) କୃଷ୍ଚେଭ୍‌ଙ୍କର କେଉଁ ମନୋଭାବ ଯୋଗୁଁ ସେ ଉଦାରପନ୍ଥୀଙ୍କ ଦ୍ୱାରା ନିନ୍ଦିତ ହେଲେ ?

(ଞ) କେଉଁ କାରଣ ଯୋଗୁଁ ପୂର୍ବ ଇଉରୋପୀୟ ଓ୍ୱାର୍‌ସ ଚୁକ୍ତି ଅନ୍ତର୍ଭୁକ୍ତ ରାଷ୍ଟ୍ର ସମୂହରେ ସାମ୍ୟବାଦୀ ସରକାରର ପତନ ଘଟିଥିଲା ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

କ. କେଉଁ ସୋଭିଏତ୍ ପ୍ରଧାନମନ୍ତ୍ରୀଙ୍କ ସମୟରେ ଚୀନ୍‌ର ଶାସକ ମାଓ-ସେ-ତୁଙ୍ଗ୍‌ଙ୍କ ସହିତ ସୋଭିଏତ୍ ସଂଘର ସମ୍ପର୍କ ତିକ୍ତ ହୋଇଥିଲା ?

i

(i) ଲେନିନ୍ (ii) କୃଷ୍ଚେଭ୍ (iii) ଷ୍ଟାଲିନ୍ (iv) ବ୍ରେଜନେଭ୍

ଖ. ଚେର୍ଣ୍ଣୋବିଲ୍ ଆଣବିକ ଶକ୍ତି କେନ୍ଦ୍ରର ଦୁର୍ଘଟଣା କେଉଁ ମସିହାରେ ଘଟିଥିଲା ?

(i) ୧୯୮୫ (ii) ୧୯୯୦ (iii) ୧୯୮୬ (iv) ୧୯୯୧

ଗ. କିଏ ୧୯୮୫ ମସିହା ମାର୍ଚ୍ଚ ମାସରେ ସୋଭିଏତ୍ ପଲିଟିବ୍ୟୁରୋର ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ ?

(i) ନିକିତା କୃଷ୍ଚେଭ୍ (ii) ଆଲେକ୍ସି କୋସିଜିନ୍ (iii) ଲିଓନିଡ୍ ବ୍ରେଜ୍‌ନେଭ (iv) ମିଖାଇଲ୍ ଗୋର୍ବାଚେଭ୍

ଘ. କାହାଦ୍ୱାରା ସୋଭିଏତ୍ ସଂଘରେ ପଞ୍ଚବାର୍ଷିକ ଯୋଜନାର ପ୍ରବର୍ତ୍ତନ ହୋଇଥିଲା ?

(i) ଭ୍ଲାଡିମିର ଲେନିନ୍ (ii) ଯୋଶେଫ୍ ଷ୍ଟାଲିନ୍ (iii) ନିକିତା କୃଷ୍ଚେଭ୍ (iv) ଆଲେକ୍ସି କୋସିଜିନ୍

ଙ. ଜର୍ଜିଆ କେବେ ସ୍ୱାଧୀନ ରାଜ୍ୟମାନଙ୍କର ରାଜ୍ୟ ଗୋଷ୍ଠୀ ସହିତ ମିଶିଥିଲା ।

(i) ୧୯୯୦ (ii) ୧୯୯୧ (iii) ୧୯୯୨ (iv) ୧୯୯୩

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମ ଗୁଡିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

# ଚତୁର୍ଥ ଅଧ୍ୟାୟ
# ଭାରତର ଐତିହ୍ୟ
# (Heritage of India)

## ପ୍ରଥମ ପାଠ
## ଭାରତୀୟ ସଂସ୍କୃତି - ବିଭିନ୍ନତାରେ ଏକତା
## (Indian Culture - Unity in Diversity)

କୌଣସି ସମାଜରେ ଏହାର ସଭ୍ୟମାନଙ୍କ ଜରିଆରେ ତଥା ସାମୂହିକ ମୂଲ୍ୟବୋଧରେ ଥିବା ପରିପକ୍ୱତା ଓ ମାର୍ଜିତ ଚିନ୍ତାଧାରାର ପ୍ରତିଫଳନ ହେଉଛି ସଂସ୍କୃତି । ଆଚାର ଓ ବ୍ୟବହାର, ଖାଦ୍ୟ ଓ ପୋଷାକ, ଭାଷା ଓ ସାହିତ୍ୟ, ଶିକ୍ଷା ଓ ଜ୍ଞାନ, ବିଜ୍ଞାନ ଓ ବୈଷୟିକ ବିଦ୍ୟା, ଧର୍ମ ଓ ବିଶ୍ୱାସ, ପ୍ରଥା ଓ ପରମ୍ପରା, ପର୍ବପର୍ବାଣି ଓ ରୀତିନୀତି, ନୃତ୍ୟ ଓ ସଂଗୀତ ଏବଂ କଳା ଓ ସ୍ଥାପତ୍ୟ ହେଉଛି ସଂସ୍କୃତିର ଉପାଦାନ । ଯେଉଁ ଦେଶରେ ଏହି ଉପାଦାନଗୁଡ଼ିକ ଯେତେ ଉନ୍ନତ, ସେହି ଦେଶର ସଂସ୍କୃତି ସେତିକି ମହାନ୍ । ଏହି ପରିପ୍ରେକ୍ଷୀରେ ଭାରତୀୟ ସଂସ୍କୃତି ଅତ୍ୟନ୍ତ ଉଚ୍ଚକୋଟୀର । ଏହାର ଏକ ସ୍ୱାତନ୍ତ୍ର୍ୟ ରହିଛି ଏବଂ ସେହି ସ୍ୱାତନ୍ତ୍ର୍ୟ ହିଁ ଭାରତୀୟ ସଂସ୍କୃତିର ପରିଚୟ । ଭାରତୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଆଲୋଚନା କରିବା ପୂର୍ବରୁ ଏହାର ବୈଶିଷ୍ଟ୍ୟଗୁଡ଼ିକ ଜାଣିବା ଆବଶ୍ୟକ ।

### ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ

#### ୧. ପ୍ରାଚୀନତା :

ଖ୍ରୀଷ୍ଟପୂର୍ବ ପ୍ରାୟ ୩୦୦୦ ମସିହାରେ ଭାରତର ଉତ୍ତର ପଶ୍ଚିମରେ ଗଢ଼ି ଉଠିଥିବା ସିନ୍ଧୁ ସଭ୍ୟତାରୁ ଭାରତର ଏକ ନିୟମିତ ସଂସ୍କୃତିର ଉଦ୍ଭବ ହୋଇଥିଲା । ଏହି ସଂସ୍କୃତିର ଉନ୍ନତ ସହରୀ ଜୀବନ, ପରିମଳ ବ୍ୟବସ୍ଥା, ପୋଷାକ ପରିଚ୍ଛଦ, ଖାଦ୍ୟପେୟ, କୃଷି,ବାଣିଜ୍ୟ, ଶିଳ୍ପକଳା, ବୈଜ୍ଞାନିକ ଜ୍ଞାନ, ବାସଗୃହ, ଧାର୍ମିକ ଚେତନା ତଥା ଆମୋଦ ପ୍ରମୋଦ ପ୍ରାୟତଃ ଭାରତୀୟ ସଂସ୍କୃତିର ମୂଳଦୁଆ ସ୍ଥାପନ କରିଥିଲା ।



(ସିନ୍ଧୁ ସଭ୍ୟତାର ସହର)

> **ତୁମପାଇଁ କାମ :**
> *ସିନ୍ଧୁ ସଭ୍ୟତାର ସହରୀ ସଂସ୍କୃତି କିପରି ପ୍ରମାଣିତ ହୁଏ, ତା'ର ଏକ ବିଶ୍ଳେଷଣାତ୍ମକ ଆଲୋଚ ନା କର ।*

ଏହା ପରେ ପରେ ବୈଦିକ ସଭ୍ୟତା ସମୟରେ ଭାରତୀୟ ସଂସ୍କୃତିରେ ଆଧ୍ୟାତ୍ମିକ ଜ୍ଞାନ ଓ ସାମାଜିକ ଚେତନା ପ୍ରବେଶ କଲା । ବେଦ ମାଧ୍ୟମରେ ଭାରତୀୟ ସଂସ୍କୃତିରେ ନୂତନ ଶିକ୍ଷା, ଜ୍ଞାନ, ଦର୍ଶନ ଓ ଧର୍ମଚେତନା ପ୍ରବେଶ କରି ଏହାକୁ ଅଧିକ ଋଦ୍ଧିମନ୍ତ କଲା । ସିନ୍ଧୁ ସଭ୍ୟତାର ଦ୍ରାବିଡ଼ମାନଙ୍କ ସ୍ଥାନରେ ବୈଦିକ ଯୁଗର ଆର୍ଯ୍ୟମାନେ ଭାରତରେ ବସତି ସ୍ଥାପନ କରି କୃଷି ଓ ପଶୁପାଳନ ଭଳି ଜୀବିକା ନିର୍ବାହର ପନ୍ଥା, ଏକ ନିର୍ଦ୍ଦିଷ୍ଟ ଶାସନ ପ୍ରଣାଳୀ ଏବଂ ଏକ ସଂଗଠିତ ରାଜନୈତିକ ଓ ସାମାଜିକ ବ୍ୟବସ୍ଥା ପ୍ରଚଳନ କରିବା ସହିତ ଭାରତୀୟ ସଂସ୍କୃତିକୁ ଆହୁରି ଉନ୍ନତ କରିଥିଲେ । ସିନ୍ଧୁ ସଭ୍ୟତା ଓ ବୈଦିକ ସଭ୍ୟତାର ସଂସ୍କୃତି ଭାରତୀୟ ସସ୍କୃତିର

ମୂଳ ଉତ୍ସ । ଏହିପରି ଭାରତର ସଂସ୍କୃତି ପ୍ରାୟ ପାଞ୍ଚହଜାର ବର୍ଷଠାରୁ ଅଧିକ ପୁରାତନ ।

> *ତୁମ ପାଇଁ କାମ :*
>
> *ଭାରତର ବେଦମାନଙ୍କର ଉତ୍ପତ୍ତିସମୟକ୍ରମରେ ନାମ, ସେମାନଙ୍କ ବିଭିନ୍ନ ଭାଗ ଓ ମୁଖ୍ୟ ବିଷୟବସ୍ତୁ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।*

## ୨. ନିରବଚ୍ଛିନ୍ନତା :

ବିଶ୍ୱର ଅନେକ ଦେଶର ମୂଳ ସଂସ୍କୃତି ସମୟକ୍ରମେ ଲୋପ ପାଇଯାଇଛି । କିନ୍ତୁ ଭାରତୀୟ ସଂସ୍କୃତି ପ୍ରାଚୀନତମ କାଳରୁ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଅଗ୍ରଗତି କରିଚାଲିଛି । ଭାରତର ସଂସ୍କୃତି ଏହାର ମୂଳ ଉପାଦାନଗୁଡ଼ିକୁ ଭିତ୍ତିକରି ସେଗୁଡ଼ିକର ସୁରକ୍ଷା କରିବା ସହିତ କ୍ରମେ କ୍ରମେ ଅଧିକ ଉନ୍ନତି କରୁଛି । ପ୍ରାଚୀନଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଅଞ୍ଚଳରୁ ଆସି ବିଭିନ୍ନ ଜାତି ଓ ଧର୍ମର ଅଧିବାସୀ ଭାରତରେ ବସତି ସ୍ଥାପନ କରିଥିଲେ ସୁଦ୍ଧା ଏହାର ସଂସ୍କୃତିର ମୂଳଭିତ୍ତି କେବେ ହେଲେ ଉପେକ୍ଷିତ ହୋଇନାହିଁ ବରଂ ପରସ୍ପର ମଧ୍ୟରେ ପ୍ରତିଯୋଗିତା ନ କରି ସହଯୋଗିତାରେ ଭାରତୀୟ ସଂସ୍କୃତି ଉନ୍ନତ ଓ ପ୍ରଶସ୍ତ ହୋଇଛି ।

> *ତୁମ ପାଇଁ କାମ :*
>
> *ପ୍ରାଚୀନ କାଳରୁ ନିରବଚ୍ଛିନ୍ନଭାବେ ଅଗ୍ରଗତି କରିଥିବା ଭାରତୀୟ ସଂସ୍କୃତିର ଯେଉଁ ଉପାଦାନଗୁଡ଼ିକ ତୁମେ ଉପଲବ୍ଧି କରୁଛ, ସେଗୁଡ଼ିକ ଉଦାହରଣ ସହିତ ବୁଝାଇ ଲେଖ ।*

## ୩. ଉଦାରତା :

ବହୁ ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି କେବେ ରକ୍ଷଣଶୀଳ ହୋଇନାହିଁ । ଏହା ନିଜର ମୌଳିକ ଉପାଦାନଗୁଡ଼ିକ ସହିତ ବିଭିନ୍ନ ସମୟରେ ବିନା ଦ୍ୱିଧାରେ ଭିନ୍ନ ଭିନ୍ନ ମତବାଦ, ଧର୍ମବିଶ୍ୱାସ, ଭାଷା, ପ୍ରଥା, ପରମ୍ପରା ପ୍ରଭୃତିକୁ ଉଦାରତା ସହିତ ଗ୍ରହଣକରି ନିଜକୁ ବଳିଷ୍ଠ କରିଛି । ବୈଦିକ ଯୁଗରୁ ବ୍ରାହ୍ମଣ୍ୟଧର୍ମର ପ୍ରାଧାନ୍ୟ ରହିଥିବା ସତ୍ତ୍ୱେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଆବିର୍ଭୂତ ଜୈନଧର୍ମ ଓ ବୌଦ୍ଧଧର୍ମର ନୀତିଗୁଡ଼ିକ ଭାରତୀୟ ସମାଜ ଓ ସଂସ୍କୃତିରେ ଗ୍ରହଣ କରାଗଲା । ଏପରିକି ସେ ସମୟର କେତେକ ରାଜ୍ୟରେ ଏହି ନୂତନ ଧର୍ମ ରାଷ୍ଟ୍ରଧର୍ମ ରୂପେ ଗୃହୀତ ହୋଇଥିଲା । ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶ ପରେ ହିନ୍ଦୁ ଓ ଇସ୍‌ଲାମ୍ ଧର୍ମର ସମନ୍ୱୟ ଏବଂ ଉଭୟ ଧର୍ମାବଲମ୍ବୀଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ ଭାରତୀୟ ସଂସ୍କୃତିର ଉଦାରତା ପ୍ରତିଫଳନ କରେ । ଏକାଦଶ ଶତାବ୍ଦୀରୁ ଭାରତରେ ବିଧିବଦ୍ଧଭାବେ ଇସ୍‌ଲାମ୍ ଧର୍ମର ପ୍ରଚାର ଆରମ୍ଭ ହେଲା ।





(ମହାବୀରଜୀନ) (ଗୌତମବୁଦ୍ଧ)


> *ତୁମେ ଜାଣିଛ କି ?*
>
> *ଅଷ୍ଟମ ଶତାବ୍ଦୀରେ ଭାରତ ଆକ୍ରମଣ କରିଥିବା ଆରବୀୟମାନେ ସିନ୍ଧୁ ନଦୀର ଅପର ପାର୍ଶ୍ୱରେ ବାସ କରୁଥିବା ଲୋକଙ୍କୁ "ସିନ୍ଧୁ" ଶବ୍ଦର 'ସ' ଅକ୍ଷରକୁ ଭୁଲ୍ ଉଚ୍ଚାରଣ କରି "ହିନ୍ଦୁ" ନାମରେ ଅଭିହିତ କରିବାପରେ ବୈଦିକ ଯୁଗର ବ୍ରାହ୍ମଣ୍ୟ ଧର୍ମର ଭିତ୍ତିରେ ବିକାଶ ଲାଭ କରିଥିବା ଭାରତର ସର୍ବ ପୁରାତନ ଧର୍ମ "ହିନ୍ଦୁ ଧର୍ମ" ଭାବେ ପରିଚିତ ହେଲା ।*

ମଧ୍ୟଯୁଗରେ ରାମାନୁଜ, ରାମାନନ୍ଦ, ବଲ୍ଲଭାଚାର୍ଯ୍ୟ, ଶ୍ରୀଚୈତନ୍ୟ, କବୀର, ନାନକ, ମୀରାବାଇ ପ୍ରଭୃତି ଭକ୍ତି ଆନ୍ଦୋଳନର ପ୍ରବକ୍ତା ଏବଂ ଖ୍ୱାଜା ମୁଇନୁଦ୍ଦିନ୍ ଚିସ୍ତି, ଫରିଦୁଦ୍ଦିନ୍ ଗଞ୍ଜ ଇ ଶକର ଓ ଶେଖ୍ ନିଜାମୁଦ୍ଦିନ୍ ଅଉଲିଆ ପ୍ରଭୃତି ସୁଫି ସନ୍ଥମାନଙ୍କ ଏକେଶ୍ୱରବାଦ, ମାନବସେବା, ଭକ୍ତି, ପ୍ରେମ, ଏକତା, ସହନଶୀଳତା ଓ ଭ୍ରାତୃତ୍ୱର ବାର୍ତ୍ତାକୁ ଦେଶର ବିଭିନ୍ନ ସ୍ଥାନରେ ପ୍ରଚାର କରାଯାଇଥିଲା । ପାଶ୍ଚାତ୍ୟ

ଦେଶଗୁଡ଼ିକର ଭାରତକୁ ଆଗମନ ପରେ ଖ୍ରୀଷ୍ଟଧର୍ମ ତଥା ପାଶ୍ଚାତ୍ୟ ଦର୍ଶନ, ସାହିତ୍ୟ, ବିଜ୍ଞାନ ଓ ସଂସ୍କୃତିକୁ ଉଦାରତା ସହ ଗ୍ରହଣ କରାଯାଇଛି ।


(ଚୈତନ୍ୟ)


(ନାନକ)


(ଯୀଶୁଖ୍ରୀଷ୍ଟ)

ଏହିପରି ଭାବରେ ବିଭିନ୍ନ ସମୟରେ ଭାରତକୁ ଆଗମନ କରିଥିବା ଭିନ୍ନ ଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ଲୋକଙ୍କୁ ଆଦରି ନେଇ ଭାରତୀୟ ସଂସ୍କୃତି ଏହାର ଉଦାରତାର ପରିଚୟ ଦେଇଛି ।

*ତୁମ ପାଇଁ କାମ :*

*ଭାରତୀୟ ସଂସ୍କୃତିରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବଗୁଡ଼ିକ ସଂକ୍ଷେପରେ ବର୍ଣ୍ଣନ କର ।*

## ୪. ନିରପେକ୍ଷତା:

ଭାରତରେ ବିଭିନ୍ନ ଶ୍ରେଣୀର ଅଧିବାସୀ ବସବାସ କରୁଥିଲେ ସୁଦ୍ଧା ଭାରତୀୟ ସଂସ୍କୃତିରେ ସେମାନଙ୍କ ପ୍ରତି ପାତର ଅନ୍ତର ବିଚାର କରାଯାଏନାହିଁ । ଭାରତର ଅଧିବାସୀ ହିସାବରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯାଏ ଏବଂ ଆଇନତଃ ସମସ୍ତଙ୍କୁ ସମାନ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି । ବିଭିନ୍ନ ସମୟରେ ଶାସକମାନେ ନୀତି ନିର୍ଦ୍ଧାରଣ କରିବାବେଳେ ସମସ୍ତ ଅଧିବାସୀଙ୍କ ସ୍ୱାର୍ଥର ସୁରକ୍ଷା ପ୍ରତି ଯତ୍ନବାନ ହୋଇଥାନ୍ତି । ଯେଉଁମାନେ ଏହାର ବ୍ୟତିକ୍ରମ କରିବାକୁ ଉଦ୍ୟମ କରିଛନ୍ତି ସେମାନେ ଘୋର ବିରୋଧର ସମ୍ମୁଖୀନ ହୋଇ ନିଜର ପତନ ଘଟାଇଛନ୍ତି । ଧର୍ମ କ୍ଷେତ୍ରରେ ଅବଲମ୍ବନ କରାଯାଇଥିବା ନିରପେକ୍ଷତା ଭାରତୀୟ ସଂସ୍କୃତିରେ ସୁସ୍ପଷ୍ଟ । ପ୍ରାଚୀନ ଓ ମଧ୍ୟଯୁଗରେ ଅଶୋକ, କନିଷ୍କ, ଗୁପ୍ତବଂଶୀୟ ସମ୍ରାଟଗଣ, ହର୍ଷବର୍ଦ୍ଧନ ଓ ଆକବରଙ୍କ ଭଳି ଶାସକମାନେ ନିଜେ ଏକ ନିର୍ଦ୍ଦିଷ୍ଟ ଧର୍ମ ଗ୍ରହଣ କରିଥିଲେ ସୁଦ୍ଧା ଅଥବା ଏକ ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତା କରିଥିଲେ ସୁଦ୍ଧା ଉଦାର ଧର୍ମନୀତି ପୋଷଣ କରି ସେ ସମୟର ଅନ୍ୟ ସମସ୍ତ ଧର୍ମାବଲମ୍ବୀଙ୍କୁ ସେମାନଙ୍କ ନିଜର ଧର୍ମମତ ଅନୁଯାୟୀ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିବାପାଇଁ ସ୍ୱାଧୀନତା ଦେଇଥିଲେ ଏବଂ ସମସ୍ତଙ୍କ ପ୍ରତି ସମାନ ଶାସନ ନୀତି ପ୍ରୟୋଗ କରିଥିଲେ ।

*ତୁମ ପାଇଁ କାମ :*

*ଧର୍ମ ନିରପେକ୍ଷତା ଦିଗରେ ପ୍ରାଚୀନ ଓ ମଧ୍ୟଯୁଗର ଶାସକମାନେ ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ଉଲ୍ଲେଖ କର ।*

ପୁରାତନ ଓ ମଧ୍ୟଯୁଗର କେତେକ ଧର୍ମୀୟ କୃତିକୁ ଛାଡ଼ିଦେଲେ ଭାରତରେ କଳା ଓ ସାହିତ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ସମର୍ଥନ ବା ପୃଷ୍ଠପୋଷକତା କରିବା ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇନାହିଁ । ଭାରତର ସମ୍ବିଧାନରେ ମଧ୍ୟ ଧର୍ମ ନିରପେକ୍ଷତାକୁ ନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ରହିଛି ।

*ତୁମ ଜାଣିଛ କି ?*

*ଭାରତୀୟ ସଂବିଧାନର ତୃତୀୟ ଭାଗରେ ଉଲ୍ଲେଖ କରାଯାଇଥିବା ନାଗରିକମାନଙ୍କ ଛଅଟି ମୌଳିକ ଅଧିକାର ମଧ୍ୟରେ ପ୍ରତ୍ୟେକ ନାଗରିକଙ୍କୁ ଧାରା ୧୪ ରୁ ଧାରା ୧୮ ଅନୁଯାୟୀ 'ସମାନତାର ଅଧିକାର' ଓ ଧାରା ୨୫ ରୁ ଧାରା ୨୮ ଅନୁଯାୟୀ "ଧର୍ମଗତ ସ୍ୱାଧୀନତାର ଅଧିକାର" ଦିଆଯାଇଛି । ଏହା ବ୍ୟତୀତ ୧୯୭୬ ମସିହାରେ ଗୃହୀତ ବୟାଳିଶତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ସମ୍ବିଧାନର ଭୂମିକାରେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ଗଠନ କରିବା ସଂକଳ୍ପକୁ ପରିବର୍ତ୍ତନ କରାଯାଇ ଭାରତକୁ ଏକ ସାର୍ବଭୌମ ସମାଜବାଦୀ ଧର୍ମ ନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ଗଠନ କରିବାର ସଂକଳ୍ପ ଉଲ୍ଲେଖ କରାଗଲା ।*

### ୫. ବ୍ୟାପକତା :

ଭାରତୀୟ ସଂସ୍କୃତି ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାକୁ ନେଇ ବିକଶିତ । ଏହି ସଂସ୍କୃତିରେ ବିଭିନ୍ନ ପ୍ରକାର ପ୍ରଥା ଓ ପରମ୍ପରାର ସମ୍ମିଶ୍ରଣ ଘଟିଛି । ଭାରତୀୟମାନଙ୍କ ଉଦାର ମନୋଭାବ ଯୋଗୁଁ ବହିର୍ଦ୍ଦେଶର ଅଧିବାସୀଙ୍କ ଆଗମନରେ ଭାରତର ମୂଳ ସଂସ୍କୃତି ସେମାନଙ୍କ ସଂସ୍କୃତି ଦ୍ୱାରା କେତେକାଂଶରେ ପ୍ରଭାବିତ ହୋଇଛି । ପ୍ରାଚୀନ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବିଭିନ୍ନ ଦେଶ ସହିତ ଭାରତର ବାଣିଜ୍ୟିକ ସମ୍ପର୍କ ପରସ୍ପରର ସଂସ୍କୃତି ଉପରେ ପ୍ରଭାବ ପକାଇଛି । ଏହିସବୁ କାରଣରୁ ଭାରତୀୟ ସଂସ୍କୃତି ବ୍ୟାପକ ହୋଇପାରିଛି । ଏହାଛଡ଼ା ଅନେକ ମୁନି ଋଷି, ସାଧୁ ସନ୍ଥ, ଧର୍ମ ପ୍ରବର୍ତ୍ତକ ଓ ପ୍ରଚାରକ ତଥା ଦାର୍ଶନିକ ଓ ସାହିତ୍ୟିକଙ୍କ ବାଣୀ ଭାରତୀୟ ସଂସ୍କୃତିରେ ପ୍ରତିଫଳିତ ହୋଇ ଏଥିରେ ବ୍ୟାପକତା ଆଣିଛି । ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ମୌର୍ଯ୍ୟଯୁଗ, କୁଶାଣଯୁଗ, ଗୁପ୍ତଯୁଗ, ତୁର୍କୀ ଶାସନ,ମୋଗଲ ଶାସନ ଓ ଇଂରେଜ ଶାସନ ସମୟର ଉତ୍କୃଷ୍ଟ ଚିତ୍ରକଳା, ଶିଳ୍ପକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ମଧ୍ୟ ଭାରତୀୟ ସଂସ୍କୃତିକୁ ବ୍ୟାପକ କରିଛି ।

### ୬. ସାର୍ବଜନୀନତା :

ଭାରତୀୟ ସଂସ୍କୃତି କେବଳ ଭାରତ ମଧ୍ୟରେ ଆବଦ୍ଧ ନ ହୋଇ ଦେଶ ବାହାରେ ଅନ୍ୟାନ୍ୟ ଅନେକ ଦେଶର ସଂସ୍କୃତିକୁ ପ୍ରଭାବିତ କରିଛି । ସିନ୍ଧୁ ସଭ୍ୟତା ଏହାର ସମକାଳୀନ ବହିର୍ଦ୍ଦେଶ ସଭ୍ୟତା ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବା ଦ୍ୱାରା ଭାରତୀୟ ସଂସ୍କୃତି ଇରାନ୍, ଇଜିପ୍ଟ, ମେସୋପଟାମିଆ ଓ ଗ୍ରୀସ୍ ଦେଶରେ ବ୍ୟାପିଲା । ଆଲେକ୍‌ଜାଣ୍ଡରଙ୍କ ଭାରତ ଆକ୍ରମଣ ସମୟରେ ତାଙ୍କ ସହିତ ଆସିଥିବା ଗ୍ରୀକ୍ ଐତିହାସିକ, ଦାର୍ଶନିକ ଓ ବୈଜ୍ଞାନିକଗଣ ଅନେକ କ୍ଷେତ୍ରରେ ଭାରତରୁ ଜ୍ଞାନ ଆହରଣ କରି ସେଗୁଡ଼ିକ ତାଙ୍କ ଦେଶରେ ପ୍ରଚଳନ କଲେ ।

*ତୁମ ପାଇଁ କାମ :*

*ସିନ୍ଧୁ ସଭ୍ୟତାର ସମକାଳୀନ ସଭ୍ୟତାରେ ପରିଲକ୍ଷିତ ହେଉଥିବା ଭାରତୀୟ ସଂସ୍କୃତିର ଉପାଦାନଗୁଡ଼ିକ ଉଦାହରଣ ସହ ବର୍ଣ୍ଣନ କର ।*

*ତୁମେ ଜାଣିଛ କି ?*

*ଗ୍ରୀକ୍ ସମ୍ରାଟ ଆଲେକ୍‌ଜାଣ୍ଡରଙ୍କ ଖ୍ରୀଷ୍ଟପୂର୍ବ ୩୨୭ ରେ ଭାରତ ଆକ୍ରମଣ ଫଳରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ସ୍ଥାପିତ ହୋଇ ଉଭୟ ଦେଶର ସଂସ୍କୃତି ପ୍ରଭାବିତ ହେଲା । ଗ୍ରୀକ୍‌ମାନେ ଭାରତର ଗଣିତ ଓ ଭେଷଜ ବିଦ୍ୟା ସମ୍ବନ୍ଧରେ ଜ୍ଞାନ ଅର୍ଜନ କଲେ ଏବଂ ଭାରତୀୟ ଦର୍ଶନ ଓ ଧର୍ମଭାବନା ଗ୍ରୀକ୍ ଚିନ୍ତାଧାରା ଓ ଧର୍ମ ବିଶ୍ୱାସ ଉପରେ ପ୍ରଭାବ ପକାଇଲା ।*

ଅଶୋକଙ୍କ ରାଜତ୍ୱ ସମୟରେ ବୌଦ୍ଧଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଯାଇଥିବା ପ୍ରଚାରକମାନଙ୍କ ମାଧ୍ୟମରେ ସିଂହଳ, ବ୍ରହ୍ମଦେଶ ଓ ଶ୍ୟାମ ଦେଶରେ ଭାରତୀୟ ସଂସ୍କୃତିର ପ୍ରଚାର ହେଲା । ପରବର୍ତ୍ତୀ ସମୟରେ ଚୀନ୍, ଜାପାନ୍, ତିବ୍ବତ ଓ ମଧ୍ୟ ଏସୀୟ ଦେଶମାନଙ୍କରେ ବୌଦ୍ଧଧର୍ମ ପ୍ରଚାର ହେବା ଫଳରେ ସେଠାକାର ସଂସ୍କୃତି ଉପରେ ଭାରତୀୟ କଳା ଓ ଦର୍ଶନର ପ୍ରଭାବ ପଡ଼ିଲା । ଦକ୍ଷିଣ ପୂର୍ବ ଏସିଆରେ ବ୍ରହ୍ମଦେଶ, ମାଳୟ, ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ଶ୍ୟାମ୍ ଓ କାମ୍ବୋଡ଼ିଆ ଦେଶମାନଙ୍କରେ କେତେକ ଭାରତୀୟ ବସତି ସ୍ଥାପନ କରି ସେ ସ୍ଥାନମାନଙ୍କର ସଂସ୍କୃତିକୁ ଭାରତୀୟ ଧର୍ମ, ଦର୍ଶନ, କଳା ଓ ସ୍ଥାପତ୍ୟ ଦ୍ୱାରା ପ୍ରଭାବିତ କଲେ । ଇଉରୋପର କେତେକ ଅଞ୍ଚଳ ଓ ଏସିଆ ମହାଦେଶର ପ୍ରାୟ ସମସ୍ତ ଦେଶରେ ସେଠାକାର ସଂସ୍କୃତିରେ ଭାରତୀୟ ସଂସ୍କୃତିର ଛାପ ଦେଖିବାକୁ ମିଳେ ।

*ତୁମେ ଜାଣିଛ କି ?*

*ବୌଦ୍ଧଧର୍ମ ପ୍ରଚାର ପାଇଁ ଅଶୋକ ତାଙ୍କ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାଙ୍କୁ ସିଂହଳକୁ ଏବଂ ଶୋଣ ଓ ଉତ୍ତର ନାମକ ଦୁଇଜଣ ପ୍ରଚାରକଙ୍କୁ ବ୍ରହ୍ମଦେଶ ବା ବର୍ମା ପଠାଇଥିଲେ । ବ୍ରହ୍ମଦେଶରୁ ସମୟକ୍ରମେ ବୌଦ୍ଧଧର୍ମ ଦକ୍ଷିଣ ପୂର୍ବ ଏସିଆର ଦେଶମାନଙ୍କରେ ପ୍ରଚାରିତ ହେଲା ।*

## ଭାରତୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟ :

ଭାରତୀୟ ସଂସ୍କୃତିର ବିଭିନ୍ନ ବୈଶିଷ୍ଟ୍ୟଗୁଡ଼ିକ ବ୍ୟତୀତ ସମସ୍ତ ଦେଶମାନଙ୍କ ତୁଳନାରେ ଏହାର ଏକ ସ୍ୱତନ୍ତ୍ରତା ରହିଛି । ଭାରତରେ ବିଭିନ୍ନ କ୍ଷେତ୍ରରେ ଯଥା ଭୌଗୋଳିକ, ରାଜନୈତିକ ଓ ସାମାଜିକ ସ୍ଥିତିରେ ଅଞ୍ଚଳ ଅଞ୍ଚଳ ମଧ୍ୟରେ ପାର୍ଥକ୍ୟ ଥିଲେ ସୁଦ୍ଧା ସମଗ୍ର ଦେଶର ସମସ୍ତ ଅଧିବାସୀଙ୍କ ମଧ୍ୟରେ ଐକ୍ୟଭାବ ପ୍ରତିଷ୍ଠିତ ହୋଇପାରିଛି । "ବିଭିନ୍ନତାରେ ଏକତା" ହେଉଛି ଭାରତୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟ ।

## (କ) ଭୌଗୋଳିକ ବିଭିନ୍ନତାରେ ଏକତା :

ଭାରତର ଭିନ୍ନ ଭିନ୍ନ ସ୍ଥାନର ପ୍ରାକୃତିକ ଲକ୍ଷଣଗୁଡ଼ିକ ମଧ୍ୟରେ ଅନେକ ପ୍ରଭେଦ ପରିଲକ୍ଷିତ ହୁଏ । ଉତ୍ତରରେ ହିମାଳୟ ପାର୍ବତ୍ୟମାଳା ଥିବାବେଳେ ଦକ୍ଷିଣରେ ମାଳଭୂମି ସହିତ ଘାଟୀଅଞ୍ଚଳ ଓ ସାମୁଦ୍ରିକ ତଟଭୂମି ଏବଂ ପୂର୍ବ ଓ ପଶ୍ଚିମରେ ଉପକୂଳବର୍ତ୍ତୀ ଅଞ୍ଚଳରେ ସମତଳ ଭୂମି ରହିଛି । କେତେକ ସ୍ଥାନରେ ଘଞ୍ଚ ଜଙ୍ଗଲ ଥିବାବେଳେ ଆଉ କେତେକ ସ୍ଥାନରେ ବିସ୍ତୀର୍ଣ୍ଣ ମରୁଭୂମି ରହିଛି । କେତେକ ସ୍ଥାନ ପାହାଡ଼ ପର୍ବତରେ ଘେରି ରହିଥିବାବେଳେ କେତେକ ସ୍ଥାନରେ ନଦୀନାଳର ପ୍ରାଚୁର୍ଯ୍ୟ ରହିଛି । କେଉଁଠାରେ ନଦୀ ଉପତ୍ୟକାର ଉର୍ବର ମାଟି ଉପଲବ୍ଧ ହେଉଥିବା ବେଳେ ଆଉ କେଉଁ ସ୍ଥାନରେ ଟାଙ୍ଗରା ଜମିର ଅନୁର୍ବର ମାଟି ଶସ୍ୟ ଉତ୍ପାଦନ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି ।

*ତୁମ ପାଇଁ କାମ :*

*ଭାରତର ମାନଚିତ୍ରରେ ଭୌଗୋଳିକ ବିଭାଜନଗୁଡ଼ିକ ଦର୍ଶାଅ ।*

ଭୌଗୋଳିକ ସ୍ଥିତିର ପ୍ରଭେଦଯୋଗୁଁ ଭାରତରେ ଭିନ୍ନ ଭିନ୍ନ ପ୍ରକାରର ଜଳବାୟୁ ଅନୁଭୂତ ହୁଏ । ମରୁଭୂମି ଅଞ୍ଚଳର ପ୍ରଖର ଗ୍ରୀଷ୍ମ, ହିମାଳୟ ବରଫାଚ୍ଛନ୍ନ ଅଞ୍ଚଳର ପ୍ରବଳ ଶୀତ, ଦାକ୍ଷିଣାତ୍ୟ ପାହାଡ଼ିଆ ଅଞ୍ଚଳର ଶୁଷ୍କ ଜଳବାୟୁ ତଥା ପୂର୍ବ ଓ ପଶ୍ଚିମରେ ଥିବା ଉପକୂଳବର୍ତ୍ତୀ ଅଞ୍ଚଳର ଆର୍ଦ୍ର ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ହେତୁ ଭାରତରେ ମେରୁ ଦେଶୀୟ ନାତିଶୀତୋଷ୍ଣ ଓ ଗ୍ରୀଷ୍ମମଣ୍ଡଳୀୟ ସମସ୍ତ ତିନି ପ୍ରକାର ଜଳବାୟୁ ଅନୁଭୂତ ହୁଏ । ଉତ୍ତରପୂର୍ବ ସୀମା ଅଞ୍ଚଳରେ ବାର୍ଷିକ ବୃଷ୍ଟିପାତ ହାର ପ୍ରାୟ ୧୨୦୦୦ ମିଲିମିଟର ହେଉଥିବାବେଳେ ପଶ୍ଚିମାଞ୍ଚଳରେ ଏହି ହାର ୭୫ ମିଲିମିଟର ଠାରୁ କମ୍ ହୋଇଥାଏ । ବିଭିନ୍ନ ପ୍ରକାର ଭୂମି

ଓ ଜଳବାୟୁ ଯୋଗୁଁ ଭାରତରେ ଅନେକ ପ୍ରକାର ବୃକ୍ଷଲତା, ଫଳପୁଷ୍ପ ଓ ପଶୁପକ୍ଷୀ ଦେଖାଯାଆନ୍ତି । ଏହିସବୁ ଭୌଗୋଳିକ ବିଭିନ୍ନତା ସତ୍ତ୍ୱେ ଭାରତର ପରିସୀମା ମଧ୍ୟରେ ଯେ କୌଣସି ଅଧିବାସୀ ସ୍ୱାଧୀନ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯାତାୟାତ କରିବାପାଇଁ ବା ଗୋଟିଏ ଅଞ୍ଚଳରୁ ସ୍ଥାନାନ୍ତରିତ ହୋଇ ଅନ୍ୟ ଅଞ୍ଚଳରେ ସ୍ଥାୟୀ ବସତି ସ୍ଥାପନ କରିବା ପାଇଁ କୌଣସି ପ୍ରତିବନ୍ଧକ ନ ଥିବାରୁ ସମସ୍ତ ଭାରତୀୟଙ୍କ ମନରେ ଏକତା ଭାବ ସୃଷ୍ଟି ହୋଇଛି । ପୌରାଣିକ ତଥ୍ୟ ଅନୁଯାୟୀ ଭାରତର ସମସ୍ତ ଅଞ୍ଚଳ ଜମ୍ବୁଦ୍ୱୀପର ଏକ ଅଂଶଭାବେ ରାଜା ଭରତଙ୍କ କ୍ଷେତ୍ର ଥିଲା ଏବଂ ଏହା ଭାରତବର୍ଷ ଭାବେ ନାମିତ ହୋଇଥିଲା । ଏହି କାଳ୍ପନିକ ତଥ୍ୟ ବା କିମ୍ବଦନ୍ତୀ ଭିତ୍ତିରେ ଉତ୍ତରରେ ହିମାଳୟଠାରୁ ଦକ୍ଷିଣରେ ଭାରତ ମହାସାଗର ପର୍ଯ୍ୟନ୍ତ ଏବଂ ପୂର୍ବରେ ବ୍ରହ୍ମପୁତ୍ର ନଦୀଠାରୁ ପଶ୍ଚିମରେ ସିନ୍ଧୁ ନଦୀ ପର୍ଯ୍ୟନ୍ତ ସମସ୍ତ ଭାରତୀୟ ନିଜକୁ ଭରତସନ୍ତତି ରୂପେ ବିବେଚନା କରି ଏକତା ମନୋଭାବ ପୋଷଣ କରନ୍ତି ।ଏହାଛଡ଼ା ପ୍ରାଚୀନକାଳର ମୁନିଋଷିଗଣ ହିମାଳୟ ପର୍ବତକୁ ଦେବସ୍ଥାନ ଏବଂ ଗଙ୍ଗା, ଯମୁନା, ନର୍ମଦା, ଗୋଦାବରୀ, କୃଷ୍ଣା ଓ କାବେରୀ ନଦୀମାନଙ୍କୁ ଦେବୀ ଭାବରେ ବର୍ଣ୍ଣନା କରି ଭାରତୀୟମାନଙ୍କ ମନରେ ଭାବଗତ ଐକ୍ୟ ଜାଗ୍ରତ କରିଛନ୍ତି ।

**ତୁମେ ଜାଣିଛ କି ?**

***ସମୁଦ୍ରର ଉତ୍ତର ଭାଗରେ ଓ ବରଫାଚ୍ଛନ୍ନ ପର୍ବତମାଳାର ଦକ୍ଷିଣଭାଗରେ ଅବସ୍ଥିତ ସମଗ୍ର ଭୂଖଣ୍ଡରେ ଭରତଙ୍କ ବଂଶଧରମାନେ ବାସ କରୁଥିବାରୁ ଏହି ଅଞ୍ଚଳ ଭାରତ ନାମରେ ନାମିତ ବୋଲି ବିଷ୍ଣୁ ପୁରାଣରେ ଉଲ୍ଲେଖ କରାଯାଇଛି ।***

## (ଖ) ରାଜନୈତିକ ବିଭିନ୍ନତାରେ ଏକତା:

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତ ଷୋହଳଟି ମହାଜନପଦ ବା ରାଜ୍ୟରେ ବିଭକ୍ତ ହୋଇଥିଲା । ଭାରତ ଭୂଖଣ୍ଡରେ ଅବସ୍ଥିତ ଥାଇ ସୁଦ୍ଧା ବିଭିନ୍ନ ସ୍ୱାଧୀନ ରାଜ୍ୟ ପରସ୍ପର ମଧ୍ୟରେ କଳହ କରୁଥିଲେ ଏବଂ ପରସ୍ପରର ଉନ୍ନତିରେ ସାହାଯ୍ୟ କରୁ ନ ଥିଲେ । ଏପରିକି ବୈଦେଶିକ ଶତ୍ରୁର ଆକ୍ରମଣ ସମୟରେ ମଧ୍ୟ ରାଜ୍ୟଗୁଡ଼ିକର ଶାସକମାନେ ଏକତ୍ର ହୋଇ ଶତ୍ରୁର ସମ୍ମୁଖୀନ ହେଉ ନ ଥିଲେ । ସମଗ୍ର ଭାରତ ପାଇଁ ଜଣେ ସାର୍ବଭୌମ ଶାସକର ଅଭାବରେ ଏବଂ ରାଜନୈତିକ ବିଭିନ୍ନତାରେ ବିଖଣ୍ଡିତ ହୋଇଥିବା କାରଣରୁ ଦେଶରେ ଅନୈକ୍ୟ ସୃଷ୍ଟି ହୋଇଥିଲା ।

**ତୁମେ ଜାଣିଛ କି ?**

***ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତରେ ଥିବା ଷୋହଳଟି ମହାଜନପଦଗୁଡ଼ିକ ହେଉଛି ଅଙ୍ଗ, ମଗଧ, କାଶୀ, କୋଶଳ, ଭ୍ରିଜି, ମଲ୍ଲ, ଚେଦୀ, ଭତ୍ସ, କୁରୁ, ପାଞ୍ଚାଳ, ମତ୍ସ୍ୟ, ସୁରସେନ, ଅସ୍ମକ, ଅବନ୍ତୀ, ଗାନ୍ଧାର ଓ କାମ୍ବୋଜ । ଭ୍ରିଜି ଓ ମଲ୍ଲ ସାଧାରଣତନ୍ତ୍ର ରାଜ୍ୟ ଏବଂ ଅନ୍ୟ ଚଉଦଟି ରାଜତନ୍ତ୍ର ରାଜ୍ୟ ଥିଲା । ଏଗୁଡ଼ିକ ବ୍ୟତୀତ ଆହୁରି ଅନେକ କ୍ଷୁଦ୍ର ରାଜ୍ୟ ମଧ୍ୟ ଥିଲା ।***

ଏହି ଅନୈକ୍ୟ ଓ ବିଖଣ୍ଡୀକରଣରେ କ୍ରମେ ଭାରତୀୟଙ୍କ ମଧ୍ୟରେ ଐକ୍ୟଭାବ ପ୍ରତିଷ୍ଠିତ ହୋଇଥିଲା । ପ୍ରାଚୀନ ଯୁଗରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ଅଶୋକ, ପ୍ରଥମ ଚନ୍ଦ୍ରଗୁପ୍ତ, ସମୁଦ୍ରଗୁପ୍ତ, ବିକ୍ରମାଦିତ୍ୟ ପ୍ରଭୃତି ଶାସକମାନେ ଭାରତର ଅନେକ ରାଜ୍ୟ ଜୟ କରିବା ପରେ ନିଜର ସାମ୍ରାଜ୍ୟ ଗଠନ କରିଥିଲେ ଏବଂ ସମସ୍ତ ବିଜିତ ରାଜ୍ୟଙ୍କୁ ଏକ ଶାସନାଧୀନ କରି ଏକତା ଭାବ ଆଣିଥିଲେ । ସେମାନେ ନିଜକୁ ମହାରାଜା, ରାଜାଧିରାଜ, ମହାରାଜାଧିରାଜ, ଚକ୍ରବର୍ତ୍ତୀ ଓ ସମ୍ରାଟ ଭାବେ ଭୂଷିତ କରି ସାର୍ବଭୌମ କ୍ଷମତା ଘୋଷଣା

କରିଥିଲେ ଏବଂ ପ୍ରାୟ ସମଗ୍ର ଭାରତକୁ ନିଜ ନିୟନ୍ତ୍ରଣାଧୀନକୁ ଆଣି ଏକତା ଭାବ ସୃଷ୍ଟି କରିଥିଲେ । ମଧ୍ୟ ଯୁଗରେ ଆଲ୍ଲାଉଦ୍ଦିନ୍ ଖିଲ୍‌ଜି, ଫିରୋଜ ସାହା ତୁଗ୍‌ଲକ୍, ଆକବର, ଅଉରଙ୍ଗଜେବ୍ ଓ ଶିବାଜୀ ଅନେକ କ୍ଷୁଦ୍ର ରାଜ୍ୟକୁ ଏକତ୍ର କରି ସେମାନଙ୍କୁ କେନ୍ଦ୍ରୀୟ ଶାସନ ଅଧୀନରେ ରଖିଥିଲେ। ସମସ୍ତଙ୍କ ପାଇଁ ସମାନ ଆଇନ୍ ଓ ସମାନ ନିୟମ ଏବଂ ସମଗ୍ର ସାମ୍ରାଜ୍ୟ ପାଇଁ ଏକ ପ୍ରକାର ମୁଦ୍ରା ପ୍ରଚଳନ କରିଥିଲେ । ଫଳରେ ସାମ୍ରାଜ୍ୟର ସମସ୍ତଙ୍କ ମଧ୍ୟରେ ଏକତାଭାବ ଜାଗ୍ରତ ହୋଇଥିଲା ।


(ଶିବାଜୀ)

ଭାରତ ଇଂରେଜ ଶାସନାଧୀନକୁ ଆସିବାପରେ ଇଂରେଜମାନଙ୍କ ଦ୍ୱାରା ସମସ୍ତ ଭାରତୀୟଙ୍କ ପାଇଁ ଏକ ପ୍ରକାର ଆଇନ୍, ଏକ ପ୍ରକାର ଶିକ୍ଷା ପ୍ରଣାଳୀ ତଥା ଡାକତାର ଓ ରେଳ ସେବା ପ୍ରଚଳନ ଫଳରେ ଭାରତବାସୀଙ୍କ ମନରେ ଐକ୍ୟଭାବ ଦୃଢ଼ୀଭୂତ ହେଲା । ଦେଶ ସ୍ୱାଧୀନ ହେବା ପରେ ଓ ଗଡ଼ଜାତଗୁଡ଼ିକର ମିଶ୍ରଣ ହେବାପରେ ଭାରତ ବିଭିନ୍ନ ପ୍ରଦେଶରେ ବିଭକ୍ତ ହୋଇଥିଲେ ସୁଦ୍ଧା, ଏକ ସମ୍ବିଧାନ, ଏକ ଜାତୀୟ ପତାକା, ଏକ ଜାତୀୟ ଗାନ, ଏକ ଜାତୀୟ ସଂଗୀତ ଏବଂ ସର୍ବୋପରି ଏକ ନାଗରିକତ୍ୱ ସମସ୍ତ ଭାରତୀୟଙ୍କ ମଧ୍ୟରେ ରାଜନୈତିକ ଏକତା ଆଣିପାରିଛି ।


(ଲର୍ଡ ଉଇଲିୟମ୍‌ବେଣ୍ଟିଙ୍କ)

*ତୁମେ ଜାଣିଛ କି ?*

*୧୮୩୫ ରେ ଭାରତର ଗଭର୍ଣ୍ଣର ଜେନେରାଲ୍ ତଥା ବଡ଼ଲାଟ ଲର୍ଡ ଉଇଲିୟମ୍ ବେଣ୍ଟିଙ୍କଙ୍କ ଦ୍ୱାରା ପାଶ୍ଚାତ୍ୟ ଶିକ୍ଷା ପ୍ରଚଳନ ଏବଂ ୧୮୫୪ ରେ ଲର୍ଡ ଡେଲ୍‌ହାଉସୀଙ୍କ ଦ୍ୱାରା ଭାରତରେ ଏକ ସମାନ ଶିକ୍ଷା ପ୍ରଣାଳୀ ଓ ସ୍ଥାନୀୟ ଭାଷାରେ ପ୍ରାଥମିକ ଶିକ୍ଷାଦାନର ପ୍ରବର୍ତ୍ତନ ହୋଇଥିଲା । ୧୮୫୨ ରେ ଦୂର ସ୍ଥାନକୁ ବାର୍ତ୍ତା ପ୍ରେରଣ ପାଇଁ ତାର ବ୍ୟବସ୍ଥା ଓ ୧୮୫୪ ରେ ଡାକସେବା ପ୍ରଚଳନ କରାଯାଇଥିଲା । ୧୮୫୩ ରେ ବମ୍ବେଠାରୁ ଥାନେ ପର୍ଯ୍ୟନ୍ତ ପ୍ରଥମ ରେଳପଥ ଉନ୍ମୋଚିତ ହୋଇଥିଲା ।*

*ତୁମ ପାଇଁ କାମ :*

*ଭାରତର ଜାତୀୟ ପତାକା ସମ୍ବନ୍ଧରେ ବର୍ଣ୍ଣନ କର ଏବଂ ଏହା କେବେ ଓ କାହାଦ୍ୱାରା ଗୃହୀତ ହୋଇଥିଲା ଉଲ୍ଲେଖ କର ।*

## (ଗ) ଜାତିଗତ ବିଭିନ୍ନତାରେ ଏକତା :

ଭାରତରେ ବିଭିନ୍ନ ପ୍ରକାର ଜାତିର ଲୋକ ବାସ କରନ୍ତି । ନୃତତ୍ତ୍ୱବିଦ୍ ଡକ୍ଟର ବିରଜା ଶଙ୍କର ଗୁହାଙ୍କ ମତରେ ଭାରତରେ ଛଅ ପ୍ରକାର ଜାତିର ଲୋକ ଅଛନ୍ତି । ସେମାନେ ହେଲେ ନେଗ୍ରିଟୋ, ପ୍ରୋଟୋ-ଅଷ୍ଟ୍ରୋଲଏଡ, ମଙ୍ଗୋଲଏଡ଼, ମେଡ଼େଟେରେନିଆନ୍ ବା ଦ୍ରାବିଡ଼ିଆନ୍, ପଶ୍ଚିମ

ବ୍ରାସିସେଫାଲ୍‌ସ୍ ଓ ନର୍‌ଡିକ୍ ବା ଇଣ୍ଡୋ-ଆରିଆନ୍ । ଭାରତରେ ବିବିଧ ଜାତିର ବସତି ପାଇଁ ଐତିହାସିକ ଭିନ୍‌ସେଣ୍ଟ ସ୍ମିଥ୍ କହିଛନ୍ତି, "ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ମାନବଗୋଷ୍ଠୀର ତୁଳନାତ୍ମକ ଅଧ୍ୟୟନ ପାଇଁ ଭାରତ ଏକ ସଂଗ୍ରହାଳୟ" (India is an ethnological museum) । ଭାରତର ଜନସଂଖ୍ୟା ବିଭିନ୍ନ ପ୍ରକାର ଲୋକଙ୍କ ସମଷ୍ଟି । ସେମାନଙ୍କ ମଧ୍ୟରେ ଜଙ୍ଗଲୀ ଜନଜାତି, ଗ୍ରୀକ୍, ଶକ, କୁଶାଣ, ହୁନ, ମଙ୍ଗୋଲୀୟ, ଆରବୀୟ, ତୁର୍କ ଓ ଆଫ୍‌ଗାନ୍ ଲୋକ ଅନ୍ତର୍ଭୁକ୍ତ । ଭାରତରେ ବିଭିନ୍ନ ଜାତିର ଲୋକ ବାସ କରୁଥିଲେ ସୁଦ୍ଧା କାଳକ୍ରମେ ସେମାନଙ୍କର ପରସ୍ପର ସହିତ ସମ୍ମିଶ୍ରଣ ଓ ଭାରତର ମୂଳ ସଂସ୍କୃତି ଗ୍ରହଣ ଫଳରେ ସେମାନଙ୍କ ମଧ୍ୟରେ ଭାରତୀୟ ଭ୍ରାତୃତ୍ୱଭାବ ଜାଗ୍ରତ ହୋଇଛି ଏବଂ ଜାତି ଓ ପ୍ରକାର ଭେଦରେ ଜାତୀୟ ଐକ୍ୟ ସୃଷ୍ଟି ହୋଇଛି । ପ୍ରତ୍ୟେକ ଜାତିର ସଂସ୍କୃତି ପ୍ରତି ଅନ୍ୟ ଜାତିର ସମ୍ମାନ ପ୍ରଦର୍ଶନ ପୂର୍ବକ ଭିନ୍ନ ଭିନ୍ନ ଜାତିର ଅଧିବାସୀଙ୍କ ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇ ଏକତାଭାବ ସଞ୍ଚରିତ ହୋଇଛି । ବିଦେଶାଗତ ଲୋକମାନେ ମଧ୍ୟ ଭାରତରେ ସ୍ଥାୟୀଭାବେ ବସବାସ କରି ଓ ଭାରତୀୟ ଜୀବନଯାପନ ପ୍ରଣାଳୀକୁ ଆଦରି ନେଇ ମୂଳ ଭାରତୀୟମାନଙ୍କ ସହିତ ଏକ ହୋଇଯାଇଛନ୍ତି ଏବଂ ସମସ୍ତେ ନିଜକୁ ଭାରତୀୟଭାବେ ପରିଚିତ କରାଉଛନ୍ତି ।

## (ଘ) ଧର୍ମଗତ ବିଭିନ୍ନତାରେ ଏକତା :

ଭାରତରେ ମୁଖ୍ୟତଃ ଛଅଟି ଧର୍ମ ସମ୍ପ୍ରଦାୟର ଲୋକ ବାସ କରନ୍ତି । ଭାରତର ଜନସଂଖ୍ୟାର ଶତକଡ଼ା ହାର କ୍ରମରେ ସେମାନେ ହେଲେ ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିଆନ୍, ଶିଖ୍, ବୌଦ୍ଧ ଓ ଜୈନ । ଏମାନଙ୍କ ବ୍ୟତୀତ ଭାରତରେ ଅଳ୍ପ କେତେକ ଜୋରାଷ୍ଟ୍ରୀୟ, ଇହୁଦୀ ଓ ବାହାଇ ଧର୍ମ ସମ୍ପ୍ରଦାୟର ଲୋକ ମଧ୍ୟ ଅଛନ୍ତି ।

***ତୁମ ପାଇଁ କାମ :***

***ଭାରତରେ ପ୍ରଚଳିତ ପ୍ରତ୍ୟେକ ଧର୍ମର ପ୍ରବର୍ତ୍ତକଙ୍କ ନାମ, ପ୍ରବର୍ତ୍ତନର ସ୍ଥାନ ଓ କାଳ ଏବଂ ସେମାନଙ୍କ ଧର୍ମଗ୍ରନ୍ଥ ଓ ସର୍ବସାଧାରଣ ପୂଜାସ୍ଥଳୀର ନାମଗୁଡ଼ିକ କ୍ରମାନ୍ୱୟରେ ଲେଖ ।***

ପ୍ରତ୍ୟେକ ସମ୍ପ୍ରଦାୟର ଲୋକ ସେମାନଙ୍କ ବିଶ୍ୱାସ ଓ ଲକ୍ଷ୍ୟ ହାସଲ କରିବା ପନ୍ଥା ଭିତ୍ତିରେ ବିଭିନ୍ନ ଗୋଷ୍ଠୀରେ ବିଭାଜିତ । ହିନ୍ଦୁ ଧର୍ମରେ ଶୈବ, ବୈଷ୍ଣବ, ଶାକ୍ତ, ସନାତନଧର୍ମୀ, ମହିମାଧର୍ମୀ ଭଳି ଅନେକ ଗୋଷ୍ଠୀ ରହିଛି । ମୁସଲମାନ୍‌ମାନେ ସୁନି ଓ ସିଆ ଗୋଷ୍ଠୀରେ ବିଭକ୍ତ । ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ମୁଖ୍ୟତଃ କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ଗୋଷ୍ଠୀ ଅଛନ୍ତି । ନିମ୍ନ ଜାତିର ଶିଖ୍‌ମାନଙ୍କୁ 'ମଜହବି' କୁହାଯାଏ ଓ ସେମାନଙ୍କୁ 'ସର୍ଦ୍ଦାର' ବୋଲି ସମ୍ବୋଧନ କରାଯାଇ ନ ଥାଏ । ବୌଦ୍ଧମାନଙ୍କ ମଧ୍ୟରେ ମହାଯାନ ଓ ହୀନଯାନ ନାମରେ ଦୁଇ ଗୋଷ୍ଠୀ ଥିବାବେଳେ ଜୈନମାନେ ଦିଗମ୍ବର ଓ ଶ୍ୱେତାମ୍ବର ଗୋଷ୍ଠୀରେ ବିଭକ୍ତ। ଇହୁଦୀମାନେ ଗୋରା ଜୀଉ ଓ କଳା ଜୀଉ ଭାବେ ଦୁଇଗୋଷ୍ଠୀରେ ବିଭାଜିତ। ଜୋରାଷ୍ଟ୍ରୀୟ ଓ ବାହାଇମାନଙ୍କ ମଧ୍ୟରେ କୌଣସି ଗୋଷ୍ଠୀଗତ ବିଭାଜନ ଦେଖାଯାଏ ନାହିଁ ।

***ତୁମେ ଜାଣିଛ କି ?***

***ଇହୁଦୀ ଧର୍ମକୁ ଜୁଦାଇଜ୍‌ମ୍ ମଧ୍ୟ କୁହାଯାଏ । ଇହୁଦୀ ଧର୍ମାବଲମ୍ବୀମାନେ ଜୀଉ ନାମରେ ପରିଚିତ ।***

ଭାରତରେ ଏହି ଭଳି ଧର୍ମଗତ ବିଭିନ୍ନତା ଥିଲେ ସୁଦ୍ଧା ସମସ୍ତ ଧର୍ମାବଲମ୍ବୀଙ୍କ ମଧ୍ୟରେ ଥିବା ସମନ୍ୱୟ, ସହନଶୀଳତା ଓ ସହଯୋଗ ଯୋଗୁଁ ଐକ୍ୟଭାବ ପ୍ରତିଷ୍ଠିତ ହୋଇପାରିଛି । ବିଭିନ୍ନ ଧାର୍ମିକ ଗୋଷ୍ଠୀ ପରସ୍ପର ଦ୍ୱାରା ପ୍ରଭାବିତ ହୋଇ ତଥା ପ୍ରତ୍ୟେକ ଅନ୍ୟ ସହିତ ଥିବା ସାମଞ୍ଜସ୍ୟକୁ ତୁଳନା କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଓ ଏକତା ସୃଷ୍ଟି କରିପାରିଛନ୍ତି । ପ୍ରତ୍ୟେକ ଧର୍ମର ଲକ୍ଷ୍ୟ ଏକ କିନ୍ତୁ କେବଳ ଲକ୍ଷ୍ୟ ସାଧନର ପନ୍ଥା ଭିନ୍ନ ଭିନ୍ନ ବୋଲି ଉପଲବ୍ଧି କରି

ସବୁ ଧର୍ମର ଲୋକଙ୍କ ମଧ୍ୟରେ ଐକ୍ୟଭାବ ଜାଗ୍ରତ ହୁଏ । ଭାରତରେ ପ୍ରତ୍ୟେକ ଧର୍ମର ପର୍ବପର୍ବାଣିରେ ଧର୍ମମତ ନିର୍ବିଶେଷରେ ସମସ୍ତଙ୍କ ଯୋଗଦାନ ଧର୍ମଗତ ବିଭିନ୍ନତାରେ ଏକତାକୁ ଦୃଢ଼ୀଭୂତ କରିଛି । ହୋଲି, ଦଶହରା, ଦୀପାବଳୀ, ଇଦ୍, ମହରମ୍, ଖ୍ରୀଷ୍ଟମାସ୍, ନୂଆବର୍ଷ, ବୁଦ୍ଧ ଜୟନ୍ତୀ, ମହାବୀର ଜୟନ୍ତୀ, ଗୁରୁନାନକ ଜୟନ୍ତୀ ପ୍ରଭୃତି କେତେକ ପର୍ବ ଏକ ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ଆଉ ସିମୀତ ହୋଇ ରହିନାହିଁ । ସେହିପରି ବେଦ, ଉପନିଷଦ, ଗୀତା, ରାମାୟଣ ଓ ମହାଭାରତର ସାରମର୍ମ ବ୍ୟକ୍ତିଗତ ଧର୍ମମତ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଭାବିତ କରିଛି । ଭାରତର ଚାରି ଦିଗରେ ସ୍ଥାପିତ ହିନ୍ଦୁ ତୀର୍ଥ ସ୍ଥାନଗୁଡ଼ିକୁ ଚତୁର୍ଧାମ କୁହାଯାଏ ।

**ତୁମେ ଜାଣିଛ କି ?**

***ଭାରତର ଉତ୍ତର ଦିଗରେ ଉତ୍ତରାଖଣ୍ଡ ବଦ୍ରିନାଥ, ପୂର୍ବରେ ଓଡ଼ିଶାର ପୁରୀ, ଦକ୍ଷିଣରେ ତାମିଲ୍‌ନାଡୁର ରାମେଶ୍ୱରମ୍ ଓ ପଶ୍ଚିମରେ ଗୁଜରାଟର ଦ୍ୱାରକା ତୀର୍ଥସ୍ଥାନଗୁଡ଼ିକ ହିନ୍ଦୁଧର୍ମର 'ଚତୁର୍ଧାମ' ଭାବେ ପରିଚିତ ।***

ଏହି ସ୍ଥାନଗୁଡ଼ିକୁ ଦେଶ ଜନସଂଖ୍ୟାର ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କ ଯାତ୍ରାଯୋଗୁଁ ଓ ବିଭିନ୍ନ ରାଜ୍ୟରେ ସ୍ଥାପିତ ପ୍ରତ୍ୟେକ ଧର୍ମର ଧର୍ମପୀଠଗୁଡ଼ିକୁ ସଂପୃକ୍ତ ଧର୍ମର ବିଶ୍ୱାସୀ ଯାତ୍ରା କରିବାଦ୍ୱାରା ଧର୍ମଗତ ବିଭିନ୍ନତାରେ ଏକତା ସୃଷ୍ଟି ହୋଇଛି । ମଧ୍ୟ ଯୁଗର ଶେଷଭାଗରେ ଭକ୍ତି ଆନ୍ଦୋଳନ ଓ ସୁଫି ଆନ୍ଦୋଳନ ହିନ୍ଦୁ ଓ ମୁସଲ୍‌ମାନମାନଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାରେ ସହାୟକ ହେଲା । ଉଭୟ ଧର୍ମର ସମନ୍ୱୟରେ ପ୍ରତିଷ୍ଠିତ "ସତ୍ୟପୀର" ଧର୍ମମତ ଉଭୟ ସମ୍ପ୍ରଦାୟଙ୍କ ମଧ୍ୟରେ ଏକତାଭାବ ଜାଗ୍ରତ କଲା । ସମ୍ରାଟ ଅଶୋକଙ୍କ 'ଧର୍ମ', ସମ୍ରାଟ ଆକ୍‌ବରଙ୍କ 'ଦିନ୍-ଇ-ଲ୍ଲାହୀ' ତଥା ଆଧୁନିକ ଯୁଗରେ ରାଜା ରାମମୋହନ ରାୟଙ୍କ "ବ୍ରାହ୍ମ ସମାଜ", ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ 'ଆର୍ଯ୍ୟସମାଜ', ସ୍ୱାମୀ ବିବେକାନନ୍ଦଙ୍କ "ରାମକୃଷ୍ଣ ମିଶନ", ମହାଦେବ ଗୋବିନ୍ଦ ରାଣାଡ଼େଙ୍କ "ପ୍ରାର୍ଥନା ସମାଜ", ଆନିବେସାନ୍ତଙ୍କ "ଥିଓସୋଫିକାଲ୍ ସୋସାଇଟି" ବା ବ୍ରହ୍ମବିଦ୍ୟା ସମିତି, ମିର୍ଜା ଘୁଲାମ୍ ଅହମ୍ମଦଙ୍କ "ଅହମ୍ମଦିୟା ଆନ୍ଦୋଳନ" ଓ ସୟଦ୍ ଅହମ୍ମଦ ଖାନ୍‌ଙ୍କ "ଆଲିଗଡ଼ ଆନ୍ଦୋଳନ" ଏବଂ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଧର୍ମ ନିରପେକ୍ଷତା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ପ୍ରତ୍ୟେକ ଧର୍ମପ୍ରତି ସମ୍ମାନ ଓ ସହନଶୀଳତା ସହିତ ଐକ୍ୟଭାବ ପ୍ରତିଷ୍ଠା ଓ ଧର୍ମାନ୍ଧତା ଦୂରୀକରଣର ବାର୍ତ୍ତା ଦେଇଆସିଛନ୍ତି । ଫଳରେ ଭାରତରେ ଧର୍ମଗତ ବିଭିନ୍ନତାରେ ଏକତା ସୃଷ୍ଟି ହେବା ସମ୍ଭବ ହୋଇପାରିଛି ।

**ତୁମେ ଜାଣିଛ କି ?**

| *ଅନୁଷ୍ଠାନ/ ଆନ୍ଦୋଳନର ନାମ* | *ପ୍ରତିଷ୍ଠା/ ଆରମ୍ଭ ସମୟ* |
|---|---|
| *ଧର୍ମ* | *ଖ୍ରୀ:ପୂ: ୨୬୦ରୁ ଖ୍ରୀ:ପୂ: ୨୪୦* |
| *ଦିନ୍-ଇ-ଲ୍ଲାହୀ* | *ଖ୍ରୀ:ଅ: ୧୫୮୧* |
| *ବ୍ରାହ୍ମସମାଜ* | *ଖ୍ରୀ:ଅ: ୧୮୨୮* |
| *ଆର୍ଯ୍ୟ ସମାଜ* | *ଖ୍ରୀ:ଅ: ୧୮୭୫* |
| *ରାମକୃଷ୍ଣ ମିଶନ* | *ଖ୍ରୀ:ଅ: ୧୮୯୭* |
| *ପ୍ରାର୍ଥନା ସମାଜ* | *ଖ୍ରୀ:ଅ: ୧୮୬୭* |
| *ଥିଓସୋଫିକାଲ୍ ସୋସାଇଟି* | *ଖ୍ରୀ:ଅ: ୧୮୮୬* |
| *ଅହମ୍ମଦିଆ ଆନ୍ଦୋଳନ* | *ଖ୍ରୀ:ଅ: ୧୮୮୯* |
| *ଆଲିଗଡ଼ ଆନ୍ଦୋଳନ* | *ଖ୍ରୀ:ଅ: ୧୮୭୫* |

## (ଡ) ଭାଷାଗତ ବିଭିନ୍ନତାରେ ଏକତା :

ଭାରତର ସମ୍ବିଧାନରେ ବାଇଶଟି ଭାଷାକୁ ସ୍ୱୀକୃତି ଦିଆଯାଇଛି । ସମ୍ବିଧାନରେ ସ୍ୱୀକୃତ ୨୨ଟି ଭାଷା ହେଉଛି ଆସାମୀ, ବଙ୍ଗଳା, ବୋଡ଼ୋ, ଡୋଗ୍ରୀ, ଗୁଜରାଟୀ, ହିନ୍ଦୀ, କନ୍ନଡ଼, କାଶ୍ମୀରୀ, କୋଙ୍କଣୀ, ମୈଥିଳୀ, ମାଲୟାଲମ୍, ମଣିପୁରୀ, ମରାଠୀ, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ,. ସାନ୍ତାଳୀ, ସିନ୍ଧୀ, ତାମିଲ୍, ତେଲେଗୁ ଓ ଉର୍ଦ୍ଦୁ । କିନ୍ତୁ ଦେଶରେ

ପ୍ରାୟ ୧୬୫୨ଟି ମାତୃଭାଷା ଥିବାର ଅନୁମାନ କରାଯାଏ । ଏହା ବ୍ୟତୀତ ଭାରତରେ ୫୪୪ଟି କଥିତ ଭାଷା ରହିଛି । ଭାରତରେ ପ୍ରତ୍ୟେକ ଅଞ୍ଚଳରେ ଭାଷା ଭିନ୍ନ ଏବଂ ଗୋଟିଏ ଅଞ୍ଚଳରେ ଏକାଧିକ ଭାଷାର ବ୍ୟବହାର ମଧ୍ୟ ଦେଖାଯାଏ । ଇଂରାଜୀ, ଆରବୀ ଓ ପାରସୀ ଭଳି ବିଦେଶୀ ଭାଷା ମଧ୍ୟ ଭାରତରେ ବ୍ୟବହୃତ । ଏହି ଭାଷାଗତ ବିଭିନ୍ନତାରେ ମଧ୍ୟ ଏକତା ରହିଛି। ଭାରତର ସର୍ବ ପୁରାତନ ଭାଷା ହେଉଛି "ପ୍ରାକୃତ" । ପରେ ପରେ ପାଲି ଓ ସଂସ୍କୃତ ଭାଷାର ପ୍ରଚଳନ ହେଲା । ଗୁପ୍ତ ଯୁଗରୁ ସଂସ୍କୃତ ଭାଷାର ଗୁରୁତ୍ୱ ବୃଦ୍ଧି ପାଇଲା । ସମୟ କ୍ରମେ ଅନେକ ଆଞ୍ଚଳିକ ଭାଷାର ଉତ୍ପତ୍ତି ହେଲା । ଆଞ୍ଚଳିକ ଭାଷାଗୁଡ଼ିକର ବହୁ ଅଂଶ ସଂସ୍କୃତ ଭାଷାରୁ ଆନୀତ ହେବାରୁ ତାହା ଭାଷାଗତ ବିଭିନ୍ନତାରେ ଏକତାଭାବ ଆଣିବାରେ ସାହାଯ୍ୟ କଲା । ମୁସଲ୍‌ମାନମାନଙ୍କ ଆଗମନ ଫଳରେ ଭାରତରେ ଉର୍ଦ୍ଦୁ ଓ ପାରସୀ ଭାଷାର ପ୍ରଚଳନ ହେଲା । ହିନ୍ଦୀ ଭାଷା ସହିତ ଏହି ଭାଷାଗୁଡ଼ିକର ସାମଞ୍ଜସ୍ୟ ରହିଥିବା ହେତୁ ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଅତି ସ୍ପଷ୍ଟଭାବେ ପରିଲକ୍ଷିତ ହେଲା ନାହିଁ । ବ୍ରିଟିଶ୍ ଶାସନ ସମୟରେ ଭାରତରେ ଇଂରାଜୀ ଭାଷାର ପ୍ରଚଳନ ଫଳରେ ଶିକ୍ଷାଦାନର ମାଧ୍ୟମ ରୂପେ ତଥା ସରକାରୀ କାର୍ଯ୍ୟରେ ଓ କୋର୍ଟ କଚେରିରେ ଇଂରାଜୀ ଭାଷାର ବ୍ୟବହାର ହେଲା । ଏହା ସମସ୍ତ ଭାରତବାସୀଙ୍କୁ ଏକ ଶାସନାଧୀନରେ ରଖିବା ପାଇଁ ଉଦ୍ଦିଷ୍ଟ ଥିଲା, କିନ୍ତୁ ଏହା ପରୋକ୍ଷରେ ଭାରତୀୟମାନଙ୍କ ମଧ୍ୟରେ ଏକତା ଜାଗ୍ରତ କରିବାରେ ସାହାଯ୍ୟ କଲା । ସ୍ୱାଧୀନ ଭାରତରେ ହିନ୍ଦୀ ଭାଷାକୁ ରାଷ୍ଟ୍ରଭାଷାର ମାନ୍ୟତା ଦିଆଗଲା ଏବଂ ହିନ୍ଦୀ, ଇଂରାଜୀ ଓ ଆଞ୍ଚଳିକ ଭାଷାକୁ ନେଇ ତ୍ରିଭାଷା ନୀତି ପ୍ରଚଳନ କରାଗଲା । ଫଳରେ ଭାରତରେ ଭାଷାଗତ ବିଭିନ୍ନତା ସତ୍ତ୍ୱେ ଏକତା ସୁରକ୍ଷିତ ହେଲା ।

*ତୁମେ ଜାଣିଛ କି ?*

*ବଡ଼ଲାଟ ଉଇଲିଅମ୍ ବେଣ୍ଟିଙ୍କଙ୍କ ସମୟରେ ଗଭର୍ଣ୍ଣର ଜେନେରାଲ ପରିଷଦର ଆଇନ୍ ସଦସ୍ୟ ଲର୍ଡ ମେକଲେଙ୍କ ସୁପାରିସ ଅନୁସାରେ ୧୮୩୫ ମସିହାରେ ଭାରତରେ ଇଂରାଜୀ ଭାଷାର ପ୍ରଚଳନ ହେଲା ।*

*ତୁମ ପାଇଁ କାମ :*

*ଭାରତରେ ଇଂରାଜୀ ଭାଷାର ପ୍ରଚଳନ ସପକ୍ଷ ଓ ବିପକ୍ଷରେ ଏକ ସଂକ୍ଷିପ୍ତ ତର୍କମୂଳକ ଲେଖାଟିଏ ଲେଖ ।*

## (ଚ) କଳାଗତ ବିଭିନ୍ନତାରେ ଏକତା :

ଭାରତର ଚିତ୍ରକଳା, ଶିଳ୍ପକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ବାଦ୍ୟ, ନୃତ୍ୟ, ସଂଗୀତ ଓ ସାହିତ୍ୟ ଭଳି ପ୍ରତ୍ୟେକ ପ୍ରକାର କଳାର ଢଙ୍ଗ ଓ ଶୈଳୀରେ ବିବିଧତା ଦେଖାଯାଏ । ଏହି ବିବିଧତା ଭାରତୀୟ କଳାକୁ ଅଧିକ ସମୃଦ୍ଧ କରିଛି ଏବଂ ପ୍ରତ୍ୟେକ ସ୍ଥାନର କଳାକୃତି ସର୍ବଭାରତୀୟ ସ୍ୱୀକୃତି ଲାଭ କରି ଏକତା ଭାବ ସୃଷ୍ଟି କରିଛି । ପ୍ରାଗ୍-ଐତିହାସିକ ଯୁଗରୁ ଆରମ୍ଭ କରି, ଗୁପ୍ତଯୁଗ, କୁଶାଣ ଯୁଗ ଓ ମୋଗଲ ଯୁଗର ଚିତ୍ରକଳା ପାଇଁ ସମସ୍ତ ଭାରତୀୟ ଗର୍ବିତ । ଭାରତରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ଶିଳ୍ପକଳାଗୁଡ଼ିକ ସମଗ୍ର ଦେଶରେ ଓ ଦେଶ ବାହାରେ ପ୍ରଶଂସିତ ଓ ବ୍ୟବହୃତ ହୋଇ ଐକ୍ୟଭାବ ସୃଷ୍ଟି କରିଛି । ଭିନ୍ନ ଭିନ୍ନ ଶୈଳୀରେ ନିର୍ମିତ ମନ୍ଦିର, ମସଜିଦ୍, ଗୀର୍ଜା ଓ ଗୁରୁଦ୍ୱାର ତଥା ଗୁମ୍ଫାମାନଙ୍କର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଭାରତୀୟ କଳାର ନିଦର୍ଶନ ରୂପେ ପରିଚିତ । ପ୍ରାଚୀନ ମନ୍ଦିର ଓ ଗୁମ୍ଫାମାନଙ୍କ ଗାତ୍ରରେ ଖୋଦିତ କଳାକୃତି ଭାରତୀୟ କଳାର ଏକ ସ୍ୱତନ୍ତ୍ର ପରିଚୟ ଦିଏ । ଭାରତ ଓ ଗ୍ରୀକ୍ ଶୈଳୀର ମିଶ୍ରଣରେ ଇଣ୍ଡୋ-ଗ୍ରୀକ୍ କଳା ଶୈଳୀ ଏବଂ ହିନ୍ଦୁ ଓ ମୁସଲମାନ୍‌ମାନଙ୍କ ଶୈଳୀର ମିଶ୍ରଣରେ ଇଣ୍ଡୋ-ଇସ୍‌ଲାମିକ୍ କଳା ଶୈଳୀରେ ନିର୍ମିତ ଅନେକ ସ୍ମାରକୀ ଭାରତୀୟଙ୍କ ମନରେ ଗର୍ବ ଆଣି ଏକତା ଭାବ ଜାଗ୍ରତ କରାଏ ।



(ଦଶାବତାର ମନ୍ଦିର, ଦେଓଗଡ଼)

ଭାରତର ବିଭିନ୍ନ ସ୍ଥାନରେ ବ୍ୟବହୃତ ହେଉଥିବା ଅନେକ ପ୍ରକାର ବାଦ୍ୟଯନ୍ତ୍ର ଦେଶର କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବା ଆଦିବାସୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲେ ସୁଦ୍ଧା ସେଗୁଡ଼ିକ ସର୍ବଭାରତୀୟ ଆଦୃତି ଲାଭ କରିଛି । ଭାରତନାଟ୍ୟମ୍, କଥକ, କଥାକଲୀ, କୁଚିପୁଡି, ମଣିପୁରୀ ଓ ଓଡ଼ିଶୀ ନୃତ୍ୟ ଶୈଳୀ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଜାତ ହୋଇଥିଲେ ସୁଦ୍ଧା ସେଗୁଡ଼ିକ ସର୍ବଭାରତୀୟ ମର୍ଯ୍ୟାଦା ଓ ପରିଚିତି ଲାଭ କରିଛି ।

***ତୁମେ ଜାଣିଛ କି ?***

| ନୃତ୍ୟଶୈଳୀ | ଉଦ୍ଭବ ସ୍ଥଳ | ନୃତ୍ୟ ଶୈଳୀ | ଉଦ୍ଭବ ସ୍ଥଳ |
|---|---|---|---|
| ଭାରତ ନାଟ୍ୟମ୍ | ତାମିଲ୍‌ନାଡୁ | କୁଚିପୁଡି | ଆନ୍ଧ୍ର ପ୍ରଦେଶ |
| କଥକ | ଉତ୍ତର ପ୍ରଦେଶ | ମଣିପୁରୀ | ମଣିପୁର |
| କଥାକଲି | କେରଳ | ଓଡ଼ିଶୀ | ଓଡ଼ିଶା |



(ଭାରତୀୟ ନୃତ୍ୟ)

ଭାରତର ସମସ୍ତ ଶାସ୍ତ୍ରୀୟ ସଂଗୀତ ସାମବେଦରୁ ଉତ୍ପନ୍ନ । ଅନେକ ସଂଗୀତ ଲୋକଗୀତରୁ ସୃଷ୍ଟ । ରାଗ ଭୁପାଲୀ, ଅହିର,ଭୈରବ, ସାରଙ୍ଗ, ହିନ୍ଦୁସ୍ଥାନୀ ଭାରତୀୟ ଲୋକ ଗୀତରୁ ଆନୀତ । ଫଳରେ ସଂଗୀତ କଳାର ବିଭିନ୍ନତାରେ ଏକତା ସୃଷ୍ଟି ହୋଇପାରିଛି । ଭାରତର ବିଭିନ୍ନ ଅଞ୍ଚଳର ଜନପ୍ରିୟ ସାହିତ୍ୟ ଅନ୍ୟ ଭାଷାରେ ଅନୂଦିତ ହୋଇ ଓ ସର୍ବଭାରତୀୟ ସ୍ୱୀକୃତି ଲାଭ କରି ଆଞ୍ଚଳିକ ସାହିତ୍ୟ ପରିବର୍ତ୍ତେ ଭାରତୀୟ ସାହିତ୍ୟ ଭାବେ ପରିଗଣିତ ହୁଏ ଏବଂ ସାହିତ୍ୟର ବିଭିନ୍ନତାରେ ଏକତା ସୃଷ୍ଟି ହୁଏ ।

ଉପର ଲିଖିତ ଆଲୋଚନାରୁ ଭାରତୀୟ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ସୁସ୍ପଷ୍ଟ । "ବିଭିନ୍ନତାରେ ଏକତା" ଭଳି ସ୍ୱାତନ୍ତ୍ର୍ୟ ପୃଥିବୀର ଅନ୍ୟ କୌଣସି ଦେଶର ସଂସ୍କୃତିରେ କ୍ୱଚିତ୍ ଦେଖାଯାଏ । ଏହି ବିବିଧତା ଭାରତୀୟ ସଂସ୍କୃତିକୁ ବହୁ ସଂସ୍କୃତି ବିଶିଷ୍ଟ କରି ଉନ୍ନତ ଓ ସମୃଦ୍ଧ କରିଛି ଏବଂ ଏହା ଦେଶର ଏକତାକୁ ସୁଦୃଢ଼ କରିଛି ।

# ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଭାରତୀୟ ସଂସ୍କୃତିର ଉଦାରତା କିପରି ପ୍ରତିଫଳିତ ହୁଏ ?

(ଖ) ଭାରତର ଭୌଗୋଳିକ ବିଭିନ୍ନତା ଗୁଡ଼ିକ କ'ଣ ?

(ଗ) ଧର୍ମଗତ ବିଭିନ୍ନତା ସତ୍ତ୍ୱେ ଭାରତରେ କିପରି ଏକତା ସୃଷ୍ଟି ହୋଇଛି ?

(ଘ) କେଉଁ କାରଣଗୁଡ଼ିକ ପାଇଁ ଭାରତରେ ଭାଷାଗତ ବିଭିନ୍ନତାରେ ଏକତା ସମ୍ଭବ ହୋଇପାରିଛି ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ସଂସ୍କୃତି କହିଲେ କ'ଣ ବୁଝାଯାଏ ?

(ଖ) କାହାକୁ ଭାରତୀୟ ସଂସ୍କୃତିର ମୂଳ ଉତ୍ସ ବୋଲି ବିବେଚନା କରାଯାଏ ?

(ଗ) କେଉଁ ଧର୍ମଗୁଡ଼ିକ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଆବିର୍ଭୂତ ହୋଇଥିଲା ?

(ଘ) କେଉଁମାନେ ଭକ୍ତି ଆନ୍ଦୋଳନର ପ୍ରବକ୍ତା ଥିଲେ ?

(ଙ) ଦୁଇଜଣ ସୁଫି ସନ୍ଥଙ୍କ ନାମ ଲେଖ ।

(ଚ) ଉଦାର ଧର୍ମନୀତି ଗ୍ରହଣ କରିଥିବା ପ୍ରାଚୀନଯୁଗର ଚାରିଜଣ ଶାସକଙ୍କ ନାମ ଲେଖ ।

(ଛ) ସିନ୍ଧୁ ସଭ୍ୟତା ସମୟରେ ଭାରତ ବାହାରେ କେଉଁ ଅଞ୍ଚଳଗୁଡ଼ିକରେ ଭାରତୀୟ ସଂସ୍କୃତି ବ୍ୟାପିଥିଲା ?

(ଜ) ଭାରତରେ କି ଭଳି ଭିନ୍ନ ଭିନ୍ନ ଜଳବାୟୁ ଅନୁଭୂତ ହୁଏ ?

(ଝ) ପ୍ରାଚୀନ ଯୁଗରେ ଶାସକମାନେ ନିଜକୁ କେଉଁ ଉପାଧିରେ ଭୂଷିତ କରି ସାର୍ବଭୌମ କ୍ଷମତା ଘୋଷଣା କରିଥିଲେ ?

(ଞ) ଭାରତରେ ବାସ କରୁଥିବା ଯେ କୌଣସି ଚାରିଗୋଟି ଜାତି (ବର୍ଣ୍ଣ)ର ନାମ ଲେଖ ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଭାରତୀୟ ସଂସ୍କୃତିର ସ୍ୱାତନ୍ତ୍ର୍ୟ କ'ଣ ?

(ଖ) ଭାରତର ବିଭିନ୍ନ ସ୍ଥାନରେ କାହିଁକି ଭିନ୍ନ ଭିନ୍ନ ପ୍ରକାର ଜଳବାୟୁ ଅନୁଭୂତ ହୁଏ ?

(ଗ) ପ୍ରାଚୀନ କାଳର ମୁନିଋଷିମାନେ ହିମାଳୟ ପର୍ବତକୁ କ'ଣ ଭାବେ ବର୍ଣ୍ଣନା କରିଛନ୍ତି ?

(ଘ) ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଭାରତରେ କେତୋଟି ମହାଜନପଦ ଥିଲା ?

(ଙ) "ବୈଜ୍ଞାନିକ ପଦ୍ଧତିରେ ବିଭିନ୍ନ ମାନବଗୋଷ୍ଠୀର ତୁଳନାତ୍ମକ ଅଧ୍ୟୟନ ପାଇଁ ଭାରତ ଏକ ସଂଗ୍ରହାଳୟ" – ଏହି ଉକ୍ତିଟି କାହାର ?

(ଚ) କେଉଁ ବଂଶର ରାଜତ୍ୱ ସମୟରେ ସଂସ୍କୃତ ଭାଷାର ଗୁରୁତ୍ୱ ବୃଦ୍ଧି ପାଇଲା ?

(ଛ) କେଉଁ ସମୟରୁ ଭାରତରେ ପାରସୀ ଭାଷାର ପ୍ରଚଳନ ହେଲା ?

(ଜ) କେଉଁ ବେଦରୁ ଭାରତୀୟ ଶାସ୍ତ୍ରୀୟ ସଂଗୀତର ଉତ୍ପତ୍ତି ହୋଇଛି ?

(ଝ) ଭାରତୀୟ ଲୋକଗୀତରୁ ଆନୀତ ଯେ କୌଣସି ଦୁଇଟି ସଂଗୀତ ରାଗର ନାମ ଲେଖ ।

(ଞ) ଭାରତୀୟ ସଂସ୍କୃତିକୁ କାହିଁକି ବହୁ ସଂସ୍କୃତି ବିଶିଷ୍ଟ କୁହାଯାଏ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) ବୈଦିକ ଯୁଗରେ କେଉଁ ଧର୍ମର ପ୍ରାଧାନ୍ୟ ରହିଥିଲା ?

(i) ଭକ୍ତି ଧର୍ମ (ii) ଜୈନ ଧର୍ମ (iii) ବ୍ରାହ୍ମଣ୍ୟ ଧର୍ମ (iv) ବୌଦ୍ଧ ଧର୍ମ

(ଖ) ଦ୍ରାବିଡ଼ ଜାତିର ଲୋକଙ୍କୁ ଅନ୍ୟଥା କ'ଣ କୁହାଯାଏ ?

(i) ନେଗ୍ରିଟୋ (ii) ମଙ୍ଗୋଲଏଡ଼ (iii) ମେଡ଼େଟେରେନିଆନ୍ (iv) ନରଡିକ୍

(ଗ) କେଉଁମାନଙ୍କୁ 'ମଜ୍‌ହବି' କୁହାଯାଏ ?

(i) ମୁସଲ୍‌ମାନ୍ ସୁନି (ii) ମୁସଲ୍‌ମାନ୍ ସିଆ (iii) ନିମ୍ନଜାତିର ଶିଖ୍ (iv) କଳା ଜୀଉ

(ଘ) ମଧ୍ୟଯୁଗର ଶେଷ ଭାଗରେ କେଉଁ ଧର୍ମମତ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ଭାବ ଜାଗ୍ରତ କଲା

(i) ଭକ୍ତି (ii) ସୁଫି (iii) ସତ୍ୟପୀର (iv) ଦିନ୍-ଇ-ଲ୍ଲାହୀ

(ଙ) ଆର୍ଯ୍ୟ ସମାଜର ପ୍ରତିଷ୍ଠାତା କିଏ ?

(i) ରାମ ମୋହନ ରାୟ (ii) ଦୟାନନ୍ଦ ସରସ୍ୱତୀ (iii) ସ୍ୱାମୀ ବିବେକାନନ୍ଦ (iv) ମହାଦେବ ଗୋବିନ୍ଦ ରାନାଡ଼େ

(ଚ) ଥିଓସୋଫିକାଲ୍ ସୋସାଇଟି କିଏ ପ୍ରତିଷ୍ଠା କରିଥିଲେ ?

(i) ଦୟାନନ୍ଦ ସରସ୍ୱତୀ (ii) ଆନି ବେସାନ୍ତ (iii) ମିର୍ଜା ଘୁଲାମ୍ ମହମ୍ମଦ (iv) ସୟଦ ଅହମ୍ମଦ ଖାନ୍

(ଛ) ଅହମ୍ମଦିଆ ଆନ୍ଦୋଳନ କିଏ ଆରମ୍ଭ କରିଥିଲେ ?

(i) ସୟଦ ଅହମ୍ମଦ ଖାନ୍ (ii) ମିର୍ଜା ଘୁଲାମ୍ ଅହମ୍ମଦ(iii) ରାମ ମୋହନ ରାୟ (iv) ଆନି ବେସାନ୍ତ

(ଜ) ଭାରତରେ ପ୍ରାୟ କେତୋଟି ମାତୃଭାଷା ଥିବାର ଜଣାଯାଏ ?

(i) ୫୪୪ (ii) ୨୨ (iii) ୧୬୫୨ (iv) ୩୧

(ଝ) କେଉଁ ଭାଷା ଭାରତର ସର୍ବ ପୁରାତନ ଭାଷାଭାବେ ପରିଗଣିତ ହୁଏ ?

(i) ପାଲି (ii) ପ୍ରାକୃତ୍ (iii) ସଂସ୍କୃତ (iv) ଆରବୀ

(ଞ) କେଉଁ ତିନୋଟି ଭାଷାକୁ ନେଇ ଭାରତରେ ତ୍ରିଭାଷା ନୀତି ପ୍ରଚଳନ କରାଗଲା ?

(i) ହିନ୍ଦୀ-ଇଂରାଜୀ-ଆଞ୍ଚଳିକ ଭାଷା (ii) ହିନ୍ଦୀ-ଉର୍ଦ୍ଦୁ-ଆଞ୍ଚଳିକ ଭାଷା

(iii) ହିନ୍ଦୀ-ଇଂରାଜୀ-ଉର୍ଦ୍ଦୁ (iv) ହିନ୍ଦୀ-ଇଂରାଜୀ-ସଂସ୍କୃତ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ଦ୍ୱିତୀୟ ପାଠ

# ଭାରତର ପରମ୍ପରା
# (Traditions of India)

### ପରମ୍ପରା କ'ଣ ?

କୌଣସି ଜାତି, ସମ୍ପ୍ରଦାୟ, ଗୋଷ୍ଠୀ, ସମାଜ ଅଥବା ରାଷ୍ଟ୍ରରେ ପୁରୁଷାନୁକ୍ରମେ ଧାରାବାହିକ ଭାବରେ ପ୍ରଚଳିତ ସୁସ୍ଥ ଲୋକରୀତି, ଧର୍ମ, ବିଶ୍ୱାସ, ଜୀବନଧାରା ବା ଶୈଳୀ, ଯାହାକୁ ପରବର୍ତ୍ତୀ ପିଢ଼ି ମଧ୍ୟ ଗ୍ରହଣ କରି ସେହି ଅନୁଯାୟୀ ପରିଚାଳିତ ହୁଅନ୍ତି ତାହାକୁ ପରମ୍ପରା କୁହାଯାଏ । ସୁସ୍ଥ ପରମ୍ପରା କୌଣସି ଉଗ୍ର ଧର୍ମାନ୍ଧତା, କୁସଂସ୍କାର, ଅନ୍ଧ ଅନୁକରଣ ଅଥବା ସଂକୀର୍ଣ୍ଣ ସାମ୍ପ୍ରଦାୟିକତା ଉପରେ ଆଧାରିତ ନୁହେଁ ।

ଉକ୍ତ ପରମ୍ପରା ଯୋଗୁଁ ଭାରତରେ ଏକ ସୁସ୍ଥ ସମାଜ, ସଫଳ ଗଣତନ୍ତ୍ର, ଉଦାର ଧର୍ମ ଚେତନା, ଅନୁକରଣୀୟ ସଂସ୍କୃତି ଓ ଆଦର୍ଶ ଅର୍ଥନୀତି ପ୍ରତିଷ୍ଠିତ ହୋଇପାରିଛି । ବିଶ୍ୱର ପ୍ରାୟ ସମସ୍ତ ଦେଶରେ ଭାରତର ପରମ୍ପରା ଆଦୃତ ହୋଇ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି ।

## ୧. ସାମାଜିକ ପରମ୍ପରା

### (କ) ପରିବାର :

ବୈଦିକ ଯୁଗରୁ ଭାରତରେ ଯୌଥ ପରିବାରର ପରମ୍ପରା ପ୍ରଚଳିତ ହୋଇଆସୁଛି । ଏ ଭଳି ପରିବାର କେବଳ ସ୍ୱାମୀ, ସ୍ତ୍ରୀ ଓ ସେମାନଙ୍କ ସନ୍ତାନଙ୍କ ମଧ୍ୟରେ ସୀମିତ ନ ରହି, ଜେଜେବାପା, ଜେଜେମା', ବାପା, ମା', ବଡ଼ବାପା, ବଡ଼ମା, ଦାଦା, ଖୁଡ଼ୀ, ପୁଅ, ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ ବୋହୂ ଏବଂ ବିବାହ କରିବା ପର୍ଯ୍ୟନ୍ତ ଝିଅ, ଝିଆରୀ, ନାତୁଣୀଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ପୁଅ ବିବାହ କରିବା ପରେ ଅଲଗା ନ ରହି ସ୍ତ୍ରୀ ସହିତ ନିଜ ବାପା, ମା, ଭାଇ,ଭଉଣୀଙ୍କ ସାଙ୍ଗରେ ମିଳିମିଶି ରହିଥାଏ । ଏହିଭଳି ଭାବରେ ସମଗ୍ର କୁଟୁମ୍ବ ଏକତ୍ର ରହିବାକୁ ଯୌଥ ପରିବାର କୁହାଯାଏ । ପରିବାରର ସମ୍ପତ୍ତିରେ ରୋଜଗାର କରୁଥିବା ଓ ରୋଜଗାର ନ କରୁଥିବା ସମସ୍ତ ସଦସ୍ୟଙ୍କ ସମାନ ଭାଗ ଥାଏ । ପରିବାରର ସମସ୍ତ କାର୍ଯ୍ୟରେ ବରିଷ୍ଠତମ ସଦସ୍ୟ ନିଷ୍ପତ୍ତି ନେଇଥାନ୍ତି ।

**ତୁମେ ଜାଣିଛ କି ?**

*ଯୌଥ ପରିବାର ପିତୃବଂଶୀୟ ବା ମାତୃବଂଶୀୟ ହୋଇପାରେ । ପିତୃବଂଶୀୟ ଯୌଥ ପରିବାର ଗଠନର ମୂଳରେ ପିତା-ପୁତ୍ର ସମ୍ପର୍କ ରହିଥିବାବେଳେ ମାତୃବଂଶୀୟ ଯୌଥ ପରିବାର ଗଠନର ମୂଳରେ ମାତା-କନ୍ୟା ସମ୍ପର୍କ ରହିଥାଏ । ଯୌଥ ପରିବାରକୁ ବିସ୍ତୀର୍ଣ୍ଣ ପରିବାର ମଧ୍ୟ କୁହାଯାଏ । ବିସ୍ତୀର୍ଣ୍ଣ ପରିବାର କହିଲେ ଅତି କମ୍‌ରେ ଦୁଇଟି ଦମ୍ପତ୍ତି ସେମାନଙ୍କର ସନ୍ତାନମାନଙ୍କ ସହିତ ଏକତ୍ର ବାସକରି ପିତା-ପୁତ୍ର ବା ମାତା-କନ୍ୟା ସମ୍ପର୍କର ବିସ୍ତାରଣକୁ ବୁଝାଏ । ଭାରତରେ ସାଧାରଣତଃ ପିତୃବଂଶୀୟ ଯୌଥ ପରିବାର ଗଠିତ ହୋଇଥାଏ ।*

### (ଖ) ବିବାହ:

ଭାରତରେ ବିବାହକୁ ପତି-ପତ୍ନୀଙ୍କର ଏକ ପବିତ୍ର ବନ୍ଧନ ଭାବେ ଗ୍ରହଣ କରାଯାଇଛି । ଧର୍ମ ଦୃଷ୍ଟିରୁ ଏହାକୁ ଏକ ପବିତ୍ର ଅନୁଷ୍ଠାନ ଭାବେ ମଧ୍ୟ ଗ୍ରହଣ କରାଯାଇଛି । ଏହା ଏକ ସଂସ୍କାର ଏବଂ ସମସ୍ତଙ୍କ ଦ୍ୱାରା ନୀତିଗତ ଭାବେ ପାଳନୀୟ । ତେଣୁ ବିବାହକୁ ଏକ କର୍ତ୍ତବ୍ୟ ଭାବେ ବିବେଚନା କରାଯାଇଛି । ସନ୍ତାନମାନଙ୍କପାଇଁ ସାଥୀ ଖୋଜିବା ପିତାମାତାଙ୍କର ନୈତିକ କର୍ତ୍ତବ୍ୟ ଏବଂ ସେମାନଙ୍କ ପସନ୍ଦକୁ ଗ୍ରହଣ କରିବା ସନ୍ତାନଙ୍କର ନୈତିକ କର୍ତ୍ତବ୍ୟ । କେତେକ

କ୍ଷେତ୍ରରେ ଯୁବକ ଯୁବତୀଙ୍କୁ ନିଜ ପସନ୍ଦର ସାଥୀ ବାଛିବା ପାଇଁ ସ୍ୱାଧୀନତା ଦିଆଯାଇଥାଏ । ଭାରତରେ ବିବାହକୁ କେବଳ ଦୁଇଜଣ ଯୁବକ ଯୁବତୀଙ୍କ ମିଳନ ଭାବେ ଗ୍ରହଣ କରା ନ ଯାଇ ଦୁଇଟି ଯୌଥ ପରିବାରର ମିଳନ ଭାବେ ବିବେଚନା କରାଯାଏ ।  ଭାରତର ବିଭିନ୍ନ ଅଂଚଳରେ ଭିନ୍ନ ଭିନ୍ନ ପ୍ରକାର ବିବାହ ପଦ୍ଧତି ଅନୁସୃତ ହେଉଥିଲେ ସୁଦ୍ଧା ସମସ୍ତ ପଦ୍ଧତିରେ ପରମ୍ପରା ଓ ରୀତିଗୁଡିକ ସମାନ ଥାଏ । ଭାରତରେ ବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର ଅଧିବାସୀ ନିଜର ଧର୍ମନୀତି ଅନୁଯାୟୀ ବିବାହ ସମ୍ପାଦନ କରିଥାନ୍ତି । ଏକ ପବିତ୍ର ଅନୁଷ୍ଠାନ ଭାବେ ବିବେଚିତ ହେଉଥିବା ବିବାହ ବନ୍ଧନ ପ୍ରତ୍ୟେକ ଭାରତୀୟ ସମ୍ପ୍ରଦାୟର ଏକ ପ୍ରଧାନ ସାମାଜିକ ପରମ୍ପରା ।

***ତୁମପାଇଁ କାମ :***

***ତୁମେ ଦେଖିଥିବା ଏକ ବିବାହ ଉତ୍ସବର ବିବରଣୀ ପ୍ରଦାନ କର ।***

## (ଗ) ନୈତିକ ମୂଲ୍ୟବୋଧ:

ଭାରତୀୟ ସମାଜ କେତେକ ନୈତିକ ମୂଲ୍ୟବୋଧ ପାଳନ କରି ଅନ୍ୟାନ୍ୟ ଦେଶଠାରୁ ଭିନ୍ନ ଏକ ସାମାଜିକ ପରମ୍ପରା ସୃଷ୍ଟି କରିଛି । ପରିବାରରେ ବରିଷ୍ଠ ସଦସ୍ୟମାନଙ୍କୁ ସମ୍ମାନ ଦେବା, ସେମାନଙ୍କ ଆଦେଶ ପାଳନ କରିବା, ବରିଷ୍ଠତମ ସଦସ୍ୟଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶରେ ପରିବାର ପରିଚାଳନା କରିବା ଏବଂ ପରିବାରର ପୂର୍ବ ପୁରୁଷମାନଙ୍କୁ ସ୍ମରଣ କରି ସମ୍ମାନ ପ୍ରଦର୍ଶନ କରିବା ଭାରତୀୟ ପରିବାରର ସ୍ୱତନ୍ତ୍ର ମୂଲ୍ୟବୋଧ । ସକାରାତ୍ମକ ଶିକ୍ଷାଦାନ କରିଥିବା ଗୁରୁଜନମାନଙ୍କୁ ଏବଂ ଅନ୍ୟାନ୍ୟ ଗୁରୁସ୍ଥାନୀୟ ବ୍ୟକ୍ତିଙ୍କୁ ଭକ୍ତି ପ୍ରଦର୍ଶନ କରିବା ତଥା ବରିଷ୍ଠ ବ୍ୟକ୍ତିମାନଙ୍କୁ ସେମାନଙ୍କ ନାମ ଉଚ୍ଚାରଣ ନକରି ସମ୍ମାନର ସହ ସମ୍ବୋଧନ କରିବା ଏବଂ ସାକ୍ଷାତ୍ ହେବା ସମୟରେ ନତମସ୍ତକ ହୋଇ ପ୍ରଣାମ କରିବା ଭାରତୀୟ ସମାଜର ପାରମ୍ପରିକ ମୂଲ୍ୟବୋଧ । ପୋଷାକ ପରିଚ୍ଛଦ, ଆଚାର ବ୍ୟବହାର ଓ କଥାବାର୍ତ୍ତାରେ ଶାଳୀନତା, ନମ୍ରତା ଓ ଭଦ୍ରତା ଏବଂ ଦୟା, ଦାନ, ସେବା, ସ୍ନେହ ଓ କ୍ଷମା ପ୍ରଭୃତି ମୂଲ୍ୟବୋଧଗୁଡ଼ିକ ଭାରତରେ ପରମ୍ପରାଗତ ।

***ତୁମ ପାଇଁ କାମ :***

***ଧୀରେ ଧୀରେ ଭାରତରେ ନୈତିକ ମୂଲ୍ୟବୋଧଗୁଡ଼ିକର ଅବକ୍ଷୟ ହେଉଥିବାର ଲକ୍ଷ୍ୟ କରାଯାଉଛି । ଏହାର କାରଣ ଓ ସମାଧାନ ସମ୍ପର୍କରେ ତୁମର ମତାମତ ଉଲ୍ଲେଖ କର ।***

## (ଘ) ନୈତିକ କର୍ତ୍ତବ୍ୟ :

ଭାରତୀୟ ସମାଜରେ ପ୍ରତ୍ୟେକ ବ୍ୟକ୍ତି ପାଳନ କରିବା ପାଇଁ କେତେକ ନୈତିକ କର୍ତ୍ତବ୍ୟର ପରମ୍ପରା ରହିଛି । ପ୍ରଥମତଃ ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା, ସଂସ୍କାର ଓ ସଂସାର ଗଠନ ପରିବାରରେ ପିତାମାତାଙ୍କର ଏକ ପ୍ରଧାନ ନୈତିକ କର୍ତ୍ତବ୍ୟ । ଦ୍ୱିତୀୟତଃ ପରିବାରର ବୟସ୍କ ଓ ବୟୋଜ୍ୟେଷ୍ଠ ସଦସ୍ୟ ତଥା ପିତାମାତାଙ୍କର ସେବାଯତ୍ନ କରିବା ସନ୍ତାନ ସନ୍ତତି ଓ ଅନ୍ୟାନ୍ୟ କନିଷ୍ଠ ସଦସ୍ୟଙ୍କ ନୈତିକ କର୍ତ୍ତବ୍ୟ । ତୃତୀୟତଃ "ଅତିଥି ଦେବୋ ଭବଃ'' ନୀତିରେ ଅନୁପ୍ରାଣିତ ହୋଇ ଅର୍ଥାତ୍ ଅତିଥିଙ୍କୁ ଭଗବାନ୍ ତୁଲ୍ୟ ମନେ କରି ଅତିଥିଙ୍କର ସସମ୍ମାନ ସେବା ଓ ସତ୍କାର ଭାରତୀୟମାନଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ନୈତିକ କର୍ତ୍ତବ୍ୟ । ଚତୁର୍ଥତଃ ନାରୀମାନଙ୍କୁ ଉପଯୁକ୍ତ ସ୍ଥାନ ଦେବା, ସେମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା, ସେମାନଙ୍କୁ ଉଚିତ ସମ୍ମାନ ଦେବା ଓ ଆବଶ୍ୟକ ସ୍ଥଳେ ସୁରକ୍ଷା ପ୍ରଦାନ କରିବା ପ୍ରତ୍ୟେକ ଭାରତୀୟର ନୈତିକ କର୍ତ୍ତବ୍ୟ ବୋଲି ବିବେଚନା କରାଯାଏ । ପଞ୍ଚମତଃ ଧାର୍ମିକ ରୀତିନୀତି ଅନୁଯାୟୀ ମୃତ ବ୍ୟକ୍ତିର ଶବର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପାଦନ କରିବା ଏବଂ ପରଲୋକଗତ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ଏକ ନୈତିକ କର୍ତ୍ତବ୍ୟ ଭାବେ ଭାରତୀୟ ପରମ୍ପରା ରହିଛି । ଷଷ୍ଠତଃ ବାସଗୃହ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଓ ଧର୍ମପୀଠର ପରିଷ୍କାର ପରିଚ୍ଛନ୍ନତା ଏବଂ ପରିବାରର ପବିତ୍ରତା ଓ ବିଶୁଦ୍ଧତା ରକ୍ଷା କରିବା ପ୍ରତ୍ୟେକ ଭାରତୀୟର ପରମ୍ପରାଗତ ନୈତିକ କର୍ତ୍ତବ୍ୟ ।

### (ଙ) ଉତ୍ସବ ପାଳନ :

ସନ୍ତାନର ଜନ୍ମ, ନାମକରଣ, ଅନ୍ନପ୍ରାଶନ, ବିଦ୍ୟାରମ୍ଭ, ଉପନୟନ ଓ ବିବାହ ସମୟରେ ସଂପୃକ୍ତ ପରିବାରରେ ଆନନ୍ଦ ଖେଳିଯାଇଥାଏ ଏବଂ ଉତ୍ସବ ପାଳନ କରାଯାଇଥାଏ । ଏଗୁଡ଼ିକ ବ୍ୟତୀତ ପରିବାର ମଧ୍ୟରେ କେତେକ ଧର୍ମୀୟ ଉତ୍ସବ ମଧ୍ୟ ପାଳିତ ହୋଇଥାଏ । ସେଗୁଡିକରୁ କେତୋଟି ପ୍ରଧାନ ଉତ୍ସବ ହେଉଛି ହୋଲି, ଶ୍ରୀରାମନବମୀ, ଗୁଡ ଫ୍ରାଇଡେ, ବୁଦ୍ଧଜୟନ୍ତୀ, ଗୁରୁପୂର୍ଣ୍ଣିମା, ସବିବାରତ୍, ରକ୍ଷାବନ୍ଧନ, ଜନ୍ମାଷ୍ଟମୀ, ଇଦ୍-ଉଲ୍-ଫିତର, ଗଣେଷ ଚତୁର୍ଥୀ, ନବରାତ୍ରୀ, ବିଜୟା ଦଶମୀ, ଦୀପାବଳୀ, ଇଦ୍-ଉଲ୍-ଜୁହା, ମହରମ୍ ଓ ଖ୍ରୀଷ୍ଟଜନ୍ମ । ସାମାଜିକ ପରମ୍ପରାଭାବେ ବିବେଚିତ ଏହି ଉତ୍ସବଗୁଡ଼ିକର ପାଳନ ଅବସରରେ ପରିବାରର ସଦସ୍ୟମାନେ ବନ୍ଧୁବାନ୍ଧବ ଓ ସଂପର୍କୀୟମାନଙ୍କ ସହିତ ଏକତ୍ର ହୁଅନ୍ତି ଏବଂ ଧର୍ମୀୟ ରୀତିନୀତି ଓ ଆନନ୍ଦ ଉଲ୍ଲାସରେ ସମସ୍ତେ ଭାଗ ନିଅନ୍ତି ।

> ***ତୁମ ପାଇଁ କାମ :***
>
> ***ତୁମ ପରିବାରରେ ପାଳନ କରାଯାଇଥିବା ଏକ ଧାର୍ମିକ ଉତ୍ସବ ସମ୍ପର୍କରେ ବର୍ଣ୍ଣନ କର ।***

## (୨) ଧାର୍ମିକ ପରମ୍ପରା

### (କ) ଆଧ୍ୟାତ୍ମିକତା :

ଭାରତୀୟମାନେ ସାଧାରଣତଃ ଦୃଢ଼ ଭଗବତ ବିଶ୍ୱାସୀ । ବୈଦିକ ସଭ୍ୟତାର ଧାର୍ମିକ ଚିନ୍ତାଧାରା ମଧ୍ୟରେ ଗଭୀର ଆଧ୍ୟାତ୍ମିକ ବିଶ୍ୱାସ ନିହିତ ରହିଛି । ଋକ୍ ବୈଦିକ ଯୁଗରୁ ବିଶ୍ୱାସ କରାଯାଉଥିବା ପାରମ୍ପରିକ ମତ ଅନୁଯାୟୀ ସମଗ୍ର ପ୍ରକୃତି ଓ ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା ହେଉଛନ୍ତି ଏକ ପରମଶକ୍ତି ବା ପରମେଶ୍ୱର । ତେଣୁ ଋକ୍ ବେଦ ସମୟରୁ ଭାରତରେ ଏକେଶ୍ୱରବାଦ ବିଶ୍ୱାସର ପରମ୍ପରା ରହିଆସିଛି । ଈଶ୍ୱରଙ୍କ ଦ୍ୱାରା ମନୁଷ୍ୟର ସୃଷ୍ଟି ହୋଇଥିବାରୁ ସ୍ୱାଭାବିକ ଭାବେ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଈଶ୍ୱରଙ୍କ ସତ୍ତା ରହିଛି । ଏହି ବିଶ୍ୱାସରେ ବୈଦିକ ଯୁଗରୁ ସେହି ପରମେଶ୍ୱରଙ୍କୁ ଭକ୍ତି କରିବାର ପରମ୍ପରା ରହି ଆସିଛି । ମୁସଲମାନ ଓ ଖ୍ରୀଷ୍ଟିଆନମାନେ ମଧ୍ୟ ଏକେଶ୍ୱରବାଦରେ ବିଶ୍ୱାସ କରନ୍ତି । ଭାରତୀୟମାନେ ଈଶ୍ୱର ଭକ୍ତି ଉପରେ ଗୁରୁତ୍ୱ ଦିଅନ୍ତି । ପରମାତ୍ମା ସହିତ ଜୀବାତ୍ମା ବା ଆତ୍ମାର ସମ୍ପର୍କ ପାଇଁ କର୍ମ ଜ୍ଞାନ ଓ ଭକ୍ତି ମଧ୍ୟରୁ ଭକ୍ତିମାର୍ଗ ସର୍ବ ଜନାଦୃତ । ଚିରନ୍ତନ, ଜନ୍ମହୀନ, ସ୍ୱୟଂସ୍ଥିତ ଓ ସର୍ବଶକ୍ତିମାନ ପରମେଶ୍ୱରଙ୍କ ପ୍ରତି ବିଶ୍ୱାସ ସ୍ଥାପନ ଏବଂ ତାଙ୍କ ନିକଟରେ ଆତ୍ମସମର୍ପଣକୁ ସବୁ ଧର୍ମାବଲମ୍ବୀ ନିଜ ଧର୍ମର ମୂଳନୀତି ବୋଲି ବିଶ୍ୱାସ କରନ୍ତି । ଆଧ୍ୟାତ୍ମିକ ଚେତନା ବଳରେ ସବୁଧର୍ମର ମଣିଷ ଏକାକାର ହୋଇପାରିବେ ବୋଲି ପ୍ରତ୍ୟେକ ଭାରତୀୟଙ୍କ ବିଶ୍ୱାସ ।

> ***ତୁମ ପାଇଁ କାମ :***
>
> ***ଭାରତୀୟ ସମାଜ ଉପରେ ଇସ୍‌ଲାମ୍ ଓ ଖ୍ରୀଷ୍ଟଧର୍ମର ପ୍ରଭାବଗୁଡ଼ିକ ବ୍ୟାଖ୍ୟା କର ।***

### (ଖ) ଉଦାରତା :

ଭାରତୀୟ ଧର୍ମ କ୍ଷେତ୍ରରେ ଉଦାରତା ଏକ ମହତ୍ୱପୂର୍ଣ୍ଣ ପରମ୍ପରା । ସିନ୍ଧୁ ସଭ୍ୟତାର ଧର୍ମକୁ ଭାରତର ପ୍ରାଚୀନତମ ସଂଗଠିତ ଧର୍ମ ଭାବେ ବିବେଚନା କରାଯାଇଥିଲେ ସୁଦ୍ଧା ବୈଦିକ ଯୁଗରେ ବ୍ରାହ୍ମଣ୍ୟଧର୍ମ ନାମରେ ଏକ ବିଧିବଦ୍ଧ ଧର୍ମର ପ୍ରବର୍ତ୍ତନ ହୋଇ ପରବର୍ତ୍ତୀ ସମୟରେ ତାହା ହିନ୍ଦୁଧର୍ମ ନାମରେ ପରିଚିତ ହେଲା । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଜୈନଧର୍ମ ଓ ବୌଦ୍ଧଧର୍ମ ଜନ୍ମଲାଭ କରି ସମାନ୍ତରାଳ ଭାବେ ପ୍ରଚାରିତ ହେଲା । ସମ୍ରାଟ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ସୁଦ୍ଧା ଏହି ଧର୍ମ ଗ୍ରହଣ କରିବାକୁ ତାଙ୍କ ପ୍ରଜାମାନଙ୍କୁ ବାଧ୍ୟ କରୁନଥିଲେ ବରଂ ସେ ପ୍ରବର୍ତ୍ତନ କରିଥିବା ଆଚରଣ ବିଧିରେ ସବୁଧର୍ମ ପ୍ରତି ସମାନ ମନୋଭାବ ପୋଷଣ କରିବା ପାଇଁ ପ୍ରଜାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମ୍ରାଟ ଆକବର ଦିନ-ଇ-ଲ୍ଲାହୀ ପ୍ରବର୍ତ୍ତନ କରି ସର୍ବଧର୍ମ ସମନ୍ୱୟରେ ଏକ ନୂତନ ଧାର୍ମିକ ପନ୍ଥା ନିର୍ଦ୍ଧାରଣ କରିଥିଲେ ଏବଂ ପ୍ରତ୍ୟେକ ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଭାରତରେ ଇସ୍‌ଲାମ ଓ ଖ୍ରୀଷ୍ଟଧର୍ମର ପ୍ରବେଶ ପରେ ଭାରତୀୟ ସମାଜ ଉପରେ ସେମାନଙ୍କ ପ୍ରଭାବକୁ ବିରୋଧ

କରାଯାଇ ନଥିଲା, ଅପରନ୍ତୁ ହିନ୍ଦୁମାନଙ୍କର ଏକେଶ୍ୱରବାଦ ଉପରେ ବିଶ୍ୱାସ ଅଧିକ ଦୃଢ଼ୀଭୂତ ହୋଇଥିଲା ଏବଂ ସଂସ୍କାରବାଦୀ ଆନ୍ଦୋଳନ ଅନୁପ୍ରେରିତ ହୋଇଥିଲା ।

**ତୁମେ ଜାଣିଛ କି ?**

***୧୫୮୧ ଖ୍ରୀଷ୍ଟାବ୍ଦରେ ଆକବର ସମସ୍ତ ଧର୍ମର ସାରତତ୍ତ୍ୱର ସମନ୍ୱୟରେ ଦିନ୍-ଇ-ଇଲ୍ଲାହୀ ଘୋଷଣା କରିଥିଲେ । ଏହାର ଘୋଷଣା ପଛରେ ସମସ୍ତ ଧର୍ମର ଲକ୍ଷ୍ୟ ଏକ ବୋଲି ବାର୍ତ୍ତା ଦେବା ଆକ୍‌ବରଙ୍କ ଉଦ୍ଦେଶ୍ୟ ଥିଲା । ଏହା ଏକ ନୂତନ ଧର୍ମ ନ ଥିଲା, ଏହା ଥିଲା ବିଭିନ୍ନ ଧର୍ମରେ ପ୍ରଚରିତ ନୈତିକ ନିୟମ ଉପରେ ଆଧାରିତ ଏକ ଜୀବନ ଶୈଳୀ ।***

ଭକ୍ତିବାଦ, ଶିଖ୍‌ଧର୍ମ ଓ ବ୍ରାହ୍ମ ମତ ଭାରତୀୟମାନଙ୍କ ଦ୍ୱାରା ଆଦରର ସହିତ ଗ୍ରହଣ କରାଗଲା । ଊନବିଂଶ ଶତାବ୍ଦୀରେ ଭାରତୀୟ ସଂସ୍କାରକମାନେ ସବୁଧର୍ମକୁ ସମାନ ଚକ୍ଷୁରେ ଦେଖିବା ପାଇଁ ପ୍ରବର୍ତ୍ତାଇଥିଲେ । ଏହିପରି ଭାବେ ଧର୍ମକ୍ଷେତ୍ରରେ ଉଦାରତା, ସ୍ୱାଧୀନତା ଓ ନିରପେକ୍ଷତା ଭାରତରେ ଏକ ବିଶିଷ୍ଟ ପରମ୍ପରା ସୃଷ୍ଟିକଲା ।

## (ଗ) ମୂର୍ତ୍ତି ପୂଜା:

ଭାରତରେ ମୂର୍ତ୍ତିପୂଜାର ପରମ୍ପରା ବହୁ ପୂର୍ବ କାଳରୁ ପ୍ରଚଳିତ ହୋଇ ଆସୁଛି । ସିନ୍ଧୁ ସଭ୍ୟତାର ମୋହରମାନଙ୍କରେ କାଳୀ ବା ଦୁର୍ଗା ଏବଂ ପଶୁପତି ବା ଶିବଙ୍କ ପ୍ରତିମୂର୍ତ୍ତି ଦେଖାଯାଏ । ବିଭିନ୍ନ ସମୟରେ ଜୈନ ତୀର୍ଥଙ୍କର ଓ ମହାବୀର ଜୀନ, ଗୌତମ ବୁଦ୍ଧ ଓ ବୋଧିସତ୍ତ୍ୱ, ଶିବ, ବିଷ୍ଣୁ, ସୂର୍ଯ୍ୟ, କାର୍ତ୍ତିକେୟ ପ୍ରଭୃତି ହିନ୍ଦୁ ଦେବତା ଓ ସେମାନଙ୍କ ଭିନ୍ନ ଭିନ୍ନ ଅବତାର ଏବଂ ଅନେକ ହିନ୍ଦୁ ଦେବୀଙ୍କ ପଥର ଓ ବ୍ରୋଞ୍ଜ ମୂର୍ତ୍ତି ଆବିଷ୍କୃତ ହୋଇ ମୂର୍ତ୍ତିପୂଜା ପରମ୍ପରାର ସୂଚନା ଦେଇଛି । ଗୁପ୍ତ ଯୁଗରୁ ଦ୍ରୁତ ଗତିରେ ହିନ୍ଦୁ, ବୌଦ୍ଧ ଓ ଜୈନ ମନ୍ଦିର ନିର୍ମାଣ ହୋଇ ସଂପୃକ୍ତ ଧର୍ମର ଦେବଦେବୀଙ୍କ ମୂର୍ତ୍ତି ସ୍ଥାପିତ ହେଲା । ମୂର୍ତ୍ତିପୂଜାର ବିଧି ନ ଥିବା ଧର୍ମ ବ୍ୟତୀତ ଅନ୍ୟ ସମସ୍ତ ଧର୍ମର ଧର୍ମପୀଠମାନଙ୍କରେ ମୂର୍ତ୍ତି ସ୍ଥାପିତ ହୋଇ ପୂଜା ହେଉଥିବା ଦେଖାଯାଏ । ଏହାଛଡ଼ା ପ୍ରାୟ ସମସ୍ତ ଭାରତୀୟଙ୍କ ବାସଗୃହ ପରିସର ମଧ୍ୟରେ ମୂର୍ତ୍ତି ସ୍ଥାପିତ ହୋଇ ପୂଜା କରାଯାଏ । କେତେକ ଧର୍ମରେ ପ୍ରକୃତି ପୂଜା ଓ ଧର୍ମଗ୍ରନ୍ଥ ପୂଜାର ପରମ୍ପରା ମଧ୍ୟ ରହିଛି ।

**ତୁମ ପାଇଁ କାମ :**

***ପ୍ରକୃତିର ବିଭିନ୍ନ ସୃଷ୍ଟିକୁ କେଉଁ ଧର୍ମରେ କେଉଁ ରୂପରେ ଓ କି ଭଳି ପୂଜା କରାଯାଏ ?***

## (ଘ) ପୂଜାବିଧି:

ପ୍ରତ୍ୟେକ ଭାରତୀୟ ପରିବାରର ସମସ୍ତ ସଦସ୍ୟ ବା ବରିଷ୍ଠ ସଦସ୍ୟ ପ୍ରତ୍ୟହ ଧର୍ମ ପୀଠରେ ବା ନିଜ ବାସଗୃହରେ ପୂଜା ଅର୍ଚ୍ଚନା କରିବା ଭାରତର ଏକ ବିଶିଷ୍ଟ ପରମ୍ପରା । ଏହି ଦୈନନ୍ଦିନ ପୂଜା ବ୍ୟତୀତ ପ୍ରତ୍ୟେକ ଧର୍ମାବଲମ୍ବୀ ସପ୍ତାହର କେତେକ ନିର୍ଦ୍ଦିଷ୍ଟ ଦିନରେ ଓ ନିଜ ଧର୍ମର ପର୍ବ ଦିବସମାନଙ୍କରେ ସେମାନଙ୍କ ଧର୍ମପୀଠକୁ ଯାଇ ସାମୂହିକ ପୂଜା ଅର୍ଚ୍ଚନାରେ ଭାଗ ନିଅନ୍ତି । ପ୍ରତିବର୍ଷ କେତେକ ଧାର୍ମିକ ପର୍ବରେ ଏକ ସର୍ବସାଧାରଣ ସ୍ଥାନରେ ସାର୍ବଜନୀନ ପୂଜା ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଥାଏ । ଏହି ଧାର୍ମିକ ପର୍ବଗୁଡ଼ିକ ମଧ୍ୟରେ ହିନ୍ଦୁମାନଙ୍କର ସରସ୍ୱତୀ ପୂଜା, ଶିବରାତ୍ରୀ, ଶ୍ରୀରାମନବମୀ, ଜନ୍ମାଷ୍ଟମୀ, ଗଣେଶପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା; ମୁସଲମାନମାନଙ୍କର ଇଦ୍-ଉଲ୍-ଫିତର୍; ଇଦ୍-ଉଲ୍-ଜୁହା ଓ ମହରମ୍; ଖ୍ରୀଷ୍ଟିଆନମାନଙ୍କର ଗୁଡ୍ ଫ୍ରାଇଡ଼େ, ଇଷ୍ଟର ସଟରେ ଡ଼େ ଓ ଖ୍ରୀଷ୍ଟଜନ୍ମ; ଜୈନମାନଙ୍କର ମହାବୀର ଜୟନ୍ତୀ; ବୌଦ୍ଧମାନଙ୍କର ବୁଦ୍ଧପୂର୍ଣ୍ଣିମା; ଶିଖମାନଙ୍କର ଗୁରୁନାନକ ଜୟନ୍ତୀ ଓ ଗୁରୁ ଗୋବିନ୍ଦ ସିଂ ଜୟନ୍ତୀ ପ୍ରଭୃତି ପ୍ରଧାନ । ଏହି ପୂଜା ସମୟରେ ସଂପୃକ୍ତ ଧର୍ମମତ ଅନୁଯାୟୀ ଦୀପ, ଧୂପ, ଫୁଲ, ଚନ୍ଦନ, ସିନ୍ଦୂର, ଅତର ଆଦିର ବ୍ୟବହାର ହୋଇଥାଏ ଏବଂ ଧର୍ମଗ୍ରନ୍ଥ ପାଠ, ଭଜନ, କୀର୍ତ୍ତନ, ପ୍ରାର୍ଥନା ତଥା ହୋମ ଯଜ୍ଞର ବ୍ୟବସ୍ଥା ହୋଇଥାଏ ।

**ତୁମ ପାଇଁ କାମ :**

***ସାର୍ବଜନୀନ ପୂଜା ଅନୁଷ୍ଠିତ ହେଉଥିବା ଧାର୍ମିକ ପର୍ବମାନଙ୍କ ସହିତ ଜଡ଼ିତ ଧର୍ମ ବିଶ୍ୱାସଗୁଡ଼ିକ ଉଲ୍ଲେଖ କର ।***

**(ଙ) ଧର୍ମ ବିଶ୍ୱାସ :** ଭାରତରେ ବିଭିନ୍ନ ଧର୍ମ ପ୍ରଚଳିତ ହେଉଥିଲେ ସୁଦ୍ଧା ଧର୍ମମତ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟ ଆତ୍ମାର ଅମରତ୍ୱ, କର୍ମବାଦ, ପୁନର୍ଜନ୍ମ, ମୋକ୍ଷପ୍ରାପ୍ତିରେ ବିଶ୍ୱାସ କରନ୍ତି । ପ୍ରତ୍ୟେକ ଧର୍ମାବଲମ୍ବୀ ସମାନତା, ସହାବସ୍ଥାନ ଓ ସହନଶୀଳତା ତଥା ସାର୍ବଜନୀନ ପ୍ରେମ, ବିଶୁଦ୍ଧ ଚରିତ୍ର, ଭକ୍ତି, ଦୟା, ଦାନ, କ୍ଷମା ଓ ଅହିଂସାରେ ବିଶ୍ୱାସ କରନ୍ତି । ସମସ୍ତ ଧର୍ମରେ ଜାତିପ୍ରଥା ଓ ଅସ୍ପୃଶ୍ୟତା, ଭେଦାଭେଦ ଓ ଉଚ୍ଚନୀଚ ମନୋଭାବ, ନିଷ୍ଠୁରତା ଓ ନିର୍ଦ୍ଦୟତା, ଅନୀତି ଓ ଅନ୍ୟାୟ ତଥା ଘୃଣା, ଦ୍ୱେଷ, ଈର୍ଷା ଓ ଲୋଭକୁ ବିରୋଧ କରାଯାଇଛି । ଧର୍ମ ପାଳନକୁ ଦୃଢ଼ କରିବାପାଇଁ ହିନ୍ଦୁମାନଙ୍କର ଚତୁର୍ଧାମ ଯାତ୍ରା, ମୁସଲମାନମାନଙ୍କର ମକ୍କା ଯାତ୍ରା ସଂପୃକ୍ତ ଧର୍ମାବଲମ୍ବୀଙ୍କର ଏକ ପାରମ୍ପରିକ ବିଶ୍ୱାସ ।

**ତୁମେ ଜାଣିଛ କି ?**

***ଇସ୍‌ଲାମ୍ ଧର୍ମରେ କେତେକ ନିର୍ଦ୍ଦିଷ୍ଟ ଧାର୍ମିକ କର୍ତ୍ତବ୍ୟ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେଥିମଧ୍ୟରୁ ପ୍ରତ୍ୟେକ ସମର୍ଥ ମୁସଲମାନ ଇସ୍‌ଲାମ୍ ଧର୍ମର ପବିତ୍ର ସ୍ଥାନ ମକ୍କାକୁ ତୀର୍ଥଯାତ୍ରା କରି ସେଠାରେ ଅବସ୍ଥିତ ଉପାସନାର ମୁଖ୍ୟ କେନ୍ଦ୍ର କାବାକୁ ଭକ୍ତି ଜଣାଇବା ଏକ କର୍ତ୍ତବ୍ୟ । ଏହି ଯାତ୍ରାକୁ "ହଜ୍" କୁହାଯାଏ ।***

## ୩. ସାଂସ୍କୃତିକ ପରମ୍ପରା

### (କ) ବୈଦିକ ସଂସ୍କୃତି :

ବିଭିନ୍ନ ଦେଶୀୟ ଓ ବିଦେଶାଗତ ଧର୍ମ ଓ ସଂସ୍କୃତି ସତ୍ତ୍ୱେ ଭାରତୀୟ ଭାବଧାରାରେ ବୈଦିକ ସଂସ୍କୃତିର ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ବଦ୍ଧମୂଳ ଭାବେ ସୁରକ୍ଷିତ ରହି ଏକ ଚିରସ୍ଥାୟୀ ପରମ୍ପରା ସୃଷ୍ଟି କରିଛି । ବୈଦିକ ସଂସ୍କୃତି ଭାରତୀୟ ସଂସ୍କୃତିର ପ୍ରାଣପିଣ୍ଡ ଭାବେ ବିବେଚିତ ହୁଏ । ବୈଦିକ ଯୁଗର ଆର୍ଯ୍ୟମାନଙ୍କ ପିତୃକୈନ୍ଦ୍ରିକ ପରିବାରର ପରିଚାଳନା ପଦ୍ଧତି, ଶୃଙ୍ଖଳିତ ଶିକ୍ଷା ବ୍ୟବସ୍ଥା, ଗଭୀର ଆଧ୍ୟାତ୍ମିକ ଭାବ, ଗ୍ରାମ୍ୟଜୀବନ, ଜାତି ପ୍ରଥା ଓ ଜୀବନର ଚତୁରାଶ୍ରମ ଏବେ ମଧ୍ୟ ଭାରତୀୟ ସମାଜରେ ପ୍ରଚଳିତ ।

**ତୁମେ ଜାଣିଛ କି ?**

***ମନୁଷ୍ୟ ଜୀବନର ଚାରିଟି ଅବସ୍ଥାକୁ ଚତୁରାଶ୍ରମ କୁହାଯାଏ । ସେଗୁଡ଼ିକ ହେଲା ବ୍ରହ୍ମଚର୍ଯ୍ୟ ବା ଜ୍ଞାନ ଆହରଣ ସମୟ; ଗାର୍ହସ୍ଥ୍ୟ ବା ସାଂସାରିକ ଜୀବନ ସମୟ; ବାନପ୍ରସ୍ଥ ବା ତପସ୍ୟାରେ ମଗ୍ନ ହେବା ସମୟ ଏବଂ ସନ୍ନ୍ୟାସ ବା ଆତ୍ମସଂଯମ ସହିତ ସତ୍ୟ ଓ ଧର୍ମ ପ୍ରଚାର କରିବା ସମୟ ।***

ଆର୍ଯ୍ୟମାନଙ୍କର ମୌଳିକ ଦାର୍ଶନିକ ଚିନ୍ତାଧାରା ଭାରତୀୟ ଦର୍ଶନରେ ଗୁରୁତ୍ୱ ଲାଭ କରିଛି । ସେମାନଙ୍କର ଛଅଟି ଦାର୍ଶନିକ ପଦ୍ଧତି ଭାରତୀୟ ସଂସ୍କୃତିକୁ ବିଶିଷ୍ଟ ଅବଦାନଭାବେ ମନେ କରାଯାଏ । ଆର୍ଯ୍ୟମାନଙ୍କ ଦାର୍ଶନିକ ଚିନ୍ତାଧାରା "ବସୁଧୈବ କୁଟୁମ୍ବକମ୍" ଭାରତରେ ବିଶ୍ୱ ଭ୍ରାତୃତ୍ୱଭାବରେ ବଳିଷ୍ଠ ପରମ୍ପରା ସୃଷ୍ଟି କରିଛି ।

**ତୁମେ ଜାଣିଛ କି ?**

***ପରବର୍ତ୍ତୀ ବୈଦିକ ଯୁଗର ବିଶିଷ୍ଟ ଅବଦାନ ରୂପେ ବିବେଚିତ ଛଅଟି ଦାର୍ଶନିକ ପଦ୍ଧତି ହେଉଛି ସାଂଖ୍ୟ, ଯୋଗ, ନ୍ୟାୟ, ବୈଶେଷିକ, ପୂର୍ବ ମୀମାଂସା ଓ ଉତ୍ତର ମୀମାଂସା ।***

### (ଖ) ସ୍ଥାପତ୍ୟ, ମୂର୍ତ୍ତିକଳା ଓ ଚିତ୍ରକଳା :

ସିନ୍ଧୁ ସଭ୍ୟତା ସମୟରୁ ଭାରତରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶାସକଙ୍କ ପୃଷ୍ଠପୋଷକତାରେ ଗୃହ, ସ୍ତୂପ, ସ୍ତମ୍ଭ, ପ୍ରାସାଦ ଏବଂ ମନ୍ଦିର ଓ ଅନ୍ୟାନ୍ୟ ଧର୍ମପୀଠ ନିର୍ମାଣ କରାଯାଇ ଆଜି ପର୍ଯ୍ୟନ୍ତ ସ୍ଥାପତ୍ୟ କଳାର ପରମ୍ପରା ବଜାୟ ରହିଛି । ସେହିପରି ବିଭିନ୍ନ ସମୟରେ ଭାରତୀୟ କୁଶଳୀ

କାରିଗରମାନଙ୍କ ଦ୍ୱାରା ମାଟି, ପଥର ଓ ଧାତୁରେ ଦେବା ଦେବୀ, ରାଜାମହାରାଜା, ପଶୁପକ୍ଷୀ ପ୍ରଭୃତିଙ୍କ ପ୍ରତିମୂର୍ତ୍ତି ନିର୍ମିତ ହୋଇ ଭାରତରେ ମୂର୍ତ୍ତିକଳାର ପରମ୍ପରା ସୃଷ୍ଟି ହୋଇଛି । ପ୍ରାଗ୍-ଐତିହାସିକ ଯୁଗରୁ ଚିତ୍ରକଳାର ଉଦ୍ଭବ ହୋଇ ସମୟକ୍ରମେ ଏହାପ୍ରତି ଆଦର ଓ ଆଗ୍ରହ ବୃଦ୍ଧି ପାଇଲା ଏବଂ ଭାରତର ବିଭିନ୍ନ ଅଞ୍ଚଳରେ ଚିତ୍ରକାରମାନଙ୍କଦ୍ୱାରା ଭିନ୍ନ ଭିନ୍ନ ଶୈଳୀ ବିକଶିତ ହୋଇ ଚିତ୍ରକଳାର ଏକ ପରମ୍ପରା ସୃଷ୍ଟି ହେଲା । ମୂର୍ତ୍ତିକଳା ଓ ଚିତ୍ରକଳାର ପରମ୍ପରା ପାଇଁ ଭାରତୀୟ ଶିଳ୍ପୀମାନେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରି ଭାରତୀୟ କଳାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ।

## (ଗ) ନୃତ୍ୟଗୀତ :

ନୃତ୍ୟଗୀତ ଭାରତର ଏକ ମୌଳିକ କଳା । ବହୁ ପ୍ରାଚୀନ କାଳରୁ ବିକଶିତ ହୋଇ ଏହା ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଛି । ଆଧୁନିକ କାଳରେ ଏ କ୍ଷେତ୍ରରେ ବିଦେଶୀ ସଂସ୍କୃତିର ପ୍ରଭାବ ପଡ଼ିଥିଲେ ସୁଦ୍ଧା ଭାରତକୁ ଗୌରବମଣ୍ଡିତ କରିଥିବା ସଂପୂର୍ଣ୍ଣଭାବେ ଭାରତର ନିଜସ୍ୱ ପାରମ୍ପରିକ ଶୈଳୀର ନୃତ୍ୟ ଓ ଗୀତ ଏବେ ମଧ୍ୟ ଦେଶ ଭିତରେ ଓ ଦେଶ ବାହାରେ ସୁବିଖ୍ୟାତ ଓ ସମ୍ମାନିତ । ପ୍ରାଚୀନ ମୂର୍ତ୍ତିକଳାରେ ପ୍ରତିଫଳିତ ଅଙ୍ଗଭଙ୍ଗୀରୁ ଭାରତର ପାରମ୍ପରିକ ନୃତ୍ୟଗୁଡ଼ିକ ବିକଶିତ । ସାମବେଦରୁ ଭାରତୀୟ ଶାସ୍ତ୍ରୀୟ ସଂଗୀତର ସୃଷ୍ଟି । ଭାରତରେ ନୃତ୍ୟ ଓ ଗୀତକୁ କେବଳ ମନୋରଞ୍ଜନ ବା ଜୀବନଧାରଣର  ମାଧ୍ୟମଭାବେ ମନେ କରାଯାଏ ନାହିଁ, ଏହାକୁ ଶିଳ୍ପୀର ସୃଜନ ପ୍ରବଣତା ଓ ଭାରତୀୟ ସାଂସ୍କୃତିକ ପରମ୍ପରାର ଏକ ମହତ୍ତ୍ୱପୂର୍ଣ୍ଣ ଉପାଦାନଭାବେ ବିବେଚନା କରାଯାଏ । ଶାସ୍ତ୍ରୀୟ ନୃତ୍ୟ ଓ ଗୀତ ବ୍ୟତୀତ ବଭିନ୍ନ ଅଞ୍ଚଳର ଲୋକନୃତ୍ୟ ଓ ସ୍ଥାନୀୟ ନୃତ୍ୟ ଏବଂ ଲୋକଗୀତ ଓ ଲଘୁ ସଂଗୀତ ସାମାଜିକ ବା ଧାର୍ମିକ ଉତ୍ସବମାନଙ୍କରେ ପରିବେଷଣ କରାଯିବା ଭାରତରେ ଏକ ପରମ୍ପରା ।

**_ତୁମ ପାଇଁ କାମ :_**

**_ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଂଗୀତ ମଧ୍ୟରେ ଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟ ଗୁଡ଼ିକ ଉଲ୍ଲେଖ କର ।_**

## (ଘ) ସାହିତ୍ୟ :

ବୈଦିକ ଯୁଗରୁ ଭାରତରେ ସାହିତ୍ୟର ପରମ୍ପରା ସୃଷ୍ଟି ହୋଇଛି । ବେଦକୁ ଭାରତରେ ପ୍ରାଚୀନତମ ସାହିତ୍ୟ ଭାବେ ବିବେଚନା କରାଯାଏ । ବେଦ ଥିଲା ବ୍ରହ୍ମାଙ୍କ ମୁଖ ନିଃସୃତ ବାଣୀ । ଏହା ରଚିତ ହେବା ପାଇଁ ଦୀର୍ଘକାଳ ଲାଗିଥିଲା । ଋକ୍‌ବେଦରୁ ଆରମ୍ଭ ହୋଇ କ୍ରମେ ଅନ୍ୟ ତିନିଟି ବେଦ, ବ୍ରାହ୍ମଣ, ସଂହିତା, ଆରଣ୍ୟକ, ଉପନିଷଦ, ଶାସ୍ତ୍ର, ସୂତ୍ର, ରାମାୟଣ ଓ ମହାଭାରତ ପ୍ରଭୃତି ରଚନା ହୋଇ ସାହିତ୍ୟ କ୍ଷେତ୍ରରେ ସୃଜନଶୀଳତାର ପରମ୍ପରା ସୃଷ୍ଟି କଲା । ବୈଦିକ ତଥା ପୌରାଣିକ ସାହିତ୍ୟକୁ ଭିତ୍ତି କରି ବିଭିନ୍ନ ବିଷୟରେ ସାହିତ୍ୟ ରଚିତ ହେଲା । ଗୁପ୍ତଯୁଗରେ ରଚିତ ନାଟକ, କବିତା, ଗୀତିକାବ୍ୟ, ଗଳ୍ପ, ଇତିହାସ, ଜୀବନୀ, ଅଭିଧାନ ଓ ବ୍ୟାକରଣ ପରବର୍ତ୍ତୀ ସମୟରେ ସାହିତ୍ୟ ରଚନାପାଇଁ ପ୍ରେରଣାର ଉତ୍ସ ହେଲା । କାଳିଦାସ ସାହିତ୍ୟ ରଚନାର ଏକ ଆଦର୍ଶ ହେଲେ । ଅବିଚ୍ଛିନ୍ନଭାବେ ସାହିତ୍ୟ ରଚିତ ହୋଇ ସାହିତ୍ୟ କ୍ଷେତ୍ରରେ ଏକ ବଳିଷ୍ଠ ପରମ୍ପରା ବିକଶିତ ହେଲା । ଇସ୍‌ଲାମୀୟ ଓ ମୋଗଲ ଶାସନରେ, ଇଂରେଜମାନଙ୍କ ଶାସନ ସମୟରେ ଏବଂ ସ୍ୱାଧୀନତୋତ୍ତର ଭାରତରେ ସଂସ୍କୃତ, ହିନ୍ଦୀ, ପାରସୀ, ଉର୍ଦ୍ଦୁ, ଇଂରାଜୀ ଓ ବିଭିନ୍ନ ଆଞ୍ଚଳିକ ଭାଷାରେ ବହୁ ସଂଖ୍ୟାରେ ଉଚ୍ଚକୋଟୀର ସାହିତ୍ୟ ରଚିତ ହୋଇ ଏହି ପରମ୍ପରା ବଜାୟ ରହିଛି ।

**_ତୁମେ ଜାଣିଛ କି ?_**

**_ବିଶ୍ୱର ନିଖୁଣତମ ଭାଷାଭାବେ ବିବେଚିତ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଭାଷାତତ୍ତ୍ୱର ମୂଳଭିତ୍ତିଭାବେ ଗୃହୀତ ସଂସ୍କୃତ ଭାଷା ଆର୍ଯ୍ୟମାନଙ୍କ ସୃଷ୍ଟି । ଏହା ଭାରତର ସମସ୍ତ ଭାଷାର ଶବ୍ଦାବଳୀ ଓ ଗଠନ ପ୍ରଣାଳୀକୁ ଏତେ ଦୂର ପ୍ରଭାବିତ କରିଛି ଯେ ସମସ୍ତ ଭାଷାର ମୂଳ ଭାଷା ସଂସ୍କୃତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।_**

## (ଙ) ଜ୍ୟୋତିର୍ବିଦ୍ୟା ଓ ଆୟୁର୍ବିଦ୍ୟା :

ଜ୍ୟୋତିଷ ବେଦାଙ୍ଗରେ ଓ ଅଥର୍ବ ବେଦରେ ଯଥାକ୍ରମେ ଜ୍ୟୋତିଷ ବିଦ୍ୟା ଓ ଚିକିତ୍ସା ବିଦ୍ୟା ସମ୍ପର୍କରେ ବର୍ଣ୍ଣନା ହୋଇ ସେହି ସମୟରୁ ଏହି ଦୁଇ କ୍ଷେତ୍ରରେ ଭାରତୀୟମାନଙ୍କ ମଧ୍ୟରେ ଆଗ୍ରହ ଓ ଅନୁସନ୍ଧିତ୍ସା ସୃଷ୍ଟି କଲା । ପରେ ପରେ ଅନ୍ୟାନ୍ୟ ଖ୍ୟାତନାମା ଜ୍ୟୋତିଷ ଶାସ୍ତ୍ରବିତ୍ ଓ ଚିକିତ୍ସା-ବିଜ୍ଞାନୀ ଏହି ଦୁଇ ବିଦ୍ୟାର ବିକାଶ ଘଟାଇଲେ । ପୃଥିବୀର ଅନେକ ଦେଶ ଭାରତରୁ ଏହି ଜ୍ୟୋତିର୍ବିଦ୍ୟା ଓ ଆୟୁର୍ବିଦ୍ୟା ସମ୍ବନ୍ଧରେ ଜ୍ଞାନ ଆହରଣ କଲେ । ଭାରତର ଜ୍ୟୋତିର୍ବିଜ୍ଞାନର ପରମ୍ପରା ଆଜି ମଧ୍ୟ ଦେଶରେ ଓ ଦେଶ ବାହାରେ ଖ୍ୟାତ ଓ ଆଦୃତ । ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବହୁ ବୈଜ୍ଞାନିକ ଉପକରଣ ଓ ପଦ୍ଧତି ଆବିଷ୍କୃତ ହୋଇଥିଲେ ସୁଦ୍ଧା ଭାରତର ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଏବେ ମଧ୍ୟ ଜନପ୍ରିୟ । ବିଭିନ୍ନ ପ୍ରକାର ବୃକ୍ଷଲତାର ଔଷଧୀୟ ଗୁଣର ଆଧାରରେ ଏହି ପ୍ରାକୃତିକ ଉପାୟରେ ଚିକିତ୍ସାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାରୁ ଆୟୁର୍ବେଦ ବିଦ୍ୟାର ପରମ୍ପରା ଦିନକୁ ଦିନ ଦୃଢ଼ତର ହେଉଛି ।

***ତୁମ ପାଇଁ କାମ :***

***ଔଷଧୀୟ ଗୁଣ ଥିବା କୋଡ଼ିଏ ପ୍ରକାର ବୃକ୍ଷଲତା ସଂଗ୍ରହ କର ଓ ସେଗୁଡ଼ିକର ଉପାଦେୟତା ବର୍ଣ୍ଣନ କର ।***

# ୪. ରାଜନୈତିକ ପରମ୍ପରା

## (କ) ଗଣତନ୍ତ୍ର :

ବୈଦିକ ଯୁଗରେ 'ସଭା' ଓ 'ସମିତି' ନାମକ ଦୁଇଟି ଅନୁଷ୍ଠାନ ରହିଥିଲା । 'ସଭା'ରେ ଧନୀ, ବିଜ୍ଞ ଓ ବୟୋବୃଦ୍ଧ ବ୍ୟକ୍ତି ସଦସ୍ୟ ରହିଥିବା ବେଳେ 'ସମିତି'ରେ ସବୁ ଶ୍ରେଣୀରୁ ଏପରିକି ସାଧାରଣ ଲୋକଙ୍କ ମଧ୍ୟରୁ ମଧ୍ୟ ସଦସ୍ୟ ମନୋନୀତ ହେଉଥିଲେ । ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ସେମାନେ ନିଜର ମତ ପୋଷଣ କରୁଥିଲେ ଏବଂ ରାଜାମାନେ ସ୍ୱେଚ୍ଛାଚାରୀ ହେବାର ଆଶଙ୍କାକୁ ଦୂର କରୁଥିଲେ । କୌଣସି ରାଜାଙ୍କୁ ଆବଶ୍ୟକ ହେଲେ ଗାଦିଚ୍ୟୁତ କରି ନୂତନ ରାଜା ନିର୍ବାଚିତ କରୁଥିଲେ । ସ୍ୱାଧୀନତୋତ୍ତର ଭାରତର ସମ୍ବିଧାନ ପ୍ରଦତ୍ତ ଛଅଟି ମୌଳିକ ଅଧିକାର ମଧ୍ୟରୁ ସମାନତାର ଅଧିକାର, ସ୍ୱାଧୀନତାର ଅଧିକାର, ଧର୍ମଗତ ସ୍ୱାଧୀନତାର ଅଧିକାର ଏବଂ ସାଂସ୍କୃତିକ ଓ ଶିକ୍ଷା ଅଧିକାର ପ୍ରକାରାନ୍ତରେ ବହୁ ପୂର୍ବରୁ ଭାରତରେ ପ୍ରଚଳିତ ।

## (ଖ) ସାଧାରଣତନ୍ତ୍ର :

ଋକ୍ ବୈଦିକ ଯୁଗରେ'ଗଣ' ନାମରେ ପରିଚିତ କେତେକ ସାଧାରଣତନ୍ତ୍ର ଥିଲା । ସେଗୁଡ଼ିକ "ଗଣପତି" ବା 'ଜ୍ୟେଷ୍ଠ'ଙ୍କ ଦ୍ୱାରା ଶାସିତ ହେଉଥିଲା । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଷୋହଳଟି ମହାଜନପଦ ମଧ୍ୟରୁ ଭ୍ରିଜ୍ଜି ଓ ମଲ୍ଲ ସାଧାରଣତନ୍ତ୍ର ରାଜ୍ୟ ଥିଲା । ଏହାଛଡ଼ା ଅନ୍ୟ କେତେକ କ୍ଷୁଦ୍ର ସାଧାରଣତନ୍ତ୍ର ମଧ୍ୟ ଥିଲା । ସେଗୁଡ଼ିକ ନିର୍ବାଚିତ ପ୍ରତିନିଧି ଓ ନିର୍ବାଚିତ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ଭ୍ରିଜ୍ଜି ସାଧାରଣତନ୍ତ୍ର ଆଠଟି ବଂଶ ବା ଗୋଷ୍ଠୀର ଏକ ରାଜ୍ୟସଂଘ ଥିଲା ଏବଂ ଏହାର ଏକ ଜନ ପ୍ରତିନିଧି ସଭା ଓ ନିର୍ବାଚିତ ରାଜା ଥିଲେ । ଏଣୁ ଭାରତର ସାଧାରଣତନ୍ତ୍ର ପରମ୍ପରାଗତ ବୋଲି କୁହାଯାଇପାରେ ।

## (ଗ) ସ୍ୱାୟତ୍ତ ଶାସନ:

ଗ୍ରାମ ସ୍ତରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବୈଦିକ ଯୁଗରୁ ଭାରତରେ ଶାସନର ମୂଳଭିତ୍ତି ଭାବେ ରହିଆସିଛି । ରାମାୟଣ, ମହାଭାରତ ଓ ବୌଦ୍ଧ ଜାତକଗଳ୍ପମାଳାରେ ସ୍ଥାନୀୟ ଶାସନ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ମୌର୍ଯ୍ୟଯୁଗରେ ସମ୍ରାଟ୍ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କଦ୍ୱାରା ପୌର ଶାସନ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଥିଲା । ସୁଲ୍‌ତାନୀୟ, ମୋଗଲ ଓ ଇଂରେଜ ଶାସନ ସମୟରେ ଶାସକମାନଙ୍କ ପୃଷ୍ଠପୋଷକତା ନ ପାଇ ସୁଦ୍ଧା ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ତିଷ୍ଠି ରହିଥିଲା । ଲର୍ଡ ରିପନ୍ ଭାରତର ବଡ଼ଲାଟ ହେବା ପରେ ତାଙ୍କଦ୍ୱାରା ଭାରତରେ ସ୍ଥାନୀୟ ସ୍ୱାୟତ୍ତ ଶାସନ

ଏକ ନିୟମିତ ଢଙ୍ଗରେ ପ୍ରତିଷ୍ଠିତ ହେଲା। ଏହିପରି ଭାବେ ସ୍ୱାୟତ୍ତ ଶାସନ ଭାରତରେ ଏକ ବହୁ ପୁରାତନ ରାଜନୈତିକ ପରମ୍ପରା ।

**ତୁମେ ଜାଣିଛ କି ?**

*ଲର୍ଡ ରିପନ ୧୮୮୨ ଖ୍ରୀଷ୍ଟାବ୍ଦରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ । ଏହି ବ୍ୟବସ୍ଥା ଅନୁଯାୟୀ ସଂଖ୍ୟାଧିକ ନିର୍ବାଚିତ ସଦସ୍ୟ ଓ ଜଣେ ନିର୍ବାଚିତ ଚେୟାରମେନଙ୍କ ସହିତ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଜିଲ୍ଲା ବୋର୍ଡ, ଉପଖଣ୍ଡରେ ଗୋଟିଏ ସ୍ଥାନୀୟ ବୋର୍ଡ ଏବଂ ଉପଖଣ୍ଡର କ୍ଷୁଦ୍ର ଅଞ୍ଚଳରେ ଗ୍ରାମ୍ୟ ବୋର୍ଡ ଗଠିତ ହୋଇଥିଲା । ସହରଗୁଡ଼ିକରେ ପୌର ପାଳିକା ବୋର୍ଡ ଗଠନ କରାଯାଇଥିଲା । ଏଥିରେ ସଂଖ୍ୟାଧିକ ନିର୍ବାଚିତ ସଦସ୍ୟ ରହିଥିଲେ ଏବଂ ଜଣେ ବେସରକାରୀ ସଦସ୍ୟଙ୍କୁ ଏହାର ଚେୟାରମେନ୍ ବା ନଗରପାଳ ଭାବେ ନିଯୁକ୍ତ ଦିଆଯାଉଥିଲା ।*

## (ଘ) ଶାସନର ବିକେନ୍ଦ୍ରୀକରଣ :

ପ୍ରତ୍ୟେକ ଶାସକଙ୍କ ସମୟରେ ସେମାନଙ୍କଦ୍ୱାରା ଅଧିକୃତ ଅଞ୍ଚଳର ବିଶାଳତା ଓ ବିଚ୍ଛିନ୍ନତା ଦୃଷ୍ଟିରୁ ଶାସନର ବିକେନ୍ଦ୍ରୀକରଣ କରାଯାଇ ଏହାକୁ ଫଳପ୍ରଦ କରାଯାଇଛି । ବୈଦିକ ସଭ୍ୟତା ସମୟରେ ରାଜା ସର୍ବୋଚ୍ଚ ଶାସକ ଥିଲେ ସୁଦ୍ଧା ପରିବାରଠାରୁ ଆରମ୍ଭ ହୋଇ ଗ୍ରାମ, ବିଶ୍, ଜନ ବା ଗୋଷ୍ଠୀରେ ଶାସନକୁ ବିକେନ୍ଦ୍ରିତ କରାଯାଇଥିଲା । ଏହି ବ୍ୟବସ୍ଥା ପରବର୍ତ୍ତୀ ସମୟରେ ମୌର୍ଯ୍ୟ, କୁଶାଣ, ଗୁପ୍ତ, ସୁଲତାନୀୟ, ମୋଗଲ ଓ ଇଂରେଜ ଶାସନରେ ମଧ୍ୟ ପ୍ରଚଳିତ ଥିଲା । ଆଧୁନିକ ଯୁଗରେ ଭାରତରେ ଗ୍ରାମଠାରୁ ଆରମ୍ଭ ହୋଇ ବ୍ଲକ୍, ସବ୍-ଡିଭିଜନ ବା ଉପଖଣ୍ଡ, ଜିଲ୍ଲା ଓ ପ୍ରଦେଶ ମଧ୍ୟରେ ଶାସନର ବିକେନ୍ଦ୍ରୀକରଣ ହୋଇ ସର୍ବୋଚ୍ଚ ସ୍ଥାନରେ କେନ୍ଦ୍ରୀୟ ଶାସନ ରହିଛି । ଏହିପରି ଭାବରେ ବହୁ ପୂର୍ବରୁ ଭାରତରେ ଶାସନ ବିକେନ୍ଦ୍ରୀକରଣ ବ୍ୟବସ୍ଥାର ପରମ୍ପରା ରହିଛି ।

## (ଙ) ପ୍ରାଶାସନିକ ପଦ୍ଧତି :

ବୈଦିକ ଯୁଗରୁ ଆରମ୍ଭ କରି ସ୍ୱାଧୀନତୋତ୍ତର ଯୁଗ ପର୍ଯ୍ୟନ୍ତ ଭାରତରେ ପ୍ରଚଳିତ ପ୍ରାଶାସନିକ ବ୍ୟବସ୍ଥାରୁ ଏକ ନିର୍ଦ୍ଦିଷ୍ଟ ପ୍ରାଶାସନିକ ପଦ୍ଧତିର ପରମ୍ପରା ସୃଷ୍ଟି ହୋଇଥିବା ସ୍ପଷ୍ଟ ହୁଏ । ଆଜିର ଭାରତୀୟ ଶାସନ ବ୍ୟବସ୍ଥାରେ ଶାସନ ମୁଖ୍ୟଙ୍କୁ ପରାମର୍ଶ ଓ ସମର୍ଥନ ପ୍ରଦାନ ପାଇଁ ଥିବା ମନ୍ତ୍ରିମଣ୍ଡଳ ଏବଂ ଶାସନର ନୀତିଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ଥିବା ଅମଲାତନ୍ତ୍ର ବହୁଦିନପୂର୍ବେ ଭାରତରେ ପ୍ରଚଳିତ ହୋଇଥିବା ଶାସନ ଓ ପ୍ରାଶାସନିକ ପଦ୍ଧତିର ଏକ ସଂଶୋଧିତ ରୂପ । ଶାସନକୁ ସଫଳ ଓ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ବିଭାଗ ଖୋଲି ସେଗୁଡ଼ିକର ପରିଚାଳନା ନିମନ୍ତେ ପ୍ରତ୍ୟେକ ବିଭାଗରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅମଲାତନ୍ତ୍ର ସହିତ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରିବା ଭାରତୀୟ ରାଜନୈତିକ ପରମ୍ପରାର ପରିଣତି ବୋଲି କୁହାଯାଇପାରେ ।

*ତୁମ ପାଇଁ କାମ :*

***ବର୍ତ୍ତମାନ ଭାରତର କେନ୍ଦ୍ରୀୟ ଶାସନରେ ଥିବା ବିଭିନ୍ନ ବିଭାଗଗୁଡ଼ିକର ଓ ପ୍ରତ୍ୟେକ ବିଭାଗୀୟ ମନ୍ତ୍ରୀଙ୍କ ନାମ ଲେଖି ତାଲିକା ପ୍ରସ୍ତୁତ କର ।***

# ୫. ଆର୍ଥନୀତିକ ପରମ୍ପରା:

## (କ) କୃଷି :

ଭାରତୀୟ ଅର୍ଥନୀତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୃଷିର ପରମ୍ପରା ବହୁ ଦିନରୁ ପ୍ରଚଳିତ । ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତ୍ୟେକ ଯୁଗର ଶାସକ ଓ ଶାସିତ ତଥା ସାଧାରଣ ଜନତା ରାଷ୍ଟ୍ରର ଆର୍ଥିକ ବିକାଶ ପାଇଁ କୃଷି ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଭାରତରେ ପରମ୍ପରାଗତ । ସିନ୍ଧୁ ସଭ୍ୟତା ସମୟରେ କାଷ୍ଠ ନିର୍ମିତ ଲଙ୍ଗଳ ଓ ପଥର ନିର୍ମିତ ଦା' ବ୍ୟବହୃତ ହୋଇ ଧାନ, ଗହମ, ଯବ, ଲେମ୍ବୁ, ନଡ଼ିଆ, କାର୍ପାସ୍ ଉତ୍ପାଦିତ ହେଉଥିଲା । ବୈଦିକ ଯୁଗରେ ପ୍ରଥମେ ଧାନ, ଗହମ,

ଯବ, ତୈଳବୀଜ ଓ କାର୍ପାସ୍ ଉତ୍ପନ୍ନ ହୋଇ କ୍ରମେ ଅନ୍ୟାନ୍ୟ ଶସ୍ୟ ଉତ୍ପାଦିତ ହେଲା । ସେତେବେଳେ ଶସ୍ୟଶ୍ୟାମଳା ଜମିର ଅଭାବ ନ ଥିବାରୁ ଓ ଆର୍ଯ୍ୟମାନେ କର୍ମଠ ହୋଇଥିବାରୁ ଆର୍ଥନୀତିକ ପ୍ରଗତିର ଏକ ମାଧ୍ୟମ ରୂପେ କୃଷିର ପରମ୍ପରା ସୃଷ୍ଟି ହେଲା । ପ୍ରତ୍ୟେକ ପରିବାରର ନିଜ ଅଧିକାରରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଚାଷ ଜମି ରହିଥିଲା । ଶସ୍ୟ ଉତ୍ପାଦନରେ ବୃଦ୍ଧି ଓ ଗୋସମ୍ପଦର ମଙ୍ଗଳ ପାଇଁ ବୈଦିକ ସ୍ତୋତ୍ର ଆବୃତ୍ତି କରାଯାଉଥିଲା । ମୌର୍ଯ୍ୟ ଯୁଗରେ ଜଳସେଚନର ବିକାଶ ପାଇଁ ଗୁରୁତ୍ୱ ଦିଆଯାଇଥିଲା । ଗୁପ୍ତଯୁଗରେ ଚାଷଜମିକୁ ପରିବାରର ସବୁଠାରୁ ଅଧିକ ମୂଲ୍ୟବାନ ସମ୍ପତ୍ତି ରୂପେ ବିବେଚନା କରାଯାଉଥିଲା । ଏହିପରି ଭାବେ ବହୁଦିନ ଧରି କୃଷିକୁ ବହୁ ସଂଖ୍ୟକ ଭାରତୀୟ ଜୀବିକାନିର୍ବାହର ପନ୍ଥା ରୂପେ ଗ୍ରହଣ କରିଛନ୍ତି ।

## (ଖ) ପଶୁପାଳନ :

କୃଷି ଭଳି ପଶୁପାଳନ ମଧ୍ୟ ଭାରତରେ ଏକ ଆର୍ଥନୀତିକ ପନ୍ଥାଭାବରେ ପରମ୍ପରା ସୃଷ୍ଟି କରିଛି । ସିନ୍ଧୁ ସଭ୍ୟତାର ଅଧିବାସୀଗଣ ଷଣ୍ଢ, ବଳଦ, ମଇଁଷି, ମେଣ୍ଢା, ଘୁଷୁରୀ, କୁକୁର, ହାତୀ ଓ ଓଟ ପାଳନ କରୁଥିଲେ । ବୈଦିକ ଯୁଗରେ ଆର୍ଯ୍ୟମାନେ ଗୋପାଳନ ଓ ଗୋସମ୍ପଦର ସୁରକ୍ଷାପ୍ରତି ଅତ୍ୟନ୍ତ ଆନ୍ତରିକତାର ସହିତ ଦୃଷ୍ଟି ଦେଉଥିଲେ । ଗୋହତ୍ୟା ଓ ଗୋମାଂସ ଭକ୍ଷଣକୁ ନିଷିଦ୍ଧ କରାଯାଇଥିଲା । ଜନବସତି ଠାରୁ ଦୂରରେ ଗ୍ରାମର ବାହାରେ ଗୋଚର ଜମି ଚିହ୍ନିତ କରାଯାଇଥିଲା । ବୈଦିକ ଯୁଗରେ ଘୋଡ଼ା, କୁକୁର, ଗଧ, ଛେଳି ଓ ମେଣ୍ଢା ମଧ୍ୟ ପାଳିତ ହେଉଥିଲେ । ଚାଷ କାର୍ଯ୍ୟ, ପରିବହନ, ଯୁଦ୍ଧ, କ୍ରୀଡ଼ା, ଶତ୍ରୁ ବା ଅପରାଧୀର ସ୍ଥାନକୁ ଖୋଜି ବାହାର କରିବା କାର୍ଯ୍ୟ ତଥା କେତେକ ପଶୁଙ୍କ ମାଂସରୁ ଖାଦ୍ୟ ପ୍ରସ୍ତୁତ କରିବାପାଇଁ ପଶୁପାଳନର ଗୁରୁତ୍ୱ ଉପଲବ୍ଧି କରି ଭାରତରେ ବହୁଦିନରୁ ଏହା ଅନ୍ୟ ଏକ ଜୀବିକା ନିର୍ବାହ ପନ୍ଥା ରୂପେ ଗ୍ରହଣ କରାଯାଇଛି ।

## (ଗ) କୁଟୀର ଶିଳ୍ପ :

ଯୁଗ ଯୁଗ ଧରି କୁଟୀର ଶିଳ୍ପ ଭାରତରେ ଏକ ଅର୍ଥନୈତିକ ପରମ୍ପରା ସୃଷ୍ଟି କରିଛି । ସିନ୍ଧୁ ସଭ୍ୟତା ସମୟରେ ମାଟି, ପଥର ଓ ଧାତୁ ନିର୍ମିତ ବିଭିନ୍ନ ସାମଗ୍ରୀ; ଋକ୍ ବୈଦିକ ଯୁଗରେ କାଠ, ଧାତୁ, ଚମଡ଼ା ଓ ତନ୍ତକାମ; ପରବର୍ତ୍ତୀ ବୈଦିକ ଯୁଗରେ ଉନ୍ନତ ଧରଣର ମାଟିପାତ୍ର ଓ ଲୁହା ନିର୍ମିତ ଉପକରଣ, ବେତକାମ, ଲୁଗାରଂଗ କାମ, ସୂତା କାରୁକାର୍ଯ୍ୟ ପ୍ରଭୃତି ଭାରତରେ କୁଟୀର ଶିଳ୍ପ ପରମ୍ପରାର ଏକ ଦୃଢ଼ ଭିତ୍ତି ସ୍ଥାପନ କଲା । ସେ ସମୟରୁ ଅବିରତଭାବେ କୁଟୀର ଶିଳ୍ପର ପ୍ରଗତି ଘଟି ଆଜି ଭାରତୀୟ ସମାଜରେ ଏହା ଏକ କୌଳିକ ବୃତ୍ତି ହୋଇଛି । ଭାରତର କୁଟୀର ଶିଳ୍ପ ଅନ୍ତର୍ଭୁକ୍ତ ମାଟି, ପଥର, କାଠ ଓ ଶିଙ୍ଗର ମୂର୍ତ୍ତି, ପାତ୍ର ଓ ସାଜସଜା ଉପକରଣ; ସୁନା ରୁପାର ଅଳଙ୍କାର ଓ ତାରକାସୀ କାମ; ବିଭିନ୍ନ ଧାତୁରେ ନିର୍ମିତ କୃଷି, ଶିଳ୍ପ ଓ ଗୃହରେ ବ୍ୟବହୃତ ଉପକରଣ; କନା ଓ ସୂଚୀ କାର୍ଯ୍ୟର ସାଜସଜା ସାମଗ୍ରୀ; ଚମଡ଼ା କଷଣ ଓ ରଂଗଲଗାଇବା; ଲୁଗା ସିଲେଇ କରିବା; ବାଉଁଶ, ଛତା, ବେତ ଓ କତାରେ ନିର୍ମିତ ଦୈନିନ୍ଦିନ ବ୍ୟବହାର ସାମଗ୍ରୀ; ହସ୍ତତନ୍ତରୁ ପ୍ରସ୍ତୁତ ଶାଢ଼ି, ଚାଦର, ଧୋତି ଓ ଗାମୁଛା ତଥା ଆଚାର, ବଡ଼ି, ପାମ୍ପଡ଼, ଫଳରସ, ଚଟଣୀ, ଜାମ୍, ଜେଲି ପ୍ରଭୃତି ଖାଦ୍ୟଦ୍ରବ୍ୟର ପ୍ରସ୍ତୁତି ଦେଶର ବିଭିନ୍ନ ଅଞ୍ଚଳ ଓ ଅନେକ ବିଦେଶ ରାଷ୍ଟ୍ରରେ ଚାହିଦା ବୃଦ୍ଧି କରି ଆର୍ଥନୀତିକ ପ୍ରଗତିରେ ଏକ ପରମ୍ପରା ସୃଷ୍ଟି କରିଛି ।

## (ଘ) ବାଣିଜ୍ୟ :

ଭାରତର ବାଣିଜ୍ୟ ଅତି ପ୍ରାଚୀନ ଓ ମୂଲ୍ୟବାନ୍ ପରମ୍ପରା । ସିନ୍ଧୁ ସଭ୍ୟତା ସମୟରେ ବନ୍ଦର ନିର୍ମାଣ ଓ ବହିର୍ଦ୍ଦେଶ ସହିତ ବାଣିଜ୍ୟ; ବୈଦିକ ଯୁଗରେ ଆଭ୍ୟନ୍ତରୀଣ ବାଣିଜ୍ୟ; ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଆନ୍ତର୍ମହାଜନପଦ ବାଣିଜ୍ୟ; ପୌରାଣିକ ଯୁଗରେ ଉଭୟ ସ୍ଥଳପଥ ଓ ଜଳପଥରେ ଆଭ୍ୟନ୍ତରୀଣ ବାଣିଜ୍ୟ; ମୌର୍ଯ୍ୟଯୁଗରେ ବିଭିନ୍ନ ସ୍ଥାନରେ ବାଣିଜ୍ୟ କେନ୍ଦ୍ର ଓ ପୋତାଶ୍ରୟ ନିର୍ମାଣ ଏବଂ

ସାମୁଦ୍ରିକ ବାଣିଜ୍ୟର ବିକାଶ; ଗୁପ୍ତଯୁଗରେ ଉଭୟ ଆଭ୍ୟନ୍ତରୀଣ ଓ ବହିର୍ଦ୍ଦେଶ ବାଣିଜ୍ୟର ଦ୍ରୁତ ପ୍ରଗତି ଏବଂ ପ୍ରାଚୀନ ଯୁଗରେ ବିଭିନ୍ନ ଏସୀୟ ଦେଶ ସହିତ ଓଡ଼ିଶାର ନୌବାଣିଜ୍ୟ ଭାରତରେ ଏକ ଦୃଢ଼ ବାଣିଜ୍ୟିକ ପରମ୍ପରା ସୃଷ୍ଟି କରିଛି । ସୁଲତାନୀୟ, ମୋଗଲ ଓ ଇଂରେଜ ଶାସକମାନଙ୍କ ଦ୍ୱାରା ଏହି ପରମ୍ପରା ଅବ୍ୟାହତ ରହିଥିଲା । ପାଶ୍ଚାତ୍ୟ ଦେଶଗୁଡ଼ିକ ଭାରତର ଏହି ପରମ୍ପରାଦ୍ୱାରା ଆକୃଷ୍ଟ ହୋଇ ନିଜ ଦେଶର ବ୍ୟାବସାୟିକ ଉନ୍ନତି ଉଦ୍ଦେଶ୍ୟରେ ଭାରତରେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ । ସ୍ୱାଧୀନତା ପରେ ଭାରତ ପୂର୍ବକାଳର ବାଣିଜ୍ୟିକ ବିକାଶକୁ ଭିତ୍ତିକରି ଆର୍ଥିକ ପ୍ରଗତିରେ ବାଣିଜ୍ୟର ଗୁରୁତ୍ୱ ବୃଦ୍ଧି କଲା ।

**ତୁମେ ଜାଣିଛ କି ?**

***ସିନ୍ଧୁ ସଭ୍ୟତା ସମୟରୁ ଗୁପ୍ତଯୁଗ ପର୍ଯ୍ୟନ୍ତ ସ୍ଥାପିତ ହୋଇଥିବା ସାମୁଦ୍ରିକ ବନ୍ଦର ମଧ୍ୟରେ ଲୋଥାଲ୍, ଭାରୁକଚ୍ଛ, ସରପରକ, ତାମ୍ରଲିପ୍ତି, କେଲିନା, କାବେରୀ ପାଦ୍‌ନମ୍, କୋରକାଇ, ସାଲିପୁର୍, କୋଟାୟାମ୍ ଓ ମୁଜିରିସ୍; ନଦୀ ବନ୍ଦର ମଧ୍ୟରେ କୌଶାମ୍ବୀ, ଅଯୋଧ୍ୟା, ଶ୍ରାବସ୍ତୀ, ପୋଟଣ, ପଞ୍ଚାଳ, ବାରଣାସୀ, ଚମ୍ପା ଓ ପାଟଳୀପୁତ୍ର; ବାଣିଜ୍ୟ କେନ୍ଦ୍ର ମଧ୍ୟରେ ତକ୍ଷଶିଳା, ଉଜ୍ଜୟିନୀ, କୌଶାମ୍ବୀ, ବାରଣାସୀ ଓ ପାଟଳୀପୁତ୍ର ପ୍ରମୁଖ ଥିଲେ ।***

**ତୁମ ପାଇଁ କାମ :**

***ଭାରତରୁ ରପ୍ତାନୀ ହେଉଥିବା ଦ୍ରବ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ଓ ଭାରତ ମାନଚିତ୍ର ଅଙ୍କନ କରି ସେଥିରେ ପ୍ରମୁଖ ବନ୍ଦର ଗୁଡ଼ିକ ଚିହ୍ନଟ କର ।***

## (ଙ) ଗ୍ରାମ୍ୟ ଅର୍ଥନୀତି :

ଗ୍ରାମ୍ୟ ଅର୍ଥନୀତି ଭାରତର ଏକ ବିଶିଷ୍ଟ ଆର୍ଥନୀତିକ ପରମ୍ପରା । ବୈଦିକ ସଭ୍ୟତାରେ ଗ୍ରାମ ହିଁ ଆର୍ଥିକ ବିକାଶର ମୂଳ କେନ୍ଦ୍ର ଥିଲା । ଗ୍ରାମର ଆର୍ଥିକ ବିକାଶରେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି ସେ ସମୟରୁ ଆଜି ପର୍ଯ୍ୟନ୍ତ ଭାରତୀୟମାନଙ୍କର ବିଶ୍ୱାସ ରହି ଆସିଛି । ବୈଦିକ ଯୁଗରେ ପ୍ରତ୍ୟେକ ଗ୍ରାମରେ କୃଷି, ପଶୁପାଳନ ଓ କୁଟୀର ଶିଳ୍ପକୁ ଗୁରୁତ୍ୱ ଦିଆଯାଇ ଆର୍ଥନୀତିକ ପ୍ରଗତି କରାଯାଉଥିଲା । ସେ ସମୟର ଶିକ୍ଷାନୁଷ୍ଠାନ 'ଗୁରୁକୁଳ' ଗୁଡ଼ିକରେ ଏହି ବିଷୟଗୁଡ଼ିକର ବୈଷୟିକ ଶିକ୍ଷା ଦିଆଯାଉଥିଲା । ପ୍ରାକ୍-ମୌର୍ଯ୍ୟ ଯୁଗରେ ପ୍ରତ୍ୟେକ ଗ୍ରାମକୁ ଆତ୍ମନିର୍ଭରଶୀଳ କରାଯାଇଥିଲା । ଚାଷୀଙ୍କୁ ଜମିର ମାଲିକାନା ସ୍ୱତ୍ୱ ଦିଆଯାଉଥଲା । ଆଜିର ଭାରତୀୟ ଅର୍ଥନୀତିରେ ପୁରାତନ ସମୟର ଆର୍ଥନୀତିକ ଉପାଦାନ ଓ ପଦ୍ଧତି ସ୍ପଷ୍ଟ । ଆଜିର ଅର୍ଥନୀତି ମଧ୍ୟ ଗ୍ରାମ୍ୟ ଅର୍ଥନୀତି ଆଧାରରେ ନିର୍ଦ୍ଧାରିତ ଏବଂ ଏଥିରେ ଗ୍ରାମ୍ୟ ଅର୍ଥନୀତିର ପରମ୍ପରା ପ୍ରତିଫଳିତ ।

ଉପରଲିଖିତ ବର୍ଣ୍ଣନାରୁ ପ୍ରତ୍ୟେକ କ୍ଷେତ୍ରରେ ଥିବା ଭାରତୀୟ ପରମ୍ପରାର ପ୍ରାଚୀନତା ଓ ନିରବଚ୍ଛିନ୍ନତା ସୁସ୍ପଷ୍ଟ । ଭାରତୀୟ ପରମ୍ପରା ଭାରତକୁ ଏକ ସ୍ୱତନ୍ତ୍ର ପରିଚିତି ପ୍ରଦାନ କରିଛି ଏବଂ ଏହି ପରମ୍ପରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟଙ୍କୁ ସଂଗଠିତ, ଶୃଙ୍ଖଳିତ ଓ ଏକତ୍ର କରିପାରିଛି । ସୁଖର କଥା ଯେ ଭାରତରେ ସାମାଜିକ ଓ ବୈଜ୍ଞାନିକ ଶିକ୍ଷାର ଉନ୍ନତି ହେବା ଫଳରେ ପୁରାତନ କାଳରୁ ପ୍ରଚଳିତ କେତେକ କୁସଂସ୍କାର, ଅନ୍ଧବିଶ୍ୱାସ, ଧର୍ମାନ୍ଧତା ଓ ସାମ୍ପ୍ରଦାୟିକତା ଧୀରେ ଧୀରେ ଲୋପ ପାଉଛି ।

# ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) ପ୍ରତ୍ୟେକ ଭାରତୀୟର ନୈତିକ କର୍ତ୍ତବ୍ୟ ଗୁଡ଼ିକ କ'ଣ ?

(ଖ) ଭାରତରେ ଧର୍ମ କ୍ଷେତ୍ରରେ ଉଦାରତା କି ଭଳି ଭାବରେ ପ୍ରତିଫଳିତ ହୋଇଛି ?

(ଗ) ଗଣତନ୍ତ୍ର ଓ ସାଧାରଣତନ୍ତ୍ରର ପରମ୍ପରା ଭାରତରେ କେବେଠାରୁ ଓ କିପରି ସୃଷ୍ଟି ହୋଇଛି ?

(ଘ) ଭାରତରେ କିପରି ଗ୍ରାମ୍ୟ ଅର୍ଥନୀତିର ପରମ୍ପରା ସୃଷ୍ଟି ହୋଇଛି ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ।**

(କ) ଯୌଥ ପରିବାରର ସମ୍ପତ୍ତିରେ କାହାର ଭାଗ ଥାଏ ?

(ଖ) ଭାରତୀୟ ସମାଜରେ ବରିଷ୍ଠ ବ୍ୟକ୍ତିଙ୍କୁ କିପରି ସମ୍ବୋଧନ କରାଯାଏ ଓ ସାକ୍ଷାତ ସମୟରେ କିପରି ଭକ୍ତି ପ୍ରଦର୍ଶନ କରାଯାଏ ?

(ଗ) ଭାରତୀୟମାନେ କିପରି ସାମାଜିକ ଉତ୍ସବଗୁଡ଼ିକ ପାଳନ କରନ୍ତି ?

(ଘ) ସମସ୍ତ ଧର୍ମାବଲମ୍ବୀ କେଉଁ ତତ୍ତ୍ୱକୁ ନିଜ ଧର୍ମର ମୂଳନୀତିଭାବେ ବିଶ୍ୱାସ କରନ୍ତି ?

(ଙ) କେତେକ ଧର୍ମରେ ମୂର୍ତ୍ତିପୂଜା ବ୍ୟତୀତ ଆଉ କ'ଣ ପୂଜା କରିବାର ପରମ୍ପରା ରହିଛି ?

(ଚ) ଭାରତରେ ନୃତ୍ୟ ଓ ଗୀତକୁ ମନୋରଞ୍ଜନ ଓ ଜୀବନଯାପନର ମାଧ୍ୟମ ବ୍ୟତୀତ ଆଉ କ'ଣ ଭାବେ ବିବେଚନା କରାଯାଏ ?

(ଛ) କେଉଁ ଦୁଇଟି ପ୍ରାଚୀନ ଗ୍ରନ୍ଥରେ ଯଥାକ୍ରମେ ଜ୍ୟୋତିଷ ବିଦ୍ୟା ଓ ଚିକିତ୍ସା ବିଦ୍ୟାର ବର୍ଣ୍ଣନା ଭାରତୀୟମାନଙ୍କ ମଧ୍ୟରେ ଉକ୍ତ ବିଷୟରେ ଆଗ୍ରହ ସୃଷ୍ଟି କଲା ?

(ଜ) ବୈଦିକ ଯୁଗରେ ଦୁଇ ଗଣତାନ୍ତ୍ରିକ ଅନୁଷ୍ଠାନର ନାମ କ'ଣ ଥିଲା ?

(ଝ) ବୈଦିକ ଯୁଗରେ ଅର୍ଥନୈତିକ ପ୍ରଗତିର ଏକ ମାଧ୍ୟମ ରୂପେ କୃଷିର ପରମ୍ପରା ସୃଷ୍ଟି ହେବାର କାରଣ କ'ଣ ?

(ଞ) ମୌର୍ଯ୍ୟଯୁଗରେ ବାଣିଜ୍ୟର ବିକାଶ ପାଇଁ କ'ଣ ନିର୍ମାଣ କରାଯାଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଗୋଟିଏ ବାକ୍ୟରେ ଲେଖ।**

(କ) ପ୍ରତ୍ୟେକ ଧର୍ମରେ ବିବାହକୁ କି ଭାବରେ ଗ୍ରହଣ କରାଯାଏ ?

(ଖ) ଆକ୍‌ବର ଘୋଷଣା କରିଥିବା ନୂତନ ଧାର୍ମିକ ପନ୍ଥାର ନାମ କ'ଣ ଥିଲା ?

(ଗ) ମୁସଲମାନମାନେ ପରମ୍ପରା କ୍ରମେ କେଉଁ ସ୍ଥାନକୁ ତୀର୍ଥଯାତ୍ରା କରିବାକୁ ଯାଆନ୍ତି ?

(ଘ) ଆର୍ଯ୍ୟମାନଙ୍କର କେଉଁ ଦାର୍ଶନିକ ଚିନ୍ତାଧାରା ଭାରତରେ ବିଶ୍ୱଭ୍ରାତୃତ୍ୱଭାବର ପରମ୍ପରା ସୃଷ୍ଟି କରିଛି ?

(ଙ) କେଉଁ ବେଦରୁ ଭାରତୀୟ ଶାସ୍ତ୍ରୀୟ ସଂଗୀତ ସୃଷ୍ଟି ହୋଇଛି ?

(ଚ) ପୁରାତନ ଯୁଗରେ କିଏ ସାହିତ୍ୟ ରଚନାର ଆଦର୍ଶ ହେଲେ ?

(ଛ) ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ କେଉଁ ସାଧାରଣତନ୍ତ୍ର ଆଠଟି ବଂଶ ବା ଗୋଷ୍ଠୀର ଏକ ରାଜ୍ୟସଂଘ ଥିଲା ?

(ଜ) ଅମଲାତନ୍ତ୍ରର ମୁଖ୍ୟ କାର୍ଯ୍ୟ କ'ଣ ?

(ଝ) ପାଶ୍ଚାତ୍ୟ ଦେଶଗୁଡ଼ିକ କାହିଁକି ଭାରତରେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ ?

(ଞ) ବୈଦିକ ଯୁଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ କ'ଣ କୁହାଯାଉଥିଲା ?

**୪. ନିମ୍ନରେ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) ଭାରତୀୟ ପରିବାରରେ ସମସ୍ତ କାର୍ଯ୍ୟପାଇଁ କିଏ ନିଷ୍ପତ୍ତି ନିଅନ୍ତି ?

(i) କେବଳ ବିବାହିତ ବରିଷ୍ଠତମ ସଦସ୍ୟ (ii) କେବଳ ଅବିବାହିତ ବରିଷ୍ଠତମ ସଦସ୍ୟ

(iii) କେବଳ ରୋଜଗାର କରୁଥିବା ବରିଷ୍ଠତମ ସଦସ୍ୟ

(iv) ବିବାହିତ ବା ଅବିବାହିତ, ରୋଜଗାର କରୁଥିବା ବା ନ କରୁଥିବା ବରିଷ୍ଠତମ ସଦସ୍ୟ

(ଖ) ପରମାତ୍ମା ସହିତ ଆତ୍ମାର ସମ୍ପର୍କ ପାଇଁ କେଉଁଟି ସର୍ବଜନାଦୃତ ?

(i) କର୍ମବାଦ (ii) ଭକ୍ତିମାର୍ଗ (iii) ବ୍ରାହ୍ମମାର୍ଗ (iv) ତୀର୍ଥଯାତ୍ରା

(ଗ) କେଉଁ ଯୁଗରୁ ଭାରତରେ ଚିତ୍ରକଳାର ଉଦ୍ଭବ ହୋଇଛି ?

(i) ପ୍ରାଗ୍-ଐତିହାସିକ (ii) ବୈଦିକ (iii) ମୌର୍ଯ୍ୟ (iv) ଗୁପ୍ତ

(ଘ) କେଉଁଥିରୁ ଭାରତୀୟ ପାରମ୍ପରିକ ନୃତ୍ୟଗୁଡ଼ିକର ବିକାଶ ହୋଇଛି ?

(i) ବୈଦେଶିକ ପ୍ରଭାବ (ii) ପ୍ରାଚୀନ ମୂର୍ତ୍ତିକଳା (iii) ସାମବେଦ (iv) ପ୍ରଚଳିତ ପ୍ରଥା

(ଙ) କାହାକୁ ଭାରତର ପ୍ରାଚୀନତମ ସାହିତ୍ୟ ଭାବେ ବିବେଚନା କାରାଯାଏ ?

(i) ବେଦ (ii) ଉପନିଷଦ (iii) ରାମାୟଣ (iv) ମହାଭାରତ

(ଚ) କାହାର ଆଧାରରେ ଆୟୁର୍ବେଦ ଚିକିତ୍ସାର ବିକାଶ ହୋଇଛି ?

(i) ଜ୍ୟୋତିର୍ବିଜ୍ଞାନ (ii) ବୃକ୍ଷଲତାର ଔଷଧୀୟଗୁଣ

(iii) ବୈଜ୍ଞାନିକ ପଦ୍ଧତିର ଆବିଷ୍କାର (iv) ବୈଜ୍ଞାନିକ ଉପକରଣର ଉଦ୍ଭାବନ

(ଛ) ବୈଦିକ ଯୁଗର କେଉଁ ଗଣତାନ୍ତ୍ରିକ ଅନୁଷ୍ଠାନରେ ସମାଜର ସମସ୍ତ ଶ୍ରେଣୀରୁ ସଦସ୍ୟ ମନୋନୀତ ହେଉଥିଲେ ?

(i) ଜନପଦ (ii) ଗଣ (iii) ସଭା (iv) ସମିତି

(ଜ) କେଉଁ ସମୟରେ ଭାରତରେ ପ୍ରଥମେ ପୌର ଶାସନ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇଥିଲା ?

(i) ସିନ୍ଧୁ ସଭ୍ୟତା (ii) ବୈଦିକ ସଭ୍ୟତା (iii) ମୌର୍ଯ୍ୟ ଯୁଗ (iv) ଗୁପ୍ତ ଯୁଗ

(ଝ) କିଏ ଭାରତରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଏକ ନିୟମିତ ଢଙ୍ଗରେ ପ୍ରତିଷ୍ଠା କରିଥିଲେ ?

(i) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ (ii) ଅଶୋକ (iii) ଆକବର (iv) ଲର୍ଡ ରିପନ୍

(ଞ) ଗୁପ୍ତଯୁଗରେ କ'ଣ ପରିବାରର ସବୁଠାରୁ ଅଧିକ ମୂଲ୍ୟବାନ୍ ସମ୍ପତ୍ତି ରୂପେ ବିବେଚିତ ହେଉଥିଲା ?

(i) ସୁନା (ii) ଗୋ ସମ୍ପଦ (iii) ଚାଷ ଜମି (iv) ଘୋଡ଼ା

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

●●

### ତୃତୀୟ ପାଠ

# ଭାରତର କଳା, ସ୍ଥାପତ୍ୟ, ଶିଳ୍ପକୌଶଳ, ସାହିତ୍ୟ, ବିଜ୍ଞାନ ଏବଂ ବୈଷୟିକ ବିଦ୍ୟା

# (Art, Architecture, Craft, Literature, Science and Technology of India)

ଯେ କୌଣସି ଦେଶର କଳା, ସ୍ଥାପତ୍ୟ, ଶିଳ୍ପ, ସାହିତ୍ୟ, ବିଜ୍ଞାନ ଓ ବୈଷୟିକ ବିଦ୍ୟା ବିଷୟଗୁଡ଼ିକରେ ପ୍ରଚୀନ କାଳରୁ ଅର୍ଜିତ ପାରଦର୍ଶିତା ସେ ଦେଶର ଐତିହ୍ୟର ପରିଚୟ ଦିଏ । ପ୍ରାଚୀନ କାଳରୁ ସମୟ କ୍ରମେ ଏହି ବିଷୟଗୁଡ଼ିକରେ ଉନ୍ନତି ଓ ଅଭିବୃଦ୍ଧି ଘଟି ସଭ୍ୟତା ବା ସଂସ୍କୃତିର ମାନ ଉଚ୍ଚତର ହୁଏ । କିନ୍ତୁ ଅତୀତର ସାଂସ୍କୃତିକ ଉପାଦାନଗୁଡ଼ିକର ମାନକ ଓ ଗୁରୁତ୍ୱ ଦେଶର ଐତିହ୍ୟ ସୂଚାଏ । ନିମ୍ନୋକ୍ତ ସାଂସ୍କୃତିକ ଉପାଦାନଗୁଡ଼ିକ ଭାରତର ମୂଲ୍ୟବାନ ଐତିହ୍ୟ ସୃଷ୍ଟି କରିଛି ।

## ୧. କଳା :

ଭାରତୀୟମାନଙ୍କର କଳା ନୈପୁଣ୍ୟ ବହୁ ପୁରାତନ କାଳରୁ ପ୍ରକାଶିତ ହୋଇଛି । ତିନି ପ୍ରକାର କଳା ଯଥା ମୂର୍ତ୍ତିକଳା, ଚିତ୍ରକଳା ଓ ସଂଗୀତକଳା ଭାରତର ଏକ ସ୍ୱତନ୍ତ୍ର ଐତିହ୍ୟ ସୃଷ୍ଟି କରିଛି ।

### (କ) ମୂର୍ତ୍ତିକଳା :

ସିନ୍ଧୁ ସଭ୍ୟତାର ପ୍ରସ୍ତର ପ୍ରତିମା, ମୋହର ଉପରେ ଜୀବଜନ୍ତୁମାନଙ୍କ ପ୍ରତିକୃତି, ପଥରରେ ଖୋଦିତ ନିଶଦାଢ଼ି ସହ ପୁରୁଷ ପ୍ରତିମା ତଥା ବ୍ରୋଞ୍ଜ ନିର୍ମିତ ନର୍ତ୍ତକୀ ମୂର୍ତ୍ତି ଭାରତର ମୂର୍ତ୍ତିକଳା ଆରମ୍ଭର ସୂଚନା ଦିଏ।


### ମୌର୍ଯ୍ୟ ଓ ଶକ-କୁଶାଣ ଯୁଗର ମୂର୍ତ୍ତିକଳା:-

ମୌର୍ଯ୍ୟ ଯୁଗରେ ଶାସକମାନଙ୍କ ପୃଷ୍ଠପୋଷକତାରେ ବିଭିନ୍ନ ସ୍ଥାନରେ ନିର୍ମିତ ସ୍ତମ୍ଭର ଉପରିଭାଗ ପ୍ରସ୍ତର ଖୋଦିତ ପଶୁମାନଙ୍କ ଚିତ୍ର ଦ୍ୱାରା ମଣ୍ଡିତ ହୋଇଥିଲା । ସାରନାଥ ସ୍ତମ୍ଭର ଅଗ୍ରଭାଗରେ ଥିବା ସିଂହର ପ୍ରତିକୃତି ଓ ଓଡ଼ିଶାର ଧଉଳି ପାହାଡ଼ ନିକଟରେ ଥିବା ପ୍ରସ୍ତର ଖୋଦିତ ହସ୍ତୀର ବାହ୍ୟ ରୂପର ଚିତ୍ର ସମ୍ରାଟ ଅଶୋକଙ୍କ ସମୟର କଳାକୃତିର ପରିଚୟ ଦିଏ ।

> **ତୁମେ ଜାଣିଛ କି ?**
>
> *ଅଶୋକଙ୍କ ସାରନାଥ ସ୍ତମ୍ଭର ଅଗ୍ରଭାଗକୁ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଭାରତର ଜାତୀୟ ପ୍ରତୀକ ଭାବେ ଗ୍ରହଣ କରାଯାଇଛି । ଏହି ଜାତୀୟ ପ୍ରତୀକ ଭାରତରେ ପ୍ରଚଳିତ କାଗଜ ମୁଦ୍ରାରେ ପ୍ରତିଫଳିତ।*
>
> *ପ୍ରତୀକର ଏକ ପାଖିଆ ଚିତ୍ରରେ ସାରନାଥ ସ୍ତମ୍ଭରେ ଥିବା ଚାରିଟି ସିଂହ ମୂର୍ତ୍ତି ମଧ୍ୟରୁ କେବଳ ତିନିଟି ଦୃଶ୍ୟମାନ ହୁଏ ଏବଂ ଏହାର ଭିତ୍ତିର ପରିଧିଉପରେ ଥିବା ହାତୀ, ଦୌଡୁଥିବା ଘୋଡ଼ା, ଷଣ୍ଢ, ସିଂହ ଓ ଚକ୍ରର ମୂର୍ତ୍ତି ମଧ୍ୟରୁ କେବଳ ଗୋଟିଏ ଚକ୍ର, ତା'ର ଡାହାଣ ପାର୍ଶ୍ୱରେ ଦୌଡୁଥିବା ଘୋଡ଼ା, ବାମ ପାର୍ଶ୍ୱରେ ଷଣ୍ଢର ମୂର୍ତ୍ତି ଓ ଭିତ୍ତିର ଦୁଇପାର୍ଶ୍ୱରେ ଥିବା ଚକ୍ର ମୂର୍ତ୍ତିର ବାହ୍ୟ ରେଖା ଦେଖାଯାଏ ।*

ବିହାର, ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶର କେତେକ ସ୍ଥାନରୁ ଆବିଷ୍କୃତ ଯକ୍ଷ ମୂର୍ତ୍ତି ଓ ଜୈନ ତୀର୍ଥଙ୍କର ମୂର୍ତ୍ତି ମୌର୍ଯ୍ୟ ଯୁଗର ଦେଶୀୟ କଳାର ଶୈଳୀ ଦର୍ଶାଏ । ମୌର୍ଯ୍ୟଯୁଗପରେ ବାହରୁତ୍, ବୋଧଗୟା ଓ ସାଞ୍ଚିଠାରେ ଖୋଦିତ ଚିତ୍ର ଏବଂ ଉଦୟଗିରି ଓ ଖଣ୍ଡଗିରିର ଚିତ୍ରବଲ୍ଲରୀ ପ୍ରାୟତଃ ମୌର୍ଯ୍ୟ କଳାର ଅନୁସରଣରେ ନିର୍ମିତ ।

ସାଞ୍ଚି ସ୍ତୂପର ତୋରଣରେ ଖୋଦିତ ଗୌତମ ବୁଦ୍ଧଙ୍କ ଜୀବନୀ, ଆରଣ୍ୟକ ଦୃଶ୍ୟ, ଜୀବଜନ୍ତୁ ଓ ଶୋଭାଯାତ୍ରା ସେ ସମୟର ମୂର୍ତ୍ତିକଳାର ନିଦର୍ଶନ । ଶକ-କୁଶାଣ ଯୁଗରେ



(ସାଞ୍ଚି ସ୍ତୂପ)

ମଥୁରା ଓ ଗାନ୍ଧାରଠାରେ ବୁଦ୍ଧ, ବୋଧିସତ୍ତ୍ୱ ଓ ଅନ୍ୟ କେତେକ ଐଶ୍ୱରୀୟ ପଥର ମୂର୍ତ୍ତି ନିର୍ମିତ ହୋଇଥିଲା । ସମୟକ୍ରମେ ଅନ୍ୟ ଧର୍ମର ପଥର ମୂର୍ତ୍ତି ମଧ୍ୟ ବହୁ ସଂଖ୍ୟାରେ ନିର୍ମିତ ହୋଇଥିଲା । ଧର୍ମ ସମ୍ବନ୍ଧିତ ମୂର୍ତ୍ତି ବ୍ୟତୀତ ମଥୁରାଠାରେ ଶକ ଓ କୁଶାଣ ବଂଶର ରାଜାମାନଙ୍କର ପ୍ରତିମୂର୍ତ୍ତି ଏବଂ ଯକ୍ଷ, ଯକ୍ଷିଣୀ ଓ ଅପ୍ସରାମାନଙ୍କର ଅନେକ ମୂର୍ତ୍ତି ନିର୍ମିତ ହୋଇଥିଲା ।

## ଗୁପ୍ତଯୁଗର ମୂର୍ତ୍ତିକଳା :

ଗୁପ୍ତଯୁଗରେ ଗ୍ରୀକ୍ ପ୍ରଭାବରେ ସୃଷ୍ଟ ଗାନ୍ଧାର କଳା ସମ୍ପୂର୍ଣ୍ଣଭାବେ ଲୋପ ପାଇଯାଇଥିଲା ଏବଂ ସମ୍ପୂର୍ଣ୍ଣ ଭାରତୀୟ ଶୈଳୀରେ ବୌଦ୍ଧଧର୍ମ ଓ ବ୍ରାହ୍ମଣ୍ୟଧର୍ମର ଦେବଦେବୀଙ୍କ ମୂର୍ତ୍ତି ପଥର ଓ ବ୍ରୋଞ୍ଜରେ ନିଖୁଣଭାବେ ନିର୍ମାଣ କରାଯାଇଥିଲା । ସାରନାଥ ଓ ମଥୁରାଠାରେ ବହୁ ସଂଖ୍ୟାରେ ବୁଦ୍ଧ ଓ ବୋଧିସତ୍ତ୍ୱଙ୍କ ମୂର୍ତ୍ତି ଏବଂ ଶିବ, ବିଷ୍ଣୁ, ସୂର୍ଯ୍ୟ, କାର୍ତ୍ତିକେୟ ପ୍ରଭୃତି ବ୍ରାହ୍ମଣ୍ୟଧର୍ମର ଦେବତାଙ୍କ ମୂର୍ତ୍ତି ଆବିଷ୍କୃତ ହୋଇଛି । ଦେଓଗଡ଼ର ମନ୍ଦିରରେ ମୂର୍ତ୍ତିକଳା ମାଧ୍ୟମରେ ରାମ ଓ କୃଷ୍ଣଙ୍କ ପୌରାଣିକ ଗଳ୍ପଗୁଡ଼ିକ ଯଥେଷ୍ଟ ସଫଳତାର ସହିତ ଚିତ୍ରିତ ହୋଇଛି । ଅଜନ୍ତାର ନବମ ଗୁମ୍ଫାରେ ରାଣୀଙ୍କ ସହିତ ବସିଥିବା ନଟରାଜଙ୍କ ପ୍ରତିମୂର୍ତ୍ତି ଗୁପ୍ତଯୁଗ ମୂର୍ତ୍ତିକଳାର ଶ୍ରେଷ୍ଠ ନିଦର୍ଶନ ।

**ତୁମେ ଜାଣିଛ କି ?**

*ଗାନ୍ଧାରର ଭୌଗୋଳିକ ଅବସ୍ଥିତି ଗ୍ରୀକ୍‌ମାନଙ୍କ ପ୍ରଭାବ ପାଇଁ ଅନୁକୂଳ ହୋଇଥିବାରୁ ସେଠାରେ ଗ୍ରୀକ୍ କଳା ବା ଏସିଆ ମାଇନର ଓ ରୋମ ସାମ୍ରାଜ୍ୟର ହେଲେନୀୟ କଳାରୁ ଏକ ନୂତନ ଶୈଳୀ ସୃଷ୍ଟି ହୋଇଥିଲା, କିନ୍ତୁ ଗାନ୍ଧାର କଳାର କୀର୍ତ୍ତିଗୁଡ଼ିକ ଗ୍ରୀକ୍ ଶୈଳୀରେ ନିର୍ମିତ ହୋଇଥିଲେ ସୁଦ୍ଧା ଭାରତୀୟ ଦୃଷ୍ଟିଭଙ୍ଗୀ ଧାରଣ କରିଥିଲା । କୁଶାଣ ରାଜତ୍ୱ ସମୟରେ, ବିଶେଷ କରି କନିଷ୍କଙ୍କ ସମୟରେ ଗାନ୍ଧାର କଳାର ବିକାଶ ହୋଇଥିଲା ।*

## ପଲ୍ଲବ, ଚୋଳ ଓ ପାଣ୍ଡ୍ୟବଂଶ ରାଜତ୍ୱର ମୂର୍ତ୍ତିକଳା :

ଦକ୍ଷିଣ ଭାରତରେ ପଲ୍ଲବ ରାଜତ୍ୱ ସମୟରେ 'ଦ୍ରାବିଡ଼ଶୈଳୀ' ନାମକ ଏକ ନୂତନ ମୂର୍ତ୍ତିକଳା ଓ ସ୍ଥାପତ୍ୟ ଶୈଳୀ ପ୍ରବର୍ତ୍ତିତ ହେଲା । ତାମିଲ୍‌ନାଡୁର ମହାବଳୀପୁରମ୍ ବା ମାମଲାପୁରମ୍ ସହରରେ ପାହାଡ଼ ଉପରେ ନିର୍ମିତ ମଣ୍ଡପଗୁଡ଼ିକ ସେ ସମୟର କଳାରେ ଉତ୍କର୍ଷତାରେ ପ୍ରମାଣ ଦିଏ । ଏଠାରେ ଥିବା ମନ୍ଦିରଗୁଡ଼ିକ ନିକଟରୁ ମିଳିଥିବା ପଥର ଖୋଦିତ ସିଂହ, ହାତୀ ଓ ବୃଷଭର ପ୍ରତିକୃତି ପ୍ରତୀକାତ୍ମକ ଭାବେ ଯଥାକ୍ରମେ ଦୁର୍ଗା, ଇନ୍ଦ୍ର ଓ ଶିବଙ୍କୁ ପ୍ରକାଶ କରୁଥିଲା । ଚୋଳ ବଂଶର ରାଜତ୍ୱ ସମୟରେ ତ୍ରିଚିନାପଲ୍ଲୀ ଜିଲ୍ଲାର ଶ୍ରୀନିଭାସାନାଲୁର୍‌ଠାରେ ନିର୍ମିତ କୋରଙ୍ଗନାଥ ମନ୍ଦିର କାନ୍ଥରେ ହିନ୍ଦୁ ଦେବଦେବୀଙ୍କ ବୃହତ୍‌କାୟ ମୂର୍ତ୍ତିଗୁଡ଼ିକ ଏବଂ ସମ୍ରାଟ ରାଜରାଜ ଚୋଳ ୧୦୧୧ ଖ୍ରୀଷ୍ଟାବ୍ଦରେ ତାଞ୍ଜାଭୁର୍‌ଠାରେ ନିର୍ମାଣ କରିଥିବା ବୃହଦୀଶ୍ୱର ମନ୍ଦିରର ମୂର୍ତ୍ତିକଳା ସେ ସମୟର ଭାରତୀୟ କଳା କୌଶଳର ପରିଚୟ ଦିଏ । ଏହା ବ୍ୟତୀତ ଚୋଳଙ୍କ ସମୟରେ ନିର୍ମିତ ନଟରାଜ ଶିବ ଏବଂ ଅନ୍ୟ ହିନ୍ଦୁ ଦେବଦେବୀ ଓ ସନ୍ଥମାନଙ୍କର ବ୍ରୋଞ୍ଜ ପ୍ରତିମୂର୍ତ୍ତି ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ପାଣ୍ଡ୍ୟବଂଶର ରାଜତ୍ୱ ସମୟରେ ନିର୍ମିତ ମନ୍ଦିରଗୁଡ଼ିକର ଗୋପୁରମ୍ ବା ପ୍ରବେଶ ଦ୍ୱାରଗୁଡ଼ିକର ଖୋଦିତ କାରୁକାର୍ଯ୍ୟ

ପାଣ୍ଡ୍ୟକଳାର ନିଦର୍ଶନ । ଦରସୁରମଠାରେ ନିର୍ମିତ କୁମ୍ଭକୋନମ ମନ୍ଦିରର ଗୋପୁରମ୍‌ରେ ଅତ୍ୟନ୍ତ ଚିତ୍ତାକର୍ଷକ ପାଣ୍ଡ୍ୟ ଚିତ୍ରକଳା ଦେଖାଯାଏ । ସପ୍ତଦଶ ଶତାବ୍ଦୀରେ ରାମେଶ୍ୱରମ୍ ଓ ମଦୁରାଠାରେ ନିର୍ମିତ ମନ୍ଦିରମାନଙ୍କ ମୂର୍ତ୍ତିକଳାରେ ଦ୍ରାବିଡ ଶୈଳୀର ଚରମ ପର୍ଯ୍ୟାୟ ଦେଖିବାକୁ ମିଳେ । ଧନୁଷ୍କୋଟିଠାରେ ଅବସ୍ଥିତ ରାମେଶ୍ୱରମ୍ ମନ୍ଦିର ଏବଂ ମଦୁରା ଶିବ ଓ ମୀନାକ୍ଷୀମନ୍ଦିର ଏହାର ନିଦର୍ଶନ।



(ମୀନାକ୍ଷୀମନ୍ଦିର, ମଦୁରା)



(ରାମେଶ୍ୱରମ୍ ମନ୍ଦିର, ତାମିଲନାଡୁ)

**ତୁମ ପାଇଁ କାମ :**

***ଏହି ଅଧ୍ୟାୟରେ ଉଲ୍ଲେଖ କରାଯାଇ ନ ଥିବା ଦକ୍ଷିଣ ଭାରତର ପ୍ରାଚୀନ ଓ ମଧ୍ୟଯୁଗୀୟ ମୂର୍ତ୍ତିକଳାରେ ଶୋଭିତ ପାଞ୍ଚଗୋଟି ପ୍ରସିଦ୍ଧ ମନ୍ଦିରଗୁଡ଼ିକର ନାମ, ସେମାନଙ୍କ ମୁଖ୍ୟ ଦେବଦେବୀଙ୍କ ନାମ ଓ ଅବସ୍ଥିତିର ଏକ ତାଲିକା ପ୍ରସ୍ତୁତ କର ।***

## ରାଜପୁତ ଶାସନ ସମୟର ମୂର୍ତ୍ତିକଳା :

ସପ୍ତମ ଶତାବ୍ଦୀର ମଧ୍ୟଭାଗରୁ ଦ୍ୱାଦଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଉତ୍ତର ଭାରତରେ ଶାସନ କରୁଥିବା ରାଜପୁତମାନଙ୍କ ସମୟରେ ମୂର୍ତ୍ତିକଳା ଚରମ ଉତ୍କର୍ଷରେ ପହଞ୍ଚିଥିଲା ଏବଂ ମୂର୍ତ୍ତିକଳା ଓ ସ୍ଥାପତ୍ୟରେ "କଳିଙ୍ଗ ଶୈଳୀ" ନାମରେ ପରିଚିତ ଭିନ୍ନ ଶୈଳୀ ସୃଷ୍ଟି କରିଥିବା ଓଡ଼ିଶା ବ୍ୟତୀତ ଉତ୍ତର ଭାରତରେ ଇଣ୍ଡୋ-ଆରିଆନ୍ ବା "ନାଗର ଶୈଳୀ"ର ଉଦ୍ଭବ ହୋଇଥିଲା । ସେ ସମୟରେ ନିର୍ମିତ ଭୁବନେଶ୍ୱର, ପୁରୀ ଓ କୋଣାର୍କର ମନ୍ଦିରମାନଙ୍କ ଉତ୍କର୍ଷ ମୂର୍ତ୍ତିକଳା ବ୍ୟତୀତ, ମଧ୍ୟପ୍ରଦେଶର ଖଜୁରାହୋ ମନ୍ଦିରମାନଙ୍କର ବାହାର ଓ ଭିତର କାନ୍ଥମାନଙ୍କରେ ଅପୂର୍ବ ମୂର୍ତ୍ତିକଳା, ରାଜସ୍ଥାନର ଚିତ୍ତୋରଗଡ଼ଠାରେ କାଳିକାମାତା ମନ୍ଦିର ଓ ଉଦୟପୁର ନିକଟରେ ଏକ-ଲିଙ୍ଗ ମନ୍ଦିର ତଥା ମାଉଣ୍ଟ ଆବୁର ଜୈନ ମନ୍ଦିରଗୁଡ଼ିକର ସୁନ୍ଦର ମୂର୍ତ୍ତିକଳା ଭାରତୀୟମାନଙ୍କ କଳା ନୈପୁଣ୍ୟର ପରିଚୟ ଦିଏ ।



(ଜୈନ ମନ୍ଦିର, ମାଉଣ୍ଟଆବୁ)

## ଚାଲୁକ୍ୟ, ରାଷ୍ଟ୍ରକୂଟ ଓ ହୋୟସଲା ରାଜତ୍ୱର ମୂର୍ତ୍ତିକଳା :

ମଧ୍ୟଦେଶ ଅଞ୍ଚଳରେ ଚାଲୁକ୍ୟ ଓ ରାଷ୍ଟ୍ରକୁଟ ବଂଶର ଶାସନ ସମୟର ମୂର୍ତ୍ତିକଳାରେ ଉଭୟ ନାଗର ଓ ଓ ଦ୍ରାବିଡ଼ ଶୈଳୀ ବ୍ୟବହୃତ ହୋଇଥିଲା । ଚାଲୁକ୍ୟ ରାଜଧାନୀ ବାଦାମୀଠାରେ ବହୁ ସଂଖ୍ୟାରେ ନିର୍ମିତ ଗୁମ୍ଫା ମନ୍ଦିରମାନଙ୍କରେ ଶେଷନାଗ ବା ଅନନ୍ତନାଗ ଉପରେ ବିଷ୍ଣୁଙ୍କ ଉପବେଶ ଏବଂ ବରାହ, ନରସିଂହ ଓ ବାମନ ଅବତାର ମୂର୍ତ୍ତି ପ୍ରସିଦ୍ଧ । ଏଲୋରାଠାରେ ରାଷ୍ଟ୍ରକୁଟ ସମ୍ରାଟ ପ୍ରଥମ କ୍ରିଷ୍ଣାଙ୍କଦ୍ୱାରା ନିର୍ମିତ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀର କୈଳାସ ମନ୍ଦିର ବିସ୍ମୟକର ଶିଳ୍ପକଳାରେ ପରିପୂର୍ଣ୍ଣ ଏବଂ ସମଗ୍ର ମନ୍ଦିରଟି ପୃଥିବୀର ବୃହତ୍ତମ ପଥରଖଣ୍ଡରେ ଖୋଦିତ ମୂର୍ତ୍ତିକଳା। ମୁମ୍ବାଇ ନିକଟରେ ଏଲିଫାଣ୍ଟା ଦ୍ୱୀପରେ ନିର୍ମିତ ଗୁମ୍ଫା ମନ୍ଦିରର ମନୋରମ ମୂର୍ତ୍ତିକଳା ମଧ୍ୟରେ ପ୍ରକାଣ୍ଡ ତ୍ରିପାର୍ଶ୍ୱ



(କୈଳାସ ମନ୍ଦିର, ଏଲୋରା)

ବିଶିଷ୍ଟ ଶିବ ମୂର୍ତ୍ତି ସେ ସମୟର କଳା-ଉତ୍କର୍ଷର ପ୍ରମାଣ ଦିଏ । ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ମହୀଶୂର ମାଳଭୂମିରେ ଶାସନ କରୁଥିବା ହୋୟସଲା ବଂଶର ରାଜାମାନଙ୍କଦ୍ୱାରା ଏକ ନୂତନ ଶୈଳୀ ପ୍ରବର୍ତ୍ତିତ ହୋଇଥିଲା । ହେଲ୍‌ବିଦ୍‌ଠାରେ ନିର୍ମିତ ପ୍ରସିଦ୍ଧ ମନ୍ଦିରକୁ ସମ୍ପୂର୍ଣ୍ଣଭାବେ ଅଚ୍ଛାଦିତ କରିଥିବା ହସ୍ତୀ, ବ୍ୟାଘ୍ର, ଅଶ୍ୱାରୋହୀମାନଙ୍କର ଏବଂ ନୈସର୍ଗିକ ପଶୁପକ୍ଷୀଙ୍କ ପ୍ରତିକୃତି ତଥା ଏହାର ପ୍ରତ୍ୟେକ ସ୍ତମ୍ଭର ଉପରିଭାଗର ବିଭିନ୍ନ ମୂର୍ତ୍ତିକଳା ହୋୟସଲା ସମୟର ଭାରତୀୟ କଳାର ନିଦର୍ଶନ ।

## ଚିତ୍ରକଳା :

ବହୁ ପୁରାତନ କାଳରୁ ଭାରତରେ ଚିତ୍ରକଳାର ଆଦର ଥିବାର ଜଣାଯାଏ । ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ଅବସ୍ଥିତ ଗୁଡ଼ହାଣ୍ଡି ଓ ଯୋଗୀମଠ ଠାରେ ପ୍ରାଗ୍-ଐତିହାସିକ ଯୁଗର ଗୁମ୍ଫାଚିତ୍ର ଆବିଷ୍କୃତ ହୋଇଛି ।

**ତୁମେ ଜାଣିଛ କି ?**

***ଭାରତ ଉପମହାଦେଶରେ ସୃଷ୍ଟି ହୋଇଥିବା ପ୍ରଥମ ଦୃଶ୍ୟଚିତ୍ର ଗୁମ୍ଫା ବା ପାହାଡ଼ରେ ଅଙ୍କିତ ଚିତ୍ରକଳା ଥିଲା । ଭାରତର ସର୍ବପୁରାତନ ଚିତ୍ରକଳାର ସମୟ ପ୍ରାୟତଃ ଖ୍ରୀଷ୍ଟପୂର୍ବ ୫୫୦୦ ବୋଲି ଜଣାଯାଏ ।***

## ପ୍ରାଚୀନ ଯୁଗର ଚିତ୍ରକଳା:

ମହାଭାରତରେ ଚିତ୍ରଲେଖ ନାମକ ଜଣେ ପ୍ରତିଭାବାନ୍ ଚିତ୍ରକରଙ୍କ ବିଷୟରେ ଉଲ୍ଲେଖ କରାଯାଇଛି । ବିନୟ ପିଟକରେ ଆମ୍ରପଲ୍ଲୀ ତାଙ୍କ ଘରର କାନ୍ଥଗୁଡ଼ିକରେ ରାଜା, ବ୍ୟବସାୟୀ ଓ ସୌଦାଗରମାନଙ୍କ ପ୍ରତିମୂର୍ତ୍ତିକୁ ବିଭିନ୍ନ ରଙ୍ଗରେ ଆଙ୍କିବା ପାଇଁ ଅନେକ ଚିତ୍ରଶିଳ୍ପୀଙ୍କୁ ନିୟୋଜିତ କରିଥିବା ବର୍ଣ୍ଣିତ ହୋଇଛି । ସମ୍ରାଟ୍ ପ୍ରସେନଜିତ୍‌ଙ୍କ ଏକ ଚିତ୍ରାଗାର ଥିବାର ଜଣାଯାଏ । ଝାଡ଼ଖଣ୍ଡ ରାଜ୍ୟସ୍ଥିତ ରାମଗଡ଼ ପର୍ବତର ଯୋଗୀମରା ଗୁମ୍ଫାରେ ଗୋଟିଏ ଧାଡ଼ିରେ ଅଙ୍କିତ ମନୁଷ୍ୟମାନଙ୍କର ହଳଦିଆ ଓ ଗେରୁଆ ରଙ୍ଗର ଚିତ୍ର ବର୍ତ୍ତମାନ ସୁଦ୍ଧା ମିଳିଥିବା ସର୍ବ ପୁରାତନ ଚିତ୍ରକଳା ମଧ୍ୟରୁ ଅନ୍ୟତମ । ମହାରାଷ୍ଟ୍ରର ଅଉରଙ୍ଗାବାଦ ନିକଟରେ ଅଜନ୍ତା ଗୁମ୍ଫାରେ, ମଧ୍ୟପ୍ରଦେଶର ଗ୍ୱାଲିଅରଠାରେ ବାଘ୍ ଗୁମ୍ଫାରେ, ତାମିଲ୍‌ନାଡୁରେ ପୁଦୁକୋଟାଇଠାରେ ସିତ୍ତାନାଭାସାଲ୍ ମନ୍ଦିରରେ ଓ ଶ୍ରୀଲଙ୍କାର ସିଗିରିଆଠାରେ ପଥରକଟା କୋଠରୀଗୁଡ଼ିକରେ ଜଳରଙ୍ଗର ଚିତ୍ରକଳା ଗୁପ୍ତଯୁଗର କଳା ନୈପୁଣ୍ୟର ନିଦର୍ଶନ ବହନ କରେ । ତାଞ୍ଜାଭୁରଠାରେ ଅବସ୍ଥିତ ରାଜରାଜେଶ୍ୱର ମନ୍ଦିର କାନ୍ଥରେ ଚୋଳ ରାଜତ୍ୱ ସମୟର ଚିତ୍ରକଳା ଆବିଷ୍କୃତ ହୋଇଛି । ଅଷ୍ଟମ ଶତାବ୍ଦୀପରେ ଭାରତରେ ଚିତ୍ରକଳାର ଅଗ୍ରଗତିରେ କିଛି ପରିମାଣରେ ସ୍ଥାଣୁତା ଆସିଯାଇଥିଲା ।

## ମୋଗଲ ଚିତ୍ରକଳା :

ମୋଗଲ ଶାସକମାନେ ଭାରତୀୟ ଚିତ୍ରକଳାର ପୁନରୁଦ୍ଧାର କଲେ। ଭାରତର ପ୍ରଥମ ମୋଗଲ ସମ୍ରାଟ୍ ବାବରଙ୍କର ପୃଷ୍ଠପୋଷକତା ଏହି ପୁନରୁଦ୍ଧାର ପାଇଁ ଅନେକ ପରିମାଣରେ ସାହାଯ୍ୟ କରିଥିଲା । ହୁମାୟୁନ୍ ପାରସ୍ୟର ଦୁଇଜଣ ଦକ୍ଷ ଚିତ୍ରଶିଳ୍ପୀ ସୟଦ୍ ଅଲ୍ଲୀ ତାବରେଜୀ ଓ ଖ୍ୱାଜା ଅବଦୁସ୍ ସମଦଙ୍କ ସହାୟତାରେ ଭାରତରେ ଚିତ୍ରକଳାର ବିକାଶ ଘଟାଇ ଥିଲେ । ଆକବରଙ୍କ ସମୟରେ ପାରସୀ ଓ ଚୀନା ଶୈଳୀ ସହିତ ହିନ୍ଦୁ ଶୈଳୀର ମିଶ୍ରଣ ଘଟି ଏକ ନୂତନ ଚିତ୍ରକଳା ଶୈଳୀ ସୃଷ୍ଟି ହୋଇଥିଲା ।

ଜାହାଙ୍ଗୀରଙ୍କ ସମୟରେ ପ୍ରଚୁର ପରିମାଣରେ ବିଭିନ୍ନ ବିଷୟରେ ଓ ବିବିଧ ରଙ୍ଗର ଚିତ୍ରକଳା ପ୍ରସ୍ତୁତ କରାଯାଇଥିବାରୁ ତାଙ୍କ ଶାସନକାଳକୁ ମୋଗଲ ଚିତ୍ରକଳାର ସୁବର୍ଣ୍ଣଯୁଗ ବୋଲି କୁହାଯାଏ । ଶାହାଜାହାନଙ୍କ ଦ୍ୱାରା ଚିତ୍ରକଳାର ପୃଷ୍ଠପୋଷକତା ପ୍ରତ୍ୟାହାର ଓ ଅଉରଙ୍ଗଜେବ୍‌ଙ୍କ ଚିତ୍ରକଳା ପ୍ରତି ଆଗ୍ରହର ଅଭାବ ହେତୁ ମୋଗଲ ଚିତ୍ରକଳାର ଅବକ୍ଷୟ ଘଟିଲା ।

*ତୁମେ ଜାଣିଛ କି ?*

***ଚିତ୍ରକଳାର ବିକାଶ ପାଇଁ ଆକ୍‌ବର ତାଙ୍କ ଶାସନରେ ଏକ ପୃଥକ୍ ବିଭାଗ ଖୋଲି ଖ୍ୱାଜା ଅବଦୁସ୍ ସମଦ୍‌ଙ୍କୁ ଏହାର ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ । ସେ ଭାରତର ବିଭିନ୍ନ ଅଞ୍ଚଳରୁ ଓ ବିଦେଶରୁ ଚିତ୍ରକରଙ୍କୁ ନିମନ୍ତ୍ରଣ କରି ଏବଂ ଉଦାରତା ସହିତ ଉଭୟ ହିନ୍ଦୁ ଓ ମୁସଲମାନ ଚିତ୍ରକରଙ୍କ ପୃଷ୍ଠପୋଷକତା କରି ଚିତ୍ରକଳାର ବିକାଶ କରିଥିଲେ ।***

## ରାଜପୁତ୍ ଚିତ୍ରକଳା:

ଜୟପୁର, ଯୋଧପୁର, ଉଦୟପୁର ଓ ବିକାନିର୍‌ଠାରେ ରାଜପୁତ୍ ରାଜାମାନଙ୍କ ପ୍ରାସାଦଗୁଡ଼ିକରେ ଜଳରଙ୍ଗରେ ପ୍ରସ୍ତୁତ ଚିତ୍ରକଳାରୁ ଗୁପ୍ତଯୁଗର ଦେଶୀୟ ଚିତ୍ରକଳା ଶୈଳୀ ସେତେବେଳ ପର୍ଯ୍ୟନ୍ତ ବଞ୍ôଚି ରହିଥିବାର ସୂଚନା ମିଳେ । ସମ୍ଭବତଃ ହିନ୍ଦୁମାନଙ୍କର ଏ ପ୍ରକାର ଶୈଳୀ ମୋଗଲ ଶୈଳୀରେ ମିଶି ନ ଥିଲା । ଏହି ଜଳରଙ୍ଗର ଚିତ୍ରକଳା ରାଜସ୍ଥାନ ଓ ମଧ୍ୟପ୍ରଦେଶର ହିନ୍ଦୁ ରାଜାମାନଙ୍କ ଦରବାରରେ ସ୍ଥାନ ପାଇଥିଲା । ସମୟକ୍ରମେ ଏହା ରାଜପୁତ୍ ଚିତ୍ରକଳା ଶୈଳୀ ଭାବେ ପରିଚିତ ହୋଇଥିଲା ଏବଂ ରାଜସ୍ଥାନର ଜୟପୁର ଏହାର କେନ୍ଦ୍ରସ୍ଥଳୀ ହୋଇଥିଲା । ଷୋଡ଼ଶ ଶତାବ୍ଦୀ ମଧ୍ୟଭାଗରୁ ଆରମ୍ଭ ହୋଇଥିବା ରାଜପୁତ୍ ଶୈଳୀ ପ୍ରାୟ ୨୦୦ ବର୍ଷ ଧରି ବିକଶିତ ହୋଇ ରହିଥିଲା । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ପଞ୍ଜାବ-ହିମାଳୟ ଅଞ୍ଚଳରେ ରାଜପୁତ୍ ଶୈଳୀର ଏକ ଉପଶାଖାର ଉଦ୍ଭବ ହେଲା ଏବଂ ପ୍ରମୁଖ ହିମାଳୟ ରାଜ୍ୟ କାଙ୍ଗ୍ରା ନାମରୁ ଏହା 'କାଙ୍ଗ୍ରା ଶୈଳୀ' ଭାବେ ଓ ଉକ୍ତ ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଏହି ଶୈଳୀ 'ପାହାଡ଼ୀ ଶୈଳୀ' ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କଲା । ବିଭିନ୍ନ ପୌରାଣିକ ଓ ଧାର୍ମିକ ଗଳ୍ପଗୁଡ଼ିକର ଚିତ୍ରଣ ବ୍ୟତୀତ ପାହାଡ଼ୀ ଶିଳ୍ପୀମାନେ ପ୍ରତିକୃତି, ଭାରତୀୟ ସଙ୍ଗୀତର ରାଗ ଓ କୃଷକ ଜୀବନର ଦୃଶ୍ୟକୁ ଚିତ୍ରିତ କରିଥିଲେ ।

*ତୁମ ପାଇଁ କାମ :*

***ଆଧୁନିକ ଭାରତର କୋଡ଼ିଏ ଜଣ ପ୍ରସିଦ୍ଧ ଚିତ୍ରକରଙ୍କ ନାମ, ସେମାନଙ୍କ ଚିତ୍ରକଳାର ଶ୍ରେଣୀ ଓ ସେମାନଙ୍କ ରାଜ୍ୟର ନାମ ଲେଖ ।***

## ସଂଗୀତ କଳା :

ମହେଞ୍ଜୋଦାରୋରୁ ଆବିଷ୍କୃତ ଏକ ନର୍ତ୍ତକୀର ପଥର ମୂର୍ତ୍ତି ଓ ହରପ୍ପାରୁ ଆବିଷ୍କୃତ ଏକ ନୃତ୍ୟରତା ମହିଳାର ବ୍ରୋଞ୍ଜ ମୂର୍ତ୍ତିରୁ ସିନ୍ଧୁ ସଭ୍ୟତା ସମୟରେ ଭାରତରେ ନୃତ୍ୟ କଳାର ଆବିର୍ଭାବ ହୋଇଥିବାର ସ୍ପଷ୍ଟ ସୂଚନା ମିଳେ ।

## ବୈଦିକ ଯୁଗର ସଙ୍ଗୀତ କଳା :

ଋକ୍ ବୈଦିକ ଓ ପରବର୍ତ୍ତୀ ବୈଦିକ ଯୁଗରେ ନୃତ୍ୟ, ସଙ୍ଗୀତ ଏବଂ ବୀଣା, ବଂଶୀ, ଢୋଲ ଓ ଝାଞ୍ଜ ପ୍ରଭୃତି ବାଦ୍ୟଯନ୍ତ୍ର ମନୋରଞ୍ଜନର ମାଧ୍ୟମ ଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ନାଟକ ମଞ୍ଚସ୍ଥ ହେଉଥିଲା ଓ ଗାଥା ଭାବରେ ପରିଚିତ ଗୀତ ପରିବେଷଣ କରାଯାଉଥିଲା ।

ଏହି ଗାଥା ପରବର୍ତ୍ତୀ ସମୟରେ ରଚିତ ବୀର ରସାତ୍ମକ ମହାକାବ୍ୟର ପୂର୍ବାଭାଷ ଥିଲା । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ଉତ୍ପତ୍ତି ସାମବେଦରୁ ହୋଇଛି । ଭାରତର ନାଟ୍ୟକଳାର ଉତ୍ପତ୍ତି ଭରତ ମୁନିଙ୍କ ରଚିତ ଭରତ ନାଟ୍ୟଶାସ୍ତ୍ରରୁ ହୋଇଛି ।

## ମୌର୍ଯ୍ୟ ଓ ଗୁପ୍ତଯୁଗର ସଙ୍ଗୀତ କଳା :

ମୌର୍ଯ୍ୟ ବଂଶର ଶାସକମାନେ ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ବିଶେଷ କରି ବୀଣା ବାଦନ ଏବଂ ବିଭିନ୍ନ ଦଳମାନଙ୍କଦ୍ୱାରା ଗ୍ରାମମାନଙ୍କରେ ନୃତ୍ୟ, ନାଟକ ଓ ସଙ୍ଗୀତ ପରିବେଷଣକୁ ଉତ୍ସାହିତ କରୁଥିଲେ । ଶାସକମାନଙ୍କ ଦ୍ୱାରା ନୃତ୍ୟ ଶିକ୍ଷକ ନିଯୁକ୍ତ କରାଯାଉଥିଲା । ଶିକ୍ଷା ଦିଆଯାଉଥିବା ଚଉଷଠି କଳା ମଧ୍ୟରେ ନୃତ୍ୟ ଓ ସଙ୍ଗୀତକୁ ଗୁରୁତ୍ୱ ଦିଆଯାଉଥିଲା ଏବଂ ଉଭୟ ପୁରୁଷ ଓ ନାରୀଙ୍କୁ କଳା ଶିକ୍ଷାପାଇଁ ସ୍ୱାଧୀନତା ଦିଆଯାଉଥିଲା । ଗୁପ୍ତଯୁଗର ମୁଦ୍ରାଗୁଡ଼ିକରେ ସମ୍ରାଟ ସମୁଦ୍ରଗୁପ୍ତ ବୀଣା ବଜାଇବା ପ୍ରତିକୃତି, ଭୁମ୍ରାର ଶିବ ମନ୍ଦିରରେ ଖୋଦିତ ଭକ୍ତମାନଙ୍କ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବା ଦୃଶ୍ୟ, ସାରନାଥଠାରେ ଆବିଷ୍କୃତ ଏକ ବିରାଟ ପଥର ଖଣ୍ଡରେ ବଂଶୀ, ତୂରୀ ଓ ମୃଦଙ୍ଗ ବଜାଉଥିବା ତରୁଣୀମାନଙ୍କ ଗହଣରେ ଜଣେ ନୃତ୍ୟରତା ନାରୀର ପ୍ରତିକୃତି, ବାଘ ଗୁମ୍ଫାରେ ଚିତ୍ରିତ ଦୁଇଦଳ ତରୁଣୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ବାଦ୍ୟଯନ୍ତ୍ର ବାଦନର ଦୃଶ୍ୟ ଏବଂ କାଳିଦାସଙ୍କ ଦ୍ୱାରା ରଚିତ ଅନେକ ନାଟକ ଗୁପ୍ତଯୁଗରେ ଭାରତର ସଙ୍ଗୀତକଳାର ଉତ୍କର୍ଷରେ ପ୍ରମାଣ ଦିଏ ।

## ସୁଲତାନୀୟ ଓ ମୋଗଲ ଯୁଗର ସଙ୍ଗୀତ କଳା :

ସୁଲ୍‌ତାନୀୟ ଶାସନ କାଳରେ ପ୍ରସିଦ୍ଧ ସଙ୍ଗୀତଜ୍ଞ ଅମୀର ଖୁସରୋଙ୍କ ଆବିର୍ଭାବ ହୋଇଥିଲା । ସେ ଭାରତୀୟ ସ୍ୱରରେ ତାଙ୍କ କବିତାଗୁଡ଼ିକ ଆବୃତ୍ତି କରିଥିଲେ ଏବଂ ଦୁଇଟି ନୂତନ ସଙ୍ଗୀତ ଶୈଳୀ କଓ୍ୱାଲି ଓ ଖେୟାଲ୍ ସୃଷ୍ଟି କରିଥିଲେ । ମୁସଲମାନମାନେ ହିନ୍ଦୁମାନଙ୍କ ବାଦ୍ୟଯନ୍ତ୍ର ଓ ଧ୍ରୁପଦ୍ ରାଗକୁ ଗ୍ରହଣ କରିଥିଲେ ଏବଂ ଦୁଇ ବାଦ୍ୟଯନ୍ତ୍ର ସୀତାର ଓ ତବଲା


(ଅମୀର ଖୁସ୍‌ରୋ)

ପ୍ରଚଳନ କରିଥିଲେ । ମୋଗଲ ଶାସକମାନେ ଭାରତୀୟ ସଙ୍ଗୀତ କଳାର ଅନେକ ବିକାଶ ଘଟାଇଥିଲେ । ଆକବର ତାଙ୍କ ଦରବାରକୁ ନିମନ୍ତ୍ରଣ କରିଥିବା ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ଗ୍ୱାଲିଅରର ମିଆଁ ତାନ୍‌ସେନ୍ ଓ ମାଲ୍‌ୱାର ବାଜ୍ ବାହାଦୂର ସବୁଠାରୁ ବେଶୀ ପ୍ରସିଦ୍ଧ ଥିଲେ। ଆକବରଙ୍କ ସଙ୍ଗୀତ କଳା ପ୍ରତି ଅକୁଣ୍ଠ ସମର୍ଥନ ଫଳରେ ତରାନା, ଠୁମ୍‌ରୀ, ଗଜଲ ଭଳି ନୂତନ ରାଗର ସୃଷ୍ଟି ହୋଇଥିଲା ।


(ତାନ୍‌ସେନ)

> **ତୁମେ ଜାଣିଛ କି ?**
>
> ***ସଙ୍ଗୀତର ଶୈଳୀ ବିଷୟରେ ଆକବରଙ୍କ ଯଥେଷ୍ଟ ଜ୍ଞାନ ଥିଲା । ସେ ଚମତ୍କାରଭାବେ ଭାରତୀୟ ବାଦ୍ୟଯନ୍ତ୍ର ନକାରା ବା ନାଗରା ବଜାଇପାରୁଥିଲେ ଓ ଗୀତର ସ୍ୱର ସଂଯୋଜନା କରୁଥିଲେ । ସପ୍ତାହର ପ୍ରତ୍ୟେକ ଦିନ ସାତଟି ଭିନ୍ନ ଭିନ୍ନ ଦଳଦ୍ୱାରା ତାଙ୍କ ଦରବାରରେ ସଙ୍ଗୀତ ପରିବେଷଣର ବ୍ୟବସ୍ଥା କରିଥିଲେ । ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ତାନ୍‌ସେନ୍ ଆକବରଙ୍କ ଦରବାରର 'ନବରତ୍ନ' ମଧ୍ୟରୁ ଜଣେ ଥିଲେ ।***

ଶାହାଜାହାନ୍ ନିଜେ କେତେକ ଗୀତ ରଚନା କରିଥିଲେ ଏବଂ ବିକାନିର୍‌ର ଜଗନ୍ନାଥ ଭଟ୍ଟ ଓ ଜନାର୍ଦ୍ଦନ ଭଟ୍ଟଙ୍କ ଭଳି ପ୍ରସିଦ୍ଧ ହିନ୍ଦୁ ସଙ୍ଗୀତଜ୍ଞଙ୍କର ପୃଷ୍ଠପୋଷକତା କରିଥିଲେ । ଅଉରଙ୍ଗଜେବ୍ ସଙ୍ଗୀତ ପରିବେଷଣର ବିରୋଧୀ ଥିଲେ । ତାଙ୍କପରେ ମହମ୍ମଦ ଶାହାଙ୍କ ସମୟରେ ସଙ୍ଗୀତ କଳାର ପୁନରୁଦ୍ଧାର ହୋଇଥିଲା । ତାଙ୍କ ଦରବାରରେ ଅଦରଙ୍ଗ ଓ ସଦରଙ୍ଗନାମକ ଦୁଇଜଣ ସଙ୍ଗୀତଜ୍ଞ ଖେୟାଲ୍ ପରିବେଷଣ କରୁଥିଲେ ।

## ସଙ୍ଗୀତ କଳାର ଗତି :

ସମୟକ୍ରମେ ଧାର୍ମିକ କଳା ଭାବେ ବିବେଚିତ ହେଉଥିବା ସଙ୍ଗୀତର ବ୍ୟବସାୟୀକରଣ ହୋଇ ଉତ୍ତର ଭାରତରେ ସଙ୍ଗୀତର ଜନପ୍ରିୟତା ହ୍ରାସ ପାଇଲା । କିନ୍ତୁ ଦକ୍ଷିଣ ଭାରତରେ ସଙ୍ଗୀତର ସମ୍ମାନ ଓ ମର୍ଯ୍ୟାଦା ବଜାୟ ରହିଲା । ଭାରତରେ ଜାତୀୟତାର ବିକାଶ ପରେ ପରେ ସ୍ଥାନୀୟ ଭାଷାରେ ଅନେକ ଗୀତ ଓ ନାଟକ ରଚିତ ହୋଇ ସଙ୍ଗୀତ ଓ ନାଟ୍ୟ କଳାର ବିକାଶରେ ସାହାଯ୍ୟ କଲା । ଭାରତୀୟ ନୃତ୍ୟକଳାକୁ ଉତ୍ସାହିତ କରାଗଲା ଓ ଏହାର ଉନ୍ନତି କରାଗଲା ।

## ଆଧୁନିକ ଯୁଗର ସଙ୍ଗୀତ କଳା :


ଭାରତର ଦୁଇଟି ମୁଖ୍ୟ ଶାସ୍ତ୍ରୀୟ ସଙ୍ଗୀତ ହେଉଛି ଉତ୍ତର ଭାରତର ହିନ୍ଦୁସ୍ଥାନୀ ସଙ୍ଗୀତ ଓ ଦକ୍ଷିଣ ଭାରତର କର୍ଣ୍ଣାଟିକ୍ ସଙ୍ଗୀତ । ଭାରତରେ ବିଭିନ୍ନ ଶୈଳୀର ସଙ୍ଗୀତ ପରିବେଷଣ କରାଯାଏ । ସେଥି ମଧ୍ୟରୁ ଓଡ଼ିଶୀ, ଖେୟାଲ୍, ଠୁମ୍‌ରୀ, ଗଜଲ, କୱାଲି, ଭଜନ ପ୍ରଭୃତି କେତେକ ପ୍ରଧାନ ଶୈଳୀ । ଭିନ୍ନ ଭିନ୍ନ ରାଗ ଓ ଲୟରେ ଭାରତୀୟ ସଙ୍ଗୀତ ଗାନ କରାଯାଏ । ଏହା ବ୍ୟତୀତ ଭାରତର ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଭାଷାର ସଙ୍ଗୀତ ଓ ଲୋକ ଗୀତ ଜନପ୍ରିୟ ହୋଇପାରିଛି । ଭାରତୀୟ ବାଦ୍ୟଯନ୍ତ୍ର ମଧ୍ୟରେ ମାଠିଆ ବାଜା, ମୃଦଙ୍ଗ, ତବଲା, ନାଦସ୍ୱରମ୍, ଶାହାନାଇ, ବଂଶୀ, ସନ୍ତୁର ବା ଶତତନ୍ତ୍ରୀ ବୀଣା, ସାରଙ୍ଗୀ, ସୀତାର ଓ ବୀଣା ପ୍ରଧାନ। ଏହାଛଡ଼ା ବିଭିନ୍ନ ଅଞ୍ଚଳରେ ଦେଶୀୟ ବା ସ୍ଥାନୀୟ ବାଦ୍ୟଯନ୍ତ୍ର ବ୍ୟବହାର ହୋଇଥାଏ ।




(ବାଦ୍ୟଯନ୍ତ୍ର)

> **ତୁମ ପାଇଁ କାମ :**
>
> ***କଣ୍ଠ ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତରେ ସର୍ବଭାରତୀୟ ସ୍ତରରେ ସମ୍ମାନ ଲାଭ କରିଥିବା ଦଶଜଣ ଶିଳ୍ପୀଙ୍କର ଓ ସେମାନଙ୍କ ରାଜ୍ୟର ନାମ, ସେମାନଙ୍କଦ୍ୱାରା ବ୍ୟବହୃତ ଶୈଳୀ ବା ବାଦ୍ୟଯନ୍ତ୍ର ଏବଂ ସେମାନଙ୍କଦ୍ୱାରା ପ୍ରାପ୍ତ ସମ୍ମାନର ନାମ ସମ୍ବଳିତ ଏକ ତାଲିକା ପ୍ରସ୍ତୁତ କର ।***

ତାମିଲ୍‌ନାଡୁର ଭାରତ ନାଟ୍ୟମ୍, ଉତ୍ତର ପ୍ରଦେଶର କଥକ, କେରଳର କଥାକଲି ଓ ମୋହିନିୟାଉମ୍, ଆନ୍ଧ୍ର ପ୍ରଦେଶର କୁଚିପୁଡ଼ି, ମଣିପୁରର ମଣିପୁରୀ ଏବଂ ଓଡ଼ିଶାର ଓଡ଼ିଶୀ ନୃତ୍ୟ ଭାରତର ପ୍ରମୁଖ ଶାସ୍ତ୍ରୀୟ ନୃତ୍ୟ।




(ଭାରତ ନାଟ୍ୟମ୍)

ଆଞ୍ଚଳିକ ଓ ଲୋକନୃତ୍ୟ ମଧ୍ୟରେ କେତେକ ଜନପ୍ରିୟ ନୃତ୍ୟ ହେଉଛି ଆସାମ୍‌ର ବିହୁ, ଗୁଜରାଟ୍‌ର ଦାଣ୍ଡିଆ, ମହାରାଷ୍ଟ୍ରର ଲଓ୍ୱଣୀ, ମିଜୋରାମ୍‌ର ବାଉଁଶ ନୃତ୍ୟ, ନାଗାଲାଣ୍ଡର ନାଗାନୃତ୍ୟ, ଓଡ଼ିଶାର ଡାଲଖାଇ, ଘୁମ୍‌ରା ଓ ରଣପା,ପଞ୍ଜାବର ଭାଙ୍ଗ୍‌ଡ଼ା, ରାଜସ୍ଥାନର ଘୁମର, ସିକିମ୍‌ର ଲେପ୍‌ଚ୍ଛ, ତାମିଲ୍‌ନାଡୁର କୋଲାଉମ୍ ଓ ତ୍ରିପୁରାର ବାଉଁଶ ନୃତ୍ୟ। ଦେଶର ବିଭିନ୍ନ ରାଜ୍ୟରେ ଉଦ୍ଭବ ହୋଇଥିବା ସାମରିକ ନୃତ୍ୟ ମଧ୍ୟରୁ ଆସାମ୍‌ର ସତ୍‌ରିଆ, କେରଳର କଲ୍ଲାରିପାୟଟ୍ଟୁ, ଓଡ଼ିଶାର ପାଇକ ଏବଂ ପଞ୍ଜାବର ସତେବ୍‌ଜୀ ନୃତ୍ୟ ପ୍ରସିଦ୍ଧ। ଭାରତର ନାଟ୍ୟକଳା ପୌରାଣିକ, ଐତିହାସିକ, ରାଜନୈତିକ ଓ ସାମାଜିକ ବିଷୟବସ୍ତୁକୁ ନେଇ ଥିଏଟର, ଯାତ୍ରା, ଗୀତିନାଟ୍ୟ, ପାଲା ଓ ଦାସ୍‌କାଠିଆ ଶୈଳୀରେ ପରିବେଷିତ ହୁଏ ।

*ତୁମ ପାଇଁ କାମ :*

***ଭାରତର ପ୍ରତ୍ୟେକ ରାଜ୍ୟର ନାମ ସହିତ ସେହି ରାଜ୍ୟର ଆଞ୍ଚଳିକ ଓ ଲୋକନୃତ୍ୟଗୁଡ଼ିକର ନାମ ଲେଖ।***

## ୨. ସ୍ଥାପତ୍ୟ :

ଭାରତୀୟ ସ୍ଥାପତ୍ୟ ବିଭିନ୍ନ ସମୟରେ ସ୍ଥପତିମାନଙ୍କ ଉଚ୍ଚମାନର ବୈଷୟିକ ଜ୍ଞାନ ଓ ନିଖୁଣ ନିର୍ମାଣ ଶୈଳୀର ପରିଚୟ ଦିଏ । କ୍ରେନ୍, ବୁଲ୍‌ଡୋଜର, ସିମେଣ୍ଟ ମିଶ୍ରଣ ମେସିନ୍ ଓ ବିଦ୍ୟୁତ ଶକ୍ତିର ପ୍ରଚଳନ ହୋଇ ନ ଥିବା ସମୟରେ ସ୍ଥପତିମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ରକାରର ଗଠନଗୁଡ଼ିକ ଠିକ୍ ଭାବେ ଉତ୍କର୍ଷର ସହିତ ନିର୍ମାଣ କରାଯାଇଥିବା ଆଶ୍ଚର୍ଯ୍ୟଜନକ ମନେ ହୁଏ ।

### (କ) ସିନ୍ଧୁ ସଭ୍ୟତା ଓ ବୈଦିକ ସଭ୍ୟତା ସମୟର ସ୍ଥାପତ୍ୟ :

ସିନ୍ଧୁ ସଭ୍ୟତା ସମୟରେ ନିର୍ମିତ ଦ୍ୱିତଳ ବିଶିଷ୍ଟ ବାସଗୃହ, ରାସ୍ତାପାର୍ଶ୍ୱରେ ପ୍ରଶସ୍ତ ନାଳ, ସର୍ବସାଧାରଣ ସଭାଗୃହ, ବିରାଟ ଶସ୍ୟାଗାର ଓ ସର୍ବୋପରି ମହେଞ୍ଜୋଦାରୋର ସର୍ବସାଧାରଣ ସ୍ନାନାଗାର ଖ୍ରୀଷ୍ଟଜନ୍ମର ୩୦୦୦ ବର୍ଷ ପୂର୍ବେ ଭାରତର ସ୍ଥାପତ୍ୟକଳାରେ ଉତ୍କର୍ଷର ପ୍ରମାଣ ଦିଏ । ବୈଦିକ ଯୁଗରେ ସ୍ଥାପତ୍ୟ କ୍ଷେତ୍ରରେ ବିଶେଷ ବିକାଶ ଘଟି ନ ଥିଲେ ସୁଦ୍ଧା ହୋମ, ଯଜ୍ଞ ବା ବଳିଦାନ ଉଦ୍ଦେଶ୍ୟରେ ମଣ୍ଡପ, ଯଜ୍ଞଶାଳା, ଯଜ୍ଞବେଦୀ ଓ ସ୍ତମ୍ଭ ନିର୍ମାଣ କରାଯାଇଥିଲା ।

### (ଖ) ମୌର୍ଯ୍ୟ ଯୁଗର ସ୍ଥାପତ୍ୟ :

ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ସମସ୍ତ ସ୍ଥାପତ୍ୟ କାଷ୍ଠ ନିର୍ମିତ ହୋଇଥିବାରୁ ସେଗୁଡ଼ିକ ସମୟକ୍ରମେ ନଷ୍ଟ ହୋଇଯାଇଛି । ଅଶୋକଙ୍କ ସମୟରୁ ସ୍ଥାପତ୍ୟରେ ପଥରର ବ୍ୟବହାର ଆରମ୍ଭ ହୋଇଥିଲା । ଅଶୋକଙ୍କ ସମୟର ସ୍ଥାପତ୍ୟକୁ ଚାରିଭାଗରେ ବିଭକ୍ତ କରାଯାଏ । ସେଗୁଡ଼ିକ ହେଲା ସ୍ତୂପ, ସ୍ତମ୍ଭ, ପ୍ରାସାଦ ଓ ଗୁମ୍ଫା । ଭାରତ ଓ ଆଫଗାନିସ୍ତାନରେ ଅଶୋକ ୮୪୦୦୦ ସ୍ତୂପ ନିର୍ମାଣ କରିଥିବାର ଜଣାଯାଏ । ସେଗୁଡ଼ିକ ମଧ୍ୟରୁ ସାଞ୍ଚିଠାରେ ନିର୍ମିତ ବିରାଟ ସ୍ତୂପ ସବୁଠାରୁ ବେଶି ପ୍ରସିଦ୍ଧି ଲାଭ କରିଛି । ସ୍ତମ୍ଭମାନଙ୍କ ମଧ୍ୟରେ ସାରନାଥଠାରେ ନିର୍ମିତ ସ୍ତମ୍ଭ ଓ ଏହାର ଅଗ୍ରଭାଗରେ ଖୋଦିତ ମୂର୍ତ୍ତିକଳା ମୌର୍ଯ୍ୟ ସ୍ଥାପତ୍ୟର ଶ୍ରେଷ୍ଠ


ନିଦର୍ଶନ । ଅଶୋକଙ୍କ ସମୟର ଅନେକ ପ୍ରାସାଦ ମଧ୍ୟରୁ ପାଟଳୀପୁତ୍ରଠାରେ ନିର୍ମିତ ପ୍ରାସାଦଗୁଡ଼ିକର ସ୍ଥାପତ୍ୟ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିବା ଗ୍ରୀକ୍ ଐତିହାସିକମାନଙ୍କ ବିବରଣୀରୁ ଜଣାଯାଏ । ସନ୍ନ୍ୟାସୀମାନଙ୍କ ଆବାସପାଇଁ ଏବଂ ପୂଜା ଓ ସଭା ଉଦ୍ଦେଶ୍ୟରେ ଅଶୋକ ଓ ତାଙ୍କ ନାତି ଦଶରଥଙ୍କ ଦ୍ୱାରା ବହୁସଂଖ୍ୟକ ଗୁମ୍ଫାଘର ନିର୍ମିତ ହୋଇଥିଲା । ସେଥିରୁ ଅନେକ ନାଗାର୍ଜୁନ ପର୍ବତମାଳା ଓ ଗୟା ନିକଟସ୍ଥ ବାର୍‌ବରା ପର୍ବତମାଳାରେ ଦେଖିବାକୁ ମିଳେ ।

## (ଗ) ଶୁଙ୍ଗ, ସାତବାହାନ ଓ ଶକ ରାଜତ୍ୱର ସ୍ଥାପତ୍ୟ :

ଶୁଙ୍ଗ ବଂଶର ରାଜତ୍ୱ ସମୟରେ ମଧ୍ୟପ୍ରଦେଶର ଭାର୍‌ହୁତ୍‌ଠାରେ ଏକ ବିରାଟ ସ୍ତୂପ ନିର୍ମିତ ହୋଇଥିଲା ଏବଂ ସାଞ୍ଚିଠାରେ ଅଶୋକଙ୍କ ଦ୍ୱାରା ନିର୍ମିତ ସ୍ତୂପକୁ ବୃହତ୍ତର କରାଯାଇଥିଲା ଓ ଅନ୍ୟ ତିନୋଟି ସ୍ତୂପ ନିର୍ମାଣ କରାଯାଇଥିଲା । ସାତବାହାନଙ୍କ ରାଜତ୍ୱରେ ଦକ୍ଷିଣ ଭାରତର ଅମରାବତୀ, ଭଟ୍ଟିପ୍ରୋଲୁ, ଜଗୟପେଟା, ଗଣ୍ଟଶାଳା ଓ ନାଗାର୍ଜୁନ କୋଣ୍ଡାଠାରେ ନିର୍ମିତ ସ୍ତୂପଗୁଡ଼ିକ ପ୍ରସିଦ୍ଧ । ସେ ସମୟରେ ପାହାଡ଼ କଟାଯାଇ ଅନେକ ସ୍ଥାନରେ ନିର୍ମିତ ବିହାର ଓ ଚୈତ୍ୟକକ୍ଷ ମଧ୍ୟରୁ କାର୍ଲେଠାରେ ଅବସ୍ଥିତ ଚୈତ୍ୟକକ୍ଷ ସର୍ବବୃହତ୍ ଓ ସର୍ବୋତ୍ତମ । ସମ୍ରାଟ ଖାରବେଳଙ୍କ ସମୟରେ ଓଡ଼ିଶାର ଭୁବନେଶ୍ୱର ନିକଟସ୍ଥ ଉଦୟଗିରି ଓ ଖଣ୍ଡଗିରିଠାରେ ବହୁ ସଂଖ୍ୟାରେ ନିର୍ମିତ ଜୈନ ଗୁମ୍ଫା ଉତ୍କୃଷ୍ଟ ସ୍ଥାପତ୍ୟର ପରିଚୟ ଦିଏ । କନିଷ୍କଙ୍କ ଦ୍ୱାରା ପୁରୁଷପୁରଠାରେ ନିର୍ମିତ ଉଚ୍ଚ ଗମ୍ବୁଜ ସମଗ୍ର ଏସିଆ ମହାଦେଶରେ ପ୍ରସିଦ୍ଧି ଲାଭ କରିଛି ।

## (ଘ) ଗୁପ୍ତଯୁଗର ସ୍ଥାପତ୍ୟ :

ଗୁପ୍ତଯୁଗରେ ମନ୍ଦିର ସ୍ଥାପତ୍ୟର ବିକାଶ ଘଟି ଭାରତୀୟ ନିର୍ମାଣ କଳାରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ଉତ୍ତର ପ୍ରଦେଶର ଦେଓଗଡ଼ଠାରେ ଥିବା ଦଶାବତାର ମନ୍ଦିର, ଭିତରଗାଓଁଠାରେ ଥିବା ଇଟାରେ ନିର୍ମିତ ମନ୍ଦିର, ମଧ୍ୟ ପ୍ରଦେଶର ତିଗ୍‌ୱାଠାରେ ବିଷ୍ଣୁ ମନ୍ଦିର, ଭୁମ୍‌ରାଠାରେ ଶିବ ମନ୍ଦିର ଏବଂ ସାଞ୍ଚି ଓ ବୋଧଗୟାଠାରେ ନିର୍ମିତ ବୌଦ୍ଧ ସ୍ମୃତିପୀଠସମୂହ ଗୁପ୍ତଯୁଗର ନିର୍ମାଣ କଳା ଜନିତ ଉତ୍କର୍ଷର ପ୍ରମାଣ ଦିଏ । ଏହା ବ୍ୟତୀତ ସାରନାଥର ଧମେଖ୍ ସ୍ତୂପ, ନାଳନ୍ଦାର ୯୨ ମିଟର ଉଚ୍ଚ ବୁଦ୍ଧ ମନ୍ଦିର ଓ ମୋହରାମାରାଡୁଠାରେ ଥିବା ବିହାର ସେ ସମୟର ସ୍ଥାପତ୍ୟର ପରିଚୟ ଦିଏ । ଅଜନ୍ତା ଓ ଏଲୋରାର କେତେକ ଚୈତ୍ୟ ଓ ବିହାର, ଗୁମ୍ଫା, ଦକ୍ଷିଣ ଭାରତର ମୋଗଲରାଜପୁରମ୍, ଉଣ୍ଡୀଭିଲି ଓ ଅଖନାମଦନାର ଗୁମ୍ଫା ଓ ଭିଲ୍‌ସା ନିକଟରେ ଉଦୟଗିରିଠାରେ ଥିବା ବ୍ରାହ୍ମଣ୍ୟ ଗୁମ୍ଫା ମନ୍ଦିର ଗୁପ୍ତଯୁଗ ସ୍ଥାପତ୍ୟର ନିଦର୍ଶନ ।



(ଧମେଖ୍ ସ୍ତୂପ, ସାରନାଥ)

## (ଙ) ରାଜପୁତ୍ ସମୟର ସ୍ଥାପତ୍ୟ :

ରାଜପୁତ୍ ଶାସନର ପ୍ରାରମ୍ଭରେ ନିର୍ମିତ ହୋଇଥିବା ମାମାଲିପୁରମ୍‌ର ରଥ ଓ ଏଲୋରାର କୈଳାସ ମନ୍ଦିର ସ୍ଥାପତ୍ୟ କଳା ଦୃଷ୍ଟିରୁ ପ୍ରସିଦ୍ଧ । ପରବର୍ତ୍ତୀ ରାଜପୁତ୍ ସମୟରେ ବିଭିନ୍ନ ଆଞ୍ଚଳିକ ସ୍ଥାପତ୍ୟ ଶୈଳୀ ବିକାଶ ଲାଭ କଲା । ଓଡ଼ିଶାରେ 'କଳିଙ୍ଗ ଶୈଳୀ' ନାମରେ ପରିଚିତ ଏକ ଭିନ୍ନ ସ୍ଥାପତ୍ୟ ଶୈଳୀ ସୃଷ୍ଟି ହୋଇଥିଲା ଏବଂ ଉତ୍ତର ଭାରତରେ ଇଣ୍ଡୋ-ଆରିଆନ୍ ବା "ନାଗର ଶୈଳୀ"ର

ଉଦ୍ଭବ ହୋଇଥିଲା । ଏହା ଦକ୍ଷିଣ ଭାରତର "ଦ୍ରାବିଡ଼ୀୟ ଶୈଳୀ" ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ରାଜପୁତ ସମୟରେ ବିଭିନ୍ନ ଆଞ୍ଚଳିକ ଶାସକଙ୍କ ପୃଷ୍ଠପୋଷକତାରେ ନିର୍ମିତ ପ୍ରସିଦ୍ଧ ମନ୍ଦିରମାନଙ୍କ ମଧ୍ୟରେ ରହିଛି ସୌରାଷ୍ଟ୍ର ଅଞ୍ଚଳର ସୋମନାଥ ମନ୍ଦିର, ଓଡ଼ିଶାର ପୁରୀ ଠାରେ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ଠାରେ ଲିଙ୍ଗରାଜ ମନ୍ଦିର ଓ କୋଣାର୍କ ଠାରେ ସୂର୍ଯ୍ୟ ମନ୍ଦିର, ମଧ୍ୟପ୍ରଦେଶର ବିନ୍ଧ୍ୟ ପ୍ରଦେଶ ଅଞ୍ଚଳର ବହୁ ସଂଖ୍ୟକ ମନ୍ଦିରବିଶିଷ୍ଟ ଖଜୁରାହୋ ମନ୍ଦିର । ଚନ୍ଦେଲା ରାଜପୁତ୍‌ମାନଙ୍କ ଦ୍ୱାରା ଗ୍ରାନାଇଟ୍ ବା ବାଲିପଥରରେ ନିର୍ମାଣ କରାଯାଇଥିବା ୮୫ଟି ମନ୍ଦିର ମଧ୍ୟରୁ ମାତ୍ର ୨୦ଟି ଭଲଭାବରେ ସଂରକ୍ଷିତ ହୋଇପାରିଛି । ଏହି ମନ୍ଦିରଗୁଡ଼ିକର ଗଠନ ଶୈଳୀ ଭାରତର ଅନ୍ୟ ମନ୍ଦିରଗୁଡ଼ିକଠାରୁ ଭିନ୍ନ । ରାଜସ୍ଥାନର ଓସିଆ ଠାରେ ଷୋହଳଟି ବ୍ରାହ୍ମଣ୍ୟ ଓ ଜୈନ ମନ୍ଦିର, ଚିତ୍ତୋରଗଡ଼ର କାଳିକାମାତା ମନ୍ଦିର, ଉଦୟପୁର ନିକଟରେ ଏକ-ଲିଙ୍ଗ ମନ୍ଦିର ତଥା ମାଉଣ୍ଟ ଆବୁର ଜୈନ ମନ୍ଦିର ସମୂହ ପ୍ରଧାନ । ଏହା ବ୍ୟତୀତ ମଧ୍ୟପ୍ରଦେଶର ଭିଦିଶା ନିକଟରେ ଉଦୟପୁରର ନେମାଭର ଠାରେ ଥିବା ଶିବ ମନ୍ଦିର ଓ ଗ୍ୱାଲିଅରର ଶାଶୁ-ବୋହୂ ମନ୍ଦିରରେ ମଧ୍ୟ ଇଣ୍ଡୋ-ଆରିଆନ୍ ଶୈଳୀ ସ୍ପଷ୍ଟଭାବେ ପରିଲକ୍ଷିତ ହୁଏ । କାଶ୍ମୀରର ମର୍ତ୍ତଣ୍ଡଠାରେ ସୂର୍ଯ୍ୟ ମନ୍ଦିର ଏବଂ ଅବନ୍ତୀପୁରର ଶିବ ଓ ବିଷ୍ଣୁ ମନ୍ଦିର ଖ୍ରୀଷ୍ଟାବ୍ଦ ଅଷ୍ଟମ ଓ ନବମ ଶତାବ୍ଦୀରେ ଉଦ୍ଭବ ହୋଇଥିବା କାଶ୍ମୀର ମନ୍ଦିର ସ୍ଥାପତ୍ୟ କଳାର ପରିଚୟ ଦିଏ ।

**ତୁମେ ଜାଣିଛ କି ?**

*ଖଜୁରାହୋ ମନ୍ଦିର ସମୂହରେ ଇଣ୍ଡୋ-ଆରିଆନ୍ ସ୍ଥାପତ୍ୟ କଳାର ସର୍ବାଧିକ ବିକାଶ ଓ ରୁଚିସମ୍ପନ୍ନ ପରିପ୍ରକାଶ ଦେଖାଯାଏ ।*

## (ଚ) ଇସ୍‌ଲାମୀୟ ସ୍ଥାପତ୍ୟ :

ଭାରତକୁ ମୁସଲମାନମାନଙ୍କ ଆଗମନ ପରେ ଇସ୍‌ଲାମୀୟ ବିଦେଶୀ କଳାର ହିନ୍ଦୁ ଦେଶୀୟ କଳା ସହିତ ମିଶ୍ରଣ ହେବା ଫଳରେ ଇଣ୍ଡୋ-ଇସ୍‌ଲାମୀୟ ସ୍ଥାପତ୍ୟ ଶୈଳୀ ସୃଷ୍ଟି ହେଲା । ଦିଲ୍ଲୀ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟବହୃତ ହୋଇଥିବା ସ୍ଥାପତ୍ୟ ଶୈଳୀ 'ଦିଲ୍ଲୀ ଶୈଳୀ' ଭାବେ ପରିଚିତ ହେଲା । ସୁଲ୍‌ତାନୀ ଶାସନର ପ୍ରଥମ ଶାସକ ଦାସ ବଂଶର କୁତବୁଦ୍ଦିନ୍ ଆଇବାକ୍‌ଙ୍କ ସମୟରୁ ହିଁ ଭାରତରେ ଇସ୍‌ଲାମୀୟ ସ୍ଥାପତ୍ୟର ଆରମ୍ଭ ହେଲା । କୁତବୁଦ୍ଦିନ୍‌ଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ବଂଶର ସାମ୍‌ଶୁଦ୍ଦିନ୍ ଇଲ୍‌ତୁତ୍‌ମିସ୍‌ଙ୍କ ଦ୍ୱାରା ସମାପ୍ତ ହୋଇଥିବା ଦିଲ୍ଲୀର କୁତବମିନାର, ଇଲ୍‌ତୁତ୍‌ମିସ୍‌ଙ୍କ ଦ୍ୱାରା ବଦାଉନ୍ ଠାରେ ନିର୍ମିତ ଜମ୍ମି ମସ୍‌ଜିଦ୍ ଓ ପୁରୁଣା ଦିଲ୍ଲୀର ଇଲ୍‌ତୁତ୍‌ମିସ୍‌ଙ୍କ ମକବରା ଦିଲ୍ଲୀ ଶୈଳୀର ପ୍ରସିଦ୍ଧ ସ୍ଥାପତ୍ୟ ।



(କୁତବ୍ ମିନାର, ଦିଲ୍ଲୀ)

**ତୁମେ ଜାଣିଛକି ?**

***ଲାଲ୍ ବାଲିପଥରରେ ନିର୍ମିତ କୁତବ୍‌ମିନାର ଭାରତର ଉଚ୍ଚତମ ଗମ୍ବୁଜ । ସମ୍ପୂର୍ଣ୍ଣ ଇସଲାମୀୟ ଶୈଳୀରେ ନିର୍ମାଣ କରାଯାଇଥିବା ଏହି ପାଞ୍ଚ ମହଲାବିଶିଷ୍ଟ ଗମ୍ବୁଜର ଉଚ୍ଚତା ୨୩୬ ଫୁଟ୍ ୮ଇଞ୍ଚ ଏବଂ ଭୂମିଠାରୁ ପଞ୍ଚମ ମହଲା ପର୍ଯ୍ୟନ୍ତ ମୋଟ ପାହାଚ ସଂଖ୍ୟା ୩୮୦ । ଏହାର ସ୍ଥିରତା ଏବଂ ପ୍ରତ୍ୟେକ ମହଲାର ଉଚ୍ଚତା ଓ ମୋଟେଇଠାରୁ କମ୍ ଉଚ୍ଚତା ଓ ମୋଟେଇ ବିଶିଷ୍ଟ ତା'ର ଉପର ମହଲା ନିର୍ମାଣ କରିବା କୌଶଳ ତତ୍‌କାଳୀନ ଶିଳ୍ପୀଙ୍କର ଏକ କାଳଜୟୀ କୃତୀ ।***

ଆଲାଉଦ୍ଦିନ୍ ଖିଲ୍‌ଜୀଙ୍କଦ୍ୱାରା ନିର୍ମିତ ଅନେକ ପ୍ରାସାଦ ଓ ଦୁର୍ଗ ମଧ୍ୟରୁ ଦିଲ୍ଲୀର ସିରିଦୁର୍ଗ, ସୁଫି ସନ୍ଥ ନିଜାମୁଦ୍ଦିନ୍ ଆଉଲିଆଙ୍କ ଦର୍ଘା, କୁତବ୍‌ମିନାର ନିକଟରେ ଅଲାଇ ଦରୱାଜା ଓ ହଉଜ୍-ଇ-ଖାସ୍ କେତେକ ପ୍ରସିଦ୍ଧ ସ୍ଥାପତ୍ୟ । ତୁଗ୍‌ଲକ୍ ବଂଶର ପ୍ରମୁଖ ସ୍ଥାପତ୍ୟ ଘିଆସୁଦ୍ଦିନ୍ ତୁଗ୍‌ଲକ୍‌ଙ୍କ ନିର୍ମିତ ତୁଗ୍‌ଲକାବାଦ ସହର, ମହମ୍ମଦ ତୁଗ୍‌ଲକ୍‌ଙ୍କ ନିର୍ମିତ ଆଲ୍ଲାହାବାଦ ଦୁର୍ଗ ଏବଂ ଫିରୋଜ ସାହ ତୁଗଲକଙ୍କ ଫିରୋଜାବାଦ, ଫତେବାଦ, ହିସାର ଓ ଜଉନପୁର ସହରଗୁଡ଼ିକରୁ ଜଣାଯାଏ । ସିକନ୍ଦର ଲୋଦିଙ୍କ ସମାଧି ଲୋଦି ବଂଶ ରାଜତ୍ୱର ଏକ ପ୍ରସିଦ୍ଧ ସ୍ଥାପତ୍ୟ । ଦିଲ୍ଲୀ ସ୍ଥାପତ୍ୟ ଶୈଳୀଠାରୁ ଭିନ୍ନ ଇଣ୍ଡୋ-ଇସ୍‌ଲାମୀୟ ଶୈଳୀ ପ୍ରାଦେଶିକ ଓ ଆଞ୍ଚଳିକ ସ୍ତରରେ ପ୍ରକାଶିତ ହୋଇଥିଲା । ସେତେବେଳର ପଞ୍ଜାବ ପ୍ରଦେଶର ମୁଲ୍‌ତାନ୍ ଓ ଲାହୋର ସହରରେ ସବୁଠାରୁ ପୁରାତନ ଆଞ୍ଚଳିକ ସ୍ଥାପତ୍ୟ ଦେଖାଯାଏ । ମୁଲ୍‌ତାନଠାରେ ନିର୍ମିତ ସନ୍ଥ ସାହରୁଖ-ଇ-ଆଲାମ୍‌ଙ୍କ ମକବରା ସବୁଠାରୁ ବେଶୀ ପ୍ରସିଦ୍ଧ ।

ଏହି ସମୟରେ କେତେକ ସ୍ୱାଧୀନ ହିନ୍ଦୁ ରାଜାଙ୍କ ପୃଷ୍ଠପୋଷକତାରେ ହିନ୍ଦୁ ସ୍ଥାପତ୍ୟର ବିକାଶ ଦେଖିବାକୁ ମିଳେ । ତନ୍ମଧ୍ୟରୁ ଦକ୍ଷିଣରେ ବିଜୟନଗର ସାମ୍ରାଜ୍ୟର କୃଷ୍ଣଦେବରାୟଙ୍କ ଦ୍ୱାରା ନିର୍ମିତ ଭିଥଳ ମନ୍ଦିର ଏବଂ ଉତ୍ତରରେ ରାଜସ୍ଥାନର ରାଣା କୁମ୍ଭଙ୍କ ଦ୍ୱାରା ନିର୍ମିତ ଚିତ୍ତୋର ଉଚ୍ଚ ଗମ୍ବୁଜ ଓ ମେୱାର୍‌ର କୁମ୍ଭଲଗଡ଼ ଦୁର୍ଗ ଅନ୍ୟତମ ।

## (ଛ) ମୋଗଲ ସ୍ଥାପତ୍ୟ :

ମୋଗଲ ସ୍ଥାପତ୍ୟରେ ପାରସୀ ଓ ଭାରତୀୟ ଶୈଳୀର ଏକ ସୁନ୍ଦର ସମନ୍ୱୟ ପରିଲକ୍ଷିତ ହୁଏ । ମୋଗଲମାନଙ୍କ ଅସଂଖ୍ୟ ସ୍ଥାପତ୍ୟ କୀର୍ତ୍ତି ମଧ୍ୟରୁ କେତେକ ବିଖ୍ୟାତ କୀର୍ତ୍ତି ହେଲା ବାବରଙ୍କ ନିର୍ମିତ ପାନିପଥ ଠାରେ କାବୁଲ୍‌ବାଗ୍‌ର ପ୍ରକାଣ୍ଡ ମସ୍‌ଜିଦ ଓ ଆଗ୍ରାର ପୁରୁଣା ଲୋଦି ଦୁର୍ଗ ମଧ୍ୟରେ ମସ୍‌ଜିଦ୍; ହୁମାୟୁନ୍‌ଙ୍କ ଦ୍ୱାରା ଆଗ୍ରା ଓ ଫତେବାଦଠାରେ ନିର୍ମିତ ମସ୍‌ଜିଦ୍; ଆକବରଙ୍କ ଦ୍ୱାରା ନିର୍ମିତ ଆଗ୍ରା ଓ ଲାହୋର ଦୁର୍ଗ, ତାଙ୍କର ନୂଆ ରାଜଧାନୀ ଫତେପୁର ସିକ୍ରି ଓ ସେଠାରେ ଯୋଧାବାଇଙ୍କ ପ୍ରାସାଦ, ବୀରବଲଙ୍କ ଗୃହ, ଦିୱାନ-ଇ-ଆମ୍, ଦିୱାନ୍-ଇ-ଖାସ୍, ପଞ୍ଚ ମହଲ, ବୁଲନ୍ଦ୍ ଦରୱାଜା ଓ ସେଖ୍ ସଲିମ୍ ଚିସ୍ତିଙ୍କ ସମାଧି; ଜାହାଙ୍ଗୀରଙ୍କ ଦ୍ୱାରା ଆଗ୍ରା ନିକଟସ୍ଥ ସିକନ୍ଦରାଠାରେ ନିର୍ମିତ ଆକ୍‌ବର ମକ୍‌ବରା, ନୂର୍‌ଜାହାନ୍‌ଙ୍କ ଦ୍ୱାରା ନିର୍ମିତ ଆଗ୍ରାର ଇତ୍‌ମଦୌଲାଙ୍କ ମକବରା ଓ ଲାହୋର ନିକଟସ୍ଥ ସାହାଦାରାଠାରେ ଜାହାଙ୍ଗୀରଙ୍କ ସମାଧି; ଶାହାଜାହାନ୍‌ଙ୍କ ଦ୍ୱାରା ନିର୍ମିତ ଦିଲ୍ଲୀର ଲାଲ୍‌କିଲ୍ଲା, ଜମା ମସ୍‌ଜିଦ୍, ଆଗ୍ରାର ମୋତି ମସ୍‌ଜିଦ୍ ଓ ସର୍ବୋପରି ରାଣୀ ମୁମ୍‌ତାଜ ମହଲ୍‌ଙ୍କ ସ୍ମୃତିରେ ଯମୁନା ନଦୀ କୂଳରେ ମାର୍ବଲ୍‌ର ଚମତ୍କାର ମକ୍‌ବରା ତାଜମହଲ ।



(ତାଜମହଲ)

**ତୁମେ ଜାଣିଛ କି ?**

***ପ୍ରକାଣ୍ଡ ଆକାର, ଚମତ୍କାର ସ୍ଥାପତ୍ୟ, ମୂଲ୍ୟବାନ ମୂର୍ତ୍ତିକଳା ଓ ଆଶ୍ଚର୍ଯ୍ୟଜନକ କାରିଗରି କୌଶଳ ପାଇଁ ତାଜମହଲ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ପରିଗଣିତ । ଏହାର ଉଚ୍ଚତା ସମ୍ମୁଖରେ ଥିବା ବଗିଚ ସ୍ତରରୁ ୨୪୩ ଫୁଟ ଓ ଯମୁନା ନଦୀର ସ୍ତରରୁ ୨୭୦ ଫୁଟ । ଏହାର ନିର୍ମାଣ କାର୍ଯ୍ୟ ପ୍ରାୟ ୨୦ ହଜାର କାରିଗରଙ୍କ ଦ୍ୱାରା ୧୬୩୧ ଖ୍ରୀଷ୍ଟାବ୍ଦର ଶେଷ ଭାଗରୁ ଆରମ୍ଭ ହୋଇ ୨୨ ବର୍ଷ ପରେ ୧୬୫୩ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିଲା । ଏହାର ମୁଖ୍ୟ ସ୍ଥପତି ଥିଲେ ଉସ୍ତାଦ୍ ଇଶା ଖାନ୍ ।***

ମୋଗଲ ସମ୍ରାଟମାନଙ୍କ ଉଦ୍ୟାନ ସ୍ଥାପତ୍ୟ ଭାରତୀୟ ସ୍ଥାପତ୍ୟ କଳାରେ ନୂତନତା ପ୍ରବର୍ତ୍ତନ କରି ଏହାକୁ ଆହୁରି ଅଧିକ ଖ୍ୟାତି ସମ୍ପନ୍ନ କରିଛି । ପାନିପଥଠାରେ କାବୁଲବାଗ୍ ବା କାବୁଲ୍ ଉଦ୍ୟାନ କାଶ୍ମୀର୍‌ରେ ସାଲିମାର୍ ଓ ନିଶାତ୍ ଉଦ୍ୟାନ ମୋଗଲ ସମୟରେ ନିର୍ମିତ କେତେକ ମନୋରମ ଉଦ୍ୟାନ ।

ହୁମାୟୁନ୍‌ଙ୍କୁ ପରାସ୍ତ କରି ଖ୍ରୀଷ୍ଟାବ୍ଦ ୧୫୪୦ ରୁ ୧୫୪୫ ପର୍ଯ୍ୟନ୍ତ ଦିଲ୍ଲୀ ସିଂହାସନ ଅଧିକାର କରିଥିବା ସୁର୍ ବଂଶର ଶେରଶାହ ସୁର ମଧ୍ୟ ଜଣେ ଶ୍ରେଷ୍ଠ ନିର୍ମାତା ଥିଲେ । ତାଙ୍କଦ୍ୱାରା ନିର୍ମିତ ଦିଲ୍ଲୀର ଇନ୍ଦ୍ରପ୍ରସ୍ଥଠାରେ ପୁରୁଣାକିଲ୍ଲା ଓ ତାହାର ପରିସର ମଧ୍ୟରେ ସ୍ଥାପତ୍ୟର ମଣିଭାବେ ବିବେଚିତ କିଲ୍ଲା-ଇ-କୁହନା ମସ୍‌ଜିଦ୍ ଏବଂ ବିହାରର ସାସାରାମ୍‌ଠାରେ ଇଣ୍ଡୋ-ମୁସଲ୍‌ମାନ ସ୍ଥାପତ୍ୟର ବିସ୍ମୟ କୁହାଯାଉଥିବା ତାଙ୍କ ନିଜର ମକ୍‌ବରା ଭାରତୀୟ ସ୍ଥାପତ୍ୟର ଅମୂଲ୍ୟ ସମ୍ପଦ । ସୁରବଂଶର ସ୍ଥାପତ୍ୟ ଶୈଳୀ ପୁନର୍ବାର ଶାସନ ଅଧିକାର କରିଥିବା ମୋଗଲମାନଙ୍କ ନିର୍ମାଣ ଗୁଡ଼ିକୁ ପ୍ରଭାବିତ କରିଥିଲା ।

**(ଜ) ଅନ୍ୟାନ୍ୟ ସ୍ଥାପତ୍ୟ କୀର୍ତ୍ତି :** ଶିଖ୍‌ମାନଙ୍କର ପଞ୍ଜାବର ଅମୃତସରଠାରେ ଥିବା ହରମନ୍ଦିର ସାହିବ୍ ଗୁରୁଦ୍ୱାରା ବା ସ୍ୱର୍ଣ୍ଣମନ୍ଦିର, ବିହାରର ପାଟଣାସାହିବ ଗୁରୁଦ୍ୱାରା, ଦିଲ୍ଲୀର ଶିଶ୍‌ଗଞ୍ଜ ଓ ବଙ୍ଗଳା ସାହିବ୍ ଗୁରୁଦ୍ୱାରା ଏବଂ ମହାରାଷ୍ଟ୍ରର ନାଲେନ୍ଦ୍ ଗୁରୁଦ୍ୱାରା; ଖ୍ରୀଷ୍ଟିଆନ୍‌ମାନଙ୍କର କୋଚି, ଚେନ୍ନାଇ, ମୁମ୍ବାଇ, କୋଲ୍‌କାତାର ଗୀର୍ଜା ଓ ଗୋଆର ବିଭିନ୍ନ ଅଞ୍ଚଳରରେ ନିର୍ମିତ କାଷ୍ଠ ଖୋଦେଇ କାରୁକାର୍ଯ୍ୟରେ ସଜ୍ଜିତ ଗୀର୍ଜା; ଜୋରାଷ୍ଟ୍ରେରିଆନ୍‌ମାନଙ୍କର ମୁମ୍ବାଇ, ସୁରତ ଓ ନକସାରିଠାରେ ଥିବା ଅଗ୍ନି ମନ୍ଦିର ତଥା ବାହାଇମାନଙ୍କର ମୁମ୍ବାଇଠାରେ ଥିବା ଅର୍ଦ୍ଧ ଉନ୍ମୁକ୍ତ ପଦ୍ମଫୁଲ ଢାଞ୍ଚାରେ ନିର୍ମିତ ମନ୍ଦିର ଭାରତୀୟ ସ୍ଥାପତ୍ୟର ନିଦର୍ଶନ ବହନ କରେ ।



**(ସ୍ୱର୍ଣ୍ଣ ମନ୍ଦିର, ଅମୃତସର)**

*ତୁମ ପାଇଁ କାମ :*

***ମୋଗଲ ଓ ସୁର ବଂଶର ପ୍ରତ୍ୟେକ ସମ୍ରାଟଙ୍କ ପୃଷ୍ଠପୋଷକତାରେ ନିର୍ମିତ ଅନ୍ୟୂନ ଦୁଇଟି ଲେଖାଏଁ ପ୍ରସିଦ୍ଧ ସ୍ଥାପତ୍ୟ କୀର୍ତ୍ତିର ଛବି ସଂଗ୍ରହ କରି ସେଗୁଡ଼ିକର ଗୋଟିଏ ସଞ୍ଚୟ ପୁସ୍ତିକା ପ୍ରସ୍ତୁତ କର ଏବଂ ପ୍ରତ୍ୟେକ ଛବି ତଳେ ବା ପାର୍ଶ୍ୱରେ କୀର୍ତ୍ତିର ନାମ, ନିର୍ମାତା, ନିର୍ମାଣ ସମୟ ଓ ଅବସ୍ଥିତିର ସୂଚନା ଦିଅ ।***

## ୩. ଶିଳ୍ପ କୌଶଳ :

ଭାରତର ଶିଳ୍ପ କୌଶଳର ଉତ୍କର୍ଷ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାର ହସ୍ତଶିଳ୍ପ ଓ ତନ୍ତବୁଣା ଲୁଗା ବହୁ ପୁରାତନ କାଳରୁ ଭାରତୀୟ କାରିଗରମାନଙ୍କ ଶିଳ୍ପ ବିଦ୍ୟାରେ ଥିବା ଗଭୀର ଜ୍ଞାନର ପରିଚୟ ଦିଏ ।

### (କ) ହସ୍ତଶିଳ୍ପ :

ସିନ୍ଧୁ ସଭ୍ୟତା ସମୟର ମାଟି, ପଥର, ବ୍ରୋଞ୍ଜ, ତମ୍ବା, ସୁନା, ରୁପା, ହାତୀଦାନ୍ତ ଓ ହାଡ଼ରେ ନିର୍ମିତ ବିଭିନ୍ନ ପ୍ରକାର କୃଷି ଓ ଗୃହ ଉପକରଣ, ଅସ୍ତ୍ରଶସ୍ତ୍ର, ଅଳଙ୍କାର ଓ ଖେଳନା ଭାରତୀୟମାନଙ୍କ କାରିଗରି କୌଶଳ ଦର୍ଶାଏ । ସେହିପରି ବୈଦିକ ଯୁଗରେ ବ୍ୟବହୃତ କାଠ ତିଆରି ଉପକରଣ, ବିଭିନ୍ନ ଧାତୁରେ ନିର୍ମିତ ଅଳଙ୍କାର, ଅସ୍ତ୍ରଶସ୍ତ୍ର, ବାସନକୁସନ ଓ ଗୃହ ଉପକରଣ ଏବଂ ଚମଡ଼ା ନିର୍ମିତ ସାମଗ୍ରୀରୁ ଭାରତୀୟମାନଙ୍କର ହସ୍ତକଳାରେ ନୈପୁଣ୍ୟ ଜଣାଯାଏ ।

ସମୟକ୍ରମେ ଭାରତରେ ହସ୍ତଶିଳ୍ପର ବିକାଶ ଘଟି ଅଧିକ ଉନ୍ନତ ମାନର ଉପକରଣ ନିର୍ମିତ ହେଲା ଓ ଦେଶ ବିଦେଶରେ ଖ୍ୟାତି ଲାଭ କଲା । ବିଭିନ୍ନ ଅଞ୍ଚଳରେ ଭାରତୀୟ ହସ୍ତଶିଳ୍ପ କାରିଗରମାନେ ସୁନା, ରୁପା, ବ୍ରୋଞ୍ଜ, ତମ୍ବା, ଲୁହା,ଦସ୍ତା, କଂସା, ପିତ୍ତଳ, ମାଟି, ପଥର, ମାର୍ବଲ୍, ଜଉ, କାଚ, ହାତୀଦାନ୍ତ, ଶିଙ୍ଗ, ଚମଡ଼ା, କାଠ, ବାଉଁଶ, ଛଣ, ନଡ଼ିଆ ଷଢେଇ ଓ କତା, କନା ଓ ସୂତାର ଭିନ୍ନ ଭିନ୍ନ ଆକାର ଓ ପ୍ରକାରର ବ୍ୟବହାର ଉପଯୋଗୀ ଓ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ବିଶେଷଭାବେ ପ୍ରସିଦ୍ଧି ଲାଭ କରିଥିବା ଭାରତର ପ୍ରମୁଖ ହସ୍ତଶିଳ୍ପ ଗୁଡ଼ିକ ହେଉଛି କର୍ଣ୍ଣାଟକର ଚନ୍ଦନକାଠ ତିଆରି ସାମଗ୍ରୀ ଓ ହାତୀଦାନ୍ତର ଅଳଙ୍କାର; କେରଳର ନଡ଼ିଆ ଷଢେଇ ଓ କତାରେ ନିର୍ମିତ ବିଭିନ୍ନ ବ୍ୟବହାର ଉପଯୋଗୀ ଓ ସାଜସଜ୍ଜା ସମଗ୍ରୀ; ମହାରାଷ୍ଟ୍ରର ତମ୍ବା ଓ ଦସ୍ତାର ପାତ୍ର; ଓଡ଼ିଶାର ରୁପା ତାରକସୀ, ପଟ୍ଟଚିତ୍ର, ଚାନ୍ଦୁଆକାମ ଓ ପଥର ମୂର୍ତ୍ତି; ରାଜସ୍ଥାନର ଜଉ ଓ କାଚ କାମ; ଉତ୍ତରପ୍ରଦେଶର ମାର୍ବଲ ମୂର୍ତ୍ତି ଓ ପିତ୍ତଳ ସାମଗ୍ରୀ ଏବଂ ପଶ୍ଚିମବଙ୍ଗର ଚମଡ଼ା ନିର୍ମିତ ଓ ଝୋଟ ପ୍ରସ୍ତୁତ ସାମଗ୍ରୀ ।

**_ତୁମ ପାଇଁ କାମ :_**

**_ଭାରତର ପ୍ରତ୍ୟେକ ରାଜ୍ୟର ହସ୍ତଶିଳ୍ପ ମଧ୍ୟରୁ ଗୋଟିଏ ବ୍ୟବହାର ଉପଯୋଗୀ ଓ ଗୋଟିଏ ସାଜସଜ୍ଜା ସାମଗ୍ରୀର ଚିତ୍ର ସଂଗ୍ରହ କରି ଏକ ସଞ୍ଚୟ ପୁସ୍ତିକା ପ୍ରସ୍ତୁତ କର ଏବଂ ପ୍ରତ୍ୟେକ ଚିତ୍ର ତଳେ ବା ପାର୍ଶ୍ୱରେ ସାମଗ୍ରୀର ନାମ ଓ ସେଗୁଡ଼ିକର ମୁଖ୍ୟ ଉପାଦାନ ଉଲ୍ଲେଖ କର ।_**

## (ଖ) ହସ୍ତତନ୍ତ:

ସିନ୍ଧୁ ସଭ୍ୟତାର ଅଧିବାସୀମାନେ ତକଲିରେ ସୂତା କାଟି ସେଥିରେ କାର୍ପାସ୍ ଓ ପଶମ ବସ୍ତ୍ର ତିଆରି କରୁଥିଲେ । ବୈଦିକ ଯୁଗରେ କାର୍ପାସ୍ ଓ ରେଶମ ବସ୍ତ୍ର ପ୍ରସ୍ତୁତ ହେଉଥିଲା । ସେମାନେ ଶରୀରର ମୁଖ୍ୟଭାଗର ଲୁଗାକୁ ସୂତା କାରୁକାର୍ଯ୍ୟରେ ସଜ୍ଜିତ କରୁଥିଲେ ଓ ଉପରିଭାଗ ଲୁଗାରେ ସୁନା ଖଚିତ କରୁଥିଲେ । ଏହିପରି ଭାବେ ବହୁ ପୁରାତନ କାଳରୁ ଭାରତରେ ବୟନ କୌଶଳର କ୍ରମବିକାଶ ହୋଇ ହସ୍ତତନ୍ତରେ ଉନ୍ନତ ମାନର ଲୁଗା ବୟନ କରାଗଲା । ଭାରତରେ ହସ୍ତତନ୍ତରୁ ପ୍ରସ୍ତୁତ ହେଉଥିବା ଲୁଗା ମଧ୍ୟରେ ଶାଢ଼ି, ସାଲ୍ ଓ ଚାଦର ଅଧିକ ଜନପ୍ରିୟ । ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଥବା ହସ୍ତତନ୍ତ ଶାଢ଼ିଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପୋଚମପଲ୍ଲୀ, ଅରୁଣାଚଳ ପ୍ରଦେଶର ଆପାତାନି, ଆସାମ୍‌ର ମୁଗା ସିଲ୍କ, ବିହାରର ଭାଗଲପୁର ସିଲ୍କ, ଝାଡ଼ଖଣ୍ଡର ଟସର ସିଲ୍କ, କର୍ଣ୍ଣାଟକର ଇଲକାଲ୍, କେରଳର ବଲରାମପୁରମ୍, ମଧ୍ୟପ୍ରଦେଶର ଚନ୍ଦେରୀ, ମଣିପୁରର ଫାନେକ୍, ମିଜୋରାମ୍‌ର ପୁଆନଚେ଼ଇ, ଓଡ଼ିଶାର ଇକତ୍ ଓ କୋସା ସିଲ୍କ, ରାଜସ୍ଥାନର କୋଟା, ତାମିଲନାଡୁର କାଞ୍ଚିପୁରମ୍, ତ୍ରିପୁରାର ପାଚରା, ଉତ୍ତର ପ୍ରଦେଶର ବନାରସୀ ଓ ପଶ୍ଚିମବଙ୍ଗର ଜମଦାନୀ ଶାଢ଼ି ପ୍ରଧାନ । ଗୁଜ୍‌ରାଟର କଚ୍ଛ ସାଲ୍, ହିମାଚଳ ପ୍ରଦେଶର କୁଲୁ ସାଲ୍, ଜମ୍ମୁକାଶ୍ମୀରର ପଶ୍‌ମିନା ସାଲ୍, ନାଗାଲାଣ୍ଡର ନାଗାସାଲ୍ ଓ ଉତ୍ତରାଖଣ୍ଡର ଲୋହି ସାଲ୍ ଏବଂ ହରିୟାନାର ଚାଦର ମଧ୍ୟ ଭାରତରେ ଓ ଭାରତ ବାହାରେ ଖ୍ୟାତି ଲାଭ କରିଛି ।

**_ତୁମେ ଜାଣିଛ କି ?_**

**_ଭାରତରେ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରସ୍ତୁତ ସାମଗ୍ରୀ ପୃଥିବୀର ଅନେକ ଲୋକଙ୍କ ଜୀବନଯାପନ ରୀତିରେ ଏକ ଆଡ଼ମ୍ବର ହେବା ସହିତ ଭାରତ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ଏଗୁଡ଼ିକର ଆକର୍ଷଣୀୟ ଓ ଆଡ଼ମ୍ବରପୂର୍ଣ୍ଣ କଳା ଦେଶ ଭିତରେ ଓ ବାହାରେ ଏଗୁଡ଼ିକର ଚାହିଦା ବୃଦ୍ଧି କରି ଅଧିକ ବଜାର ପାଇଁ ସୁଯୋଗ ସୃଷ୍ଟି କରିଛି । ଏହି ଆୟୋଗ ସମାଜର ସ୍ୱଳ୍ପ ଆୟ ଗୋଷ୍ଠୀର ବହୁ ସଂଖ୍ୟକଙ୍କ ସମେତ ୧୩୦ ଲକ୍ଷରୁ ଊର୍ଦ୍ଧ୍ୱ ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କୁ ଜୀବିକା ନିର୍ବାହର ସାଧନ ଯୋଗାଇ ପାରିଛି ।_**

## ୪. ସାହିତ୍ୟ :

ପୁରାତନ କାଳରୁ ଭାରତର ସାହିତ୍ୟ ବିକାଶ ଲାଭ କରି ଅତ୍ୟନ୍ତ ସମୃଦ୍ଧ ଓ ଜନପ୍ରିୟ ହୋଇପାରିଛି ଏବଂ ଏକ ମୂଲ୍ୟବାନ ଐତିହ୍ୟ ସୃଷ୍ଟି କରିଛି । ଅତି ପ୍ରାଚୀନ ପାଲିଭାଷା ତଥା ସଂସ୍କୃତ, ଉର୍ଦ୍ଦୁ, ପାରସୀ, ହିନ୍ଦୀ, ଇଂରାଜୀ ଏବଂ ସମସ୍ତ ଆଞ୍ଚଳିକ ଭାଷାରେ ଭାରତୀୟ ସାହିତ୍ୟ ରଚିତ ହୋଇଛି । ଭାରତୀୟ ସାହିତ୍ୟକୁ ଧର୍ମ ସାହିତ୍ୟ ଓ ନିରପେକ୍ଷ ସାହିତ୍ୟ ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

### (କ) ଧର୍ମ ସାହିତ୍ୟ:

#### ହିନ୍ଦୁ ସାହିତ୍ୟ :

ବେଦକୁ ଭାରତର ସର୍ବପ୍ରଥମ ସାହିତ୍ୟ ଭାବେ ବିବେଚନା କରାଯାଇଥାଏ । ଖ୍ରୀଷ୍ଟପୂର୍ବ ୨୦୦୦ ରେ ପ୍ରଥମ ବେଦ ରୂପେ ଋକ୍ ବେଦ ରଚିତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ସାମବେଦ୍, ଯଜୁର୍ ବେଦ ଓ ଅଥର୍ବ ବେଦ ତଥା ବେଦ ସହିତ ସମ୍ପୃକ୍ତ ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ପ୍ରଭୃତି ରଚିତ ହୋଇଥିଲା । ରାମାୟଣ, ମହାଭାରତ, ପୁରାଣ ଓ ଶ୍ରୀମଦ୍ ଭଗବତ୍ ଗୀତା ଭାରତର ପ୍ରାଚୀନ ସାହିତ୍ୟ ।

#### ଜୈନ ସାହିତ୍ୟ :

ଜୈନ ଧର୍ମ ସାହିତ୍ୟ ମଧ୍ୟରେ ଅଙ୍ଗ, ଉପାଙ୍ଗ, ମୂଳ ଓ ସୂତ୍ର ଅନ୍ୟତମ । ଭଦ୍ରବାହୁଙ୍କ ରଚିତ "କଳ୍ପସୂତ୍ର" ଏକ ବିଶିଷ୍ଟ ଜୈନ ସାହିତ୍ୟ ।


#### ବୌଦ୍ଧ ସାହିତ୍ୟ:

ବୌଦ୍ଧ ଧର୍ମ ସାହିତ୍ୟର ସର୍ବଶ୍ରେଷ୍ଠ ରଚନା ହେଉଛି ତ୍ରିପିଟକ ଅର୍ଥାତ ସୂତ୍ର ପିଟକ, ବିନୟ ପିଟକ ଓ ଅଭିଧର୍ମ ପିଟକ । ଏହା ବ୍ୟତୀତ ଗୌତମ ବୁଦ୍ଧଙ୍କ ଜୀବନ ବୃତ୍ତାନ୍ତ ବର୍ଣ୍ଣିତ ହୋଇଥିବା ବୌଦ୍ଧ ଜାତକ ଗଳ୍ପ, କନିଷ୍କଙ୍କ ସମୟରେ ଅଶ୍ୱଘୋଷଙ୍କ ଦ୍ୱାରା ରଚିତ 'ବୁଦ୍ଧ ଚ଼ରିତ', ନାଗାର୍ଜୁନଙ୍କ "ପ୍ରଜ୍ଞା ପାରମିତ ସୂତ୍ର ଶାସ୍ତ୍ର" ଓ ବସୁମିତ୍ରଙ୍କ "ମହା ବିଭାସା ଶାସ୍ତ୍ର" କେତେକ ପ୍ରମୁଖ ବୌଦ୍ଧ ସାହିତ୍ୟ ।

### (ଖ) ନିରପେକ୍ଷ ସାହିତ୍ୟ :

#### ପ୍ରାଚୀନ ଯୁଗର ସାହିତ୍ୟ :

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ପାଣିନିଙ୍କ ଦ୍ୱାରା ରଚିତ ବ୍ୟାକରଣ "ଅଷ୍ଟାଧ୍ୟାୟୀ", ମୌର୍ଯ୍ୟଯୁଗରେ କୌଟିଲ୍ୟଙ୍କ ରଚିତ ଶାସନ ପଦ୍ଧତି ସମ୍ବନ୍ଧୀୟ ରାଜନୈତିକ ଦର୍ଶନର ବିଶିଷ୍ଟ ଗ୍ରନ୍ଥ "ଅର୍ଥଶାସ୍ତ୍ର" ଭାରତୀୟ ସାହିତ୍ୟର ଅମୂଲ୍ୟ ସମ୍ପଦ । ସୁଙ୍ଗ ବଂଶର ରାଜତ୍ୱ ସମୟରେ ପତଞ୍ଜଳିଙ୍କ ଦ୍ୱାରା ପାଣିନିଙ୍କ ବ୍ୟାକରଣର ବ୍ୟାଖ୍ୟା ସଂସ୍କୃତ ବ୍ୟାକରଣକୁ ଆହୁରି ସ୍ପଷ୍ଟ କରିଥିଲା ।



(କୌଟିଲ୍ୟ)

ଗୁପ୍ତ ଯୁଗରେ ପ୍ରସିଦ୍ଧ ନାଟ୍ୟକାର ଓ କବି କାଳିଦାସଙ୍କ ଦ୍ୱାରା ରଚିତ "ଅଭିଜ୍ଞାନ ଶାକୁନ୍ତଳମ୍" ବିଶ୍ୱର ଶହେଟି ଶ୍ରେଷ୍ଠ ନାଟକ ମଧ୍ୟରେ ସ୍ଥାନ ପାଇଛି ଏବଂ ଏହା ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ସର୍ବ ପୁରାତନ ପୁସ୍ତକମାନଙ୍କ ମଧ୍ୟରୁ ଅନ୍ୟତମ । କାଳିଦାସଙ୍କ ଅନ୍ୟ ସାହିତ୍ୟ କୃତି ମଧ୍ୟରେ ନାଟକ

"ମାଳବିକାଗ୍ନିମିତ୍ରମ୍" ଓ "ବିକ୍ରମୋର୍ବଶୀୟମ୍" ଏବଂ "ରଘୁବଂଶମ୍", "ଋତୁ ସଂହାର" ଓ "ମେଘଦୂତମ୍" ପ୍ରଭୃତି କାବ୍ୟ ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିଛି ।



(କାଳିଦାସ)

| ତୁମେ ଜାଣିଛ କି ? |
|---|
| *ଗୁପ୍ତଯୁଗରେ ବ୍ରାହ୍ମଣ୍ୟଧର୍ମର ପ୍ରଭାବ ସଂସ୍କୃତ ଭାଷାର ବିକାଶ ପାଇଁ ପ୍ରେରଣା ପ୍ରଦାନ କଲା । ପୂର୍ବରୁ ପ୍ରଚଳିତ ହେଉଥିବା ପ୍ରାକୃତ୍ ଭାଷା ସ୍ଥାନରେ ସଂସ୍କୃତ ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇଲା । ସଂସ୍କୃତ ସରକାରୀ ଭାଷା ହେଲା, ମୁଦ୍ରା ଓ ଶିଳାଲିପିରେ ସଂସ୍କୃତ ଭାଷା ବ୍ୟବହୃତ ହେଲା ଏବଂ ସଂସ୍କୃତ ଭାଷାରେ ସାହିତ୍ୟ ରଚିତ ହେଲା । ଏହିପରି ଭାବେ ଗୁପ୍ତଯୁଗରେ ସଂସ୍କୃତ ଭାଷାର ବିକାଶ ହେଲା ଏବଂ ଏହା ଏକ ଜନପ୍ରିୟ ଭାଷା ରୂପେ ଆଦୃତ ହେଲା ।* |

ସେ ସମୟରେ ରଚିତ ଅନ୍ୟାନ୍ୟ ନାଟ୍ୟକୃତି ମଧ୍ୟରେ ଶୂଦ୍ରକଙ୍କ "ମୃଚ୍ଛକଟିକମ୍", ବିଶାଖଦତ୍ତଙ୍କ "ମୁଦ୍ରାରାକ୍ଷସମ୍" ଓ ଐତିହାସିକ ନାଟକ "ଦେବୀ ଚନ୍ଦ୍ରଗୁପ୍ତମ୍" ଭାରତୀୟ ସାହିତ୍ୟକୁ ବିଶେଷ ଅବଦାନ । ଦଣ୍ଡୀଙ୍କ ରଚିତ କବିତା କଳା ସମ୍ବନ୍ଧିତ "କାବ୍ୟାଦର୍ଶ" ଓ ରୋମାଞ୍ଚକର ଗଳ୍ପ "ଦଶ କୁମାର ଚରିତମ୍", ଭାରବିଙ୍କ କବିତା "କିରାତାର୍ଜୁନୀୟମ୍", ଅମରସିଂହଙ୍କ ଅଭିଧାନ "ଅମର କୋଷଃ" ଏବଂ ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ଭାଷାରେ ଅନୂଦିତ ବିଷ୍ଣୁଶର୍ମାଙ୍କ ଗଳ୍ପଗୁଚ୍ଛ "ପଞ୍ଚତନ୍ତ୍ରମ୍" ମଧ୍ୟ ଭାରତର ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି । ହର୍ଷବର୍ଦ୍ଧନଙ୍କ ସମୟରେ କାଶ୍ମୀର ଇତିହାସ ସମ୍ପର୍କରେ କହ୍ଲଣଙ୍କ ଦ୍ୱାରା ଲିଖିତ "ରାଜତରଙ୍ଗିଣୀ" ଭାରତର ଐତିହାସିକ ସାହିତ୍ୟର ଏକ ମୂଲ୍ୟବାନ ଗ୍ରନ୍ଥ । ସେ ସମୟରେ ରଚିତ ବାଣଭଟ୍ଟଙ୍କ "ହର୍ଷ-ଚ଼ରିତମ୍" ଓ "କାଦମ୍ବରୀ" ମଧ୍ୟ ଭାରତୀୟ ସାହିତ୍ୟର ପ୍ରସିଦ୍ଧି ଆଣିଛି । ଓଡ଼ିଶାର କବି ଜୟଦେବଙ୍କଦ୍ୱାରା ରଚିତ "ଗୀତ ଗୋବିନ୍ଦମ୍" ଭାରତର ଏକ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟିକ ସୃଷ୍ଟି ।



(ଆବୁଲ୍ ଫାଜଲ)

| ତୁମେ ଜାଣିଛ କି ? |
|---|
| *ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟଙ୍କ ରାଜଦରବାର ମଣ୍ଡନ କରିଥିବା 'ନବରତ୍ନ' ହେଲେ କାଳିଦାସ, ବରାହମିହିର, ବରରୁଚି, ବେତାଳଭଟ୍ଟ, ଘଟକର୍ପର, ଧନ୍ୱନ୍ତରୀ, କ୍ଷେପଣକ, ଅମର ସିଂହ ଓ ଶଙ୍କୁ ।* |

## ଇସ୍ଲାମୀୟ ଯୁଗର ସାହିତ୍ୟ :

ଦିଲ୍ଲୀ ସୁଲ୍‌ତାନୀୟ ଶାସନ ସମୟରେ ବିଶିଷ୍ଟ କବି ଓ ଗାଳ୍ପିକ ଅମୀର ଖୁସ୍‌ରୋଙ୍କ ଦ୍ୱାରା ରଚିତ "ଖାଜେଁ-ଉଲ୍-ଜୁଟୁଚ୍" ଓ "ତାରିଖ-ଇ-ଆଲାଇ", ଜିଆଉଦ୍ଦିନ୍ ବରାନୀଙ୍କ

ରଚିତ "ତ୍ୱାରିଖ-ଇ-ଫିରୋଜସାହୀ" ଓ ମିନ୍‌ହାଜ ଉସ୍ ସିରାଜଙ୍କ ରଚିତ "ତବାକତ୍-ଇ-ନସିରୀ" ଭାରତୀୟ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଅଂଶ । ମୋଗଲ ଶାସନ ସମୟରେ ଆବୁଲ୍ ଫାଜଲଙ୍କ ଦ୍ୱାରା ଲିଖିତ "ଆଇନ୍-ଇ-ଆକ୍‌ବରୀ" ଓ "ଆକ୍‌ବରନାମା", ନିଜାମୁଦ୍ଦିନ୍ ଅହମ୍ମଦଙ୍କ "ତବାକତ୍-ଇ-ଆକ୍‌ବରୀ" ଏବଂ ବାବର ଓ ଜାହାଙ୍ଗୀରଙ୍କ "ଆତ୍ମସ୍ମୃତି" ରଚନା ଭାରତୀୟ ସାହିତ୍ୟକୁ ବିଶିଷ୍ଟ ଅବଦାନ । ସେ ସମୟରେ କବି, ପ୍ରାବନ୍ଧିକ, ସମାଲୋଚକ ଓ ଐତିହାସିକ ଭାବେ ଆବୁଲ୍ ଫାଜଲ ପାରସୀ ଭାଷାର ସବୁଠାରୁ ଶ୍ରେଷ୍ଠ ଓ ଅଧିକ ସୁସମ୍ପନ୍ନ ଲେଖକ ଥିଲେ ।

***ତୁମ ପାଇଁ କାମ :***

***ସାହିତ୍ୟ କୃତି ପାଇଁ ସର୍ବଭାରତୀୟ ସ୍ତରରେ ପ୍ରଦାନ କରାଯାଉଥିବା ପୁରସ୍କାରଗୁଡ଼ିକର ନାମ, ପୁରସ୍କାର ପ୍ରଦାନକାରୀ ସଂସ୍ଥାର ନାମ ଓ ପୁରସ୍କାର ଅନ୍ତର୍ଭୁକ୍ତ ସାମଗ୍ରୀ ଏବଂ ସେହି ପୁରସ୍କାର ଲାଭ କରିଥିବା ଓଡ଼ିଶାର କେତେକ ସାହିତ୍ୟିକମାନଙ୍କ ନାମ ଲେଖ ।***

## ୫. ବିଜ୍ଞାନ ଓ ବୈଷୟିକ ବିଦ୍ୟା :

ବହୁ ପୁରାତନ କାଳରୁ ଭାରତୀୟମାନଙ୍କର ବିଭିନ୍ନ ବୈଜ୍ଞାନିକ ତତ୍ତ୍ୱ ସମ୍ପର୍କରେ ଧାରଣା ଥିବାର ପ୍ରମାଣ ମିଳେ । କେତେକ ଦେଶ ଭାରତରୁ ଉଦ୍ଭବ ବୈଜ୍ଞାନିକ ମତବାଦକୁ ଗ୍ରହଣ କରିଥିବା ଐତିହାସିକ ତଥ୍ୟରୁ ଜଣାଯାଏ । ପୁରାଣରେ ବର୍ଣ୍ଣିତ ଅନେକ ସାଧନ, ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ପରୀକ୍ଷାନିରୀକ୍ଷା କରି ପ୍ରସ୍ତୁତ କରିବାପାଇଁ ବୈଜ୍ଞାନିକମାନଙ୍କୁ ଧାରଣା ଓ ପ୍ରେରଣା ଯୋଗାଇଥିଲା ।


### (କ) ଗଣିତ :

ଆବିଷ୍କୃତ ହୋଇଥିବା ସିନ୍ଧୁ ସଭ୍ୟତା ସମୟର କେତେକ ବଟକରାରୁ ସେ ସମୟର ବ୍ୟବସାୟୀମାନେ ଗଣିତର ବ୍ୟବହାର ଜାଣିଥିବାର ସୂଚନା ମିଳେ । ସେତେବେଳେ ଅନୁପାତ, ଭଗ୍ନାଂଶ ଓ ଦଶମିକ ପଦ୍ଧତିର ବ୍ୟବହାର ମଧ୍ୟ ଜଣାଥିଲା । ବୈଦିକ ଯୁଗରେ ବଡ଼ ବଡ଼ ସଂଖ୍ୟା ଦଶର ଗୁଣିତକ ଭାବେ ପ୍ରକାଶ କରାଯାଉଥିଲା ଓ ସମୟକୁ କ୍ଷୁଦ୍ରତମ ଏକକରେ ବିଭାଜିତ କରାଯାଉଥିଲା । ସେତେବେଳେ ବର୍ଗକ୍ଷେତ୍ର ଓ ଆୟତକ୍ଷେତ୍ର ଅଙ୍କନ ଓ ସେଗୁଡ଼ିକର ପରସ୍ପର ବିପରୀତ କୋଣକୁ ସଂଲଗ୍ନ କରୁଥିବା ସରଳ ରେଖାର ଉକ୍ତ କ୍ଷେତ୍ରର ବାହୁମାନଙ୍କ ସହିତ ସମ୍ପର୍କ ଏବଂ ତ୍ରିଭୁଜ ଅଙ୍କନ ତଥା ସମାନ ଆୟତନ ବିଶିଷ୍ଟ ଦୁଇ ବା ତତୋଽଧିକ ଭିନ୍ନ ଭିନ୍ନ ଆକାରର କ୍ଷେତ୍ର ଅଙ୍କନ ସମ୍ବନ୍ଧିତ ଜ୍ୟାମିତି ଜ୍ଞାନର ପ୍ରଚଳନ ଥିବା ସୁଲ୍ୱସୂତ୍ରରୁ ଜଣାଯାଏ । ଗୁପ୍ତଯୁଗରେ ବିଶିଷ୍ଟ ଗଣିତଜ୍ଞ ଆର୍ଯ୍ୟଭଟ୍ଟ ଓ ବ୍ରହ୍ମଗୁପ୍ତଙ୍କଦ୍ୱାରା ବିଭିନ୍ନ ପ୍ରକାର କ୍ଷେତ୍ରର କ୍ଷେତ୍ରଫଳ ବା ଘନଫଳ ନିର୍ଣ୍ଣୟ କରିବା ଏବଂ ଏକ ବୃତ୍ତର ପରିଧି ଉପରେ ଚାରିଟି କୋଣକୁ ରଖି ଏକ ଚତୁର୍ଭୁଜାକାର କ୍ଷେତ୍ର ଅଙ୍କନ କରିବା ପଦ୍ଧତି ନିର୍ଦ୍ଧାରଣ କରାଯାଇଥିଲା । ଆର୍ଯ୍ୟଭଟ୍ଟ ତାଙ୍କ ପୁସ୍ତକ "ଆର୍ଯ୍ୟଭଟ୍ଟୀୟମ୍"ରେ ବର୍ଗମୂଳ ଓ ଘନମୂଳ, ସମକୋଣୀ ତ୍ରିଭୁଜର ସୂକ୍ଷ୍ମକୋଣର ବିପରୀତ ବାହୁ ଓ କର୍ଣ୍ଣର ଅନୁପାତ ଏବଂ ବୀଜଗଣିତର କେତେକ ସରଳ ଚିହ୍ନଟୀକରଣ ବିଷୟରେ ଉଲ୍ଲେଖ କରିଛନ୍ତି। ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ପାଣିନିଙ୍କ ଦ୍ୱାରା ଓ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ପିଙ୍ଗଳାଙ୍କ "ଚନ୍ଦ୍ରଶାସ୍ତ୍ର"ରେ ଶୂନ୍ୟ ବିଷୟରେ ଧାରଣା ଦିଆଯାଇଥିଲେ ସୁଦ୍ଧା ଆର୍ଯ୍ୟଭଟ୍ଟ ଶୂନ୍ୟର ବ୍ୟବହାର ସମ୍ପର୍କରେ ଏବଂ ବ୍ରହ୍ମଗୁପ୍ତ ଶୂନ୍ୟର କାର୍ଯ୍ୟକାରିତାର ନିୟମ ସମ୍ପର୍କରେ ଅଧିକ ସ୍ପଷ୍ଟଭାବରେ ବୁଝାଇଛନ୍ତି । ଗଣିତ ବିଦ୍ୟାକୁ ଭାରତର ଦୁଇଟି ଅନନ୍ୟ ଅବଦାନ ହେଉଛି ଦଶମିକ ସଂଖ୍ୟାଙ୍କନ ଓ ଭିନ୍ନ ଭିନ୍ନ ସ୍ଥାନରେ ପ୍ରଥମ ନଅଟି ସଂଖ୍ୟାର ମୂଲ୍ୟରେ ପାର୍ଥକ୍ୟ ।

### (ଖ) ଜ୍ୟୋତିର୍ବିଜ୍ଞାନ :

ଭାରତରେ ଜ୍ୟୋତିର୍ବିଜ୍ଞାନ ସମ୍ପର୍କରେ ପ୍ରଥମ ମତ ଜ୍ୟୋତିଷଶାସ୍ତ୍ରବିତ୍ ଲଗଧଙ୍କଦ୍ୱାରା "ଜ୍ୟୋତିଷ

ବେଦାଙ୍ଗ”ରେ ଉପସ୍ଥାପିତ ହୋଇଛି । ଏଥିରେ ୨୭ଟି ନକ୍ଷତ୍ର ଓ ସେଗୁଡ଼ିକ ମଧ୍ୟରେ ନୂତନ ଚନ୍ଦ୍ର ଓ ପୂର୍ଣ୍ଣ ଚନ୍ଦ୍ରର ସ୍ଥାନ ତଥା ପ୍ରତି ପାଞ୍ଚବର୍ଷରେ ଥରେ ପଡୁଥିବା ଅୟନର ସ୍ଥାନ ନିରୂପଣ କରିବା ନିୟମ ଉଲ୍ଲେଖ କରାଯାଇଛି । ତୈତିରୀୟ ସଂହିତାରେ ନକ୍ଷତ୍ରମାନଙ୍କ ନାମ ତାଲିକା ପ୍ରଦତ୍ତ ହୋଇଛି । ଗୁପ୍ତ ଯୁଗରେ ଆର୍ଯ୍ୟଭଟ୍ଟ ତାଙ୍କ ପୁସ୍ତକ "ସୂର୍ଯ୍ୟସିଦ୍ଧାନ୍ତ"ରେ ପୃଥିବୀର ଆକାର ଗୋଲ ଓ ଏହା ନିଜର ଅକ୍ଷ ଚାରିପଟେ ଘୂର୍ଣ୍ଣନ କରେ ବୋଲି ଏବଂ "ଆର୍ଯ୍ୟଭଟ୍ଟୀୟମ୍"ରେ ଏହା ସୂର୍ଯ୍ୟ ଚାରିପାଖେ ଘୂର୍ଣ୍ଣନ କରେ ବୋଲି ମତ ବ୍ୟକ୍ତ କରିଛନ୍ତି । ବରାହମିହିର ତାଙ୍କ ପୁସ୍ତକ "ବୃହତ ସଂହିତା"ରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଏବଂ "ପଞ୍ଚ ସିଦ୍ଧାନ୍ତିକା"ରେ ଜ୍ୟୋତିର୍ବିଜ୍ଞାନର ପାଞ୍ଚଟି ଭିନ୍ନ ଭିନ୍ନ ମତବାଦ ବର୍ଣ୍ଣନା କରିଛନ୍ତି । ବ୍ରହ୍ମଗୁପ୍ତ ନିଉଟନଙ୍କ ବହୁ ପୂର୍ବରୁ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସମ୍ପର୍କରେ ସୂଚନା ଦେଇଥିଲେ । ଓଡ଼ିଶାର ପଠାଣି ସାମନ୍ତଙ୍କ ରଚିତ "ସିଦ୍ଧାନ୍ତ ଦର୍ପଣ" ଜ୍ୟୋତିର୍ବିଜ୍ଞାନର ଏକ ଅମୂଲ୍ୟ ଗ୍ରନ୍ଥ ।



(ବ୍ରହ୍ମଗୁପ୍ତ)

## (ଗ) ଚିକିତ୍ସା ବିଜ୍ଞାନ :

ସିନ୍ଧୁ ସଭ୍ୟତାର ଖନନ ସ୍ଥାନମାନଙ୍କରୁ ମିଳିଥିବା କୋଇଲା ଭଳି ଦ୍ରବ୍ୟ, ସାମୁଦ୍ରିକ ଜୀବର ହାଡ଼, ହରିଣ ଓ କୃଷ୍ଣସାର ମୃଗର ଶିଙ୍ଗ ତଥା ପ୍ରବାଳ ଓ ନିମଗଛର ପତ୍ର ସେ ସମୟର ଚିକିତ୍ସା ଜ୍ଞାନର ସୂଚନା ଦିଏ । ଅଥର୍ବ ବେଦରୁ ଭାରତର ଚିକିତ୍ସା ବିଜ୍ଞାନ ସମ୍ପର୍କରେ ଅନେକ ତଥ୍ୟ ମିଳେ । ବେଦରେ ବ୍ୟବହୃତ ଶବ୍ଦ "ଭେଷଜ" ମାନସିକ ଚାପଦ୍ୱାରା ବିଭିନ୍ନ ରୋଗର ଉପଶମପାଇଁ ଉଦ୍ଦିଷ୍ଟ କବଚ୍‌କୁ ବୁଝାଉଥିଲା । ଧନ୍ୱନ୍ତରୀଙ୍କୁ ଚିକିତ୍ସା ଶାସ୍ତ୍ରର ଐଶ୍ୱରିକ ଶକ୍ତି ଭାବେ ବିବେଚନା କରାଯାଉଥିଲା । ବେଦରେ ତରଳ ଝାଡ଼ା ବା ଅଜୀର୍ଣ୍ଣ ଝାଡ଼ା, ଜ୍ୱର, ଜଳୋଦର, ଯକ୍ଷ୍ମା, ଆବୁ ବା ଅସ୍ୱାଭାବିକ ଫୁଲା, ବଥ ବା ଫୋଟକା, କୁଷ୍ଠ ଓ ଅନ୍ୟାନ୍ୟ ଚର୍ମରୋଗ ଏବଂ ଜନ୍ମଗତ ରୋଗଗୁଡ଼ିକ ବିଷୟରେ ଉଲ୍ଲେଖ କରାଯାଇଛି । ବୌଦ୍ଧ ଜାତକ ଅନୁଯାୟୀ ବୁଦ୍ଧଙ୍କ ସମୟରେ ଆତ୍ରେୟ ନାମକ ଜଣେ ଚିକିତ୍ସକ ତକ୍ଷଶିଳାରେ ଚିକିତ୍ସା ବିଜ୍ଞାନ ଶିକ୍ଷା ଦେଉଥିଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଭେଲା ଓ ଅଗ୍ନିଭେଷଙ୍କ ରଚିତ ଚିକିତ୍ସା ଶାସ୍ତ୍ର ତିଷ୍ଠିରହିଛି । ପୁରାଣରେ ଜ୍ୱରର କାରଣ ଓ ନିରାକରଣ ବିଷୟରେ ସୂଚନା ଦିଆଯାଇଛି । ମୌର୍ଯ୍ୟଯୁଗରେ କେତେକ ଚିକିତ୍ସାଳୟ ସ୍ଥାପିତ ହୋଇଥିଲା । ପାତ୍ରରେ ବା ମୁକ୍ତ ସ୍ଥାନରେ ଔଷଧୀୟ ବୃକ୍ଷ ରୋପଣ କରାଯାଉଥିଲା । ତାଲିମ୍ ପ୍ରାପ୍ତ ଚିକିତ୍ସକ, ସେବାକାରୀ, ଅସ୍ତ୍ରୋପଚାର ବିଶେଷଜ୍ଞ ତଥା ଶଲ୍ୟ ଚିକିତ୍ସା ପାଇଁ ଉପକରଣର ବ୍ୟବହାର ସମ୍ପର୍କରେ କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର'ରେ ଉଲ୍ଲେଖ କରାଯାଇଛି । କନିଷ୍କଙ୍କ ଦରବାରର ଚିକିତ୍ସକ ଚରକଙ୍କ "ଚରକ ସଂହିତା" ଓ ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀର ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ଶୁଶ୍ରୁତଙ୍କ "ଶୁଶ୍ରୁତ ସଂହିତା" ଭାରତର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ ଭିତ୍ତି ସମ୍ବଳିତ ଦୁଇଟି ମୂଲ୍ୟବାନ ଗ୍ରନ୍ଥ । ଚରକ କାମଳ ରୋଗର ନିଦାନ ଓ ଚିକିତ୍ସା ସମ୍ପର୍କରେ ସୂଚନା ଦେଇଛନ୍ତି । ଚରକଙ୍କ ଆୟୁର୍ବେଦଠାରୁ ଭିନ୍ନ ଶଲ୍ୟ ଚିକିତ୍ସା ସମ୍ବନ୍ଧୀୟ ଜ୍ଞାନପାଇଁ ଶୁଶ୍ରୁତଙ୍କୁ କୃତିତ୍ୱ ଦିଆଯାଏ । ଶରୀର ଗଠନ ବିଦ୍ୟାପାଇଁ ସେ ଶଲ୍ୟ ଚିକିତ୍ସାକୁ ଗୁରୁତ୍ୱ ଦେଇଥିଲେ । ଗୁପ୍ତଯୁଗରେ ବସନ୍ତ ରୋଗର ଟିକା ଏବଂ ଶଲ୍ୟ ଚିକିତ୍ସା ସମ୍ପର୍କରେ ଜ୍ଞାନ ଥିବାର ଜଣାଯାଏ । ସେ ସମୟରେ

ଭଗବତଙ୍କ ଲିଖିତ "ଅଷ୍ଟାଙ୍ଗ ସଂଗ୍ରହ" ଚିକିତ୍ସା ଶାସ୍ତ୍ର ସମ୍ବନ୍ଧୀୟ ଏକ ଉପାଦେୟ ପୁସ୍ତକ । ବିଭିନ୍ନ ରୋଗର ନିରାକରଣ ଓ ନିରାମୟ ପାଇଁ ଯୋଗବିଦ୍ୟା ମଧ୍ୟ ଭାରତରୁ ଉତ୍ପତ୍ତି ହୋଇଛି ।

*ତୁମେ ଜାଣିଛ କି ?*

*ଅଥର୍ବ ବେଦ ଓ ଉପନିଷଦରେ ଯୋଗ ବିଷୟରେ ଉଲ୍ଲେଖ କରାଯାଇଥିଲେ ସୁଦ୍ଧା ଏହାର ମୌଳିକ ନିୟମ ଓ ପ୍ରୟୋଗ କୌଶଳ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଯୋଗସୂତ୍ରର ରଚୟିତା ପତଞ୍ଜଳି ପ୍ରଥମେ ଉପସ୍ଥାପନ କରିଥିଲେ । ଯୋଗ ଅଭ୍ୟାସ ଦ୍ୱାରା ଶରୀର ଓ ମନକୁ ନିୟନ୍ତ୍ରଣ କରିବା ପଦ୍ଧତିର ତଥ୍ୟଭିତ୍ତିକ ବ୍ୟାଖ୍ୟା ପ୍ରଥମେ ପତଞ୍ଜଳି ତାଙ୍କ ଯୋଗ ସୂତ୍ରରେ କରିଥିବାରୁ ତାଙ୍କୁ ଯୋଗ ପଦ୍ଧତିର ସ୍ରଷ୍ଟା ଭାବେ ବିବେଚନା କରାଯାଏ ।*

"ଅର୍ଥଶାସ୍ତ୍ର"ରୁ ଜଣାଯାଏ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ପଶୁମାନଙ୍କ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନିଆଯାଉଥିଲା ଓ ବିଭିନ୍ନ ସ୍ଥାନରେ ପଶୁ ଚିକିତ୍ସାଳୟ ସ୍ଥାପିତ ହୋଇଥିଲା । ଗୁପ୍ତଯୁଗରେ ପାଳକପ୍ୟଙ୍କ ରଚିତ "ହସ୍ତ୍ୟାୟୁର୍ବେଦ"ରେ ପଶୁ ବିଜ୍ଞାନ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

*ତୁମ ପାଇଁ କାମ :*

*ନିକଟ ଅତୀତରେ ସାଧାରଣ ଲୋକଙ୍କ ଉପକାରପାଇଁ ଚିକିତ୍ସା ବିଜ୍ଞାନରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଓ ସେଗୁଡ଼ିକ ସହିତ ସଂପୃକ୍ତ ରୋଗର ନାମ ଏବଂ ଆବିଷ୍କାର କରିଥିବା ଦେଶ ଓ ସଂସ୍ଥା ବା ବୈଜ୍ଞାନିକଙ୍କ ନାମ ଲେଖ ।*

## (ଘ) ପଦାର୍ଥ ବିଜ୍ଞାନ :

ବୈଦିକ ଯୁଗରେ ପରିବହନ ପାଇଁ ବଳଦ ଟଣା ଗାଡ଼ି ଏବଂ ଯୁଦ୍ଧ ଓ କ୍ରୀଡ଼ାପାଇଁ ଘୋଡ଼ାଟଣା ରଥର ବ୍ୟବହାର ସେ ସମୟରେ ଚକ, ଟାଣିବା ଶକ୍ତି ଓ ଗତିର ନିୟମ ବିଷୟରେ ଜ୍ଞାନ ଥିବାର ସୂଚନା ଦିଏ । ନଦୀ ଓ ସମୁଦ୍ରରେ ଡଙ୍ଗା ଓ ଜାହାଜ ବ୍ୟବହାରରୁ ସେତେବେଳେ ଭାସମାନତାର ନିୟମ ବିଷୟରେ ଧାରଣା ଥିବାର ଜଣାଯାଏ । କୌଟିଲ୍ୟଙ୍କ "ଅର୍ଥଶାସ୍ତ୍ର"ରେ ବର୍ଣ୍ଣିତ କ୍ଷେପଣାସ୍ତ୍ର ଓ ଦହନଶୀଳ ବସ୍ତୁର ପ୍ରସ୍ତୁତି ମୌର୍ଯ୍ୟ ଯୁଗରେ ପଦାର୍ଥ ବିଜ୍ଞାନରେ ପାରଦର୍ଶିତାର ସୂଚନା ଦିଏ । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଋଷି କଣାଦଙ୍କ ଦ୍ୱାରା, ଜୈନ ଓ ବୌଦ୍ଧ ସୃଷ୍ଟି ବିଜ୍ଞାନରେ ଏବଂ ଗୁପ୍ତଯୁଗରେ ପଦାର୍ଥ ବିଜ୍ଞାନୀମାନଙ୍କ ଦ୍ୱାରା ପରମାଣୁ ତତ୍ତ୍ୱ ପ୍ରତିପାଦିତ ହୋଇଥିଲା ।

## (ଙ) ରସାୟନ ବିଜ୍ଞାନ :

ସିନ୍ଧୁ ସଭ୍ୟତାର ଅଧିବାସୀମାନେ ବିଭିନ୍ନ ପ୍ରକାର ପ୍ରାସାଧନ ସାମଗ୍ରୀ ବ୍ୟବହାର କରୁଥିବାର ସୂଚନାରୁ ସେମାନଙ୍କର ରସାୟନ ବିଜ୍ଞାନରେ ଧାରଣା ଥିବା ବିଶ୍ୱାସ କରାଯାଏ । ମୃତ ଶରୀରରୁ ସଂକ୍ରମଣ ହେବାର ଆଶଙ୍କା ଥିବା ଜାଣିଥିବାରୁ ସେମାନେ ସେଗୁଡ଼ିକୁ ଯଥାଶୀଘ୍ର ପୋଡ଼ି ଦେଉଥିଲେ ବା ପୋତି ଦେଉଥିଲେ । ମୌର୍ଯ୍ୟଯୁଗରେ ଶସ୍ୟ, ତେଲ, ଲୁଣ, ଅତର, ଔଷଧ ପ୍ରଭୃତିରେ ଅପମିଶ୍ରଣକୁ ରାସାୟନିକ ପଦ୍ଧତିରେ ଖୋଜି ବାହାର କରାଯାଇପାରୁଥିଲା । ଗୁପ୍ତଯୁଗରେ ଔଷଧ ଉଦ୍ଦେଶ୍ୟରେ ଧାତବ ପ୍ରସ୍ତୁତୀକରଣ, ବରାହମିହିରଙ୍କ ଦ୍ୱାରା ପାରଦ ଓ ଲୁହାର ବ୍ୟବହାର ସମ୍ପର୍କରେ ପ୍ରଦତ୍ତ ସୂଚନା ଏବଂ ନାଗାର୍ଜୁନଙ୍କ ଦ୍ୱାରା ବିଶୋଧନ ଓ ଜୀବାଣୁମୁକ୍ତ କରିବା ପଦ୍ଧତିର ଆବିଷ୍କାର ସେ ସମୟର ରସାୟନ ବିଜ୍ଞାନରେ ପାରଦର୍ଶିତା ଦର୍ଶାଏ । ଭାରତର ବିଭିନ୍ନ ସ୍ଥାନରେ ଥିବା ଗୁପ୍ତଯୁଗ ଓ ମୋଗଲଯୁଗର ଚିତ୍ରକଳାର ଲାଲ୍ ଓ ନୀଳ ରଙ୍ଗରୁ ସେ ସମୟର ରସାୟନବିତ୍‌ମାନଙ୍କ ରଙ୍ଗ ତିଆରି ସାମର୍ଥ୍ୟ ଜଣାପଡ଼େ ।

## (ଚ) ଧାତୁ ବିଜ୍ଞାନ :

ସିନ୍ଧୁ ସଭ୍ୟତାର କାରିଗରମାନେ ତମ୍ବା, ବ୍ରୋଞ୍ଜ, ସୁନା ଓ ରୁପାକୁ ତରଳେଇ କରି ଭିନ୍ନ ଭିନ୍ନ ଆକାର ଓ ପ୍ରକାରର ଅସ୍ତ୍ର, ବାସନକୁସନ, ଅଳଙ୍କାର ତଥା ସାଜସଜ୍ଜା ଓ ଅନ୍ୟାନ୍ୟ ବ୍ୟବହାରଉପଯୋଗୀ ଉପକରଣ ତିଆରି କରୁଥିଲେ । ଏହା ସେମାନଙ୍କ ଧାତୁ ସମ୍ବନ୍ଧୀୟ ଜ୍ଞାନର ପ୍ରମାଣ ଦିଏ । ଭୂତାତ୍ତ୍ୱିକ ଓ ପାଣିପାଗ ଅବସ୍ଥାର ଘନ ଘନ ପରିବର୍ତ୍ତନ ସତ୍ତ୍ୱେ ସେ

ସମୟର ଧାତବ ବସ୍ତୁଗୁଡ଼ିକ ହଜାର ହଜାର ବର୍ଷଧରି ତିଷ୍ଠି ରହିବା ସିନ୍ଧୁ ଧାତୁ ବିଜ୍ଞାନୀମାନଙ୍କ ପ୍ରତିଭାର ପରିଚୟ ଦିଏ । ବୈଦିକ ଯୁଗରେ ମଧ୍ୟ ବିଭିନ୍ନ ଧାତୁରେ ନିର୍ମିତ ଉପକରଣ ଓ ଅଳଙ୍କାର ବ୍ୟବହୃତ ହେଉଥିଲା । ସମ୍ଭବତଃ ବୈଦିକଯୁଗର ଆର୍ଯ୍ୟମାନେ ପ୍ରଥମେ ଭାରତରେ ଲୁହାର ବ୍ୟବହାର କରିଥିଲେ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରୁ ଭାରତୀୟମାନଙ୍କର ଦସ୍ତାର ବ୍ୟବହାର ସମ୍ପର୍କରେ ଜ୍ଞାନଥିବା ନିକଟ ଅତୀତରେ ହୋଇଥିବା ଏକ ଗବେଷଣାରୁ ଜଣାଯାଏ । ଖ୍ରୀଷ୍ଟାବ୍ଦ ୪୧୫ ରେ ନିର୍ମିତ ତଥା ଦୀର୍ଘ ଷୋହଳଶହ ବର୍ଷ ଧରି ଝଡ଼, ବର୍ଷା, ଖରା ସତ୍ତ୍ୱେ ବିନା କଳଙ୍କିରେ ଅକ୍ଷତ ଅବସ୍ଥାରେ ଦିଲ୍ଲୀର ମେହେରୌଲି ଠାରେ ତିଷ୍ଠିରହିଥିବା ଲୌହ ସ୍ତମ୍ଭ ଗୁପ୍ତଯୁଗରେ ଭାରତୀୟ ଶିଳ୍ପୀ ତଥା ଧାତୁ ବିଜ୍ଞାନୀମାନଙ୍କ ପ୍ରତିଭାର ଅତି ଆକର୍ଷଣୀୟ ଉଦାହରଣ। ଏହା ବ୍ୟତୀତ ବୁଦ୍ଧଙ୍କର ସୁଲ୍‌ତାନଗଞ୍ଜଠାରେ ଥିବା ପ୍ରକାଣ୍ଡ ବ୍ରୋଞ୍ଜ ମୂର୍ତ୍ତି ଓ ନାଳନ୍ଦାଠାରେ ଥିବା ତାମ୍ର ମୂର୍ତ୍ତି ଏବଂ ଗୁପ୍ତ ସମ୍ରାଟମାନଙ୍କର ମୁଦ୍ରାଗୁଡ଼ିକ ଭାରତୀୟ କାରିଗରମାନଙ୍କର ଧାତୁ ଢଳେଇ କୌଶଳର ପରିଚୟ ଦିଏ ।

## (ଛ) ବୈଷୟିକ ବିଦ୍ୟା :

ସିନ୍ଧୁ ସଭ୍ୟତା ସମୟରେ ନିର୍ମିତ ଗୃହ, ଶସ୍ୟାଗାର, ସ୍ନାନାଗାର ଓ ନାଳନର୍ଦ୍ଦମା ତଥା ଧାତୁ ନିର୍ମିତ ମୂର୍ତ୍ତି; ମାଟି, ପଥର ଓ ଧାତୁରେ ନିର୍ମିତ ବିଭିନ୍ନ ଉପକରଣ ଓ ଅଳଙ୍କାର; ମାଟିର କଣ୍ଢେଇ, ପଥରର ସିଲ୍ ଆଦି ବହୁବର୍ଷ ଧରି ମାଟି ତଳେ ପୋତି ହୋଇ ରହିଥିବା ସତ୍ତ୍ୱେ ଚିହ୍ନିତ ହୋଇପାରିବା ଭାରତୀୟ ବୈଷୟିକ ବିଦ୍ୟାର ପାରଙ୍ଗମତା ସୂଚାଏ । ସିନ୍ଧୁ ସଭ୍ୟତାରୁ ଆରମ୍ଭ ହୋଇଥିବା ସୂତା, ପଶମ ଓ ରେଶମ ବସ୍ତ୍ରର ବୟନ କୌଶଳ ମଧ୍ୟ ଭାରତୀୟ ବୈଷୟିକ ବିଦ୍ୟାର ପରିଚୟ ଦିଏ । ପ୍ରାଚୀନଯୁଗ, ମଧ୍ୟଯୁଗ ଓ ଆଧୁନିକ ଯୁଗର ଆରମ୍ଭରେ ବିଭିନ୍ନ ଶାସକଙ୍କ ସମୟରେ ଇଟା ବା ପଥର ବା ମାର୍ବଲ୍‌ରେ ନିର୍ମିତ ବହୁ ସଂଖ୍ୟକ ମୂର୍ତ୍ତି, ମନ୍ଦିର, ମସ୍‌ଜିଦ, ଗୀର୍ଜା ଓ ଅନ୍ୟାନ୍ୟ ଧର୍ମପୀଠ, ସ୍ତୂପ ଓ ସ୍ତମ୍ଭ, ସମାଧି ବା ସୌଧ ତଥା ଅନ୍ୟାନ୍ୟ ସ୍ମାରକୀ, ଚିତ୍ରକଳା, ଲୌହ ସ୍ତମ୍ଭ ଏବଂ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଓ ଅଳଙ୍କାର ବାରମ୍ବାର ପରିବର୍ତ୍ତିତ ହେଉଥିବା ପାଣିପାଗକୁ ପ୍ରତିରୋଧ କରି ବହୁବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରହିଥିବା ଭାରତୀୟମାନଙ୍କର ବୈଷୟିକ ବିଦ୍ୟାରେ ନୈପୁଣ୍ୟର ପ୍ରମାଣ । ପ୍ରାଚୀନ ଓ ମଧ୍ୟଯୁଗର ବିଭିନ୍ନ ସଭ୍ୟତା ଓ ଶାସନ ସମୟରେ ନିର୍ମିତ ଜଳସେଚନପାଇଁ କେନାଲ; ହ୍ରଦ ଓ କୃତ୍ରିମ ଜଳ ଭଣ୍ଡାର; ଭିନ୍ନ ଭିନ୍ନ କାର୍ଯ୍ୟରେ ବ୍ୟବହାର ପାଇଁ ଯାନ୍ତ୍ରିକ ଉପକରଣ; କ୍ଷେପଣାସ୍ତ୍ର ନିକ୍ଷେପ କରିବା ପାଇଁ ସାଧନ ଏବଂ ଯୁଦ୍ଧାସ୍ତ୍ର ଓ ଅନ୍ୟାନ୍ୟ ଯୁଦ୍ଧୋପକରଣକୁ ନିରାପଦ ଓ ସୁରକ୍ଷିତଭାବେ ଗଚ୍ଛିତ କରି ରଖିବାପାଇଁ ଅସ୍ତ୍ରାଗାରଗୁଡ଼ିକ ମଧ୍ୟ ଭାରତୀୟ ବୈଷୟିକ ବିଦ୍ୟାର ପରିଚୟ ଦିଏ ।

**ତୁମ ପାଇଁ କାମ :**

***ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିବା ଭାରତୀୟମାନଙ୍କ ନାମ, ସେମାନଙ୍କ ରାଜ୍ୟ ଓ ବିଜ୍ଞାନକୁ ଅବଦାନ ଏବଂ ନୋବେଲ୍ ପୁରସ୍କାର ଆରମ୍ଭର ସମୟ, ପ୍ରତିଷ୍ଠାତାଙ୍କ ନାମ ଓ ଜାତୀୟତା, ପୁରସ୍କାର ବିଜେତାଙ୍କ ନାମ, ସ୍ଥିର କରାଯାଉଥିବା ସ୍ଥାନ, ପୁରସ୍କାର ପ୍ରଦାନକାରୀ ସଂସ୍ଥାର ନାମ ଓ ପୁରସ୍କାର ଅନ୍ତର୍ଭୁକ୍ତ ସାମଗ୍ରୀ ଓ ଅର୍ଥ ରାଶି ଉଲ୍ଲେଖ କରି ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କର ।***

ପ୍ରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଭାରତରେ ଜନବସତି ଆରମ୍ଭ ହେବା ବେଳଠାରୁ ସଭ୍ୟତା ଓ ସଂସ୍କୃତିର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟକ୍ଷ ବା ପରୋକ୍ଷରେ, ସଚେତନ ମନରେ ବା ଅଚେତନ ମନରେ ବା ଅବଚେତନ ମନରେ ଭାରତୀୟଙ୍କ ଦ୍ୱାରା ଜ୍ଞାନର ପରିପ୍ରକାଶ ହୋଇଛି । ଏହି ମୌଳିକ ଜ୍ଞାନ କ୍ରମେ ମାର୍ଜିତ ଓ ପରିପକ୍ୱ ହୋଇ ଏକ ଉନ୍ନତ ସଭ୍ୟତା, ସଂସ୍କୃତି ଓ ଐତିହ୍ୟ ସୃଷ୍ଟି କରିଛି । ଏହା

ସୃଷ୍ଟି କରିବାରେ କିଛି ପରିମାଣରେ ବାହ୍ୟ ପ୍ରଭାବର ଅବଦାନ ରହିଛି, କିନ୍ତୁ ଏହି ପ୍ରଭାବକୁ ଉଦାରତା ସହିତ ଗ୍ରହଣ କରିଥିଲେ ସୁଦ୍ଧା ଶୃଙ୍ଖଳିତ ଭାବରେ ନିଜର ମୌଳିକ ଉପାଦାନ ସହିତ ମିଶ୍ରଣ କରି ଭାରତ ତା'ର ମୌଳିକତାକୁ ବଜାୟ ରଖିପାରିଛି । ଏହା ହିଁ ଭାରତର ଐତିହ୍ୟର ବିଶିଷ୍ଟତା ।

ସ୍ୱାଧୀନତୋତ୍ତର ଭାରତରେ କଳା, ସ୍ଥାପତ୍ୟ, ଶିଳ୍ପ କୌଶଳ, ସାହିତ୍ୟ, ବିଜ୍ଞାନ ଏବଂ ବୈଷୟିକ ବିଦ୍ୟାର ପ୍ରଭୂତ ବିକାଶ ଘଟିଅଛି । ଏହି ଅଧ୍ୟାୟର ପରିସରଭୁକ୍ତ ପାଠ ଐତିହ୍ୟ ମଧ୍ୟରେ ସୀମିତ ରହିଥିବାରୁ ଏ କ୍ଷେତ୍ରରେ ଆଧୁନିକ ପ୍ରଗତି ସମୂହ ଆଲୋଚିତ ହୋଇନାହିଁ ।

## ପ୍ରଶ୍ନାବଳୀ

### ୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।

(କ) ଦକ୍ଷିଣ ଭାରତରେ ନିର୍ମିତ ପଲ୍ଲବ, ଚୋଳ ଓ ପାଣ୍ଡ୍ୟମାନଙ୍କର ମୂର୍ତ୍ତିକଳାର ଏକ ବିବରଣୀ ପ୍ରଦାନ କର ।

(ଖ) ସୁଲତାନୀୟ ଓ ମୋଗଲ ଶାସନ ସମୟରେ ସଙ୍ଗୀତ କଳାର କିପରି ବିକାଶ ହୋଇଥିଲା ?

(ଗ) ମୌର୍ଯ୍ୟ ଓ ଗୁପ୍ତଯୁଗରେ ଭାରତୀୟ ସାହିତ୍ୟର ଅଗ୍ରଗତି ସମ୍ପର୍କରେ ଏକ ପ୍ରବନ୍ଧ ଲେଖ ।

(ଘ) ଗଣିତ ବିଜ୍ଞାନରେ ଭାରତୀୟମାନଙ୍କ ଅବଦାନଗୁଡ଼ିକ ବର୍ଣ୍ଣନ କର ।

### ୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।

(କ) ଅଶୋକଙ୍କ ସମୟରେ ଉତ୍ତର ପ୍ରଦେଶ ଓ ଓଡ଼ିଶାରେ ନିର୍ମିତ ଦୁଇଟି ପ୍ରସିଦ୍ଧ ମୂର୍ତ୍ତିକଳା କ'ଣ ?

(ଖ) କଳା ଓ ସ୍ଥାପତ୍ୟରେ ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଅନୁସୃତ ଶୈଳୀ କ'ଣ ଭାବରେ ପରିଚିତ ଲେଖ ?

(ଗ) କେଉଁ ସ୍ଥାନଗୁଡ଼ିକର ଚିତ୍ରକଳା ଗୁପ୍ତଯୁଗର କଳା ନୈପୁଣ୍ୟ ଦର୍ଶାଏ ?

(ଘ) କେଉଁ ଦୁଇଟି ଆବିଷ୍କାର ସିନ୍ଧୁ ସଭ୍ୟତାର ନୃତ୍ୟକଳାର ସୂଚନା ଦିଏ ?

(ଙ) ଭାରତର ଦୁଇଟି ମୁଖ୍ୟ ଶାସ୍ତ୍ରୀୟ ସଙ୍ଗୀତର ନାମ କ'ଣ ଓ ସେଗୁଡ଼ିକ ଯଥାକ୍ରମେ କେଉଁ ଅଞ୍ଚଳରୁ ସୃଷ୍ଟି ହୋଇଛି ?

(ଚ) ଆସାମ, କେରଳ, ଓଡ଼ିଶା ଓ ପଞ୍ଜାବର ସାମରିକ ନୃତ୍ୟଗୁଡ଼ିକର ନାମ କ୍ରମାନ୍ୱୟରେ ଲେଖ ।

(ଛ) ଅଶୋକଙ୍କ ସମୟର ସ୍ଥାପତ୍ୟକୁ କେଉଁ ଚାରିଟି ଭାଗରେ ବିଭକ୍ତ କରାଯାଏ ?

(ଜ) ଗୁପ୍ତଯୁଗର ସ୍ଥାପତ୍ୟ ବହନ କରୁଥିବା ଚାରିଟି ପ୍ରଧାନ ମନ୍ଦିରଗୁଡ଼ିକର ଅବସ୍ଥିତି ଉଲ୍ଲେଖ କର ।

(ଝ) ବରାହମିହିରଙ୍କ ରଚିତ ଦୁଇଟି ପୁସ୍ତକର ନାମ କ'ଣ ?

(ଞ) ପ୍ରାଚୀନ ଯୁଗରେ ଚରକ ଓ ଶୁଶ୍ରୁତ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କେଉଁ କେଉଁ ବିଷୟରେ ସୂଚନା ଦେଇଥିଲେ ?

### ୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।

(କ) ତାଞ୍ଜାଭୁରଠାରେ ବୃହଦୀଶ୍ୱର ମନ୍ଦିର କେଉଁ ସମ୍ରାଟ ନିର୍ମାଣ କରିଥିଲେ ?

(ଖ) ଏଲୋରାର କେଉଁ ମନ୍ଦିର ରାଷ୍ଟ୍ରକୂଟ ସମୟର ବିସ୍ମୟକର କଳାର ନିଦର୍ଶନ ?

(ଗ) କେଉଁ ଦୁଇଜଣ ପାରସିକ ଚିତ୍ରଶିଳ୍ପୀଙ୍କ ସହାୟତାରେ ହୁମାୟୁନ୍ ଭାରତରେ ଚିତ୍ରକଳାର ବିକାଶ ଘଟାଇଥିଲେ ?

(ଘ) ପଞ୍ଜାବ-ହିମାଳୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ରାଜପୁତ୍ ଚିତ୍ରକଳା ଶୈଳୀର ଉପଶାଖା କେଉଁ ନାମରେ ପରିଚିତ ?

(ଙ) "ଲାଓ୍ୱଣୀ" କେଉଁ ରାଜ୍ୟର ଲୋକ ନୃତ୍ୟ ?

(ଚ) ସମଗ୍ର ଏସିଆରେ ପ୍ରସିଦ୍ଧି ଲାଭ କରିଥିବା କନିଷ୍କଙ୍କ ଦ୍ୱାରା ନିର୍ମିତ ଉଚ୍ଚ ଗମ୍ବୁଜ କେଉଁଠାରେ ଅବସ୍ଥିତ ?

(ଛ) କେଉଁ ଶାସକ କୁତବ୍‌ମିନାରର ନିର୍ମାଣ କାର୍ଯ୍ୟ ସମାପ୍ତ କରିଥିଲେ ?

(ଜ) ଦିଲ୍ଲୀର ଲାଲ୍‌କିଲ୍ଲା କିଏ ନିର୍ମାଣ କରିଥିଲେ ?

(ଝ) କାବୁଲ୍ ବାଗ୍ ବା କାବୁଲ୍ ଉଦ୍ୟାନ କେଉଁଠାରେ ଅବସ୍ଥିତ ?

(ଞ) ଶିଖ୍‌ମାନଙ୍କ ସ୍ୱର୍ଣ୍ଣ ମନ୍ଦିର କେଉଁଠାରେ ଅବସ୍ଥିତ ?

**୪ ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) ଗୁପ୍ତ ଯୁଗରେ କେଉଁ କଳା ଲୋପ ପାଇ ସମ୍ପୂର୍ଣ୍ଣ ଭାରତୀୟ ଶୈଳୀରେ ମୂର୍ତ୍ତିକଳା ନିର୍ମିତ ହୋଇଥିଲା ?

(i) ମୌର୍ଯ୍ୟ କଳା (ii) ମଥୁରା କଳା (iii) ଗାନ୍ଧାର କଳା (iv) ଦ୍ରାବିଡ଼ ଶୈଳୀ

(ଖ) ରାଜପୁତମାନଙ୍କ ସମୟରେ ରାଜସ୍ଥାନର କେଉଁ ସ୍ଥାନରେ ଏକ-ଲିଙ୍ଗ ମନ୍ଦିର ନିର୍ମିତ ହୋଇଥିଲା ?

(i) ଓସିଆ (ii) ଚିତୋରଗଡ଼ (iii) ମାଉଣ୍ଟ ଆବୁ (iv) ଉଦୟପୁର

(ଗ) କେଉଁ ରାଜ୍ୟରୁ "କଥାକଳି" ଶାସ୍ତ୍ରୀୟ ନୃତ୍ୟ ସୃଷ୍ଟି ହୋଇଛି ?

(i) କେରଳ (ii) ତାମିଲନାଡୁ (iii) ଆନ୍ଧ୍ରପ୍ରଦେଶ (iv) ଉତ୍ତରପ୍ରଦେଶ

(ଘ) କାଶ୍ମୀର ମନ୍ଦିର ସ୍ଥାପତ୍ୟ ଶୈଳୀରେ କେଉଁଠାରେ ଏକ ସୂର୍ଯ୍ୟ ମନ୍ଦିର ନିର୍ମିତ ହୋଇଥିଲା ?

(i) ଗ୍ୱାଲିୟର (ii) ମର୍ତ୍ତଣ୍ଡ (iii) କୋଣାର୍କ (iv) ଅବନ୍ତୀପୁର

(ଙ) ଦକ୍ଷିଣରେ ଭିଥଲ ମନ୍ଦିର କାହାଦ୍ୱାରା ନିର୍ମିତ ହୋଇଥିଲା ?

(i) ରାଜରାଜ ଚୋଳ (ii) ଖାରବେଳ (iii) କୃଷ୍ଣଦେବ ରାୟ (iv) ରାଣାକୁମ୍ଭ

(ଚ) ଜାହାଙ୍ଗୀରଙ୍କଦ୍ୱାରା କେଉଁଠାରେ ଆକବର ମକବରା ନିର୍ମାଣ କରାଯାଇଥିଲା ?

(i) ଫତେବାଦ (ii) ଫତେପୁର ସିକ୍ରି (iii) ସିକନ୍ଦରା (iv) ସାହାଦାରା

(ଛ) ଦିଲ୍ଲୀର ପୁରାଣା କିଲ୍ଲା କେଉଁ ସମ୍ରାଟଙ୍କ ସମୟର କୀର୍ତ୍ତି ?

(i) ବାବର (ii) ଶେରଶାହ (iii) ଆଲ୍ଲାଉଦ୍ଦିନ ଖିଲ୍‌ଜୀ (iv) ଶାହାଜାହାନ୍

(ଜ) କେଉଁ ରାଜ୍ୟ "ଜମ୍‌ଦାନୀ" ଶାଢ଼ୀ ପାଇଁ ପ୍ରସିଦ୍ଧ ?

(i) ଆସାମ୍ (ii) ରାଜସ୍ଥାନ (iii) ତ୍ରିପୁରା (iv) ପଶ୍ଚିମ ବଙ୍ଗ

(ଝ) "ଆଇନ୍-ଇ-ଆକ୍‌ବରୀ"ର ରଚୟିତା କିଏ ?

(i) ଅମୀର ଖୁସ୍‌ରୋ (ii) ଜିଆଉଦ୍ଦିନ୍ ବରାନୀ (iii) ଆବୁଲ ଫାଜଲ (iv) ଆକବର

(ଞ) ଗୁପ୍ତଯୁଗର କେଉଁ ବୈଜ୍ଞାନିକ ବିଶୋଧନ କରିବା ପଦ୍ଧତି ଆବିଷ୍କାର କରିଥିଲେ ?

(i) ଭଗବତ (ii) ପାଳକପ୍ୟ (iii) ବରାହ ମିହିର (iv) ନାଗାର୍ଜୁନ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ଚତୁର୍ଥ ପାଠ
# ଓଡ଼ିଶାର ଐତିହ୍ୟ
# (Heritage of Odisha )

### ଐତିହ୍ୟ କ'ଣ ?

ଗୋଟିଏ ଜାତିର ଗୌରବୋଜ୍ଜ୍ୱଳ ଅତୀତର କୀର୍ତ୍ତିରାଜି ସମ୍ବଳିତ ସଂସ୍କୃତି, ସାହିତ୍ୟ, ଧର୍ମ, କଳା, ସ୍ଥାପତ୍ୟ, ପରମ୍ପରା ଓ ଜୀବନ ଶୈଳୀର ଆଲେଖ୍ୟ ଉତ୍ତର ପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲେ, ସେଗୁଡ଼ିକୁ ସେ ଜାତିର ଐତିହ୍ୟ କୁହାଯାଏ ।

ପ୍ରାଚୀନ ଓ ମଧ୍ୟଯୁଗର ଓଡ଼ିଶା ଉତ୍କଳ, କଳିଙ୍ଗ, କଙ୍ଗୋଦ, କୋଶଳ, ଉଡ୍ର ଆଦି ନାମରେ ପରିଚିତ ଥିଲା । ପୁରାତନ କାଳରୁ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରି ଆସିଛି । ଭାରତର ଐତିହ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ଓଡ଼ିଶାର ନିଜର ବହୁ ମୂଲ୍ୟବାନ ଐତିହ୍ୟ ରହିଛି ।

**ତୁମେ ଜାଣିଛ କି ?**

*ପ୍ରତିବର୍ଷ ଏପ୍ରିଲ୍‌ମାସ ୧୮ ତାରିଖ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳିତ ହୁଏ ।*

### ୧. ଜଗନ୍ନାଥ ଚେତନା :

ଓଡ଼ିଶାରଐତିହ୍ୟରେ ଜଗନ୍ନାଥ ଚେତନାର ମାହାତ୍ମ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁଗଯୁଗ ଧରି ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ କ୍ଷେତ୍ରରେ ଜଗନ୍ନାଥ ଚେତନାର ପ୍ରଭାବ ଅନୁଭୂତ ହୁଏ । ଓଡ଼ିଶାରେ ଶ୍ରୀ ଜଗନ୍ନାଥଙ୍କୁ ସ୍ନେହ, ପ୍ରେମ, ଭ୍ରାତୃଭାବର ପ୍ରତୀକରୂପେ ତଥା ଜୀବନର ଦିଗ୍‌ଦର୍ଶକଭାବେ ଓ ଜଗତର ନାଥ ବା ସମଗ୍ର ବିଶ୍ୱର ପ୍ରଭୁ ଭାବରେ ସମ୍ମାନିତ କରାଯାଏ । ସେ କେବଳ ଓଡ଼ିଶାର ଧର୍ମୀୟ ଦେବତାଭାବେ ପୂଜିତ ହୁଅନ୍ତି ନାହିଁ; ବରଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ସମାଜର ସଂଯୋଜକ, କଲ୍ୟାଣକାରୀ ଓ ରକ୍ଷାକର୍ତ୍ତା ଭାବେ ବିବେଚିତ ହୋଇଥାଆନ୍ତି । ମୁସଲମାନ ଭକ୍ତ ସାଲବେଗଙ୍କ ଜଗନ୍ନାଥ ଜଣାଣ ଓଡ଼ିଶାର ଘରେ ଘରେ ପରିଚିତ ଓ ସମସ୍ତଙ୍କ ଦ୍ୱାରା ଅତି ଭକ୍ତିର ସହିତ ଗାନ କରାଯାଏ ।

**ତୁମେ ଜାଣିଛ କି ?**

*ସାଲବେଗ୍‌ଙ୍କ ପିତା ମୁସଲମାନ ଓ ମାତା ହିନ୍ଦୁ ଥିଲେ । ତାଙ୍କର ମୃତ୍ୟୁପରେ ଉଭୟ ମୁସଲମାନ ଓ ହିନ୍ଦୁ ତାଙ୍କ ମର ଶରୀରକୁ ଦାବି କରିଥିଲେ । ଶେଷରେ ଏକ ଆପୋଷ ନିଷ୍ପତ୍ତି ଅନୁଯାୟୀ ପ୍ରତିବର୍ଷ ରଥଯାତ୍ରା ସମୟରେ ତାଙ୍କର ଅମର ଆତ୍ମା ଜଗନ୍ନାଥଙ୍କ ଦର୍ଶନ କରିପାରିବା ଭଳି ପୁରୀ ବଡ଼ଦାଣ୍ଡ ରଥଯାତ୍ରା ପଥ ପାର୍ଶ୍ୱରେ ଏକ ସ୍ଥାନରେ ତାଙ୍କ ମର ଶରୀରକୁ କବର ଦିଆଯାଇଥିଲା ।*

ପୁରୀର ବିଶାଳ ଜଗନ୍ନାଥ ମନ୍ଦିର ଏବଂ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ରଥଯାତ୍ରା ବିଶ୍ୱପ୍ରସିଦ୍ଧ । ଏହି ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କରିବାପାଇଁ ପୃଥିବୀର କୋଣ ଅନୁକୋଣରୁ ବିଭିନ୍ନ ଜାତି ଓ ଧର୍ମର ବହୁ ସଂଖ୍ୟକ ଲୋକ ପୁରୀ ଆସିଥାନ୍ତି । ଅନେକ ବିଦେଶୀ ଭକ୍ତ ଯଥା ଇସକନ୍ ସମ୍ପ୍ରଦାୟ ଜଗନ୍ନାଥ ଧର୍ମ ଓ ଚେତନାଦ୍ୱାରା ପ୍ରଭାବିତ ହୋଇଛନ୍ତି । ଭାରତରେ ବିଭିନ୍ନ ରାଜ୍ୟ ବ୍ୟତୀତ ଭାରତ ବାହାରେ କେତେକ ଦେଶରେ ଜଗନ୍ନାଥ ମନ୍ଦିରମାନ ପ୍ରତିଷ୍ଠା କରାଯାଇଛି ଓ ପ୍ରତିବର୍ଷ ରଥଯାତ୍ରା ଅନୁଷ୍ଠିତ ହେଉଛି । ଜଗନ୍ନାଥ ଧର୍ମର ଉତ୍ପତ୍ତି ସମ୍ବନ୍ଧରେ ଭିନ୍ନଭିନ୍ନ ମତ ରହିଛି । ଏହା ଆଦିବାସୀ ସଂସ୍କୃତିରୁ ଉତ୍ପନ୍ନ ହୋଇଛି ବୋଲି ବିଶ୍ୱାସ କରାଯିବା ସଙ୍ଗେ ସଙ୍ଗେ କେତେକ ଏହା ଜୈନଧର୍ମ, ବୌଦ୍ଧଧର୍ମ, ଶୈବ, ଶାକ୍ତ, ବୈଷ୍ଣବ ମତବାଦରୁ ଉତ୍ପତ୍ତି ହୋଇଛି ବୋଲି ମତ ପ୍ରଦାନ କରିଛନ୍ତି । ମତରେ ଭିନ୍ନତା

ଥିଲେ ସୁଦ୍ଧା ଓଡ଼ିଶାର ଜଗନ୍ନାଥ ଧର୍ମ ଓ ଚେତନା ଯେ ବହୁ ପୁରାତନ ଏବଂ ଏକତା ଓ ସଂହତିର ପ୍ରତୀକ, ଏ କଥା ଅସ୍ୱୀକାର କରିହେବ ନାହିଁ ।

**ତୁମ ପାଇଁ କାମ :**

***ଜଗନ୍ନାଥ ଚେତନା କିପରି ଜାତୀୟ ସଂହତି ପ୍ରତିଷ୍ଠାରେ ସହାୟକ ହୋଇଛି ଓ କିପରି ଆହୁରି ଅଧିକ ସହାୟକ ହୋଇପାରିବ ସେ ସମ୍ବନ୍ଧରେ ତୁମ ମତାମତ ଏକ ବିବରଣୀ ଆକାରରେ ଉପସ୍ଥାପନ କର ।***

## ୨. ଭାଷା ଓ ସାହିତ୍ୟ :

ଭାରତୀୟ ଉପ ମହାଦେଶରେ ପ୍ରଥମେ ବିକାଶ ଲାଭ କରିଥିବା ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଅନ୍ୟତମ । ଅର୍ଦ୍ଧ-ମାଗଧୀ ଓ ସୌରସେନୀ ଅଞ୍ଚଳରୁ ଓଡ଼ିଶାରେ ବସତି ସ୍ଥାପନ କରିବାପାଇଁ ଆସିଥିବା ଆର୍ଯ୍ୟ ଭାଷାଭାଷୀ ଲୋକମାନଙ୍କର ଇଣ୍ଡୋ-ଆରିଆନ୍ ବା ପ୍ରାକୃତ ଭାଷାଦ୍ୱାରା ପ୍ରଭାବିତ ହୋଇ ଏହି ଭାଷା ମାଗଧୀ–ପ୍ରାକୃତ ଭାଷାରୁ ଉତ୍ପତ୍ତି ହୋଇଥିଲା ଏବଂ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରେ ଏକ ଆଧୁନିକ ଇଣ୍ଡୋ-ଆରିଆନ୍ ଭାଷା ରୂପେ ଓଡ଼ିଆ ଭାଷା ପ୍ରଚଳିତ ହେଲା ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଭୁବନେଶ୍ୱର ଉଦୟଗିରିରେ ପାଲି–ପ୍ରାକୃତ ଭାଷାରେ ଲିଖିତ ହାତୀଗୁମ୍ଫା ଶିଳାଲେଖକୁ ଓଡ଼ିଶାର ପ୍ରଥମ ସ୍ୱଦେଶୀ ସାହିତ୍ୟଭାବେ ଗ୍ରହଣ କରାଯାଇପାରେ । ଏହି ଶିଳାଲେଖର ଆଧୁନିକ ଓଡ଼ିଆ ଭାଷା ସହିତ ଅନେକ ପରିମାଣରେ ସାମଞ୍ଜସ୍ୟ ରହିଥିବାର ଜଣାଯାଏ ।

**ତୁମେ ଜାଣିଛ କି ?**

***ଭୁବନେଶ୍ୱର ଉଦୟଗିରିରେ ଥିବା ହାତୀଗୁମ୍ଫା ଏକ ବିରାଟକାୟ ପ୍ରାକୃତିକ ଗୁମ୍ଫା । ସମ୍ମୁଖରୁ ଦେଖିଲେ ଏହା ଏକ ହାତୀ ଭଳି ଦେଖା ଯାଉଥିବାରୁ ଏହାକୁ ହାତୀଗୁମ୍ଫା କୁହାଯାଏ । ଏହି ଗୁମ୍ଫାର ଶିଳାଲେଖ ସମଗ୍ର ଭାରତରେ ସମ୍ରାଟ ଖାରବେଳଙ୍କ ରାଜତ୍ୱ ସମୟର ଏକମାତ୍ର ତଥ୍ୟ ପ୍ରଦାନକାରୀ ଉତ୍ସ ।***



**(ହାତୀଗୁମ୍ଫା ଶିଳାଲିପି, ଉଦୟଗିରି, ଭୁବନେଶ୍ୱର)**

ଖ୍ରୀଷ୍ଟୀୟ ସପ୍ତମରୁ ନବମ ଶତାବ୍ଦୀ ମଧ୍ୟରେ ରଚିତ ବୌଦ୍ଧ ଚର୍ଯ୍ୟାପଦ ଓ ଦୋହା ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ନମୁନାଭାବେ ପରିଗଣିତ ହୁଏ । ଖ୍ରୀଷ୍ଟୀୟ ତ୍ରୟୋଦଶ-ଚତୁର୍ଦ୍ଦଶ ଶତାବ୍ଦୀରେ ଚଉତିଶା କବିତା ରଚନା କରାଗଲା । ବତ୍ସାଦାସଙ୍କ 'କଳସା ଚଉତିଶା' ଖାଣ୍ଟି ଓଡ଼ିଆ ଶୈଳୀରେ ରଚିତ ଗୀତି କବିତାର ଏକ ଉଲ୍ଲେଖଯୋଗ୍ୟ ନମୁନା ।

**ତୁମେ ଜାଣିଛ କି ?**

***'ଚଉତିଶା' ଚଉତିରିଶ ପଦବିଶିଷ୍ଟ କବିତା । ଏହାର ପ୍ରତ୍ୟେକ ପଦ କ୍ରମାନ୍ୱୟରେ ଓଡ଼ିଆ ବର୍ଣ୍ଣମାଳାର ପ୍ରତ୍ୟେକ ବ୍ୟଞ୍ଜନବର୍ଣ୍ଣରେ ଆରମ୍ଭ ହୋଇଥାଏ ।***

ଅବଧୂତ ନାରାୟଣ ସ୍ୱାମୀଙ୍କ ରଚିତ 'ରୁଦ୍ର ସୁଧାନିଧି' ଓଡ଼ିଆ ସାହିତ୍ୟର କାବ୍ୟ ଛନ୍ଦରେ ଲିଖିତ ଗଦ୍ୟ ସାହିତ୍ୟର ସର୍ବୋତ୍କୃଷ୍ଟ ଉଦାହରଣ । ଏହା ସେ ସମୟରେ ସମଗ୍ର ଭାରତରେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଗଦ୍ୟ ସାହିତ୍ୟ ଥିଲା । ଚତୁର୍ଦ୍ଦଶ-ପଞ୍ଚଦଶ ଶତାବ୍ଦୀରେ ସାରଳା ଦାସଙ୍କ ଦ୍ୱାରା ରଚିତ ମହାଭାରତ ଓଡ଼ିଶା ପୌରାଣିକ କାବ୍ୟଜଗତର ଏକ ଅମୂଲ୍ୟ କୃତି । 'ବିଲଙ୍କା ରାମାୟଣ' ତାଙ୍କର ଅନ୍ୟ ଏକ ବିଶିଷ୍ଟ ସାହିତ୍ୟ କୃତି । ତାଙ୍କଦ୍ୱାରା ରଚିତ ଦେବୀ ଦୁର୍ଗାଙ୍କ ସ୍ତୁତି, 'ଚଣ୍ଡୀପୁରାଣ', ଓଡ଼ିଆରେ ଏଭଳି ରଚନାରେ ପ୍ରଥମ । ମାର୍କଣ୍ଡଦାସଙ୍କ 'କେଶବ-କୋଇଲି', ଚତୁର୍ଦ୍ଦଶ ଶତାବ୍ଦୀର ଏକ ପ୍ରଖ୍ୟାତ ସାଙ୍ଗୀତିକ ଗାଥା କବିତା । ଚଉତିଶା ଓ କୋଇଲି ଶୈଳୀରେ ଚଉତିରିଶ ପଦରେ ରଚିତ ଏହି କବିତା

ଏବେ ମଧ୍ୟ ଓଡ଼ିଶାରେ ଅତ୍ୟନ୍ତ ଜନପ୍ରିୟ । ଅର୍ଜୁନ ଦାସଙ୍କ ପ୍ରାସଙ୍ଗିକ କବିତା 'ରାମ-ବିଭା', ଓଡ଼ିଆ ସାହିତ୍ୟରେ କାବ୍ୟ ରଚ଼ନାର ଆରମ୍ଭ । ଦୁଇ ଶତାବ୍ଦୀପରେ ଓଡ଼ିଶାରେ ବହୁସଂଖ୍ୟାରେ କାବ୍ୟ ରଚିତ ହେଲା ଏବଂ ଓଡ଼ିଆ ସାହିତ୍ୟରେ କାବ୍ୟଯୁଗର ସୃଷ୍ଟି ହେଲା ।


ମଧ୍ୟଯୁଗର ଷୋଡ଼ଶ ଶତାବ୍ଦୀ ଆରମ୍ଭରେ ପଞ୍ଚସଖା ଭାବରେ ପରିଚିତ ପାଞ୍ଚଜଣ ବିଶିଷ୍ଟ କବି ଅଦ୍ୟାବଧି ଆଦୃତ ହେଉଥିବା ବହୁ ସଂଖ୍ୟାରେ ଧର୍ମ ସାହିତ୍ୟମାନ ଛାଡ଼ି ଯାଇଛନ୍ତି । ଏହି କବିମାନେ ହେଲେ ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ, ଯଶୋବନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସ । ବଳରାମ ଦାସଙ୍କ 'ଓଡ଼ିଆ ରାମାୟଣ'




(ସାରଳାଦାସ)

ଓ ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଓଡ଼ିଶାରେ ସର୍ବାଧିକ ଆଦୃତ ଓ ସମ୍ମାନିତ । ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରେ କାବ୍ୟଯୁଗ ଆରମ୍ଭ ହେଲା ଏବଂ ପାରମ୍ପରିକ ଧର୍ମୀୟ ଓ ଭକ୍ତିମୂଳକ ରଚନା ସ୍ଥାନରେ ଆଳଙ୍କାରିକ କବିତା ରଚିତ ହେଲା । ଏହି ଆଳଙ୍କାରିକ କବିତା ଉପରେ ଓଡ଼ିଶାର ପ୍ରଖ୍ୟାତ ସଂସ୍କୃତ କବି ଜୟଦେବଙ୍କ 'ଗୀତ ଗୋବିନ୍ଦ'ର ଅନେକ ପ୍ରଭାବ ପଡ଼ିଥିଲା ।

ଏହି ସମୟର ତିନିଜଣ ଉଲ୍ଲେଖନୀୟ କାବ୍ୟିକ ପ୍ରତିଭା ହେଲେ ଦୀନକୃଷ୍ଣ ଦାସ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ସାମନ୍ତସିଂହାର । କାବ୍ୟଯୁଗରେ ସର୍ବାଧିକ ଜନପ୍ରିୟତା ଲାଭ କରିଥିବା ଦୀନକୃଷ୍ଣ ଦାସଙ୍କ କୃତି ଥିଲା 'ରସକଲ୍ଲୋଳ'। ଏହି ସମୟରେ କବିତା ଶୈଳୀକୁ ଶୀର୍ଷରେ ପହଞ୍ଚାଇଥିଲେ ଉପେନ୍ଦ୍ର ଭଞ୍ଜ । ତାଙ୍କର ସର୍ବୋତ୍କୃଷ୍ଟ କୃତି ହେଉଛି 'ଲାବଣ୍ୟବତୀ', 'ବୈଦେହୀଶ ବିଳାସ' ଓ 'କୋଟିବ୍ରହ୍ମାଣ୍ଡସୁନ୍ଦରୀ'। ଓଡ଼ିଆ ବୈଷ୍ଣବ କବିତାକୁ ଆଳଙ୍କାରିକତା ପ୍ରଦାନ କରିଥିବା କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ସର୍ବୋତ୍ତମ ରଚ଼ନା ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି ତିନିକବିଙ୍କ କାବ୍ୟିକ ପରମ୍ପରାର ଅବଲମ୍ବନରେ ଭକ୍ତ ଚରଣ ଦାସଙ୍କ ଲିଖିତ 'ମନବୋଧ ଚ଼ଉତିଶା' ଓ 'ମଥୁରାମଙ୍ଗଳ' ଏବଂ ବଳଦେବ ରଥଙ୍କ 'କିଶୋର ଚନ୍ଦ୍ରାନନ୍ଦ' ଚମ୍ପୂ ପ୍ରସିଦ୍ଧି ଲାଭ କରିଛି । ମଧ୍ୟଯୁଗର ଶେଷଭାଗରେ ରଚିତ ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି' ପୁସ୍ତକର ଭଜନଗୁଡ଼ିକ ଆଜିପର୍ଯ୍ୟନ୍ତ ଓଡ଼ିଶାରେ ଆଦୃତ ଏବଂ ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା' ଏକ ଜନପ୍ରିୟ ଗ୍ରନ୍ଥ । ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଅନ୍ୟ ଏକ ବିଶିଷ୍ଟ କୃତି ହେଉଛି ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ' । ଏହା ଶୌର୍ଯ୍ୟ ଓ ବୀରତ୍ୱର କବିତା ଭାବେ ଭାରତୀୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।




(ଜୟଦେବ)




(ଉପେନ୍ଦ୍ରଭଞ୍ଜ)

ଆଧୁନିକ ଓଡ଼ିଆ ସାହିତ୍ୟର ଅଗ୍ରଣୀ ଥିଲେ ତ୍ରିରଥୀ ଫକୀର ମୋହନ ସେନାପତି, ରାଧାନାଥ ରାୟ ଓ ମଧୁସୂଦନ ରାଓ । ଏହି ତିନିଜଣ ଯଥାକ୍ରମେ ସାଧାରଣ ମଣିଷ, ପ୍ରକୃତି ଓ ଈଶ୍ୱରଙ୍କୁ ସେମାନଙ୍କ ସାହିତ୍ୟର ବିଷୟବସ୍ତୁରେ ପ୍ରାଧାନ୍ୟ ଦେଇଥିଲେ । ଫକୀର ମୋହନଙ୍କ ପ୍ରମୁଖ କୃତି ହେଉଛି 'ଛ' ମାଣ ଆଠଗୁଣ୍ଠ', 'ମାମୁ, 'ପ୍ରାୟଶ୍ଚିତ୍ତ' ଓ 'ଲଛମା' । ପ୍ରକୃତିର ସୌନ୍ଦର୍ଯ୍ୟକୁ ସାଧାରଣ ଲୋକଙ୍କ ଚକ୍ଷୁ ସାମନାକୁ ଆଣିବାରେ ଓଡ଼ିଆ ସାହିତ୍ୟର ପ୍ରଥମ କବି ରାଧାନାଥ ରାୟଙ୍କ ସର୍ବଶ୍ରେଷ୍ଠ କୀର୍ତ୍ତି ହେଉଛି 'ଚିଲିକା' କାବ୍ୟ । ମଧୁସୂଦନ ରାଓ ସେକ୍ସପିଅର ଓ ମିଲଟନ୍‌ଙ୍କ ଶୈଳୀର ଅନୁକରଣରେ ସନେଟ୍ ଲେଖିଥିଲେ । ତାଙ୍କଦ୍ୱାରା ରଚିତ 'ବସନ୍ତ ଗାଥା' ଏକ ସନେଟ୍ ଓ 'କୁସୁମାଞ୍ଜଳି' ଭକ୍ତିଗୀତର ଏକ ସମାରୋହ । ଏହି ତିନିଜଣଙ୍କ ବ୍ୟତୀତ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିବା ଅନ୍ୟ ଜଣେ ଯଶସ୍ୱୀ କବି ହେଲେ ସନେଟ୍ ଓ ଗୀତି କବିତା ମାଧ୍ୟମରେ ପ୍ରାକୃତିକ ଦୃଶ୍ୟ ଓ ମନୁଷ୍ୟର ଭାବାବେଗକୁ ବର୍ଣ୍ଣନ କରିଥିବା ଗଙ୍ଗାଧର ମେହର । ତାଙ୍କର ସର୍ବୋତ୍କୃଷ୍ଟ କୃତି 'ପ୍ରଣୟ ବଲ୍ଲରୀ', 'ତପସ୍ୱିନୀ' ଓ 'କୀଚକବଧ' ପ୍ରଭୃତି ।

ସେହିପରି ଅନ୍ୟଜଣେ ସାହିତ୍ୟ ସ୍ରଷ୍ଟା ନନ୍ଦକିଶୋର ବଳ ଗ୍ରାମ୍ୟ ଜୀବନ ଭିତ୍ତିକ ପଲ୍ଲୀଚିତ୍ର ଓ 'ନିର୍ଝରିଣୀ' କବିତା ଓ 'କନକଲତା' ଉପନ୍ୟାସ ଏବଂ ପିଲାଙ୍କ କବିତା 'ନାନାବାୟାଗୀତ' ଆଦି ରଚନା କରି ଓଡ଼ିଆ ସାହିତ୍ୟରେ ନୂତନତା ଆଣିଛନ୍ତି ।



(ଫକୀରମୋହନ ସେନାପତି)



(ଗଙ୍ଗାଧର ମେହେର)

**ତୁମ ପାଇଁ କାମ:**

*ଓଡ଼ିଆ ସାହିତ୍ୟର ପ୍ରାରମ୍ଭରୁ ଆଧୁନିକ ସାହିତ୍ୟ ଆରମ୍ଭ ପର୍ଯ୍ୟନ୍ତ କୋଡ଼ିଏ ଜଣ ପ୍ରସିଦ୍ଧ ଲେଖକଙ୍କ ଜନ୍ମସ୍ଥାନ, ଜୀବନକାଳ ଓ ଉପାଧି ଉଲ୍ଲେଖ କର ।*

## ୩. ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଚିତ୍ରକଳା :

ମୌର୍ଯ୍ୟଯୁଗରୁ ଆରମ୍ଭ କରି ସୂର୍ଯ୍ୟବଂଶୀ ଗଜପତିଙ୍କ ଶାସନକାଳ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମିତ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିଗୁଡ଼ିକର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ଚିତ୍ରକଳା ଓଡ଼ିଶାର ଐତିହ୍ୟ ବହନ କରେ । ଭୁବନେଶ୍ୱର ନିକଟସ୍ଥ ଦୟାନଦୀ କୂଳରେ ଧଉଳି ପାହାଡ଼ ଉପରେ ଖୋଦିତ ସମ୍ରାଟ୍ ଅଶୋକଙ୍କ ଶିଳାଲେଖ ଓ ତାହାର ଉପରିଭାଗରେ ଖଣ୍ଡିଏ ପଥରରେ ଗଢ଼ା ହୋଇଥିବା ପ୍ରତିମୂର୍ତ୍ତି ଓଡ଼ିଶାର ସର୍ବପ୍ରଥମ ଭାସ୍କର୍ଯ୍ୟଭାବେ ପରିଗଣିତ ।

**ତୁମେ ଜାଣିଛ କି ?**

***ଧଉଳିରେ ଅବସ୍ଥିତ ମଗଧ ସମ୍ରାଟ ଅଶୋକଙ୍କ ତ୍ରୟୋଦଶ ଶିଳାଲେଖ ଖ୍ରୀଷ୍ଟପୂର୍ବ ୨୬୧ ରେ ସଂଘଟିତ ହୋଇଥିବା କଳିଙ୍ଗ ଯୁଦ୍ଧ ସମ୍ପର୍କରେ ତଥ୍ୟ ପ୍ରଦାନ କରେ ।***

## ବୌଦ୍ଧ କୀର୍ତ୍ତି :

ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ପ୍ରତ୍ନତାତ୍ତ୍ୱିକ ଖନନରୁ ଅନେକ ସଂଖ୍ୟାରେ ବୌଦ୍ଧ ସ୍ତୂପ, ଚୈତ୍ୟଗୃହ, ମଠ ଓ ବୌଦ୍ଧ ମୂର୍ତ୍ତିକଳା ଆବିଷ୍କୃତ ହୋଇ ପୁରାତନ ଓଡ଼ିଶାର



**(ଧଉଳିର ଅଶୋକଙ୍କ ଶିଳାଲିପି, ଭୁବନେଶ୍ୱର)**

ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ପ୍ରମାଣ ଦେଇଛି । କଟକ ଜିଲ୍ଲାର ବାଣେଶ୍ୱରନାସି ଓ ଚୌଦ୍ୱାର, ଯାଜପୁର ଜିଲ୍ଲାର ଯାଜପୁର, ପୁରୀ ଜିଲ୍ଲାର କୁରୁମ, ଖୋର୍ଦ୍ଧା ଜିଲ୍ଲାର ଅଚ୍ୟୁତରାଜପୁର, ମୟୂରଭଞ୍ଜ ଜିଲ୍ଲାର ଖିଚିଙ୍ଗ, ବାଲେଶ୍ୱର ଜିଲ୍ଲାର ଅଯୋଧ୍ୟା, ଭଦ୍ରଖ ଜିଲ୍ଲାର ଖଡ଼ିପଦା ଓ ସୋଲାମ୍ପୁର, ବରଗଡ଼ ଜିଲ୍ଲାର ଗଣିଆପାଲୀ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ବୁଢ଼ାଖୋଲ ପାହାଡ଼ ପ୍ରଭୃତି ସ୍ଥାନଗୁଡ଼ିକରୁ ଆବିଷ୍କୃତ ଅନେକ ବୌଦ୍ଧ କୀର୍ତ୍ତିର ଧ୍ୱଂସାବଶେଷ ପ୍ରାଚୀନ ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ପରିଚୟ ଦିଏ ।

## ଜୈନ କୀର୍ତ୍ତି :

ଓଡ଼ିଶାର ବିଭିନ୍ନ ସ୍ଥାନରେ ଜୈନ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଦେଖିବାକୁ ମିଳେ । ସେଥିମଧ୍ୟରୁ ଭୁବନେଶ୍ୱର ନିକଟସ୍ଥ ଉଦୟଗିରି ଓ ଖଣ୍ଡଗିରିଠାରେ ଚମତ୍କାର ଭାସ୍କର୍ଯ୍ୟ ଦେଖିବାକୁ ମିଳେ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ସମ୍ରାଟ୍ ଖାରବେଳଙ୍କ ସମୟରେ ନିର୍ମିତ କେତେକ ଗୁମ୍ଫା ଦ୍ୱିତଳ ବିଶିଷ୍ଟ ଏବଂ ଗୁମ୍ଫାଗୁଡ଼ିକର ଖୋଦିତ ମୂର୍ତ୍ତିକଳା ଅତ୍ୟନ୍ତ ମନୋରମ । ଉଦୟଗିରିର ରାଣୀଗୁମ୍ଫା ସବୁଠାରୁ ବଡ଼ ଓ ସବୁଠାରୁ ସୁନ୍ଦର ଗୁମ୍ଫା । ଉଦୟଗିରି ନିକଟସ୍ଥ ଖଣ୍ଡଗିରି ପାହାଡ଼ରେ ପନ୍ଦରଟି ଜୈନ ଗୁମ୍ଫା ରହିଛି । ସେହି ଗୁମ୍ଫାଗୁଡ଼ିକରେ ମଧ୍ୟ ସୁନ୍ଦର ଭାସ୍କର୍ଯ୍ୟ ଦେଖାଯାଏ । ଉଦୟଗିରି ଓ ଖଣ୍ଡଗିରି ବ୍ୟତୀତ ପୁରୀ ଜିଲ୍ଲାର କାକଟପୁର ନିକଟରେ ଓ ନିଭାରଣ ଗ୍ରାମରେ; ଖୋର୍ଦ୍ଧା ଜିଲ୍ଲାର ଚଢ଼େଇବର ଓ ଅଚ୍ୟୁତରାଜପୁରଠାରେ; ଯାଜପୁର ଜିଲ୍ଲାର ଯାଜପୁର ଓ ହାଟଡିହିଠାରେ; କଟକ ଜିଲ୍ଲାର ଝାଡ଼େଶ୍ୱରପୁରଠାରେ; କେନ୍ଦୁଝର ଜିଲ୍ଲାର ରାମଚଣ୍ଡୀ ଓ ବଇଦଖିଆ ଗ୍ରାମରେ; ବାଲେଶ୍ୱର ଜିଲ୍ଲାର ଅଯୋଧ୍ୟା, ପୁନ୍ଦଳ, ଭୀମପୁର ଓ ଜଳେଶ୍ୱରଠାରେ; ଭଦ୍ରଖ ଜିଲ୍ଲାର ଭଦ୍ରଖ ଚରମ୍ପାଠାରେ; ମୟୂରଭଞ୍ଜ ଜିଲାର ବାରିପଦାରେ ବଡ଼ସାଇ ଗ୍ରାମରେ, ବେଣୁସାଗର ଓ ବେଗୁନିଆବିନ୍ଧାଠାରେ ଏବଂ କୋରାପୁଟ ଜିଲ୍ଲାର ନନ୍ଦପୁର, ସୁବେଇ, କଚେଲା, ଭିରବସିଂହପୁର, ଚାରମାଳ, ନରିଗାଁ, କୋଟପାଡ଼ ଓ ଜାମୁଣ୍ଡାଠାରେ ବହୁ ସଂଖ୍ୟକ ପ୍ରାଚୀନ ଜୈନକୀର୍ତ୍ତି ଆବିଷ୍କୃତ ହୋଇଛି ।

## ମନ୍ଦିର କଳା :

ମନ୍ଦିରକଳା ଓଡ଼ିଶାର ଏକ ସ୍ୱତନ୍ତ୍ର ଐତିହ୍ୟ ବହନ କରେ । ଖ୍ରୀଷ୍ଟୀୟ ୬୦୦ ରୁ ୧୩୦୦ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ମନ୍ଦିର ନିର୍ମିତ ହୋଇଥିଲା ।

**ତୁମେ ଜାଣିଛ କି ?**

***ଓଡ଼ିଶାର ପ୍ରାଚୀନ ମନ୍ଦିରମାନଙ୍କ ସଂଖ୍ୟାକୁ ଦେଖି ବିଶିଷ୍ଟ ପ୍ରତ୍ନତତ୍ତ୍ୱବିଦ୍ ଓ ଐତିହାସିକ ଜେମ୍ସ୍ ଫରଗୁସନ ମନ୍ତବ୍ୟ ଦେଇଥିଲେ ଯେ କେବଳ ଓଡ଼ିଶାରେ ଥିବା ମନ୍ଦିରମାନଙ୍କ ସଂଖ୍ୟା ହିନ୍ଦୁସ୍ଥାନର ବାକି ସମସ୍ତ ଅଞ୍ଚଳରେ ଥିବା ମନ୍ଦିରମାନଙ୍କ ସମୁଦାୟ ସଂଖ୍ୟାଠାରୁ ଅଧିକ ।***

**(କ) ମନ୍ଦିର ସ୍ଥାପତ୍ୟ :** ମନ୍ଦିର ସ୍ଥାପତ୍ୟ କ୍ଷେତ୍ରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଓଡ଼ିଶାର ମନ୍ଦିର ସ୍ଥାପତ୍ୟ ଶୈଳୀକୁ କଳିଙ୍ଗ ଶୈଳୀ କୁହାଯାଏ । ଭାରତର ଅନ୍ୟ ସ୍ଥାନମାନଙ୍କରେ ନିର୍ମିତ ମନ୍ଦିରଗୁଡ଼ିକର ନାଗର, ବେସର ଓ ଦ୍ରାବିଡ଼ ଶୈଳୀଠାରୁ କଳିଙ୍ଗ ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଗ୍ରହଣ କରାଯାଇଛି । ଷଷ୍ଠ ଶତାବ୍ଦୀର ଶେଷ ଭାଗରେ ବା ସପ୍ତମ ଶତାବ୍ଦୀର ଆରମ୍ଭରେ ନିର୍ମିତ ଓ ଭୁବନେଶ୍ୱରରେ ଭଗ୍ନାବସ୍ଥାରେ ଅବସ୍ଥିତ ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିରଗୁଡ଼ିକ ସବୁଠାରୁ ପୁରାତନ । ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର ଓ ଏହାର ସମସାମୟିକ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର ସପ୍ତମ ଶତାବ୍ଦୀର ମନୋରମ ସ୍ଥାପତ୍ୟ କୀର୍ତ୍ତି, ଭୌମକର ଶାସନ ଯୁଗରେ ନିର୍ମିତ ମନ୍ଦିରଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଶିଶିରେଶ୍ୱର, ବୈତାଳ ଓ ମାର୍କଣ୍ଡେଶ୍ୱର ମନ୍ଦିର ପ୍ରଧାନ । ଏହା ବ୍ୟତୀତ ସୋମବଂଶୀ ରାଜତ୍ୱ କାଳରେ ନିର୍ମିତ ଭୁବନେଶ୍ୱରର ମୁକ୍ତେଶ୍ୱର, ରାଜାରାଣୀ, ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିର ଅନ୍ୟତମ ।




(ଜଗନ୍ନାଥ ମନ୍ଦିର)



(ଲିଙ୍ଗରାଜ ମନ୍ଦିର)

ପରବର୍ତ୍ତୀ ଗଙ୍ଗବଂଶର ରାଜତ୍ୱ ସମୟରେ ନିର୍ମିତ ହୋଇଥିବା ପ୍ରଧାନ ମନ୍ଦିରଗୁଡ଼ିକ ହେଉଛି ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ମେଘେଶ୍ୱର, ଅନନ୍ତ ବାସୁଦେବ, ଭାସ୍କରେଶ୍ୱର ମନ୍ଦିର ଓ ସାରିଦେଉଳ ଏବଂ ସର୍ବୋପରି କୋଣାର୍କର ସୂର୍ଯ୍ୟ ମନ୍ଦିର । ସୂର୍ଯ୍ୟବଂଶୀ ଗଜପତି ଶାସନ ସମୟରେ ଓଡ଼ିଶାରେ ମନ୍ଦିର ନିର୍ମାଣର ଗତି ଧିମେଇ



(କୋଣାର୍କ ମନ୍ଦିର)

ଯାଇଥିଲା । ଏହି ସମୟରେ ନିର୍ମିତ ଏକମାତ୍ର ଉଲେଖଯୋଗ୍ୟ ମନ୍ଦିର ହେଉଛି ଭୁବନେଶ୍ୱରର କପିଳେଶ୍ୱର ମନ୍ଦିର । ସୂର୍ଯ୍ୟବଂଶୀମାନଙ୍କ ଶାସନର ପତନ ପରେ ଏବଂ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆଫଗାନୀମାନଙ୍କ ଦ୍ୱାରା ଅଧିକୃତ ହେବା ପରେ ଓଡ଼ିଶାରେ ମନ୍ଦିର ନିର୍ମାଣର ସମାପ୍ତି ଘଟିଥିଲା ।

*ତୁମ ପାଇଁ କାମ :*

*ଓଡ଼ିଶାର ପ୍ରସିଦ୍ଧ ମନ୍ଦିରଗୁଡ଼ିକର ପ୍ରତିଛବି ସଂଗ୍ରହ କରି ନିର୍ମାଣ ସମୟ କ୍ରମରେ ସେଗୁଡ଼ିକ ଏକ ଚିତ୍ର ସଞ୍ଚୟ ପୁସ୍ତିକାରେ ଅଠାଲଗାଇ ସାଇତି ରଖ ।*

**(ଖ) ମନ୍ଦିର ଭାସ୍କର୍ଯ୍ୟ:** ଓଡ଼ିଶାର ମନ୍ଦିରଗୁଡ଼ିକର ବାହ୍ୟପାର୍ଶ୍ୱରେ ବା ତୋରଣମାନଙ୍କରେ ଖୋଦିତ ହୋଇଥିବା ଆଶ୍ଚର୍ଯ୍ୟଜନକ ଓ ଅତ୍ୟନ୍ତ ମନୋରମ ଭାସ୍କର୍ଯ୍ୟ ଏବଂ ଓଡ଼ିଶାର ମୂର୍ତ୍ତିକଳା ଏକ ଶକ୍ତିଶାଳୀ ଐତିହ୍ୟ ସ୍ଥାପନ କରିଛି । ଭୁବନେଶ୍ୱରର ମୁକ୍ତେଶ୍ୱର, ରାଜାରାଣୀ, ବ୍ରହ୍ମେଶ୍ୱର ଓ ଲିଙ୍ଗରାଜ ମନ୍ଦିରର ଭାସ୍କର୍ଯ୍ୟ ଅତି ଚମତ୍କାର ।

> *ତୁମେ ଜାଣିଛ କି ?*
>
> ***ଚମତ୍କାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଯୋଗୁଁ ମୁକ୍ତେଶ୍ୱର ମନ୍ଦିରକୁ 'ଓଡ଼ିଶା ସ୍ଥାପତ୍ୟ କଳାର ମଣି" ବୋଲି କୁହାଯାଏ ।***

ପୁରୀ ଜଗନ୍ନାଥ ମନ୍ଦିରର ଅନେକ ଅଂଶରେ ମୋଟା ପଲସ୍ତରା ଦିଆଯାଇଥିବାରୁ ଏହାର ଭାସ୍କର୍ଯ୍ୟ ଲୁଚିଯାଉଥିଲେ ସୁଦ୍ଧା ପଲସ୍ତରା ହେବା ପୂର୍ବରୁ ଏହା ମଧ୍ୟ ଭାସ୍କର୍ଯ୍ୟ କଳାରେ ପରିପୂର୍ଣ୍ଣ ଥିବାର ଦେଖାଯାଇଥିଲା । ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟର ସବୁଠାରୁ ଜୀବନ୍ତ ଉଦାହରଣ ହେଉଛି କୋଣାର୍କ ସୂର୍ଯ୍ୟ ମନ୍ଦିର । ଏହି ମନ୍ଦିରର କାନ୍ଥରେ ଅତି ନିଖୁଣଭାବେ ଖୋଦିତ ଐଶ୍ୱରୀୟ, ପ୍ରାକୃତିକ, ସାମରିକ ଓ ସାମାଜିକ ଚିତ୍ରଣ ତଥା ପଥରରେ ଖୋଦିତ ଚକ୍ର, ହସ୍ତୀ, ଅଶ୍ୱ ପ୍ରଭୃତି ସେ ସମୟର ଓଡ଼ିଶାର ଶିଳ୍ପୀମାନଙ୍କର କାରିଗରି କୌଶଳର ପରାକାଷ୍ଠାର ପରିଚୟ ଦିଏ । କୋଣାର୍କ ସୂର୍ଯ୍ୟ ମନ୍ଦିରର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପାଇଁ ଏହାକୁ ବିଶ୍ୱର ଏକ ଐତିହ୍ୟ ସ୍ମାରକୀ ରୂପେ ମାନ୍ୟତା ଦିଆଯାଇଛି ଏବଂ ବିଶ୍ୱର ସପ୍ତାଶ୍ଚର୍ଯ୍ୟମଧ୍ୟରେ ସ୍ଥାନ ଦିଆଯାଇଛି ।

**ଇସ୍‌ଲାମ୍ ଓ ଖ୍ରୀଷ୍ଟିଆନ୍ କୀର୍ତ୍ତି:** ଓଡ଼ିଶାରେ ନିର୍ମିତ କେତେକ ମସ୍‌ଜିଦ୍ ଓ ଦରଘାର ମଧ୍ୟ ଓଡ଼ିଶାର ଐତିହ୍ୟ ପ୍ରତି ଅବଦାନ ରହିଛି । ସେଥି ମଧ୍ୟରୁ କଟକର ଦରଘା ବଜାରଠାରେ କଦମ୍‌ରସୁଲ୍, ଦିଓ୍ୱାନ ବଜାର ଠାରେ ସର୍ବ ପୁରାତନ ତାତର ଖାଁ ମସ୍‌ଜିଦ୍ ଓ ବାଲୁ ବଜାର ଠାରେ ଜୁମ୍ମା ମସଜିଦ୍ ଅନ୍ୟତମ ।

> *ତୁମେ ଜାଣିଛ କି ?*
>
> ***କଦମରସୁଲ ମୁସଲମାନମାନଙ୍କର ଏକ ମୁଖ୍ୟ କବରସ୍ଥାନ ହୋଇଥିଲେ ସୁଦ୍ଧା ଏହା ଉଭୟ ମୁସଲମାନ ଓ ହିନ୍ଦୁମାନଙ୍କ ଦ୍ୱାରା ଏକ ପବିତ୍ର ସ୍ଥାନଭାବେ ସମ୍ମାନିତ ହୁଏ । ଏହାର ପରିସର ଭିତରେ ମହାପୁରୁଷ ମହମ୍ମଦଙ୍କ ପବିତ୍ର ପଦଚିହ୍ନକୁ ସଂରକ୍ଷିତ କରି ରଖାଯାଇଛି । ଏହା ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସଦ୍‌ଭାବର ଏକ କେନ୍ଦ୍ରଭାବେ ପରିଗଣିତ ।***

ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ଆଗମନ ପରେ କଟକ ତିନି କୋଣିଆ ବଗିଚାରେ ନିର୍ମିତ ବାପ୍‌ଟିଷ୍ଟ ଚର୍ଚ୍ଚ ଓ କାଠଯୋଡ଼ି କୂଳରେ ନିର୍ମିତ ରୋମାନ୍ କ୍ୟାଥେଲିକ ଚର୍ଚ୍ଚର ମଧ୍ୟ ଓଡ଼ିଶାର ଐତିହ୍ୟପ୍ରତି ଅବଦାନ ରହିଛି । ଏହି ଧର୍ମପୀଠଗୁଡ଼ିକର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଓଡ଼ିଶାର ଐତିହ୍ୟକୁ ଅଧିକ ମୂଲ୍ୟବାନ କରିଛି ।



(ବାରବାଟୀ ଦୁର୍ଗ)

> *ତୁମ ପାଇଁ କାମ :*
>
> ***ତୁମ ଅଞ୍ଚଳର ବିଭିନ୍ନ ଧର୍ମ ସମ୍ବନ୍ଧିତ ସ୍ଥାପତ୍ୟ କିର୍ତ୍ତୀଗୁଡ଼ିକର ନାମ, ନିର୍ମାଣ ସମୟ ଓ ଅବସ୍ଥିତି ଉଲ୍ଲେଖକରି ଏକ ତାଲିକା ପ୍ରସ୍ତୁତ କର ।***

**ଦୁର୍ଗ :** ଧର୍ମପୀଠ ବ୍ୟତୀତ ଓଡ଼ିଶାର ପୁରାତନ ସ୍ଥାପତ୍ୟ କଳାର ନିଦର୍ଶନ କେତେକ ଦୁର୍ଗରେ ମଧ୍ୟ ଦେଖାଯାଏ । ସେଗୁଡ଼ିକ ମଧ୍ୟରୁ କେତୋଟି ପ୍ରମୁଖ ଦୁର୍ଗ ହେଉଛି ବାରବାଟୀ ଦୁର୍ଗ, ବାଙ୍କଡ଼ା ଦୁର୍ଗ, ଖୋରଧାଗଡ଼, ଗଡ଼ମାଣିତ୍ରି, ସାରଙ୍ଗଗଡ଼, ରାଇବଣିଆ ଦୁର୍ଗ, ଅସୁରଗଡ଼ ପ୍ରଭୃତି ।

**ଚିତ୍ରକଳା:** ପ୍ରାଗ୍-ଐତିହାସିକ ଯୁଗରୁ ପ୍ରଚଳିତ ଚିତ୍ରକଳା ଓଡ଼ିଶାର ଐତିହ୍ୟର ଏକ ବିଶିଷ୍ଟ ଉପାଦାନ । କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡି, ନୂଆପଡ଼ା ଜିଲ୍ଲାର ଯୋଗୀମଠ, ଝାରସୁଗୁଡ଼ା ଜିଲ୍ଲାର ବିକ୍ରମଖୋଲ୍, ସୁନ୍ଦରଗଡ଼ ଜିଲ୍ଲାର ମାଣିକମୋଡ଼ା ଓ ଉଷାକୋଠି ପ୍ରଭୃତି ସ୍ଥାନରେ ଆବିଷ୍କୃତ ଚିତ୍ରକଳା ଭାରତର ଅତି ପୁରାତନ ଚିତ୍ରକଳା ମଧ୍ୟରୁ ଅନ୍ୟତମ । ଖ୍ରୀଷ୍ଟୀୟ ଚତୁର୍ଥ-ପଞ୍ଚମ ଶତାବ୍ଦୀର କେନ୍ଦୁଝର ଜିଲ୍ଲାର ସୀତାବାଞ୍ଜିଠାରେ ରାବଣଛାୟା ପାହାଡ଼ରେ ଆଜି ପର୍ଯ୍ୟନ୍ତ ବିଦ୍ୟମାନ ଚିତ୍ରକଳା ଓଡ଼ିଶାରେ ଐତିହାସିକ ଯୁଗର ପ୍ରଥମ ଚିତ୍ରକଳାଗୁଡ଼ିକରୁ ଅନ୍ୟତମ । ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ପୁରୀ ଜଗନ୍ନାଥ ମନ୍ଦିର କାନ୍ଥରେ ବୈଷ୍ଣବ ସନ୍ନ୍ୟାସୀ ରାମାନୁଜଙ୍କର ଓଡ଼ିଶାରେ ବୌଦ୍ଧମାନଙ୍କ ଉପରେ ବିଜୟ ଏବଂ ରାଜା ପୁରୁଷୋତ୍ତମଙ୍କ କାଞ୍ଚି ବିଜୟର ଚିତ୍ରଣ କରାଯାଇଥିବା ଯଥାକ୍ରମେ ବୁଦ୍ଧ ବିଜୟ ଓ କାଞ୍ଚି ବିଜୟ ଚିତ୍ରକଳା ଓଡ଼ିଶାର ଚିତ୍ରକଳାର ଐତିହ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ମଧ୍ୟଯୁଗର



(ପଟ୍ଟଚିତ୍ର)

ଶେଷଭାଗରେ ଓଡ଼ିଶାର ଅନେକ ମଠ ଓ ମନ୍ଦିରମାନଙ୍କ କାନ୍ଥରେ ଚିତ୍ରକାରମାନଙ୍କଦ୍ୱାରା ପୌରାଣିକ ଓ ଧାର୍ମିକ ବିଷୟବସ୍ତୁଗୁଡ଼ିକ ଅଙ୍କିତ ହୋଇଥିଲା । ପଟ୍ଟଚିତ୍ର ଓଡ଼ିଶା ଚିତ୍ରକଳାର ସ୍ୱତନ୍ତ୍ରତାର ପରିଚୟ ଦିଏ । କନାରୁ ପ୍ରସ୍ତୁତ ପଟ୍ଟ ଉପରେ ଚିତ୍ରକାରମାନେ ବିଭିନ୍ନ ଦେବଦେବୀ, ରାମାୟଣ, ମହାଭାରତ ଓ ଗୀତାର କଥାବସ୍ତୁ ଉପରେ ଆଧାରିତ ଘଟଣାବଳୀକୁ ଭିନ୍ନ ଭିନ୍ନ ରଙ୍ଗରେ ଚିତ୍ରିତ କରି ଅତି ଚମତ୍କାର ଚିତ୍ରକଳା ସୃଷ୍ଟି କରିଥାନ୍ତି । ବଂଶାନୁକ୍ରମିକ ଭାବେ ଦ୍ୱାଦଶ ଶତାବ୍ଦୀରୁ ଏହି ପଟ୍ଟଚିତ୍ରର ପରମ୍ପରା ବଜାୟ ରହିଛି ।

**ତୁମେ ଜାଣିଛ କି ?**

***ପୁରୀ ଜିଲ୍ଲାର ରଘୁରାଜପୁର ଗ୍ରାମରେ ପଟ୍ଟଚିତ୍ର ଅଙ୍କନ ଏକ କୌଳିକ ବୃତ୍ତି । ସଂଯୁକ୍ତ ରାଷ୍ଟ୍ର ସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂସ୍ଥା (ୟୁନେସ୍କୋ) ଦ୍ୱାରା ଏହି ଗ୍ରାମଟି ବିଶ୍ୱର ଏକ ଐତିହ୍ୟ ଗ୍ରାମଭାବେ ଘୋଷିତ ହୋଇଛି ।***

## ୪. ଗୀତ, ନୃତ୍ୟ ଓ ବାଦ୍ୟ :

ଓଡ଼ିଶାର ଐତିହ୍ୟ ପ୍ରତି ଗୀତ, ନୃତ୍ୟ ଓ ବାଦ୍ୟର ବିଶେଷ ଅବଦାନ ରହିଛି । ଓଡ଼ିଶାର ପ୍ରାଚୀନ ମନ୍ଦିର ଗାତ୍ରରେ ଖୋଦିତ ହୋଇଥିବା ଗାୟନ ଓ ବାଦନ ଏବଂ ନର୍ତ୍ତକୀମାନଙ୍କ ଚିତ୍ରରୁ ଏହି ଐତିହ୍ୟ ସମ୍ପନ୍ନ କଳାର ପରିଚୟ ମିଳେ । ଓଡ଼ିଶାର ଗ୍ରାମ୍ୟ ସଂସ୍କୃତିରେ ଲୋକ ସଙ୍ଗୀତର ଏକ ବିଶିଷ୍ଟ ସ୍ଥାନ ରହିଛି । ଚମ୍ପୁ, ଛାନ୍ଦ, ଚଉତିଶା, କୋଇଲିଗୀତ, ଜଣାଣ, ଭଜନ ଓଡ଼ିଶାର ଗାଁଗହଳରେ ଏବେ ମଧ୍ୟ ଅତ୍ୟନ୍ତ ଆଦୃତ ଓ ବ୍ୟବହୃତ । ଜୟଦେବଙ୍କ ଗୀତ-ଗୋବିନ୍ଦ ଓ ସାଲବେଗଙ୍କ ଭଜନ ଓଡ଼ିଶାର ସର୍ବାଦୃତ ଭକ୍ତି ସଙ୍ଗୀତ । ଓଡ଼ିଶୀ ସଙ୍ଗୀତର ଏକ ସ୍ୱତନ୍ତ୍ର ଐତିହ୍ୟ ରହିଛି । ଓଡ଼ିଶୀ ନୃତ୍ୟ ଭାରତର ଏକ ପ୍ରଧାନ ଶାସ୍ତ୍ରୀୟ ନୃତ୍ୟଭାବେ ମାନ୍ୟତା ପାଇଛି । ପୁରାତନ କାଳରେ ପ୍ରଭୁଙ୍କୁ ପ୍ରଣତି ଜଣାଇବା ଉଦ୍ଦେଶ୍ୟରେ ଜଗନ୍ନାଥ ମନ୍ଦିରରେ ଓଡ଼ିଆ ନର୍ତ୍ତକୀମାନେ ନୃତ୍ୟ ପରିବେଷଣ କରୁଥିଲେ । ସଙ୍ଗୀତର ତାଳ ଓ ରାଗ ସହିତ ସମନ୍ୱୟ ରକ୍ଷାକରି ନୃତ୍ୟ ପରିବେଷଣ କରୁଥିବା ଏହି ନର୍ତ୍ତକୀମାନଙ୍କ ନୃତ୍ୟ ଶୈଳୀକୁ ମାହାରୀ ଶୈଳୀ କୁହାଯାଉଥିଲା । ମାହାରୀ ଶୈଳୀର ନୃତ୍ୟରୁ ଓଡ଼ିଶୀ ନୃତ୍ୟର ସୃଷ୍ଟି ହୋଇଛି ।

*ତୁମେ ଜାଣିଛ କି ?*

*କେତେକଙ୍କ ମତରେ ଓଡ଼ିଶୀ ନୃତ୍ୟ ଶୈଳୀ ସୃଷ୍ଟିରେ ମାହାରୀ ଶୈଳୀ ବ୍ୟତୀତ ଓଡ଼ିଶାର ଗାଁମାନଙ୍କରେ ଅଳ୍ପ ବୟସ୍କ ପୁଅମାନଙ୍କଦ୍ୱାରା ପରିବେଷିତ ଲୋକପ୍ରିୟ ଗୋଟିପୁଅ ନୃତ୍ୟ ଶୈଳୀର ମଧ୍ୟ ପ୍ରଭାବ ରହିଛି ।*

*ତୁମ ପାଇଁ କାମ :*

*ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଓଡ଼ିଶା, ଅନ୍ୟାନ୍ୟ ରାଜ୍ୟ ଓ ବିଦେଶୀ ରାଷ୍ଟ୍ରର ସମୁଦାୟ କୋଡ଼ିଏ ଜଣ ଓଡ଼ିଶୀ ନୃତ୍ୟ ଶିଳ୍ପୀଙ୍କର ନାମ ଓ ସେମାନଙ୍କ ନୃତ୍ୟ ଶିକ୍ଷାର ସ୍ଥାନର ନାମ ଉଲ୍ଲେଖ କର ।*

ରଣପା ନାଚ, ଚଇତି ଘୋଡ଼ା ନାଚ, ଦଣ୍ଡ ନାଚ, ନାଗା ନାଚ, କେଳା-କେଲୁଣୀ ନାଚ, ଘୁମ୍ରା ନାଚ, ଛଉ ନାଚ, ଡାଲଖାଇ ନାଚ, ରସରକେଳି ନାଚ ଆଦି ଲୋକନୃତ୍ୟ ଏବଂ କରମା, ଗଦବା, କେଦୁ, ଝୁମର, କୋୟା, ପରଜା ଆଦି ଆଦିବାସୀ ନୃତ୍ୟ ଓଡ଼ିଶାର ଐତିହ୍ୟପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ । ଓଡ଼ିଶାର ଐତିହ୍ୟ ସମ୍ପନ୍ନ ବାଦ୍ୟଯନ୍ତ୍ର ମଧ୍ୟରେ ଋଙ୍ଗୁ, ମୃଦଙ୍ଗ, ଝାଞ୍ଜ, ଢୋଲ, ତୂରୀ, ମହୁରୀ, ଘଣ୍ଟ, ମାଦଳ ଓ ବୀଣା ପ୍ରଧାନ । ଓଡ଼ିଶାର ପ୍ରାଚୀନ ଭାସ୍କର୍ଯ୍ୟରେ ଏହି ବାଦ୍ୟଯନ୍ତ୍ର ବାଦନ କରୁଥିବା କଳାକାରମାନଙ୍କ ଚିତ୍ର ଦେଖିବାକୁ ମିଳେ ।

*ତୁମ ପାଇଁ କାମ :*

*ଓଡ଼ିଶାରେ ଏବେ ବ୍ୟବହୃତ ହେଉଥିବା ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ମଧ୍ୟରୁ କୋଡ଼ିଏଟି ଚିତ୍ର ସଂଗ୍ରହ କରି ସେଗୁଡ଼ିକର ସଠିକ୍ ନାମ ସହିତ ଏକ ପୁସ୍ତିକାରେ ଅଠା ଲଗାଇ ରଖ ।*

**୫. ହସ୍ତଶିଳ୍ପ :**

ଭାରତର ବିଭିନ୍ନ ଅଞ୍ଚଳରେ ଓ ଭାରତ ବାହାରେ ପ୍ରାୟ ସମସ୍ତ ଦେଶରେ ଜନପ୍ରିୟତା ଲାଭ କରିଥିବା ଓଡ଼ିଶାର କେତେକ ନିଜସ୍ୱ ହସ୍ତଶିଳ୍ପ ଓଡ଼ିଶାର ଐତିହ୍ୟପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ । ଏଗୁଡ଼ିକର ଉତ୍ପାଦନ କେବେଠାରୁ ଆରମ୍ଭ ହେଲା ତାହା ଠିକ୍‌ଭାବେ ଜଣା ଯାଇ ନ ଥିଲେ ସୁଦ୍ଧା ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ଓ ସାହିତ୍ୟିକ ଉତ୍ସରୁ ଏଗୁଡ଼ିକ ପୁରାତନକାଳରୁ ରହିଥିବାର ଜଣାଯାଏ । ମନ୍ଦିରମାନଙ୍କ ଭାସ୍କର୍ଯ୍ୟ ଓ ବିଭିନ୍ନ ସ୍ଥାନରେ ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ମିଳିଥିବା ପଥର ଖୋଦିତ କଳାତ୍ମକ ବସ୍ତୁ ଓଡ଼ିଶାର ଶିଳ୍ପୀମାନଙ୍କର କାରିଗରି କୌଶଳର ପ୍ରମାଣ ଦିଏ । ଏବେ ପଥରରେ ଖୋଦିତ ସାମଗ୍ରୀ ବହୁଳଭାବରେ ପୁରୀ, ଭୁବନେଶ୍ୱର, ଲଳିତଗିରି ଓ ଖିଚିଙ୍ଗଠାରେ ନିର୍ମିତ ହେଉଛି । ମନ୍ଦିରମାନଙ୍କରେ ରୀତିନୀତି ତଥା ବିଭିନ୍ନ ଧାର୍ମିକ କାର୍ଯ୍ୟ ସମ୍ପାଦନରେ ବ୍ୟବହାରପାଇଁ ପୁରାତନ ଓଡ଼ିଶାରେ ରଙ୍ଗିନ୍ କନାର କାରୁକାର୍ଯ୍ୟ ସମ୍ବଳିତ ବଡ଼ ବଡ଼ ଚାନ୍ଦୁଆ ପ୍ରସ୍ତୁତ କରାଯାଇ ଏହି ସୃଜନକଳାର ଆରମ୍ଭ ହୋଇଥିଲା । ସମୟକ୍ରମେ ବିଭିନ୍ନ ରଙ୍ଗର କନାରେ ପଟି ପକାଯାଇ ବା ତାଳି ପକାଯାଇ କ୍ଷୁଦ୍ରାକୃତି ଚାନ୍ଦୁଆ ସହିତ ବଗିଚା ବା କ୍ରୀଡ଼ା ପ୍ରାଙ୍ଗଣରେ ବ୍ୟବହାର ପାଇଁ ବଡ଼ ଛତା, ପୁରୁଷ ଓ ମହିଳାଙ୍କ ବ୍ୟକ୍ତିଗତ ବ୍ୟବହାର ପାଇଁ ଛୋଟ ଛତା, ବ୍ୟାଗ୍, ବିଜୁଳିବତି ଖୋଳ, ଚିଠିପତ୍ର ବା ପତ୍ରିକା ରଖିବାପାଇଁ କାନ୍ଥଝୁଲା ମୁଣି ଆଦି ପ୍ରସ୍ତୁତ କରାଯାଇ ଦେଶ ବିଦେଶରେ ସେଗୁଡ଼ିକ ଜନପ୍ରିୟତା ଲାଭ କରି ପାରିଛି । ପୁରୀ ଜିଲ୍ଲାର ପିପିଲି ଏହି କଳାପାଇଁ ଖ୍ୟାତିଲାଭ କରିଛି । ଓଡ଼ିଶାର ଅନ୍ୟ ଏକ ଐତିହ୍ୟସମ୍ପନ୍ନ ହସ୍ତଶିଳ୍ପ ହେଉଛି ରୁପା ତାରକାସି କାମ । କଟକ ସହରରେ ରୁପା କାରିଗରମାନେ ରୁପାର ଅତି ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ ସୁନ୍ଦର କୋଣାର୍କ ଚକ୍ର, ଦେବା ଦେବୀ ଓ ମନ୍ଦିରମାନଙ୍କର ପ୍ରତିଛବି, ପଶୁପକ୍ଷୀ, ଗଛ, ଡାଳ, ଫୁଲ ପତ୍ର ଏବଂ ପୌରାଣିକ କାହାଣୀ ତଥା ବିଭିନ୍ନ ବ୍ୟବହାର୍ଯ୍ୟ ବସ୍ତୁ ପ୍ରସ୍ତୁତ



**(ହସ୍ତ ଶିଳ୍ପ)**

କରି ସେମାନଙ୍କ କାରିଗରି କୌଶଳର ପରାକାଷ୍ଠା ପ୍ରଦର୍ଶନ କରିବା ସହିତ ଓଡ଼ିଶା ପାଇଁ ଦେଶ ବିଦେଶରେ ଯଶ ଅର୍ଜନ କରିଛନ୍ତି । ପାରଳାଖେମୁଣ୍ଡି ଓ କଟକରେ ଶିଙ୍ଗରେ ପ୍ରସ୍ତୁତ ପାନିଆ, ଧୂମପାନ ନଳୀ, କଲମ-ଥାକ, ମହମ୍‌ବତି ଥାକ, ପଶୁପକ୍ଷୀ, ତାଳପତ୍ର ଆଦି ଶିଙ୍ଗ କାରିଗରର କୁଶଳତାର ପରିଚୟ ଦିଏ । ଖୋର୍ଦ୍ଧା ଜିଲ୍ଲା ବାଲକାଟିର କଂସା ପିତ୍ତଳରେ ନିର୍ମିତ ସାମଗ୍ରୀ, ଢେଙ୍କାନାଳ ଜିଲ୍ଲାର ଡୋକ୍ରାକାମ, କେନ୍ଦୁଝର ଜିଲ୍ଲାର ଟେରାକୋଟା ଶିଳ୍ପ ମଧ୍ୟ ଐତିହ୍ୟ ବହନକାରୀ ହସ୍ତଶିଳ୍ପ ।

ହସ୍ତତନ୍ତରୁ ପ୍ରସ୍ତୁତ ବସ୍ତ୍ର ଓଡ଼ିଶା ଐତିହ୍ୟର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତି । ବୟନ କଳାର ବୈଶିଷ୍ଟ୍ୟ ଇକତ୍ ଢାଞ୍ଚା ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ କାର୍ଯ୍ୟକଳାପର ପ୍ରଭାବରୁ ସୃଷ୍ଟି ହୋଇଛି ବୋଲି ବିଶ୍ୱାସ କରାଯାଏ । ସମ୍ବଲପୁର ଓ ବଲାଙ୍ଗୀରର ପଶାପାଲି ଶାଢ଼ି; ସୋନପୁରର ସୁନା ସୂତା ଓ ଜରି କାରୁକାର୍ଯ୍ୟ ଖଚିତ ଶାଢ଼ି; ସମ୍ବଲପୁର, ବଲାଙ୍ଗୀର, ବରଗଡ଼ ଓ ସୋନପୁର ଜିଲ୍ଲାର ବୋମକାଇ ପାଟ; ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ମଠା ଶାଢ଼ି; କଟକ ଜିଲ୍ଲାର ନୂଆପାଟଣା ଓ ମାଣିଆବନ୍ଧ ଶାଢ଼ି ଏବଂ ଖୋର୍ଦ୍ଧା ଜିଲ୍ଲାର ଲୁଙ୍ଗି, ଗାମୁଛା ଓ ଶାଢ଼ି କାର୍ପାସ, ଟସର ଓ ରେଶମ ଲୁଗାରେ ପ୍ରସ୍ତୁତ ହୋଇ ବିଶ୍ୱର ପ୍ରାୟ ସମସ୍ତ ଦେଶରେ ଓଡ଼ିଶା ପାଇଁ ସୁଖ୍ୟାତି ଆଣିଛି ।

***ତୁମେ ଜାଣିଛ କି ?***

| *ସହରର ନାମ* | | *କେଉଁ ନାମରେ ପରିଚିତ* |
|---|---|---|
| *କଟକ* | – | *ରୌପ୍ୟ ନଗରୀ* |
| *ବ୍ରହ୍ମପୁର* | – | *ରେଶମ ନଗରୀ* |
| *ରାଉରକେଲା* | – | *ଇସ୍ପାତ ନଗରୀ* |
| *ବରଗଡ଼* | – | *ହସ୍ତତନ୍ତ ନଗରୀ* |
| *ଭୁବନେଶ୍ୱର* | – | *ମନ୍ଦିରମାଳିନୀ ନଗରୀ/ଏକାମ୍ର କ୍ଷେତ୍ର* |
| *ପୁରୀ* | – | *ଶ୍ରୀକ୍ଷେତ୍ର* |
| *କୋଣାର୍କ* | – | *ଅର୍କ କ୍ଷେତ୍ର* |

***ତୁମ ପାଇଁ କାମ :***

***ତୁମ ଅଞ୍ଚଳର ଯେ କୌଣସି କୁଟୀର ଶିଳ୍ପର କୁଶଳୀ କାରିଗର ପରିବାରର ସଦସ୍ୟ ସଂଖ୍ୟା ଓ ପ୍ରତ୍ୟେକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଅବସ୍ଥା ସହିତ ପରିବାରର ଜୀବନ ଧାରଣଶୈଳୀ ସର୍ବେକ୍ଷଣ କରି ଏକ ବିବରଣୀ ପ୍ରସ୍ତୁତ କର ।***

## ୬. ସାମୁଦ୍ରିକ ବାଣିଜ୍ୟ :

ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ ଓଡ଼ିଶାର ଐତିହ୍ୟକୁ ସମୃଦ୍ଧ କରିଛି । ପୁରାତନ ଓଡ଼ିଶା ବା କଳିଙ୍ଗର ଅଧିବାସୀମାନେ ବୋଇତରେ ସମୁଦ୍ର ଯାତ୍ରା କରି ବାଲି, ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଦ୍ୱୀପପୁଞ୍ଜ ତଥା ଅନ୍ୟାନ୍ୟ ଦକ୍ଷିଣ ପୂର୍ବ ଏସୀୟ ଦେଶମାନଙ୍କ ସହିତ ବାଣିଜ୍ୟ କରିବାରେ ଥିଲେ ସର୍ବ ପ୍ରଥମ । ଏହି ବାଣିଜ୍ୟ ଫଳରେ ଓଡ଼ିଆମାନଙ୍କର ଉକ୍ତ ଦେଶଗୁଡ଼ିକ ସହିତ ସାଂସ୍କୃତିକ ସମ୍ପର୍କ ସ୍ଥାପିତ ହେଲା ଏବଂ ସେଠାରେ ଓଡ଼ିଶାବାସୀଙ୍କର ସମ୍ମାନ ବୃଦ୍ଧି ପାଇଲା । ମୋଗଲ ଶାସନ ସମୟରୁ ସେହି ଦେଶମାନଙ୍କ ସହିତ ବାଣିଜ୍ୟିକ ସମ୍ପର୍କର ଗୁରୁତ୍ୱ ହ୍ରାସ ପାଇଥିଲେ ସୁଦ୍ଧା ଅଦ୍ୟାବଧି ଓଡ଼ିଶା ଓ ଦକ୍ଷିଣ ପୂର୍ବ ଏସୀୟ ଦେଶମାନଙ୍କର ପରସ୍ପର ସହିତ ସାଂସ୍କୃତିକ ସମ୍ପର୍କ ଅବ୍ୟାହତ ରହିଛି । ସାଧବ ଭାବେ ପରିଚିତ ନୌବାଣିଜ୍ୟରେ ଦକ୍ଷତା ଥିବା ପ୍ରାଚୀନ ଓଡ଼ିଶାର ବଣିକମାନେ କୃଷିଜାତ ଦ୍ରବ୍ୟ, ବିଶେଷ କରି ମସଲା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ବୋଇତରେ ବହନ କରି ସମୁଦ୍ର ବକ୍ଷରେ ଦୀର୍ଘଯାତ୍ରା କରୁଥିଲେ ଏବଂ ସେହି ଦେଶମାନଙ୍କରୁ ସେଗୁଡ଼ିକର ବିକ୍ରୟଲବ୍ଧ ଧନ ସମ୍ପତ୍ତି ଆଣି ଓଡ଼ିଶାକୁ ଧନଶାଳୀ କରୁଥିଲେ । ଏହି ସାମୁଦ୍ରିକ ବାଣିଜ୍ୟ ପ୍ରାଚୀନ ଉତ୍କଳୀୟମାନଙ୍କର ଦେଶୀୟ କୌଶଳରେ ନିର୍ମିତ ନୌକାରେ ସୁଦୂର ସ୍ଥାନକୁ ଜଳଯାତ୍ରା କରିବାର ଦୁଃସାହସିକ ମନୋଭାବର ପରିଚୟ ଦିଏ । ସେ ସମୟରେ ତାମ୍ରଲିପ୍ତି, ପାଲୋର, ଦନ୍ତପୁରା, ପିଥୁଣ୍ଡ ଓ ଚେଲିତାଲୋ ଓଡ଼ିଶାର ପ୍ରଧାନ ବନ୍ଦର ଥିଲା । କେଉଁ ସମୟରୁ ଓଡ଼ିଶାର ନୌବାଣିଜ୍ୟର ଆରମ୍ଭ ହେଲା, ତାହା ଠିକ୍‌ଭାବେ ନିରୂପିତ ହୋଇପାରିନାହିଁ । ଚତୁର୍ଥ–ପଞ୍ଚମ ଶତାବ୍ଦୀର ଗୁପ୍ତଯୁଗରେ ରଚିତ କାଳିଦାସଙ୍କ ରଘୁବଂଶମ୍‌ରେ କଳିଙ୍ଗର ରାଜାଙ୍କୁ ମହୋଦଧିପତିଭାବେ ଚିତ୍ରିତ କରାଯାଇଛି । ମଧ୍ୟଯୁଗୀୟ ବୌଦ୍ଧଗ୍ରନ୍ଥ ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପରେ ଭାରତ ମହାସାଗରର ଦ୍ୱୀପପୁଞ୍ଜକୁ କଳିଙ୍ଗୋଦ୍ରଦେଶଭାବେ ବର୍ଣ୍ଣନା କରାଯାଇଛି । ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟରେ ହସ୍ତୀ ବହନ କରୁଥିବା

ନୌକାଗୁଡ଼ିକର ଯାତ୍ରାର ଦୃଶ୍ୟ ରହିଛି । ଜାଭା ବା ସୁବର୍ଣ୍ଣଦ୍ୱୀପର ଶୈଳେନ୍ଦ୍ର ବଂଶୀମାନେ ଓଡ଼ିଶାର ଶୈଳୋଦ୍ଭବ ବଂଶୀୟ ବୋଲି ଗ୍ରହଣ କରାଯାଇଛି । ଏହି ତଥ୍ୟଗୁଡ଼ିକରୁ ଓଡ଼ିଶାର ନୌବାଣିଜ୍ୟ ଗୁପ୍ତଯୁଗ ବା ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରୁ ଆରମ୍ଭ ହୋଇଥିବାର ବିଶ୍ୱାସ କରାଯାଏ । ସେ ସମୟରେ ଶ୍ରୀଲଙ୍କା, ମିଆମାର, ଇଣ୍ଡୋନେସିଆ, ମାଲୟେସିଆ ଓ ଚୀନ ଦେଶ ସହିତ ମଧ୍ୟ ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ ଚାଲିଥିବାର ବିଭିନ୍ନ ପ୍ରାମାଣିକ ତଥ୍ୟରୁ ଜଣାଯାଏ ।

***ତୁମ ପାଇଁ କାମ :***

***ତୁମ କଳ୍ପନାରେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଓ ବୋଇତ ବନ୍ଦାଣ ଏବଂ ଆଧୁନିକ ନୌବାଣିଜ୍ୟର ତୁଳନାତ୍ମକ ଚିତ୍ର ଅଙ୍କନ କରି ଉଭୟ ପଦ୍ଧତିରେଥିବା ସାମଞ୍ଜସ୍ୟ ଓ ପାର୍ଥକ୍ୟ ଉଲ୍ଲେଖ କର ।***


## ୭. ପର୍ବପର୍ବାଣି :

ଓଡ଼ିଶାର ପର୍ବପର୍ବାଣି ସମ୍ବନ୍ଧରେ କୁହାଯାଇଥାଏ "ବାର ମାସରେ ତେର ପର୍ବ" ଅର୍ଥାତ୍ ବର୍ଷକର ବିଭିନ୍ନ ସମୟରେ ଓଡ଼ିଶାରେ ବହୁ ସଂଖ୍ୟକ ପୂଜା ପର୍ବ ପାଳନ କରାଯାଏ । ଜୈନ, ବୌଦ୍ଧ, ଇସ୍‌ଲାମ ଓ ଖ୍ରୀଷ୍ଟଧର୍ମର ପର୍ବ ବ୍ୟତୀତ ଓଡ଼ିଶାର ହିନ୍ଦୁ ମତାବଲମ୍ବୀମାନେ ବର୍ଷକୁ ପ୍ରାୟ ପଚାଶରୁ ଊର୍ଦ୍ଧ୍ୱ ପର୍ବ ପାଳନ କରିଥାନ୍ତି । ସେଥିମଧ୍ୟରୁ ଅନେକ ପର୍ବ ଓଡ଼ିଶାର ସମ୍ପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସମ୍ପନ୍ନ ଓ ମହତ୍ତ୍ୱପୂର୍ଣ୍ଣ ।

ବୈଶାଖମାସର ପ୍ରଥମ ଦିନ ପାଳିତ ହେଉଥିବା ବିଷୁବ ସଂକ୍ରାନ୍ତି ଓଡ଼ିଆ ପଞ୍ଜିକାର ନବବର୍ଷର ପ୍ରଥମ ଦିନ ଓ ପ୍ରଥମ ପର୍ବ । ଗ୍ରୀଷ୍ମର ଆରମ୍ଭରେ ଏହି ପର୍ବରେ ମୁଖ୍ୟତଃ ବେଲରୁ ପ୍ରସ୍ତୁତ ଏକ ସୁସ୍ୱାଦୁ ପାନୀୟ ବା ପଣା ଦେବୀ ମଙ୍ଗଳାଙ୍କ ନିକଟରେ ସମର୍ପିତ ହେବା ପରେ ସେବନ କରାଯାଏ । ତେଣୁ ଏହି ପର୍ବକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ । ପ୍ରଖର ଗ୍ରୀଷ୍ମର ଝାମ ବା ଝାଇଁ ସମ୍ପର୍କରେ ସତର୍କ କରିବା ପାଇଁ ଓ ତତ୍‌ଜନିତ ତାପକୁ ସହ୍ୟକରିବାକୁ ପ୍ରସ୍ତୁତ ରହିବାପାଇଁ ସୂଚନା ଦେବା ଉଦ୍ଦେଶ୍ୟରେ ଏହି ଦିନ 'ପାଟୁଆ' ଭାବେ ପରିଚିତ କେତେକ ଭକ୍ତ ଖାଲି ପାଦରେ ଏକ ନିର୍ଦ୍ଦିଷ୍ଟ ଲମ୍ବର ଅଗ୍ନିଶଯ୍ୟା ଉପରେ ଚାଲିଥାନ୍ତି । ଏହାକୁ ଝାମୁଯାତ୍ରା କୁହାଯାଏ । ଝଙ୍କଡ଼ର ଶାରଳା, କାକଟପୁରର ମଙ୍ଗଳା ଓ ବାଙ୍କୀର ଚର୍ଚ୍ଚିକା ଠାକୁରାଣୀଙ୍କ ପାଖରେ ହେଉଥିବା ଏହି ଯାତ୍ରା ବିଖ୍ୟାତ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାରେ ଅକ୍ଷୟ ତୃତୀୟା ପର୍ବ ପାଳିତ ହୁଏ । ଏହି ଦିନ ନିବେଶ କରାଯାଇଥିବା ଧନର କ୍ଷୟ ହୁଏ ନାହିଁ ବୋଲି ବିଶ୍ୱାସ କରାଯାଉଥିବାରୁ ଚାଷୀ ବିଲରେ ବିହନ ବୁଣିବା ଆରମ୍ଭ କରେ ଓ ଅନ୍ୟମାନେ କୌଣସି ମୂଲ୍ୟବାନ୍ ଧାତୁ ନିର୍ମିତ ବସ୍ତୁକୁ ଗୃହକୁ ଆଣିଥାନ୍ତି । ଏହି ଦିନ ଧନଧାନ୍ୟର ଦେବୀ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପଶ୍ଚିମାଞ୍ଚଳରେ ଏହି ପର୍ବକୁ ମୁଠି ଛୁଆଁ ବୋଲି କହିଥାନ୍ତି । ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାପାଇଁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ତିନି ରଥର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ଅକ୍ଷୟ ତୃତୀୟା ଦିନ ହୋଇଥାଏ ଏବଂ ଏହି ଦିନ ଜଗନ୍ନାଥଙ୍କର ଚନ୍ଦନଯାତ୍ରା ମଧ୍ୟ ଆରମ୍ଭ ହୁଏ ।

ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରନ୍ତି । ସତୀତ୍ୱର ପରାକାଷ୍ଠାରେ ଯମରାଜାଙ୍କୁ ପରାସ୍ତ କରି ସାବିତ୍ରୀ ତାଙ୍କ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିବା ବିଶ୍ୱାସ ଉପରେ ଆଧାରିତ ଏହି ପର୍ବରେ ପ୍ରତ୍ୟେକ ସଧବା ନାରୀ ସେଦିନ ଉପବାସ ରହି ନିଜ ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘଜୀବନ କାମନା କରି ଦେବୀଙ୍କୁ ପ୍ରାର୍ଥନା କରନ୍ତି । ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଷଷ୍ଠୀତିଥିରେ ଶୀତଳଷଷ୍ଠୀ ପର୍ବ ପାଳିତ ହୁଏ । ଶିବଙ୍କ କ୍ରୋଧକୁ ଥଣ୍ଡା କରିବା ପାଇଁ ପୂର୍ବ ଦିନ ପାର୍ବତୀଙ୍କ ସହିତ ତାଙ୍କର ବିବାହ ସମ୍ପାଦନ କରି ଉକ୍ତ ଦିନ ଶିବପାର୍ବତୀଙ୍କୁ ନଗର ପରିକ୍ରମା କରାଯାଏ । ସମ୍ବଲପୁରଠାରେ ସମସ୍ତ ଧାର୍ମିକ ରୀତିନୀତି ଓ ଔପଚାରିକତା ସହିତ ଜାକଜମକରେ ଏକ ସାର୍ବଜନୀନ ଉତ୍ସବ ଭାବରେ ପାଳିତ ଶୀତଳଷଷ୍ଠୀ ବହୁ ପ୍ରସିଦ୍ଧି ଅର୍ଜନ କରିଛି । ଜ୍ୟେଷ୍ଠମାସ ପୂର୍ଣ୍ଣିମାଦିନ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ବା ସ୍ନାନଯାତ୍ରା ଅନୁଷ୍ଠିତ ହୁଏ ।

ଆଷାଢ଼ ମାସର ପ୍ରଥମ ଦିନ ତଥା ବର୍ଷାଋତୁର ଆରମ୍ଭରେ ରଜ ପର୍ବ ପାଳିତ ହୁଏ । ଏହି ସମୟରେ ଧରିତ୍ରୀ ରଜସ୍ୱଳା ହୋଇଥାଏ ବୋଲି ବିଶ୍ୱାସ କରାଯାଉଥିବାରୁ ପୂର୍ବଦିନ ବା ପହିଲିରଜ, ରଜସଂକ୍ରାନ୍ତି ଓ ଶେଷ ରଜରେ ତିନିଦିନ ଧରି କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ ଓ ବିନା ଆସନରେ ବସନ୍ତି ନାହିଁ ଏବଂ ଚାଷୀମାନେ ବିଲକୁ ଯାଇ ଚାଷକାମ କରନ୍ତି ନାହିଁ । ସେ ସମୟରେ କୁମାରୀମାନଙ୍କୁ ଖୁସିରେ ରଖିବାପାଇଁ ସେମାନଙ୍କୁ କୌଣସି କାମ କରିବାକୁ ଦିଆଯାଏ ନାହିଁ, ପିନ୍ଧିବାକୁ ନୂଆ ଲୁଗା ଦିଆଯାଏ, ଖାଇବାକୁ ବିଭିନ୍ନ ପ୍ରକାର ପିଠାମିଠା ଦିଆଯାଏ ଓ ଦୋଳିରେ ଝୁଲାଯାଏ । ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଓଡ଼ିଶାର ଏକ ମୁଖ୍ୟ ପର୍ବ ତଥା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୁଏ । ଏହି ଦିନ ତିନି ଠାକୁର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେବାପାଇଁ ଓ ସମସ୍ତଙ୍କ ଗୁହାରୀ ଶୁଣିବାପାଇଁ ମନ୍ଦିର ବାହାରେ ରଥାରୂଢ଼ ହୋଇଥାନ୍ତି ଏବଂ ଏକ ସାମୟିକ ପରିବର୍ତ୍ତନ ଉଦ୍ଦେଶ୍ୟରେ ସାତଦିନ



(ଶ୍ରୀଗୁଣ୍ଡିଚା ରଥଯାତ୍ରା)

ଶ୍ରୀଗୁଣ୍ଡିଚାଙ୍କ ମନ୍ଦିରରେ ଅବସ୍ଥାନ କରିବାପାଇଁ ଯାତ୍ରା କରିଥାନ୍ତି । ସେଥିପାଇଁ ଏହାକୁ ଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ ।

**ତୁମେ ଜାଣିଛ କି ?**

***ଶ୍ରୀ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ତିନିରଥର ନାମ ଯଥାକ୍ରମେ ନନ୍ଦିଘୋଷ, ଦର୍ପଦଳନ ଓ ତାଳଧ୍ୱଜ ।***

**ତୁମ ପାଇଁ କାମ :**

***ପୁରୀ ବ୍ୟତୀତ ଓଡ଼ିଶାର ଅନ୍ୟ କେଉଁ ସ୍ଥାନରେ ଓ ଓଡ଼ିଶା ବାହାରେ କେଉଁଠାରେ ସାର୍ବଜନୀନ ରଥଯାତ୍ରା ପାଳିତ ହୁଏ ଲେଖ ?***

ଶ୍ରାବଣ ମାସର ଅମାବାସ୍ୟା ଦିନଟି ଚିତାଲାଗି ଅମାବାସ୍ୟା ବା ଚିତଉ ଅମାବାସ୍ୟା ଭାବେ ପାଳିତ ହୁଏ । ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସୁବର୍ଣ୍ଣ ଚିତାରେ ଭୂଷିତ କରାଯାଏ ଓ ଚିତଉ ପିଠା ଭୋଗ ଦିଆଯାଏ । ଏହି ଦିନ ଯେ କୌଣସି କାର୍ଯ୍ୟ କଲେ ତାହା ମଙ୍ଗଳମୟ ହେବ ବୋଲି ବିଶ୍ୱାସ କରି ଚାଷୀମାନେ ଚାଷଜମିକୁ ପୂଜା କରନ୍ତି ଓ ଚାଷୀକୁଳର ଝିଅମାନେ ବିଲକୁ ଯାଇ ବର୍ଷାକାରଣରୁ ସେଠାରେ ବଂଶବୃଦ୍ଧି କରୁଥିବା ଗେଣ୍ଡା ଓ ଗେଣ୍ଡେଇସୁଣୀଙ୍କୁ ଚିତଉ ପିଠା ଦେଇ ତାଙ୍କ ବାପା ଓ ଭାଇମାନେ ବିଲରେ କାମ କରିବାବେଳେ ସେମାନଙ୍କ ଗୋଡ଼ ନ କାଟିବାପାଇଁ ପ୍ରାର୍ଥନା କରନ୍ତି । ଶ୍ରାବଣ ମାସ ପୂର୍ଣ୍ଣିମା ଗହ୍ମା ପୂର୍ଣ୍ଣିମା ଭାବେ ପାଳିତ ହୋଇ ଗାଈ ଓ ବଳଦଙ୍କୁ ପୂଜା କରାଯାଏ ଏବଂ ଏହିଦିନ ଶ୍ରୀଜଗନ୍ନାଥଙ୍କ ଝୁଲଣଯାତ୍ରା ମଧ୍ୟ ଅନୁଷ୍ଠିତ ହୁଏ ।

ଭାଦ୍ରବ ମାସର ଶୁକ୍ଳପକ୍ଷରେ ପୂର୍ବରୁ ଜ୍ୟୋତିଷମାନଙ୍କଦ୍ୱାରା ସ୍ଥିରୀକୃତ ହୋଇଥିବା ତିଥିରେ ନୂଆଖାଇ ପର୍ବ ପାଳିତ ହୁଏ । ଏହି ଦିନ ବର୍ଷର ପ୍ରଥମ ଅମଳର ବା ନୂଆ ଚାଉଳରୁ ପ୍ରସ୍ତୁତ ଅନ୍ନ, କ୍ଷୀରି, ପିଠା ତଥା ଅନ୍ୟାନ୍ୟ ଖାଦ୍ୟ ପ୍ରଥମେ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ଭୋଗ ଦିଆଯାଇ ତା'ପରେ ପରିବାରର ଆତ୍ମୀୟ ସ୍ୱଜନ ଓ ବନ୍ଧୁବାନ୍ଧବଙ୍କ ସହିତ ପଙ୍ଗତରେ ଖିଆଯାଏ । ଏହି ପର୍ବକୁ ନବାନ୍ନ ଭକ୍ଷଣ ମଧ୍ୟ କୁହାଯାଏ । ଭାଦ୍ରବ ମାସର ପ୍ରତି ରବିବାର ଝିଅମାନେ ଖୁଦୁରୁକୁଣୀ ଓଷା ପାଳନ କରନ୍ତି ।

ଏହି ଦିନ ଗୁଡ଼ିକରେ ସେମାନେ ମଙ୍ଗଳାଙ୍କ ପୂଜା କରନ୍ତି ଓ ତଅପୋଇ କଥା ପାଠ କରନ୍ତି । ଏହି ପୂଜାରୁ ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ସମ୍ପର୍କରେ ସୂଚନା ମିଳେ ।

ଆଶ୍ୱିନ ମାସ ଅମାବାସ୍ୟାଦିନ ମହାଳୟା ପାଳନ କରାଯାଇ ତିଥି, ବାର ନିର୍ବିଶେଷରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ । ଏହିମାସର ପୂର୍ଣ୍ଣିମାଦିନ କୁମାର ପୂର୍ଣ୍ଣିମା ଓ ଲକ୍ଷ୍ମୀପୂଜା ପାଳିତ ହୁଏ । ଏହି ଦିନ ଶିବଙ୍କ ପୁତ୍ର କୁମାର ବା କାର୍ତ୍ତିକେୟଙ୍କ ଭଳି ସ୍ୱାମୀ ପାଇବାପାଇଁ କୁମାରୀ ଝିଅମାନେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପୂଜା କରନ୍ତି ଏବଂ ଧନ ସମ୍ପତ୍ତିର ଦେବୀଭାବେ ବିଶ୍ୱାସ କରାଯାଉଥିବା ଲକ୍ଷ୍ମୀଙ୍କ ଜନ୍ମଦିନ ପାଳନ କରାଯାଇ ଗଜାସୀନ ଲକ୍ଷ୍ମୀଙ୍କ ପୂଜା କରାଯାଏ । ଢେଙ୍କାନାଳ, ଅନୁଗୁଳ, ଚୌଦ୍ୱାର, କେନ୍ଦ୍ରାପଡ଼ା ଓ ପାରାଦ୍ୱୀପଠାରେ ଅତି ଆଡ଼ମ୍ବରରେ ସାର୍ବଜନୀନ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଥାଏ ।

କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ବା ଚତୁର୍ଦ୍ଦଶୀଦିନ ଆତ୍ମୀୟମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଧବଳେଶ୍ୱରଙ୍କ ନିକଟରେ ଧଳାମଣ୍ଡା, ଧଳା ଅଟକାଳି ଭୋଗ ଦିଆଯାଇ ବଡ଼ ଓଷା ପାଳନ କରାଯାଏ । ଧବଳେଶ୍ୱରଙ୍କ ଏହି ପର୍ବକୁ ଗଜଭୋଗ ଯାତ୍ରା ବା ପିଠାଯାତ୍ରା ମଧ୍ୟ କୁହାଯାଏ । କାର୍ତ୍ତିକ ମାସ ପୂର୍ଣ୍ଣିମା ଦିନ କାର୍ତ୍ତିକ ପୂର୍ଣ୍ଣିମା ଓ ବାଲିଯାତ୍ରା ପାଳିତ ହୁଏ । ଏହି ଦିନ ଓଡ଼ିଶାର ସାଧବ ବୋହୂମାନେ ବାଣିଜ୍ୟ ଉଦ୍ଦେଶ୍ୟରେ ନୌଯାତ୍ରାରେ ବାହାରୁଥିବା ସେମାନଙ୍କ ସ୍ୱାମୀମାନଙ୍କୁ ଫୁଲ, ଦୀପ, ଚନ୍ଦନ, ସିନ୍ଦୂରରେ ବନ୍ଦେଇ ବିଦାୟ ଜଣାଉଥିଲେ । ଏହାର ସ୍ମାରକୀ ସ୍ୱରୂପ ଓଡ଼ିଆମାନେ ସେଦିନ କାଗଜ ବା ସୋଲ ବା କଦଳୀ ବାହୁଙ୍ଗାରୁ ନିର୍ମିତ ଛୋଟ ଛୋଟ ଡଙ୍ଗା ନଦୀ ବା ସମୁଦ୍ରରେ ଭସାଇଥାନ୍ତି । ପ୍ରାଚୀନ ଉତ୍କଳୀୟ ବଣିକମାନଙ୍କ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପକୁ ନୌଯାତ୍ରାର ଐତିହ୍ୟକୁ ଜୀବିତ ରଖିବାପାଇଁ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେଉଥିବା ବୋଇତ ବନ୍ଦାଣ ଓ ବ୍ୟାବସାୟିକ ମେଳା ବାଲିଯାତ୍ରା ଉତ୍ସବ ଭାବେ ବିଖ୍ୟାତ । ପାରାଦ୍ୱୀପ ବନ୍ଦରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଓ କଟକର ବାଲିଯାତ୍ରା ବହୁ ପ୍ରସିଦ୍ଧି ଲାଭ କରିଛି ।

ମାର୍ଗଶିର ମାସର ପ୍ରତ୍ୟେକ ଗୁରୁବାର ଦିନ ଶସ୍ୟ ଅମଳର ସଫଳତା ପାଇଁ ଘରେ ଘରେ ଲକ୍ଷ୍ମୀପୂଜା ପାଳିତ ହୁଏ । ପ୍ରଥମ ଗୁରୁବାର ଦିନ ଏକ ମାଣରେ ଧାନ ଭର୍ତ୍ତିକରି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଥମେ ସମର୍ପିତ କରାଯାଉଥିବାରୁ ଏହାକୁ ମାଣବସା ଗୁରୁବାର କୁହାଯାଏ । ଏହି ମାସର ଅଷ୍ଟମୀ ତିଥିରେ ପରିବାରର ଜ୍ୟେଷ୍ଠ ସନ୍ତାନର ଦୀର୍ଘ ଓ ସୁସ୍ଥଜୀବନ ପାଇଁ ସନ୍ତାନଙ୍କ ରକ୍ଷାକର୍ତ୍ତାଭାବେ ବିଶ୍ୱାସ କରାଯାଉଥିବା ଷଷ୍ଠୀଦେବୀଙ୍କ ପୂଜା କରାଯାଏ । ଏହି ପର୍ବକୁ ପ୍ରଥମାଷ୍ଟମୀ କୁହାଯାଏ ।

ପୌଷମାସର ଶୁକ୍ଳପକ୍ଷ ଦଶମୀ ଦିନ କୃଷ୍ଣଙ୍କ ପୁତ୍ର ଶାମ୍ବ ସୂର୍ଯ୍ୟଦେବତାଙ୍କ ଆଶୀର୍ବାଦରେ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇଥିବାର ବିଶ୍ୱାସରେ ଏହିଦିନ ପ୍ରାତଃ କାଳରେ, ମଧ୍ୟାହ୍ନରେ ଓ ଅପରାହ୍ଣରେ ସୂର୍ଯ୍ୟ ପୂଜା କରାଯାଇ ଶାମ୍ବ ଦଶମୀ ପାଳନ କରାଯାଏ ।

*ତୁମେ ଜାଣିଛ କି ?*

***ଏହି ଦିନ ଅପହୃତ ରୁକ୍ମିଣୀ ପୁତ୍ର ପ୍ରଦ୍ୟୁମ୍ନ ଶମ୍ବର ନାମକ ଅସୁରଙ୍କୁ ହତ୍ୟାକରି ତାଙ୍କ ପିତାମାତାଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିଥିବା ବିଶ୍ୱାସରେ ଏହି ପର୍ବକୁ ଶମ୍ବର ଦଶମୀ ବା ଶାମ୍ବଦଶମୀ କୁହାଯାଏ ।***

ଏହି ମାସର ସଂକ୍ରାନ୍ତିଦିନ ଧନୁତୀର ଉତ୍ସବକୁ ଉପଭୋଗ କରିବା ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣଙ୍କ ମଥୁରାଯାତ୍ରାର ସ୍ମାରକୀଭାବେ ଧନୁଯାତ୍ରା ପାଳିତ ହୋଇଥାଏ । ବରଗଡ଼ ଜିଲ୍ଲାର ବରଗଡ଼ ସହର ଧନୁଯାତ୍ରା ଉତ୍ସବପାଇଁ ସମଗ୍ର ଭାରତରେ ପ୍ରସିଦ୍ଧି ଲାଭ କରିଛି ।

ମାଘ ମାସର ପ୍ରଥମଦିନ ସୂର୍ଯ୍ୟ ମକର ରାଶିରେ ଅବସ୍ଥାନ କରି କ୍ରମେ ଉତ୍ତର ଦିଗକୁ ଗତିକରିବା ଜଣାପଡ଼େ

ଏବଂ ଏହାକୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି କୁହାଯାଏ । ଏହି ଦିନଟି ଓଡ଼ିଶାରେ ମକର ସଂକ୍ରାନ୍ତିଭାବେ ପାଳନ କରାଯାଏ ଓ ସୂର୍ଯ୍ୟଦେବତାଙ୍କୁ ପୂଜା କରାଯାଏ । ମାଘ ମାସର ଶୁକ୍ଳପକ୍ଷ ପଞ୍ଚମୀ ଦିନଟି ସୌନ୍ଦର୍ଯ୍ୟ ଓ ଆନନ୍ଦର ଋତୁ ବସନ୍ତର ଆଗମନକୁ ବସନ୍ତ ପଞ୍ଚମୀଭାବେ ପାଳନ କରାଯାଏ । ଏହି ଦିନ ଶ୍ରୀ ବା ସୌନ୍ଦର୍ଯ୍ୟର ମୂର୍ତ୍ତି ସରସ୍ୱତୀଙ୍କ ପୂଜା କରାଯାଏ । ତେଣୁ ଏହି ପର୍ବକୁ ଶ୍ରୀପଞ୍ଚମୀ ମଧ୍ୟ କୁହାଯାଏ । ମାଘ ମାସ କୃଷ୍ଣପକ୍ଷ ସପ୍ତମୀ ଦିନ ବ୍ୟାଧି ଓ ପାପରୁ ମୁକ୍ତି ପାଇଁ ସ୍ୱତନ୍ତ୍ରଭାବେ ସୂର୍ଯ୍ୟଙ୍କର ପୂଜା ଅନୁଷ୍ଠିତ ହୁଏ ଏବଂ ପବିତ୍ର ଚନ୍ଦ୍ରଭାଗାରେ ସ୍ନାନ କରାଯାଏ । କୋଣାର୍କଠାରେ ଅନୁଷ୍ଠିତ ମାଘ ସପ୍ତମୀ ଉତ୍ସବ ପାଳନ ଭାରତ ବିଖ୍ୟାତ । ଭାରତର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ସଂଖ୍ୟକ ଲୋକ କୋଣାର୍କର ଚନ୍ଦ୍ରଭାଗାରେ ବୁଡ଼ ପକାଇଥାନ୍ତି ।

ଫାଲ୍‌ଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଶିବ ଚତୁର୍ଦ୍ଦଶୀ ବା ଶିବରାତ୍ରୀ ବା ଜାଗର ଭାବେ ପାଳିତ ହୁଏ । ଏହିଦିନ କ୍ଷୀର ସାଗରର ମନ୍ଥନରୁ ନିର୍ଗତ ହୋଇଥିବା ବିଷକୁ ଅନ୍ୟ ଦେବଦେବୀ ଭକ୍ଷଣ କରି ମୃତ୍ୟୁବରଣ କରିବାର ଆଶଙ୍କା ଥିବାରୁ ଶିବ ତାଙ୍କପ୍ରତି କିଛି ବିପଦ ହେବନାହିଁ ବୋଲି ଜାଣି ନିଜେ ତା'କୁ ପାନ କରିଥିଲେ, କିନ୍ତୁ ସମସ୍ତ ଦେବଦେବୀ ଶିବଙ୍କ ଜୀବନରକ୍ଷା ପାଇଁ ସାରା ରାତି ଉଜାଗର ରହିଥିଲେ ବୋଲି ବିଶ୍ୱାସ କରାଯାଏ । ଏହାର ସ୍ମାରକୀଭାବେ ପ୍ରତ୍ୟେକ ବର୍ଷ ଏହି ପର୍ବରେ ସାରାରାତି ଦୀପଜାଳି, ଶିବପୁରାଣ ପାଠକରି ଭକ୍ତମାନେ ଉଜାଗର ରହନ୍ତି । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ପାଳିତ ଏହି ଉତ୍ସବ ବହୁ ପ୍ରସିଦ୍ଧ । ପୁରାତନ କାଳର ରାଜା ମହାରାଜାଙ୍କ ସମୟରୁ ଚୈତ୍ର ମାସରେ ଅମାବାସ୍ୟା ଦିନ ଚୈତ୍ରପର୍ବ ପାଳନ କରାଯାଏ । ଏହି ଦିନ ସମାଜର ଓ ବ୍ୟକ୍ତିର ମଙ୍ଗଳପାଇଁ ତଥା ସାମ୍ରାଜ୍ୟ ଓ ସମ୍ରାଟଙ୍କ ସମୃଦ୍ଧିପାଇଁ ଶୈବ ରୀତି ମାଧ୍ୟମରେ ଶିବଙ୍କୁ ଆବାହନ ଓ ପ୍ରସନ୍ନ କରାଯାଏ ।

ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀଦିନ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରଥଯାତ୍ରା ଏବଂ ଅଶୋକାଷ୍ଟମୀ ପର୍ବ ପାଳିତ ହୁଏ । ଭୁବନେଶ୍ୱରରେ ମହା ସମାରୋହରେ ଅନୁଷ୍ଠିତ ଏହି ରଥଯାତ୍ରାରେ ଲିଙ୍ଗରାଜଙ୍କ ପ୍ରତିନିଧି ଦେବତାଭାବେ ଶ୍ରୀଚନ୍ଦ୍ରଶେଖର ରଥାରୂଢ଼ ହୋଇ ଲିଙ୍ଗରାଜ ମନ୍ଦିର ଠାରୁ ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରିଥାନ୍ତି । ଏହି ଦିନ ଶ୍ରୀରାମଚନ୍ଦ୍ର ରାବଣକୁ ହତ୍ୟାକରି ନିଜର ଓ ଅଯୋଧ୍ୟାବାସୀଙ୍କ ଦୁଃଖ ବା ଶୋକ ମୋଚନ କରିଥିବାର ବିଶ୍ୱାସ ଯୋଗୁଁ ଏହି ତିଥିଟି ଅଶୋକାଷ୍ଟମୀଭାବେ ମଧ୍ୟ ପାଳିତ ହୁଏ ।

ଓଡ଼ିଶାର ଐତିହ୍ୟ ବହନ କରୁଥିବା ଏହାର ନିଜର ପର୍ବପର୍ବାଣି ବ୍ୟତୀତ ଭାରତର ଅନ୍ୟ ରାଜ୍ୟମାନଙ୍କ ଭଳି ଓଡ଼ିଶାରେ ମଧ୍ୟ ରାକ୍ଷୀ ପୂର୍ଣ୍ଣିମା, ଗଣେଶ ଚତୁର୍ଥୀ, ଜନ୍ମାଷ୍ଟମୀ, ଦୁର୍ଗାପୂଜା ଓ ଦଶହରା, କାଳୀପୂଜା ଓ ଦୀପାବଳୀ, ଦୋଳ ପୂର୍ଣ୍ଣିମା ଓ ହୋଲି ଏବଂ ରାମ ନବମୀ ପ୍ରଭୃତି ଯଥେଷ୍ଟ ଆଡ଼ମ୍ବର ସହିତ ପାଳନ କରାଯାଏ ।

**ତୁମ ପାଇଁ କାମ :**

***ତୁମେ ଭାଗ ନେଇଥିବା ବା ଦେଖିଥିବା ଯେ କୌଣସି ଧର୍ମମତର ଗୋଟିଏ ପର୍ବ ପାଳନ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ପ୍ରବନ୍ଧ ଲେଖ ।***

ଉପରଲିଖିତ ଉପାଦାନଗୁଡ଼ିକର ଆଲୋଚନାରୁ ଜଣାଯାଏ ଯେ ଓଡ଼ିଶାର ଏକ ଉନ୍ନତ, ସମୃଦ୍ଧ ଓ ପ୍ରସିଦ୍ଧ ଐତିହ୍ୟ ରହିଛି । ଏହି ଐତିହ୍ୟର ସମ୍ମାନ ଓ ସୁରକ୍ଷା ପ୍ରତ୍ୟେକ ପିଢ଼ିର ଓଡ଼ିଶାବାସୀଙ୍କ କର୍ତ୍ତବ୍ୟ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ କିପରି ଓଡ଼ିଆ ସାହିତ୍ୟର ବିକାଶ ହୋଇଥିଲା ?

(ଖ) ସୋମବଂଶୀ, ପରବର୍ତ୍ତୀ ଗଙ୍ଗବଂଶ ଓ ସୂର୍ଯ୍ୟବଂଶୀ ଗଜପତି ଯୁଗରେ ନିର୍ମିତ ମନ୍ଦିରଗୁଡ଼ିକ ଉଲ୍ଲେଖ କର ।

(ଗ) ଓଡ଼ିଶାର ଚିତ୍ରକଳା ବର୍ଣ୍ଣନ କର ।

(ଘ) ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦିଅ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ଆର୍ଯ୍ୟଭାଷାଭାଷୀମାନେ କେଉଁ ଅଞ୍ଚଳରୁ ଓଡ଼ିଶାରେ ବସତି ସ୍ଥାପନ କରିବାପାଇଁ ଆସିଥିଲେ ?

(ଖ) କେଉଁ ଦୁଇଟି ରଚ଼ନା ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ନମୁନା ଭାବେ ପରିଗଣିତ ହୁଏ ?

(ଗ) ମାର୍କଣ୍ଡ ଦାସଙ୍କ ରଚିତ କେଶବ କୋଇଲିର ବୈଶିଷ୍ଟ୍ୟଗୁଡ଼ିକ କ'ଣ ?

(ଘ) 'ସମର ତରଙ୍ଗ'ର ରଚ଼ୟିତା କିଏ ? ଏହା କାହିଁକି ଭାରତୀୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ?

(ଙ) ଗଙ୍ଗାଧର ମେହେର୍‌ଙ୍କ କବିତାର ଶୈଳୀ ଓ ବିଷୟର ଭିତ୍ତି କ'ଣ ?

(ଚ) ବାଲେଶ୍ୱର ଜିଲ୍ଲାର କେଉଁ ସ୍ଥାନଗୁଡ଼ିକରେ ଜୈନ କୀର୍ତ୍ତି ଦେଖିବାକୁ ମିଳେ ?

(ଛ) ଭାରତର ମନ୍ଦିରଗୁଡ଼ିକର ସ୍ଥାପତ୍ୟ ଶୈଳୀ କେତେ ପ୍ରକାର ଓ ସେଗୁଡ଼ିକ କ'ଣ ?

(ଜ) ଓଡ଼ିଶାର ପ୍ରାଚୀନ ଭାସ୍କର୍ଯ୍ୟ କଳାରେ ସ୍ଥାନ ପାଇଥିବା ଚାରିଟି ବାଦ୍ୟଯନ୍ତ୍ରର ନାମ ଲେଖ ।

(ଝ) ଓଡ଼ିଶାର କେଉଁ ସ୍ଥାନଗୁଡ଼ିକ ଶିଙ୍ଗ କାରିଗରି କୌଶଳ ପାଇଁ ପ୍ରସିଦ୍ଧ ?

(ଞ) ପ୍ରାଚୀନ ଓଡ଼ିଶାର ବନ୍ଦର ଗୁଡ଼ିକର ନାମ କ'ଣ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କାହାକୁ ଓଡ଼ିଶାର ପ୍ରଥମ ସ୍ୱଦେଶ ସାହିତ୍ୟଭାବେ ଗ୍ରହଣ କରାଯାଇଛି ?

(ଖ) ରାଣୀଗୁମ୍ଫା କେଉଁ ପାହାଡ଼ରେ ରହିଛି ?

(ଗ) କୋଣାର୍କ ସୂର୍ଯ୍ୟ ମନ୍ଦିରର ନିର୍ମାତା କେଉଁ ବଂଶର ରାଜା ଥିଲେ ?

(ଘ) କେବେଠାରୁ ଓଡ଼ିଶାରେ ମନ୍ଦିର ନିର୍ମାଣର ସମାପ୍ତି ଘଟିଥିଲା ?

(ଙ) କଟକ ତିନିକୋଣିଆ ବଗିଚାଠାରେ କେଉଁ ଚର୍ଚ୍ଚ ଅବସ୍ଥିତ ?

(ଚ) 'ପଶାପାଳି' ଶାଢ଼ି ମୁଖ୍ୟତଃ ଓଡ଼ିଶାର କେଉଁ ଜିଲ୍ଲାରେ ପ୍ରସ୍ତୁତ କରାଯାଏ ?

(ଛ) ପ୍ରାଚୀନ ଓଡ଼ିଶାର ବଣିକମାନଙ୍କୁ କ'ଣ କୁହାଯାଉଥିଲା ?

(ଜ) କେଉଁଠାରେ କଳିଙ୍ଗର ରାଜାଙ୍କୁ 'ମହୋଦଧିପତି' ଭାବେ ଚିତ୍ରଣ କରାଯାଇଛି ?

(ଝ) ନୂଆଖାଇ ପର୍ବକୁ ଆଉ କ'ଣ କୁହାଯାଏ ?

(ଞ) କେଉଁ ଦିନ ବାଲିଯାତ୍ରା ଅନୁଷ୍ଠିତ ହୁଏ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ସଙ୍ଗେ ତା'ର କ୍ରମିକ ନମ୍ବର ବାଛି ଲେଖ ।**

(କ) 'ବିଲଙ୍କା ରାମାୟଣ'ର ରଚୟିତା କିଏ ?

(i) ବଳ୍ପା ଦାସ (ii) ସାରଳା ଦାସ (iii) ମାର୍କଣ୍ଡ ଦାସ (iv) ଅର୍ଜୁନ ଦାସ

(ଖ) 'ତପସ୍ୱିନୀ' କିଏ ରଚନା କରିଥିଲେ ?

(i) ଉପେନ୍ଦ୍ର ଭଞ୍ଜ (ii) ରାଧାନାଥ ରାୟ (iii) ଗଙ୍ଗାଧର ମେହେର (iv) ନନ୍ଦ କିଶୋର ବଳ

(ଗ) କେଉଁଗୋଟି ଓଡ଼ିଶାର ସର୍ବ ପ୍ରଥମ ଭାସ୍କର୍ଯ୍ୟଭାବେ ପରିଗଣିତ ?

(i) ଧଉଳି ପାହାଡ଼ର ଅଶୋକଙ୍କ ଶିଳାଲେଖ ଉପରିଭାଗରେ ହାତୀର ପ୍ରତିମୂର୍ତ୍ତି

(ii) ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାର ଭାସ୍କର୍ଯ୍ୟ

(iii) ପର୍ଶୁରାମେଶ୍ୱର ମନ୍ଦିର ଭାସ୍କର୍ଯ୍ୟ

(iv) କୋଣାର୍କ ସୂର୍ଯ୍ୟ ମନ୍ଦିର ଭାସ୍କର୍ଯ୍ୟ

(ଘ) ମୁକ୍ତେଶ୍ୱର ମନ୍ଦିର କେଉଁଠାରେ ଅବସ୍ଥିତ ?

(i) ଲଳିତଗିରି (ii) ଭୁବନେଶ୍ୱର (iii) ସୀତାବାଞ୍ଜି (iv) ପୁରୀ

(ଙ) ଭୁବନେଶ୍ୱରର କପିଳେଶ୍ୱର ମନ୍ଦିର କେଉଁ ରାଜବଂଶର ଶାସନ ସମୟରେ ନିର୍ମିତ ହୋଇଥିଲା ?

(i) ଭୌମକର (ii) ସୋମବଂଶୀ (iii) ଗଙ୍ଗବଂଶ (iv) ସୂର୍ଯ୍ୟବଂଶୀ ଗଜପତି

(ଚ) ତାତର ଖାଁ ମସ୍‌ଜିଦ୍ କଟକରେ କେଉଁଠାରେ ଅବସ୍ଥିତ ?

(i) ଦରଘା ବଜାର (ii) ଦିୱାନ ବଜାର (iii) ବାଲୁବଜାର (iv) କାଠଯୋଡି କୂଳ

(ଛ) 'ଗୀତ ଗୋବିନ୍ଦ'ର ରଚୟିତା କିଏ ?

(i) ଅଚ୍ୟୁତାନନ୍ଦ ଦାସ (ii) ଭକ୍ତ ସାଲବେଗ୍ (iii) ଜୟଦେବ (iv) ଅଭିମନ୍ୟୁ ସାମନ୍ତସିଂହାର

(ଜ) କେଉଁ ନୃତ୍ୟ ଶୈଳୀରୁ ଓଡ଼ିଶୀ ନୃତ୍ୟର ସୃଷ୍ଟି ହୋଇଛି ?

(i) ଦଣ୍ଡନାଚ (ii) ନାଗନାଚ (iii) ମାହାରୀନାଚ (iv) ଛଉନାଚ

(ଝ) କେଉଁ ପର୍ବରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ତିନି ରଥର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ ?

(i) ବିଷୁବ ସଂକ୍ରାନ୍ତି (ii) ଅକ୍ଷୟ ତୃତୀୟା (iii) ଶୀତଳଷଷ୍ଠୀ (iv) ଦେବସ୍ନାନ ପୂର୍ଣ୍ଣିମା

(ଞ) କେଉଁ ସ୍ଥାନ ଧନୁଯାତ୍ରା ପାଇଁ ସମଗ୍ର ଭାରତରେ ପ୍ରସିଦ୍ଧି ଲାଭ କରିଛି ?

(i) ସମ୍ବଲପୁର (ii) ଧବଳେଶ୍ୱର (iii) ବରଗଡ଼ (iv) ବାଙ୍କୀ

**୫. ପାଠରେ ଦିଆଯାଇଥିବା ତୁମ ପାଇଁ କାମ ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

●●

## ପ୍ରଥମ ଅଧ୍ୟାୟ

# ମୌଳିକ ଅଧିକାର, ମୌଳିକ କର୍ତ୍ତବ୍ୟ ଓ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ

# (Fundamental Rights, Fundamental Duties and Directive Principles of State Policy)

## ପ୍ରଥମ ପାଠ

# ମୌଳିକ ଅଧିକାର

# (Fundamental Rights)

ଗଣତନ୍ତ୍ରର ଲକ୍ଷ୍ୟ ହେଲା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ । ବ୍ୟକ୍ତିର ବ୍ୟକ୍ତିତ୍ୱ ବସ୍ତୁତଃ ବ୍ୟକ୍ତିର ସ୍ୱାଧୀନତା ଉପରେ ଆଧାରିତ । ଗଣତାନ୍ତ୍ରିକ ରାଷ୍ଟ୍ରରେ ସେଥିଯୋଗୁଁ ବ୍ୟକ୍ତିର ସ୍ୱାଧୀନତା ଓ ରାଷ୍ଟ୍ରର କ୍ଷମତା ମଧ୍ୟରେ ଭାରସାମ୍ୟ ରହିବା ଦରକାର । ବିଶ୍ୱର ଅନେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ଭାରସାମ୍ୟ ରକ୍ଷା କରିବା ପାଇଁ ନାଗରିକମାନଙ୍କୁ ମୌଳିକ ଅଧିକାର ପ୍ରଦାନର ବ୍ୟବସ୍ଥା ରହିଛି । ମୌଳିକ ଅଧିକାର ଦ୍ୱାରା ନାଗରିକ ନିଜର ବ୍ୟକ୍ତିତ୍ୱର ବିକାଶ କରିବା ସଙ୍ଗେ ସଙ୍ଗେ ରାଷ୍ଟ୍ରର ଯଥେଚ୍ଛାଚାର କ୍ଷମତାକୁ ସଙ୍କୁଚିତ କରିଥାଏ ।

ଭାରତରେ ମଧ୍ୟ ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରପରି ନାଗରିକମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରାଯାଇଛି । ଭାରତର ସମ୍ବିଧାନର ତୃତୀୟ ଭାଗରେ ଥିବା ଧାରା ୧୨ ରୁ ଧାରା ୩୫ ମଧ୍ୟରେ ଏହି ମୌଳିକ ଅଧିକାରଗୁଡ଼ିକ ବର୍ଣ୍ଣିତ ହୋଇଛି । ଭାରତର ସମ୍ବିଧାନର ପ୍ରଣେତାମାନେ ଏହି ମୌଳିକ ଅଧିକାରଗୁଡ଼ିକର ଆବଶ୍ୟକତା ଅନୁଭବ କଲାବେଳେ ଅନେକାଂଶରେ ଆମେରିକାର **'ଅଧିକାର ସମ୍ପର୍କିତ ଆଇନ'** (Bill of Rights) ଦ୍ୱାରା ପ୍ରଭାବିତ ହୋଇଥିଲେ ।

ଆମର ଏହି ଅଧିକାରଗୁଡ଼ିକୁ ମୌଳିକ ଅଧିକାର କୁହାଯାଏ, କାରଣ ପ୍ରତ୍ୟେକ ଭାରତୀୟ ନାଗରିକର ଉତ୍ତମ ଜୀବନଯାପନ ଓ ବ୍ୟକ୍ତିଗତ ସୁରକ୍ଷା ଲାଗି ଏଗୁଡ଼ିକର ଆବଶ୍ୟକତା ରହିଛି । ପୁଣି ଏହି ଅଧିକାରଗୁଡ଼ିକ କାହାରି ବ୍ୟକ୍ତିଗତ ଇଚ୍ଛାରେ ସଂଶୋଧିତ ବା ସଙ୍କୁଚିତ ହୋଇପାରିବ ନାହିଁ ।

### ମୌଳିକ ଅଧିକାର : ସ୍ୱତନ୍ତ୍ର ଲକ୍ଷଣ

(କ) ବ୍ୟକ୍ତିର ବ୍ୟକ୍ତିତ୍ୱର ପୂର୍ଣ୍ଣ ପରିପ୍ରକାଶ ପାଇଁ ମୌଳିକ ଅଧିକାରଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ ।

(ଖ) ସରକାରଙ୍କର ଯଥେଚ୍ଛାଚାରର ଶାସନ ଉପରେ ମୌଳିକ ଅଧିକାର ଅଙ୍କୁଶ ଲଗାଇଥାଏ ।

(ଗ) ଏହି ଅଧିକାରଗୁଡ଼ିକର ପରିବର୍ତ୍ତନ ବା ପ୍ରତ୍ୟାହାର ସାଧାରଣ ଆଇନ ବଳରେ କରାଯାଇପାରିବ ନାହିଁ ।

(ଘ) ଭାରତର ସମସ୍ତ ନାଗରିକ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମାନ ଭାବରେ ଏହି ଅଧିକାରଗୁଡ଼ିକୁ ଉପଭୋଗ କରିପାରିବେ ।

(ଙ) ଏହି ଅଧିକାରଗୁଡ଼ିକ ନିରଙ୍କୁଶ ନୁହେଁ । ଜରୁରି ପରିସ୍ଥିତିରେ ଓ **ପ୍ରତିଷେଧମୂଳକ ଅଟକ** (Preventive Detention) କାରଣରୁ ମୌଳିକ ଅଧିକାରକୁ ସାମୟିକ ଭାବେ ସଙ୍କୁଚିତ ବା ସ୍ଥଗିତ ବା ନିଲମ୍ବିତ ରଖାଯାଇପାରିବ ।

(ଚ) ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାରକୁ ସଂକୁଚିତ ବା ପ୍ରତ୍ୟାହାର କରିବା କ୍ଷମତା କେବଳ ଭାରତର ସଂସଦ (Parliament)ର ରହିଛି ।

(ଛ) ଏହି ଅଧିକାରଗୁଡ଼ିକ ନ୍ୟାୟାଳୟରେ ପ୍ରତିପାଦନୀୟ (Justiciable) ଅର୍ଥାତ୍ କୌଣସି ନାଗରିକର ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ସେ ନ୍ୟାୟାଳୟର ଆଶ୍ରୟ ନେଇ ତାହାର ପ୍ରତିକାର କରିପାରିବ ।

(ଜ) ନାଗରିକର ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ଯେ କୌଣସି ଆଇନକୁ ନ୍ୟାୟାଳୟ ଅସିଦ୍ଧ ଘୋଷଣା କରିପାରିବ ।

> *ତୁମେ ଜାଣିଛ କି ?*
>
> *୧୯୭୮ ମସିହାରେ ୪୪ତମ ସମ୍ବିଧାନ ସଂଶୋଧନ ଆଇନ୍ ଦ୍ୱାରା ବ୍ୟକ୍ତିର ସମ୍ପତ୍ତିଗତ ଅଧିକାର (Right to Property) କୁ ମୌଳିକ ଅଧିକାର ତାଲିକାରୁ ବାଦ ଦିଆଗଲା । ସୁତରାଂ ସମ୍ବିଧାନର ଧାରା ୩୦୦ (କ) ଅନୁସାରେ ସମ୍ପତ୍ତିଗତ ଅଧିକାର ଏକ ମୌଳିକ ଅଧିକାର ନୁହେଁ ।*

## ମୌଳିକ ଅଧିକାରଗୁଡ଼ିକର ପ୍ରକାର ଭେଦ :

**(Classification of Fundamental Rights)**

ପ୍ରଥମେ ଭାରତର ସମ୍ବିଧାନରେ ନାଗରିକମାନଙ୍କୁ **ସାତଗୋଟି** ମୌଳିକ ଅଧିକାର ପ୍ରଦାନ କରାଯାଇଥିଲା । ସମ୍ପତ୍ତିଗତ ଅଧିକାରକୁ ମୌଳିକ ଅଧିକାର ତାଲିକାରୁ ବାଦ ଦିଆଯିବା ପରଠାରୁ ଭାରତୀୟ ନାଗରିକମାନେ ନିମ୍ନଲିଖିତ **ଛଅଗୋଟି** ମୌଳିକ ଅଧିକାର ଉପଭୋଗ କରୁଅଛନ୍ତି । ସେଗୁଡ଼ିକ ହେଲା :

- **ସମାନତାର ଅଧିକାର** (Right to Equality)
- **ସ୍ୱାଧୀନତାର ଅଧିକାର** (Right to Freedom)
- **ଶୋଷଣ ବିରୋଧରେ ଅଧିକାର** (Right against Exploitation)
- **ଧର୍ମଗତ ସ୍ୱାଧୀନତାର ଅଧିକାର** (Right to Freedom of Religion)
- **ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର** (Cultural and Educational Rights)
- **ସାମ୍ବିଧାନିକ ପ୍ରତିକାରର ଅଧିକାର** (Right to Constitutional Remedies)

### ୧. ସମାନତାର ଅଧିକାର (Right to Equality)

ଆମ ସମ୍ବିଧାନରେ ସମାନତାକୁ ଗୁରୁତ୍ୱ ଦିଆଯାଇ ଧାରା ୧୪ ରୁ ଧାରା ୧୮ ମଧ୍ୟରେ ନାଗରିକମାନଙ୍କୁ ସମାନତାର ଅଧିକାର ପ୍ରଦାନ କରାଯାଇଛି । ଫଳରେ :

- ଆଇନ ଆଗରେ ସମସ୍ତ ନାଗରିକ ସମାନ ଓ ଆଇନଗତ ସୁରକ୍ଷା ସମସ୍ତଙ୍କ ପାଇଁ ସମାନ ।
- ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଜନ୍ମସ୍ଥାନ ଭିତ୍ତିରେ କୌଣସି ନାଗରିକ ପ୍ରତି ପାତରଅନ୍ତର କରାଯାଇପାରିବ ନାହିଁ । କିନ୍ତୁ ଶିଶୁ, ମହିଳା, ଅନୁସୂଚିତ ଜାତି ଓ ଜନଜାତିର ଲୋକମାନଙ୍କ ପାଇଁ ଯେତେବେଳେ ଆବଶ୍ୟକ ପଡ଼ିବ, ସେତେବେଳେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇ ପାରିବ ।
- ସରକାରୀ ଚାକିରି ତଥା ନିଯୁକ୍ତି କ୍ଷେତ୍ରରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରାଯିବ । କିନ୍ତୁ ସମାଜର ଦୁର୍ବଳ ବର୍ଗ ବା ଅନୁନ୍ନତ ଶ୍ରେଣୀ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଜନଜାତିର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ସଂକୁଚିତ କରାଯାଇ ପାରିବ ନାହିଁ ।
- ଅସ୍ପୃଶ୍ୟତା ନିବାରଣ କରାଯିବା ସହିତ ଏହାର ବିଲୋପ ସାଧନ କରାଯାଇଛି ।
- ସମସ୍ତ ପ୍ରକାର ଆଳଙ୍କାରିକ ଉପାଧିଗୁଡ଼ିକ ଉଚ୍ଛେଦ କରାଯାଇଛି । ମାତ୍ର ସ୍ୱାଧୀନତା ପରଠାରୁ ଦେଶରେ ଉଲ୍ଲେଖନୀୟ ସେବା ପ୍ରଦାନ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ଦ୍ୱାରା **ଭାରତରତ୍ନ, ପଦ୍ମବିଭୂଷଣ, ପଦ୍ମଭୂଷଣ, ପଦ୍ମଶ୍ରୀ** ଆଦି ଉପାଧି ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ଉପାଧି ପ୍ରଦାନ କରିବା ପାଇଁ ଅଧିକାର ଦିଆଯାଇଛି ।

ସେହିପରି ରାଷ୍ଟ୍ରଦ୍ୱାରା ବିଭିନ୍ନ ପ୍ରକାରର **'ସାମରିକ ଉପାଧି'** ପ୍ରଦାନର ବ୍ୟବସ୍ଥା ରହିଛି ।

**୨. ସ୍ୱାଧୀନତାର ଅଧିକାର(Right to Freedom)**

**ସମ୍ବିଧାନର ଧାରା ୧୯ ରୁ ଧାରା ୨୨** ଧାରା ମଧ୍ୟରେ ନାଗରିକମାନଙ୍କୁ ସ୍ୱାଧୀନତାର ଅଧିକାର ଦିଆଯାଇଛି । **ସମ୍ବିଧାନର ଧାରା ୧୯ ରେ** ପ୍ରଥମେ **ସାତଗୋଟି** ପ୍ରସଙ୍ଗରେ ନାଗରିକମାନଙ୍କୁ ସ୍ୱାଧୀନତାର ଅଧିକାର ଦିଆଯାଇଥିଲା । ମାତ୍ର ୧୯୭୮ ମସିହାରେ ପ୍ରଣୀତ ୪୪ତମ ସମ୍ବିଧାନ ସଂଶୋଧନ ଆଇନ ମାଧ୍ୟମରେ ଏଥିରୁ ଗୋଟିଏ, ଅର୍ଥାତ୍ **ସମ୍ପତ୍ତିଗତ ସ୍ୱାଧୀନତାର ଅଧିକାରକୁ** ବାଦ୍ ଦିଆଯାଇଛି । ଫଳରେ ବର୍ତ୍ତମାନ ନାଗରିକମାନେ ନିମ୍ନୋକ୍ତ **ଛଅଗୋଟି** ପ୍ରସଙ୍ଗରେ ସ୍ୱାଧୀନତାର ଅଧିକାର ଉପଭୋଗ କରୁଛନ୍ତି; ଯଥା :–

(କ) ଭାଷଣ ତଥା ମତାମତ ପ୍ରକାଶ କରିବାର ସ୍ୱାଧୀନତା

(ଖ) ଶାନ୍ତିପୂର୍ଣ୍ଣ ଭାବରେ ଓ ନିରସ୍ତ୍ର ହୋଇ ସମାବେଶରେ ମିଳିତ ହେବାର ସ୍ୱାଧୀନତା ।

(ଗ) ସଂଘ ବା ସମିତି ଗଠନର ସ୍ୱାଧୀନତା ।

(ଘ) ଭାରତ ଭୂଖଣ୍ଡ ମଧ୍ୟରେ ଅବାଧ ବିଚରଣର ସ୍ୱାଧୀନତା ।

(ଙ) ଭାରତରେ ଯେ କୌଣସି ସ୍ଥାନରେ ବସବାସ କରିବାର ସ୍ୱାଧୀନତା ।

(ଚ) ଯେ କୌଣସି ବୃତ୍ତି, ଜୀବିକା, ବାଣିଜ୍ୟ ଓ ବ୍ୟବସାୟ କରିବାର ସ୍ୱାଧୀନତା ।

ମାତ୍ର, ଏହି ସ୍ୱାଧୀନତାଗୁଡ଼ିକ ନିରଙ୍କୁଶ ନୁହେଁ । ଆବଶ୍ୟକସ୍ଥଳେ ରାଷ୍ଟ୍ରର ଐକ୍ୟ ଓ ନିରାପତ୍ତା, ଶାନ୍ତି ଓ ଶୃଙ୍ଖଳାରକ୍ଷା, ନୈତିକତା ଓ ବିଦେଶୀ ରାଷ୍ଟ୍ର ସହିତ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ରକ୍ଷା ଦୃଷ୍ଟିରୁ ସରକାର ନ୍ୟାୟୋଚିତ ଭାବରେ ନାଗରିକର ବ୍ୟକ୍ତିଗତ ସ୍ୱାଧୀନତାକୁ ନିୟନ୍ତ୍ରଣ କରିପାରିବେ । ରାଷ୍ଟ୍ରପତି ଜରୁରିକାଳୀନ ପରିସ୍ଥିତିରେ ଏହି ବ୍ୟକ୍ତିଗତ ସ୍ୱାଧୀନତାଗୁଡ଼ିକୁ ନିଲମ୍ବିତ କରି ପାରିବେ ବା ସ୍ଥଗିତ ରଖିପାରିବେ । ଏହି ସ୍ୱାଧୀନତାଗୁଡ଼ିକ କେବଳ ଦେଶର ନାଗରିକମାନେ ଉପଭୋଗ କରିବେ ।

**ସମ୍ବିଧାନର ଧାରା ୨୦ରେ** ବର୍ଣ୍ଣିତ ହୋଇଥିବା ବ୍ୟବସ୍ଥା ଅନୁସାରେ ଦୋଷୀ ବା ଅପରାଧୀ ବିବେଚିତ ହେଉଥିବା ବ୍ୟକ୍ତିଙ୍କୁ ନିମ୍ନୋକ୍ତ **ତିନିଗୋଟି** ଅଧିକାର ପ୍ରଦାନ କରାଯାଇଛି; ଯଥା:- (କ) କୌଣସି ବ୍ୟକ୍ତି ସେହି ସମୟରେ ପ୍ରଚଳିତ ନଥିବା କୌଣସି ଆଇନ ଅନୁସାରେ ଦଣ୍ଡିତ ହେବେନାହିଁ । (ଖ) କୌଣସି ବ୍ୟକ୍ତି ଗୋଟିଏ ଅପରାଧ ପାଇଁ ଦୁଇଥର ଦଣ୍ଡ ଭୋଗ କରିବେ ନାହିଁ । (ଗ) କୌଣସି ବ୍ୟକ୍ତିଙ୍କୁ ନିଜ ବିରୋଧରେ ସାକ୍ଷ୍ୟ ଦେବାକୁ ବାଧ୍ୟ କରାଯିବ ନାହିଁ ।

**ସମ୍ବିଧାନର ଧାରା ୨୧** ଅନୁସାରେ ଆଇନ ଅନୁମୋଦିତ ପନ୍ଥା ଭିନ୍ନ ଅନ୍ୟ କୌଣସି ପନ୍ଥାରେ ନାଗରିକଙ୍କୁ ତାହାର ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯିବ ନାହିଁ । ଶିକ୍ଷାଲାଭକୁ ମୌଳିକ ଅଧିକାର ଭାବେ ସମ୍ବିଧାନର ଧାରା୨୧(କ)ରେ ଯୋଗ କରାଯାଇଛି । ୨୦୧୦ ମସିହା ଅପ୍ରେଲ୍ ମାସର ୧ ତାରିଖରୁ କାର୍ଯ୍ୟକାରୀ କରାଯାଇଥିବା ନୂତନ **ଶିକ୍ଷା ଅଧିକାର** ଆଇନ୍ ଅନୁସାରେ ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ବାଳକ ଓ ବାଳିକାମାନଙ୍କ ପାଇଁ ଶିକ୍ଷାଦାନ ମାଗଣା ଓ ବାଧ୍ୟତାମୂଳକ ହୋଇଛି ଏବଂ ତତ୍ସମ୍ପର୍କିତ ସମସ୍ତ ଖର୍ଚ୍ଚ ରାଷ୍ଟ୍ର ବହନ କରିବ ।

**ସମ୍ବିଧାନର ଧାରା ୨୨** ଅନୁଯାୟୀ ପ୍ରତ୍ୟେକ ନାଗରିକଙ୍କୁ ପ୍ରଦତ୍ତ କେତେକ ସୁରକ୍ଷା ଅଧିକାର ବଳରେ ସେ ପୋଲିସର ବେଆଇନ ଗିରଫଦାରୀରୁ ନିଜକୁ ମୁକ୍ତ ରଖିପାରିବେ । ଏହି ଧାରାରେ ପ୍ରଦତ୍ତ ବ୍ୟବସ୍ଥା ଅନୁସାରେ କୌଣସି ବ୍ୟକ୍ତିଙ୍କୁ ପୋଲିସ ମନଇଚ୍ଛା ଗିରଫ କରିପାରିବ ନାହିଁ । ଗିରଫ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗିରଫ ହେବାର କାରଣ ଯଥା ଶୀଘ୍ର ଜଣାଇ ଦିଆଯିବ । ପୋଲିସ ଗିରଫ କରିଥିବା ବ୍ୟକ୍ତି ଜଣକ ଚାହିଁଲେ ସେ ନିଜ ପସନ୍ଦ ଅନୁସାରେ ଓକିଲ ସହିତ ପରାମର୍ଶ କରି ନିଜ ପ୍ରତିରକ୍ଷା ବ୍ୟବସ୍ଥା ଗ୍ରହଣ କରିପାରିବେ । ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫ ହେବାର ୨୪ ଘଣ୍ଟା ମଧ୍ୟରେ ନିକଟତମ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ହାଜର କରାଯିବା ବାଧ୍ୟତାମୂଳକ

ଅଟେ । ମାଜିଷ୍ଟ୍ରେଟ୍‌ଙ୍କ ଆଦେଶ ବିନା କୌଣସି ବ୍ୟକ୍ତିଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ଅଟକ ରଖାଯିବ ନାହିଁ ।

ଏହି ବ୍ୟବସ୍ଥାଗୁଡିକ କେବଳ ଭାରତର ନାଗରିକମାନଙ୍କ ପ୍ରତି ପ୍ରଯୁଜ୍ୟ ହେବ । ବିଦେଶୀ ନାଗରିକମାନେ ଏହି ସୁବିଧା ପାଇ ପାରିବେ ନାହିଁ । ସେହିପରି **ଜାତୀୟ ନିରାପତ୍ତା ଆଇନ୍** (National Security Act), ଓ **ପ୍ରତିଷେଧ ମୂଳକ ଅଟକ ଆଇନ** (Preventive Detention Act) ଏବଂ **ସନ୍ତ୍ରାସବାଦୀ ଓ ଧ୍ୱଂସାତ୍ମକ କାର୍ଯ୍ୟାବଳୀ (ନିବାରଣ) ଆଇନ** [ Terrorist and Disruptive Activities (Prevention) Act ] ଦ୍ୱାରା ଅଟକ ହୋଇଥିବା ବ୍ୟକ୍ତିଙ୍କ ପ୍ରତି ଏହି ବ୍ୟବସ୍ଥା ଲାଗୁ ହେବ ନାହିଁ ।

## ୩. ଶୋଷଣ ବିରୋଧରେ ଅଧିକାର (Right Against Exploitation)

ଆମ ସମ୍ବିଧାନର **ଧାରା** ୨୩ ଓ ୨୪ରେ ନାଗରିକମାନଙ୍କୁ ଶୋଷଣ ବିରୋଧରେ କିଛି ଅଧିକାର ଦିଆଯାଇଛି ।

(କ) ମଣିଷ କିଣାବିକା, ବେଠି ଓ ବିନା ମଜୁରିରେ ବ୍ୟକ୍ତିଙ୍କୁ ଖଟାଇବା ଆଦି ବ୍ୟବସ୍ଥାକୁ ନିଷିଦ୍ଧ କରାଯାଇଛି । ଏହି ବ୍ୟବସ୍ଥାର ଖିଲାପ କରୁଥିବା ବ୍ୟକ୍ତି ଆଇନ ଅନୁସାରେ ଦଣ୍ଡନୀୟ ହେବେ । କିନ୍ତୁ ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ଜାତି, ଧର୍ମ, ବର୍ଣ୍ଣ ଓ ଶ୍ରେଣୀ ନିର୍ବିଶେଷରେ ନାଗରିକମାନଙ୍କୁ ଦେଶର ସ୍ୱାର୍ଥପାଇଁ ବାଧ୍ୟତାମୂଳକ ଭାବେ ରାଷ୍ଟ୍ର ନିୟୋଜିତ କରିପାରିବ ।

(ଖ) ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଖଣି, କଳ କାରଖାନା ଓ ଅନ୍ୟ କୌଣସି ବିପଦଜନକ କାମରେ ନିୟୋଜିତ କରିବାକୁ ନିଷିଦ୍ଧ କରାଯାଇଛି ।

## ୪. ଧର୍ମଗତ ସ୍ୱାଧୀନତାର ଅଧିକାର (Right to Freedom of Religion)

ଭାରତରେ ବହୁ ଧର୍ମର ପ୍ରଚଳନ ହେଉଥିବାରୁ ସମ୍ବିଧାନରେ ଭାରତକୁ **ଏକ ଧର୍ମନିରପେକ୍ଷ ରାଷ୍ଟ୍ର** ବୋଲି ଘୋଷଣା କରାଯାଇଛି । ଫଳରେ ରାଷ୍ଟ୍ର କୌଣସି ନିର୍ଦ୍ଦିଷ୍ଟ ଧର୍ମର ପୃଷ୍ଠପୋଷକତା କରିବ ନାହିଁ । ଭାରତରେ ବସବାସ କରୁଥିବା ବିଭିନ୍ନ ଧର୍ମର ନାଗରିକମାନଙ୍କୁ ସମ୍ବିଧାନର ଧାରା୨୫ ରୁ ଧାରା ୨୮ ଧାରା ମଧ୍ୟରେ **ଧର୍ମଗତ ସ୍ୱାଧୀନତାର ଅଧିକାର** ପ୍ରଦାନ କରାଯାଇଛି । ଏହି ଅଧିକାର ବଳରେ –

(କ) ପ୍ରତ୍ୟେକ ନାଗରିକ ନିଜ ବିବେକ ଅନୁସାରେ ସ୍ୱାଧୀନ ଭାବେ ଧର୍ମଗ୍ରହଣ, ଧର୍ମାଚରଣ ଓ ଧର୍ମ ପ୍ରଚାର କରିପାରିବେ ।

ଅବଶ୍ୟ ଆବଶ୍ୟକ ପଡ଼ିଲେ ରାଷ୍ଟ୍ରର ସୁରକ୍ଷା, ଏକତା, ନୈତିକତା ଓ ଶାନ୍ତିଶୃଙ୍ଖଳା ତଥା ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଏହି ଅଧିକାରକୁ ରାଷ୍ଟ୍ର ନିୟନ୍ତ୍ରଣ କରି ପାରିବ ।

(ଖ) ପ୍ରତ୍ୟେକ ଧର୍ମ-ସମ୍ପ୍ରଦାୟ ନିଜର ଧର୍ମାନୁଷ୍ଠାନ ପ୍ରତିଷ୍ଠା କରିବା ସହିତ ଏହାର ରକ୍ଷଣାବେକ୍ଷଣ କରିପାରିବେ ।

(ଗ) କୌଣସି ନିର୍ଦ୍ଦିଷ୍ଟ ଧର୍ମର ଉନ୍ନତି (Promotion) ପାଇଁ ଏବଂ କୌଣସି ଧର୍ମାନୁଷ୍ଠାନର ସୁରକ୍ଷା ଓ ରକ୍ଷଣାବେକ୍ଷଣ (maintenance) ପାଇଁ ନାଗରିକମାନଙ୍କଠାରୁ ବାଧ୍ୟତାମୂଳକ **'କର'** (ଟିକସ) ବା ଅର୍ଥ ଆଦାୟ କରାଯାଇ ପାରିବ ନାହିଁ ।

(ଘ) ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପରିଚାଳିତ କୌଣସି ଶିକ୍ଷାନୁଷ୍ଠାନଗୁଡ଼ିକରେ ନିର୍ଦ୍ଦିଷ୍ଟ ଧର୍ମ ସମ୍ପର୍କିତ ଶିକ୍ଷାଦାନ କରାଯାଇ ପାରିବ ନାହିଁ ।

## ୫. ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର (Cultural and Educational Rights)

ସମ୍ବିଧାନର ଧାରା ୨୯ ଓ ୩୦ରେ ଭାରତରେ ବାସ କରୁଥିବା ସଂଖ୍ୟାଲଘୁ ଗୋଷ୍ଠୀର ବ୍ୟକ୍ତିମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଏହି ଅଧିକାର ପ୍ରଦାନ କରାଯାଇଛି । ଫଳରେ :-

(କ) ସଂଖ୍ୟାଲଘୁ ସମ୍ପ୍ରଦାୟ ତାଙ୍କର ଭାଷା, ଲିପି ଓ ସଂସ୍କୃତିର ସୁରକ୍ଷା କରିବାର ଅଧିକାର ପାଇଛନ୍ତି । ସରକାରଙ୍କ ଦ୍ୱାରା ପରିଚାଳିତ ଅଥବା ସରକାରଙ୍କଠାରୁ ଅନୁଦାନ ପାଉଥିବା କୌଣସି ଶିକ୍ଷାନୁଷ୍ଠାନରେ କେବଳ ଧର୍ମ, ବର୍ଣ୍ଣ, ଜାତି, ଭାଷା ଓ ବାସସ୍ଥାନ ଆଦି କାରଣରୁ କୌଣସି ନାଗରିକକୁ ଅଧ୍ୟୟନ ପାଇଁ ନାମଲେଖାରୁ ବଞ୍ଚିତ କରାଯାଇ ପାରିବ ନାହିଁ ।

(ଖ) ସଂଖ୍ୟାଲଘୁ ଗୋଷ୍ଠୀ ନିଜ ମନମୁତାବକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିପାରିବେ ଓ ସେଗୁଡ଼ିକୁ ସରକାରୀ ସାହାଯ୍ୟ ମିଳିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

## ୬. ସାମ୍ବିଧାନିକ ପ୍ରତିକାରର ଅଧିକାର (Right to Constitutional Remedies)

ଏହି ଅଧିକାର ସମ୍ବିଧାନର ଧାରା ୩୨ରେ ଉଲ୍ଲେଖ କରାଯାଇଛି । ଏହି ଧାରା ଅନୁଯାୟୀ ଜଣେ ନାଗରିକ ନିଜର ମୌଳିକ ଅଧିକାରର ସୁରକ୍ଷା ପାଇଁ ଅଦାଲତର ସାହାଯ୍ୟ ନେଇ ପାରିବ । ଉପରୋକ୍ତ ପାଞ୍ଚଗୋଟି ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ପ୍ରତ୍ୟେକ ନାଗରିକ ଏହାର ସୁରକ୍ଷା ପାଇଁ ଭାରତର ଉଚ୍ଚତମ ନ୍ୟାୟାଳୟ (Supreme Court of India) ଓ ରାଜ୍ୟର ଉଚ୍ଚ ନ୍ୟାୟାଳୟ (State High Court) ରେ ସିଧାସଳଖ ଆବେଦନ କରିପାରିବେ । ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଉଚ୍ଚତମ ନ୍ୟାୟାଳୟ ଓ ରାଜ୍ୟର ଉଚ୍ଚ ନ୍ୟାୟାଳୟ **ପାଞ୍ଚପ୍ରକାର** ‘ରିଟ୍’ (writ) ବା ‘**ହୁକୁମନାମା**’ ବା ‘**ନିର୍ଦ୍ଦେଶନାମା**’ ଜାରିକରି ପାରିବେ । ସେଗୁଡ଼ିକ ହେଲା – (କ) **ବନ୍ଦୀ ପ୍ରତ୍ୟକ୍ଷୀକରଣ** (Habeas Corpus), (ଖ) **ପରମାଦେଶ** (Mandamus), (ଗ) **ନିଷେଧାଦେଶ** (Prohibition), (ଘ) **ଅଧିକାର ପୃଚ୍ଛା** (Quo Warranto), (ଙ) **ଉତ୍ପ୍ରେକ୍ଷଣ** (Certiorari) ।

ଏ ସବୁ ହୁକୁମନାମା ପାଳନ କରିବାକୁ ସମସ୍ତ ନାଗରିକ ବାଧ୍ୟ । କେବଳ କ୍ଷତିଗ୍ରସ୍ତ ହୋଇଥିବା ନାଗରିକ ବା ଗୋଷ୍ଠୀ ଏ ସମ୍ପର୍କରେ ଯେ ଆବେଦନ କରିପାରିବେ ତାହା ନୁହେଁ, ବରଂ ଯେ କୌଣସି ବ୍ୟକ୍ତି ଚାହିଁଲେ, ସେ ଏଥି ପାଇଁ ଅଦାଲତ ବା କୋର୍ଟକୁ ଯାଇପାରନ୍ତି । ଏହିପରି ଜନସ୍ୱାର୍ଥ ଜଡ଼ିତ ମାମଲାକୁ ‘**ଜନସ୍ୱାର୍ଥ ମାମଲା**’ (Public Interest Litigation) କୁହାଯାଇଥାଏ । କେତେକ ସ୍ଥଳେ ଏହିପରି ଘଟିଥିବା ଘଟଣା ସମ୍ବାଦପତ୍ର, ଟି.ଭି. ଚ୍ୟାନେଲ୍ ବା ଅନ୍ୟ କୌଣସି ସୂତ୍ରରୁ ଯଦି ହାଇକୋର୍ଟ ବା ସୁପ୍ରିମ୍‌କୋର୍ଟର ବିଚାରପତିମାନଙ୍କ ଦୃଷ୍ଟି ଗୋଚର ହୋଇଥାଏ, ତେବେ ଏହାକୁ ମଧ୍ୟ ‘**ଜନସ୍ୱାର୍ଥ ମାମଲା**’ ରୂପେ ବିଚାରପତିମାନେ ବିଚାର ପାଇଁ ଗ୍ରହଣ କରିଥାଆନ୍ତି ।

> *ତୁମେ ଜାଣିଛ କି ?*
>
> *ପାଶ୍ଚାତ୍ୟ ସଂବିଧାନବିତ୍ ଆଇଭର୍ ଜେନିଙ୍ଗସ୍‌ଙ୍କ ଭାଷାରେ, ଭାରତର ସମ୍ବିଧାନ ହେଉଛି ‘ଓକିଲମାନଙ୍କ ଭୂସ୍ୱର୍ଗ’ (Lawyers’ Paradise) ।*

> *ତୁମେ ଜାଣିଛ କି ?*
>
> *ମୌଳିକ ଅଧିକାର ଉପରେ ଥିବା ବିଭିନ୍ନ କଟକଣାଗୁଡ଼ିକ ଏହାର ଗୁରୁତ୍ୱକୁ କ୍ଷୁଣ୍ଣ କରିଛି ।*

> *ତୁମେ ଜାଣିଛ କି ?*
>
> *ଜରୁରିକାଳୀନ ପରିସ୍ଥିତି (Emergency) ଓ ପ୍ରତିଷେଧମୂଳକ ଅଟକ (Preventive Detention) ଆଦି କ୍ଷେତ୍ରରେ ମୌଳିକ ଅଧିକାର ସାମୟିକଭାବେ ନିଲମ୍ବିତ ବା ସ୍ଥଗିତ ରହିବା ଦ୍ୱାରା ଏହାର ମୂଳଲକ୍ଷ୍ୟ ବାଧାପ୍ରାପ୍ତ ହୋଇଥାଏ ।*

**ତୁମେ ଜାଣିଛ କି ?**

***୧୯୭୩ ମସିହାରେ କେଶବାନନ୍ଦ ଭାରତୀ ମାମଲାରେ ଉଚ୍ଚତମ ନ୍ୟାୟାଳୟ ନିଜର ପୂର୍ବ ନିଷ୍ପତ୍ତି ବଦଳାଇ ରାୟ ଦେଇଥିଲେ ଯେ ସଂସଦ ଚାହିଁଲେ, ମୌଳିକ ଅଧିକାରଗୁଡ଼ିକ ସଂଶୋଧନ କରିପାରିବେ ସତ, କିନ୍ତୁ ସମ୍ବିଧାନର ମୌଳିକ ଢ଼ାଞ୍ଚା (Basic Structure) କୁ ପରିବର୍ତ୍ତନ କରିପାରିବେ ନାହିଁ ।***

## ମୌଳିକ ଅଧିକାରଗୁଡ଼ିକର ବିଶେଷତ୍ୱ :

ଆମର ମୌଳିକ ଅଧିକାରଗୁଡ଼ିକର ଅନେକ ବିଶେଷତ୍ୱ ରହିଛି । ଭାରତର ସମ୍ବିଧାନରେ ଦିଆଯାଇଥିବା ଏହି ଅଧିକାରଗୁଡ଼ିକ ନାଗରିକମାନେ ଉପଭୋଗ କରିବା ପାଇଁ ଉଦ୍ଦିଷ୍ଟ । ସେଥି ମଧ୍ୟରୁ କେତେକ ଅଧିକାର ଉଭୟ ଭାରତୀୟ ନାଗରିକ ଓ ବିଦେଶୀ ନାଗରିକମାନେ ଉପଭୋଗ କରିପାରିବେ । ତନ୍ମଧ୍ୟରେ ଆଇନ ଆଖିରେ ସମସ୍ତେ ସମାନ, ବ୍ୟକ୍ତିଗତ ଜୀବନ ଓ ସ୍ୱାତନ୍ତ୍ର୍ୟ ରକ୍ଷା, ଶୋଷଣ ବିରୋଧୀ ସ୍ୱାଧୀନତା ଓ ଧର୍ମଗତ ସ୍ୱାଧୀନତା ଅନ୍ତର୍ଭୁକ୍ତ ।

ପୁନଶ୍ଚ ବିଭିନ୍ନ ସମୟରେ ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ରାୟ ଫଳରେ ମୌଳିକ ଅଧିକାରର ପରିସର ବୃଦ୍ଧି ପାଇଛି । ଉଦାହରଣ ସ୍ୱରୂପ : ପ୍ରେସ ଓ ସମ୍ବାଦ ସରବରାହ ସ୍ୱାଧୀନତାର ଅଧିକାର, ସୂଚନା ଅଧିକାର, ଶିକ୍ଷା ଅଧିକାର ଆଦିର ସୃଷ୍ଟି ଏହି ମୌଳିକ ଅଧିକାରର ପରିସର ମଧ୍ୟରୁ ସମ୍ଭବ ହୋଇଛି ।

**ଶିକ୍ଷା ଅଧିକାର** ଆଇନ୍‌ରେ ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ବାଳକ ଓ ବାଳିକାମାନଙ୍କ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ମାଗଣା ଓ ବାଧ୍ୟତାମୂଳକ କରାଯାଇଛି ।

ଭାରତରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବା ପାଇଁ ସଂସଦ ଦ୍ୱାରା **ସୂଚନା ଅଧିକାର ଆଇନ୍** ପ୍ରଣୟନ କରାଯାଇଛି ୨୦୦୫ ମସିହାରେ ।

ସୁତରାଂ, ବର୍ତ୍ତମାନ ଜୀବନଧାରଣ ଅଧିକାରର ପରିସର ଯଥେଷ୍ଟ ବ୍ୟାପକ ହୋଇଅଛି ଏଥିରେ ସନ୍ଦେହ ନାହିଁ ।

## ରାଜନୀତି ବିଜ୍ଞାନ

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତ ସମ୍ବିଧାନର ତୃତୀୟ ଭାଗରେ ନାଗରିକମାନଙ୍କୁ ଦିଆଯାଇଥିବା ଅଧିକାରଗୁଡ଼ିକୁ କାହିଁକି ମୌଳିକ ଅଧିକାର କୁହାଯାଏ ?

(ଖ) ଭାରତୀୟ ନାଗରିକମାନଙ୍କୁ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକର ଲକ୍ଷଣ ସଂକ୍ଷେପରେ ଲେଖ ।

(ଗ) ଭାରତୀୟ ନାଗରିକମାନଙ୍କର ସମାନତାର ଅଧିକାରଗୁଡ଼ିକ ସଂକ୍ଷେପରେ ଆଲୋଚନା କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତ ସମ୍ବିଧାନର ଧାରା ୩୨ରେ ଦର୍ଶାଯାଇଥିବା ପାଞ୍ଚଗୋଟି ହୁକୁମ୍‌ନାମା ବା 'ରିଟ୍' (writ) ର ନାମ ଲେଖ ।

(ଖ) ଜଣେ ଭାରତୀୟ ନାଗରିକଙ୍କର ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ସେଗୁଡ଼ିକର ସୁରକ୍ଷା ପାଇଁ ସେ କ'ଣ କରିବେ ?

(ଗ) **'ଜନସ୍ୱାର୍ଥ ମାମଲା'** (P.I.L) କହିଲେ, ତୁମେ କ'ଣ ବୁଝ ?

(ଘ) କେଉଁ ପରିସ୍ଥିତିରେ ମୌଳିକ ଅଧିକାର ସାମୟିକ ଭାବେ ସ୍ଥଗିତ ରଖାଯାଏ ?

(ଙ) ଧର୍ମଗତ ସ୍ୱାଧୀନତାର ଅଧିକାର ସମ୍ପର୍କରେ ଏକ ଟିପ୍ପଣୀ ଲେଖ ।

(ଚ) ଆମ ସମ୍ବିଧାନର ଧାରା ୧୯ରେ ପ୍ରଦତ୍ତ ଛଅଗୋଟି ସ୍ୱାଧୀନତାର ଅଧିକାର ସଂକ୍ଷେପରେ ବୁଝାଇ ଲେଖ ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ସମ୍ବିଧାନର କେଉଁ ଅଧ୍ୟାୟରେ ମୌଳିକ ଅଧିକାରଗୁଡ଼ିକ ବର୍ଣ୍ଣିତ ହୋଇଅଛି ?

(ଖ) କେଉଁ ନ୍ୟାୟାଳୟ ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷା ପ୍ରଦାନ କରନ୍ତି ?

(ଗ) ଭାରତରେ ମୌଳିକ ଅଧିକାରଗୁଡ଼ିକୁ ସଂକୁଚିତ ଓ ପ୍ରତ୍ୟାହାର କରିବା କ୍ଷମତା କାହାର ଅଛି ?

(ଘ) 'ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର' – ଏହାର ସୂଚନା କେଉଁ ମୌଳିକ ଅଧିକାରରୁ ମିଳୁଅଛି ?

(ଙ) କେଉଁ କାରଣରୁ ସ୍ୱାଧୀନତାର ଅଧିକାର ଉପରେ ରାଷ୍ଟ୍ର କଟକଣା ଜାରି କରିପାରିବ ?

(ଚ) ଆମ ମୌଳିକ ଅଧିକାରଗୁଡ଼ିକ 'ନ୍ୟାୟାଳୟରେ ପ୍ରତିପାଦନୀୟ' ବୋଲି ତୁମେ କିପରି ଜାଣୁଛ ?

*ତୁମପାଇଁ କାମ :*

*(କ) ଗୋଟିଏ ନିର୍ଦ୍ଦିଷ୍ଟ ପୁସ୍ତକର ପ୍ରକାଶନ ରାଷ୍ଟ୍ରର ନିରାପତ୍ତାବିରୋଧୀ । ଏ ସଂପର୍କରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି ସେହି ପୁସ୍ତକକୁ ବାସନ୍ଦ କରିବା ପାଇଁ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖି ତୁମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଜରିଆରେ ପଠାଅ ।*

*(ଖ) ଆଜି ପର୍ଯ୍ୟନ୍ତ 'ଭାରତ ରତ୍ନ' ଉପାଧି ପାଇଥିବା ବ୍ୟକ୍ତିମାନଙ୍କର ଏକ ନାମ ତାଲିକା ପ୍ରସ୍ତୁତ କର ।*

## ଦ୍ୱିତୀୟ ପାଠ

# ମୌଳିକ କର୍ତ୍ତବ୍ୟ

# (Fundamental Duties)

ଅଧିକାର ଓ କର୍ତ୍ତବ୍ୟ ପରସ୍ପର ପରିପୂରକ । ବିନା କର୍ତ୍ତବ୍ୟ ସମ୍ପାଦନାରେ ଅଧିକାର ଉପଲବ୍ଧ ହେବା ସମ୍ଭବ ନୁହେଁ । ବ୍ୟକ୍ତିର ବିକାଶ ପାଇଁ ଓ ତା'ର ବ୍ୟକ୍ତିତ୍ୱର ପରିପ୍ରକାଶ ପାଇଁ ରାଷ୍ଟ୍ର ଯେଉଁଭଳି ଅଧିକାର ବ୍ୟକ୍ତିକୁ ପ୍ରଦାନ କରିଥାଏ, ପ୍ରତିବଦଳରେ ସେହିଭଳି ରାଷ୍ଟ୍ର ନିଜର ସୁପରିଚାଳନା ନିମନ୍ତେ ବ୍ୟକ୍ତିଠାରୁ କିଛି ମୌଳିକ କର୍ତ୍ତବ୍ୟ ଆଶା କରିଥାଏ । ତେଣୁ ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଅଧିକାର ଓ କର୍ତ୍ତବ୍ୟ ମଧ୍ୟରେ ସୁସମନ୍ୱୟ ରକ୍ଷା ହିଁ ଏକ ଆଦର୍ଶ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ସାହାଯ୍ୟ କରିଥାଏ ।

ଭାରତର ସମ୍ବିଧାନରେ ମୌଳିକ କର୍ତ୍ତବ୍ୟ ଏକ ଅଭିନବ ବ୍ୟବସ୍ଥା । ମୂଳ ସମ୍ବିଧାନରେ ମୌଳିକ ଅଧିକାର ସମ୍ପର୍କିତ ବ୍ୟବସ୍ଥା ଥିବାବେଳେ ମୌଳିକ କର୍ତ୍ତବ୍ୟ ବିଷୟରେ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା । ପ୍ରଥମଥର ପାଇଁ ସମ୍ବିଧାନରେ କିଛି ସଂସ୍କାର ଆଣିବା ଉଦ୍ଦେଶ୍ୟରେ ୧୯୭୬ ମସିହା ଫେବୃୟାରୀ ମାସରେ **ସ୍ୱରଣ ସିଂହ କମିଟି** ଗଠନ କରାଯାଇଥିଲା । ଉକ୍ତ କମିଟି ଆବଶ୍ୟକୀୟ ସଂସ୍କାର ଆଣିବା ଲାଗି ଅନେକ କ୍ଷେତ୍ରରେ ସୁପାରିସ ପ୍ରଦାନ କରିଥିଲା । ତତ୍‌ସହିତ ଏହି କମିଟି ସୁପାରିସ କରିଥିଲା ଯେ, ସମ୍ବିଧାନରେ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟଗୁଡ଼ିକର ଏକ ତାଲିକା ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

ତେଣୁ ୧୯୭୬ ମସିହାର **୪୨ ତମ ସଂଶୋଧନ** ଆଇନ ଦ୍ୱାରା ସମ୍ବିଧାନରେ **'ମୌଳିକ କର୍ତ୍ତବ୍ୟ'**ଗୁଡ଼ିକ ଯୋଗ କରାଗଲା ଓ ଭାରତ ସମ୍ବିଧାନର **ଚତୁର୍ଥ ଭାଗ(କ)ର ଧାରା ୫୧(କ) ରେ ୧୦ ଗୋଟି** ମୌଳିକ କର୍ତ୍ତବ୍ୟ ବିଷୟରେ ବର୍ଣ୍ଣନ କରାଗଲା । କିନ୍ତୁ ୨୦୦୨ ମସିହାର **୮୬ ତମ ସମ୍ବିଧାନ ସଂଶୋଧନ ଆଇନ୍** ବଳରେ ଆଉ ଗୋଟିଏ ଅଧିକ ମୌଳିକ କର୍ତ୍ତବ୍ୟ ଏଥିରେ ଯୋଗ କରାଯିବାରୁ ସମୁଦାୟ ମୌଳିକ କର୍ତ୍ତବ୍ୟର ସଂଖ୍ୟା ଏବେ ୧୧ କୁ ବୃଦ୍ଧି ପାଇଛି । ସମ୍ବିଧାନରେ ପ୍ରଦତ୍ତ ଏହି ମୌଳିକ କର୍ତ୍ତବ୍ୟଗୁଡ଼ିକ ନାଗରିକମାନଙ୍କର ଆଇନଗତ, ରାଜନୈତିକ, ସାମାଜିକ, ସାଂସ୍କୃତିକ, ନୈତିକ, ଅର୍ଥନୈତିକ ଓ ଶିକ୍ଷାଗତ ଦାୟିତ୍ୱବୋଧକୁ ହିଁ ବୁଝାଇ ଥାଏ ।

### ମୌଳିକ କର୍ତ୍ତବ୍ୟର ମୁଖ୍ୟ ଲକ୍ଷଣ :

୧. ମୌଳିକ କର୍ତ୍ତବ୍ୟଗୁଡ଼ିକ ରାଷ୍ଟ୍ର ପାଇଁ ନର୍ଦ୍ଦେଶିତ ନୁହେଁ, ବରଂ ନାଗରିକମାନଙ୍କ ପାଇଁ ନିର୍ଦ୍ଦେଶିତ ।

୨. ବିଦେଶୀ ନାଗରିକମାନଙ୍କ ପାଇଁ ଏହା ଲାଗୁ ହୋଇ ପାରିବ ନାହିଁ । ଏହା କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ।

୩. କୌଣସି ଭାରତୀୟ ନାଗରିକ ଏହି ମୌଳିକ କର୍ତ୍ତବ୍ୟ ସମ୍ପାଦନ ନ କଲେ, ତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ।

### ଭାରତୀୟ ନାଗରିକମାନଙ୍କର ଏହି ୧୧ଟି ମୌଳିକ କର୍ତ୍ତବ୍ୟ ହେଲା :

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ-ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ). ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ୱା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନିସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା, ଓ ହିଂସାଭାବ ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରି ପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବେ ।

## ମୌଳିକ କର୍ତ୍ତବ୍ୟ : ଏହାର ପ୍ରକାରଭେଦ

**(Classification of Fundamental Duties)**

**ମୌଳିକ କର୍ତ୍ତବ୍ୟଗୁଡ଼ିକ ସାଧାରଣତଃ ପାଞ୍ଚ ଭାଗରେ ବିଭକ୍ତ । ଏଗୁଡ଼ିକ ହେଲା –**

୧. **ଆଇନଗତ କର୍ତ୍ତବ୍ୟ (Legal Duty) :**
ଏହା ହେଲା, ସମ୍ବିଧାନର ସମ୍ମାନରକ୍ଷା କରିବା ।

୨. **ରାଜନୈତିକ କର୍ତ୍ତବ୍ୟ (Political Duty) :**
ଏହା ହେଉଛି ଭାରତର ସାର୍ବଭୌମ ରକ୍ଷା କରିବା, ଜାତୀୟ ସଂହତି ବଜାୟ ରଖିବା ଓ ଦେଶର ସୁରକ୍ଷା କରିବା ।

୩. **ସାମାଜିକ କର୍ତ୍ତବ୍ୟ (Social Duty) :**
ଏହା ହେଲା, ନାଗରିକମାନଙ୍କ ମଧ୍ୟରେ ସଦ୍‌ଭାବ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ମହିଳାମାନଙ୍କର ମର୍ଯ୍ୟାଦା ରକ୍ଷା କରିବା ।

୪. **ନୈତିକ କର୍ତ୍ତବ୍ୟ (Moral Duty) :**
ଦେଶକୁ ବାହ୍ୟ ଓ ଆଭ୍ୟନ୍ତରୀଣ ବିପଦରୁ ରକ୍ଷା କରିବା, ସ୍ୱାଧୀନତା ଆନ୍ଦୋଳନର ମହାନ୍ ନୀତି ଓ ଆଦର୍ଶକୁ ଅନୁସରଣ କରିବା ଏବଂ ଜାତୀୟ ସେବାରେ ନିଜକୁ ନିୟୋଜିତ କରିବା ଏହାର ଲକ୍ଷ୍ୟ ।

୫. **ଅର୍ଥନୈତିକ କର୍ତ୍ତବ୍ୟ (Economic Duty) :**
ଏହି କର୍ତ୍ତବ୍ୟଟି ହେଉଛି, ରାଷ୍ଟ୍ରୀୟ ସମ୍ପତ୍ତିର ରକ୍ଷଣାବେକ୍ଷଣ ଏବଂ ପରିବେଶର ସୁରକ୍ଷା ସମ୍ପର୍କିତ ।

## ମୌଳିକ କର୍ତ୍ତବ୍ୟର ଗୁରୁତ୍ୱ

**(Significance of Fundamental Duties)**

ମୌଳିକ କର୍ତ୍ତବ୍ୟ ଗୁଡ଼ିକର ବିଶେଷ ଗୁରୁତ୍ୱ ରହିଛି । ତାହାର କାରଣ ହେଲା –

୧. ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ପରସ୍ପର ପରିପୂରକ । ନାଗରିକମାନେ ମୌଳିକ ଅଧିକାର

ପାଇଥିବାରୁ ମୌଳିକ କର୍ତ୍ତବ୍ୟ ପାଳନ କରିବା ଦରକାର ।

୨. ମୌଳିକ କର୍ତ୍ତବ୍ୟଗୁଡ଼ିକ ନାଗରିକମାନଙ୍କୁ ଅଧିକ ଦେଶପ୍ରେମୀ କରାଇଥାଏ । ଏଥିରୁ ଦେଶ ଓ ଜାତିପାଇଁ କାର୍ଯ୍ୟ କରିବାକୁ ଉତ୍ସାହ ମିଳେ । ମୌଳିକ କର୍ତ୍ତବ୍ୟ ପାଳନ କଲେ ନାଗରିକ ଦେଶର କଲ୍ୟାଣ ଓ ରାଷ୍ଟ୍ରର ଗଠନ ପାଇଁ ସଚେତନ ହୁଏ ।

୩. ମୌଳିକ କର୍ତ୍ତବ୍ୟଗୁଡ଼ିକ ପ୍ରତ୍ୟେକ ନାଗରିକଙ୍କ ପାଇଁ **ଏକ ଆଦର୍ଶ ଆଚରଣବିଧି** ଅଟେ । ଏହାକୁ ପ୍ରତ୍ୟେକ ନାଗରିକ ପାଳନ କଲେ ସମାଜରେ ଶୃଙ୍ଖଳା ରହିପାରିବ ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତର ସମ୍ବିଧାନରେ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟର ତାତ୍ପର୍ଯ୍ୟ ବର୍ଣ୍ଣନା କର ?

(ଖ) ମୌଳିକ କର୍ତ୍ତବ୍ୟଗୁଡ଼ିକ 'ଏକ ଅଭିନବ ବ୍ୟବସ୍ଥା'– ଏହା କାହିଁକି କୁହାଯାଏ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଏକାଦଶତମ ମୌଳିକ କର୍ତ୍ତବ୍ୟର ଗୁରୁତ୍ୱ ବୁଝାଇ ଲେଖ ।

(ଖ) ଉଦାହରଣ ସହିତ ସାମାଜିକ ମୌଳିକ କର୍ତ୍ତବ୍ୟ ବିଷୟ ଆଲୋଚନା କର ।

(ଗ) 'ଭାରତୀୟ ନାଗରିକଙ୍କମାନଙ୍କର ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ପରସ୍ପର ପରିପୂରକ' – ଏହାର ତାତ୍ପର୍ଯ୍ୟ ଲେଖ ।

(ଘ) ଭାରତୀୟ ନାଗରିକମାନଙ୍କର ରାଜନୈତିକ କର୍ତ୍ତବ୍ୟ ବୁଝାଇ ଲେଖ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେଉଁମାନଙ୍କ ପାଇଁ ଆମଦେଶରେ ମୌଳିକ କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ ?

(ଖ) ଜଣେ ନାଗରିକ ନିଜର ମୌଳିକ କର୍ତ୍ତବ୍ୟ ସମ୍ପାଦନ ନକଲେ ତାଙ୍କ ବିରୋଧରେ ଆଇନଗତ ବ୍ୟବସ୍ଥା କରାଯାଇପାରିବ କି ?

(ଗ) ମୌଳିକ କର୍ତ୍ତବ୍ୟଗୁଡ଼ିକ ମୁଖ୍ୟତଃ କେତେ ପ୍ରକାରର ?

(ଘ) କେବେ ମୌଳିକ କର୍ତ୍ତବ୍ୟଗୁଡ଼ିକ ଆମ ସମ୍ବିଧାନରେ ଯୋଗ କରାଯାଇଛି ?

*ତୁମ ପାଇଁ କାମ :*

*ଭାରତ ବ୍ୟତୀତ ଅନ୍ୟ ଗୋଟିଏ ରାଷ୍ଟ୍ରର ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କର ।*

### ତୃତୀୟ ପାଠ

# ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ
# (Directive Principles of State Policy)

ଭାରତର ସମ୍ବିଧାନର ପ୍ରଣେତାମାନେ ଉପଲବ୍ଧି କରିଥିଲେ ଯେ, ନାଗରିକମାନଙ୍କ ପାଇଁ ରାଜନୈତିକ ସ୍ୱାଧୀନତା ଯେତିକି ଆବଶ୍ୟକ, ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ମଧ୍ୟ ସେହି ପରିମାଣର ଦରକାର । ଦେଶର ଗରିବ, ପଛୁଆବର୍ଗ, ଶିଶୁ ଓ ମହିଳା ଏବଂ ଅନ୍ୟାନ୍ୟ ଅବହେଳିତ ଲୋକମାନଙ୍କର ବିକାଶ ପାଇଁ ପ୍ରଚେଷ୍ଟା ହେବା ନିତାନ୍ତ ଜରୁରି; ତାହା ହୋଇ ପାରିଲେ ଦେଶର ପ୍ରଗତି ଘଟିବ । ସେଥିପାଇଁ ଭାରତର ସମ୍ବିଧାନର ଚତୁର୍ଥ ଭାଗରେ ଧାରା ୩୬ରୁ ଧାରା ୫୧ ମଧ୍ୟରେ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ବିଷୟରେ ଉଲ୍ଲେଖ କରାଯାଇଛି । କେନ୍ଦ୍ର ଓ ରାଜ୍ୟଗୁଡ଼ିକରେ ଥିବା ସରକାରମାନଙ୍କ ପାଇଁ ଏଥିରେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ଦିଆଯାଇଛି । **ଏଗୁଡ଼ିକୁ କାର୍ଯ୍ୟକାରୀ କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମୌଳିକ କର୍ତ୍ତବ୍ୟ ।**

## ମୁଖ୍ୟ ବୈଶିଷ୍ଟ୍ୟ :

(କ) ଉଭୟ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ଓ ମୌଳିକ ଅଧିକାର ହେଉଛି ସମ୍ବିଧାନର **'ମୁଖବନ୍ଧ' ବା ପ୍ରସ୍ତାବନା ବା 'ପ୍ରାକ୍‌କଥନ'** (Preamble) ରେ ରହିଥିବା ଲକ୍ଷ୍ୟ ପୂରଣର ଏକ ଉତ୍ତମ ମାଧ୍ୟମ । ମୌଳିକ ଅଧିକାର ମୁଖ୍ୟତଃ ରାଜନୈତିକ ଗଣତନ୍ତ୍ର ପାଇଁ ମୂଳଦୁଆ ତିଆରି କରିଥିବା ବେଳେ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ରର ମୂଳଦୁଆ ପକାଇଥାଏ ।

(ଖ) ଭାରତକୁ ଏକ **ସମାଜବାଦୀ ଜନମଙ୍ଗଳକାରକ ରାଷ୍ଟ୍ର** ରୂପେ ଗଠନ କରିବାର ଲକ୍ଷ୍ୟ ରଖି ଏହି ନିର୍ଦ୍ଦେଶାବଳୀ ପ୍ରଣୟନ କରାଯାଇଛି ।

(ଗ) ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ପାଳନ କରିବା ପାଇଁ ରାଷ୍ଟ୍ର ବାଧ୍ୟ ନୁହେଁ । ଏ ଗୁଡ଼ିକର ପାଳନପାଇଁ ନ୍ୟାୟାଳୟର ସାହାଯ୍ୟ ନିଆଯାଇ ପାରେନାହିଁ । କିନ୍ତୁ ଜନମତକୁ ସମ୍ମାନ ପ୍ରଦର୍ଶନ କରି ପ୍ରତ୍ୟେକ ସରକାର ଏହି ନିର୍ଦ୍ଦେଶାବଳୀ ପାଳନ କରିବାକୁ ଉଦ୍ୟମ କରିଥାଆନ୍ତି ।

## ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ଓ ମୌଳିକ ଅଧିକାର ମଧ୍ୟରେ ପାର୍ଥକ୍ୟ :

୧. ମୌଳିକ ଅଧିକାରଗୁଡ଼ିକ ନାସ୍ତିବାଚକ । କିନ୍ତୁ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ଅସ୍ତିବାଚକ । ଅର୍ଥାତ୍ ନାଗରିକର ମୌଳିକ ଅଧିକାରଗୁଡ଼ିକ କ୍ଷେତ୍ରରେ କୌଣସି ପ୍ରକାର ହସ୍ତକ୍ଷେପ କରିବା ପାଇଁ ସରକାରଙ୍କୁ ସମ୍ବିଧାନ ବାରଣ କରିଛି । ମାତ୍ର ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ମାଧ୍ୟମରେ ସମାଜର କଲ୍ୟାଣ ଲାଗି କେତେକ କାର୍ଯ୍ୟ କରିବାକୁ ରାଷ୍ଟ୍ର ପାଇଁ ସମ୍ବିଧାନରେ ନିର୍ଦ୍ଦେଶ ରହିଛି ।

୨. ମୌଳିକ ଅଧିକାର ଯୋଗୁଁ ନାଗରିକମାନଙ୍କର ରାଜନୈତିକ ଭିତ୍ତିଭୂମି ସୁଦୃଢ଼ ହୋଇଥାଏ । କିନ୍ତୁ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ଦ୍ୱାରା ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାର ମୂଳଦୁଆ ମଜଭୁତ ହୁଏ ।

୩. ମୌଳିକ ଅଧିକାରଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରିବାକୁ ସରକାର ବାଧ୍ୟ, ନଚେତ୍ ନାଗରିକମାନେ ଏହାର ସୁରକ୍ଷା ପାଇଁ ଆଇନ ଅଦାଲତର ଆଶ୍ରୟ ନେଇପାରିବେ । କିନ୍ତୁ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ସରକାର ପାଳନ କରିବାକୁ ଆଇନତଃ ବାଧ୍ୟ ନୁହନ୍ତି । ଏହାର ପାଳନ ପାଇଁ ନାଗରିକ ଆଇନ ଅଦାଲତର ଆଶ୍ରୟ ନେଇ

ପାରିବେ ନାହିଁ । ଅବଶ୍ୟ ଏହି ନିର୍ଦ୍ଦେଶାବଳୀ ପଛରେ ଜନମତର ସମର୍ଥନ ରହିଥାଏ । ତେଣୁ ସରକାର ଏହାକୁ ଗୁରୁତ୍ୱ ଦିଅନ୍ତି ଓ କାର୍ଯ୍ୟକାରୀ କରାନ୍ତି ।

୪. ଦେଶ ଯେପରି **'ପୋଲିସ ରାଷ୍ଟ୍ର'**ରେ ପରିଣତ ନ ହେବ, ସେଥିଲାଗି ମୌଳିକ ଅଧିକାର ବ୍ୟକ୍ତିର ସୁରକ୍ଷାର ଏକ ପ୍ରାଚୀର ତୁଲ୍ୟ କାର୍ଯ୍ୟକରେ । ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ଭାରତରେ **'ଜନମଙ୍ଗଳ ରାଷ୍ଟ୍ର'** ପ୍ରତିଷ୍ଠା କରିବାରେ ସାହାଯ୍ୟ କରେ ।

୫. ମୌଳିକ ଅଧିକାରଗୁଡ଼ିକ କେବଳ ବ୍ୟକ୍ତିର ଅଧିକାର ମଧ୍ୟରେ ସୀମିତ । ମାତ୍ର ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ସୀମା ବ୍ୟାପକ । ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା ଏବଂ ରାଷ୍ଟ୍ରମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ ପ୍ରଚଳିତ ନିର୍ଦ୍ଦେଶାବଳୀକୁ ରାଷ୍ଟ୍ର କାର୍ଯ୍ୟକାରୀ କରିଥାଏ ।

## ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ଶ୍ରେଣୀ ବିଭାଗ :

ଏହି ନିର୍ଦ୍ଦେଶାବଳୀକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ, ଯଥା :– (କ) **ସମାଜବାଦୀ**, (ଖ) **ଗାନ୍ଧିବାଦୀ** (ଗ) **ଉଦାରବାଦୀ**।

### (କ) ସମାଜବାଦୀ ନିର୍ଦ୍ଦେଶାବଳୀ :

ଭାରତର ସମ୍ବିଧାନ ପ୍ରଣୀତ ହେଉଥିବାବେଳେ ଅନେକ ତତ୍‌କାଳୀନ ଜନନେତା ସମାଜବାଦରେ ବିଶ୍ୱାସ କରୁଥିଲେ । ତେଣୁ ଆମ ସମ୍ବିଧାନ ସମାଜବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଛି । କେତେକ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀରେ ଏହି ଚିନ୍ତାଧାରା ପ୍ରତିଫଳିତ ହୋଇଅଛି। ନିମ୍ନରେ ତାହାର କିଛି ଉଦାହରଣ ଦିଆଗଲା ।

**ସମ୍ବିଧାନର ଧାରା ୩୮**ରେ କୁହାଯାଇଛି ଯେ, ଜନସାଧାରଣଙ୍କ ହିତ ପାଇଁ ରାଷ୍ଟ୍ର ଏପରି ଏକ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିବ, ଯେଉଁଠି ଜାତୀୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପ୍ରତିଫଳିତ ହେବ । ଏହି ମହତ୍ ଉଦ୍ଦେଶ୍ୟ ପୂରଣ କରିବା ପାଇଁ **ସମ୍ବିଧାନର ଧାରା ୩୯**ରେ କୁହାଯାଇଛି ଯେ ;

୧. ସମସ୍ତ ନାରୀ ଓ ପୁରୁଷ ନାଗରିକମାନଙ୍କୁ ସମାନଭାବରେ ଜୀବିକା ଅର୍ଜନ ପାଇଁ ଉପଯୁକ୍ତ ପନ୍ଥା ଯୋଗାଇ ଦିଆଯିବ ।

୨. ଜାତୀୟ ସମ୍ପତ୍ତିକୁ ନ୍ୟାୟୋଚିତ ଭାବେ ବଣ୍ଟନ କରାଯିବ ।

୩. ଦେଶର ସମ୍ପଦ ଯେପରି ଅଳ୍ପ କେତେକ ବ୍ୟକ୍ତିଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ନ ରହେ, ସେଥିପାଇଁ ବ୍ୟବସ୍ଥା କରାଯିବ ।

୪ ନାରୀ ଓ ପୁରୁଷ ସମାନ ପ୍ରକାରର କାର୍ଯ୍ୟ କରିବା ପାଇଁ ସମାନ ପାରିଶ୍ରମିକ ବା ମଜୁରି ପାଇବେ ।

୫. ଶ୍ରମିକ ଶ୍ରେଣୀର ସ୍ୱାର୍ଥରକ୍ଷା କରାଯିବ ।

୬. ଶିଶୁ ଓ ଯୁବକ ଏବଂ ଯୁବତୀମାନଙ୍କୁ ଶୋଷଣମୁକ୍ତ କରାଯିବ ।

୭. ସମସ୍ତଙ୍କୁ ତୁରନ୍ତ ତଥା ସମାନ ନ୍ୟାୟ ପ୍ରଦାନ କରାଯିବା ସହିତ ଦରିଦ୍ର ଶ୍ରେଣୀର ବ୍ୟକ୍ତିଙ୍କୁ **'ମାଗଣା ଆଇନ ସହାୟତା'** (Free Legal Aid) ଯୋଗାଇ ଦିଆଯିବ ।

### ସମ୍ବିଧାନର ଧାରା ୪୧ରୁ ଧାରା ୪୩ ମଧ୍ୟରେ ନାଗରିକମାନଙ୍କୁ ନିମ୍ନଲିଖିତ ସାମାଜିକ ନିରାପତ୍ତା ପ୍ରଦାନ କରାଯାଇଛି । ଯଥା :

- ବେକାର, ବୃଦ୍ଧ, ଅକର୍ମଣ୍ୟ ଓ ରୁଗ୍‌ଣ ଲୋକମାନଙ୍କ ପାଇଁ ରାଷ୍ଟ୍ର ସମସ୍ତ ସହାୟତା ଓ ସାହାଯ୍ୟ ପ୍ରଦାନ କରିବ ।
- କାର୍ଯ୍ୟକ୍ଷେତ୍ରରେ ଶ୍ରମିକମାନଙ୍କର ଅବସର ବିନୋଦନ ପାଇଁ ସମସ୍ତ ଅନୁକୂଳ ବ୍ୟବସ୍ଥା ରାଷ୍ଟ୍ର ପ୍ରଦାନ କରିବ ।
- ଶିଳ୍ପାନୁଷ୍ଠାନ ପରିଚାଳନାରେ ଶ୍ରମିକମାନଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ।

### (ଖ) ଗାନ୍ଧିବାଦୀ ନିର୍ଦ୍ଦେଶାବଳୀ :

ଗାନ୍ଧିଜୀଙ୍କ ଆଦର୍ଶଗୁଡ଼ିକ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀରେ ପ୍ରତିଫଳିତ ହୋଇଛି। **ସମ୍ବିଧାନର ଧାରା ୪୦, ୪୫, ୪୬, ୪୭ ଓ ୪୮** ରେ ନିମ୍ନୋକ୍ତ ପ୍ରକାରେ ଏହା କୁହାଯାଇଛି; ଯଥା :–

- ସ୍ୱାୟତ୍ତ ଶାସନ ପ୍ରତିଷ୍ଠା ପାଇଁ ଦେଶର ପ୍ରତ୍ୟେକ ଅଞ୍ଚଳରେ ଗ୍ରାମପଞ୍ଚାୟତ ପ୍ରତିଷ୍ଠା କରାଯିବ।
- କୁଟୀରଶିଳ୍ପର ପ୍ରତିଷ୍ଠା ଓ ପ୍ରସାର କରାଯିବ।
- ଅନୁନ୍ନତ ବର୍ଗର ଲୋକମାନଙ୍କର ଶିକ୍ଷା ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଅଣାଯିବ।
- ଔଷଧ ବ୍ୟତୀତ ଅନ୍ୟକ୍ଷେତ୍ରରେ ନିଶା ଓ ମାଦକ ଦ୍ରବ୍ୟର ବ୍ୟବହାର ନିଷିଦ୍ଧ କରାଯିବ।
- ରାଷ୍ଟ୍ର ଗୋ-ହତ୍ୟା ନିବାରଣ କରିବ।
- ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ପ୍ରତ୍ୟେକ ବାଳକ ଓ ବାଳିକାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବ।

### (ଗ) ଉଦାରବାଦୀ ନିର୍ଦ୍ଦେଶାବଳୀ :

**ସମ୍ବିଧାନର ଧାରା ୪୪, ୪୯, ୫୦ ଓ ୫୧ରେ** ପ୍ରଦତ୍ତ କେତୋଟି **ଉଦାରବାଦୀ ନିର୍ଦ୍ଦେଶାବଳୀର** ଉଦାହରଣ ନିମ୍ନରେ ଦିଆଗଲା।

- ରାଷ୍ଟ୍ର ନ୍ୟାୟପାଳିକା ବିଭାଗକୁ କାର୍ଯ୍ୟପାଳିକା ବିଭାଗ ଠାରୁ ପୃଥକ ରଖିବ।
- ଭାରତରେ ସର୍ବତ୍ର **ସମାନ ପ୍ରକାରର ଦେୱାନୀ ଆଇନ** ପ୍ରଚଳିତ ହେବ।
- ଦେଶର କଳା, ସ୍ଥାପତ୍ୟ ଓ ଐତିହାସିକ ଗୁରୁତ୍ୱଥିବା ସ୍ଥାନଗୁଡ଼ିକର ସଂରକ୍ଷଣ ବ୍ୟବସ୍ଥା କରାଯିବ।
- ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ କୃଷି ଓ ପଶୁପାଳନ କ୍ଷେତ୍ରରେ ଉନ୍ନତି କରାଯିବ ।
- ଜଙ୍ଗଲ, ବଣ୍ୟଜନ୍ତୁ ଓ ପରିବେଶର ସୁରକ୍ଷା ଓ ସଂରକ୍ଷଣର ଉପଯୁକ୍ତ ବ୍ୟବସ୍ଥା କରାଯିବ।
- ଦେଶ ଦେଶ ମଧ୍ୟରେ ନ୍ୟାୟୋଚିତ ଓ ସମ୍ମାନଜନକ ସମ୍ପର୍କ ସ୍ଥାପନ କରାଯିବ।
- ଆନ୍ତର୍ଜାତିକ ଆଇନ, ସମ୍ପାଦିତ ଚୁକ୍ତି ଓ ସନ୍ଧି ପତ୍ରକୁ ରାଷ୍ଟ୍ର ସମ୍ମାନ ପ୍ରଦର୍ଶନ କରିବ।
- ରାଷ୍ଟ୍ର ମଧ୍ୟସ୍ଥତା ମାଧ୍ୟମରେ ଆନ୍ତର୍ଜାତିକ ବିବାଦଗୁଡ଼ିକର ସମାଧାନ କରିବ।
- ଆନ୍ତର୍ଜାତିକ କ୍ଷେତ୍ରରେ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା ନିମନ୍ତେ ରାଷ୍ଟ୍ର ଉଚିତ ପଦକ୍ଷେପ ଗ୍ରହଣ କରିବ ।

**ତୁମେ ଜାଣିଛ କି ?**

*ସମ୍ବିଧାନ ପ୍ରଣୟନ ସଭାରେ ଜଣେ ସଦସ୍ୟ ଏହି ନିର୍ଦ୍ଦେଶାବଳୀକୁ **'ନବ ବର୍ଷର ପ୍ରତିଜ୍ଞା'** **(A Set of New Year's Resolution)** ରୂପେ ବର୍ଣ୍ଣନ କରିଥିଲେ। ଆଇଭର୍ ଜେନିଙ୍ଗସ୍ ଏହାକୁ 'ମହନୀୟ ଆକାଂକ୍ଷା' **(Pious Aspirations)** ବୋଲି ଅଭିହିତ କରିଥିଲେ।*

### ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ଗୁରୁତ୍ୱ :

କେତେକ ସମାଲୋଚକଙ୍କ ମତରେ ଅଧିକାଂଶ ନିର୍ଦ୍ଦେଶାବଳୀ ଅବାସ୍ତବ ହେଲେ ମଧ୍ୟ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ଯେଉଁ ବିଶେଷ ଗୁରୁତ୍ୱ ରହିଛି ତାହା ନିମ୍ନରେ ଆଲୋଚିତ ହୋଇଅଛି।

- ଡକ୍ଟର ଆମ୍ବେଦକରଙ୍କ ମତରେ ଏହି ନିର୍ଦ୍ଦେଶାବଳୀର ମୂଲ୍ୟବୋଧ ଅଧିକ। ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠାରେ ଏହା ସହାୟକ ହୋଇଥାଏ।
- ଗଣତାନ୍ତ୍ରିକ ସମାଜବାଦ ମାଧ୍ୟମରେ ଏକ ସୁଦୃଢ଼ ସମାଜ ଗଠନ କରିବା ପାଇଁ ଏହି ନିର୍ଦ୍ଦେଶାବଳୀ ସହାୟକ ହୋଇଥାଏ।
- ରାଷ୍ଟ୍ରରେ ସୁଶାସନ ପ୍ରତିଷ୍ଠା ଲାଗି ଏହି ନିର୍ଦ୍ଦେଶାବଳୀର ବିଶେଷ ମହତ୍ତ୍ୱ ଓ ଗୁରୁତ୍ୱ ରହିଛି । ଏହି ନିର୍ଦ୍ଦେଶାବଳୀ ସୁଶାସନର ସାମର୍ଥ୍ୟ ମାପିବା ପାଇଁ ଏକ ନିର୍ଭରଯୋଗ୍ୟ ମାପକାଠି। ଯେଉଁ

ସରକାର ଏହି ନିର୍ଦ୍ଦେଶାବଳୀ ପାଳନ କରିବାରେ ଆନ୍ତରିକତା ଦେଖାନ୍ତି ନାହିଁ, ସେମାନେ ଲୋକପ୍ରିୟତା ହରାଇ ବସନ୍ତି ।

- ବିଭିନ୍ନ ସମୟରେ ଉଲ୍ଲିଖିତ ନିର୍ଦ୍ଦେଶାବଳୀ ମଧ୍ୟରୁ ଅଧିକାଂଶ ଆମ ଦେଶରେ କାର୍ଯ୍ୟକାରୀ କରାଯାଇଛି । ଉଦାହରଣ ସ୍ୱରୂପ, ଜମିଦାରୀ ବ୍ୟବସ୍ଥା ଉଚ୍ଛେଦ କରାଯିବା ସହିତ ଭୂ-ସଂସ୍କାର ମାଧ୍ୟମରେ ଲୋକମାନଙ୍କର ମଙ୍ଗଳପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି । ସେହିପରି ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ ହେବା ସହିତ ଏହାର ଦୃଢ଼ୀକରଣ କରାଯାଇଛି । **୭୩ତମ ସମ୍ବିଧାନ ସଂଶୋଧନ ଆଇନ** ବଳରେ ପଞ୍ଚାୟତଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି ଓ ସେଗୁଡ଼ିକୁ ଲୋକାଭିମୁଖୀ କରାଯାଇଛି । **୭୪ତମ ସମ୍ବିଧାନ ସଂଶୋଧନ ଆଇନ** ବଳରେ ପୌରପାଳିକାଗୁଡ଼ିକୁ ମଧ୍ୟ ଅଧିକ କ୍ଷମତା ଦିଆଯାଇଛି । ସମାଜର ଦୁର୍ବଳଶ୍ରେଣୀଗୁଡ଼ିକୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦିଆଯାଇଛି । ଏହି ଶ୍ରେଣୀ ଅନ୍ତର୍ଭୁକ୍ତ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗଙ୍କ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଓ ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ବ୍ୟାଙ୍କ ଜାତୀୟକରଣ ମାଧ୍ୟମରେ ଗରିବ ଶ୍ରେଣୀର ଲୋକମାନଙ୍କ ଅର୍ଥନୈତିକ ବିକାଶ ପ୍ରତି ଦୃଷ୍ଟି ଦିଆଯାଇଛି । ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସରକାର କାର୍ଯ୍ୟକାରୀ କରୁଛନ୍ତି ।

କ୍ରମେ କ୍ରମେ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ଗୁରୁତ୍ୱ ବୃଦ୍ଧି ପାଉଛି । ସରକାର ସମ୍ବିଧାନରେ ୨୫ତମ ସଂଶୋଧନ ଆଣି ନିର୍ଦ୍ଦେଶାବଳୀର ଆବଶ୍ୟକତା ଦେଶ ଗଠନ କ୍ଷେତ୍ରରେ ଅଧିକ ଥିବା ଦର୍ଶାଇଛନ୍ତି । ଏପରିକି **କେଶବାନନ୍ଦ ଭାରତୀ** ମାମଲାରେ ଭାରତର ଉଚ୍ଚତମ ନ୍ୟାୟାଳୟ ଦର୍ଶାଇଛନ୍ତି ଯେ ଶାସନ କ୍ଷେତ୍ରରେ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

*ତୁମେ ଜାଣିଛ କି ?*

*ଭାରତର ସଂସଦ ଓ ଉଚ୍ଚତମ ନ୍ୟାୟାଳୟ କ୍ରମାଗତ ଭାବେ* ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ *ଅପରିହାର୍ଯ୍ୟ ବୋଲି ଦର୍ଶାଇଛନ୍ତି ।*

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତର ସମ୍ବିଧାନରେ ପ୍ରଦତ୍ତ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ବୈଶିଷ୍ଟ୍ୟ ଆଲୋଚନା କର ।

(ଖ) ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ଓ ମୌଳିକ ଅଧିକାର ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଆମ ସମ୍ବିଧାନର କେଉଁ ଭାଗ ଓ କେଉଁ ଧାରାଗୁଡ଼ିକରେ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ବର୍ଣ୍ଣନ କରାଯାଇଛି ?

(ଖ) ଗାନ୍ଧିବାଦୀ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ସଂକ୍ଷେପରେ ଆଲୋଚନା କର ।

(ଗ) ଉଦାହରଣ ସହିତ ଉଦାରବାଦୀ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ବର୍ଣ୍ଣନ କର ।

(ଘ) ସମାଜବାଦୀ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ସଂକ୍ଷେପରେ ଲେଖ ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ପ୍ରଣୟନ କରାଯାଇଅଛି ?

(ଖ) ଯଦି ଗୋଟିଏ ସରକାର ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ପାଳନ କରିବାରେ ଆନ୍ତରିକତା ନ ଦେଖାନ୍ତି, ସେତେବେଳେ ପରିସ୍ଥିତି କ'ଣ ହୁଏ ?

(ଗ) କେଉଁ ସମ୍ବିଧାନ ସଂଶୋଧନ ଆଇନ ବଳରେ ପଞ୍ଚାୟତମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି ?

(ଘ) ଆମ ସମ୍ବିଧାନରେ ପ୍ରଦତ୍ତ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ପ୍ରକାରଭେଦ ଉଲ୍ଲେଖ କର ।

***ତୁମ ପାଇଁ କାମ :***

*ତୁମ ବିଚାରରେ 'ମାନବ ଜୀବନ ଧାରଣ ଲାଗି ଆବଶ୍ୟକ ପନ୍ଥା' ଗୁଡ଼ିକ କ'ଣ ? ସେଗୁଡ଼ିକରଏକ ଏକ ତାଲିକା ପ୍ରସ୍ତୁତ କର ।*

## ଦ୍ୱିତୀୟ ଅଧ୍ୟାୟ

# ମାନବାଧିକାର

# ସୂଚନା ଅଧିକାର : ଭାରତର ସୂଚନା ଅଧିକାର ଆଇନ
# (Human Rights, Right to Information : Right to Information Act of India)

## ପ୍ରଥମ ପାଠ

## ମାନବାଧିକାର
## (Human Rights )

ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି ପରେ ସଂଯୁକ୍ତ ରାଷ୍ଟ୍ରସଂଘ ପ୍ରତିଷ୍ଠା କରାଗଲା । ଏହାର ଯେଉଁ **'ସନନ୍ଦ'** (Charter) ତିଆରି ହେଲା, ସେଥିରେ ମାନବାଧିକାରକୁ ବିଶ୍ୱସ୍ତରରେ ମୌଳିକ ଅଧିକାର ରୂପେ ଗୁରୁତ୍ୱ ଆରୋପ କରିବାକୁ ଉଲ୍ଲେଖ କରାଗଲା । **ସାର୍ବଜନୀନ ମାନବାଧିକାର ଘୋଷଣାନାମା** (Universal Declaration of Human Rights) କୁ ସଂଯୁକ୍ତ ରାଷ୍ଟ୍ରସଂଘର ସାଧାରଣ ଅଧିବେଶନରେ **୧୯୪୮ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ** ଗ୍ରହଣ କରାଯାଇଥିଲା । ବିଶ୍ୱରେ ମାନବାଧିକାରର ସୁରକ୍ଷା ଓ ଏହାର ବିକାଶ ଦିଗରେ ଏହି ଘୋଷଣାନାମା ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ଏହି ଘୋଷଣାନାମା ହେତୁ ପ୍ରଥମଥର ପାଇଁ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିର କେତେକ ନିର୍ଦ୍ଦିଷ୍ଟ ମାନବାଧିକାର ସୀକୃତି ପାଇପାରିଲା । ବାକ୍ ସ୍ୱାଧୀନତା, ମୁକ୍ତ ବିଶ୍ୱାସ, ଭୟ ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରତ୍ୟେକ ମଣିଷ ହକ୍‌ଦାର, ପ୍ରଭୃତି କେତେକ ମୌଳିକ ମାନବାଧିକାର ଏଥିରେ ବର୍ଣ୍ଣିତ ।

ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ୧୯୬୬ ମସିହାରେ ପୁନଶ୍ଚ ସଂଯୁକ୍ତ ରାଷ୍ଟ୍ରସଂଘର **'ସାଧାରଣ ସଭା'** (General Assembly) ମାନବାଧିକାରକୁ ଆଇନଗତ ମର୍ଯ୍ୟାଦା ଦେଲା । ମାନବାଧିକାରକୁ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା । ଗୋଟିକରେ **ନାଗରିକ (Civil) ଓ ରାଜନୈତିକ ଅଧିକାରଗୁଡ଼ିକ ରଖାଯାଇଥିବା** ବେଳେ ଅନ୍ୟଟିରେ **ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାରଗୁଡ଼ିକ** ରଖାଯାଇ ଆଇନ ତିଆରି ହେଲା । ଏହାର ଦଶବର୍ଷ ପରେ ଅର୍ଥାତ **୧୯୭୬ ମସିହାରେ** ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅନୁମୋଦନ ପ୍ରଦାନ କରିସାରିବା ପରେ ଏହା କାର୍ଯ୍ୟକାରୀ ହେଲା । ୧୯୯୩ ମସିହାରେ **ଭିଏନା ଘୋଷଣାନାମା** କାର୍ଯ୍ୟକାରୀ କରାଯିବାର ଯୋଜନା ଗ୍ରହଣ କରାଗଲା । ଏହି **ଭିଏନା ଘୋଷଣାନାମା**ରେ ଗଣତନ୍ତ୍ର, ଅର୍ଥନୈତିକ ବିକାଶ ଓ ମାନବାଧିକାର ପରସ୍ପର ସହିତ ସଂଲଗ୍ନ ବୋଲି ଦର୍ଶାଗଲା ।

### ମାନବାଧିକାରର ଐତିହାସିକ ଭିତ୍ତିଭୂମି :

ମାନବାଧିକାର ସମ୍ପର୍କରେ ବହୁ ପୂର୍ବରୁ **ମାଗ୍ନାକାର୍ଟା** (Magna Carta), **ଆମେରିକାର ସ୍ୱାଧୀନତା ସଂଗ୍ରାମର ଘୋଷଣାନାମା** ଓ **ଫରାସୀ ବିପ୍ଲବର ଘୋଷଣାନାମାରେ** କେତେକାଂଶରେ ସୂଚିତ କରାଯାଇଥିଲା । ଏଗୁଡ଼ିକ ଥିଲା, ମୁଖ୍ୟତଃ **ନକାରାତ୍ମକ ଅଧିକାର** । ଅର୍ଥାତ୍,କେତେଗୁଡ଼ିଏ ମୌଳିକ ମାନବାଧିକାର କ୍ଷେତ୍ରରେ ରାଷ୍ଟ୍ର ହସ୍ତକ୍ଷେପ କରିବା ନିଷିଦ୍ଧ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମାନବାଧିକାରକୁ ଆନ୍ତର୍ଜାତିକ ସ୍ତରରେ ଲାଗୁକରିବାର ଆବଶ୍ୟକତା ସମସ୍ତେ

ଉପଲବ୍ଧି କଲେ । ତତ୍‌ସହିତ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାରର ସୁରକ୍ଷାପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ମଧ୍ୟ କେତେକ ପଦକ୍ଷେପ ଗ୍ରହଣ କରିବା ଠିକ୍ ବୋଲି ଉପଲବ୍ଧି କରିଥିଲା । **ସାର୍ବଜନୀନ ମାନବାଧିକାର ଘୋଷଣାନାମା** (Universal Declaration of Human Rights) ମାଧ୍ୟମରେ ସର୍ବପ୍ରଥମେ ସଂଯୁକ୍ତ ରାଷ୍ଟ୍ରସଂଘ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲା ।

> ***ତୁମେ ଜାଣିଛ କି ?***
>
> ***ପ୍ରତିବର୍ଷ ଡିସେମ୍ବର ମାସ ୧୦ ତାରିଖଦିନ ମାନବାଧିକାର ଦିବସ ପାଳନ କରାଯାଏ ।***

ବିଗତ ଦଶନ୍ଧିଗୁଡ଼ିକରେ ମାନବାଧିକାରର ବିକାଶ ମୁଖ୍ୟତଃ ତିନୋଟି କ୍ଷେତ୍ରରେ ଘଟିଛି । **ପ୍ରଥମତଃ,** ଏହାର କାର୍ଯ୍ୟ ପରିସର ବଢ଼ିଛି । ଗଣହତ୍ୟା ନିଷେଧ ଠାରୁ ଆରମ୍ଭ କରି ମହିଳା, ଶିଶୁ ଓ ସମାଜର ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ସୁରକ୍ଷା ଯୋଗାଇବା ଆଦି ଏହାର ଅନ୍ତର୍ଭୁକ୍ତ । ବର୍ତ୍ତମାନ ମାନବାଧିକାରର ପରିସର ଭିତରେ ଆସୁଛି ଖାଦ୍ୟ ସୁରକ୍ଷା, ସୁସ୍ଥ ପରିବେଶ, ଗଣହତ୍ୟାରେ ନିୟୋଜିତ ଅସ୍ତ୍ରଶସ୍ତ୍ରର ହ୍ରାସ ଇତ୍ୟାଦି । **ଦ୍ୱିତୀୟତଃ,** ମାନବାଧିକାରର ସୁରକ୍ଷା ଲାଗି ନୂଆ ନୂଆ ଆଇନ ଓ ଅନୁଷ୍ଠାନମାନଙ୍କର ସୃଷ୍ଟି ହୋଇଛି । **ତୃତୀୟତଃ** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅନ୍ୟ ବେସରକାରୀ ସଂସ୍ଥାଗୁଡ଼ିକ ମାନବାଧିକାରର ସୁରକ୍ଷା ଦିଗରେ ଅଧିକ ସକ୍ରିୟ ହୋଇଛନ୍ତି । ଏ କ୍ଷେତ୍ରରେ **ଆମ୍‌ନେଷ୍ଟି ଇଣ୍ଟରନେସନାଲ** (Amnesty International), **ହ୍ୟୁମାନ ରାଇଟସ୍ ୱାଚ** (Human Rights Watch) ଆଦି ସଂସ୍ଥାଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

## ମାନବାଧିକାରର ପ୍ରକାର ଭେଦ :

ମାନବାଧିକାର ମୁଖ୍ୟତଃ **ତିନି ଭାଗରେ** ବିଭକ୍ତ–

### (କ) ପ୍ରଥମ ପିଢ଼ି ଅଧିକାର

**(First Generation Rights)** ।

ଆଦ୍ୟ ଭାଗରେ ବ୍ୟକ୍ତିକୁ ଯେପରି ଅଧିକ ସାମାଜିକ ଓ ରାଜନୈତିକ ଅଧିକାର ମିଳେ, ସେଥିପାଇଁ ମୁଖ୍ୟତଃ ଉଦ୍ୟମ କରାଯାଇଥିଲା । ମଣିଷର ସ୍ୱତନ୍ତ୍ରତାରେ ସରକାର ଯେପରି ହସ୍ତକ୍ଷେପ ନ କରେ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆ ଯାଇଥିଲା ।

### (ଖ) ଦ୍ୱିତୀୟ ପିଢ଼ି ଅଧିକାର

**(Second Generation Rights)** ।

ପରବର୍ତ୍ତୀ ସମୟରେ ଜଣାପଡ଼ିଲା ଯେ, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ନମିଳିବା ପର୍ଯ୍ୟନ୍ତ, ସାମାଜିକ ଓ ରାଜନୈତିକ ସ୍ୱାଧୀନତା ମିଳିବା ଅର୍ଥହୀନ । ସେଥିଯୋଗୁଁ ଏହି ଅଧିକାରଗୁଡ଼ିକ ପ୍ରତି ସରକାର ସକାରାତ୍ମକ ଦୃଷ୍ଟି ଦେବାର ଆବଶ୍ୟକତା ସମସ୍ତେ ଉପଲବ୍ଧି କଲେ ।

### (ଗ) ତୃତୀୟ ପିଢ଼ି ଅଧିକାର

**(Third Generation Rights)**

ବିଂଶ ଶତାବ୍ଦୀର ଶେଷଭାଗରେ ମାନବାଧିକାରର କାର୍ଯ୍ୟ ପରିସର ଆହୁରି ବଢ଼ିଗଲା । ନୂଆ ନୂଆ ଅଧିକାରମାନ ଏଥିରେ ଅନ୍ତର୍ଭୁକ୍ତ ହେଲା । **ତନ୍ମଧ୍ୟରେ ଆତ୍ମନିର୍ଣ୍ଣୟ ଅଧିକାର, ଅନଗ୍ରସର ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଅଧିକାର ଓ ଦେଶର ସମ୍ପଦ ଉପରେ ଲୋକମାନଙ୍କର ସାର୍ବଭୌମ ଅଧିକାର** ଅନ୍ତର୍ଭୁକ୍ତ ।

## ମାନବାଧିକାରର ମୁଖ୍ୟ ଲକ୍ଷଣ :

ମାନବାଧିକାରର **ତିନି ଗୋଟି ମୁଖ୍ୟ ଲକ୍ଷଣ** ଦେଖିବାକୁ ମିଳିଥାଏ । ସେ ଗୁଡ଼ିକ ହେଲା –

### ୧. ସାର୍ବଜନୀନ (Universal) :

ମାନବାଧିକାର ସବୁଠାରେ ଏକାଭଳି । ଦେଶ, ସମାଜ, ସମ୍ପ୍ରଦାୟ ଓ ସଂସ୍କୃତି ନିର୍ବିଶେଷରେ ଏହା ସାର୍ବଜନୀନ । ସବୁଠାରେ ଏହି ଅଧିକାର ଗୁଡ଼ିକ ସମ ପରିମାଣରେ ମୂଲ୍ୟବାନ ।

୨. **କେନ୍ଦ୍ରବିନ୍ଦୁରେ ବ୍ୟକ୍ତି**

**(Individual at the Centre) :**

ମାନବାଧିକାରର କେନ୍ଦ୍ରବିନ୍ଦୁ କହିଲେ, ଏହା ମଣିଷକୁ ବୁଝାଇଥାଏ। ମଣିଷ ଯେଉଁ ରାଷ୍ଟ୍ର ବା ସମାଜର ହେଉ ଅଥବା ଯେଉଁ ଭାଷାଭାଷୀ ଅଞ୍ଚଳର ହେଉ ନା କାହିଁକି, ଏହି ଅଧିକାର ସେ ଉପଭୋଗ କରିପାରିବ ।

୩. **ଗଣତନ୍ତ୍ର ଓ ବିକାଶ :**

(Democracy and Development)

ଗଣତନ୍ତ୍ର ବିନା ମାନବାଧିକାରର କଳ୍ପନା କରାଯାଇ ପାରିବ ନାହିଁ । ଗଣତନ୍ତ୍ର ଓ ବିକାଶ ମଧ୍ୟ ପରସ୍ପର ପରିପୂରକ ।

## ଭାରତରେ ମାନବାଧିକାରର ସୁରକ୍ଷା :

ଭାରତରେ ମାନବାଧିକାରର ସୁରକ୍ଷା ପାଇଁ ପ୍ରଥମେ ୧୯୯୩ ମସିହାରେ **ମାନବାଧିକାରର ସୁରକ୍ଷା ଆଇନ** (The Protection of Human Rights Act) ପ୍ରଣୟନ କରାଗଲା । ଏହାକୁ **ଭାରତ ସମ୍ବିଧାନର ଧାରା ୫୧ ଓ ଭିଏନା ସମ୍ମିଳନୀର ସନନ୍ଦ** ଅନୁସାରେ କାର୍ଯ୍ୟକାରୀ କରାଯାଉଛି। ଏହି ଆଇନ ଅନୁଯାୟୀ ମାନବାଧିକାର ହେଉଛି ବ୍ୟକ୍ତି ବିଶେଷର ମୁକ୍ତି, ସମାନତା ଓ ଆତ୍ମମର୍ଯ୍ୟାଦା ପାଇବାର ଅଧିକାର, ଯାହା ଭାରତର ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାର (Fundamental Rights)ର ଅନ୍ତର୍ଭୁକ୍ତ।

ପ୍ରଣୀତ ଆଇନରେ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ମାନବାଧିକାରର ସୁରକ୍ଷା ପାଇଁ **ଜାତୀୟ ମାନବାଧିକାର କମିଶନ, ରାଜ୍ୟ ମାନବାଧିକାର କମିଶନ** ଏବଂ **ମାନବାଧିକାର କୋର୍ଟ୍‌ର** ଗଠନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଅଛି। ଭାରତରେ ମାନବାଧିକାରର ସୁରକ୍ଷା ଲାଗି ଏହି ଅନୁଷ୍ଠାନଗୁଡ଼ିକ ସର୍ବଦା ସକ୍ରିୟ ରହିଛନ୍ତି । ପୁନଶ୍ଚ ଅନ୍ୟ କେତେଗୁଡ଼ିଏ ମାନବାଧିକାର ସୁରକ୍ଷା ଅନୁଷ୍ଠାନ ଗଠିତ ହେବା ଫଳରେ ଶିଶୁ-ଶ୍ରମିକ, ଗୋତି-ଶ୍ରମିକ, ଶିଶୁ - ନିର୍ଯାତନା, ମହିଳା ନିର୍ଯାତନା, ହାଜତରେ ମୃତ୍ୟୁ, ଚୋରା କାରବାର, ଦୁର୍ନୀତି, ଯୌତୁକଜନିତ ହତ୍ୟା ଆଦି ଅନେକ ଅମାନବୀୟ ଘଟଣାର ପର୍ଦ୍ଦାଫାସ ହୋଇ ପାରିଛି, ଯାହା ମୁଖ୍ୟତଃ ମାନବାଧିକାର ଉଲ୍ଲଙ୍ଘନ କରିଥାଏ । ଏହି ଅନୁଷ୍ଠାନଗୁଡ଼ିକ ଭୋପାଳ ଗ୍ୟାସ ବିପର୍ଯ୍ୟୟ ଠାରୁ ଆରମ୍ଭ କରି ଭାଗଲପୁର ଦଙ୍ଗା ଓ ସର୍ଦ୍ଦାର ସରୋବର ପ୍ରକଳ୍ପର ବିସ୍ଥାପିତଙ୍କ ଦୁଃଖ ଦୁର୍ଦ୍ଦଶା ପର୍ଯ୍ୟନ୍ତ ସମସ୍ତ ପ୍ରକାରର ମାନବାଧିକାର ଉଲ୍ଲଙ୍ଘନ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ।

ଭାରତବର୍ଷରେ ମାନବାଧିକାର ଉଲ୍ଲଙ୍ଘନ ବିରୋଧରେ ଜନ ସଚେତନତା ବଢୁଥିବାରୁ ଏହା ଏକ ରକ୍ଷା କବଚ ସାଜିପାରିଛି । କ୍ରମବର୍ଦ୍ଧିଷ୍ଣୁ ଜନସଚେତନତା ଏବେ ମାନବାଧିକାର ଉଲ୍ଲଙ୍ଘନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଲାଗି ପ୍ରଶାସନକୁ ବାଧ୍ୟ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ।

୨୦୦୫ ମସିହାରେ ପ୍ରଣୀତ **ସୂଚନା ଅଧିକାର ଆଇନ** (Right to Information Act) ରେ ସବୁ ସରକାରୀ ବିଭାଗ ଓ ଅନୁଷ୍ଠାନରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଓ ସେମାନେ ଉତ୍ତରଦାୟୀ ହେବାପାଇଁ ସ୍ପଷ୍ଟ ବ୍ୟବସ୍ଥା ରହିଅଛି।

ଭାରତର ନ୍ୟାୟିକ ବ୍ୟବସ୍ଥା ବେଶ୍ ଶକ୍ତିଶାଳୀ ଓ ଏହାର ସ୍ୱାଧୀନତା ରହିଛି । ଏହା ସହିତ ନ୍ୟାୟାଳୟ ଗୁଡ଼ିକର **ନ୍ୟାୟିକ ସମୀକ୍ଷା** (Judicial Review) କ୍ଷମତା ଥିବା ଯୋଗୁଁ ବ୍ୟକ୍ତିର ମୌଳିକ ଅଧିକାର ସୁରକ୍ଷିତ ରହିଛି । ସମ୍ବିଧାନରେ ପ୍ରଦତ୍ତ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ (Directive Principles of State Policy) କୁ ସମୀକ୍ଷା କରି ଭାରତର ନ୍ୟାୟାଳୟଗୁଡ଼ିକ ମାନବାଧିକାରର ପରିସର ବୃଦ୍ଧି କରିପାରିଛନ୍ତି । ଆମର ନ୍ୟାୟିକ ବ୍ୟବସ୍ଥା **ସମ୍ବିଧାନର ଧାରା ୨୧ର** ପରିସରକୁ ଅଧିକ ବ୍ୟାପକ କରିବା ସହିତ ଏଥିରେ ଆଉ କେତେଗୁଡ଼ିଏ ଅଧିକାର ଯୋଗ କରିଛି । ସେଗୁଡ଼ିକ ହେଲା, **ବ୍ୟକ୍ତିର ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର, ସ୍ୱାସ୍ଥ୍ୟଗତ ଅଧିକାର, ପ୍ରଦୂଷଣ- ମୁକ୍ତ ବାୟୁ**

**ସେବନ ଅଧିକାର ଇତ୍ୟାଦି।** ମାନବାଧିକାରର ସୁରକ୍ଷା ପାଇଁ **ଜନସ୍ୱାର୍ଥ ମାମଲା** (Public Interest Litigation) ଏକ ଢାଲ ରୂପେ କାମକରୁଛି। ଭାରତରେ ୧୯୭୯ ମସିହାରେ ଏକ ଜନସ୍ୱାର୍ଥମାମଲା ଜେଲଗୁଡ଼ିକର ଦୁରବସ୍ଥା ଓ ବିଚାରାଧୀନ ବନ୍ଦୀମାନଙ୍କର ଦୟନୀୟ ଚଳଣି ଉପରେ ଦାୟର ହୋଇଥିଲା । ହଜାର ହଜାର ବିଚାରାଧୀନ ବନ୍ଦୀ କିପରି ବିହାରର ଜେଲଗୁଡ଼ିକରେ ନିର୍ଯାତିତ ହେଉଥିଲେ, ତାହା ସେଥିରେ ଦର୍ଶାଯାଇଥିଲା। ମାମଲାର ରାୟ ପ୍ରକାଶ ପାଇବା ପରେ ବହୁତ ବନ୍ଦୀ ମୁକ୍ତ ହୋଇଥିଲେ।

## ଜାତୀୟ ମାନବାଧିକାର କମିଶନ :

## (National Human Rights Commission)

ଭାରତରେ ୧୯୯୩ ମସିହା ସେପ୍ଟେମ୍ବର ମାସ ୨୯ ତାରିଖଦିନ **ଜାତୀୟ ମାନବାଧିକାର କମିଶନ** ଗଠିତ ହୋଇଛି । ଆମ ଦେଶରେ ମାନବାଧିକାର ସଂପର୍କିତ ସଚେତନତା ବୃଦ୍ଧି କରିବା ଓ ମାନବାଧିକାରକୁ ଅଧିକ ସୁରକ୍ଷା ଦେବା ଏହାର ଲକ୍ଷ୍ୟ ।

ଭାରତରେ ଗଠିତ ଜାତୀୟ ମାନବାଧିକାର କମିଶନରେ ଜଣେ ଅଧ୍ୟକ୍ଷଙ୍କ ବ୍ୟତୀତ ଆଉ ଚାରିଜଣ ସଦସ୍ୟ ରହି ଥାଆନ୍ତି । ଉଚ୍ଚତମ ନ୍ୟାୟାଳୟର ଜଣେ ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଏହି ଅଧ୍ୟକ୍ଷ ପଦ ତୁଲାନ୍ତି । ଅନ୍ୟ ଚାରିଜଣ ସଦସ୍ୟଙ୍କ ମଧ୍ୟରୁ ଦୁଇଜଣ ସଦସ୍ୟ ମାନବାଧିକାର ସୁରକ୍ଷା କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରିଥିବା ବା ସେହି କ୍ଷେତ୍ରରେ ବାସ୍ତବ ଅଭିଜ୍ଞତା ଥିବା ବ୍ୟକ୍ତି ହୋଇଥିବା ଆବଶ୍ୟକ । ଏତଦ୍‌ବ୍ୟତୀତ ଜଣେ ସଦସ୍ୟ ଉଚ୍ଚତମ ନ୍ୟାୟାଳୟରେ କାର୍ଯ୍ୟରତ ଅଥବା ଅବସରପ୍ରାପ୍ତ ବିଚାରପତି ଓ ଅନ୍ୟ ଜଣେ ସଦସ୍ୟ ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟରତ ଅଥବା ଅବସରପ୍ରାପ୍ତ ମୁଖ୍ୟ ବିଚାରପତି କିମ୍ବା ଅନ୍ୟ ବିଚାରପତି ହେବା ଜରୁରି ।

ଜାତୀୟ ମାନବାଧିକାର କମିଶନର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ଏକ ନିଯୁକ୍ତି କମିଟିର ପରାମର୍ଶ ଅନୁସାରେ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି । ଉକ୍ତ କମିଟିର ଅଧ୍ୟକ୍ଷ ହେଉଛନ୍ତି ପ୍ରଧାନମନ୍ତ୍ରୀ। ସୁପ୍ରିମ କୋର୍ଟ ବା ହାଇକୋର୍ଟ୍‌ର ବିଚାରପତିଙ୍କୁ କମିଶନ୍‌ର ସଦସ୍ୟ ନିଯୁକ୍ତ କରାଯିବା ପୂର୍ବରୁ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସହିତ ରାଷ୍ଟ୍ରପତି ପରାମର୍ଶ କରିଥାଆନ୍ତି।

ଜାତୀୟ ମାନବାଧିକାର କମିଶନରେ ନିଯୁକ୍ତି ପାଉଥିବା ଅଧ୍ୟକ୍ଷ ଓ ସଦସ୍ୟଙ୍କ କାର୍ଯ୍ୟକାଳ **ପାଞ୍ଚବର୍ଷ** । କିନ୍ତୁ ଯଦି ଏମାନଙ୍କ ମଧ୍ୟରୁ କେହି ପାଞ୍ଚବର୍ଷ କାର୍ଯ୍ୟ କରିବା ପୂର୍ବରୁ **୭୦ ବର୍ଷ ବୟସରେ ପଦାର୍ପଣ କରନ୍ତି,** ତାହାହେଲେ ସେ ତାଙ୍କ ପଦରୁ ଅବସର ନେବେ ।

> *ତୁମେ ଜାଣିଛ କି ?*
>
> *ଭାରତର ଉଚ୍ଚତମ ନ୍ୟାୟାଳୟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ରଙ୍ଗନାଥ ମିଶ୍ର ପ୍ରଥମ ଜାତୀୟ ମାନବାଧିକାର କମିଶନ୍‌ର ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ ।*

## ଜାତୀୟ ମାନବାଧିକାର କମିଶନ ସମ୍ପାଦନ କରୁଥିବା କାର୍ଯ୍ୟାବଳୀ :

୧. ମାନବାଧିକାରର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗୁଡ଼ିକୁ ପରୀକ୍ଷା କରିବା ଏବଂ ଅଧିକ ଉତ୍ତମ ପଦକ୍ଷେପ ନେବା ଲାଗି ସୁପାରିସ କରିବା;

୨. ମାନବାଧିକାର ଉଲ୍ଲଙ୍ଘନ ସମ୍ପର୍କିତ ଅଭିଯୋଗଗୁଡ଼ିକର ତଦନ୍ତ କରିବା;

୩. ମାନବାଧିକାର ଉଲ୍ଲଙ୍ଘନ ନିବାରଣ କରିବା ଦିଗରେ ସରକାରୀ କର୍ମଚାରୀମାନଙ୍କର ବିଫଳତା ସମ୍ପର୍କରେ ତଦନ୍ତ କରିବା;

୪. ଯେ କୌଣସି ନ୍ୟାୟାଳୟରେ ମାନବାଧିକାର ଉଲ୍ଲଙ୍ଘନ ସମ୍ପର୍କରେ ବିଚାର ଚାଲିଥିବା ବେଳେ ପକ୍ଷଭୁକ୍ତ ହେବା;

୫. ଜେଲରେ କଏଦୀମାନଙ୍କ ଅବସ୍ଥାରେ ସୁଧାର ଆଣିବା ଲାଗି ଜେଲ୍ ପରିଦର୍ଶନ କରି ଆବଶ୍ୟକ ସୁପାରିସ ପ୍ରଦାନ କରିବା;

୬. ସନ୍ତ୍ରାସବାଦୀମାନଙ୍କ କାର୍ଯ୍ୟକଳାପ ଦ୍ୱାରା ମାନବାଧିକାର ବିପନ୍ନ ହେଉଥିଲେ, ସେଗୁଡ଼ିକର ସମୀକ୍ଷା କରି ଉପଯୁକ୍ତ ପ୍ରସ୍ତାବ ଦେବା;

୭. ମାନବାଧିକାର ସମ୍ପର୍କିତ ଗବେଷଣାକୁ ପ୍ରୋତ୍ସାହିତ କରିବା;

୮. ସମାଜର ବିଭିନ୍ନ ଶ୍ରେଣୀର ଲୋକମାନଙ୍କୁ ମାନବାଧିକାର ସମ୍ପର୍କରେ ଅଧିକ ସଚେତନ କରିବା, ଏବଂ

୯. ମାନବାଧିକାରର ସୁରକ୍ଷା ଲାଗି କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହିତ କରିବା ।

ଜାତୀୟ ମାନବାଧିକାର କମିଶନକୁ ଏକ ଦେୱାନୀ ଅଦାଲତ ବା ସିଭିଲ କୋର୍ଟର ପଦମର୍ଯ୍ୟାଦା ଦିଆଯାଇଛି । କୌଣସି ସରକାରୀ ସଂସ୍ଥା ବା କର୍ମଚାରୀ ମାନବାଧିକାର ଉଲ୍ଲଙ୍ଘନ କଲେ ତାଙ୍କୁ ଦଣ୍ଡ ଦେବା ସହିତ କ୍ଷତି ସହିଥିବା ବ୍ୟକ୍ତିଙ୍କୁ କ୍ଷତି ପୂରଣ ଦେବା ବ୍ୟବସ୍ଥା କରିବା ଜାତୀୟ ମାନବାଧିକାର କମିଶନର ମୁଖ୍ୟ କାର୍ଯ୍ୟ ଅଟେ ।

**ମାନବାଧିକାରର ସୁରକ୍ଷାରେ ପ୍ରତିବନ୍ଧକ :**

**ମାନବାଧିକାରର ସୁରକ୍ଷାରେ ପ୍ରତିବନ୍ଧକଗୁଡ଼ିକ ହେଲା :**

**(କ) ଦାରିଦ୍ର୍ୟ :** କ୍ଷୁଧା ଓ ଦାରିଦ୍ର୍ୟ ଯୋଗୁଁ ବ୍ୟକ୍ତିର ମୌଳିକ ଆବଶ୍ୟକତା ପୂରଣ ହୋଇ ପାରେ ନାହିଁ । ଫଳରେ ମାନବାଧିକାର କ୍ଷୁଣ୍ଣହୁଏ ।

**(ଖ) ସାମ୍ପ୍ରଦାୟିକତା :** ଧର୍ମ ନିରପେକ୍ଷ ରାଷ୍ଟ୍ରରେ ସାମ୍ପ୍ରଦାୟିକତାର ସ୍ଥାନ ନାହିଁ । ବିଭିନ୍ନ ଧର୍ମାବଲମ୍ବୀ ଲୋକମାନେ ମିଳିମିଶି ନିଜର ଦାୟିତ୍ୱ ତୁଲାଇଲେ ଓ କର୍ତ୍ତବ୍ୟ ପାଳନକଲେ ମାନବାଧିକାର ସୁଦୃଢ଼ ହୋଇଥାଏ ।

**(ଗ) ହିଂସାଭାବ :** ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହି ନିଜର ସ୍ୱାର୍ଥଜଡ଼ିତ ଲକ୍ଷ୍ୟ ସାଧନ କରିବାକୁ ଚେଷ୍ଟା କଲେ ଅନ୍ୟ ବ୍ୟକ୍ତିର ମାନବାଧିକାର କ୍ଷୁର୍ଣ୍ଣ ହୋଇଥାଏ । ତେଣୁ ମାନବାଧିକାରର ସୁରକ୍ଷା ପାଇଁ ହିଂସାଭାବ ପରିତ୍ୟାଗ କରାଯିବା ବିଧେୟ ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ :**

(କ) ମାନବାଧିକାରଗୁଡ଼ିକର ବିଶେଷତ୍ୱ ସଂକ୍ଷେପରେ ଆଲୋଚନା କର ।

(ଖ) ମାନବାଧିକାରର ଐତିହାସିକ ଭିତ୍ତିଭୂମି ସଂକ୍ଷେପରେ ଲେଖ

(ଗ) ସାର୍ବଜନୀନ ମାନବାଧିକାର ଘୋଷଣାନାମା ସଂପର୍କରେ ବୁଝାଇଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ :**

(କ) ଭାରତରେ ମାନବାଧିକାରର ସୁରକ୍ଷା ପାଇଁ କି ପ୍ରକାର ପଦକ୍ଷେପ ନିଆଯାଇଛି, ତାହା ସଂକ୍ଷେପରେ ବୁଝାଇ ଲେଖ ।

(ଖ) ମାନବାଧିକାରର ପ୍ରକାରଭେଦ ଆଲୋଚନା କର ।

(ଗ) ମାନବାଧିକାରର ସୁରକ୍ଷାରେ ଥିବା ପ୍ରତିବନ୍ଧକଗୁଡ଼ିକ ସଂକ୍ଷେପରେ ବର୍ଣ୍ଣନ କର ।

(ଘ) ଜାତୀୟ ମାନବାଧିକାର କମିଶନ୍‌ର ଗଠନ ପ୍ରଣାଳୀ ଲେଖ ।

(ଙ) ଜାତୀୟ ମାନବାଧିକାର କମିଶନର ଅଧ୍ୟକ୍ଷ ଓ ସଦସ୍ୟ କିପରି ନିଯୁକ୍ତ ହୁଅନ୍ତି ?

(ଚ) ଜାତୀୟ ମାନବାଧିକାର କମିଶନର କାର୍ଯ୍ୟାବଳୀ ଲେଖ ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ମାନବାଧିକାରର ମୁଖ୍ୟ ଲକ୍ଷଣଟି ଉଲ୍ଲେଖ କର ।

(ଖ) ଭାରତରେ ଜାତୀୟ ମାନବାଧିକାର କମିଶନ୍‌କୁ କେଉଁ ପଦମର୍ଯ୍ୟାଦା ପ୍ରଦାନ କରାଯାଇଛି ?

(ଗ) କେଉଁ ବର୍ଷ କେଉଁ ଦିନ ପ୍ରଥମ ଜାତୀୟ ମାନବାଧିକାର କମିଶନ ଗଠିତ ହୋଇଥିଲା ?

(ଘ) ଭାରତର ପ୍ରଥମ ଜାତୀୟ ମାନବାଧିକାର କମିଶନ୍‌ର ଅଧ୍ୟକ୍ଷ କିଏ ଥିଲେ ?

(ଙ) ଭାରତରେ ମାନବାଧିକାର ସୁରକ୍ଷା ଆଇନ କେଉଁ ବର୍ଷ ପ୍ରଣୟନ କରାଯାଇଥିଲା ?

(ଚ) ଜାତୀୟ ମାନବାଧିକାର କମିଶନରେ ନିଯୁକ୍ତି ପାଉଥିବା ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ କେତେ ବର୍ଷ ଓ ସେମାନଙ୍କର ଅବସର ବୟସ ସୀମା କେତେ ?

*ତୁମ ପାଇଁ କାମ :*

*(କ) ତୁମ ରାଜ୍ୟରେ କାର୍ଯ୍ୟରତ ମାନବାଧିକାର କମିଶନର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।*

*(ଖ) ମାନବାଧିକାର ଉଲ୍ଲଙ୍ଘନ ସମ୍ପର୍କିତ କୌଣସି ସମ୍ବାଦ ତୁମର ଦୃଷ୍ଟିଗୋଚର ହୋଇଥିଲେ, ଜାତୀୟ ମାନବାଧିକାର କମିଶନର ଦୃଷ୍ଟି ଆକର୍ଷଣ କରି ପ୍ରଧାନ ଶିକ୍ଷକଙ୍କ ଜରିଆରେ ଏକ ଦରଖାସ୍ତ ଲେଖ ।*

●●

## ଦ୍ୱିତୀୟ ପାଠ

# ସୂଚନା ଅଧିକାର : ଭାରତର ସୂଚନା ଅଧିକାର ଆଇନ
# (Right to Information : Right to Information Act of India)

**ସୂଚନା ଅଧିକାର ଆଇନ ୨୦୦୫** ମସିହା **ଅକ୍ଟୋବର ୧୨ ତାରିଖରୁ** ଜାମ୍ମୁ ଓ କାଶ୍ମୀର ରାଜ୍ୟକୁ ବାଦ୍ ଦେଇ ଭାରତର ଅନ୍ୟ ସବୁ ରାଜ୍ୟରେ ଲାଗୁ ହେଲା ଏବଂ **ଓଡ଼ିଶାରେ ସେହିବର୍ଷ ନଭେମ୍ବର ମାସ ୧୯ ତାରିଖ ଦିନ ଏହା କାର୍ଯ୍ୟକାରୀ ହେଲା ।** ଭାରତର ସର୍ବୋଚ୍ଚ ନ୍ୟାୟାଳୟ (Supreme Court)ଙ୍କ ମତରେ ଭାରତ ସମ୍ବିଧାନର ତୃତୀୟ ଭାଗର ଧାରା ୧୯ରେ ନାଗରିକମାନଙ୍କୁ ଯେଉଁ ବାକ୍ ସ୍ୱାଧୀନତା ମୌଳିକ ଅଧିକାର ରୂପେ ପ୍ରଦାନ କରାଯାଇଛି, ସୂଚନା ଅଧିକାର ତାହାର ଏକ ଅଂଶବିଶେଷ । ଏହି ଆଇନ୍ ବଳରେ ସର୍ବସାଧାରଣଙ୍କ ପାଇଁ କାର୍ଯ୍ୟ କରୁଥିବା କର୍ମଚାରୀ, କର୍ମସଂସ୍ଥା ଅଥବା କାର୍ଯ୍ୟାଳୟମାନଙ୍କର କାର୍ଯ୍ୟାବଳୀ ସମ୍ପର୍କରେ ଜାଣିବାର ଅଧିକାର ଏ ଦେଶର ପ୍ରତ୍ୟେକ ନାଗରିକ ପାଇଲେ । ଏହା ପୂର୍ବରୁ ଭାରତୀୟମାନେ କୌଣସି ସରକାରୀ ତଥ୍ୟ ପାଇ ପାରୁ ନଥିଲେ । ୧୯୨୩ ମସିହାରେ ପ୍ରଣୀତ **ସରକାରୀ ଗୋପନୀୟତା ଆଇନ** ବଳରେ ଏପରି ତଥ୍ୟ ଦେବାକୁ ମନା କରାଯାଇଥିଲା ।

### ସୂଚନା ଅଧିକାର ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ :

ଏହି ଆଇନ୍‌ରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରାଯାଇ **ତିନିଗୋଟି** ବିଷୟରେ ଗୁରୁତ୍ୱ ଦିଆଯାଇଛି । ସେଗୁଡ଼ିକ ହେଲା –

୧. ସରକାରଙ୍କର ତଥା ସୂଚନା ଅଧିକାର ପରିସରଭୁକ୍ତ ଅନ୍ୟ ସମସ୍ତ କର୍ତ୍ତୃପକ୍ଷଙ୍କର କାର୍ଯ୍ୟାବଳୀକୁ ସୂଚନା ମାଧ୍ୟମରେ ପ୍ରକାଶ କରି ସ୍ୱଚ୍ଛତା ରକ୍ଷା କରିବା ।

୨. ଦେଶର ନାଗରିକମାନଙ୍କ ନିକଟରେ ସରକାରୀ କଳ ଏହାର ସମସ୍ତ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବା; ଅର୍ଥାତ୍ କାର୍ଯ୍ୟରେ ଅବହେଳା କରୁଥିବା କିମ୍ବା ଭୁଲ ନିଷ୍ପତ୍ତି ନେଇଥିବା କର୍ମଚାରୀ ନିଜେ ଏଥିଲାଗି ଉତ୍ତରଦାୟୀ ରହିବା ।

୩. ସର୍ବୋପରି, ଦେଶରୁ ତଥା ସମାଜରୁ ଦୁର୍ନୀତିକୁ ପ୍ରତିହତ କରିବା ।

> ***ତୁମେ ଜାଣିଛ କି ?***
>
> ***ପ୍ରଥମେ ସ୍ୱିଡ଼େନ୍‌ରେ ସୂଚନା ଅଧିକାର ଆଇନ୍ ୧୭୬୬ ମସିହାରେ ପ୍ରଣୟନ କରାଯାଇଥିଲା । ବର୍ତ୍ତମାନ ଏହି ଭଳି ଆଇନ ପୃଥିବୀର ପାଖାପାଖି ୫୦ଟି ଦେଶରେ ରହିଛି ।***

> ***ତୁମେ ଜାଣିଛ କି ?***
>
> ***ସମ୍ବିଧାନ ଅନୁଯାୟୀ ସଂସଦ/ରାଜ୍ୟ ବିଧାନ ମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ ଦ୍ୱାରା, ସରକାରୀ ଆଦେଶବଳରେ ଗଠିତ /ପ୍ରତିଷ୍ଠିତ ହୋଇଥିବା ପ୍ରତିଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ପରିଚାଳିତ ବା ଆର୍ଥିକ ଅନୁଦାନପ୍ରାପ୍ତ ସମସ୍ତ ସଂସ୍ଥା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୂଚନା ଅଧିକାର ଆଇନର ଅନ୍ତର୍ଭୁକ୍ତ ।***

ସୂଚନା ଅଧିକାର ଆଇନ୍ ଆମ ପାର୍ଲିଆମେଣ୍ଟରେ ୨୦୦୫ ମସିହାରେ ପ୍ରଣୀତ ହେବା ପୂର୍ବରୁ ଦେଶର ବିଭିନ୍ନ ରାଜ୍ୟରେ ଏ ସମ୍ପର୍କିତ ଆଇନ୍ ତିଆରି କରାଯାଇଥିଲା । ସର୍ବପ୍ରଥମେ ୧୯୯୬ ମସିହାରେ **ତାମିଲନାଡୁ** ବିଧାନସଭାରେ ସୂଚନା ଅଧିକାର ଆଇନ୍ ପ୍ରଣୟନ କରାଗଲା । ଏହାପରେ ୧୯୯୭ ମସିହାରେ **ଗୋଆରେ** ଏହି ଆଇନ୍ ପ୍ରଣୟନ କରାଗଲା । ପରବର୍ତ୍ତୀ ସମୟରେ

**ରାଜସ୍ଥାନ, କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ ଓ ଆସାମ ରାଜ୍ୟର** ବିଧାନସଭାମାନଙ୍କରେ ସେହି ରାଜ୍ୟମାନଙ୍କ ପାଇଁ ସୂଚନା ଅଧିକାର ଆଇନମାନ ପ୍ରଣୟନ କରାଯାଇଥିଲା । ପ୍ରଥମେ ଏସବୁ ରାଜ୍ୟରେ ସୂଚନା ଆଇନ୍ କାର୍ଯ୍ୟକାରୀ ହେବା ଫଳରେ ଭାରତବର୍ଷରେ ସୂଚନା ଅଧିକାର ଆଇନ୍, ୨୦୦୫ ପ୍ରଣୀତ ହେବା ଲାଗି ଭିତ୍ତିଭୂମି ପ୍ରସ୍ତୁତ ହୋଇ ସାରିଥିଲା ।

## ସୂଚନା କିପରି ମିଳିପାରିବ ?

ଆମ ଦେଶର ଯେ କୌଣସି ନାଗରିକ ଯେ କୌଣସି ଘଟଣା, ନିଷ୍ପତ୍ତି ବା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ତଥ୍ୟ ପାଇବାକୁ ଚାହିଁଲେ, ସେ ନିର୍ଦ୍ଦିଷ୍ଟ ଫର୍ମରେ ଦରଖାସ୍ତ କରିପାରିବେ । କେବଳ ଦାରିଦ୍ର୍ୟ ସୀମାରେଖା ତଳେ ଥିବା (ବି.ପି.ଏଲ୍) ଦରଖାସ୍ତକାରୀମାନଙ୍କୁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ । ଅନ୍ୟମାନେ ୧୦ ଟଙ୍କା ଲେଖାଏଁ ଫିସ୍ ଦେବେ । ଏହି ଫିସ୍ ସିଧାସଳଖ ଭାବେ ନଗଦ ଅର୍ଥ ଆକାରରେ ବା ଟ୍ରେଜେରି ଚାଲାଣ ଜରିଆରେ ଦିଆଯାଇପାରେ । ପ୍ରତ୍ୟେକ କାର୍ଯ୍ୟାଳୟରେ କାର୍ଯ୍ୟକରୁଥିବା **ସହକାରୀ ଲୋକ ସୂଚନା ଅଧିକାରୀ** (ଏ.ପି.ଆଇ.ଓ) ବା **ଲୋକସୂଚନା ଅଧିକାରୀ** (ପି.ଆଇ.ଓ)ଙ୍କ ନିକଟରେ ଏହି ଦରଖାସ୍ତ ଫର୍ମ ଦାଖଲ କରାଯାଇପାରିବ । ନଚେତ୍ ଏହା **ଡାକ ଯୋଗେ ବା ଇ-ମେଲ୍ ଜରିଆରେ** ପଠାଯାଇ ପାରିବ । କେତେକ ତଥ୍ୟକୁ ବାଦ୍ ଦେଇ ଆବେଦନକାରୀ ଅନ୍ୟ ଯେ କୌଣସି ତଥ୍ୟ ଜାଣିବାକୁ ଚାହାନ୍ତି, ତାହା ତାଙ୍କୁ ଯୋଗାଇ ଦିଆଯିବ । ମାତ୍ର ୨୦ ବର୍ଷରୁ ଅଧିକ ପୂର୍ବର ଘଟଣା ହୋଇଥିଲେ, ସେ ସମ୍ପର୍କିତ ତଥ୍ୟ ଦିଆଯାଇ ପାରିବ ନାହିଁ ।

ଆବେଦନକାରୀ ଦରଖାସ୍ତ ଦେବାର **୩୦ ଦିନ** ମଧ୍ୟରେ ତାଙ୍କୁ ସୂଚନା ଦେବାକୁ ପଡ଼ିବ । ଏପରିକି,ସୂଚନା ଯଦି କୌଣସି ବ୍ୟକ୍ତିଙ୍କ ଜୀବନ ବା ବ୍ୟକ୍ତିଗତ ସ୍ୱାଧୀନତା ସମ୍ପର୍କିତ ଅଟେ, **ତେବେ ୪୮ ଘଣ୍ଟା** ମଧ୍ୟରେ ସେହି ସୂଚନା ଦିଆଯିବ । ମଗାଯାଇଥିବା ସୂଚନା ଯଦି କୌଣସି ତୃତୀୟପକ୍ଷଠାରୁ ସଂଗ୍ରହ କରିବାକୁ ପଡୁଥିବ, ତେବେ ଏଥିଲାଗି ନିର୍ଦ୍ଧାରିତ ସମୟ ୩୦ ଦିନ ବାଦ ଅଧିକ ୧୦ ଦିନ ସମୟ ଲାଗିପାରେ । ସୂଚନା ମାଗିଲା ବେଳେ ଆବେଦନକାରୀ ଯଦି ଫଟୋକପି ବା ନମୁନା ଇତ୍ୟାଦି ନେବାକୁ ଚାହୁଁଥିବେ, ତାହାହେଲେ ସେଥିଲାଗି ନିର୍ଦ୍ଧାରିତ ହୋଇଥିବା ଦେୟ ତାଙ୍କୁ ଦେବାକୁ ପଡ଼ିବ ।

ଆବେଦନକାରୀ ମାଗିଥିବା ସୂଚନା **କେଉଁ କେଉଁ କ୍ଷେତ୍ରରେ ଦିଆଯିବ ନାହିଁ, ତାହା ସୂଚନା ଅଧିକାର ଆଇନ୍‌ରେ ଉଲ୍ଲେଖ କରାଯାଇଛି** । ସେଗୁଡ଼ିକ ହେଲା :

(କ) ଦେଶର ସାର୍ବଭୌମ, ସଂହତି, ଅଖଣ୍ଡତା ଓ ନିରାପତ୍ତା ପ୍ରତି ଆଞ୍ଚ ଆସୁଥିବା ଭଳି ସୂଚନା;

(ଖ) ସୂଚନା ଯଦି ସାମରିକ, ବୈଜ୍ଞାନିକ ଗବେଷଣା ବା ଅର୍ଥନୈତିକ ସ୍ୱାର୍ଥ ସମ୍ପର୍କିତ ହୋଇଥାଏ;

(ଗ) ସୂଚନା ଯଦି ଅନ୍ୟ ରାଷ୍ଟ୍ର ସହିତ ସମ୍ପର୍କକୁ କ୍ଷୁଣ୍ଣ କଲାଭଳି ଅଥବା କୌଣସି ଅପରାଧ ଘଟାଇବା ଭଳି ହୋଇଥାଏ;

(ଘ) ସୂଚନା ଯଦି ପାର୍ଲିଆମେଣ୍ଟ ବା ରାଜ୍ୟ ବିଧାନମଣ୍ଡଳର ସ୍ୱାଧିକାର ଭଙ୍ଗ କଲାଭଳି ହୋଇଥାଏ;

(ଙ) ସୂଚନା ଦେବାକୁ ଯଦି ଅଧିକ ସରକାରୀ ସମ୍ବଳ ଦରକାର ପଡୁଥାଏ;

(ଚ) ମନ୍ତ୍ରିମଣ୍ଡଳ ବୈଠକରେ ବା ସଚିବ (Secretary) ବା ଅନ୍ୟ ଅଫିସରସ୍ତରୀୟ ବୈଠକରେ କିଏ କ'ଣ କହିଲେ, ସେ ସୂଚନା ଦିଆ ଯାଇପାରିବ ନାହିଁ । କିନ୍ତୁ ବୈଠକର ନିଷ୍ପତ୍ତି ସମ୍ପର୍କିତ ସୂଚନା ମିଳି ପାରିବ ।

(ଛ) ଯେଉଁ ସୂଚନା ପ୍ରକାଶ କରିବା ପାଇଁ ନ୍ୟାୟାଳୟ ବାରଣ କରିଥାଆନ୍ତି ବା ଯାହାକୁ ଘୋଷଣା କଲେ ନ୍ୟାୟାଳୟ ପ୍ରତି ଅବମାନନା ହେବାର ସମ୍ଭାବନା ଥାଏ, ସେପରି କୌଣସି ସୂଚନା ଦେଇ ହେବ ନାହିଁ ।

ପୁଣି ଆଇନର **ଚତୁର୍ଥ ଧାରାରେ ପ୍ରତ୍ୟେକ ଅଫିସ୍** ବା **କାର୍ଯ୍ୟାଳୟ ନିଜଆଡୁ କେତେକ ସୂଚନା ଦେବାପାଇଁ ନିର୍ଦ୍ଦେଶ ରହିଛି** ।

## ଲୋକ ସୂଚନା ଅଧିକାରୀଙ୍କ କର୍ତ୍ତବ୍ୟ :

**ଲୋକ ସୂଚନା ଅଧିକାରୀ** ନିମ୍ନଲିଖିତ କର୍ତ୍ତବ୍ୟ ସମ୍ପାଦନ କରିବେ –

- ପ୍ରଥମେ, ଆବେଦନକାରୀ ଯଦି ଦରଖାସ୍ତଟିକୁ ଲେଖିପାରୁ ନ ଥିବେ, ତେବେ ଦରଖାସ୍ତଟିକୁ ଲେଖିବାରେ ଲୋକ ସୂଚନା ଅଧିକାରୀ ତାଙ୍କୁ ସାହାଯ୍ୟ କରିବେ। ଆବେଦନକାରୀଙ୍କ ଠାରୁ ପ୍ରଥମେ ସେ ହିଁ ଦରଖାସ୍ତ ଗ୍ରହଣ କରିବେ ।
- ଯଦି ଲୋକ ସୂଚନା ଅଧିକାରୀଙ୍କ ଅଫିସରେ ଆବେଦନକାରୀ ମାଗିଥିବା ତଥ୍ୟ ନ ଥାଏ ଓ ତାହା ଅନ୍ୟ ଅଫିସରେ ମିଳିବ, ତେବେ ଅତି ବେଶୀରେ ପାଞ୍ଚ ଦିନ ମଧ୍ୟରେ ଦରଖାସ୍ତକୁ ସେହି ଅଫିସ୍‌ରେ ଥିବା ସଂପୃକ୍ତ ଅଫିସରଙ୍କ ନିକଟକୁ ସେ ପଠାଇ ଦେବେ ଏବଂ ତାହା ଦରଖାସ୍ତକାରୀଙ୍କୁ ଜଣାଇଦେବେ।
- ଦରଖାସ୍ତ ପାଇବା ପରେ ଅତିବେଶୀରେ ୩୦ ଦିନ ମଧ୍ୟରେ ସୂଚନା ଦେବାକୁ ହେବ । ଜୀବନ ବା ସ୍ୱାଧୀନତା ପ୍ରତି ବିପଦ ଥିବା କ୍ଷେତ୍ରରେ **ଦୁଇଦିନ** ମଧ୍ୟରେ ସୂଚ଼ନା ଦେବାକୁ ପଡ଼ିବ । ଯଦି ସୂଚ଼ନା ଦିଆଯାଇ ପାରିବ ନାହିଁ, ତେବେ ଆଇନ୍‌ର କେଉଁ ଧାରା ଓ କେଉଁ ଉପଧାରାରେ ସେଥିପାଇଁ ବାରଣ କରାଯାଇଛି, ତାହା ଲୋକ ସୂଚନା ଅଧିକାରୀ ଲିଖିତ ଭାବରେ ଦରଖାସ୍ତକାରୀଙ୍କୁ ଜଣାଇବେ ।
- ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସୂଚ଼ନା ନ ମିଳିଲା, ତେବେ ଲୋକ ସୂଚନା ଅଧିକାରୀ ତାହା ଦେବାକୁ ମନାକଲେ ବୋଲି ଧରି ନିଆଯିବ ।
- ଆବେଦନକାରୀ ଚାହିଁବା ଅନୁସାରେ ସୂଚ଼ନାଟିକୁ ତାଙ୍କୁ ବ୍ୟକ୍ତିଗତଭାବେ ଦେବେ ବା ରେଜିଷ୍ଟର୍ଡ ଡ଼ାକ ବା ସ୍ପିଡ଼ପୋଷ୍ଟ ଦ୍ୱାରା ଲୋକ ସୂଚନା ଅଧିକାରୀ ତାଙ୍କ ନିକଟକୁ ପଠାଇବେ ଓ ସେ ସବୁର ଖର୍ଚ୍ଚ ଦରଖାସ୍ତକାରୀ ବହନ କରିବେ ।

## କେନ୍ଦ୍ରୀୟ ସୂଚନା ଆୟୋଗ ବା କମିଶନ

**(Central Information Commission) :**

**କେନ୍ଦ୍ରୀୟ ସୂଚନା ଆୟୋଗ ବା କମିଶନ** ନିମ୍ନଲିଖିତ ଭାବେ ଗଠନ କରାଯିବ।

(କ) କେନ୍ଦ୍ରୀୟ ସୂଚ଼ନା କମିଶନର ମୁଖ୍ୟ ଭାବେ **ମୁଖ୍ୟ ସୂଚନା ଆୟୁକ୍ତ** ବା **ମୁଖ୍ୟ ସୂଚନା କମିଶନର୍** (Chief Information Commissioner) ରହିବେ ।

(ଖ) ମୁଖ୍ୟ ସୂଚନା କମିଶନରଙ୍କ ବ୍ୟତୀତ ସର୍ବାଧିକ **ଦଶଜଣ** କେନ୍ଦ୍ରୀୟ ସୂଚନା ଆୟୁକ୍ତ ବା ସୂଚନା କମିଶନର (Information Commissioner) ଙ୍କୁ ମଧ୍ଯ ନିଯୁକ୍ତ କରାଯିବ ।

ତେବେ ଏକ କମିଟି ଏହି ନିଯୁକ୍ତି ପାଇଁ ସୁପାରିସ କରିବା ପରେ ରାଷ୍ଟ୍ରପତି ମୁଖ୍ୟ ସୂଚନା କମିଶନର ଓ ଅନ୍ୟ ସୂଚନା କମିଶନରମାନଙ୍କୁ ନିଯୁକ୍ତି ଦେବେ । ନିଯୁକ୍ତି ଲାଗି ସୁପାରିସ କରିବା କମିଟି ନିମ୍ନଲିଖିତ ଭାବେ ଗଠିତ ହେବ ।

୧. ଏହି କମିଟିର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ରହିବେ;

୨. ଲୋକସଭାରେ ବିରୋଧୀଦଳର ନେତା ଏହି କମିଟିର ସଦସ୍ୟ ରହିବେ; ଏବଂ

୩. ପ୍ରଧାନମନ୍ତ୍ରୀ ମନୋନୀତ କରିଥିବା ଜଣେ କେନ୍ଦ୍ରୀୟ କ୍ୟାବିନେଟ୍ ମନ୍ତ୍ରୀ ଏହି କମିଟିର ଅନ୍ୟତମ ସଦସ୍ୟ ରହିବେ ।

କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର ଏବଂ ସୂଚନା କମିଶନର ଭାବରେ ଯେଉଁମାନେ ନିଯୁକ୍ତ ହେବେ, ସେମାନଙ୍କର ବିଧି (ଆଇନ), ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସମାଜସେବା, ମ୍ୟାନେଜମେଣ୍ଟ, ଗଣମାଧ୍ୟମ, ସାମ୍ବାଦିକତା ବା ପ୍ରଶାସନ ଓ ଶାସନ କ୍ଷେତ୍ରରେ ଗଭୀର ଜ୍ଞାନ ଓ ଅଭିଜ୍ଞତା ରହିଥିବା ଆବଶ୍ୟକ ଏବଂ ସେମାନେ ସାଧାରଣ ଜୀବନରେ ପ୍ରଖ୍ୟାତ ବ୍ୟକ୍ତି ହୋଇଥିବେ ।

କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର ଅଥବା କୌଣସି ସୂଚ଼ନା କମିଶନର ପାର୍ଲିଆମେଣ୍ଟର ସଭ୍ୟ ବା କୌଣସି ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ବା ବିଧାନ

ପରିଷଦର ସଭ୍ୟ ହୋଇ ନଥିବେ । କେବଳ ସେତିକି ନୁହେଁ, ସେମାନେ କୌଣସି ଲାଭଜନକ ପଦ ଧାରଣ କରି ନଥିବେ ବା କୌଣସି ରାଜନୈତିକ ଦଳ ସହିତ ସମ୍ପୃକ୍ତ ହୋଇ ନଥିବେ । କୌଣସି ବ୍ୟବସାୟ ବା ବୃତ୍ତି ସହିତ ମଧ୍ୟ ମୁଖ୍ୟ ସୂଚନା କମିଶନର ଓ ଅନ୍ୟ ସୂଚନା କମିଶନରମାନଙ୍କର ସମ୍ପୃକ୍ତି ନ ଥିବ । **କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀଠାରେ ରହିବ ।**

କେନ୍ଦ୍ରୀୟ ମୁଖ୍ୟ ସୂଚ଼ନା କମିଶନର ଓ ଅନ୍ୟ ସୂଚନା କମିଶନରମାନଙ୍କର କାର୍ଯ୍ୟକାଳ ସ୍ଥିର କରାଯାଇଛି । ସେ ଗୁଡ଼ିକ ହେଲା :

- ମୁଖ୍ୟ ସୂଚନା କମିଶନର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଉକ୍ତ ପଦରେ ପାଞ୍ଚବର୍ଷ ପର୍ଯ୍ୟନ୍ତ ରହିପାରିବେ ।
- ମୁଖ୍ୟ ସୂଚନା କମିଶନର ଏହି ପଦରେ ଗୋଟିଏ ଥର ମାତ୍ର ରହିପାରିବେ ଏବଂ ତାଙ୍କର ପୁନଃ ନିଯୁକ୍ତି ହୋଇ ପାରିବ ନାହିଁ ।
- ମୁଖ୍ୟ ସୂଚନା କମିଶନରଙ୍କୁ ପଞ୍ଚଷଠି ବର୍ଷ ବୟସ ଅତିକ୍ରମ କଲେ, ସେ ଉକ୍ତ ପଦବୀରେ କାର୍ଯ୍ୟ କରି ପାରିବେ ନାହିଁ ।
- ମୁଖ୍ୟ ସୂଚନା କମିଶନର୍ ଓ ପ୍ରତ୍ୟେକ ସୂଚ଼ନା କମିଶନର କାର୍ଯ୍ୟରେ ଯୋଗଦାନ କରିବା ଦିନ ଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ବା ତାଙ୍କୁ ପଞ୍ଚଷଠି ବର୍ଷ ବୟସ ହେବା ପର୍ଯ୍ୟନ୍ତ (ଏ ଦୁଇଟି ମଧ୍ୟରୁ ଯେଉଁଟି ପ୍ରଥମେ ପଡ଼ିବ), ସେ ପର୍ଯ୍ୟନ୍ତ ସେ ସେହି ପଦରେ ରହିପାରିବେ ।
- ଥରେ ସୂଚନା କମିଶନର ନିଯୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ଦ୍ୱିତୀୟଥର ପୁନଃ ନିଯୁକ୍ତି ଦିଆ ଯାଇପାରିବ ନାହିଁ ।
- ସୂଚନା କମିଶନର ଯଦି କେନ୍ଦ୍ରର ମୁଖ୍ୟ ସୂଚନା କମିଶନରର ପଦ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ସେହି ପଦରେ ତାଙ୍କୁ ନିଯୁକ୍ତି ମିଳିପାରିବ ।
- କେନ୍ଦ୍ରୀୟ ମୁଖ୍ୟ ସୂଚନା କମିଶନର କିମ୍ବା ଅନ୍ୟ ସୂଚ଼ନା କମିଶନର ଯେକୌଣସି ସମୟରେ ରାଷ୍ଟ୍ରପତିଙ୍କୁ ସମ୍ବୋଧିତ ହୋଇଥିବା ସ୍ୱହସ୍ତ ଲିଖିତ ଇସ୍ତଫା ପତ୍ର ଦ୍ୱାରା ନିଜ ପଦରୁ ଇସ୍ତଫା ପ୍ରଦାନ କରି ପାରିବେ ।

ସୂଚନା ଅଧିକାର ଆଇନର ଧାରା ୧୪(୧) ଅନୁଯାୟୀ ରାଷ୍ଟ୍ରପତିଙ୍କ ଅନୁମତି ମିଳିବା ପରେ ଉଚ୍ଚତମ ନ୍ୟାୟାଳୟ ଯଦି ତଦନ୍ତ କରି ରିପୋର୍ଟ ପ୍ରଦାନ କରନ୍ତି ଯେ ମୁଖ୍ୟ ସୂଚନା କମିଶନର ବା କୌଣସି ସୂଚନା କମିଶନର ଦୁର୍ବ୍ୟବହାର କରିଛନ୍ତି ବା ଅସମର୍ଥ ଅଟନ୍ତି ଏବଂ ସେହି କାରଣରୁ ତାଙ୍କୁ ଅପସାରଣ କରିବା ଉଚିତ, ତେବେ ସେହି କାରଣରୁ ରାଷ୍ଟ୍ରପତି ଆଦେଶ ଦ୍ୱାରା ମୁଖ୍ୟ ସୂଚ଼ନା କମିଶନ୍‌ର ଓ ଅନ୍ୟ ସୂଚନା କମିଶନ୍‌ରଙ୍କୁ ତାଙ୍କ ପଦରୁ ଅପସାରଣ କରିବେ । ମୁଖ୍ୟ ସୂଚନା କମିଶନ୍‌ର ଓ ଅନ୍ୟ ସୂଚନା କମିଶନ୍‌ର କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ରାଷ୍ଟ୍ରପତିଙ୍କ ସମକ୍ଷରେ ଲିଖିତ ଶପଥ ପତ୍ର ପାଠ କରିବେ ଓ ସେଥିରେ ସ୍ୱାକ୍ଷର କରିବେ ।

ମୁଖ୍ୟ ସୂଚନା କମିଶନରଙ୍କୁ ଦେୟ ଦରମା, ଭତ୍ତା ଓ ତାଙ୍କ ସେବାରେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସର୍ତ୍ତାବଳୀ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହ ସମାନ ହେବ । ସେହିପରି ଜଣେ ସୂଚନା କମିଶନ୍‌ରଙ୍କୁ ଦେୟ ଦରମା, ଭତ୍ତା ଓ ତାଙ୍କ କାର୍ଯ୍ୟ ସର୍ତ୍ତାବଳୀ ମଧ୍ୟ ଜଣେ ନିର୍ବାଚନ କମିଶନର୍‌ଙ୍କ ସହ ସମାନ ହେବ ।

## ରାଜ୍ୟ ସୂଚନା କମିଶନ:

**(State Information Commission) :**

ପ୍ରତ୍ୟେକ ରାଜ୍ୟ ସରକାର ନିଜ ରାଜ୍ୟରେ ଏକ ସୂଚନା ଆୟୋଗ ବା କମିଶନ ଗଠନ କରିବେ । ରାଜ୍ୟ ସୂଚନା ଆୟୋଗ ବା କମିଶନ ନିମ୍ନଲିଖିତ ଭାବେ ଗଠନ କରାଯିବ ।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟିର ସୁପାରିସ କ୍ରମେ ରାଜ୍ୟପାଳଙ୍କ ଦ୍ୱାରା ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ବା କମିଶନର ଓ ସର୍ବାଧିକ ଦଶଜଣ ରାଜ୍ୟ ସୂଚନା ଆୟୁକ୍ତ ବା କମିଶନର ନିଯୁକ୍ତ ହେବେ ।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ବିଧାନସଭାର ବିରୋଧୀ ଦଳର ନେତା ସଦସ୍ୟ ରହିବେ । ତାଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଉକ୍ତ କମିଟିର ଅନ୍ୟତମ ସଦସ୍ୟ ରହିବେ ।

ବିଧି, ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସମାଜସେବା, ମ୍ୟାନେଜମେଣ୍ଟ, ସାମ୍ବାଦିକତା, ଗଣମାଧ୍ୟମ ବା ପ୍ରଶାସନ ଓ ଶାସନ କ୍ଷେତ୍ରରେ ଗଭୀର ଜ୍ଞାନ ଓ ଅଭିଜ୍ଞତା ସହ ସାଧାରଣ ଜୀବନରେ ପ୍ରଖ୍ୟାତ ବ୍ୟକ୍ତିମାନଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିଶନର ଏବଂ ରାଜ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ଦିଆଯାଇଥାଏ ।

ଯେଉଁମାନେ ରାଜ୍ୟ ମୁଖ୍ୟ ସୂଚନା କମିଶନର କିମ୍ବା ରାଜ୍ୟ ସୂଚନା କମିଶନର ପଦରେ ନିଯୁକ୍ତ ହେବେ, ସେମାନେ ସଂସଦର ସଭ୍ୟ କିମ୍ବା କୌଣସି ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ବା ବିଧାନ ପରିଷଦର ସଭ୍ୟ ହୋଇ ନ ଥିବା ଆବଶ୍ୟକ । ସେମାନେ କୌଣସି ବ୍ୟବସାୟ କରୁ ନ ଥିବେ ବା କୌଣସି ବୃତ୍ତି ସହ ସମ୍ପୃକ୍ତ ନଥିବେ ବା କୌଣସି ଲାଭଜନକ ପଦ ଧାରଣ କରି ନ ଥିବେ । କୌଣସି ରାଜନୈତିକ ଦଳ ସହିତ ସେମାନଙ୍କର ସମ୍ପୃକ୍ତି ନଥିବ ।

ରାଜ୍ୟ ମୁଖ୍ୟ ସୂଚନା କମିଶନର ତାଙ୍କ କାର୍ଯ୍ୟରେ ଯୋଗଦାନ ଦିବସଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଉକ୍ତ ପଦରେ ରହିପାରିବେ ଓ ପୁନର୍ବାର ନିଯୁକ୍ତି ପାଇ ପାରିବେ ନାହିଁ । ପଞ୍ଚଷଠି ବର୍ଷ ବୟସ ଅତିକ୍ରମ କରିବା ପରେ ଉକ୍ତ ପଦବୀରେ ସେ କାର୍ଯ୍ୟ କରି ପାରିବେ ନାହିଁ । ସେହିପରି ନିଜ କାର୍ଯ୍ୟରେ ଯୋଗଦାନ ଦିବସଠାରୁ ପ୍ରତ୍ୟେକ ରାଜ୍ୟ ସୂଚନା କମିଶନର ପାଞ୍ଚ ବର୍ଷ ପର୍ଯ୍ୟନ୍ତ କିମ୍ବା ତାଙ୍କୁ ପଞ୍ଚଷଠି ବର୍ଷ ବୟସ ହେବା ପର୍ଯ୍ୟନ୍ତ (ଏ ଦୁଇଟି ମଧ୍ୟରୁ ଯେଉଁଟି ପ୍ରଥମେ ପଡ଼ିବ) ସେ ପର୍ଯ୍ୟନ୍ତ ପଦ ଧାରଣ କରିବେ । ସେ ପୁନଃ ନିଯୁକ୍ତି ପାଇ ପାରିବେ ନାହିଁ । କିନ୍ତୁ, ସେ ମୁଖ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇ ପାରିବେ । ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ଓ ଅନ୍ୟ ସୂଚନା କମିଶନର୍‌ମାନେ ରାଜ୍ୟପାଳଙ୍କ ସମକ୍ଷରେ ଲିଖିତ ଶପଥ ପତ୍ର ପାଠ କରି ସେଥିରେ ସ୍ୱାକ୍ଷର କରିବା ପରେ କାର୍ଯ୍ୟରେ ଯୋଗଦାନ କରିବେ । ରାଜ୍ୟ ମୁଖ୍ୟ ସୂଚନା କମିଶନର୍ ଓ ଅନ୍ୟ ସୂଚନା କମିଶନର୍ ଯେକୌଣସି ସମୟରେ ରାଜ୍ୟପାଳଙ୍କୁ ସମ୍ବୋଧିତ ହୋଇଥିବା ସ୍ୱହସ୍ତ ଲିଖିତ ଇସ୍ତଫାପତ୍ର ଦ୍ୱାରା ନିଜ ପଦରୁ ଇସ୍ତଫା ପ୍ରଦାନ କରିପାରିବେ । ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଆବଶ୍ୟକୀୟ ତଦନ୍ତ କରାଯିବାପରେ ଯଦି ଉଚ୍ଚତମ ନ୍ୟାୟାଳୟ ରିପୋର୍ଟ ପ୍ରଦାନ କରନ୍ତି ଯେ ଅସାମର୍ଥ୍ୟ କାରଣରୁ ବା ଦୁର୍ବ୍ୟବହାର କରିଥିବା କାରଣରୁ ରାଜ୍ୟ ମୁଖ୍ୟ କମିଶନର୍ ଓ ଅନ୍ୟ କମିଶନର୍ ଅପସାରିତ ହେବା ଉଚିତ୍, ତେବେ ସେହିକାରଣରୁ ରାଜ୍ୟପାଳ ଆଦେଶ ଦ୍ୱାରା ତାଙ୍କୁ ତାଙ୍କ ପଦରୁ ଅପସାରଣ କରିବେ ।

## କେନ୍ଦ୍ରୀୟ ସୂଚନା କମିଶନ ଓ ରାଜ୍ୟ ସୂଚନା କମିଶନଙ୍କର କ୍ଷମତା :

କେନ୍ଦ୍ରୀୟ ସୂଚନା କମିଶନ ଓ ରାଜ୍ୟ ସୂଚନା କମିଶନଙ୍କର କ୍ଷମତା ନିମ୍ନରେ ଦିଆଗଲା ।

୧. ସୂଚନା ଅଧିକାର ଆଇନ ଅନୁସାରେ ନିମ୍ନଲିଖିତ କ୍ଷେତ୍ରରେ ବିଧିବଦ୍ଧ ତଦନ୍ତ କରିବା କେନ୍ଦ୍ର ସୂଚନା କମିଶନ ବା ରାଜ୍ୟ ସୂଚନା କମିଶନଙ୍କର କର୍ତ୍ତବ୍ୟ ହେବ –

(କ) ଯଦି ଲୋକ ସୂଚନା ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ କୌଣସି କାରଣରୁ ନାଗରିକଙ୍କ ଦରଖାସ୍ତ ଗ୍ରହଣ କରାଯାଇପାରୁନାହିଁ , ତେବେ ସେହି ଦରଖାସ୍ତକାରୀ ଉକ୍ତ ଦରଖାସ୍ତକୁ ସୂଚନା କମିଶନଙ୍କ ବିଚାର ଲାଗି ସିଧାସଳଖ ପଠାଇ ପାରିବେ ।

(ଖ) ଆବେଦନକାରୀଙ୍କ ଦରଖାସ୍ତ ଗ୍ରହଣ କରିବା ପାଇଁ ଯଦି କୌଣସି ଲୋକ ସୂଚନା ଅଧିକାରୀ ମନାକଲେ, ତେବେ ସୂଚନା କମିଶନଙ୍କ ନିକଟକୁ ସେହି ଦରଖାସ୍ତକାରୀ ସିଧାସଳଖ ତାହା ପଠାଇ ପାରିବେ ।

(ଗ) ସୂଚନା ପାଇବାକୁ ଦରଖାସ୍ତ ଦେଇ ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକ ସୂଚନା ଅଧିକାରୀ ସୂଚନା ଦେଇ ପାରିଲେ ନାହିଁ, ତେବେ

ଦରଖାସ୍ତକାରୀ ସିଧାସଳଖ ସୂଚନା କମିଶନଙ୍କ ପାଖକୁ ତାହା ପଠାଇଦେଇ ପାରିବେ ।

(ଘ) ଲୋକ ସୂଚନା ଅଧିକାରୀ ଯଦି ସୂଚନା ଦେବା ଲାଗି ଅତ୍ୟଧିକ ଫିସ୍ ଦାବି କରୁଥିବା କଥା ଦରଖାସ୍ତ କାରୀଙ୍କର ହୃଦବୋଧ ହୁଏ, ତେବେ ସେହି ଦରଖାସ୍ତକାରୀ ତାଙ୍କ ଦରଖାସ୍ତକୁ ସୂଚନା କମିଶନଙ୍କ ପାଖକୁ ପଠାଇବାକୁ ସମର୍ଥ ହେବେ ।

(ଙ) ଲୋକ ସୂଚନା ଅଧିକାରୀ ଭୁଲ ବା ଅସମ୍ପୂର୍ଣ୍ଣ ତଥ୍ୟ ଦେଇଛନ୍ତି ବା ତଥ୍ୟଗୁଡ଼ିକ ବିଭ୍ରାନ୍ତିକର ବା ମିଥ୍ୟା ବୋଲି ଯଦି ଦରଖାସ୍ତକାରୀ ଭାବନ୍ତି, ତେବେ ସେ ତାଙ୍କ ଦରଖାସ୍ତକୁ ସୂଚନା କମିଶନଙ୍କ ପାଖକୁ ମଧ୍ୟ ପଠାଇ ପାରିବେ ।

ଏହି ପ୍ରକାରର ଦରଖାସ୍ତ ସୂଚନା କମିଶନ ବା ଆୟୋଗଙ୍କ ପାଖକୁ ପଠାଇବା ଲାଗି କୌଣସି ଦେୟ ଲାଗିବ ନାହିଁ ।

୨. ଯଦି କେନ୍ଦ୍ରୀୟ ସୂଚନା କମିଶନ ବା ରାଜ୍ୟ ସୂଚନା କମିଶନ ଇଚ୍ଛା କଲେ ଓ ତଦନ୍ତ ପାଇଁ ଯଥାଯଥ କାରଣ ରହିଛି ବୋଲି ବିଚାର କଲେ ଏବଂ ଏହା ତାଙ୍କର ହୃଦ୍‌ବୋଧ ହେଲା, ତେବେ ନିର୍ଭୁଲ ତଥ୍ୟ ଜାଣିବା ଲାଗି ସେ ଏହାର ବିଧିବଦ୍ଧ ତଦନ୍ତ ଆରମ୍ଭ କରିପାରିବେ ।

୩. କେନ୍ଦ୍ରୀୟ ସୂଚନା କମିଶନ ବା ରାଜ୍ୟ ସୂଚନା କମିଶନ କୌଣସି ଦରଖାସ୍ତ ଉପରେ ତଦନ୍ତ କଲାବେଳେ କମିଶନଙ୍କର ଏକ ଦେୱାନୀ ଅଦାଲତ ବା ସିଭିଲ୍ କୋର୍ଟର କ୍ଷମତା ରହିବ ଓ କମିଶନ,

(କ) ସମନ ଜାରି କରି ଯେ କୌଣସି ବ୍ୟକ୍ତିଙ୍କୁ ଶପଥ ପୂର୍ବକ ଲିଖିତ ବା ମୌଖିକ ସାକ୍ଷ୍ୟ ଦେବା ପାଇଁ ହାଜର ହେବାକୁ ନିର୍ଦ୍ଦେଶ ଦେଇ ପାରିବେ;

(ଖ) ଯେ କୌଣସି ଆବଶ୍ୟକୀୟ ଦଲିଲ ବା ଦସ୍ତାବିଜ ସମ୍ପର୍କରେ ତଦାରଖ ବା ନିରୀକ୍ଷଣ କରିପାରିବେ;

(ଗ) ସତ୍ୟପାଠ ବା ଆଫିଡେଭିଟ୍ ଦ୍ୱାରା ସାକ୍ଷ୍ୟ ଗ୍ରହଣ କରିପାରିବେ;

(ଘ) ସାକ୍ଷୀ କିମ୍ବା ଦସ୍ତାବିଜ୍ ବା ଦଲିଲଗୁଡ଼ିକର ପରୀକ୍ଷା ନିରୀକ୍ଷା ପାଇଁ ସମନ ଜାରି କରି ପାରିବେ, ଏବଂ

(ଙ) ଯେ କୌଣସି ନ୍ୟାୟାଳୟ ବା କାର୍ଯ୍ୟାଳୟ ବା ଦପ୍ତରରୁ ସରକାରୀ ରେକର୍ଡ଼ପତ୍ର ମଗାଇ ପାରିବେ ବା ତାହାର ନକଲମାନ ବରାଦ କରି ପାରିବେ ।

୪. ସଂସଦ ବା ରାଜ୍ୟ ବିଧାନମଣ୍ଡଳ ଦ୍ୱାରା କେତେକ କ୍ଷେତ୍ରରେ କୌଣସି ସରକାରୀ ରେକର୍ଡପତ୍ର ଯାଞ୍ଚ କରିବାକୁ ମନାକରି ଆଇନ ପ୍ରଣୟନ କରାଯାଇଥାଏ । କିନ୍ତୁ କେନ୍ଦ୍ରୀୟ ସୂଚନା କମିଶନ ଓ ରାଜ୍ୟ ସୂଚନା କମିଶନଙ୍କ ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ସେ ସବୁ ରେକର୍ଡ଼ପତ୍ର ପରୀକ୍ଷା ନିରୀକ୍ଷା କରାଯିବା ପାଇଁ ମଗାଯାଇ ପାରିବ । କୌଣସି କାରଣରୁ ସେପରି କୌଣସି ରେକର୍ଡ ତାଙ୍କୁ ଦେବା ପାଇଁ ମନା କରା ଯାଇପାରିବ ନାହିଁ ।

## ଦରଖାସ୍ତକାରୀ କିପରି ଅପିଲ୍ କରି ପାରିବେ ?

ଦରଖାସ୍ତକାରୀ ଯଦି ମାଗିଥିବା ସୂଚନା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନ ପାଇଲେ, ବା ଲୋକ ସୂଚନା ଅଧିକାରୀଙ୍କ ନିଷ୍ପତ୍ତିରେ କ୍ଷୁବ୍ଧ ହେଲେ, ତେବେ ତାଙ୍କ କାର୍ଯ୍ୟ ଉପରେ ସେ ସେହି ଅଫିସ୍‌ରେ ଥିବା **ପ୍ରଥମ ଅପିଲ୍ ଅଧିକାରୀଙ୍କ** ନିକଟରେ ପ୍ରଥମ ଅପିଲ୍ କରିପାରିବେ । ଏଥିଲାଗି ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରିବାକୁ ପଡ଼ିବ । ବି.ପି.ଏଲ୍ ଶ୍ରେଣୀଭୁକ୍ତ ଦରଖାସ୍ତକାରୀମାନଙ୍କୁ ଏଥିଲାଗି କୌଣସି ପଇସା ଦେବାକୁ ପଡ଼ିବ ନାହିଁ । ଅନ୍ୟମାନଙ୍କ କ୍ଷେତ୍ରରେ ୨୦ ଟଙ୍କାର କୋର୍ଟ ଫି ଷ୍ଟାମ୍ପ ଲଗାଇ ଦରଖାସ୍ତ କରିବାକୁ ପଡ଼ିବ ।

ମିଳିଥିବା ସୂଚନା ଅସମ୍ପୂର୍ଣ୍ଣ ବା ଭୁଲଥିଲେ ଦରଖାସ୍ତକାରୀ ଅପିଲ୍ କରିପାରିବେ । ଯଦି ଲୋକ ସୂଚନା ଅଧିକାରୀ ଦେଇଥିବା ତଥ୍ୟରେ ସେ ସନ୍ତୁଷ୍ଟ ନୁହନ୍ତି, ତେବେ

ଦରଖାସ୍ତକାରୀ ଏହା ବିରୋଧରେ ୩୦ ଦିନ ମଧ୍ୟରେ ଅପିଲ୍ କରିବାର ବ୍ୟବସ୍ଥା ଅଛି । ଯଦି ୩୦ ଦିନ ମଧ୍ୟରେ ଅପିଲ୍ କରି ନ ପାରିବାର ଯଥାର୍ଥ କାରଣ ରହିଛି, ତେବେ ତାହା ଦର୍ଶାଇ ଉକ୍ତ ସମୟ ସୀମା ପାର ହେବା ପରେ ମଧ୍ୟ ଅପିଲ୍ କରିହେବ । ପ୍ରଥମ ଅପିଲ୍ ଅଧିକାରୀଙ୍କୁ ତାଙ୍କର ନିଷ୍ପତ୍ତି ୩୦ ଦିନ ବା ଯୁକ୍ତିଯୁକ୍ତ କାରଣ ଦର୍ଶାଇ ସର୍ବମୋଟ ୪୫ ଦିନ ମଧ୍ୟରେ ନିଷ୍ପତ୍ତି ଦେବାକୁ ହେବ ।

ପ୍ରଥମ ଅପିଲ୍ ଅଧିକାରୀଙ୍କ ନିଷ୍ପତ୍ତିରେ ଯଦି ଦରଖାସ୍ତକାରୀ ସନ୍ତୁଷ୍ଟ ନୁହଁନ୍ତି, ତେବେ ନିଷ୍ପତ୍ତି ତାରିଖଠାରୁ ୯୦ ଦିନ ମଧ୍ୟରେ ସୂଚନା କମିଶନଙ୍କ ନିକଟରେ **ଦ୍ୱିତୀୟବାର ଅପିଲ୍ କରିହେବ** । ଯଥାର୍ଥ କାରଣ ଥାଇ ୯୦ ଦିନ ମଧ୍ୟରେ ଅପିଲ୍‌କାରୀ ଅପିଲ୍ କରି ପାରି ନଥିଲେ, ଉକ୍ତ କାରଣ ଦର୍ଶାଇ ୯୦ ଦିନ ପରେ ଇଚ୍ଛାକଲେ ଅପିଲ୍ କରିହେବ । ବି.ପି.ଏଲ୍. ଶ୍ରେଣୀଭୁକ୍ତ ଲୋକଙ୍କୁ ଏଥିପାଇଁ କୌଣସି ପଇସା ଦେବାକୁ ପଡ଼ିବ ନାହିଁ । ଅନ୍ୟମାନଙ୍କୁ ୨୫ ଟଙ୍କାର କୋର୍ଟ ଫି ଷ୍ଟାମ୍ପ ଦରଖାସ୍ତରେ ଲଗାଇବାକୁ ପଡ଼ିବ ।

କେନ୍ଦ୍ରୀୟ ସୂଚନା କମିଶନ ବା ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ୍‌ର ଶୁଣାଣି ଚାଲିଥିଲାବେଳେ ଲୋକ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ୍ ଅଧିକାରୀଙ୍କୁ ନିଜ ନିଜ ନିଷ୍ପତ୍ତିର ଯଥାର୍ଥତା ସମ୍ପର୍କରେ ସୂଚନା କମିଶନଙ୍କୁ ବୁଝାଇବାକୁ ପଡ଼ିବ । ଅପିଲ୍ କରିଥିବା ବ୍ୟକ୍ତି ନିଜେ ଉପସ୍ଥିତ ରହିପାରିବେ ବା ତାଙ୍କର କୌଣସି ପ୍ରତିନିଧି କିମ୍ବା ଓକିଲଙ୍କୁ ସେ ଲିଖିତ ଭାବେ ଦାୟିତ୍ୱ ଦେଲେ, ସେମାନେ ଶୁଣାଣିବେଳେ ଉପସ୍ଥିତ ରହିବେ । ତାଙ୍କ ପାଇଁ କେହି ଉପସ୍ଥିତ ନ ରହିଲେ ମଧ୍ୟ ସେ ନ୍ୟାୟ ପାଇବାରେ କୌଣସି ଅନ୍ତରାୟ ସୃଷ୍ଟିହେବ ନାହିଁ ।

ଦ୍ୱିତୀୟ ଅପିଲ୍ ଶୁଣାଣି ପରେ ସୂଚନା କମିଶନଙ୍କ ନିଷ୍ପତ୍ତି ହିଁ ହେବ ଶେଷ ଓ ଚୂଡ଼ାନ୍ତ ନିଷ୍ପତ୍ତି ।

### ଏହି ଆଇନ୍‌ରେ ଥିବା ଶାସ୍ତି ବିଧାନ ବ୍ୟବସ୍ଥା :

କେନ୍ଦ୍ରୀୟ ସୂଚନା କମିଶନ୍ ବା ରାଜ୍ୟ ସୂଚନା କମିଶନ ଅପିଲ୍ ଶୁଣିଲାବେଳେ ସୂଚନା ଅଧିକାର ଆଇନ୍ ଅନୁଯାୟୀ ଶାସ୍ତିବିଧାନ କରିବାର ଅଧିକାର ତାଙ୍କର ରହିଛି । ଯଦି ସୂଚନା କମିଶନ ମତପୋଷଣ କରନ୍ତି ଯେ, ଲୋକ ସୂଚନା ଅଧିକାରୀ ଅଯୌକ୍ତିକ ଭାବରେ ଦରଖାସ୍ତ ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିଛନ୍ତି କିମ୍ବା ସେ ଦେଇଥିବା ସୂଚନା ଅସତ୍ୟ, ଅସମ୍ପୂର୍ଣ୍ଣ ବା ଭ୍ରମାତ୍ମକ, କିମ୍ବା ଉକ୍ତ ସୂଚନା ଦେବାକୁ ସେ ମନ୍ଦ ଉଦ୍ଦେଶ୍ୟ ଥାଇ ମନା କରିଛନ୍ତି, କିମ୍ବା ସୂଚନା ଦେବାରେ କୌଣସି ପ୍ରକାର ବାଧା ସୃଷ୍ଟି କରିଛନ୍ତି କିମ୍ବା ମଗାଯାଇଥିବା ତଥ୍ୟ ସମ୍ବଳିତ ରେକର୍ଡ଼ପତ୍ରକୁ ନଷ୍ଟ କରି ଦେଇଛନ୍ତି କିମ୍ବା ସୂଚନା ଦେବାର ଧାର୍ଯ୍ୟ ଦିନ ପାର ହୋଇଗଲା ପରେ, ଯେଉଁ ଦିନ ସେ ସୂଚନା ଦେଇଛନ୍ତି, ତେବେ କମିଶନ, ଦରଖାସ୍ତ ଗ୍ରହଣ କରାଯିବା ପର୍ଯ୍ୟନ୍ତ ବା ସୂଚନା ପ୍ରଦାନ କରାଯିବା ପର୍ଯ୍ୟନ୍ତ, ସେତେଦିନ ବିଳମ୍ବ ପାଇଁ ଦିନକୁ ୨୫୦ ଟଙ୍କା ହିସାବରେ ସର୍ବାଧିକ ପଚିଶ ହଜାର ଟଙ୍କା ପର୍ଯ୍ୟନ୍ତ ଶାସ୍ତିବିଧାନ କରିପାରିବେ । ଏହି ଶାସ୍ତିର ସମୁଦାୟ ପରିମାଣ ସରକାର ଭରଣା କରିବେ ନାହିଁ । ଲୋକ ସୂଚନା ଅଧିକାରୀ ନିଜ ଆୟରୁ ଏହି ଅର୍ଥରାଶି ପଇଠ କରିବେ ।

କିନ୍ତୁ ତାଙ୍କୁ ଦଣ୍ଡ ବିଧାନ କରିବା ପୂର୍ବରୁ କମିଶନ ପ୍ରଥମେ ଉକ୍ତ ଲୋକ ସୂଚନା ଅଧିକାରୀଙ୍କୁ ନିଜ ସପକ୍ଷରେ ବକ୍ତବ୍ୟ ରଖିବା ପାଇଁ ଓ କାଗଜପତ୍ର ଦେଖାଇବା ପାଇଁ ଯଥେଷ୍ଟ ତଥା ଯୁକ୍ତିଯୁକ୍ତ ସୁଯୋଗ ଦେବେ । ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବା ଦାୟିତ୍ୱ ଲୋକ ସୂଚନା ଅଧିକାରୀଙ୍କ ଉପରେ ନ୍ୟସ୍ତ ଥିବାରୁ ସେ ଏହାର ସ୍ପଷ୍ଟ ପ୍ରମାଣ ଦେବେ ।

ସୂଚନା କମିଶନ ଯେଉଁ ସବୁ କାରଣ ଦର୍ଶାଇ ଲୋକ ସୂଚନା ଅଧିକାରୀଙ୍କୁ ଦଣ୍ଡିତ କରିଥିବେ, ଯଦି ପରବର୍ତ୍ତୀ ସମୟରେ ଉକ୍ତ ଲୋକ ସୂଚନା ଅଧିକାରୀ ଏହାର ପୁନରାବୃତ୍ତି କରନ୍ତି, ତେବେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ବିଭାଗକୁ କମିଶନ ସୁପାରିସ କରିବେ ।

## ରାଜନୀତି ବିଜ୍ଞାନ

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ସୂଚନା ଅଧିକାର ଆଇନର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ବର୍ଣ୍ଣନ କର ।

(ଖ) କେନ୍ଦ୍ରୀୟ ସୂଚନା କମିଶନର ଗଠନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କର ।

(ଗ) କେନ୍ଦ୍ରୀୟ ସୂଚନା କମିଶନ ଓ ରାଜ୍ୟ ସୂଚନା କମିଶନରଗୁଡ଼ିକର କ୍ଷମତା ସଂକ୍ଷେପରେ ଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) ସୂଚନା ଅଧିକାର ଆଇନରେ ଉଲ୍ଲେଖ ଥିବା ଶାସ୍ତିବିଧାନ ବ୍ୟବସ୍ଥା ବିଷୟରେ ସଂକ୍ଷେପରେ ଲେଖ ।

(ଖ) ସୂଚନା କିପରି ମିଳିପାରିବ, ସେହି ପ୍ରଣାଳୀ ସୂଚିତ କର ।

(ଗ) କେଉଁ କ୍ଷେତ୍ରରେ ଆବେଦନକାରୀ ମାଗିଥିବା ତଥ୍ୟର ସୂଚନା ତାଙ୍କୁ ମିଳିବ ନାହିଁ, ତାହା ସଂକ୍ଷେପରେ ଲେଖ ।

(ଘ) ଲୋକ ସୂଚନା ଅଧିକାରୀଙ୍କ କର୍ତ୍ତବ୍ୟ ଉଲ୍ଲେଖ କର ।

(ଙ) ରାଜ୍ୟ ସୂଚନା କମିଶନ କିପରି ଗଠିତ ହୁଏ ?

(ଚ) କେନ୍ଦ୍ରୀୟ ସୂଚନା କମିଶନର ଅଧକ୍ଷ ଓ ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ସେମାନଙ୍କର ଅବସର ପାଇଁ ଉଦ୍ଦିଷ୍ଟ ବୟସ ସୀମା ଉଲ୍ଲେଖ କର ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେତେ ବର୍ଷ ପୂର୍ବର ଘଟଣା ହୋଇଥିଲେ, ସେ ସମ୍ପର୍କିତ ତଥ୍ୟ ଦିଆଯାଇ ପାରିବ ନାହିଁ ?

(ଖ) କେତେ ଦିନ ମଧ୍ୟରେ ଆବେଦନକାରୀଙ୍କୁ ସୂଚନା ଦେବାକୁ ପଡ଼ିବ ?

(ଗ) କେଉଁ କ୍ଷେତ୍ରରେ ୪୮ ଘଣ୍ଟା ମଧ୍ୟରେ ସୂଚନା ଦେବାକୁ ପଡ଼ିବ ?

(ଘ) ଆବେଦନକାରୀ କେତେ ଟଙ୍କା ଫିସ୍ ଦାଖଲ କରିବେ ଓ କେଉଁ ବର୍ଗର ଦରଖାସ୍ତକାରୀଙ୍କୁ ଫିସ୍ ଦେବାକୁ ପଡ଼ିବ ନାହିଁ ?

(ଙ) ପ୍ରତି କାର୍ଯ୍ୟାଳୟରେ କାର୍ଯ୍ୟରତ କେଉଁ ଅଧିକାରୀଙ୍କ ନିକଟରେ ସୂଚନା ପାଇବା ପାଇଁ ଦରଖାସ୍ତ ଦାଖଲ କରାଯିବ ?

(ଚ) ସୂଚନା ଅଧିକାର ଆଇନ କେଉଁ ଦିନ ଓଡ଼ିଶାରେ କାର୍ଯ୍ୟକାରୀ ହେଲା ?

(ଛ) କେତେ ଦିନ ମଧ୍ୟରେ ପ୍ରଥମ ଅପିଲ ଦାୟର କରାଯିବ ଓ କେତେଟଙ୍କାର କୋର୍ଟ ଫି ଷ୍ଟାମ୍ପ ଲଗାଇ ଦରଖାସ୍ତ କରାଯିବ ?

(ଜ) କେତେ ଦିନ ମଧ୍ୟରେ ପ୍ରଥମ ଅପିଲ ଅଧିକାରୀ ତାଙ୍କର ନିଷ୍ପତ୍ତି ଜଣାଇବେ ?

(ଝ) କେତେ ଦିନ ମଧ୍ୟରେ ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟବାର ଅପିଲ୍ କରିହେବ ଓ ସେଥିପାଇଁ କେତେ ଟଙ୍କାର କୋର୍ଟ ଫି ଦେବାକୁ ପଡ଼ିବ ?

(ଞ) ଭାରତରେ ସୂଚନା ଅଧିକାର ଆଇନ କେଉଁଦିନ କାର୍ଯ୍ୟକାରୀ ହେଲା ?

(ଟ) ଭାରତରେ ସୂଚନା ଅଧିକାର ଆଇନ ପ୍ରଣୀତ ହେବା ପୂର୍ବରୁ ଦେଶର ଅନ୍ୟ କେଉଁ ରାଜ୍ୟରେ ଏ ସମ୍ପର୍କିତ ଆଇନ ପ୍ରଣୟନ କରାଯାଇଥିଲା ?

(ଠ) ସୂଚନା କମିଶନ ସର୍ବାଧିକ କେତେ ଟଙ୍କା ପର୍ଯ୍ୟନ୍ତ ଶାସ୍ତିବିଧାନ କରିପାରିବେ ?

***ତୁମ ପାଇଁ କାମ :***

***କୌଣସି ଏକ କାର୍ଯ୍ୟାଳୟରେ ଜଣେ ବ୍ୟକ୍ତିଙ୍କର ଅବସରକାଳୀନ ଭତ୍ତା ମିଳିବା ପାଇଁ ସେହି ବ୍ୟକ୍ତି ପଠାଇଥିବା ଦରଖାସ୍ତ ବହୁଦିନଧରି ଫଇସଲା ନ ହୋଇ ପଡ଼ି ରହିଥିଲେ, ସେହି ବ୍ୟକ୍ତି ସୂଚନା ଅଧିକାର ଆଇନକୁ କିପରି ପ୍ରୟୋଗ କରିବେ, ତାହା ବୁଝାଇ ଲେଖ ।***

●●

### ତୃତୀୟ ଅଧ୍ୟାୟ

# ଭାରତୀୟ ଜାତୀୟତାବାଦ, ଜାତୀୟ ସଂହତି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ

# (Indian Nationalism, National Integration And Democratic Values)

### ପ୍ରଥମ ପାଠ

## ଭାରତୀୟ ଜାତୀୟତାବାଦ

## (Indian Nationalism)

ଜାତୀୟତାବାଦ ଏକ ମନସ୍ତାତ୍ତ୍ୱିକ ଭାବୋଚ୍ଛ୍ୱାସ । ଗୋଟିଏ ରାଷ୍ଟ୍ରରେ ବସବାସ କରୁଥିବା ବ୍ୟକ୍ତିସମୂହ ଯେତେବେଳେ ସେମାନଙ୍କ ମଧ୍ୟରେ ଥିବା ଜାତି, ବର୍ଣ୍ଣ, ଧର୍ମ, ଭାଷା ଏବଂ ଆଞ୍ଚଳିକ ବିଭିନ୍ନତାକୁ ଭୁଲିଯାଇ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ ହୁଅନ୍ତି, ସେତେବେଳେ ଜାତୀୟତାବାଦ ଜନ୍ମନିଏ । ସ୍ୱାଧୀନତା ଓ ଦେଶପ୍ରେମ ସହିତ ପ୍ରକୃତ ଜାତୀୟତାବାଦ ଜଡ଼ିତ ।

ଜାତୀୟତାବାଦ କହିଲେ ଦେଶାତ୍ମବୋଧ, ଦେଶପ୍ରୀତି, ରାଷ୍ଟ୍ର ପ୍ରତି ଆନୁଗତ୍ୟ, ଦେଶପ୍ରାଣତା ତଥା ଦେଶ ପାଇଁ ଆତ୍ମୋତ୍ସର୍ଗକୁ ବୁଝାଏ । ଏହାର ସୃଷ୍ଟି ହୁଏ ଲୋକମାନଙ୍କର ଏକାତ୍ମବୋଧ, ଏକତା ତଥା ଦେଶାତ୍ମବୋଧରୁ । ଜାତୀୟତାବାଦ ବା ରାଷ୍ଟ୍ରୀୟତାବାଦ ଏକ ଉନ୍ନତ ମାନସିକତା ଏବଂ ଏକ ଉତ୍ତୁଙ୍ଗ ଭାବର ଆବେଗ ।

ଜାତୀୟତାବାଦ ଏପରି ଏକ ମନସ୍ତାତ୍ତ୍ୱିକ ଭାବଧାରା, ଯାହା ଉଚ୍ଚ-ନୀଚ, ଧନୀ-ଗରିବ ଇତ୍ୟାଦି ମାନସିକ ସଂକୀର୍ଣ୍ଣତାଠାରୁ ବହୁ ଊର୍ଦ୍ଧ୍ୱରେ । ଦେଶାତ୍ମବୋଧ ବିଭିନ୍ନତା ମଧ୍ୟରେ ଏକତ୍ୱ ପ୍ରତିଷ୍ଠା କରେ ।

ଜାତୀୟତାବାଦର ଉତ୍ସ ବିଭିନ୍ନ ପରିସ୍ଥିତିରେ ଓ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ । ସମାନ ପ୍ରକାରର ପରମ୍ପରା, ସଂସ୍କୃତି ଓ ଐତିହ୍ୟ ହେଉଛି ଜାତୀୟତାବାଦର ପ୍ରଧାନ ଉତ୍ସ । ଏହା ଲୋକମାନଙ୍କ ମଧ୍ୟରେ ସମତ୍ୱର ମୂଳଦୁଆ ପକାଇଥାଏ ।

ଦେଶ ପ୍ରତି ନିଃସର୍ତ୍ତ ଆନୁଗତ୍ୟ, ଦେଶପ୍ରାଣତା, ଦେଶ ପାଇଁ ଆତ୍ମୋତ୍ସର୍ଗ ଜାତୀୟତାବାଦର ଲକ୍ଷଣ । ଜାତୀୟତାବାଦ ବିଭିନ୍ନ ପ୍ରାନ୍ତ, ବିଭିନ୍ନ ଭାଷାଭାଷୀ ଓ ଭିନ୍ନ ଭିନ୍ନ ଧର୍ମର ଲୋକମାନଙ୍କ ମଧ୍ୟରେ ଏକତା ତଥା ଆତ୍ମୀୟତାର ସେତୁବନ୍ଧ ଭାବରେ କାର୍ଯ୍ୟ କରେ । ସେହିପରି ଦେଶର ଅଖଣ୍ଡତା, ଅଗ୍ରଗତି ଓ ସୁରକ୍ଷା ନିର୍ଭର କରେ ଦୃଢ଼ ଜାତୀୟତାବାଦ ଉପରେ । ଯେଉଁ ଦେଶର ଲୋକମାନଙ୍କ ଦେଶପ୍ରୀତି ଯେତେ ସୁଦୃଢ଼, ସେ ଦେଶର ବିକାଶ ସେତେ କ୍ଷିପ୍ର । ଗୋଟିଏ ଉଦାହରଣ ଦେଲେ ଠିକ୍ ହେବ । ଜାପାନ୍ ଓ ଜର୍ମାନୀ ପରି ଦେଶମାନଙ୍କର ନାଗରିକମାନଙ୍କ ମଧ୍ୟରେ ଥିବା ସୁଦୃଢ଼ ଜାତୀୟତାଭାବ ସେ ଦେଶକୁ ଅଧିକ ଉନ୍ନତ ଓ ବିକଶିତ କରିପାରିଛି । ଜାପାନର ଅର୍ଥନୈତିକ ପ୍ରଗତିର ଏକମାତ୍ର କାରଣ ସମ୍ପର୍କରେ ଏହା କୁହାଯାଏ, "ପ୍ରତ୍ୟେକ ଜାପାନୀ ପ୍ରତିଜ୍ଞାବଦ୍ଧ ଯେ, ଜାପାନରେ ଯାହା ଉତ୍ପାଦିତ ହୋଇପାରିବ, ସେହିପରି କୌଣସି ବିଦେଶୀ ଉତ୍ପାଦିତ ଦ୍ରବ୍ୟ ଜାପାନ ଭିତରକୁ ପଶି ପାରିବନାହିଁ ।" ଏହି ପ୍ରକାରର

ଦୃଢ଼ ଜାତୀୟତା ମନୋଭାବ ଯେ କୌଣସି ଜାତି ବା ଦେଶକୁ ପ୍ରଗତି ଓ ବିକାଶର ଶୀର୍ଷସ୍ଥାନରେ ପହଞ୍ଚାଇ ଦେଇ ପାରିବ ।

## ଜାତୀୟତାବାଦର ସଂଜ୍ଞା ବା ଜାତୀୟତାବାଦ କ'ଣ ?

ଜାତୀୟତାବାଦର ସଂଜ୍ଞା ନିରୂପଣ କରି **ଆଲଫ୍ରେଡ୍ ଗ୍ରାଜିଆ** (Alfred Grazia) ଙ୍କ ପ୍ରଦତ୍ତ ଇଂରାଜୀ ଉକ୍ତିର ଓଡ଼ିଆ ଭାଷାନ୍ତର ଏହିପରି – "ଜାତୀୟତାବାଦ ଏକତ୍ୱର, ରାଜନୈତିକ ଏକତାର ଏବଂ ଦେଶର ସ୍ୱାଧୀନତାର ଏକ ଅନୁଭବ, ଯାହା ଜନସମଷ୍ଟିକୁ ଏକ ଜାତି ତଥା ଏକ ରାଷ୍ଟ୍ର (Nation) ରେ ପରିଣତ କରିଥାଏ ।"

## ଜାତୀୟତାବାଦର ଉପାଦାନ

**(Elements of Nationalism)**

**ନିମ୍ନୋକ୍ତ ଉପାଦାନଗୁଡ଼ିକୁ ନେଇ ଜାତୀୟତାବାଦ ବା ରାଷ୍ଟ୍ରୀୟତାବାଦର ଅଭ୍ୟୁଦୟ । ସେ ଗୁଡ଼ିକ ହେଲା :**

(କ) ଭୌଗୋଳିକ ଅଖଣ୍ଡତା;

(ଖ) ଜନ୍ମ ବା ଜାତିଗତ ଐକ୍ୟ;

(ଗ) ଭାବଗତ ଏବଂ ସାଂସ୍କୃତିକ ଐକ୍ୟ;

(ଘ) ସାହିତ୍ୟ ତଥା ଭାଷାଗତ ଐକ୍ୟ;

(ଙ) ଧର୍ମଗତ ଐକ୍ୟ;

(ଚ) ଅର୍ଥନୈତିକ ବିକାଶ;

(ଛ) ଆନ୍ତର୍ଜାତିକ, କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତା;

(ଜ) ଯୁଦ୍ଧର ଭୟ;

(ଝ) ଦେଶାତ୍ମବୋଧ;

(ଞ) ସ୍ୱାୟତ୍ତ ଶାସନ ବା ସ୍ୱରାଜ ।

## ଭାରତୀୟ ଜାତୀୟତାବାଦର ବିକାଶ :

ପୂର୍ବରୁ କୁହାଯାଇଛି ଯେ, ଏକତ୍ୱ ଭାବ ଜନିତ ମାନସିକ ଅବସ୍ଥାରୁ ଜାତୀୟତାବାଦର ସୃଷ୍ଟି । ସ୍ୱାଧୀନତା ଓ ଦେଶପ୍ରେମ ସହିତ ଜାତୀୟତାଭାବ ଆନ୍ତରିକ ଭାବେ ଜଡ଼ିତ ।

## ଭାରତୀୟ ଜାତୀୟତାବାଦର ସଂଜ୍ଞା :

ଦୀର୍ଘ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱକାଳ ଭାରତ ଭୂଖଣ୍ଡ ବିଦେଶୀ ଶାସନାଧୀନ ରହିବା ଫଳରେ ଅଷ୍ଟାଦଶ, ଊନବିଂଶ ଓ ବିଂଶ ଶତାବ୍ଦୀରେ ଭାରତୀୟମାନଙ୍କ ମଧ୍ୟରେ ବିଦେଶୀ ଶାସନ ବିରୋଧରେ ଘୃଣା ଓ ବିତୃଷ୍ଣାର ଯେଉଁ ଐକାତ୍ମିକ, ଚେତନା ଜାଗ୍ରତ ହୋଇଥିଲା ଓ ବିଦେଶୀ ଶାସନ କବଳରୁ ମାତୃଭୂମିକୁ ମୁକ୍ତ କରିବାର ଯେଉଁ ସମଷ୍ଟିଗତ ଜନଜାଗୃତି ସୃଷ୍ଟି ହୋଇଥିଲା, ତାହାକୁ ମୋଟାମୋଟି ଭାବରେ **ଭାରତୀୟ ଜାତୀୟତାବାଦ** କୁହାଯାଏ ।

ଏବେ ଆସିବା, ଭାରତରେ ଜାତୀୟତାବାଦର ବିକାଶ ପ୍ରସଙ୍ଗକୁ । ବ୍ରିଟିଶ୍ ରାଜତ୍ୱ ସମୟରେ **'ଭାରତ ଯେ ଭାରତୀୟମାନଙ୍କର'**, ଏ ଧାରଣା କେବଳ ମାତ୍ର କଳ୍ପନାରେ ଥିଲା । ମାତ୍ର ଦୀର୍ଘ ୨୦୦ ବର୍ଷରୁ ଅଧିକ ସମୟର ବ୍ରିଟିଶ୍ ଶାସନର ପରିସମାପ୍ତି ପରେ ଭାରତ ଏକ ସାର୍ବଭୌମ ରାଷ୍ଟ୍ର ରୂପେ ପରିଗଣିତ ହେଲା ୧୯୫୦ ମସିହା ଜାନୁୟାରୀ ମାସ ୨୬ ତାରିଖ ଦିନ । ସେହି ଦିନଠାରୁ ଆମେ ସମସ୍ତେ ହେଲୁ ଏକ ସାର୍ବଭୌମ ରାଷ୍ଟ୍ରର ଅଧିବାସୀ ଓ ବିଶ୍ୱରେ ଆମେ ସମସ୍ତେ **'ଭାରତୀୟ'** ଭାବେ ପରିଚିତ ଓ ଗର୍ବିତ ହେଲୁ ।

## ଭାରତରେ ଜାତୀୟତାବାଦର ବିକାଶର କାରଣ :

ଭାରତରେ ଜାତୀୟତାବାଦର ବିକାଶର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାରଣ ନାହିଁ । ଇଂରେଜ ଶାସନର କୁପ୍ରଭାବ ତଥା ଅନ୍ୟ କେତେକ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁଁ ପରାଧୀନ ଭାରତରେ ଏକ ନୂତନ ଜାତୀୟତାବାଦର ବିକାଶ ସହଜସାଧ୍ୟ ହୋଇ ପାରିଲା ।

ଯେଉଁ କାରଣ ଯୋଗୁଁ ଭାରତୀୟ ଜାତୀୟତାବାଦର ବିକାଶ ସମ୍ଭବ ହୋଇ ପାରିଲା, ତାହା ନିମ୍ନରେ ଆଲୋଚିତ ହୋଇଅଛି ।

## (କ) ଭାରତର ଭୌଗୋଳିକ ଅଖଣ୍ଡତା :

ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ବ୍ୟାପ୍ତ ବିଶାଳ ଭୂଖଣ୍ଡ, **'ଭାରତବର୍ଷ'** ଉପରେ ପ୍ରତିଷ୍ଠିତ ଇଂରେଜ ଶାସନ ବିରୋଧରେ ସମଗ୍ର ଭାରତବାସୀଙ୍କର ସ୍ୱାଧୀନତା ସଂଗ୍ରାମ ଥିଲା ସେମାନଙ୍କର ରାଜନୈତିକ ଚେତନାର ଅଭ୍ୟୁଦୟର ପ୍ରତୀକ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ବ୍ରିଟିଶ ଶାସନାଧୀନ ସମସ୍ତ ଭାରତୀୟ ନିଜର ମାତୃଭୂମିର ଅଖଣ୍ଡତା ଓ ସ୍ୱାଧୀନତା ପାଇଁ ମୁକ୍ତି ଆନ୍ଦୋଳନରେ ବ୍ରତୀ ହେଲେ ।

## (ଖ) ଭାରତୀୟମାନଙ୍କ ମଧ୍ୟରେ ରାଜନୈତିକ ଓ ପ୍ରଶାସନିକ ଏକତା :

ଇଂରେଜ ଶାସନର ଆରମ୍ଭରେ ଭାରତରେ ରାଜନୈତିକ ଏକତାର ଅଭାବ ଥିଲା । ମରହଟ୍ଟା, ଶିଖ୍, ଜାଠ, ମୁସଲମାନମାନେ ପରସ୍ପରବିରୋଧୀ ଥିଲେ । ଫଳରେ, ସେମାନଙ୍କର କଳହର ସୁଯୋଗ ନେଇ ଇଂରେଜମାନେ ସମଗ୍ର ଭାରତକୁ ନିଜର ଶାସନାଧୀନ କରିପାରିଥିଲେ । ବ୍ରିଟିଶ୍ ଶାସନ ସମୟରେ ସମଗ୍ର ଦେଶ ପାଇଁ ଏକ ପ୍ରକାର ଶାସନ ପଦ୍ଧତି ଅନୁସରଣ କରାଗଲା ଓ ଦେଶର ସବୁ ଅଞ୍ଚଳରେ ଗୋଟିଏ ପ୍ରକାରର ଆଇନ ପ୍ରଚଳିତ ହେଲା । ସମସ୍ତ ଭାରତୀୟଙ୍କ ପାଇଁ ସମାନ ପ୍ରକାରର ପ୍ରଶାସନିକ ବ୍ୟବସ୍ଥା, ନ୍ୟାୟାଳୟ ବ୍ୟବସ୍ଥା, ମୁଦ୍ରା ପ୍ରଚଳନ ବ୍ୟବସ୍ଥାର ପ୍ରଚଳନ ଜନସାଧାରଣଙ୍କ ମଧ୍ୟରେ ଏକତା ମନୋଭାବ ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

## (ଗ) ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା :

ଶାସନକାର୍ଯ୍ୟ ଚଳାଇବା ପାଇଁ ଇଂରେଜ ସରକାର ଭାରତରେ ରେଳପଥ ଓ ରାସ୍ତାଘାଟ ନିର୍ମାଣ କରିବା ସହିତ ଡାକ ଓ ଟେଲିଗ୍ରାଫ୍ ବ୍ୟବସ୍ଥା ଆରମ୍ଭ କରାଇଥିଲେ । ଏହା ଫଳରେ ଭାରତୀୟମାନଙ୍କର ସାମାଜିକ, ଶିକ୍ଷାଗତ, ବୌଦ୍ଧିକ ଓ ରାଜନୈତିକ ଜୀବନରେ ଆଶାତୀତ ପରିବର୍ତ୍ତନ ଆସିଲା । ଯାତାୟାତ ଓ ଯୋଗାଯୋଗର ସୁବିଧା ଯୋଗୁଁ ଜନସମ୍ପର୍କ ବୃଦ୍ଧିପାଇଲା ଓ ରାଜନୈତିକ ସଚେତନତା ଅଧିକ ଉନ୍ନତ ହେଲା, ଯାହାକି ସ୍ୱାଧୀନତା ଆନ୍ଦୋଳନ ପାଇଁ ସହାୟକ ହେଲା ।

## (ଘ) ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ :

ଊନବିଂଶ ଶତାବ୍ଦୀରେ ଭାରତରେ ଇଂରାଜୀ ଭାଷା ଓ ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ଭାରତୀୟ ଜାତୀୟତା ଚିନ୍ତାଧାରାର ବିକାଶ ପାଇଁ ବିଶେଷ ସହାୟକ ହୋଇଥିଲା ଏବଂ ଭାରତୀୟମାନଙ୍କର ରାଜନୈତିକ ଚିନ୍ତାଧାରାକୁ ଏକ ନୂତନ ଦିଗଦର୍ଶନ ଦେଇଥିଲା । ୧୮୩୫ ମସିହାରେ ଭାରତରେ ଇଂରାଜୀ ଭାଷାର ପ୍ରଚଳନ କରାଇଥିଲେ ତଦାନୀନ୍ତନ ଗଭର୍ଣ୍ଣର ଜେନେରାଲ୍ ବା ବଡ଼ଲାଟ୍ **ଉଇଲିୟମ ବେଣ୍ଟିଙ୍କ** ଓ ତାଙ୍କୁ ଏ ଦିଗରେ ସହଯୋଗର ହାତ ବଢ଼ାଇଥିଲେ **ଲର୍ଡ ମ୍ୟାକଲେ ଓ ରାଜା ରାମମୋହନ ରାୟ** । ଫଳରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଭାରତରେ ହୋଇପାରିଲା । ସରକାରୀ ଚାକିରି ପାଇବା ପାଇଁ ଭାରତୀୟମାନେ ଇଂରାଜୀ ଭାଷାରେ ଲିଖିତ ପୁସ୍ତକମାନ ପଢ଼ିଲେ । ଇଂରାଜୀ ବିଦ୍ୟାଳୟମାନ ସ୍ଥାପିତ ହେବା ସହିତ କଲିକତା ଓ ମାନ୍ଦ୍ରାଜଠାରେ ନୂତନ ବିଶ୍ୱବିଦ୍ୟାଳୟମାନ ସ୍ଥାପନ କରାଗଲା । ଫଳରେ ଉଚ୍ଚ ଶିକ୍ଷାର ପ୍ରସାର ଘଟିଲା ।



(ରାଜା ରାମମୋହନ ରାଓ)

ପାଶ୍ଚାତ୍ୟ ରାଜନୀତି ବିଜ୍ଞାନୀ **ଜନ୍ ଷ୍ଟୁଆର୍ଟ ମିଲ, ହରବର୍ଟ ସ୍ପେନସର୍ ଓ ଏଡମଣ୍ଡ ବର୍କ୍ ଙ୍କ** ଦ୍ୱାରା ଲିଖିତ ପୁସ୍ତକମାନ ପାଠକରି ଭାରତୀୟମାନେ ଗଣତାନ୍ତ୍ରିକ ଚିନ୍ତାଧାରାରେ ବିଶେଷଭାବେ ଉଦ୍‌ବୁଦ୍ଧ ହେଲେ ।



(ଗାରିବାଲିଡି)

**ମାଜିନୀ, ଗାରିବାଲିଡି, ରୁଷୋ ଓ ମଣ୍ଟେସ୍କ୍ୟୁଙ୍କ** ପରି ସ୍ୱାଧୀନଚେତା ଲେଖକମାନଙ୍କର ବୈପ୍ଳବିକ ଚିନ୍ତାଧାରା ଭାରତୀୟମାନଙ୍କୁ ଦେଶର ସ୍ୱାଧୀନତା ପ୍ରାପ୍ତି ଲାଗି ପ୍ରୋତ୍ସାହନ ଯୋଗାଇଲା ।

ସେହିପରି **ଆମେରିକାର ସ୍ୱାଧୀନତା ସଂଗ୍ରାମ, ଫରାସୀ ବିପ୍ଳବ** ଓ **ଇଟାଲି ଏବଂ ଜର୍ମାନୀର ଏକତ୍ରୀକରଣ** ଆଦି ଘଟଣାବଳୀ ଭାରତର ମୁକ୍ତି ସଂଗ୍ରାମକୁ ଅଧିକ ଜୋରଦାର୍ କରିବା ପାଇଁ ଭାରତୀୟ ଶିକ୍ଷିତ ଯୁବ ଶକ୍ତିକୁ ମାନସିକ ଇଚ୍ଛାଶକ୍ତି ଯୋଗାଇଲା ଓ ଜାତୀୟ ଜାଗରଣ ସୃଷ୍ଟି ହେବା ପାଇଁ ସହାୟକ ହେଲା ।

### (ଙ) ଇଂରେଜ ଶାସକଙ୍କ ଦ୍ୱାରା ଅର୍ଥନୈତିକ ଶୋଷଣ :

ଇଂରେଜ ଶାସକମାନଙ୍କର ପୁଞ୍ଜିବାଦୀ ତଥା ସାମ୍ରାଜ୍ୟବାଦୀ ଅର୍ଥନୀତି ଭାରତରେ ପ୍ରଚଳିତ ହେବା ଫଳରେ ଭାରତୀୟ ପାରମ୍ପରିକ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିଗଲା । ଇଂରେଜମାନଙ୍କର ଭାରତକୁ ବେପାର ବାଣିଜ୍ୟ ପାଇଁ ଆସିବାର ମୂଳ ଲକ୍ଷ୍ୟ ଥିଲା ଅଧିକ ଆର୍ଥିକ ଲାଭ ପାଇବା । ସେମାନେ ଭାରତରୁ ଶସ୍ତା ମୂଲ୍ୟରେ କଞ୍ଚାମାଲ କିଣି, ସେ ସବୁକୁ ନିଜ ଦେଶକୁ ନେଇ, ସେଠାରେ ଉତ୍ପାଦିତ ଦ୍ରବ୍ୟକୁ ଭାରତକୁ ଆଣି ଏଠାରେ ଅଧିକ ଦାମରେ ବିକ୍ରିକଲେ । ଫଳରେ ଭାରତୀୟ କଳ କାରଖାନାରେ ଉତ୍ପାଦନ ବନ୍ଦ ରହିଲା । କୁଟୀର ଶିଳ୍ପ ଗୁଡ଼ିକ କ୍ଷତି ସହିଲେ ଏବଂ ଭାରତୀୟ ଶିଳ୍ପ ଓ ବାଣିଜ୍ୟ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେଲା । ଭାରତରୁ ବହୁ ପରିମାଣର କଞ୍ଚାମାଲ ଇଂଲାଣ୍ଡକୁ ଚାଲିଯାଉଥିବା ଦେଖି **ଦାଦାଭାଇ ନାରୋଜୀ** ଏହାକୁ ଆଖ୍ୟାଦେଲେ, **'ବିତ୍ତର ବହିଃ ପ୍ରବାହ ତତ୍ତ୍ୱ'** । ପୁନଶ୍ଚ ଖଜଣା ହାର ବୃଦ୍ଧି ପାଇବା ଯୋଗୁଁ ଗରିବ ଚାଷୀ କ୍ଷତିଗ୍ରସ୍ତ ହେଲେ ଓ ଦାରିଦ୍ର୍ୟ ବୃଦ୍ଧି ପାଇଲା ।

**ଦାଦାଭାଇ ନାରୋଜୀ, ରାଣାଡେ, ଗୋଖଲେ** ପ୍ରଭୃତି ଚିନ୍ତାନାୟକମାନେ ଇଂରେଜ ଶାସକମାନଙ୍କ ଦ୍ୱାରା ଭାରତୀୟମାନଙ୍କର ଅର୍ଥନୈତିକ ଶୋଷଣର କୁପ୍ରଭାବ ବିରୋଧରେ ପ୍ରତିବାଦ କଲେ । ଜନସାଧାରଣଙ୍କର ଅସନ୍ତୋଷ ଓ କ୍ଷୋଭ ଭାରତରେ ଜାତୀୟତାବାଦର ବିକାଶରେ ବିଶେଷ ସହାୟକ ହେଲା ।

### (ଚ) ସାମାଜିକ ଓ ଧର୍ମଗତ ସଂସ୍କାରମୂଳକ ଆନ୍ଦୋଳନ :

ଊନବିଂଶ ଶତାବ୍ଦୀରେ ଭାରତରେ ଆରମ୍ଭ ହୋଇଥିବା ସାମାଜିକ ଓ ଧର୍ମଗତ ସଂସ୍କାରମୂଳକ ଆନ୍ଦୋଳନ ପରୋକ୍ଷରେ ଜାତୀୟ ଚେତନାର ପରିପ୍ରକାଶରେ ସହାୟକ ହୋଇଥିଲା । ରାଜା ରାମମୋହନ ରାୟଙ୍କ **'ବ୍ରାହ୍ମ ସମାଜ',** ଦୟାନନ୍ଦ ସରସ୍ୱତୀଙ୍କ **'ଆର୍ଯ୍ୟ ସମାଜ',** ସ୍ୱାମୀ ବିବେକାନନ୍ଦଙ୍କ **'ରାମକୃଷ୍ଣ ମିଶନ'** ଆଦି ବିଭିନ୍ନ ଅନୁଷ୍ଠାନର ନେତୃତ୍ୱରେ ସାମାଜିକ ସଂସ୍କାର ଆନ୍ଦୋଳନର ସୂତ୍ରପାତ ହେଲା ଏବଂ ବିଭିନ୍ନ ଧର୍ମୀୟ କୁ-ସଂସ୍କାର ଓ ସାମାଜିକ ଅନ୍ଧବିଶ୍ୱାସ ଲୋପ ପାଇଲା । ସାମାଜିକ କ୍ଷେତ୍ରରେ ଜାତିପ୍ରଥା, ସତୀଦାହ ପ୍ରଥା, ଅସ୍ପୃଶ୍ୟତାର ବିଲୋପ ହେବା ଫଳରେ ଏକ **'ନବଜାଗରଣ'**ର ସୂତ୍ରପାତ ହେଲା । ପ୍ରକାରାନ୍ତରେ ଭାରତରେ **ଜାତୀୟ ଚେତନାର** ପ୍ରସାର ଘଟିଲା ।

## (ଛ)ଜାତୀୟତାବାଦୀ ସାହିତ୍ୟର ସୃଷ୍ଟି :

ଉଚ୍ଚଶିକ୍ଷିତ ଭାରତୀୟମାନଙ୍କ ଦ୍ୱାରା ରଚିତ ଜାତୀୟ ସାହିତ୍ୟରେ ଇଂରେଜ ଶାସକମାନଙ୍କର ଶୋଷଣ ଓ ଅତ୍ୟାଚାରର ବିଷୟ ଆଲୋଚିତ ହେଲା । ବହୁ ଭାରତୀୟ ଦେଶପ୍ରେମ ସମ୍ବନ୍ଧରେ କାବ୍ୟ, କବିତା, ଉପନ୍ୟାସ ଓ ପ୍ରବନ୍ଧ ପୁସ୍ତକମାନ ରଚନା କଲେ, ଯାହା ପାଠ କରି ଭାରତୀୟମାନେ ଜାତୀୟତା ଭାବରେ ଉଦ୍‌ବୁଦ୍ଧ ହେଲେ । **ବଙ୍କିମ ଚନ୍ଦ୍ର** ନିଜର ଉପନ୍ୟାସ **'ଆନନ୍ଦମଠ'**ରେ ଭାରତର ଜାତୀୟତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ତାଙ୍କ ଦ୍ୱାରା ରଚିତ **"ବନ୍ଦେ ମାତରମ୍"** ସଙ୍ଗୀତ ଦ୍ୱାରା ଭାରତୀୟମାନଙ୍କର ଦେଶପ୍ରେମ ଜାଗ୍ରତ ହେଲା । ଅନ୍ୟ ଯେଉଁ ଲେଖକବୃନ୍ଦ ସେମାନଙ୍କ ଲେଖାରେ **'ଦେଶଭକ୍ତି ଓ ଦେଶପ୍ରେମକୁ'** ପ୍ରୋତ୍ସାହିତ କଲେ, ସେମାନେ ହେଲେ **ରବୀନ୍ଦ୍ରନାଥ ଠାକୁର୍, ସୁବ୍ରମଣ୍ୟମ ଭାରତୀ** ଓ **ବିଷ୍ଣୁଶାସ୍ତ୍ରୀ** । ସେହିପରି ଇଂରାଜୀ ସାହିତ୍ୟର ବିଶେଷ ପ୍ରଭାବ ପଡ଼ିଲା ଭାରତର ଆଞ୍ଚଳିକ ସାହିତ୍ୟ ଉପରେ । ଫଳରେ ଆଞ୍ଚଳିକ ସାହିତ୍ୟର ମଧ୍ୟ ବିକାଶ ଘଟିଲା ।

## (ଜ) ଚେତନାଶୀଳ ମଧ୍ୟବିତ୍ତ ବୁଦ୍ଧିଜୀବୀଙ୍କର ଉତ୍‌ଥାନ :

ବ୍ରିଟିଶ୍ ଶାସନ ସମୟରୁ ମଧ୍ୟବିତ୍ତ ଶ୍ରେଣୀର ସୃଷ୍ଟି ହେଲା । ପାଶ୍ଚାତ୍ୟ ଶିକ୍ଷା ଲାଭ କରିଥିବା ଏହି ଗୋଷ୍ଠୀ ଜାତୀୟତାବାଦ ଅଭିବୃଦ୍ଧିର ନେତୃତ୍ୱ ନେଇଥିଲା । ଏହି **ନବ-ସାମାଜିକ ଶ୍ରେଣୀ** (Neo-Social Class) ଦେଶପ୍ରେମ ସୃଷ୍ଟି କରିବାରେ ମୁଖ୍ୟ ସହାୟକର ଭୂମିକା ଗ୍ରହଣ କରିଥିଲା ।

## (ଝ) ଭାରତୀୟ ଐତିହ୍ୟ ଓ ସଂସ୍କୃତିର ପୁନଃଜାଗରଣ :

ଦୀର୍ଘକାଳବ୍ୟାପି ଇଂରେଜ ଶାସନାଧୀନ ରହିବା ଫଳରେ ଭାରତୀୟମାନେ ଭାରତର ପୂର୍ବ ଐତିହ୍ୟ ପ୍ରତି ସଚେତନ ନ ଥିଲେ । ସେମାନେ ଧୀରେ ଧୀରେ ହୀନମନ୍ୟତାର ଶିକାର ହୋଇଗଲେ । ଏହି ସମୟରେ କେତେକ ପାଶ୍ଚାତ୍ୟ ଐତିହାସିକ ଭାରତର ଗୌରବ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପୁନଃ ଜାଗରଣ ପାଇଁ ଉଦ୍ୟମ ଆରମ୍ଭ କଲେ । ସେମାନଙ୍କ ମଧ୍ୟରେ ଥିଲେ **ସାର୍ ଉଇଲିୟମ ଜୋନ୍‌ସ, ମ୍ୟାକ୍ସମୁଲର** ଆଦି ପାଶ୍ଚାତ୍ୟ ଦେଶର ପଣ୍ଡିତ ଓ ଗବେଷକବୃନ୍ଦ । ସେମାନେ ସ୍ୱରଚିତ ପୁସ୍ତକରେ ଭାରତୀୟ ସଂସ୍କୃତି ସମ୍ପର୍କିତ ବହୁ ଉପାଦେୟ ତଥ୍ୟ ଆଲୋଚନା କଲେ । ଏହି ଦିଗରେ ଭାରତୀୟ ଐତିହାସିକ **ରାଜେନ୍ଦ୍ରଲାଲ ମିତ୍ର** ଓ **ଭଣ୍ଡାରକରଙ୍କର** ନାମ ଉଲ୍ଲେଖ ଯୋଗ୍ୟ । ୧୭୮୪ ମସିହାରେ **କଲିକତାଠାରେ ଉଇଲିୟମ ଜୋନ୍‌ସ** ପ୍ରତିଷ୍ଠା କଲେ **'ରୟାଲ ଏସିଆଟିକ୍ ସୋସାଇଟି ଅଫ ବେଙ୍ଗଲ'** । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇଉରୋପୀୟ ପଣ୍ଡିତମାନଙ୍କ ଦ୍ୱାରା ଭାରତର ଗୌରବମୟ ଐତିହ୍ୟର ପୁନରୁଦ୍ଧାର କାର୍ଯ୍ୟ ଭାରତର ଜାତୀୟ ସ୍ତରରେ ଏକ ନବଜାଗରଣ ସୃଷ୍ଟି କଲା ।

## (ଟ) ଭାରତୀୟ ସାମ୍ବାଦିକତାର ଅଗ୍ରଗତି :

ଇଂରେଜ ଶାସକମାନଙ୍କର ସମସ୍ତ କଟକଣା ସତ୍ତ୍ୱେ ଭାରତୀୟ ସାମ୍ବାଦିକତାର ବିଶେଷ ଅଗ୍ରଗତି ହୋଇଥିଲା । ୧୮୭୭ ମସିହା ସୁଦ୍ଧା ଇଂରାଜୀ ଓ ଦେଶୀୟ ଭାଷାରେ ୬୨ ଗୋଟି ସମ୍ବାଦପତ୍ର ପ୍ରକାଶ ପାଇଥିଲା । ସେମାନଙ୍କ ମଧ୍ୟରେ ଆଗ ଧାଡ଼ିର ସମ୍ବାଦପତ୍ର ଥିଲେ, **'ସମ୍ବାଦ କୌମୁଦୀ', 'ଟାଇମ୍‌ସ ଅଫ୍ ଇଣ୍ଡିଆ', 'ଅମୃତ ବଜାର ପତ୍ରିକା'** ଓ **'ଷ୍ଟେଟ୍‌ସ୍‌ମ୍ୟାନ' ।** ସମ୍ବାଦପତ୍ର ଓ ପତ୍ରିକା ମାଧ୍ୟମରେ ଭାରତୀୟମାନେ ନିଜର ଆପତ୍ତି ଓ ଅଭିଯୋଗ ଜଣାଇ ପାରୁଥିଲେ ଓ ସମ୍ବାଦପତ୍ରଗୁଡ଼ିକରେ ଜନମତ ପ୍ରତିଫଳିତ ହେଉଥିଲା । ବାସ୍ତବିକ ସମ୍ବାଦପତ୍ରଗୁଡ଼ିକ ଥିଲେ ଭାରତୀୟ ଜାତୀୟତାବାଦର ପ୍ରତିଫଳନ ସଦୃଶ ।

## (ଠ) ଇଂରେଜମାନଙ୍କର ଜାତିଗତ ଅହଂଭାବ ଓ ବର୍ଣ୍ଣବୈଷମ୍ୟ ନୀତି :

ଇଂରେଜମାନଙ୍କର ଜାତିଗତ ଅହଂଭାବ ଓ ବର୍ଣ୍ଣ ବୈଷମ୍ୟ ନୀତି ତଥା ଭାରତୀୟମାନଙ୍କ ପ୍ରତି ସେମାନଙ୍କର ଦୁର୍ବ୍ୟବହାର ଭାରତୀୟ ଜାତୀୟତା ବିକାଶର ଅନ୍ୟ ଏକ କାରଣ ଥିଲା । ଶିକ୍ଷିତ ଭାରତୀୟମାନଙ୍କୁ ଉଚ୍ଚ ସରକାରୀ

ପଦବୀରେ ରଖାଯାଉ ନଥିଲା । ଭାରତୀୟମାନଙ୍କୁ **ଆଇ.ସି.ଏସ** (I.C.S) ପରୀକ୍ଷା ଦେବାରୁ ବିଭିନ୍ନ ଆଳରେ ବଞ୍ଚିତ କରାଯାଉଥିଲା । ପରୀକ୍ଷା ପାଇଁ ବୟସ ସୀମା ୨୧ ବର୍ଷରୁ ୧୯ ବର୍ଷକୁ ଉଦ୍ଦେଶ୍ୟମୂଳକ ଭାବେ ହ୍ରାସ କରାଗଲା । ଭାରତୀୟମାନଙ୍କୁ ଘୃଣା କରାଯାଉଥିଲା ଓ ସେମାନଙ୍କୁ **"ଅତି କଦର୍ଯ୍ୟ ଓ ବର୍ବର"** ବୋଲି ବିବେଚିତ କରାଯାଉଥିଲା । ଇଂରେଜମାନେ ଭାରତୀୟମାନଙ୍କୁ **"କୁଲି"** ବୋଲି ଅପମାନିତ କରି ଶାରୀରିକ ନିର୍ଯାତନା ଦେଉଥିଲେ । ଇଂରେଜମାନଙ୍କର **'ବର୍ଣ୍ଣ ବୈଷମ୍ୟ'** ନୀତି ଭାରତୀୟମାନଙ୍କ ମନରେ ଜାତୀୟ ଚେତନାର ଅଭିବୃଦ୍ଧିରେ ସହାୟକ ହୋଇଥିଲା । ବଡ଼ଲାଟ ଲର୍ଡ କର୍ଜନଙ୍କ ଆକ୍ଷେପମୂଳକ ତଥା ଅସୌଜନ୍ୟ ମନ୍ତବ୍ୟ ଯୋଗୁଁ ଭାରତୀୟମାନଙ୍କର ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇଲା । କହିବାକୁ ଗଲେ, **ଲର୍ଡ ଲିଟନ** ଓ **ଲର୍ଡ କର୍ଜନଙ୍କ** କୁଶାସନ ଜାତୀୟ ଜାଗରଣର ବିକାଶଧାରାକୁ ପରୋକ୍ଷରେ ସାହାଯ୍ୟ କଲା ।

ପ୍ରୋକ୍ତ କାରଣଗୁଡ଼ିକ ଭାରତୀୟ ଜାତୀୟତାବାଦର ବିକାଶ ଦିଗରେ ବହୁଳଭାବରେ ସହାୟକ ହୋଇଥିଲା । ଇଂରେଜ ଶାସନ ପ୍ରତି ଭାରତୀୟମାନେ ଧୀରେ ଧୀରେ ବୀତସ୍ପୃହ ହେବା ସହିତ ଇଂରେଜ ଶାସନର ବିଲୋପ ପାଇଁ ପ୍ରତିଜ୍ଞାବଦ୍ଧ ହେଲେ । ସେମାନେ ଉପଲବ୍ଧି କଲେ ଯେ, ଇଂରେଜମାନଙ୍କ ଠାରୁ ନ୍ୟାୟ ଆଶା କରିବା ବୃଥା । ତେଣୁ ଅନ୍ୟାୟକୁ ବିରୋଧ କରିବା ପାଇଁ ଭାରତୀୟମାନେ ଆଗଭର ହେଲେ ଓ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ ଆରମ୍ଭ କଲେ । ଭାରତୀୟ ଜାତୀୟ ଚେତନାର ବିକାଶ ଘଟିଲା । ଏ ସବୁର ଫଳ ସ୍ୱରୂପ ଜନ୍ମ ନେଲା **'ଭାରତୀୟ ଜାତୀୟ କଂଗ୍ରେସ' ୧୮୮୫** ମସିହାରେ ଓ ଏହାର ଜନ୍ମଦାତା ଥିଲେ **ଆଲାନ୍ ଅକ୍ଟାଭିଆନ୍ ହ୍ୟୁମ୍ ।** ହ୍ୟୁମଙ୍କର ଉଦ୍ଦେଶ୍ୟଥିଲା ଯେ, ଅସନ୍ତୁଷ୍ଟ ଭାରତୀୟମାନଙ୍କୁ କୌଣସି ଏକ ବଡ଼ ଧରଣର ବିଦ୍ରୋହ ଆରମ୍ଭ କରିବାରୁ ନିବୃତ୍ତ ରହିବା ପାଇଁ ସେମାନଙ୍କ ପାଇଁ ଏକ ସଂଘ ଗଠନ କରିବାର ଆବଶ୍ୟକତା ରହିଛି ଓ ସେହି ସଂଘ ଜରିଆରେ ଭାରତୀୟମାନଙ୍କର ସମସ୍ତ ସମସ୍ୟା ଏବଂ ଅଭିଯୋଗଗୁଡ଼ିକ ସରକାରଙ୍କ ପାଖରେ ଉପସ୍ଥାପନ କରିହେବ । ବ୍ରିଟିଶ୍ ସରକାର ହ୍ୟୁମ୍‌ଙ୍କର ଯୁକ୍ତିକୁ ଗ୍ରହଣ କରିନେଲେ ।

**ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ** ବସିଲା **ବମ୍ବେ** ସହରରେ ୧୮୮୫ ମସିହା ଡିସେମ୍ବର ୨୮ ଓ ୨୯ ତାରିଖ ଦିନ । ଏଥିରେ ସର୍ବମୋଟ ୭୨ ଜଣ ପ୍ରତିନିଧି ଯୋଗଦାନ କରିଥିଲେ । ଏହି ଉଦ୍‌ଘାଟନୀ ଅଧିବେଶନରେ ସଭାପତିତ୍ୱ କରିଥିଲେ କଲିକତାର ବିଶିଷ୍ଟ ଆଇନଜୀବୀ **ଉମେଶ ଚନ୍ଦ୍ର ବାନାର୍ଜୀ ।** ଜାତୀୟ ଚେତନାର ଅଭିବୃଦ୍ଧି, ଦେଶାତ୍ମବୋଧ ଭାବର ପ୍ରସାର ଓ ଜାତୀୟ ଏକତାର ବିକାଶ ଏହି ସଂଗଠନର ମୂଳ ଲକ୍ଷ୍ୟ ଥିଲା । ୧୮୮୫ ମସିହା ପରଠାରୁ ଭାରତୀୟ ଜାତୀୟ କଂଗ୍ରେସ ଭାରତୀୟ ଜାତୀୟତା ଭାବଧାରାକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିଥିଲା ଏବଂ ସ୍ୱାଧୀନତା ସଂଗ୍ରାମକୁ ଅଧିକ ଜୋରଦାର କରିଥିଲା । ଫଳରେ ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ ଦିନ ପରାଧୀନ ଭାରତ ସ୍ୱାଧୀନତା ଲାଭ କଲା ଓ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା । ଏହା ସମ୍ଭବ ହୋଇ ପାରିଲା କେବଳ ଏକ ଶକ୍ତିଶାଳୀ ଜନ ଆନ୍ଦୋଳନ ଯୋଗୁଁ, ଯାହାର ନେତୃତ୍ୱ ନେଇଥିଲେ ବହୁ ଉଚ୍ଚ ଶିକ୍ଷିତ ଭାରତୀୟ ଜନନେତା ଓ ରାଜନୀତିଜ୍ଞ । ସେମାନଙ୍କ ମଧ୍ୟରେ ଚିରସ୍ମରଣୀୟ ଥିଲେ **ଲାଲା ଲଜପତ୍ ରାୟ, ବାଲ ଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖଲେ, ମହାତ୍ମାଗାନ୍ଧୀ, ଶ୍ରୀଅରବିନ୍ଦ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମୌଲାନା ଅବୁଲ କଲାମ ଆଜାଦ** ଏବଂ ଅନ୍ୟମାନେ ।

ଭାରତର ସ୍ୱାଧୀନତା ସଂଗ୍ରାମ ଓ ଭାରତୀୟ ଜାତୀୟତାବାଦର ପ୍ରସାର ପାଇଁ ଉପରୋକ୍ତ ଜନନେତାମାନଙ୍କର ଦେଶ ପାଇଁ ତ୍ୟାଗ ଓ ଦେଶପ୍ରେମ ଭାବ ସର୍ବଦା ଉତ୍ତର ପିଢ଼ିଙ୍କ ପାଇଁ ଉଦ୍ଦୀପନାର ଉତ୍ସ ହୋଇ ରହିବ ।

## ରାଜନୀତି ବିଜ୍ଞାନ

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତରେ ଜାତୀୟତାବାଦର କିପରି ବିକାଶ ଘଟିଲା, ଆଲୋଚନା କର ।

(ଖ) ଜାତୀୟତାବାଦ କହିଲେ ତୁମେ କ'ଣ ବୁଝ ?

(ଗ) ଇଂରେଜ ଶାସକଙ୍କର ଶାସନ ନୀତି ଭାରତୀୟ ଜାତୀୟତାବାଦର ବିକାଶ ପାଇଁ କିପରି ଦାୟୀ ଥିଲା, ତାହା ସଂକ୍ଷେପରେ ଆଲୋଚନା କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଜାତୀୟତାବାଦର ମୁଖ୍ୟ ଉପାଦାନ ସଂକ୍ଷେପରେ ଉଲ୍ଲେଖ କର ।

(ଖ) ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ଜନସମ୍ପର୍କ ବୃଦ୍ଧିରେ କିପରି ସହାୟକ ହେଲା, ତାହା ବୁଝାଇ ଲେଖ ।

(ଗ) କେଉଁ ପାଶ୍ଚାତ୍ୟ ରାଜନୀତି ବିଜ୍ଞାନୀମାନଙ୍କ ପୁସ୍ତକ ପାଠକରି ଭାରତୀୟମାନେ ଗଣତାନ୍ତ୍ରିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେଲେ ?

(ଘ) ଇଂରେଜ ଶାସକମାନେ ଭାରତୀୟମାନଙ୍କୁ କିପରି ଅର୍ଥନୈତିକ ସ୍ତରରେ ଶୋଷଣ କରୁଥିଲେ ?

(ଙ) ବଙ୍କିମଚନ୍ଦ୍ରଙ୍କର ଭାରତୀୟ ଜାତୀୟତାବାଦୀ ସାହିତ୍ୟ ପ୍ରତି ଥିବା ଅବଦାନ ଉଲ୍ଲେଖ କର ।

(ଚ) ଭାରତୀୟ ଜାତୀୟ କଂଗ୍ରେସର ମୂଳ ଲକ୍ଷ୍ୟ କ'ଣ ଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଭାରତ କେଉଁ ଦିନ ସ୍ୱାଧୀନତା ପାଇଲା ?

(ଖ) କେଉଁ ଦିନ ଭାରତ ଏକ ସାର୍ବଭୌମ ରାଷ୍ଟ୍ରରେ ପରିଗଣିତ ହେଲା ?

(ଗ) କେଉଁ ମସିହାରେ ଭାରତରେ ଇଂରାଜୀ ଭାଷାର ପ୍ରଚଳନ ହେଲା ?

(ଘ) କେଉଁ ସ୍ୱାଧୀନଚେତା ଲେଖକମାନଙ୍କର ବୈପ୍ଳବିକ ଚିନ୍ତାଧାରା ଭାରତୀୟମାନଙ୍କୁ ପ୍ରୋତ୍ସାହିତ କରିଥିଲା ?

(ଙ) କିଏ 'ବିତ୍ତର ବହିଃ ପ୍ରବାହ ତତ୍ତ୍ୱ'ର ପ୍ରବକ୍ତା ଥିଲେ ?

(ଚ) କିଏ 'ବ୍ରହ୍ମ ସମାଜ'ର ପ୍ରତିଷ୍ଠାତା ଥିଲେ ?

(ଛ) କିଏ 'ବନ୍ଦେ ମାତରମ୍' ସଙ୍ଗୀତର ରଚୟିତା ଥିଲେ ?

(ଜ) 'ରୟାଲ ଏସିଆଟିକ୍ ସୋସାଇଟି ଅଫ ବେଙ୍ଗଲ'ର ପ୍ରତିଷ୍ଠାତା କିଏ ଥିଲେ ?

(ଝ) କିଏ 'ଭାରତୀୟ ଜାତୀୟ କଂଗ୍ରେସ'ର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ?

●●

## ଦ୍ୱିତୀୟ ପାଠ

# ଜାତୀୟ ସଂହତି

# (National Integration)

ପ୍ରତ୍ୟେକ ଦେଶରେ ରହିଛି ଆଞ୍ଚଳିକ ବିଭିନ୍ନତା ଓ ଭାଷାଗତ ବିଭିନ୍ନତା । ସେଥି ସହିତ ରହିଛି ଧର୍ମ, ସଂସ୍କୃତି, ପରମ୍ପରା ତଥା ସାମାଜିକ ଚଳଣି ଓ ଆଚାର ବ୍ୟବହାରରେ ବିଭିନ୍ନତା । ସେହିପରି ଗୋଟିଏ ଦେଶର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଐତିହ୍ୟ, ସେମାନଙ୍କର ଭାଷା ଓ ସାହିତ୍ୟ ଏବଂ ଶିଳ୍ପ ଓ ଭାସ୍କର୍ଯ୍ୟ ମଧ୍ୟ ଭିନ୍ନ ପ୍ରକାରର । ଦେଶର ପ୍ରାକୃତିକ ସମ୍ପଦ ମଧ୍ୟ ଦେଶର ସବୁ ସ୍ଥାନରେ ସମାନ ଭାବରେ ଗଚ୍ଛିତ ନ ଥାଏ । କେଉଁଠାରେ ଖଣିଜ ସଂପଦର ପ୍ରାଚୁର୍ଯ୍ୟ ଅଛି ତ, ଅନ୍ୟ କେଉଁ ସ୍ଥାନରେ ଜଳ ଓ ଜଙ୍ଗଲ ସମ୍ପଦ ଭରପୂର । ଆମ ଦେଶର ଭାଷା ଓ ସଂସ୍କୃତି ମଧ୍ୟ ଭିନ୍ନ । ଦେଶର ସବୁ ଅଞ୍ଚଳର ଆର୍ଥିକ ଅବସ୍ଥା ମଧ୍ୟ ସମାନ ନୁହେଁ ।

ତେଣୁ କୁହାଯାଇଛି, ଆମ ଭାରତବର୍ଷ ଏକ ବିଭିନ୍ନତାର ଦେଶ । ଏଠାରେ ରହିଛି ଆଞ୍ଚଳିକ ବିଭିନ୍ନତା ଏବଂ ଧର୍ମ ଓ ଭାଷାଗତ ବିଭିନ୍ନତା । ଆମ ଦେଶରେ ମଧ୍ୟ ଅନେକ ଜାତିର ଲୋକମାନେ ବସବାସ କରନ୍ତି । ତେଣୁ ଏହି ସମସ୍ତ ବିଭିନ୍ନତା ଓ ଭେଦ ଭାବକୁ ଭୁଲିଯାଇ ସମସ୍ତ ଭାରତୀୟ ନିଜକୁ ଗୋଟିଏ ଦେଶର ନାଗରିକ ବୋଲି ବିଚାର କଲେ ଓ ଦେଶପ୍ରାଣତାରେ ଉଦ୍‌ବୁଦ୍ଧ ହେଲେ, ଦେଶରେ ଏକତା ପ୍ରତିଷ୍ଠା ହୋଇ ପାରିବ ଓ ଜାତୀୟ ସଂହତି ବା ଜାତୀୟ ଏକତା ପ୍ରତିଷ୍ଠିତ ହୋଇପାରିବ ।

### ଜାତୀୟ ସଂହତି କ'ଣ ?

ଜାତୀୟ ସଂହତି ଏକ ଭାବଗତ ଓ ମନସ୍ତାତ୍ତ୍ୱିକ ଧାରଣା । ଏକାତ୍ମବୋଧର ଏହା ଏକ ଉଦ୍‌ବେଳନ; ଅନୈକ୍ୟ ମଧ୍ୟରେ ଐକ୍ୟର ପ୍ରତିଷ୍ଠା ଓ ବିଭିନ୍ନତା ମଧ୍ୟରେ ଏକତାର ପ୍ରତିଷ୍ଠା । ଜାତୀୟ ସଂହତିର ଉତ୍ସ ହେଉଛି ଜାତୀୟତାବୋଧ ବା ରାଷ୍ଟ୍ରୀୟତାବୋଧ । ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଉତ୍ସୁକତା ଜାତୀୟସଂହତିର ପଥକୁ ଉନ୍ମୁକ୍ତ କରେ ।

ଜାତି, ଧର୍ମ, ଭାଷା ଓ ଆଞ୍ଚଳିକତାର ସଂକୀର୍ଣ୍ଣତାକୁ ଅତିକ୍ରମ କରି ଯେତେବେଳେ ସମଗ୍ର ଦେଶବାସୀ ଦେଶାତ୍ମବୋଧରେ ଭାବବିହ୍ୱଳିତ ହୋଇ ଯାଆନ୍ତି ଓ ସମସ୍ତେ ଗୋଟିଏ ମାତୃଭୂମିର ସନ୍ତାନ ରୂପେ ନିଜକୁ ନିଜ ଦେଶର ନାଗରିକତାର ପରିଚୟ ପ୍ରଦାନ କରନ୍ତି, ସେତେବେଳେ ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ପ୍ରତିଷ୍ଠିତ ହୁଏ ଓ ଜାତୀୟ ସଂହତି ସୁଦୃଢ଼ ହୁଏ ।

ଜାତୀୟ ସଂହତିର ମୂଳମନ୍ତ୍ର ହେଲା : ଦେଶାତ୍ମବୋଧର ପ୍ରେରଣା, ମାତୃଭୂମି ପ୍ରତି ଏକାନ୍ତ ସ୍ନେହ, ପ୍ରେମ ଓ ମାତୃଭୂମିର ନିରାପତ୍ତା ପାଇଁ ପ୍ରତିବଦ୍ଧତା ଏବଂ ଦେଶମାତୃକାର ସେବା ଓ ସଂକଳ୍ପର ପରାକାଷ୍ଠା । ଜାତୀୟ ସଂହତିରେ ବ୍ରତୀ ପ୍ରତ୍ୟେକ ନାଗରିକ ନିଜକୁ ଜାତୀୟ ମହାସ୍ରୋତରେ ସାମିଲ କରିଦିଏ ଏବଂ ସେ ଭୁଲିଯାଏ ଆପଣାର ଜାତି, ଧର୍ମ,ଭାଷା ଓ ସଂସ୍କୃତିର ବିଭିନ୍ନତାକୁ । ତେଣୁ ଜାତୀୟ ସଂହତି ଏକ ବହୁମୁଖୀ ସାମାଜିକ ପ୍ରକ୍ରିୟା ।

ଭାରତର ପୂର୍ବତନ ରାଷ୍ଟ୍ରପତି **ଡକ୍ଟର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ** ଭାଷାରେ "ଜାତୀୟ ସଂହତି କାଦୁଅ ଓ ଇଟା ନିର୍ମିତ ଏକ ଗୃହ ନୁହେଁ । ଏହା ଏପରି ଏକ ଭାବନା, ଯାହା ଲୋକମାନଙ୍କର ହୃଦୟର ଗଭୀରତମ ଗହ୍ୱର ମଧ୍ୟରେ ପ୍ରବେଶ କରିବା ଦରକାର । ଏହି ଭାବନାର ଅନୁପ୍ରବେଶ ହିଁ ଲୋକମାନଙ୍କୁ ଜାଗ୍ରତ କରି ପାରିବ ।"

# ରାଜନୀତି ବିଜ୍ଞାନ

## ଜାତୀୟ ସଂହତିର ସଂଜ୍ଞା :

ଜାତୀୟ ସଂହତିର କୌଣସି ଏକ ସଂକ୍ଷିପ୍ତ ଓ ନିର୍ଦ୍ଦିଷ୍ଟ ସଂଜ୍ଞା ପ୍ରଦାନ କରିବା ସହଜସାଧ ନୁହେଁ । ସଂକୀର୍ଣ୍ଣ ଅର୍ଥରେ, ଜାତୀୟ ସଂହତି "କ୍ଷୁଦ୍ର ଆଞ୍ଚଳିକ ମନୋଭାବକୁ ପରିତ୍ୟାଗ କରି ଜାତୀୟ ମହାସ୍ରୋତରେ ସାମିଲ ହେବାର ପ୍ରକ୍ରିୟାକୁ ବୁଝାଏ ।"

ମାତ୍ର, ବ୍ୟାପକ ଅର୍ଥରେ ଏହା ଏକ ଭିନ୍ନ ପ୍ରକ୍ରିୟା । "ଯେଉଁ ପ୍ରକ୍ରିୟା ମାଧମରେ ଗୋଟିଏ ଦେଶରେ ବାସ କରୁଥିବା ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଗୋଷ୍ଠୀ ସେହି ନିର୍ଦ୍ଦିଷ୍ଟ ରାଷ୍ଟ୍ର ନାମରେ ନିଜର ପରିଚୟ ସାବ୍ୟସ୍ତ କରନ୍ତି, ତାହାକୁ **'ଜାତୀୟ ସଂହତି'** କୁହାଯାଏ ।"

ବାସ୍ତବରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଓ ଅଞ୍ଚଳର ସମୃଦ୍ଧିରେ ଜାତୀୟ ସଂହତିର ଅଭିବୃଦ୍ଧି ଘଟେ । ଯେପରି କି ଶରୀରର ବିଭିନ୍ନ ଅଙ୍ଗର ଅଭିବୃଦ୍ଧି ସହିତ ମନୁଷ୍ୟର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶ ଘଟିଥାଏ ।

ଜାତୀୟ ସଂହତି ବିଭିନ୍ନତାର ବିରୋଧୀ ନୁହେଁ । ମାତ୍ର **'ବିଭିନ୍ନତା ମଧ୍ୟରେ ଏକତା'** ଓ **'ଅନେକତ୍ୱ ମଧ୍ୟରେ ଏକତ୍ୱ'** ହେଉଛି ଜାତୀୟ ସଂହତିର ମୂଳାଧାର ଓ ମୂଳମନ୍ତ୍ର ।

## ଜାତୀୟ ସଂହତିର ପ୍ରକାର ଭେଦ :

**ଜାତୀୟ ସଂହତି ମୁଖ୍ୟତଃ ଛଅ ପ୍ରକାରର ।**

ଯଥା:-

(କ) ରାଜନୈତିକ

(ଖ) ଅର୍ଥନୈତିକ

(ଗ) ସାମାଜିକ

(ଘ) ସାଂସ୍କୃତିକ

(ଙ) ମନସ୍ତାତ୍ତ୍ୱିକ

(ଚ) ନୈତିକ

## ଭାରତ ପରିପ୍ରେକ୍ଷୀରେ ଜାତୀୟ ସଂହତି :

ଆମ ଦେଶ ଭାରତବର୍ଷ ଏକ ବିଶାଳ ଦେଶ । ଏଠାରେ ବର୍ତ୍ତମାନ ପ୍ରାୟ ୧୨୧ କୋଟି ଲୋକ ବାସ କରୁଛନ୍ତି । ଏତେ ସଂଖ୍ୟକ ଲୋକମାନଙ୍କ ମଧ୍ୟରେ ରହିଛି ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସଂସ୍କୃତିର ବିଭିନ୍ନତା । ଏପରି ଏକ ବିରାଟ ଦେଶରେ ଆଞ୍ଚଳିକ ଅସମାନତା ରହିବା ସ୍ୱାଭାବିକ । ଆମ ଦେଶରେ ବାସ କରୁଛନ୍ତି ସମ୍ବିଧାନ ସ୍ୱୀକୃତ ୨୨ ଗୋଟି ଭାଷାଭାଷୀ ଲୋକ। ଏହା ବ୍ୟତୀତ ଦେଶରେ ରହିଛି ଶତାଧିକ 'କଥିତ-ଭାଷା'। ଭାରତରେ ବାସ କରୁଛନ୍ତି ଲକ୍ଷାଧିକ ଅନୁସୂଚିତ ଜାତି ଓ ଜନଜାତିର ଲୋକ । ସେମାନଙ୍କର ଚଳଣି ଓ ସଂସ୍କୃତି ମଧ୍ୟ ଭିନ୍ନ । ଭାରତରେ ରହିଛି ପ୍ରାକୃତିକ ଓ ଆଞ୍ଚଳିକ ଭିନ୍ନତା । ଦେଶର ପଶ୍ଚିମରେ ରହିଛି ମରୁଭୂମି, ପୂର୍ବରେ ରହିଛି ଘଞ୍ଚ ଅରଣ୍ୟ, ଉତ୍ତରରେ ରହିଛି ହିମାଳୟ ପର୍ବତମାଳା ଏବଂ ଦକ୍ଷିଣ, ପଶ୍ଚିମ ଓ ପୂର୍ବ ସୀମାକୁ ଘେରି ରହିଛି ଯଥାକ୍ରମେ ବିଶାଳକାୟ ଭାରତ ମହାସାଗର, ଆରବ ସାଗର ଓ ବଙ୍ଗୋପସାଗର ।

**ଜନ୍ ଷ୍ଟ୍ରାଚି**ଙ୍କ ପରି କେତେକ ବିଦେଶୀ ବିଦ୍ୱାନଙ୍କ ମତରେ, "ଭାରତରେ କେବେହେଲେ ଏକତା ନଥିଲା, ଏବେ ମଧ୍ୟ ନାହିଁ"। ତାଙ୍କ ମତରେ, ଭାରତବର୍ଷରେ ସାମାଜିକ ବା ଧାର୍ମିକ ବା ରାଜନୈତିକ ଏକତା କଦାପି ଦେଖାଯାଏ ନାହିଁ ।

ଅପରପକ୍ଷେ, **ସ୍ୱାମୀ ବିବେକାନନ୍ଦ** ଓ **ଶ୍ରୀଅରବିନ୍ଦ**ଙ୍କ ପରି ମହାପୁରୁଷମାନଙ୍କ ମତରେ ଭାରତରେ ସର୍ବଦା ଏକତା ରହି ଆସିଛି । ସନାତନ ଧର୍ମ ଭାରତର ଆତ୍ମା ସଦୃଶ । ବୈଦିକ ସଂସ୍କୃତି ଓ ସନାତନ ଧର୍ମ ସମସ୍ତ ଭାରତବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧିରଖିଛି ।

ବିଶିଷ୍ଟ ଐତିହାସିକ **ଭିନ୍‌ସେଣ୍ଟ ସ୍ମିଥ୍‌ଙ୍କ** ମତରେ, **ଭାରତ 'ଅନୈକ୍ୟ ମଧ୍ୟରେ ଐକ୍ୟ'** (Unity in diversity) ପାଇଁ ପ୍ରସିଦ୍ଧ । ଏଠାରେ ରହିଛ **'ବିଭିନ୍ନତା ମଧ୍ୟରେ ଏକତା'** ।

ଜାତୀୟ ସଂହତି ଦ୍ୱାରା ଏକତା ରକ୍ଷା କରାଯିବା ସହିତ ଜନସାଧାରଣଙ୍କର ସଂସ୍କୃତିଗତ ସ୍ୱାତନ୍ତ୍ର୍ୟ (ସ୍ୱତନ୍ତ୍ରତା) ମଧ୍ୟ ଅକ୍ଷୁଣ୍ଣ ରହେ । ସାଂସ୍କୃତିକ ଓ ସାମାଜିକ ଭିନ୍ନତା ଥିବା ବିଭିନ୍ନ ଗୋଷ୍ଠୀମାନଙ୍କୁ ଗୋଟିଏ ଭୌଗୋଳିକ ଅଖଣ୍ଡତା

ସ୍ୱାଧୀନତା ପରବର୍ତ୍ତୀ ସମୟର ଭାରତରେ ଜାତୀୟ ସଂହତିର ପ୍ରତିଷ୍ଠା ଦିଗରେ ସମସ୍ତ ନେତୃବୃନ୍ଦ ସଚେତନ ଥିଲେ । ମାତ୍ର ଦେଶର ବିଭାଜନ ସମୟର ସାମ୍ପ୍ରଦାୟିକ ହିଂସାଭାବଜନିତ ଆଚରଣ ସମସ୍ତଙ୍କୁ ଚକିତ କରି ଦେଇଥିଲା । ଫଳରେ, ଭବିଷ୍ୟତରେ ବିଭେଦକାରୀ ଶକ୍ତିଙ୍କୁ ନିୟନ୍ତ୍ରିତ କରିବା ପାଇଁ ଏକ **'ଜାତୀୟ କର୍ମସୂଚୀ'** ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ସମସ୍ତ ନେତୃବୃନ୍ଦ ତଥା ସମ୍ବିଧାନ ପ୍ରଣେତାମାନେ ଆଗଭର ହେଲେ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଭାଷାରେ **"ଜାତୀୟ ସଂହତି ହେଉଛି ଆମ୍ଭର ଜାତୀୟ ଲକ୍ଷ୍ୟ"** । ଏଭଳି ଏକ ଉକ୍ତି ପ୍ରଣିଧାନ ଯୋଗ୍ୟ ।

ଭାରତ ଭଳି ଏକ ବହୁ ଜାତି, ବହୁ ଧର୍ମ, ବହୁ ଭାଷାଭାଷୀ ତଥା ଅନ୍ୟାନ୍ୟ ବିଭିନ୍ନତାରେ ପରିପୂର୍ଣ୍ଣ ରାଷ୍ଟ୍ରରେ ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ନିମ୍ନୋକ୍ତ ବିହିତ ପଦକ୍ଷେପ ନେବା ପାଇଁ ସମ୍ବିଧାନ ପ୍ରଣୟନ ସଭାରେ ସର୍ବସମ୍ମତି ପ୍ରକାଶ ପାଇଲା । ସେଗୁଡ଼ିକ ହେଲା : ଯଥା : –

୧. ସାଂସ୍କୃତିକ ବିଭିନ୍ନତାକୁ ସମ୍ମାନ ପ୍ରଦର୍ଶନ କରାଯିବା ସହିତ ଜାତୀୟ ସଂହତି ପ୍ରତିଷ୍ଠା କରିବା ।
୨. ସମସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ।
୩. ସମସ୍ତଙ୍କ ମନରେ ଭ୍ରାତୃଭାବ ପ୍ରତିଷ୍ଠା କରିବା ।
୪. ସମସ୍ତଙ୍କର ସ୍ୱତନ୍ତ୍ରତା ବଜାୟ ରଖିବା ।
୫. ଦେଶର ସମ୍ବିଧାନକୁ ସର୍ବୋଚ୍ଚ ଆଇନ ରୂପେ ଗ୍ରହଣ କରିବା ।
୬. **ଜାତୀୟ ପ୍ରତୀକ,** ଯଥା – **ଜାତୀୟ ପତାକା** ଓ **ଜାତୀୟ ସଙ୍ଗୀତ** ପ୍ରତି ସମ୍ମାନ ପ୍ରଦର୍ଶନ କରିବା ।
୭. ସର୍ବାନ୍ତଃକରଣରେ ଧର୍ମଗତ ସଦ୍‌ଭାବ, **'ସର୍ବଧର୍ମ –ସମଭାବ'** ଓ ଧର୍ମ ନିରପେକ୍ଷତା ଆଚରଣ କରିବା ।
୮. ଦେଶର ଅଖଣ୍ଡତା ଓ ଐକ୍ୟ ରକ୍ଷା କରିବା ଲକ୍ଷ୍ୟରେ ଦଳଗତ ତଥା ବ୍ୟକ୍ତିଗତ ସ୍ୱାର୍ଥ ପ୍ରତ୍ୟାହାର କରିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବା ।

ପରିସର ମଧ୍ୟକୁ ଆଣି, ସେମାନଙ୍କ ମଧ୍ୟରେ ଏକ **"ଜାତୀୟ ପରିଚୟ"** ସୃଷ୍ଟି କରିବାର ଧାରା ବା ପ୍ରକ୍ରିୟାକୁ **'ଜାତୀୟ ସଂହତି'** କୁହାଯାଏ । **'ଜାତୀୟ ସଂହତି'** ଏକ ଶୃଙ୍ଖଳିତ ଜନଶକ୍ତି ଗଠନରେ ସହାୟକ ହୋଇଥାଏ ।

୧୯୬୧ ମସିହାରେ ଆମ ଦେଶରେ ଗୋଟିଏ **ଜାତୀୟ ସଂହତି ପରିଷଦ** (National Integration Council) ଗଠନ କରାଗଲା । ଏହି ପରିଷଦ ଭାରତୀୟ ଜାତୀୟ ସଂହତିର ନିମ୍ନୋକ୍ତ ଉପାଦାନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଯଥା :

୧. ଏକ–ନାଗରିକତା ।
୨. ବିଭିନ୍ନତା ମଧ୍ୟରେ ଏକତା ।
୩. ଦେଶାତ୍ମବୋଧ ଭାବ ବା ଦେଶ ପ୍ରତି ଆନୁଗତ୍ୟ ଓ ଜାତୀୟ ପ୍ରତୀକ ପ୍ରତି ପ୍ରଗାଢ଼ ଅନୁରକ୍ତି ।
୪. ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭ୍ରାତୃଭାବ ବା ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ।
୫. ଧର୍ମ ନିରପେକ୍ଷତା ଓ ଧର୍ମଗତ ସ୍ୱାଧୀନତା ଅଧିକାର ।
୬. ସମାନତା ।
୭. ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପ୍ରଦାନ ।
୮. ଭୌଗୋଳିକ ଅଖଣ୍ଡତା ।
୯. ଜାତୀୟ ସଂହତିର ସୃଷ୍ଟି ତଥା ଭାବଗତ ସଂହତି ଏବଂ ଭାଷା ଓ ପରମ୍ପରାର ସ୍ୱତନ୍ତ୍ର ପରିଚୟ ।
୧୦. ନୈତିକ ସଂହତି ।

*ତୁମେ ଜାଣିଛ କି ?*

***ଜାତୀୟ ସଂହତି ପରିଷଦ ଭାରତର ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ସାତ ଜଣ ସଭ୍ୟ ଓ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କୁ ନେଇ ଗଠିତ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଅର୍ଥନୈତିକ ଓ ଆଞ୍ଚଳିକ ବୈଷମ୍ୟ ଦୂର କରିବା ଓ ଦେଶରେ ସଦ୍‌ଭାବ ପ୍ରତିଷ୍ଠା କରିବା ।***

> *ତୁମେ ଜାଣିଛ କି ?*
>
> *ପ୍ରତିବର୍ଷ ଅକ୍ଟୋବର ମାସ ୩୧ ତାରିଖ ଦିନଟିକୁ ଭାରତରେ ଜାତୀୟ ସଂହତି ଦିବସରୂପେ ପାଳନ କରାଯାଏ ।*

## ଭାରତରେ ଜାତୀୟ ସଂହତି ରକ୍ଷା କରିବା ପାଇଁ କି ପ୍ରକାର ସାମ୍ବିଧାନିକ ବ୍ୟବସ୍ଥା କରାଯାଇଛି ?

ଆମର ସମ୍ବିଧାନପ୍ରଣେତାମାନେ ସ୍ୱାଧୀନ ଭାରତରେ ଜାତୀୟ ସଂହତି ପ୍ରତିଷ୍ଠା ଦିଗରେ ଆମ ସମ୍ବିଧାନରେ କେତେଗୁଡ଼ିଏ ସମୁଚିତ ବ୍ୟବସ୍ଥା ରଖିଛନ୍ତି । ସେଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ହେଉଛି ନିମ୍ନୋକ୍ତ **ତିନିଗୋଟି** ବ୍ୟବସ୍ଥା; ଯଥା : –

(କ) **ଧର୍ମ ନିରପେକ୍ଷତା ଓ ସର୍ବଧର୍ମ-ସମଭାବ** (ଖ) **ସାମାଜିକ ନ୍ୟାୟ** (ଗ) **ଅର୍ଥନୈତିକ ବିକାଶ**। ଏ ସବୁର ସଂକ୍ଷିପ୍ତ ଆଲୋଚନା ବିଧେୟ ।

## (କ) ଧର୍ମ ନିରପେକ୍ଷତା ଓ ସର୍ବଧର୍ମ-ସମଭାବ :

**ଧର୍ମ ନିରପେକ୍ଷତା** ଓ **'ସର୍ବଧର୍ମ-ସମଭାବ'** ନୀତିକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ସମ୍ବିଧାନର **'ପ୍ରସ୍ତାବନା'** ବା **ପ୍ରାକ୍‌କଥନ** (Preamble) ରେ ଭାରତକୁ ଏକ **"ଧର୍ମ ନିରପେକ୍ଷ ରାଷ୍ଟ୍ର"** ବୋଲି ସୂଚିତ କରାଯାଇଛି । ଆମ ଦେଶରେ ପ୍ରଚଳିତ ଧର୍ମ ନିରପେକ୍ଷତା କହିଲେ ବୁଝାଏ : **(୧) ସବୁ ଧର୍ମ ପ୍ରତି ସହନଶୀଳତା ପ୍ରଦର୍ଶନ, ଏବଂ (୨) ପରସ୍ପରର ଧର୍ମ ପ୍ରତି ସହୃଦୟତା ଓ ସମ୍ମାନ ପ୍ରଦର୍ଶନ ।**

ଆମ ଦେଶରେ ପ୍ରଚଳିତ ଧର୍ମ ନିରପେକ୍ଷତା ସମ୍ପର୍କିତ ନିମ୍ନୋକ୍ତ ଅସ୍ତିସୂଚକ ବ୍ୟବସ୍ଥାଗୁଡ଼ିକ ହେଲା :

୧. ଆମ ରାଷ୍ଟ୍ର କୌଣସି ନିର୍ଦ୍ଦିଷ୍ଟ ଧର୍ମ ଉପରେ ପ୍ରତିଷ୍ଠିତ ନୁହେଁ ।

୨. ଆମର **'କୌଣସି ରାଷ୍ଟ୍ରଧର୍ମ'** ନାହିଁ ।

୩. ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର ।

୪. ପ୍ରତ୍ୟେକ ବ୍ୟକ୍ତିର ଧର୍ମଗତ ଓ ଉପାସନାଗତ ସ୍ୱାଧୀନତା ରହିଛି ।

୫. ସବୁ ଧର୍ମ ସମାନ ।

ଭାରତର ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ଥିଲା ଏକ ଧର୍ମ ନିରପେକ୍ଷ ଆନ୍ଦୋଳନ, କାରଣ ଏଥିରେ ସବୁ ଧର୍ମର ଲୋକ ଭାଗ ନେଇଥିଲେ ଓ ଦେଶ ପାଇଁ ପ୍ରାଣବଳି ଦେଇଥିଲେ । ସମ୍ବିଧାନର **ଧାରା ୧୪, ୧୫, ୧୬, ୨୫ ରୁ ୨୮ ଏବଂ ୨୯ ଓ ୩୦ରେ ପ୍ରଦତ୍ତ ବ୍ୟବସ୍ଥାଗୁଡ଼ିକ ଭାରତକୁ ଧର୍ମ ନିରପେକ୍ଷ ରାଷ୍ଟ୍ର ରୂପେ ପରିଚିତ କରିବା ପାଇଁ ଉଦ୍ଦିଷ୍ଟ ।** ବିଗତ ୬୦ ବର୍ଷ ମଧ୍ୟରେ ଆମେ ସମସ୍ତେ ଧର୍ମଗତ ସଦ୍‌ଭାବ ପ୍ରତିଷ୍ଠା କରିବା ସହିତ ଦେଶରେ ଶାନ୍ତି, ମୈତ୍ରୀ ଓ ଜାତୀୟ ସଂହତି ପ୍ରତିଷ୍ଠା କରିବାରେ ସଫଳ ହୋଇଛୁ ।

## ୨. ସାମାଜିକ ନ୍ୟାୟ :

ଦେଶରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ଲାଗି ଆମ ସମ୍ବିଧାନ ପ୍ରତିଶ୍ରୁତିବଦ୍ଧ । ଏ କଥା ମଧ୍ୟ ସ୍ପଷ୍ଟ ଭାବରେ ଆମ ସମ୍ବିଧାନର **'ପ୍ରସ୍ତାବନା'**ରେ ସୂଚିତ ହୋଇଅଛି । ସାମାଜିକ ଅନ୍ୟାୟ, ବୈଷମ୍ୟ ଓ ଭେଦଭାବ ଯୋଗୁଁ ଜାତୀୟ ସଂହତି ବାଧା ପ୍ରାପ୍ତ ହୁଏ । ତେଣୁ ସାମାଜିକ ନ୍ୟାୟ ପ୍ରଦାନ ଲାଗି ଯେଉଁ ବ୍ୟବସ୍ଥା ଆମ ସମ୍ବିଧାନରେ ରହିଛି, ତାହାହେଲା ସମାନତାର ଅଧିକାର ଏବଂ ସ୍ୱାଧୀନତାର ଅଧିକାର ଓ ଭ୍ରାତୃଭାବ । ଏତଦ୍‌ବ୍ୟତୀତ, ଆମ ସମାଜର ଦୁର୍ବଳ ଶ୍ରେଣୀର ବ୍ୟକ୍ତି, ଯଥା – ଅନୁସୂଚିତ ଜାତି ଓ ଜନଜାତି, ଶିଶୁ ଓ ମହିଳାମାନଙ୍କର ବିକାଶ ପାଇଁ ସମ୍ବିଧାନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଶିଶୁଶ୍ରମିକ ପ୍ରଥା ଉଚ୍ଛେଦ କରାଯାଇଛି । ମହିଳାମାନଙ୍କୁ ନିର୍ଯାତନା ବା ତାଡ଼ନାରୁ ସୁରକ୍ଷା ମିଳିଛି ।

ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କ ପାଇଁ **'ମାଗଣା ଆଇନ ସହାୟତା'** (Free Legal Aid) ର ବ୍ୟବସ୍ଥା କରାଯାଇଛି । ଶ୍ରମିକଙ୍କ ପାଇଁ ଉଚିତ ପାରିଶ୍ରମିକ ବ୍ୟବସ୍ଥା, ଅନଗ୍ରସରବର୍ଗର ଲୋକମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ ବ୍ୟବସ୍ଥାଗୁଡ଼ିକ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ସହିତ ଜାତୀୟ ସଂହତିର ସୁରକ୍ଷା କରି ପାରିଛି ।

### ଅର୍ଥନୈତିକ ବିକାଶ :

ଯେ କୌଣସି ରାଷ୍ଟ୍ରର ସମସ୍ତ ନାଗରିକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହେଲେ ଜାତୀୟ ସଂହତି ସୁଦୃଢ଼ ହୋଇଥାଏ । ଭାରତ ପରି ଏକ ବୃହତ୍‌କାୟ ରାଷ୍ଟ୍ରର ସମସ୍ତ ଅଞ୍ଚଳର ସବୁ ନାଗରିକମାନଙ୍କର ସାମୂହିକ ଆର୍ଥିକ ବିକାଶ ଏକ ଦୁରୂହ ବ୍ୟାପାର । ବିଶେଷ କରି ଇଂରେଜ ଶାସନ ସମୟରେ ଆମର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା । ସ୍ୱାଧୀନତା ପରବର୍ତ୍ତୀ ଭାରତରେ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଆମ ଦେଶର ଆର୍ଥିକ ପରିସ୍ଥିତି ସୁଧୁରିଛି । କୃଷି ଓ ଶିଳ୍ପ କ୍ଷେତ୍ରରେ ଅସାଧାରଣ ଅଗ୍ରଗତି ଘଟିଛି । ବଡ଼ ବଡ଼ କଳକାରଖାନାରେ ଲକ୍ଷାଧିକ ଶ୍ରମିକ ନିୟୋଜିତ ହେବା ଯୋଗୁଁ ସେମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇପାରିଛି । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଭାରତ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ସମାଜର ପଛୁଆ ବର୍ଗ ଓ ମହିଳାମାନେ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥାର ସୁଯୋଗ ପାଉଛନ୍ତି । ଦେଶର ଜାତୀୟ ଆୟ ତଥା ପ୍ରତ୍ୟେକ ବ୍ୟକ୍ତିଙ୍କର ମୁଣ୍ଡପିଛା ଆୟ ବୃଦ୍ଧି ପାଇଅଛି । ସରକାରଙ୍କ ଦ୍ୱାରା ଜନମଙ୍ଗଳକାରୀ ନୀତିର ପ୍ରଣୟନ ଓ ପ୍ରୟୋଗ ଯୋଗୁଁ ସମାଜରେ ଆର୍ଥିକ ବିକାଶ ଆଖିଦୃଶିଆ ହୋଇଛି, ଯାହାକି ଆମ ଦେଶରେ ଜାତୀୟ ସଂହତିର ବିକାଶ ପାଇଁ ଶୁଭଙ୍କର ହୋଇପାରିଛି ।

## ଭାରତର ଜାତୀୟ ସଂହତି ପଥରେ ଥିବା ପ୍ରତିବନ୍ଧକଗୁଡ଼ିକ କ'ଣ ?

ଭାରତରେ ଜାତୀୟ ସଂହତି ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି । ନିମ୍ନୋକ୍ତ କାରଣଗୁଡ଼ିକ ଯୋଗୁଁ ଜାତୀୟ ସଂହତି ଭାରତରେ ବାଧା ପ୍ରାପ୍ତ ହେଉଛି ।

### ୧. ବହିଃଶତ୍ରୁ ଆକ୍ରମଣ ବା ଆକ୍ରମଣର ଆଶଙ୍କା :

ଭାରତର ନିରାପତ୍ତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହେଉଛି ମୁଖ୍ୟତଃ ପଡ଼ୋଶୀ ରାଷ୍ଟ୍ର ଚୀନ୍ ଓ ପାକିସ୍ଥାନର ଭାରତ ସହିତ ଥିବା ତିକ୍ତ ସମ୍ପର୍କ ଯୋଗୁଁ । ସୀମାରେଖା ନିର୍ଦ୍ଧାରଣ କାରଣରୁ ଭାରତ ସହିତ ଏହି ଦୁଇଟି ପଡ଼ୋଶୀ ରାଷ୍ଟ୍ରର ସମ୍ପର୍କରେ ତିକ୍ତତା ରହିଛି । ଫଳରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହୋଇ ପାରୁନାହିଁ ।

### ୨. ଆନ୍ତର୍ଜାତିକ ସନ୍ତ୍ରାସବାଦ :

ଆନ୍ତର୍ଜାତିକ ସନ୍ତ୍ରାସବାଦର ଭୟଙ୍କରତା କେବଳ ଭାରତ ନୁହେଁ, ଅନ୍ୟ ବହୁ ଦେଶର ନିରାପତ୍ତା ଓ ଜାତୀୟ ସଂହତି ପ୍ରତି ବିପଦ ସୃଷ୍ଟି କରୁଛି । ଆତଙ୍କବାଦୀଙ୍କର ସୀମାପାର ଅନୁପ୍ରବେଶ ଫଳରେ ଭାରତର ଆଭ୍ୟନ୍ତରୀଣ ନିରାପତ୍ତା ବିପଦସଂକୁଳ ହୋଇଅଛି ।

### ୩. ସାମ୍ପ୍ରଦାୟିକତା :

ସାମ୍ପ୍ରଦାୟିକତା ଭାରତର ଜାତୀୟ ସଂହତି ପ୍ରତି ଏକ ଆଭ୍ୟନ୍ତରୀଣ ବିପଦ । ସାମ୍ପ୍ରଦାୟିକ ତିକ୍ତତା ଯୋଗୁଁ ଜାତୀୟ ସଂହତି ବ୍ୟାହତ ହୁଏ । ସାମ୍ପ୍ରଦାୟିକତାର ବିଭୀଷିକା ବା ଉଚ୍ଛୃଙ୍ଖଳତା ଯୋଗୁଁ ସମାଜରେ ଏକ ଅଶାନ୍ତ ପରିବେଶ ସୃଷ୍ଟିହୁଏ । ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ ଏହା ସାମୟିକ ସାମ୍ପ୍ରଦାୟିକ ବିଦ୍ୱେଷରୁ ମୁକ୍ତ ନୁହେଁ ।

ଯେତେବେଳେ ଧର୍ମର ଦ୍ୱାହି ଦେଇ କୌଣସି ଗୋଟିଏ ସମ୍ପ୍ରଦାୟକୁ ଅନ୍ୟ ଏକ ସମ୍ପ୍ରଦାୟ ବିରୋଧରେ ଉଦ୍ଦେଶ୍ୟମୂଳକ ତଥା ଅନ୍ୟାୟ ଭାବରେ ବ୍ୟବହାର କରାଯାଏ ବା ରାଷ୍ଟ୍ର ବିରୋଧରେ ବିନିଯୋଗ କରାଯାଏ, ତାହାକୁ ସାମ୍ପ୍ରଦାୟିକତା କୁହାଯାଏ । ଫଳରେ ସାମ୍ପ୍ରଦାୟିକ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥାଏ ଏବଂ ଜାତୀୟ ସଂହତି ଓ ଜାତୀୟ ଏକତା କ୍ଷୁଣ୍ଣ ହୁଏ ।

### ୪. ଆଞ୍ଚଳିକବୈଷମ୍ୟ :

ଆଞ୍ଚଳିକ ସ୍ୱାର୍ଥ ପ୍ରତି ଅଧିକ ପ୍ରାଧାନ୍ୟ ପ୍ରଦାନ ଓ ଆଞ୍ଚଳିକ ବୈଷମ୍ୟ ଜନସାଧାରଣଙ୍କ ମନକୁ ଅଶାନ୍ତ କରେ ଓ ଆଞ୍ଚଳିକବାଦକୁ ପ୍ରଶ୍ରୟ ଦିଏ, ଯାହା ଫଳରେ ବିଚ୍ଛିନ୍ନତାବାଦ ଜନ୍ମ ନିଏ । ବେଳେବେଳେ, କେତେକ ରାଜ୍ୟର ଲୋକମାନେ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଦାବି

କରନ୍ତି ଓ ଆନ୍ଦୋଳନର ପନ୍ଥା ଗ୍ରହଣ କରନ୍ତି, ଯାହାକି ଜାତୀୟ ସଂହତିର ବିରୋଧୀ ଅଟେ ।

**୫. ଜାତିଗତ ଭେଦଭାବ :**

ଉଚ୍ଚ-ନୀଚ ଜାତିଭେଦ ଭାରତର ସାମାଜିକ ବ୍ୟବସ୍ଥାକୁ ଦୋହଲାଇ ଦେଇଛି । ଫଳରେ ସମାଜରେ ଅସ୍ଥିରତା ବୃଦ୍ଧି ପାଉଛି ଏବଂ ଜାତୀୟ ସଂହତି ବାଧାପ୍ରାପ୍ତ ହେଉଛି ।

## ଭାରତରେ ଜାତୀୟ ସଂହତିର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକ କ'ଣ ?

ଭାରତରେ ଜାତୀୟ ସଂହତିର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗୁଡ଼ିକ ନିମ୍ନରେ ଆଲୋଚିତ ହୋଇଛି ।

୧. **ସମଗ୍ର ଦେଶରେ ଏକ ସୁଦୃଢ଼ ତଥା ସ୍ଥିର ଓ ସ୍ୱଚ୍ଛ ଶାସନ ବ୍ୟବସ୍ଥା** ରହିଲେ ଦେଶର ଏକତା ଅକ୍ଷୁଣ୍ଣ ରହେ । ଏକ ସ୍ଥିର ସରକାର ହିଁ ପ୍ରଗତିସୂଚକ ଓ ସଂସ୍କାରମୂଳକ ପଦକ୍ଷେପ ନେଇଥାଏ । ଲୋକମାନଙ୍କର ଅସୁବିଧା ଓ ଅଭାବକୁ ବିଶେଷ ଧ୍ୟାନ ଦେଇ ସରକାର ନୀତି ନିର୍ଦ୍ଧାରଣ କରିବା ଉଚିତ । ଏକ ଦୃଢ଼ ମନୋବଳ ଓ ରାଜନୈତିକ ଇଚ୍ଛା-ଶକ୍ତି ଥିବା ସୁଦୃଢ଼ ଓ ସ୍ଥିର ସରକାର ବାହ୍ୟ ଶତ୍ରୁ ଆକ୍ରମଣ ଓ ଆଭ୍ୟନ୍ତରୀଣ ବିଶୃଙ୍ଖଳାର ଉପଯୁକ୍ତ ମୁକାବିଲା ବା ପ୍ରତିରୋଧ କରିପାରିବ ।

୨. **ଆର୍ଥିକ ସ୍ୱଚ୍ଛତା ଓ ସୁସ୍ଥତା ଏବଂ ଅର୍ଥନୈତିକ ବିକାଶ :** ଆର୍ଥିକ ସ୍ୱଚ୍ଛତା ଓ ସୁସ୍ଥତା ଦେଶକୁ ଅଧିକ ସବଳ, ଉନ୍ନତ ଓ ବିକଶିତ କରେ ଏବଂ ଅର୍ଥନୈତିକ ତଥା ସାମାଜିକ ବୈଷମ୍ୟ ଦୂରକରେ । ଫଳରେ ଦାରିଦ୍ର୍ୟ ଲୋପପାଏ ଓ ଜାତୀୟ ସଂହତି ସୁରକ୍ଷିତ ରହେ ।

୩. **ସାମ୍ପ୍ରଦାୟିକ ସହଯୋଗ ଓ ସହନଶୀଳତା ମନୋଭାବ :** କେବଳ ଆଇନ୍ ମାଧ୍ୟମରେ ସାମ୍ପ୍ରଦାୟିକତାର ବିଭୀଷିକାକୁ ସ୍ଥାୟୀ ଭାବେ ରୋକା ଯାଇପାରିବ ନାହିଁ । ଏଥିପାଇଁ ଆବଶ୍ୟକ ସମ୍ପ୍ରଦାୟମାନଙ୍କ ମଧ୍ୟରେ **'ସହଯୋଗ'** ଓ **'ସହନଶୀଳତା'** ମନୋଭାବ ସୃଷ୍ଟି । ଧର୍ମଗତ ସଂକୀର୍ଣ୍ଣତା ଓ ଦ୍ୱେଷକୁ ସାମାଜିକ ସଚେତନତା ମାଧ୍ୟମରେ ଦୂର କରାଯାଇପାରିବ । ବ୍ୟକ୍ତିର ଉପାସନା ଓ ଧର୍ମଗତ ସ୍ୱାଧୀନତାର ସୁରକ୍ଷା ନିହାତି ଆବଶ୍ୟକ । ସେହିପରି ଜାତିଗତ ଭେଦଭାବର ବିଲୋପ ଜାତୀୟ ସଂହତିକୁ ସୁଦୃଢ଼ କରେ ।

୪. **ଗଣତାନ୍ତ୍ରିକ ମୂଲ୍ୟବୋଧ** ଦ୍ୱାରା ସମାନତା, ସାମାଜିକ ନ୍ୟାୟ ଓ ସ୍ୱାଧୀନ ମନୋଭାବର ପ୍ରସାର ଘଟେ ଏବଂ ଜାତୀୟ ଐକ୍ୟ ବା ସଂହତି ଅଧିକ ଉନ୍ନତ ଓ ବିକଶିତ ହୁଏ ।

୫. **ଉନ୍ନତମାନର ଶିକ୍ଷା ବ୍ୟବସ୍ଥା :** ପ୍ରୟୋଗାତ୍ମକ ଜ୍ଞାନର ବିକାଶ, ଶିକ୍ଷା ମାଧ୍ୟମରେ ନୈତିକ କର୍ତ୍ତବ୍ୟ ବୋଧ ସୃଷ୍ଟି, ପାଠ୍ୟକ୍ରମର ଆଧୁନିକୀକରଣ ତଥା ଦେଶାତ୍ମବୋଧ ଜାଗ୍ରତକାରୀ ପାଠ୍ୟକ୍ରମର ପ୍ରଚଳନ ଓ ବୃତ୍ତିଭିତ୍ତିକ ଶିକ୍ଷାଦାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲେ ଦେଶର ପ୍ରଗତି ଓ ଐକ୍ୟ (ସଂହତି)ର ବିକାଶ ଘଟିବ ।

୬. **ସାଂସ୍କୃତିକ ସଂହତି :** ଏହା ମାଧ୍ୟମରେ ଜାତୀୟ ସଂହତି ବୃଦ୍ଧିପାଏ । ବିଭିନ୍ନ ପ୍ରକାର ଜାତୀୟ ତଥା ଆନ୍ତଃରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜାତୀୟ ସ୍ତରରେ ଆଞ୍ଚଳିକ ସଂସ୍କୃତିକୁ ଯଥୋଚିତ ପରିଚୟ ମିଳିଲେ, ସଂସ୍କୃତିଗତ ଭେଦଭାବ ବିଲୁପ୍ତ ହେବ ଓ ଜାତୀୟ ସଂହତି ଅଧିକ ସୁଦୃଢ଼ ହେବ ।

୭. **ନିର୍ବାଚନ ବ୍ୟବସ୍ଥା** ଅବାଧ, ମୁକ୍ତ ଓ ନିରପେକ୍ଷ ହେଲେ **'ଜାତିଭିତ୍ତିକ ଭୋଟ୍‌ବ୍ୟାଙ୍କ'** ବ୍ୟବସ୍ଥାର ଦୁର୍ଗୁଣ ହ୍ରାସ ପାଇବ ଓ ଜାତୀୟ ସଂହତି ଉନ୍ନତ ହେବ ।

୮. **ସୁସ୍ଥ ରାଜନୈତିକ ପରମ୍ପରା** ଅନୁସୃତ ହେଲେ ସୁଦୃଢ଼ ଜନମତ ସୃଷ୍ଟି ହୁଏ ଓ ସରକାରରେ ସ୍ଥିରତା ଆସିଥାଏ । ଏହାର ଫଳସ୍ୱରୂପ, ସୁଶାସନ ପ୍ରତିଷ୍ଠିତ ହୁଏ । ସେଥିପାଇଁ ଆବଶ୍ୟକ, ରାଜନୈତିକ ଦଳରେ ସ୍ଥିରତା ଓ ଦଳୀୟ ନେତୃତ୍ୱର ସ୍ୱଚ୍ଛତା ଏବଂ ଚରିତ୍ରବତ୍ତା, ତଥା ଉନ୍ନତ ରାଜନୈତିକ ମୂଲ୍ୟବୋଧ, ଯାହା ଜାତୀୟ ସଂହତିର ପରିପୂରକ ।

୯. ସର୍ବଶେଷରେ ରହିଛି **ଦେଶପ୍ରେମ ଭାବ**। ଦେଶପ୍ରେମରେ ଅନୁପ୍ରାଣିତ ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ରକ୍ଷା କରିବାରେ ସମର୍ଥ ହୁଏ । ଉନ୍ନତମାନର ଶିକ୍ଷା ଓ ଆଧ୍ୟାତ୍ମିକ ଚିନ୍ତାଧାରା ମାଧ୍ୟମରେ ଦେଶପ୍ରେମଭାବ ଜାଗ୍ରତ କରାଯିବା ଉଚିତ ।

**ଉପସଂହାର :**

ଭାରତ ପରି ଏକ ବହୁ ଭାଷାଭାଷୀ, ବହୁ ଧର୍ମ ଓ ବହୁ ଜାତି ବିଶିଷ୍ଟ ରାଷ୍ଟ୍ରରେ ଜାତୀୟ ସଂହତିର ଆବଶ୍ୟକତା ନିହାତି ଜରୁରି । ଆଇନଗତ ଶୃଙ୍ଖଳା ମାଧ୍ୟମରେ ଜାତୀୟ ସଂହତି ହାସଲ କରାଯାଇ ପାରିବ ନାହିଁ । ଏଥିପାଇଁ ଜରୁରି ଗଣତାନ୍ତ୍ରିକ ପଦ୍ଧତିର ପ୍ରଚଳନ । ବଳପୂର୍ବକ ଜାତୀୟ ଏକତା ବା ଜାତୀୟ ସଂହତିର ବିକାଶ ଅସମ୍ଭବ । ସେଥିପାଇଁ ଆବଶ୍ୟକ ହେଉଛି **ଭାବାତ୍ମକ ଏକତା ଓ ସୁଦୃଢ଼ ମନୋବଳ** । **"ଏ ଦେଶ ମୋର ଓ ମୋ ନିଜ ଦେଶ ପାଇଁ ମୋର କର୍ତ୍ତବ୍ୟ ରହିଛି"** – ଏ ପ୍ରକାର ଭାବବିହ୍ୱଳତା ମନରେ ନଆସିଲେ, ଭାରତରେ **"ବିଭିନ୍ନତା ମଧ୍ୟରେ ଏକତା"** ଆଣିବା ଓ **ଜାତୀୟ ସଂହତି ବଜାୟରଖିବା** ଏକ ଦୁରୂହ ଓ କଷ୍ଟସାଧ୍ୟ ବ୍ୟାପାର ହେବ । ଏହାର ସ୍ଥାୟୀ ସମାଧାନ ନିହାତି ଜରୁରି, କିନ୍ତୁ ତାହା ସମୟ ସାପେକ୍ଷ । ବ୍ୟକ୍ତି-ଚରିତ୍ର ପରିବର୍ତ୍ତିତ ନହେଲେ ଭାରତରେ ଜାତୀୟ ସଂହତିର ଗଠନ ଓ ବିକାଶ ଅପୂରଣୀୟ ରହିବ । ସେଥିପାଇଁ ଆମେ ସମସ୍ତେ ଆଗାମୀ ପିଢ଼ି ନିକଟରେ ଉତ୍ତରଦାୟୀ ରହିବା ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତରେ ଜାତୀୟ ସଂହତି ଗଠନ ପଥରେ କି ପ୍ରତିବନ୍ଧକ ରହଛି, ତାହା ଆଲୋଚନା କର ।

(ଖ) ଭାରତରେ ଜାତୀୟ ସଂହତିର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପଗୁଡ଼ିକ ସଂକ୍ଷେପରେ ଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) ଆଞ୍ଚଳିକତା କାହିଁକି ଜାତୀୟ ସଂହତିର ଏକ ପ୍ରତିବନ୍ଧକ ? ତାହା ବୁଝାଇ ଲେଖ ।

(ଖ) ସାଂସ୍କୃତିକ ସଂହତିର କିପରି ବିକାଶ ହୋଇ ପାରିବ ?

(ଗ) 'ଜାତୀୟ ସଂହତି ପରିଷଦ' ଦ୍ୱାରା ନିର୍ଦ୍ଧାରିତ ଜାତୀୟ ସଂହତିର ଉପାଦାନ ଗୁଡ଼ିକ ସଂକ୍ଷେପରେ ଉଲ୍ଲେଖ କର ।

(ଘ) 'ଜାତୀୟ ସଂହତି ପରିଷଦ'ର ଗଠନ ଓ ମୁଖ୍ୟ ଉଦ୍ଦେଶ୍ୟ ଆଲୋଚନା କର ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କିଏ କହିଥିଲେ, 'ଜାତୀୟ ସଂହତି ଆମର ଜାତୀୟ ଲକ୍ଷ୍ୟ' ?

(ଖ) ଜାତୀୟ ସଂହତି ମୁଖ୍ୟତଃ କେତେ ପ୍ରକାରର ?

(ଗ) କେଉଁ ବର୍ଷ 'ଜାତୀୟ ସଂହତି ପରିଷଦ' ଗଠିତ ହୋଇଥିଲା ?

(ଘ) କେଉଁମାନଙ୍କ ପାଇଁ 'ମାଗଣା ଆଇନ ସହାୟତା' ବ୍ୟବସ୍ଥା ରହିଛି ?

(ଙ) ଜାତୀୟ ସଂହତିର ମୂଳ ମନ୍ତ୍ର କ'ଣ ?

(ଚ) ଆମ ଦେଶରେ 'ଧର୍ମ ନିରପେକ୍ଷତା' କହିଲେ କ'ଣ ବୁଝାଏ ?

●●

### ତୃତୀୟ ପାଠ

# ଗଣତାନ୍ତ୍ରିକ ମୂଲ୍ୟବୋଧ
# (Democratic Values)

**ଗଣତନ୍ତ୍ରର ସଂଜ୍ଞା :**

**'ଗଣତନ୍ତ୍ର'** ହେଉଛି ଇଂରାଜୀ ଶବ୍ଦ **'ଡିମୋକ୍ରାସି'** (Democracy) ର ଓଡ଼ିଆ ଭାଷାନ୍ତର । **'ଡିମୋକ୍ରାସି'** ଶବ୍ଦଟି ଆନୀତ ହୋଇଛି ଦୁଇଟି ଗ୍ରୀକ୍ ଶବ୍ଦରୁ, ଯଥା : **ଡିମୋସ୍** (Demos) ବା **ଲୋକ ବା ଜନସାଧାରଣ** ଓ **କ୍ରାଟୋସ** (Kratos) ବା **ଶାସନ ବ୍ୟବସ୍ଥା** । ତେଣୁ **ଡିମୋକ୍ରାସି** ବା **ଗଣତନ୍ତ୍ର** ହେଉଛି **'ଲୋକମାନଙ୍କର ଶାସନ ବା ସରକାର'** । ଗଣତନ୍ତ୍ର ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା, ଯାହା ସର୍ବଦା ଜନକଲ୍ୟାଣ ବା ଜନମଙ୍ଗଳ ବା ସମୂହ କଲ୍ୟାଣ ପାଇଁ ଚେଷ୍ଟା କରିଥାଏ । ଗଣତନ୍ତ୍ର ସମ୍ପର୍କରେ ଆମେରିକାର ପ୍ରାକ୍ତନ ରାଷ୍ଟ୍ରପତି **ଆବ୍ରାହାମ ଲିଙ୍କନ** ଯଥାର୍ଥରେ ଯାହା କହିଥିଲେ, ତା'ର ଓଡ଼ିଆ ଭାଷାନ୍ତର ହେଲା : **'ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସରକାର'** । (Democracy is a Government of the People, by the People and for the People) । **ଲର୍ଡ ବ୍ରାଇସ୍**ଙ୍କ ମତରେ ଗଣତନ୍ତ୍ରରେ ଶାସନ କ୍ଷମତା ନ୍ୟସ୍ତ ହୋଇଥାଏ **'ଗୋଷ୍ଠୀ ସମୁଦାୟ'** (Community) ହାତରେ ଓ ସେମାନଙ୍କର **"ସାର୍ବଭୌମ ସଂକଳ୍ପ"** (Sovereign Will) ର ପରିପ୍ରକାଶ ହୋଇଥାଏ ଗଣତାନ୍ତ୍ରିକ **ନିର୍ବାଚନ ବ୍ୟବସ୍ଥା** ମାଧ୍ୟମରେ ।

**ଗଣତନ୍ତ୍ର ଓ ଜନମତ :**

ଉଭୟ ଗଣତନ୍ତ୍ର ଓ ଜନମତ ଏକ ଓ ଅଭିନ୍ନ । **ଗେଟେଲ୍**ଙ୍କ ମତରେ, **'ଗଣତନ୍ତ୍ରରେ ଜନମତର ସାର୍ବଭୌମ କ୍ଷମତା'** ରହିଛି ।

ମାତ୍ର ସମୟ ବଦଳିବା ସହିତ ଗଣତାନ୍ତ୍ରିକ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି । ଗଣତନ୍ତ୍ରରେ **'ଜନସାଧାରଣଙ୍କର ଅଂଶଗ୍ରହଣ'**ର ଚେହେରା ଏବେ ବଦଳିଗଲାଣି । ଆଜିର ଗଣତନ୍ତ୍ରରେ ଶାସନର ଛବି କାଠି ରହିଛି କେତେକ ବ୍ୟକ୍ତି ବିଶେଷ ବା ମୁଷ୍ଟିମେୟ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ମୁଠାରେ । ସେମାନଙ୍କର ରାୟ ବା ନିଷ୍ପତ୍ତି ହେଉଛି ଆଜିର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର 'ପରିଚୟ' । ଗଣତନ୍ତ୍ରର ପରିବର୍ତ୍ତିତ ଚେହେରାକୁ ଦୃଷ୍ଟିରେ ରଖି **କାର୍ଲ ଫ୍ରେଡରିକ୍** ଦେଇଥିବା ଇଂରାଜୀ ଉକ୍ତିର ଓଡ଼ିଆ ଭାଷାନ୍ତର ହେଲା, **"ପରିସ୍ଥିତି ଭିନ୍ନ ହେଲେ ଗଣତନ୍ତ୍ରର ଆଭିମୁଖ୍ୟ ଭିନ୍ନ ହୁଏ"** । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଦୃଷ୍ଟିକୋଣରୁ ଗଣତନ୍ତ୍ରକୁ ବୁଝିଥାଆନ୍ତି ।

**ଗଣତାନ୍ତ୍ରିକ ଚିନ୍ତାଧାରାର କ୍ରମବିକାଶ :**

ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ସଂଗଠିତ ଜନମତରୁ ଗଣତନ୍ତ୍ରର ସୃଷ୍ଟି । **ଜନଚେତନା** ଓ **ବୌଦ୍ଧିକ ଚେତନା**ର ମିଶ୍ରଣରୁ ଜନ୍ମନିଏ ଆଜିର ଗଣତାନ୍ତ୍ରିକ ଚିନ୍ତାଧାରା । ସମ୍ରାଟଙ୍କ ଅଖଣ୍ଡ ଆଧିପତ୍ୟକୁ ଜନସାଧାରଣ ଗ୍ରହଣ କରିବାକୁ ଅନିଚ୍ଛୁକ ହେବାରୁ ପୃଥିବୀରେ ତିନିଗୋଟି **'ଜନ ବିପ୍ଳବ'** ଜନ୍ମ ନେଲା । ଲୋକମାନେ ଦାବି କଲେ **'ସମାନତା, ସ୍ୱତନ୍ତ୍ରତା ଓ ନ୍ୟାୟ ।'** ଇଂଲାଣ୍ଡର ୧୬୮୮ ମସିହାର **'ଗ୍ଲୋରିୟସ ରିଭଲ୍ୟୁସନ୍'**, ୧୭୭୬ ମସିହାର **ଆମେରିକାର ସ୍ୱାଧୀନତା ସଂଗ୍ରାମ** ଓ ୧୭୮୯ ମସିହାର **ଫରାସୀ ବିପ୍ଳବ** ବିଶ୍ୱ-ଇତିହାସକୁ ଓଲଟ ପାଲଟ

କରିଦେଲା । ଅସୀମ ରାଜତନ୍ତ୍ରର ସମାଧିରୁ ଜନ୍ମନେଲା ଗଣତନ୍ତ୍ର । ଏହା ମାତ୍ର ୪୦୦ ବର୍ଷ ତଳର କଥା । ଜନସାଧାରଣଙ୍କ ଦାବି ପୂରଣ ହେଲା ଓ ସେମାନେ ପାଇଲେ **'ସାର୍ବଭୌମ ଶାସନ କ୍ଷମତା'**। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜନସାଧାରଣ ଏକଥା ସ୍ପଷ୍ଟ ବୁଝିପାରିଲେ ଯେ, କ୍ଷମତାର ଦୁଇଟି ଉତ୍ସ-ଯଥା : **ଜନମତ** ଓ **ଜନସମ୍ମତି** ହେଉଛି ଗଣତନ୍ତ୍ରର ଭିତ୍ତିଭୂମି।

### ଗଣତନ୍ତ୍ର କାହିଁକି ଆମର ବେଶୀ ପସନ୍ଦ ?

ଏହାର କାରଣଗୁଡ଼ିକ ହେଲା :

(କ) ଗଣତନ୍ତ୍ର ହେଉଛି ଜନମତ ସମର୍ଥିତ ଏକ ସରକାର ।

(ଖ) ଏହା ଏକ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ।

(ଗ) ଏହା ଲୋକପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ଏକ ସରକାର ବା ଶାସନ ବ୍ୟବସ୍ଥା।

(ଘ) ବିଳମ୍ବରେ ହେଲେ ବି ଗଣତନ୍ତ୍ରରେ ସମସ୍ତ ନିଷ୍ପତ୍ତି ଆଲୋଚନା ଓ ବିତର୍କ ମାଧ୍ୟମରେ ନିଆଯାଏ ।

(ଙ) ଏହା ଜନସ୍ୱାର୍ଥ ଜଡ଼ିତ ଏକ ସରକାର ।

(ଚ) ଏହା ଏକ ଶିକ୍ଷଣୀୟ ଶାସନ ବ୍ୟବସ୍ଥା, ଯାହାକି ଜନସାଧାରଣଙ୍କୁ ରାଜନୈତିକ ନେତୃତ୍ୱ ଓ ଦାୟିତ୍ୱ ସଂପର୍କରେ ଶିକ୍ଷିତ କରିଥାଏ ।

(ଛ) ଗଣତନ୍ତ୍ରରେ ସୃଷ୍ଟି ହେଉଥିବା ଭେଦଭାବ ଓ କନ୍ଦଳର ସମାଧାନ କେବଳ ଏକ ଶାନ୍ତ ପରିବେଶରେ ଆଲୋଚନା ମାଧ୍ୟମରେ ସମ୍ଭବ ହୁଏ ।

(ଜ) ଗଣତନ୍ତ୍ରରେ କେହି ସର୍ବଦା ଲାଭ ବା କ୍ଷତି ସହନ୍ତି ନାହିଁ ।

(ଝ) ଗଣତନ୍ତ୍ରରେ ବ୍ୟକ୍ତି-ଅଧିକାର, ସମାନତା, ଓ ବ୍ୟକ୍ତି – ମର୍ଯ୍ୟାଦା ସୁରକ୍ଷିତ ରହେ ।

### ଗଣତନ୍ତ୍ରରେ ନିର୍ବାଚନ ବ୍ୟବସ୍ଥା :

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ମାଧ୍ୟମରେ ଜନସାଧାରଣ ସେମାନଙ୍କର ଲୋକ-ପ୍ରତିନିଧିମାନଙ୍କୁ ଚୟନ କରନ୍ତି । **ଏକ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ସାବାଳକ ମତଦାନଭିତ୍ତିକ ନିର୍ବାଚନ ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ମୂଳଦୁଆ** । ନିର୍ବାଚିତ ଲୋକ-ପ୍ରତିନିଧିମାନେ **'ମତଦାତା'**ଙ୍କ ନିକଟରେ ବାସ୍ତବରେ ଉତ୍ତରଦାୟୀ ।

### ମୂଲ୍ୟବୋଧଭିତ୍ତିକ ଗଣତନ୍ତ୍ରର ଆବଶ୍ୟକ ଉପାଦାନ :

ଗୋଟିଏ ମୂଲ୍ୟବୋଧଭିତ୍ତିକ ଗଣତନ୍ତ୍ରର ନିମ୍ନୋକ୍ତ ଆବଶ୍ୟକ ଉପାଦାନଗୁଡ଼ିକ ହେଲା :

(କ) ସଚ୍ଚୋଟ ଓ ଚରିତ୍ରବାନ୍ ଲୋକପ୍ରତିନିଧି ଚୟନ ବ୍ୟବସ୍ଥା ।

(ଖ) ମୁକ୍ତ ଓ ସ୍ୱାଧୀନ ତଥା ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା ।

(ଗ) ନିରପେକ୍ଷ ଓ ସ୍ୱାଧୀନ ନ୍ୟାୟପାଳିକା ବ୍ୟବସ୍ଥା ।

(ଘ) ନିରପେକ୍ଷ ତଥା ସ୍ୱାଧୀନ ଗଣମାଧ୍ୟମ ବ୍ୟବସ୍ଥା ।

(ଙ) ସାମାଜିକ ଓ ଅର୍ଥନୈତିକ ବିକାଶ।

(ଚ) ଆଇନର ଶାସନ।

(ଛ) ଜନସାଧାରଣଙ୍କର ରାଜନୈତିକ ପ୍ରକ୍ରିୟାରେ ଅବାଧ ସହଯୋଗ ।

(ଜ) ସମସ୍ତଙ୍କର ନିର୍ଭୀକ ଅଭିମତ ବ୍ୟକ୍ତ କରିବାର ସ୍ୱାଧୀନତା ।

(ଝ) ମତଦାତାମାନଙ୍କୁ ନିର୍ବାଚନରେ ବିବେକାନୁମୋଦିତ ତଥା ନିର୍ଭୀକ ମତଦାନର ସୁଯୋଗ ପ୍ରଦାନ ।

(ଞ) ସମ୍ବିଧାନସମ୍ମତ ଅଧିକାରଗୁଡ଼ିକ ସମସ୍ତ ବ୍ୟକ୍ତି ଉପଭୋଗ କରିବାର ବ୍ୟବସ୍ଥା ।

(ଟ) ରାଜନୈତିକ ବିରୋଧ ଭାବ ପ୍ରତି ସହନଶୀଳତା ।

(ଠ) ସ୍ୱେଚ୍ଛାକୃତ ଭାବେ ଆଇନ ପାଳନ କରିବାର ମନୋଭାବ ।

(ଡ) ଦେଶ ପାଇଁ ସ୍ୱାର୍ଥ ତ୍ୟାଗ ଓ ଦେଶପ୍ରେମ ପ୍ରଦର୍ଶନ ।

(ଢ) ବ୍ୟକ୍ତି-ମର୍ଯ୍ୟାଦାର ସୁରକ୍ଷା ଲାଗି ପ୍ରଚେଷ୍ଟା ।

(ଣ) ଭେଦଭାବଶୂନ୍ୟ ସମାଜ ପ୍ରତିଷ୍ଠା ।

(ତ) ନ୍ୟାୟିକ, ପ୍ରଶାସନିକ ଓ ବ୍ୟବସ୍ଥାପିକା ବିଭାଗର ଉତ୍ତରଦାୟିତ୍ୱ ।

## ଗଣତାନ୍ତ୍ରିକ ଜୀବନଧାରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ :

ଗଣତନ୍ତ୍ର ଏକ ଜୀବନଧାରା । ଏକ ସୁସ୍ଥ ରାଜନୈତିକ ତଥା ଗଣତାନ୍ତ୍ରିକ ଜୀବନଶୈଳୀ ଗଠନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ-ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱଭଳି । ଜଣେ ବ୍ୟକ୍ତି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଏକ ଅଂଶ ହୋଇ ରହିବା ବଡ଼କଥା ନୁହେଁ, ମାତ୍ର ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ ରଖି ସେହି ଅନୁସାରେ ନିଜର ଚାଲିଚଳଣି, ଆଚାର-ବ୍ୟବହାର ତଥା ଆତ୍ମବିଶ୍ୱାସକୁ ଗଣତାନ୍ତ୍ରିକ ଢାଞ୍ଚାରେ ପରିବର୍ତ୍ତିତ କରିପାରିଲେ, ଗଣତନ୍ତ୍ରକୁ ସଫଳତା ମିଳିପାରିବ ।

(କ) ଗଣତନ୍ତ୍ରରେ ରାଜନୈତିକ ବିରୋଧଭାବ ରହିବା ସ୍ୱାଭାବିକ । ସଂଖ୍ୟାଗରିଷ୍ଠ ଗୋଷ୍ଠୀ ସର୍ବଦା ସଂଖ୍ୟାଲଘୁ ଗୋଷ୍ଠୀଙ୍କ ମତାମତକୁ ସମ୍ମାନ ଜଣାଇବା ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ଅସ୍ତିସୂଚକ ମନୋଭାବ । ଏହାଦ୍ୱାରା ଗଣତନ୍ତ୍ର ସ୍ଥାୟୀ ହୁଏ ।

(ଖ) ବିରୋଧୀ ଗୋଷ୍ଠୀଙ୍କର ସମାଲୋଚନା ପ୍ରତି ସରକାରଙ୍କର ସର୍ବଦା ଏକ ସହନଶୀଳ ମନୋଭାବ ରହିବା ଗଣତନ୍ତ୍ର ପ୍ରତି ଶୁଭଙ୍କର । ମାତ୍ର ବିରୋଧୀ ଗୋଷ୍ଠୀଙ୍କର ସମାଲୋଚନା ସର୍ବଦା 'ଅସ୍ତି ସୂଚକ' ବା 'ଗଠନମୂଳକ' ହେବା ଉଚିତ ।

(ଗ) ବନ୍ଧୁତ୍ୱ ତଥା ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ କରିବା ସର୍ବଦା ଏକ ଗ୍ରହଣୀୟ ଗଣତାନ୍ତ୍ରିକ ମୂଲ୍ୟବୋଧ ।

(ଘ) ଗଣତାନ୍ତ୍ରିକ ମୂଲ୍ୟବୋଧ ଦ୍ୱାରା ଦେଶପ୍ରେମ ମନୋଭାବ ଜାଗ୍ରତ ହୋଇଥାଏ ।

(ଙ) ନାଗରିକମାନଙ୍କର **'ନୈତିକ ମୂଲ୍ୟବୋଧ'** ସେମାନଙ୍କର ବୌଦ୍ଧିକ ଜ୍ଞାନର ପରିସର ବୃଦ୍ଧିକରେ । ଗଣତାନ୍ତ୍ରିକ ମୂଲ୍ୟବୋଧ କହିଲେ, ବିଜ୍ଞତା, ବିଚାର ଶକ୍ତି, ବୁଦ୍ଧି, ସାମୂହିକସ୍ୱାର୍ଥ, ସାର୍ବଜନୀନ ସୁଖ, ନାଗରିକମାନଙ୍କର ସଚେତନତା ବୃଦ୍ଧି ଓ ଗଣ-ଉଦ୍ଦୀପନାକୁ ବୁଝାଏ । ସେହିପରି ଭେଦଭାବର ବିଲୋପ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଦ୍‌ଜୀବିତ କରେ ।

(ଛ) ନାଗରିକ-ବ୍ୟକ୍ତିଚରିତ୍ର, ଯଥା-ସତ୍ୟବାଦିତା, ସଙ୍କୋଚପଣିଆ, ସ୍ପଷ୍ଟବାଦିତା, ସଚେତନତା, ଚରିତ୍ରବତ୍ତା, ନିରପେକ୍ଷତା, ସାଧୁତା, ତଥା ଦୁର୍ନୀତି-ବିରୋଧୀ ମନୋଭାବ ଦ୍ୱାରା ଗଣତାନ୍ତ୍ରିକ ମୂଲ୍ୟବୋଧ ସୁନିଶ୍ଚିତ ହୁଏ ।

(ଜ) ସେହିପରି ନାଗରିକର **'ସଜାଗପଣିଆ'** ଓ **'ରାଜନୈତିକ ସକ୍ରିୟତା'** ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବହୁଗୁଣିତ କରେ ।

(ଝ) ଗଣତନ୍ତ୍ରରେ 'ଭୀରୁତା'ର ସ୍ଥାନ ନାହିଁ । ଭୀରୁତା ହେଉଛି ଆତ୍ମମର୍ଯ୍ୟାଦା ବିରୋଧୀ । ସାହସିକତା ହେଉଛି ଗଣତନ୍ତ୍ରର ମୂଳମନ୍ତ୍ର ଏବଂ ଏହାକୁ ବାଦ୍‌ଦେଲେ ଗଣତନ୍ତ୍ର ବଞ୍ଚିପାରିବ ନାହିଁ ।

(ଞ) ଅନ୍ୟ ଏକ ଗଣତାନ୍ତ୍ରିକ ମୂଲ୍ୟବୋଧ ହେଲା **'ଜନ ସହଯୋଗ'**। ଜନସ୍ୱାର୍ଥ ବିରୋଧୀ ଗଣତାନ୍ତ୍ରିକ ସରକାରକୁ ସଦା ଜାଗ୍ରତ, ସଚେତନ ତଥା ଦାୟିତ୍ୱବାନ ନାଗରିକ ସର୍ବଦା **'ପ୍ରତିବାଦ'** ଓ **'ପ୍ରତିରୋଧ'** ମାଧ୍ୟମରେ ଠିକ୍ ବାଟରେ ଚାଲିବାକୁ ବାଧ୍ୟକରେ । ମାତ୍ର ପ୍ରତିବାଦ ଓ ପ୍ରତିରୋଧ ସର୍ବଦା ଶାନ୍ତିପୂର୍ଣ୍ଣ ଓ ସମୂହ-ସ୍ୱାର୍ଥ ଜଡ଼ିତ ହେବା ବାଞ୍ଛନୀୟ । **ଗାନ୍ଧିଜୀଙ୍କ 'ସତ୍ୟାଗ୍ରହ', 'ଆଇନ ଅମାନ୍ୟ'** ତଥା **'ଅସହଯୋଗ ଆନ୍ଦୋଳନ', ଜୟପ୍ରକାଶ ନାରାୟଣଙ୍କ 'ସାମଗ୍ରିକ ଆନ୍ଦୋଳନ'** ଇତ୍ୟାଦି ଗଣତାନ୍ତ୍ରିକ ପ୍ରତିବାଦ ତଥା ପ୍ରତିରୋଧର ଜ୍ୱଳନ୍ତ ଉଦାହରଣ ।

(ଠ) ଅନ୍ୟ ଗୋଟିଏ ଗଣତାନ୍ତ୍ରିକ ମୂଲ୍ୟବୋଧ ହେଲା, ପ୍ରତ୍ୟେକ ନାଗରିକଙ୍କର **'ଜାଣିବାର ଅଧିକାର'** ବା **'ସୂଚନା ଅଧିକାର'**। **ପ୍ରଶାସନିକ ଗୋପନୀୟତା ଦୁର୍ନୀତିକୁ ପ୍ରୋତ୍ସାହନ ଦେଇଥାଏ** । ତେଣୁ **'ମୁକ୍ତ-ଶାସନ'** ବା **'ମୁକ୍ତ-ସରକାର'** ବା **'ସ୍ୱଚ୍ଛ ଶାସନ'** ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରେ ।

> *ତୁମେ ଜାଣିଛ କି ?*
>
> ***୨୦୦୫ ମସିହାରେ ଭାରତରେ ସୂଚନା ଅଧିକାର ଆଇନ (RTI Act) ପ୍ରଣୀତ ହୋଇଅଛି ।***

ମାନବାଧିକାରର ସୁରକ୍ଷା, ଇଚ୍ଛାଶକ୍ତି, ଦେଶପ୍ରେମ, ଆଇନମାନ୍ୟତା, ଦେଶସେବା ଓ କର୍ତ୍ତବ୍ୟପରାୟଣତା ଇତ୍ୟାଦି ଗଣତାନ୍ତ୍ରିକ ମୂଲ୍ୟବୋଧର କେତେଗୋଟି ବହୁମୂଲ୍ୟ ଉପାଦାନ ।

ସର୍ବଶେଷରେ, ଗଣତାନ୍ତ୍ରିକ ମୂଲ୍ୟବୋଧର ଅନ୍ୟ ଏକ ଦିଗ ହେଲା, ନିର୍ବାଚନ ପ୍ରକ୍ରିୟାରେ ସାମିଲ୍ହୋଇ ନିର୍ଭୀକଭାବରେ ନିଜର ସ୍ୱାଧୀନ ତଥା ନିରପେକ୍ଷ **'ମତଦାନ'** କରିବା । **'ସ୍ୱଷ୍ଟ ଜନାଦେଶ'** ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରେ ।

ସେହିପରି, ଗଣତାନ୍ତ୍ରିକ ମୂଲ୍ୟବୋଧର ଅନ୍ୟ ଏକ ଦିଗ ହେଲା ସମାଜରୁ ଦୁର୍ନୀତିର ମୂଳ ଉତ୍ପାଟନ କରିବା। ସେଥିପାଇଁ ଆବଶ୍ୟକ ଦୃଢ଼ ମନୋବଳ, **ନାଗରିକ ସମାଜ** (Civil Society) ର ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ।

## ଗଣତନ୍ତ୍ରର ଅନ୍ୟ ବିକଳ୍ପ ଅଛି କି ?

ଏହା ଏକ ଜଟିଳ ପ୍ରଶ୍ନ, ଯାହାର ଉତ୍ତର ପାଇବା ସେତେ ସହଜ ନୁହେଁ । ଗୋଲାପ ଫୁଲଟି କଣ୍ଟାଯୁକ୍ତ ହେଲେ ବି ନିଜର ସୁଗନ୍ଧ ପାଇଁ ସର୍ବତ୍ର ଆଦରଣୀୟ । **ଲର୍ଡ ବ୍ରାଇସ୍ଙ୍କ** ଯୁକ୍ତିରେ, **"ଯଦି ଗଣତନ୍ତ୍ର ଦୋଷଯୁକ୍ତ, ତେବେ କେଉଁ ସରକାରଟି ଉତ୍ତମ ?" ବର୍ଣ୍ଣସ୍ଙ୍କ** ଯୁକ୍ତିହେଲା, "ଯଦି ମୋଟରଗାଡ଼ି ଅଚଳ ହୁଏ, ତେବେ ବଳଦଗାଡ଼ି ଯେତେ ସୁଦୃଶ୍ୟ ହେଲେବି ତାକୁ ପୁଣି ବ୍ୟବହାର କରିବା ଏକ ବୋକାମିର ପରିଚୟ ।"

ଗଣତନ୍ତ୍ରରେ ନିଷ୍ପତ୍ତି ନେବାର ପ୍ରକ୍ରିୟା ଧୀର ଓ ମନ୍ଥର ହେଲେ ବି ଏହା ଏକ **'ଦାୟିତ୍ୱସଂପନ୍ନ'** ତଥା **'ଉତ୍ତରଦାୟୀ' ସରକାର,** ଯାହାର କୌଣସି ବିକଳ୍ପ ନାହିଁ । ଏକଛତ୍ରବାଦ ଗଣତନ୍ତ୍ରର ବିକଳ୍ପ ନୁହେଁ । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଦ୍‌ଜୀବିତ କରିବା ସହିତ ଗଣତନ୍ତ୍ରର ଦୋଷ ଓ ଦୁର୍ବଳତାକୁ ସୁଧାରି ପାରିଲେ ଗଣତନ୍ତ୍ରର ବିକଳ୍ପ ଖୋଜିବା ଅନାବଶ୍ୟକ ।

## ଭାରତରେ ପ୍ରଚଳିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ।

୧. ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ଭାରତରେ ପ୍ରଚଳିତ ହେଲା ନୂତନ ସମ୍ବିଧାନ । ସେହିଦିନ ଠାରୁ ଭାରତ ଏକ **"ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର"** ରାଷ୍ଟ୍ରର ପରିଚୟ ପାଇଲା । ଦେଶରେ ଗଣତନ୍ତ୍ର ଶାସନ ବ୍ୟବସ୍ଥା

ପ୍ରତିଷ୍ଠିତ ହେଲା । ଏହାର ନିଦର୍ଶନ ସ୍ୱରୂପ ୧୯୫୨ ମସିହାରେ ଦେଶରେ ପ୍ରଥମ ଥର ପାଇଁ ଏକ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭହେଲା ଏବଂ ସାବାଳକ ମତଦାନ ବ୍ୟବସ୍ଥା ଜରିଆରେ ଦେଶର ପ୍ରଥମ ଲୋକସଭା ଓ ପ୍ରତି ରାଜ୍ୟରେ ବିଧାନସଭା ଗଠିତ ହେଲା । ୨୦୦୯ ମସିହା ସୁଦ୍ଧା ଦେଶରେ ପନ୍ଦରଥର ସାଧାରଣ ନିର୍ବାଚନ ସରିଲାଣି ଓ ପଞ୍ଚଦଶ ଲୋକସଭା ୨୦୦୯ ମସିହାରେ ଗଠିତ ହୋଇଅଛି । ବିଭିନ୍ନ ସମୟରେ ରାଜ୍ୟମାନଙ୍କରେ ନିର୍ବାଚନ ମାଧ୍ୟମରେ ବିଧାନସଭାମାନ ପୁନର୍ଗଠିତ ହୋଇଅଛି । ଅବାଧ ଓ ମୁକ୍ତ ନିର୍ବାଚନ ପ୍ରକ୍ରିୟାର ସୁରକ୍ଷା ଦାୟିତ୍ୱ ରହିଛି **'ନିର୍ବାଚନ ଆୟୋଗ'**ଙ୍କ ହାତରେ ।

୨. ସେହିପରି ୧୯୯୩ ମସିହାରେ ସମ୍ବିଧାନର ୭୩ ତମ ଓ ୭୪ ତମ ସମ୍ବିଧାନ ସଂଶୋଧନ ଆଇନ ସଂସଦରେ ଗୃହୀତ ହେବାପରେ **'ପଞ୍ଚାୟତିରାଜ'** ଓ **'ନଗରପାଳିକା'** ବ୍ୟବସ୍ଥାଦ୍ୱୟ ଏକ ନୂତନ ଧାରାରେ କାର୍ଯ୍ୟକାରୀ ହେଉଅଛି ଏବଂ ନିର୍ବାଚନ ମାଧ୍ୟମରେ ଲୋକପ୍ରତିନିଧିମାନଙ୍କୁ ନିର୍ବାଚିତ କରାଯାଇ **ପଞ୍ଚାୟତିରାଜ** ଓ **ନଗରପାଳିକା** ଅନୁଷ୍ଠାନଗୁଡ଼ିକ ପୁନର୍ଗଠିତ ହୋଇଛି ।

୩. ସମ୍ବିଧାନର ତୃତୀୟ ଭାଗରେ ଧାରା ୧୨ ରୁ ଧାରା ୩୫ ମଧ୍ୟରେ ପ୍ରଦତ୍ତ **ଛଅଗୋଟି** ମୌଳିକ ଅଧିକାର ସମସ୍ତ ଭାରତୀୟ ନାଗରିକ ଏବେ ଉପଭୋଗ କରୁଛନ୍ତି । ଏହି ଅଧିକାରଗୁଡ଼ିକ ନ୍ୟାୟାଳୟ ଦ୍ୱାରା ସୁରକ୍ଷିତ ।

୪. ସମୁଚିତ ନ୍ୟାୟ ପ୍ରଦାନ ଲାଗି ଭାରତରେ ଗୋଟିଏ ତ୍ରି-ସ୍ତରୀୟ ନ୍ୟାୟପାଳିକା ବ୍ୟବସ୍ଥା ରହିଛି, ଯାହା ସମ୍ବିଧାନ ସ୍ୱୀକୃତ । **ଉଚ୍ଚତମ ନ୍ୟାୟାଳୟ (ସୁପ୍ରିମ କୋର୍ଟ)** ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଓ ଦେଶର ନ୍ୟାୟପାଳିକା ବ୍ୟବସ୍ଥାର ଶୀର୍ଷରେ ଅବସ୍ଥିତ । ଆମ ଦେଶରେ ବର୍ତ୍ତମାନ ( ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ସମେତ ) ସର୍ବମୋଟ ୨୧ ଗୋଟି ରାଜ୍ୟସ୍ତରୀୟ ଉଚ୍ଚ ନ୍ୟାୟାଳୟ କାର୍ଯ୍ୟରତ । ଜିଲ୍ଲାସ୍ତରରେ କାର୍ଯ୍ୟ କରୁଛନ୍ତି ଏକାଧିକ ନିମ୍ନ-ଅଦାଲତ । ନ୍ୟାୟ ପ୍ରଦାନ କରିବା ପରି ଏକ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତୀକ ହେଉଛନ୍ତି ଆମର ସ୍ୱାଧୀନ ତଥା ନିରପେକ୍ଷ ନ୍ୟାୟପାଳିକା ।

୫. ପ୍ରତ୍ୟେକ **ସାବାଳକ ଭାରତୀୟ ନାଗରିକ** (୧୮ ବର୍ଷରୁ ଅଧିକ ବୟସ୍କ)ମାନଙ୍କର ଅବାଧ **ମତଦାନ ଅଧିକାର** ରହିଛି ଓ ସେମାନେ ନିର୍ବାଚନ ମାଧ୍ୟମରେ ଏହି ଅଧିକାର ଉପଭୋଗ କରି ନିଜର ମତଦାନ ସାବ୍ୟସ୍ତ କରିଆସୁଛନ୍ତି ।

୬. ଭାରତରେ **'ଧର୍ମ ନିରପେକ୍ଷତା'** ପାଳନ କରାଯିବା ପାଇଁ ପ୍ରତି ନାଗରିକଙ୍କୁ ସମ୍ବିଧାନ ସ୍ୱୀକୃତ **'ଧର୍ମଗତ ସ୍ୱାଧୀନତା ଓ ଉପାସନା'** ର ଅଧିକାର ମିଳିଛି ।

୭. **ସମାନତାର ଅଧିକାର** ବ୍ୟବସ୍ଥାରେ ସମସ୍ତ ପ୍ରକାର ସାମାଜିକ ଅସମାନତାକୁ ଦୂର କରାଯାଇଛି । କେବଳ ସେତିକି ନୁହେଁ, ସମାଜର ଦୁର୍ବଳ ଶ୍ରେଣୀର ବ୍ୟକ୍ତି, ଶିଶୁ ଓ ମହିଳାମାନଙ୍କର ଅଧିକାରର ସୁରକ୍ଷା ଲାଗି ବିହିତ ଆଇନଗତ ବ୍ୟବସ୍ଥା କରାଯାଇଛି ।

୮. **ସମ୍ବାଦପତ୍ର ଓ ଗଣମାଧ୍ୟମ** ଜରିଆରେ ପ୍ରତ୍ୟେକ ବ୍ୟକ୍ତିଙ୍କର ସ୍ୱାଧୀନ ଅଭିମତ ପ୍ରକାଶ କରିବାର ଅଧିକାର ରହିଛି ।

୯. **ଶାସନରେ ସ୍ୱଚ୍ଛତା** ଆଣିବା ପାଇଁ ଭାରତର

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଇନ ମାଧ୍ୟମରେ ପ୍ରଦାନ କରାଯାଇଛି **'ସୂଚନା ଅଧିକାର'**, ଯାହା ଫଳରେ ସରକାରଙ୍କ ପାଖରୁ ସମସ୍ତ ସୂଚନା ମିଳିପାରିବାର ଆଇନଗତ ବ୍ୟବସ୍ଥା ରହିଛି । ଏହି ଅଧିକାରର ସଫଳ ରୂପାୟନ ପାଇଁ **'କେନ୍ଦ୍ରୀୟ ସୂଚନା ଆୟୋଗ ବା କମିଶନ'** ଓ ପ୍ରତି ରାଜ୍ୟରେ **'ରାଜ୍ୟ ସୂଚନା ଆୟୋଗ ବା କମିଶନ'** ଗଠନ କରାଯାଇଛି ।

୧୦. **ଶିକ୍ଷା ଅଧିକାର ଆଇନ** ଜରିଆରେ ଛଅ ବର୍ଷରୁ ଚଉଦ ବର୍ଷ ମଧ୍ୟରେ ସମସ୍ତ ବାଳକ ଓ ବାଳିକାମାନଙ୍କୁ ମାଗଣା ଶିକ୍ଷାଦାନ ବ୍ୟବସ୍ଥାକୁ ଆଇନ ସମ୍ମତ କରାଯାଇଛି ।

୧୧. **'ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ'**ର ସଫଳ ରୂପାୟନ ଯୋଗୁଁ ଭାରତରେ ଏକ ଜନମଙ୍ଗଳ କାରକ ରାଷ୍ଟ୍ରର ପରିକଳ୍ପନା ସାକାର ହୋଇପାରିଛି ।

୧୨. ବହୁ-ଦଳୀୟ ରାଜନୈତିକ ବ୍ୟବସ୍ଥା ମାଧ୍ୟମରେ ଭାରତରେ ଏକାଧିକ **ଜାତୀୟ ରାଜନୈତିକ ଦଳ** ଓ **ଆଞ୍ଚଳିକ ରାଜନୈତିକ ଦଳ** ଆମ ଦେଶରେ ପ୍ରଚଳିତ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସକ୍ରିୟ ଓ ସଫଳ କରାଇବାରେ ସମର୍ଥ ହୋଇଛନ୍ତି ।

## ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ରହିଛି କି ?

ସମ୍ପ୍ରତି ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ଦ୍ରୁତଗତିରେ ଘଟୁଛି । ଏହା ଏକ ଶୁଭ ଲକ୍ଷଣ ନୁହେଁ । କେନ୍ଦ୍ର ଓ ରାଜ୍ୟ ସରକାରରେ ଅସ୍ଥିରତା ଦିନକୁ ଦିନ ବଢ଼ି ଚାଲିଛି । ଦୁର୍ନୀତି, ସରକାରଙ୍କ ଅପାରଗତା, ନିର୍ବାଚନରେ ଭଗ୍ନ-ଜନାଦେଶ, ରାଜନୈତିକ ହିଂସା, ଦେଶ ସେବା ଓ ଦେଶଭକ୍ତିର ଅଭାବ, ବେକାରି, ନିରକ୍ଷରତା, ଦାରିଦ୍ର୍ୟ, ସଂସ୍କୃତିର ଅବକ୍ଷୟ ଓ ଅପସଂସ୍କୃତିର ଅନୁପ୍ରବେଶ, ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଇତ୍ୟାଦି କେତେକ କାରଣ ଭାରତୀୟ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ପାଇଁ ସଂପୂର୍ଣ୍ଣ ଭାବରେ ଦାୟୀ ।

ଏବେ ସମୟ ଆସିଛି, ଆତ୍ମନିରୀକ୍ଷଣ କରିବା ପାଇଁ । ଆମର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଅଧିକ ଉନ୍ନତ ଓ ସୁଦୃଢ଼ କରିବାକୁ ହେବ । ସେଥିପାଇଁ ଆବଶ୍ୟକ ହେଉଛି—ନାଗରିକଙ୍କ ସାଧୁତା, ରାଜନେତା ଓ କର୍ମଚାରୀଙ୍କ ସଚ୍ଚୋଟପଣିଆ, ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ, ନିଃସ୍ୱାର୍ଥ ଦେଶସେବା ଓ ଦେଶ ପାଇଁ ତ୍ୟାଗ ବା ଆତ୍ମୋତ୍ସର୍ଗ, ରାଜନୈତିକ ଇଚ୍ଛାଶକ୍ତିର ଅଭିବୃଦ୍ଧି ଓ ସର୍ବୋପରି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ ଏବଂ ଆତ୍ମବିଶ୍ୱାସର ଦୃଢ଼ତା ।

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଭାରତରେ ପ୍ରଚଳିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସଂପର୍କରେ ସଂକ୍ଷେପରେ ଲେଖ ।

(ଖ) ମୂଲ୍ୟବୋଧଭିତ୍ତିକ ଗଣତନ୍ତ୍ରର ଆବଶ୍ୟକ ଉପାଦାନଗୁଡ଼ିକ ସୂଚିତ କର ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦରେ ଲେଖ ।**

(କ) 'ଡିମୋକ୍ରାସି' ଶବ୍ଦର ତାତ୍ପର୍ଯ୍ୟ କ'ଣ ?

(ଖ) ଗଣତନ୍ତ୍ର ସମ୍ପର୍କରେ ଆବ୍ରାହମ୍ ଲିଙ୍କନଙ୍କ ଉକ୍ତିଟି ଆଲୋଚନା କର ।

(ଗ) ଗଣତନ୍ତ୍ର କାହିଁକି ସମସ୍ତଙ୍କର ପସନ୍ଦ, ତାହା ବୁଝାଇ ଲେଖ ।

(ଘ) ଗଣତାନ୍ତ୍ରିକ ଜୀବନଧାରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ କାହିଁକି ଅଭିନ୍ନ ? ଏହାର କାରଣ ଲେଖ ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କିଏ କହିଥିଲେ, 'ଗଣତନ୍ତ୍ରରେ ଜନମତର ସାର୍ବଭୌମ କ୍ଷମତା ରହିଛି" ?

(ଖ) ୧୬୮୮ ମସିହାରେ ଇଂଲାଣ୍ଡରେ ଘଟିଥିବା ଜନବିପ୍ଳବର ନାମ ଲେଖ ।

(ଗ) ଗଣତନ୍ତ୍ରର ଦୁଇଟି ଭିତ୍ତିଭୂମିର ନାମ ଲେଖ ।

(ଘ) ନିର୍ବାଚିତ ଲୋକ ପ୍ରତିନିଧି କେଉଁମାନଙ୍କ ନିକଟରେ ବାସ୍ତବରେ ଉତ୍ତରଦାୟୀ ?

(ଙ) ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚାଳିତ ଦୁଇଟି 'ପ୍ରତିବାଦ' ଆନ୍ଦୋଳନର ନାମ ଲେଖ ।

(ଚ) ୭୩ତମ ସମ୍ବିଧାନ ସଂଶୋଧନ ଆଇନ କେଉଁ ବର୍ଷ ସଂସଦରେ ଗୃହୀତ ହୋଇଥିଲା ?

(ଛ) ଭାରତରେ 'ସାବାଳକ ମତଦାତା' କହିଲେ କେଉଁମାନଙ୍କୁ ବୁଝାଏ ?

(ଜ) ମୌଳିକ ଅଧିକାର ସମ୍ବିଧାନର କେଉଁ ଧାରାରେ ବର୍ଣ୍ଣିତ ହୋଇଅଛି ?

*ତୁମ ପାଇଁ କାମ :*

*ତୁମ ବିଦ୍ୟାଳୟରେ ଚାଲୁଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଅନିୟମତା ରହୁଛି । ତୁମେ ଜଣେ ସଚେତନ ନାଗରିକ ହିସାବରେ ସେ ସଂପର୍କରେ ଆବଶ୍ୟକ ସୂଚନା ପାଇବା ପାଇଁ ପ୍ରଧାନ ଶିକ୍ଷକଙ୍କ ଜରିଆରେ ମଣ୍ଡଳ ଉନ୍ନୟନ ଅଧିକାରୀ (ବି.ଡି.ଓ)ଙ୍କ ନିକଟକୁ ନିର୍ଦ୍ଦିଷ୍ଟ ଫର୍ମରେ ଦରଖାସ୍ତ ଲେଖ ।*

●●

## ଚତୁର୍ଥ ଅଧ୍ୟାୟ

# ସଂଯୁକ୍ତ ରାଷ୍ଟ୍ରସଂଘ : ଗଠନ ଓ କାର୍ଯ୍ୟାବଳୀ, ଭାରତ ଓ ସଂଯୁକ୍ତ ରାଷ୍ଟ୍ରସଂଘ

# (United Nations : Structure and Functions, India and the United Nations)

୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା । ଏହି ବିଶ୍ୱଯୁଦ୍ଧର ବିଭୀଷିକା ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିଲା । ପରମାଣୁ ବୋମା ବ୍ୟବହୃତ ହୋଇଥିବା ଏହି ବିଶ୍ୱଯୁଦ୍ଧରେ ମୃତାହତଙ୍କ ସଂଖ୍ୟା ଓ ବ୍ୟାପକ କ୍ଷୟକ୍ଷତି ବିଶ୍ୱବାସୀଙ୍କ କଳ୍ପନାର ବାହାରେ ଥିଲା । ଯୁଦ୍ଧପରେ ସମସ୍ତ ବିଶ୍ୱବାସୀ ଏହା ଉପଲବ୍ଧି କଲେ ଯେ ଭବିଷ୍ୟତରେ ଯେପରି ତୃତୀୟ ବିଶ୍ୱଯୁଦ୍ଧ ଆଉ ନ ହେଉ ଓ ପୃଥିବୀରେ ଶାନ୍ତି ଓ ମୈତ୍ରୀ ପୁନଃ ପ୍ରତିଷ୍ଠିତ ହେଉ । ଏହି ଲକ୍ଷ୍ୟ ନେଇ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୟୀ ଓ ବିଜିତ ରାଷ୍ଟ୍ରମାନେ ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପ୍ରଚେଷ୍ଟା ଆରମ୍ଭ କଲେ । ବିଶେଷ କରି **'ମିତ୍ର-ଶକ୍ତି'ର** ନେତୃତ୍ୱ ନେଇଥିବା ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଓ ସୋଭିଏତ୍ ରୁଷ୍ ରାଷ୍ଟ୍ରତ୍ରୟ ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କଲେ ଓ ଆନ୍ତର୍ଜାତିକ ସ୍ତରରେ ଏକ ସୁଦୃଢ଼ ସଂଗଠନର ଆବଶ୍ୟକତା ଅନୁଭବ କଲେ ।

### ସଂଯୁକ୍ତ ରାଷ୍ଟ୍ରସଂଘ ଗଠନ ପାଇଁ ଉଦ୍ୟମ ଆରମ୍ଭ :

ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲୁଥିବା ସମୟରେ **ମିତ୍ର-ଶକ୍ତିର** ରାଷ୍ଟ୍ରମୁଖ୍ୟମାନେ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ରଣ କୌଶଳ ସ୍ଥିର କରିବା ପାଇଁ ବହୁବାର ବୈଠକରେ ମିଳିତ ହୋଇଥିଲେ । ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆନ୍ତର୍ଜାତିକ ସ୍ତରରେ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା ପାଇଁ ଏକ ବିଶ୍ୱସ୍ତରୀୟ ସଂଗଠନ ପ୍ରତିଷ୍ଠା କରିବା ।

ଏ ଦିଗରେ ପ୍ରଥମ ପଦକ୍ଷେପ ଥିଲା **"ଆଟ୍‌ଲାଣ୍ଟିକ୍ ସନନ୍ଦ"** (Atlantic Charter) । ବିଶ୍ୱଯୁଦ୍ଧ ଚାଲୁଥିବା ସମୟରେ ୧୯୪୧ ମସିହା ଅଗଷ୍ଟ ୧୪ ତାରିଖ ଦିନ ଉତ୍ତର ଆଟଲାଣ୍ଟିକ ମହାସାଗରରେ ଥିବା ଏକ ଯୁଦ୍ଧ ଜାହାଜରେ ତଦାନୀନ୍ତନ ଆମେରିକାର ରାଷ୍ଟ୍ରପତି ଫ୍ରାଙ୍କ୍‌ଲିନ୍ ରୁଜ୍‌ଭେଲ୍‌ଟ ଓ ବ୍ରିଟିଶ ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ମିଳିତହୋଇ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆଠ ଦଫା ସମ୍ବଳିତ **"ଆଟ୍‌ଲାଣ୍ଟିକ୍ ସନନ୍ଦ"** ଜାରିକଲେ । ଏହି ସନନ୍ଦରେ ବାକ୍‌ସ୍ୱାଧୀନତା ଓ ଧର୍ମଗତ ସ୍ୱାଧୀନତା, ଅବାଧ ଜଳଯାତ୍ରା, ନିରାପତ୍ତା ଓ ନିରସ୍ତ୍ରୀକରଣ ଏବଂ ଆନ୍ତର୍ଜାତିକ ଶାନ୍ତି ଓ ସହଯୋଗ ପ୍ରତିଷ୍ଠା ସମ୍ପର୍କରେ ଘୋଷଣା କରାଯାଇଥିଲା ।

**ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀ** ଥିଲା ଏହି ବିଶ୍ୱ ସଂଗଠନ ପ୍ରତିଷ୍ଠା ଦିଗରେ ଏକ ଚୂଡ଼ାନ୍ତ ପଦକ୍ଷେପ । ୧୯୪୫ ମସିହା ଅପ୍ରେଲ ୨୫ ତାରିଖ ଠାରୁ ଜୁନ୍ ୨୬ ତାରିଖ ମଧ୍ୟରେ ୫୧ ଗୋଟି ରାଷ୍ଟ୍ରର ପ୍ରତିନିଧିମାନେ ଯୁକ୍ତରାଷ୍ଟ୍ର ଆମେରିକାର **ସାନ୍‌ଫ୍ରାନ୍‌ସିସ୍‌କୋ** ସହରରେ ଏକ ସମ୍ମିଳନୀରେ ମିଳିତ ହୋଇ **'ସଂଯୁକ୍ତ ରାଷ୍ଟ୍ରସଂଘ'** ଗଠନ ନିମନ୍ତେ ଚୂଡ଼ାନ୍ତ **'ସନନ୍ଦ'** (Charter) ପ୍ରସ୍ତୁତ କଲେ, ଯାହାକି **ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦ** (United Nations Charter) ନାମରେ ସମଗ୍ର ବିଶ୍ୱରେ ସୁପରିଚିତ । ସର୍ବଶେଷରେ ସେହି ବର୍ଷ ଜୁନମାସ ୨୬ ତାରିଖ ଦିନ ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦରେ ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀରେ ଉପସ୍ଥିତଥିବା ୫୧ଟି ରାଷ୍ଟ୍ରର ୧୯୨ ଜଣ

***ସମଗ୍ର ଭାରତର ବିଭିନ୍ନ ଭାଷାରେ League of Nations କୁ ମିଳିତ ଜାତିସଂଘ ଓ United Nations କୁ ସଂଯୁକ୍ତ ରାଷ୍ଟ୍ରସଂଘର ପରିଭାଷା ଦିଆଯାଇଛି ।***

ପ୍ରତିନିଧି ସ୍ୱାକ୍ଷର ପ୍ରଦାନକରି ଏହି ସନନ୍ଦକୁ ସ୍ୱୀକୃତି ପ୍ରଦାନ କଲେ । ଫଳରେ **୧୯୪୫ ମସିହା ଅକ୍ଟୋବର ମାସ ୨୪ ତାରିଖଦିନ ସଂଯୁକ୍ତ ରାଷ୍ଟ୍ରସଂଘ ଜନ୍ମନେଲା** । ଏହି ଦିନଟି ପ୍ରତିବର୍ଷ **"ସଂଯୁକ୍ତ ରାଷ୍ଟ୍ରସଂଘ ଦିବସ"** (United Nations Day) ରୂପେ ପାଳନ କରାଯାଉଛି । ସମ୍ପ୍ରତି ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ କାର୍ଯ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର **ନିୟୁୟର୍କ** ସହରରେ ଅବସ୍ଥାପିତ । ଏ ଅବଧି ୨୦୧୧ ମସିହା ସୁଦ୍ଧା, ପୃଥିବୀର ୧୯୩ଟି ରାଷ୍ଟ୍ର ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ଅଛନ୍ତି ।

'ସଂଯୁକ୍ତ ରାଷ୍ଟ୍ରସଂଘ'ର ସନନ୍ଦ ସର୍ବମୋଟ ୧୦,୦୦୦ **ଶବ୍ଦ ସମ୍ବଳିତ** । ଏହି ସନନ୍ଦରେ ରହିଛି **୧୧୧ଟି ଧାରା, ଓ ଏହା ୧୯ ଗୋଟି ଅଧ୍ୟାୟରେ ବିଭକ୍ତ । ଏହି ସନନ୍ଦ ପାଞ୍ଚଗୋଟି ଭାଷା,** ଯଥା – **ଫରାସୀ, ଋଷୀୟ, ଚୀନ, ଇଂରାଜୀ ଓ ସ୍ପେନୀୟ** ଭାଷାରେ ଲିଖିତ ।

ସଂଯୁକ୍ତ ରାଷ୍ଟ୍ରସଂଘର ନିଜର **ସ୍ୱତନ୍ତ୍ର ପତାକା** ଅଛି ।



**(ସଂଯୁକ୍ତ ରାଷ୍ଟ୍ରସଂଘର ପତାକା)**

> *ତୁମେ ଜାଣିଛ କି ?*
>
> ***ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରଥମ ଅଧିବେଶନ ୧୯୪୬ ମସିହା ଜୁନମାସ ୧୦ ତାରିଖଦିନ ଲଣ୍ଡନ ସହରରେ ବସିଥିଲା ।***

### ସଂଯୁକ୍ତ ରାଷ୍ଟ୍ରସଂଘର ଲକ୍ଷ୍ୟ :

ସନନ୍ଦର ପ୍ରଥମ ଅଧ୍ୟାୟର ପ୍ରଥମ ଧାରାରେ ବର୍ଣ୍ଣିତ ସଂଯୁକ୍ତ ରାଷ୍ଟ୍ରସଂଘର ଲକ୍ଷ୍ୟଗୁଡ଼ିକ ନିମ୍ନ ପ୍ରକାରର ଅଟେ ।

୧. ପୃଥିବୀରେ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଯୁଦ୍ଧ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ।

୨. ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବା ସହିତ ସହଯୋଗ ଓ ସୁସମ୍ପର୍କ ବଜାୟ ରଖିବା ।

୩. ଆନ୍ତର୍ଜାତିକ ସ୍ତରରେ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ତଥା ମାନବିକ ସମ୍ପର୍କ ବୃଦ୍ଧି କରିବା ।

୪. ଦାରିଦ୍ର୍ୟ, ନିରକ୍ଷରତା ଓ ବ୍ୟାଧି ଦୂରୀକରଣ ସହିତ ଦେଶ ଦେଶ ମଧ୍ୟରେ ଶିକ୍ଷା ଓ ସଂସ୍କୃତିର ବିକାଶ ଦିଗରେ ଚେଷ୍ଟା କରିବା ।

୫. ଜାତି, ଲିଙ୍ଗ,ଭାଷା ଓ ଧର୍ମ ନିର୍ବିଶେଷରେ ମାନବାଧିକାର ଓ ମୌଳିକ ଅଧିକାର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଏହାର ସୁରକ୍ଷା ଦିଗରେ ସମସ୍ତ ରାଷ୍ଟ୍ରମାନଙ୍କୁ ଉତ୍ସାହିତ କରିବା ।

### ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟପଦ :

ସନନ୍ଦର ତୃତୀୟ ଧାରା ଅନୁସାରେ ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ମୁଖ୍ୟତଃ **ଦୁଇଟି** ଶ୍ରେଣୀର; ଯଥା:– (କ) ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀରେ ଯୋଗ ଦାନକରି ସନନ୍ଦରେ ପ୍ରଥମେ ସ୍ୱାକ୍ଷର ପ୍ରଦାନ କରିଥିବା ୫୧ ଗୋଟି ରାଷ୍ଟ୍ର ହେଲେ **'ମୂଳ ସଦସ୍ୟ'** (ORIGINAL MEMBERS); (ଖ) ପରବର୍ତ୍ତୀ ସମୟରେ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟପଦ ଗ୍ରହଣ କରିଥିବା ଅନ୍ୟ ରାଷ୍ଟ୍ରମାନେ ।

### ନୂତନ ସଦସ୍ୟପଦ ଗ୍ରହଣ :

ସନନ୍ଦର ଚତୁର୍ଥ ଧାରା ଅନୁସାରେ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟପଦ ସମସ୍ତ ଶାନ୍ତିପ୍ରେମୀ ରାଷ୍ଟ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁ ରାଷ୍ଟ୍ରମାନେ ସନନ୍ଦର ସମସ୍ତ ନୀତି ନିୟମକୁ ମାନି ଚଳିବାକୁ ପ୍ରତିଶ୍ରୁତିବଦ୍ଧ ।

ନିରାପତ୍ତା ପରିଷଦର ଅନୁମୋଦନ କ୍ରମେ, ସନନ୍ଦର ବ୍ୟବସ୍ଥାକୁ ମାନିଚଳିବାକୁ ପ୍ରତିଶ୍ରୁତିବଦ୍ଧ ରାଷ୍ଟ୍ରମାନଙ୍କୁ **'ସାଧାରଣ ସଭା'** (General Assembly) ର ଅନୁମତି ମିଳିବା ପରେ ସଂଯୁକ୍ତ ରାଷ୍ଟ୍ରସଂଘର ନୂତନ ସଦସ୍ୟ ରୂପେ ଗ୍ରହଣ କରାଯାଇ ପାରିବ ।

**ସଦସ୍ୟପଦରୁ ବହିଷ୍କାର ବ୍ୟବସ୍ଥା :**

ନିରାପତ୍ତା ପରିଷଦର ଅନୁମୋଦନ କ୍ରମେ ସନନ୍ଦର ବ୍ୟବସ୍ଥାକୁ ବାରମ୍ବାର ଭଙ୍ଗ କରୁଥିବା ଯେ କୌଣସି ରାଷ୍ଟ୍ରକୁ **'ସାଧାରଣସଭା'**, ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟପଦରୁ ବହିଷ୍କାର କରିଥାଆନ୍ତି ।

**ସଂଯୁକ୍ତ ରାଷ୍ଟ୍ରସଂଘର ଛଅଗୋଟି ମୁଖ୍ୟ ଅଙ୍ଗ ଓ ଛଅଗୋଟି ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକର ନାମ ନିମ୍ନରେ ପ୍ରଦତ୍ତ ହୋଇଅଛି :**

**(କ) ମୁଖ୍ୟ ଅଙ୍ଗ :**

(୧) **ସାଧାରଣ ସଭା** (General Assembly)

(୨) **ନିରାପତ୍ତା ପରିଷଦ** (Security Council)

(୩) **ନ୍ୟାସ ପରିଷଦ** (Trusteeship Council)

(୪) **ଅର୍ଥନୈତିକ ଓ ସାମାଜିକ ପରିଷଦ** (Economic and Social Council)

(୫) **ଆନ୍ତର୍ଜାତିକ ନ୍ୟାୟାଳୟ** (International Court of Justice)

(୬) **ସଚିବାଳୟ** (Secretariat)

**(ଖ) ସ୍ୱତନ୍ତ୍ର ସଂସ୍ଥା (Specialised Agencies) :**

(୧) ଶ୍ରମିକ କଲ୍ୟାଣ ସାଧନ ପାଇଁ **ଆନ୍ତର୍ଜାତିକ ଶ୍ରମ ସଂଗଠନ** [International Labour Organisation (ILO)]

(୨) କୃଷିର ବିକାଶ ପାଇଁ **ଖାଦ୍ୟ ଓ କୃଷି ସଂଗଠନ** (Food and Agriculture Organisation) (F.A.O)

(୩) ବାଣିଜ୍ୟ-ବ୍ୟବସାୟ ପାଇଁ **ଆନ୍ତର୍ଜାତିକ ବ୍ୟାପାର ସଂଗଠନ** (UNCTAD)

(୪) ଶିକ୍ଷାର ଉନ୍ନତି ସାଧନ ପାଇଁ **ଆନ୍ତର୍ଜାତିକ ଶିକ୍ଷା, ବିଜ୍ଞାନ ଏବଂ ସାଂସ୍କୃତିକ ସଂଗଠନ** (UNESCO)

(୫) ଶିଶୁ କଲ୍ୟାଣ ପାଇଁ **ଆନ୍ତର୍ଜାତିକ ଶିଶୁ କଲ୍ୟାଣ ଜରୁରିକାଳୀନ ପାଣ୍ଠି** (UNICEF)

(୬) ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ **ବିଶ୍ୱସ୍ୱାସ୍ଥ୍ୟ ସଂଗଠନ** (World Health Organisation) (WHO)

**ସାଧାରଣ ସଭା (General Assembly) :**

ସଂଯୁକ୍ତ ରାଷ୍ଟ୍ରସଂଘର ଛଅ ଗୋଟି ଅଙ୍ଗ ମଧ୍ୟରୁ **ସାଧାରଣ ସଭା** ଅନ୍ୟତମ । ସାଧାରଣସଭାକୁ **'ପୃଥିବୀର ପଞ୍ଚାୟତ'** (Town Meeting of the World) ର ଆଖ୍ୟା ମିଳିଛି; କାରଣ ଏହି ସଭାରେ ସଂଯୁକ୍ତ ରାଷ୍ଟ୍ରସଂଘର ସମସ୍ତ ସଦସ୍ୟ-ରାଷ୍ଟ୍ରର ପ୍ରତିନିଧିମାନେ ଆଲୋଚନା ଓ ବିତର୍କ ମାଧ୍ୟମରେ ବିଭିନ୍ନ ଆନ୍ତର୍ଜାତିକ ସମସ୍ୟାର ସମାଧାନ କରିଥାଆନ୍ତି ।

ପ୍ରତ୍ୟେକ ସଦସ୍ୟ-ରାଷ୍ଟ୍ରଏହି ସାଧାରଣ ସଭାକୁ **ପାଞ୍ଚଜଣ** ଲେଖାଏଁ ପ୍ରତିନିଧି ପଠାଇଥାଆନ୍ତି । କିନ୍ତୁ ପ୍ରତି ସଦସ୍ୟ ରାଷ୍ଟ୍ରର ମାତ୍ର ଗୋଟିଏ **'ଭୋଟ'** ଦେବାର ଅଧିକାର ରହିଛି । ସଂଯୁକ୍ତ ରାଷ୍ଟ୍ରସଂଘର ପରିସରଭୁକ୍ତ ସମସ୍ତ ବିଷୟ ଏହି ସଭାରେ ଆଲୋଚିତ ହୋଇଥାଏ ।

ସାଧାରଣ ସଭା ପ୍ରତି ବର୍ଷ ଗୋଟିଏ ଥର ବୈଠକରେ ମିଳିତ ହୁଏ । ଆବଶ୍ୟକ ହେଲେ, ଜରୁରି ଅଧିବେଶନ ମଧ୍ୟ ଡକାଯାଇଥାଏ । ପ୍ରତିବର୍ଷ ସାଧାରଣ ସଭାର ସଭାପତି (ଅଧ୍ୟକ୍ଷ) ଗୋପନୀୟ ମତଦାନ ପଦ୍ଧତି ଅନୁସାରେ ଏକ ବର୍ଷ ପାଇଁ ସାଧାରଣସଭାର ସଦସ୍ୟ-ରାଷ୍ଟ୍ର ମାନଙ୍କର ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ସଭାପତିଙ୍କୁ ବାଦଦେଲେ ଅନ୍ୟ ୧୭ ଜଣ ନିର୍ବାଚିତ ଉପସଭାପତି (ଉପାଧ୍ୟକ୍ଷ) ବିଶ୍ୱର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିତ୍ୱ କରନ୍ତି ।

ଜରୁରି ପରିସ୍ଥିତି ଉପୁଜିଲେ ୨୪ ଘଣ୍ଟା ସମୟ ମଧ୍ୟରେ ସାଧାରଣ ସଭା ଜରୁରି ବୈଠକରେ ମିଳିତ ହୋଇଥାଏ । ସାଧାରଣ ସଭାର **ସାତଗୋଟି କମିଟି** ଅଛି । ସେହି କମିଟିଗୁଡ଼ିକ ହେଲା : (୧) **ରାଜନୈତିକ ଏବଂ ନିରାପତ୍ତା କମିଟି**, (୨) **ଅର୍ଥନୈତିକ କମିଟି**, (୩) **ସାମାଜିକ ସଂସ୍ଥା ଓ ସାଂସ୍କୃତିକ କମିଟି**, (୪) **ନ୍ୟାସ କମିଟି**, (୫) **ପ୍ରଶାସନିକ ଓ ବଜେଟ୍ କମିଟି**, (୬) **ଆଇନଗତ କମିଟି**, (୭) **ସ୍ୱତନ୍ତ୍ର-ରାଜନୈତିକ କମିଟି** ।

**ସାଧାରଣସଭାରେ କିପରି ନିଷ୍ପତ୍ତି ନିଆଯାଏ ?**

(କ) ସମସ୍ତ ସରଳ ଓ ସହଜ ସମସ୍ୟାର ସମାଧାନ ସାଧାରଣସଭାର ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କର **ସାଧାରଣ ସଂଖ୍ୟାଗରିଷ୍ଠ** (୫୦% + ୧) ମତ ବା ସମର୍ଥନ ଅନୁସାରେ ହୋଇଥାଏ ।

(ଖ) ଅନ୍ୟ ସମସ୍ତ ଜରୁରି ବା ଗୁରୁତର ସମସ୍ୟାର ସମାଧାନର ନିଷ୍ପତ୍ତି ଉପସ୍ଥିତ ସମସ୍ତ ସଦସ୍ୟଙ୍କର **ଦୁଇ–ତୃତୀୟାଂଶ ସଂଖ୍ୟାଗରିଷ୍ଠ** ସମର୍ଥନରେ ନିଆଯାଏ । ତେବେ, ସଂକ୍ଷେପରେ କହିଲେ, ସାଧାରଣ ସଭାରେ ସମସ୍ତ ନିଷ୍ପତ୍ତି କେବଳ **'ଭୋଟ ଦାନ'** ବା **'ମତଦାନ'** ମାଧ୍ୟମରେ ନିଆଯାଏ ।

**ସାଧାରଣସଭାର ମୁଖ୍ୟ କାର୍ଯ୍ୟାବଳୀ ନିମ୍ନୋକ୍ତ ପାଞ୍ଚ ପ୍ରକାରର, ଯଥା :**

**(କ) ଆଲୋଚନା ବା ବିତର୍କମୂଳକ କାର୍ଯ୍ୟ ।**

**(ଖ) ପର୍ଯ୍ୟବେକ୍ଷଣ ସମ୍ପର୍କିତ କାର୍ଯ୍ୟ ।**

**(ଗ) ଅର୍ଥ ସମ୍ପର୍କିତ କାର୍ଯ୍ୟ ।**

**(ଘ) ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ।**

**(ଙ) ସନନ୍ଦ ସଂଶୋଧନ ସମ୍ପର୍କିତ କାର୍ଯ୍ୟ ।**

**ପ୍ରୋକ୍ତ କାର୍ଯ୍ୟାବଳୀର ସଂକ୍ଷିପ୍ତ ବର୍ଣ୍ଣନା ନିମ୍ନରେ ପ୍ରଦତ୍ତ ହେଲା :**

**(କ) ଆଲୋଚନା ବା ବିତର୍କମୂଳକ କାର୍ଯ୍ୟ** – ସାଧାରଣ ସଭାରେ ସଂଯୁକ୍ତ ରାଷ୍ଟ୍ରସଂଘ ପରିସରଭୁକ୍ତ ସମସ୍ତ ବିଷୟ ଉପରେ ବିତର୍କ ବା ଆଲୋଚନା କରାଯାଇଥାଏ । ଅତୀତରେ ଗ୍ରୀସ୍, ପାଲେଷ୍ଟାଇନ, କୋରିଆ, ହଙ୍ଗେରୀ, ଭାରତ-ପାକିସ୍ତାନ ବିବାଦ, ସୁଏଜ୍ କେନାଲ ସଂକଟ, ନିରସ୍ତ୍ରୀକରଣ, ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ଇତ୍ୟାଦି ସମସ୍ୟାଗୁଡ଼ିକ ସାଧାରଣ ସଭାରେ ବିସ୍ତୃତ ଭାବରେ ଆଲୋଚିତ ହୋଇଅଛି ।

**(ଖ) ନ୍ୟାସ ପରିଷଦର କାର୍ଯ୍ୟକୁ ସାଧାରଣସଭା** ତଦାରଖ କରେ । ସଂଯୁକ୍ତ ରାଷ୍ଟ୍ରସଂଘରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ ସମ୍ପର୍କିତ ନିୟମାବଳୀ ସାଧାରଣସଭାରେ ଅନୁମୋଦିତ ହୋଇଥାଏ । ସଂଯୁକ୍ତ ରାଷ୍ଟ୍ରସଂଘର ବିଭିନ୍ନ ସ୍ୱତନ୍ତ୍ର ସଂସ୍ଥା, ଯଥା, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ଆନ୍ତର୍ଜାତିକ ଶ୍ରମ ସଂଗଠନ ଓ ଖାଦ୍ୟ ଓ କୃଷି ସଂଗଠନ, ଆନ୍ତର୍ଜାତିକ ମୁଦ୍ରା ସଂସ୍ଥାର କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରେ ସାଧାରଣ ସଭା ।

(ଗ) **ଅର୍ଥ ସମ୍ପର୍କିତ କାର୍ଯ୍ୟ :** ସାଧାରଣ ସଭାରେ ସଂଯୁକ୍ତ ରାଷ୍ଟ୍ରସଂଘର ବାର୍ଷିକ ଆୟବ୍ୟୟର ଅଟକଳ (ବଜେଟ୍) ଅନୁମୋଦିତ ହୋଇଥାଏ ।

(ଘ) **ନିର୍ବାଚନ ସମ୍ପର୍କିତ କାର୍ଯ୍ୟ :**

ସାଧାରଣ ସଭାର ସଦସ୍ୟମାନଙ୍କ ଦ୍ୱାରା ନିରାପତ୍ତା ପରିଷଦର ୧୦ ଜଣ ଅସ୍ଥାୟୀ ସଦସ୍ୟ, ଅର୍ଥନୈତିକ ଓ ସାମାଜିକ ପରିଷଦର ୧୮ ଜଣ ସଦସ୍ୟ, ଓ ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତି ବୃନ୍ଦ ନିର୍ବାଚିତ ହୋଇଥାନ୍ତି ।

ନିରାପତ୍ତା ପରିଷଦର ପରାମର୍ଶ କ୍ରମେ ସାଧାରଣ ସଭାର ଅନୁମୋଦନ ସହିତ ସଂଯୁକ୍ତ ରାଷ୍ଟ୍ରସଂଘର **ମହାସଚିବ** ନିଯୁକ୍ତ ହୁଅନ୍ତି ।

(ଙ) **ସନନ୍ଦ ସଂଶୋଧନ ସମ୍ପର୍କିତ କାର୍ଯ୍ୟ :**

ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦର ଆବଶ୍ୟକ ସଂଶୋଧନ ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବ ସାଧାରଣ ସଭାର ଦୁଇ–ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଓ ନିରାପତ୍ତା

ପରିଷଦର ସମସ୍ତ ସ୍ଥାୟୀ ସଦସ୍ୟଙ୍କ ଅନୁମୋଦନ (Ratification) ସହିତ ଗୃହୀତ ହେବାପରେ କାର୍ଯ୍ୟକାରୀ ହୁଏ ।

## ନିରାପତ୍ତା ପରିଷଦ :

**ନିରାପତ୍ତା ପରିଷଦ** ହେଉଛି ସଂଯୁକ୍ତ ରାଷ୍ଟ୍ରସଂଘର କାର୍ଯ୍ୟପାଳିକା ଅଙ୍ଗ । ସନନ୍ଦର ଧାରା ୨୩ ଅନୁସାରେ ୧୯୬୬ ଜାନୁୟାରୀ ୧ ତାରିଖଠାରୁ ନିରାପତ୍ତା ପରିଷଦରେ ସର୍ବମୋଟ ପନ୍ଦର ଗୋଟି ରାଷ୍ଟ୍ର ସଦସ୍ୟ ରହିଛନ୍ତି । ସେମାନଙ୍କ ମଧ୍ୟରୁ **ପାଞ୍ଚ ଗୋଟି ରାଷ୍ଟ୍ର ସ୍ଥାୟୀ** (Permanent) ସଦସ୍ୟ ଓ **ଦଶ ଗୋଟି ରାଷ୍ଟ୍ର ଅସ୍ଥାୟୀ** (Non-Permanent) ସଦସ୍ୟ । **ପାଞ୍ଚଗୋଟି ସ୍ଥାୟୀ ସଦସ୍ୟ** ରାଷ୍ଟ୍ର ହେଲେ – **ଯୁକ୍ତରାଷ୍ଟ୍ର ଆମେରିକା, ଇଂଲାଣ୍ଡ, ଫ୍ରାନ୍‌ସ, ରୁଷିଆ ଓ ଚୀନ୍ । 'ଏମାନେ ବୃହତ୍, ଶକ୍ତି'** (Big Powers) ନାମରେ ପରିଚିତ । ଅନ୍ୟ ଦଶ ଗୋଟି ଅସ୍ଥାୟୀ ସଦସ୍ୟ ରାଷ୍ଟ୍ର ପ୍ରତି ଦୁଇ ବର୍ଷ ପାଇଁ ସାଧାରଣ ସଭା ଦ୍ୱାରା ନିର୍ବାଚିତ ହୁଅନ୍ତି । ଆପାତତଃ ବିଶ୍ୱର ସମସ୍ତ ଅଞ୍ଚଳକୁ ସମାନ ପ୍ରତିନିଧିତ୍ୱ ମିଳିବା ପାଇଁ ଏପରି ଦ୍ୱି-ବାର୍ଷିକ ନିର୍ବାଚନ ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଭାରତ ଦୁଇ ବର୍ଷ ପାଇଁ ଅସ୍ଥାୟୀ ସଦସ୍ୟ ରୂପେ କାର୍ଯ୍ୟ କରିଅଛି । ବର୍ତ୍ତମାନ ଭାରତ ଗୋଟିଏ ସ୍ଥାୟୀ ସଦସ୍ୟ ପଦ ପାଇବା ପାଇଁ ଚେଷ୍ଟା କରୁଅଛି । ନିରାପତ୍ତା ପରିଷଦର ଜଣେ ଅଧ୍ୟକ୍ଷ ଅଛନ୍ତି । ମାତ୍ର ଅଧ୍ୟକ୍ଷ ପଦବୀ ସଦସ୍ୟ ରାଷ୍ଟ୍ରମାନଙ୍କର ନାମର ପ୍ରଥମ ଅକ୍ଷର ଅନୁସାରେ ପ୍ରତି ମାସରେ ଗୋଟିଏ ଗୋଟିଏ ରାଷ୍ଟ୍ରକୁ ମିଳିଥାଏ । ତେଣୁ ଅଧ୍ୟକ୍ଷ ପଦବୀ ଘୂର୍ଣ୍ଣାୟମାନ (Rotational) ।

## ନିରାପତ୍ତା ପରିଷଦରେ ଭୋଟ୍ ବା ମତଦାନ ପ୍ରଣାଳୀ :

ନିରାପତ୍ତା ପରିଷଦରେ ସମସ୍ତ ନିଷ୍ପତ୍ତି 'ଭୋଟ୍' ବା 'ମତ'ଦାନ ପ୍ରଣାଳୀରେ ନିଆଯାଏ । ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ରଙ୍କର ଗୋଟିଏ ଲେଖାଏଁ ଭୋଟ ରହିଛି । ନିରାପତ୍ତା ପରିଷଦରେ ଦୁଇଟି ପ୍ରଣାଳୀରେ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ । ପ୍ରଥମଟି ହେଲା – **ନିୟମ ବା ପଦ୍ଧତି** ସମ୍ପର୍କିତ (Procedural Matters) ଓ ଦ୍ୱିତୀୟଟି ହେଲା, **ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସମ୍ପର୍କିତ** (Substantial Matters)।

## ଭିଟୋ (veto) ବ୍ୟବସ୍ଥା କ'ଣ ?

ଯେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ସମ୍ପର୍କିତ ସମସ୍ୟା ନିରାପତ୍ତା ପରିଷଦର ନିଷ୍ପତ୍ତି ପାଇଁ ବିଚାରକୁ ଆସେ, ସେତେବେଳେ ପାଞ୍ଚ ଜଣ ସ୍ଥାୟୀ ସଦସ୍ୟଙ୍କ ସମେତ ନଅ ଜଣ ସଦସ୍ୟଙ୍କ ସମର୍ଥନ ନିଶ୍ଚିତ ଭାବେ ଆବଶ୍ୟକ । ଯଦି କେହି ଜଣେ ସ୍ଥାୟୀ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ନ ଦିଅନ୍ତି, ତେବେ ସେ କ୍ଷେତ୍ରରେ **'ଭିଟୋ'** ପ୍ରୟୋଗ ହେଲା ବୋଲି ବୁଝିବାକୁ ହେବ । ଏହା ସ୍ଥାୟୀ ସଦସ୍ୟ ରାଷ୍ଟ୍ରଙ୍କର ଏକ **ସ୍ୱତନ୍ତ୍ର ସୁବିଧା** (Privilege) । କୌଣସି ସ୍ଥାୟୀ ସଦସ୍ୟ ଭୋଟଦାନ ସମୟରେ ଅନୁପସ୍ଥିତ ରହିଲେ, ତାହା 'ଭିଟୋ' (Veto) ବୋଲି ଗଣାଯାଏ ନାହିଁ । ତେଣୁ 'ଭିଟୋ' କ୍ଷମତା କେବଳ ଉପସ୍ଥିତ ରହି ଜାହିର କରାଯାଏ । ଏହାର ତାତ୍ପର୍ଯ୍ୟ ହେଲା ଯେ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ପାଞ୍ଚ ଜଣଯାକ ସ୍ଥାୟୀ ସଦସ୍ୟଙ୍କ **'ସହମତି'**ର ଆବଶ୍ୟକତା ଅଛି । ବିଶ୍ୱଶାନ୍ତି ପ୍ରତିଷ୍ଠା ନିରାପତ୍ତା ପରିଷଦର ପ୍ରଥମ ଦାୟିତ୍ୱ । ଦେଶଦେଶ ମଧ୍ୟରେ ଯୁଦ୍ଧ ଲାଗିଲେ ବା ଯୁଦ୍ଧ ଲାଗିବାର ଆଶଙ୍କା ଥିଲେ,ନିରାପତ୍ତା ପରିଷଦ ସଙ୍ଗେ ସଙ୍ଗେ ଶାନ୍ତି ପ୍ରତିଷ୍ଠା ଲାଗି ବିହିତ ଉଦ୍ୟମ କରିଥାଏ । ସଂଯୁକ୍ତ ରାଷ୍ଟ୍ରସଂଘର ସାଧାରଣ ସଭାରେ ଗୃହୀତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାର ଦାୟିତ୍ୱ ନିରାପତ୍ତା ପରିଷଦ ହାତରେ ନ୍ୟସ୍ତ କରାଯାଇଛି ।

ନିରାପତ୍ତା ପରିଷଦର ବୈଠକରେ ସମସ୍ତ ପନ୍ଦର ଜଣ ସଦସ୍ୟ ଭାଗ ନିଅନ୍ତି । ନିରାପତ୍ତା ପରଷଦର ଚାରି ପ୍ରକାର କାର୍ଯ୍ୟ ରହିଛି, ଯଥା –

(କ) **ଆଲୋଚନାମୂଳକ କାର୍ଯ୍ୟ ।**

(ଖ) **ନିଷ୍ପତ୍ତି କାର୍ଯ୍ୟକାରୀ କରାଇବା କାର୍ଯ୍ୟ ।**

(ଗ) **ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ।**

(ଘ) **ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ସମ୍ପର୍କିତ କାର୍ଯ୍ୟ ।**

ମୁଖ୍ୟତଃ, କୌଣସି ବିବାଦ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ-ରାଷ୍ଟ୍ରମାନଙ୍କ ମଧ୍ୟରେ ଉପୁଜିଲେ, ସେ ସମ୍ପର୍କରେ ନିରାପତ୍ତା ପରିଷଦର ଦୃଷ୍ଟି ଆକର୍ଷଣ କରାଯାଏ ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ନିରାପତ୍ତା ପରିଷଦ ସମସ୍ତ ଚେଷ୍ଟା କରିଥାଏ ।

### ନ୍ୟାସ ପରିଷଦ (Trusteeship Council)

ସଂଯୁକ୍ତ ରାଷ୍ଟ୍ରସଂଘ ଅଧୀନରେ ଥିବା ଅନୁନ୍ନତ ଅଞ୍ଚଳ ଏବଂ କୌଣସି ରାଷ୍ଟ୍ରର ପରିସୀମା ଅନ୍ତର୍ଭୁକ୍ତ ହୋଇ ନଥିବା ଅଞ୍ଚଳମାନଙ୍କର ପ୍ରଶାସନ ଦାୟିତ୍ୱ **'ନ୍ୟାସ ପରିଷଦ'** ଉପରେ ନ୍ୟସ୍ତ । ଏହି ପରିଷଦରେ ଥିବା ନିରାପତ୍ତା ପରିଷଦର ପାଞ୍ଚ ଜଣ ସ୍ଥାୟୀ ସଦସ୍ୟଙ୍କ ବ୍ୟତୀତ ଅନ୍ୟ ସଦସ୍ୟମାନେ ପ୍ରତି ତିନି ବର୍ଷ ପାଇଁ ସାଧାରଣ ସଭା ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ନ୍ୟାସ ପରିଷଦର ବୈଠକ ପ୍ରତି ବର୍ଷ ଦୁଇ ଥର ବସେ ।

### ଅର୍ଥନୈତିକ ଓ ସାମାଜିକ ପରିଷଦ :
### (Economic and Social Council)

ଏହି ପରିଷଦର ସଦସ୍ୟ ସଂଖ୍ୟା ୫୪ । ଏହି ସଦସ୍ୟମାନେ ସାଧାରଣ ସଭା ଦ୍ୱାରା ପ୍ରତି ତିନି ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ବିଶ୍ୱର ଅର୍ଥନୈତିକ ଓ ସାମାଜିକ ସମସ୍ୟାର ସମାଧାନ ଦିଗରେ ଏହି ପରିଷଦ ସଂଯୁକ୍ତ ରାଷ୍ଟ୍ରସଂଘକୁ ବିଭିନ୍ନ ପ୍ରସ୍ତାବ ଦେଇଥାଏ ।

### ଆନ୍ତର୍ଜାତିକ ନ୍ୟାୟାଳୟ :
### (International Court of Justice)

ଏହା ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ନ୍ୟାୟିକ ସଂସ୍ଥା । ଏହି ନ୍ୟାୟାଳୟରେ ପନ୍ଦର ଜଣ ବିଚାରପତି ଅଛନ୍ତି । ନିରାପତ୍ତା ପରିଷଦର ସୁପାରିସ କ୍ରମେ ସାଧାରଣ ସଭା ଦ୍ୱାରା ଏହି ବିଚାରପତିମାନେ ନିର୍ବାଚିତ ହୋଇଥାନ୍ତି । ବିଚାରପତିମାନଙ୍କର କାର୍ଯ୍ୟକାଳ ନଅ ବର୍ଷ । ପ୍ରତି ତିନିବର୍ଷରେ ଏକ-ତୃତୀୟାଂଶ ବିଚାରପତି ଅବସର ଗ୍ରହଣ କରନ୍ତି ଓ ସେମାନଙ୍କ ସ୍ଥାନରେ ନୂତନ ବିଚାରପତି ନିର୍ବାଚିତ ହୁଅନ୍ତି । ଅବସରପ୍ରାପ୍ତ ବିଚାରପତିମାନେ ପୁନଃ ନିର୍ବାଚିତ ହେବାରେ କୌଣସି ବାଧାନାହିଁ । ଏହି ନ୍ୟାୟାଳୟର ମୁଖ୍ୟ କାର୍ଯ୍ୟାଳୟ **'ଦି ହେଗ୍'** (The Hague) ଠାରେ ଅବସ୍ଥିତ । ଏହି ନ୍ୟାୟାଳୟର ପ୍ରତ୍ୟେକ ବିଚାରପତି ବାର୍ଷିକ ନିର୍ଦ୍ଦିଷ୍ଟ ପରିମାଣର ଦରମା ଓ ଭତ୍ତା ଆମେରିକୀୟ ଡଲାରରେ ପାଆନ୍ତି । ଏହା 'କର' (ଟିକସ) ମୁକ୍ତ ଅଟେ । ବିଚାରପତିମାନେ ଅବସର ପରେ **'ଅବସରକାଳୀନ ଭତ୍ତା'** (ପେନ୍‌ସନ୍) ପାଇଥା'ନ୍ତି । ବିଚାରପତିଙ୍କ ଦରମା ସାଧାରଣ ସଭା ଦ୍ୱାରା ସ୍ଥିରୀକୃତ ହୁଏ । ନଅ ଜଣ ବିଚାରପତିଙ୍କୁ ନେଇ **'କୋରମ୍'** ଗଠିତ ହୁଏ । ବିଚାରପତିମାନେ ସେମାନଙ୍କ ମଧ୍ୟରୁ ଜଣକୁ **ଅଧ୍ୟକ୍ଷ** (President) ଓ ଅନ୍ୟ ଜଣକୁ **ଉପାଧ୍ୟକ୍ଷ** (Vice-President) ଭାବରେ ତିନି ବର୍ଷ ପାଇଁ ନିର୍ବାଚିତ କରନ୍ତି ।

ଏହି ନ୍ୟାୟାଳୟର ସମସ୍ତ ନିଷ୍ପତ୍ତି ସଂଖ୍ୟାଗରିଷ୍ଠ ମତରେ ନିଆଯାଏ । ନିଷ୍ପତ୍ତି ନେବା ସମୟରେ ସପକ୍ଷ ଓ ବିପକ୍ଷ ମତ ସମାନ ହେଲେ, ଅଧ୍ୟକ୍ଷ ନିଜର **ନିର୍ଣ୍ଣାୟକ ଭୋଟ** (Casting Vote) ଜରିଆରେ ନିଷ୍ପତ୍ତି ଧାର୍ଯ୍ୟ କରନ୍ତି । ନ୍ୟାୟାଳୟର ନିଷ୍ପତ୍ତିକୁ ମୋକଦ୍ଦମାରେ ସମ୍ପୃକ୍ତ ଓ ବିବାଦ ସହିତ ସମ୍ପୃକ୍ତ ସମସ୍ତ ରାଷ୍ଟ୍ର ଗ୍ରହଣ କରିବାକୁ ବାଧ୍ୟ । ନ୍ୟାୟାଳୟର ନିଷ୍ପତ୍ତି (ରାୟ)କୁ ଯଦି କୌଣସି ରାଷ୍ଟ୍ର ଗ୍ରହଣ କରିବାକୁ ଅରାଜି ହୁଅନ୍ତି, ତେବେ ନ୍ୟାୟାଳୟର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବା ନିରାପତ୍ତା ପରିଷଦର ଦାୟିତ୍ୱ ।

ଆନ୍ତର୍ଜାତିକ ନ୍ୟାୟାଳୟର କ୍ଷେତ୍ରାଧିକାର ଦୁଇ ପ୍ରକାରର : ଯଥା – (କ) **ବାଧ୍ୟତାମୂଳକ** (Voluntary), (ଖ) **ଇଚ୍ଛାଧୀନ** (Optional) । ଆନ୍ତର୍ଜାତିକ ନ୍ୟାୟାଳୟ ଅଦ୍ୟାବଧି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ଏହି ନ୍ୟାୟାଳୟର **ଉପଦେଶମୂଳକ କ୍ଷେତ୍ରାଧିକାର** ରହିଛି । ନ୍ୟାୟାଳୟ ଏହି କ୍ଷମତା ପ୍ରୟୋଗ କରିଆରେ ସାଧାରଣ ସଭା, ନିରାପତ୍ତା ପରିଷଦ ତଥା ସଂଯୁକ୍ତ ରାଷ୍ଟ୍ରସଂଘର ସ୍ୱତନ୍ତ୍ର ସଂସ୍ଥାଗୁଡ଼ିକୁ **ପରାମର୍ଶ** ଦେଇଥାନ୍ତି । ରାଷ୍ଟ୍ରମାନଙ୍କ ମଧ୍ୟରେ ବିବାଦ ଉପୁଜିଲେ, ଆନ୍ତର୍ଜାତିକ ନ୍ୟାୟାଳୟ ଉକ୍ତ ବିବାଦ ସହିତ ସମ୍ପୃକ୍ତ ରାଷ୍ଟ୍ରମାନଙ୍କର **ସମ୍ମତି** କ୍ରମେ ସେହି ବିବାଦର ସମାଧାନ କରେ । ଆନ୍ତର୍ଜାତିକ ଚୁକ୍ତି ଖିଲାପ ହେଲେ ବା ଆନ୍ତର୍ଜାତିକ ଆଇନର ଉଲ୍ଲଙ୍ଘନ ହେଲେ ନ୍ୟାୟାଳୟ ନିଜର **ବାଧ୍ୟତାମୂଳକ ବିଚାର କ୍ଷମତା** ପ୍ରୟୋଗ କରିଥାଏ ।

### ସଚିବାଳୟ (Secretariat) :

**ସଚିବାଳୟ (Secretariat)** ହେଉଛି ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ପ୍ରଶାସନିକ ଅଙ୍ଗ। ଏହି ପ୍ରଶାସନିକ କାର୍ଯ୍ୟରେ ଏବେ ନିୟୋଜିତ ହୋଇଛନ୍ତି ପ୍ରାୟ ୪୪ ହଜାର କର୍ମଚାରୀ । ନିରାପତ୍ତା ପରିଷଦର ଅନୁମୋଦନ କ୍ରମେ ସାଧାରଣ ସଭା ଦ୍ୱାରା ସଚିବାଳୟର **ମହାସଚିବ** (General Secretary) ନିଯୁକ୍ତ ହୁଅନ୍ତି ।

ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଅଙ୍ଗଗୁଡ଼ିକର କାର୍ଯ୍ୟ ପ୍ରକ୍ରିୟା ଓ କାର୍ଯ୍ୟାବଳୀ ସଚିବାଳୟ ଦ୍ୱାରା ସଂଯୋଜିତ ହୁଏ । ସଂଯୁକ୍ତ ରାଷ୍ଟ୍ରସଂଘର ସହଯୋଗୀ ଅନୁଷ୍ଠାନଗୁଡ଼ିକୁ ସଚିବାଳୟ ପ୍ରଶାସନିକ ସହାୟତା ଯୋଗାଇ ଦିଏ । ସଂଯୁକ୍ତ ରାଷ୍ଟ୍ରସଂଘର ବାର୍ଷିକ ଆୟ-ବ୍ୟୟର ଅଟକଳ (ବଜେଟ୍) ସଚିବାଳୟ ଦ୍ୱାରା ପ୍ରସ୍ତୁତ କରାଯାଏ । ସଂଯୁକ୍ତ ରାଷ୍ଟ୍ରସଂଘର **ବାର୍ଷିକ ବିବରଣୀ** ସଚିବାଳୟର **ମହାସଚିବଙ୍କ** ନିର୍ଦ୍ଦେଶକ୍ରମେ ପ୍ରସ୍ତୁତ ହୁଏ । ସମସ୍ତ ଆନ୍ତର୍ଜାତିକ ଚୁକ୍ତି ବା ସନ୍ଧିପତ୍ର ବା ଘୋଷଣାନାମା ସଚିବାଳୟରେ ପଞ୍ଜୀକୃତ ହୋଇଥାଏ ।

ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ଥିବା ସମସ୍ତ ରାଷ୍ଟ୍ରମାନଙ୍କର ଦେୟ ସଚିବାଳୟରେ ଗ୍ରହଣ କରାଯାଏ ।

### ମହାସଚିବ (Secretary General) :

ସଂଯୁକ୍ତ ରାଷ୍ଟ୍ରସଂଘର ସଚିବାଳୟର ମୁଖ୍ୟ ହେଉଛନ୍ତି **ମହାସଚିବ** । ସଚିବାଳୟ ହେଉଛି ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରଶାସନିକ ଅଙ୍ଗ । ଜାତିସଂଘର ସବୁ ବିଭାଗମାନଙ୍କ ଦ୍ୱାରା ଗୃହୀତ ହୋଇଥିବା ସମସ୍ତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରାଇବାର ଦାୟିତ୍ୱ ମହାସଚିବଙ୍କର ।

ମହାସଚିବ ନିରାପତ୍ତା ପରିଷଦର ଅନୁମୋଦନ କ୍ରମେ ସାଧାରଣ ସଭା ଦ୍ୱାରା ପାଞ୍ଚ ବର୍ଷ ପାଇଁ ନିଯୁକ୍ତ ହୁଅନ୍ତି । ତାଙ୍କୁ କାର୍ଯ୍ୟରେ ସହାୟତା ପ୍ରଦାନ କରିବା ପାଇଁ ଉପ-ମହାସଚିବମାନେ ନିଯୁକ୍ତ ହୁଅନ୍ତି । ମହାସଚିବଙ୍କର ପାଞ୍ଚବର୍ଷର କାର୍ଯ୍ୟକାଳ ଥରେ ପୂରଣ ହେବା ପରେ ମଧ୍ୟ ସେ ଆଉ ପାଞ୍ଚ ବର୍ଷ ପାଇଁ ପୁନଃ ନିଯୁକ୍ତ ହୋଇପାରିବେ ।

### ମହାସଚିବଙ୍କ ଯୋଗ୍ୟତା :

ସାଧାରଣ ସଭା ଓ ନିରାପତ୍ତା ପରିଷଦ ଦ୍ୱାରା ଗ୍ରହଣଯୋଗ୍ୟ ଜଣେ ବ୍ୟକ୍ତି ମହାସଚିବ ହେବା ବାଞ୍ଛନୀୟ । ସେ ଜଣେ ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ଓ ସୁପ୍ରଶାସକ ହୋଇଥିବା ଆବଶ୍ୟକ ।

### କାର୍ଯ୍ୟାବଳୀ :

ମହାସଚିବଙ୍କର କାର୍ଯ୍ୟ ମୁଖ୍ୟତଃ **ପାଞ୍ଚଗୋଟି**, ଯଥା –

(କ) **ପ୍ରଶାସନିକ**

(ଖ) **ଆର୍ଥିକ**

(ଗ) **ରାଜନୈତିକ**

(ଘ) **ପ୍ରତିନିଧିମୂଳକ**

(ଙ) **ରେଜିଷ୍ଟ୍ରେସନ ବା ପଞ୍ଜୀକରଣ ସମ୍ପର୍କିତ**

### ସଂଯୁକ୍ତ ରାଷ୍ଟ୍ରସଂଘର କେତେକ ସ୍ୱତନ୍ତ୍ର ସଂସ୍ଥା (UN's Specialised Agencies) :

ସଂଯୁକ୍ତ ରାଷ୍ଟ୍ରସଂଘର ନିମ୍ନୋକ୍ତ ମୁଖ୍ୟ **ଛଅଗୋଟି ସହଯୋଗୀ ସଂସ୍ଥା ରହିଛି** । ସେଗୁଡ଼ିକ ସଂକ୍ଷେପରେ ନିମ୍ନରେ ବର୍ଣ୍ଣିତ।

**(କ) ସଂଯୁକ୍ତ ରାଷ୍ଟ୍ରସଂଘ ଶିକ୍ଷା, ବିଜ୍ଞାନ ଏବଂ ସାଂସ୍କୃତିକ ସଂଗଠନ** (UNESCO):

ଏକ ଉପାଦେୟ ସଂସ୍ଥା, ଯାହାର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତିର ପ୍ରସାର ତଥା ବିନିମୟ ଦିଗରେ ପ୍ରଶଂସନୀୟ ଅବଦାନ ରହିଛି । ନିରକ୍ଷରତା ଦୂରୀକରଣ, ଶିକ୍ଷକ ଓ ବୈଜ୍ଞାନିକମାନଙ୍କୁ ଉନ୍ନତମାନର ତାଲିମ ପ୍ରଦାନ, ଦେଶ ଦେଶ ମଧ୍ୟରେ ସାଂସ୍କୃତିକ ସହଯୋଗ ସ୍ଥାପନ ଇତ୍ୟାଦି କାର୍ଯ୍ୟକ୍ରମର ଦାୟିତ୍ୱ ଏହି ସଂଗଠନ ହାତରେ ନ୍ୟସ୍ତ ।

**(ଖ) ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (WHO) :**

ବିଶ୍ୱବ୍ୟାପୀ ବିଭିନ୍ନ ରୋଗର ନିରାକରଣ ଲାଗି ସର୍ବଦା ଏହି ସଂସ୍ଥା କାର୍ଯ୍ୟରତ । ଶିଶୁ ଓ ମା' ମାନଙ୍କର ସ୍ୱାସ୍ଥ୍ୟର ମାନବୃଦ୍ଧି ଲାଗି ସେମାନଙ୍କୁ ଔଷଧ ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ଏବଂ ସ୍ୱାସ୍ଥ୍ୟରକ୍ଷା ଲାଗି ସେମାନଙ୍କୁ ସଚେତନ କରାଇବା ଏହି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୂଳ ଲକ୍ଷ୍ୟ ।

**(ଗ) ଆନ୍ତର୍ଜାତିକ ଶ୍ରମ ସଂଗଠନ (I.L.O) :**

ଶ୍ରମିକମାନଙ୍କର ମଙ୍ଗଳ ପାଇଁ ଏହି ସଂଗଠନ କାର୍ଯ୍ୟ କରି ଆସୁଅଛି ।

**(ଘ) ଖାଦ୍ୟ ଓ କୃଷି ସଂଗଠନ (FAO) :**

ଏହା ୧୯୪୫ ମସିହାରେ ଗଠିତ ହୋଇଥିଲା । ବିଶ୍ୱରେ କୃଷି ଉତ୍ପାଦନ ବୃଦ୍ଧି ଓ କୃଷି ଉନ୍ନୟନ ମାଧ୍ୟମରେ ଜୀବନଧାରଣର ମାନବୃଦ୍ଧି ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ । ଏହି ସଂଗଠନ ଦ୍ୱାରା ପ୍ରୋତ୍ସାହିତ ହୋଇ କୃଷି ବିଜ୍ଞାନୀମାନେ ବିଭିନ୍ନ ଗବେଷଣାରେ ନିୟୋଜିତ ହେବା ସହିତ କୃଷି ଉତ୍ପାଦନର ଉନ୍ନତି ପାଇଁ ନୂତନ ଓ ଉନ୍ନତ କୃଷି ପ୍ରଣାଳୀ ଲୋକମାନଙ୍କ ନିକଟରେ ପହଞ୍ଚାଉଛନ୍ତି ।

**ଡ) ଆନ୍ତର୍ଜାତିକ ଶିଶୁ କଲ୍ୟାଣ ଜରୁରିକାଳୀନ ପାଣ୍ଠି (UNICEF) :**

ୟୁନିସେଫ୍ ସଂସ୍ଥା ୧୯୪୬ ମସିହା ଡିସେମ୍ବର ୧୧ ତାରିଖରେ ପ୍ରତିଷ୍ଠିତ ହୋଇଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ନିୟୁୟର୍କ ସହରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ । ବିକାଶ ଉନ୍ମୁଖୀ ରାଷ୍ଟ୍ରଗୁଡ଼ିକର ଶିଶୁ ଓ ମହିଳାମାନଙ୍କୁ ଏହି ସଂସ୍ଥା ମାନବ ହିତୈଷୀ ଓ ଉନ୍ନୟନମୂଳକ ସହାୟତା ପ୍ରଦାନ କରୁଅଛି ।

**ବିଶ୍ୱବ୍ୟାଙ୍କ (World Bank) :**

ଯୁଦ୍ଧୋତ୍ତର ପୃଥିବୀର ଅର୍ଥନୈତିକ ପୁନଃନିର୍ମାଣ ପାଇଁ ବିଶ୍ୱବ୍ୟାଙ୍କ ଗଠିତ ହୋଇଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ **ଯୁକ୍ତରାଷ୍ଟ୍ର ଆମେରିକାର ଓ୍ୟାସିଂଟନ** ନଗରୀରେ ଅବସ୍ଥିତ । ପୃଥିବୀର ସବୁ ରାଷ୍ଟ୍ର ଏହାର ସଦସ୍ୟ ରହିଛନ୍ତି । **ବିଶ୍ୱବ୍ୟାଙ୍କ** ତଥା **ଆନ୍ତର୍ଜାତିକ ଅର୍ଥ ସଂସ୍ଥା** (I.M.F) ର ସହାୟତା ଓ ସହଯୋଗ ଦ୍ୱାରା ବହୁ ରାଷ୍ଟ୍ରର ଆର୍ଥିକ ବିକାଶ ଘଟି ପାରିଛି । ବିଶ୍ୱବ୍ୟାଙ୍କ ପୃଥିବୀର ବିଭିନ୍ନ ରାଷ୍ଟ୍ରକୁ ଋଣ ମଞ୍ଜୁର କରେ । ଓଡ଼ିଶାରେ ନିରକ୍ଷରତା ଦୂରୀକରଣ ସହିତ ପ୍ରାଥମିକ ଶିକ୍ଷାର ବିକାଶ ଓ ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ବିଶ୍ୱବ୍ୟାଙ୍କ ଆର୍ଥିକ ସାହାଯ୍ୟ ଦେଇଅଛି ।

## ଭାରତ ଓ ସଂଯୁକ୍ତ ରାଷ୍ଟ୍ରସଂଘ

**(India and the United Nations )**

ଭାରତର ସଂଯୁକ୍ତ ରାଷ୍ଟ୍ରସଂଘ ସହିତ ସମ୍ପର୍କ ଅତି ଘନିଷ୍ଠ । ବିଭିନ୍ନ ଆନ୍ତର୍ଜାତିକ ସମସ୍ୟାର ସମାଧାନ ଦିଗରେ ସଂଯୁକ୍ତ ରାଷ୍ଟ୍ରସଂଘକୁ ସର୍ବଦା ଭାରତ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି । କେବଳ ସେତିକି ନୁହେଁ, ସଂଯୁକ୍ତ ରାଷ୍ଟ୍ରସଂଘର ଲକ୍ଷ୍ୟ ସାଧନ ଦିଗରେ ଭାରତ ସର୍ବଦା ଏହାକୁ ସାହାଯ୍ୟ ପ୍ରଦାନ କରିଆସୁଛି । ଭାରତର ନିରପେକ୍ଷ ବୈଦେଶିକ ନୀତି ଉପରେ ସଂଯୁକ୍ତ ରାଷ୍ଟ୍ରସଂଘ ଦୃଢ଼ ଆସ୍ଥା ସ୍ଥାପନ କରିଛି । ଦୁଇ ବର୍ଷ ଧରି ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ-ରାଷ୍ଟ୍ରଭାବେ ଭାରତ ସଂଯୁକ୍ତ ରାଷ୍ଟ୍ରସଂଘର ଅନ୍ତରଙ୍ଗ ବନ୍ଧୁ ଭାବରେ କାର୍ଯ୍ୟ କରିଛି । ବର୍ଣ୍ଣବୈଷମ୍ୟ

ଦୂରୀକରଣ, ଆନ୍ତର୍ଜାତିକ ମହିଳା ସଶକ୍ତୀକରଣ ଇତ୍ୟାଦି କ୍ଷେତ୍ରରେ ଭାରତର ସ୍ୱଷ୍ଟ ଆଭିମୁଖ୍ୟକୁ ସଂଯୁକ୍ତ ରାଷ୍ଟ୍ରସଂଘ ସର୍ବଦା ସମ୍ମାନ ପ୍ରଦର୍ଶନ କରିଅଛି । ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂଗଠନ ଏବଂ ଶିଶୁ କଲ୍ୟାଣ ଜରୁରିକାଳୀନ ପାଣ୍ଠିରୁ ଭାରତ ବହୁତ ସହାୟତା ପାଇଛି ।

ପୃଥିବୀରେ ଶାନ୍ତି ପ୍ରତିଷ୍ଠା, ଆନ୍ତର୍ଜାତିକ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ ଓ ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ଇତ୍ୟାଦି ମହତ୍ ଉଦ୍ଦେଶ୍ୟ ପୂରଣ ଦିଗରେ ଭାରତର ମନୋଭାବକୁ ସଂଯୁକ୍ତ ରାଷ୍ଟ୍ରସଂଘ ସର୍ବଦା ସମ୍ମାନ ପ୍ରଦର୍ଶନ କରିବା ସହିତ ସହଯୋଗର ହାତ ବଢ଼ାଇଛି । ଦାରିଦ୍ର୍ୟ ଦୂରୀକରଣ, ପୃଥିବୀର 'ଜଳବାୟୁ ପରିବର୍ତ୍ତନ' (Climate change), ପରିବେଶ ପ୍ରଦୂଷଣ ବିରୋଧରେ ସଂଗ୍ରାମ ଇତ୍ୟାଦି ଜନମଙ୍ଗଳକାରକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରଚେଷ୍ଟାକୁ ଅଧିକ ସମର୍ଥନ ଦେଇଛି ଭାରତ । ଭାରତକୁ ଉପେକ୍ଷା କରିବା ବିବେକାନୁମୋଦିତ ନୁହେଁ ବୋଲି ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ରାଷ୍ଟ୍ରମାନେ ଜାଣି ସାରିଲେଣି । ସୁତରାଂ ଭାରତକୁ ନିରାପତ୍ତା ପରିଷଦର ଏକ ସ୍ଥାୟୀ-ସଦସ୍ୟ ଭାବେ ଗ୍ରହଣ କରିବା ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ଏସୀୟ ଓ ଆଫ୍ରିକୀୟ ସଦସ୍ୟ-ରାଷ୍ଟ୍ରମାନେ ଭାରତର ଦାବିକୁ ପୂର୍ଣ୍ଣ ସମର୍ଥନ ଜଣାଉଛନ୍ତି ।

ଭାରତକୁ ସଂଯୁକ୍ତ ରାଷ୍ଟ୍ରସଂଘର ଅକୁଣ୍ଠ ସାହାଯ୍ୟ ଓ ନିଃସର୍ତ୍ତ ସହଯୋଗ ବିଶେଷ ଭାବରେ ପ୍ରଶଂସନୀୟ ।

ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜୁଥିବା ସାମୟିକ ବିବାଦ ପ୍ରତି ସଂଯୁକ୍ତ ରାଷ୍ଟ୍ରସଂଘ ସର୍ବଦା ସଚେତନ ରହିଛି ଓ ଏହାର ସମାଧାନ ପାଇଁ ସହଯୋଗର ହାତ ସର୍ବଦା ବଢ଼ାଇଛି ।

**ସଂଯୁକ୍ତ ରାଷ୍ଟ୍ରସଂଘର ଶାନ୍ତିରକ୍ଷା ସେନା ବାହିନୀ (UNPKF)** ରେ ଭାରତର ସୈନ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିବା ସହିତ ବିଭିନ୍ନ ରାଷ୍ଟ୍ରରେ ଶାନ୍ତି ପ୍ରତିଷ୍ଠା ଦିଗରେ ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରଚେଷ୍ଟାକୁ ଭାରତ ସାକାର କରିପାରିଛି । ଅତୀତରେ କୋରିଆ, ଇଜିପ୍ଟ ଓ କଙ୍ଗୋଠାରେ ଭାରତୀୟ ସୈନିକମାନେ **ସଂଯୁକ୍ତ ରାଷ୍ଟ୍ରସଂଘର ଶାନ୍ତିରକ୍ଷା ସେନାବାହିନୀ** (UNPKF) ର ଅଂଶ ରୂପେ ନିୟୋଜିତ ହୋଇ ସେଠାରେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବିଶେଷ ସହାୟକ ହୋଇଥିଲେ ଓ ପ୍ରଶଂସାଭାଜନ ହୋଇଥିଲେ ।

ନିରାପତ୍ତା ପରିଷଦର ଏକ ସ୍ଥାୟୀ ସଦସ୍ୟ ପଦ ପାଇଁ ଭାରତର ଦାବି ଯେ ଅସ୍ତି-ସୂଚକ ଓ ସଂଯୁକ୍ତ ରାଷ୍ଟ୍ରସଂଘର ଲକ୍ଷ୍ୟ ହାସଲ ପାଇଁ ଏହା ଫଳପ୍ରଦ ହେବ, ଏଥିରେ ସନ୍ଦେହ ନାହିଁ । ସଂଯୁକ୍ତ ରାଷ୍ଟ୍ରସଂଘର ସଫଳତା ଓ ଉଜ୍ଜ୍ୱଳମୟ ଭବିଷ୍ୟତ ସହିତ ଭାରତର ସମ୍ପର୍କ ଦିନକୁ ଦିନ ଅଧିକ ଘନିଷ୍ଠ ଓ ନିକଟତର ହୋଇପାରିବ-ଏହା ପ୍ରତ୍ୟେକ ଭାରତୀୟ ଚାହାନ୍ତି ।

## ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା ବିଭିନ୍ନ ଆନ୍ତର୍ଜାତିକ ସମସ୍ୟାର ସମାଧାନ :

ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ କାର୍ଯ୍ୟହେଲା ପୃଥିବୀରେ ଶାନ୍ତି ବଜାୟ ରଖିବା ଏବଂ ସମସ୍ତ ସଦସ୍ୟ ରାଷ୍ଟ୍ରମାନଙ୍କର ନିରାପତ୍ତାକୁ ସୁଦୃଢ଼ କରିବା । ତୃତୀୟ ବିଶ୍ୱଯୁଦ୍ଧର ବିଭୀଷିକାରୁ ପୃଥିବୀକୁ ଦୂରେଇ ରଖିବା ପାଇଁ **ସଂଯୁକ୍ତ ରାଷ୍ଟ୍ରସଂଘ** ନିଜର ଉଦ୍ୟମ ସର୍ବଦା ଜାରି ରଖିଛି ।

୧୯୮୮ ମସିହାରେ ପୃଥିବୀରେ ଶାନ୍ତିରକ୍ଷା ଦିଗରେ ସଂଯୁକ୍ତ ରାଷ୍ଟ୍ରସଂଘ ନିଜର ସଫଳତା ପାଇଁ **ନୋବେଲ୍ ଶାନ୍ତି ପୁରସ୍କାରରେ** ସମ୍ମାନିତ ହୋଇଅଛି । ବିଶେଷକରି **ମାନବାଧିକାର** (Human Rights) ର ସୁରକ୍ଷା ଦିଗରେ ନାରୀ ଓ ପୁରୁଷ ସମସ୍ତଙ୍କୁ ସମାନ ମାନବାଧିକାର ଯୋଗାଇ ଦେବାରେ ସଂଯୁକ୍ତ ରାଷ୍ଟ୍ରସଂଘର ଭୂମିକା ପ୍ରଶଂସନୀୟ । ଫଳରେ ସଂଯୁକ୍ତ ରାଷ୍ଟ୍ରସଂଘ ସମସ୍ତ ବିଶ୍ୱବାସୀଙ୍କର ଆସ୍ଥା ଭାଜନ ହୋଇପାରିଛି । ସେଥିପାଇଁ **ପ୍ରତିବର୍ଷ ଡିସେମ୍ବର ମାସ ୧୦ ତାରିଖ ଦିନ 'ବିଶ୍ୱ ମାନବାଧିକାର ଦିବସ' (Universal Human Rights Day)** ବିଶ୍ୱର ସବୁ ସ୍ଥାନରେ ପାଳନ କରାଯାଉଛି ।

ସଂଯୁକ୍ତ ରାଷ୍ଟ୍ରସଂଘ ବିଭିନ୍ନ ବିବାଦୀୟ ସ୍ଥାନକୁ **'ଶାନ୍ତିରକ୍ଷା ସେନାବାହିନୀ' (UN Peace Keeping**

**Force)** ପ୍ରେରଣ କରି ସେଠାରେ ଶାନ୍ତି ପ୍ରତିଷ୍ଠା ଦିଗରେ ବହୁ ସଫଳତା ପାଇଛି ।

ବହୁ ଆନ୍ତର୍ଜାତିକ ସମସ୍ୟା, ଯଥା – ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ନୀତି, ପାଲେଷ୍ଟାଇନ୍ ସମସ୍ୟା, କୋରିଆ ସମସ୍ୟା, ଇରାକ୍-ଇରାନ୍ ଯୁଦ୍ଧ, ଆଫଗାନିସ୍ଥାନ ସମସ୍ୟା, ଭିଏତନାମ ଯୁଦ୍ଧ ସମସ୍ୟା, ନାମ୍ବିୟାର ସ୍ୱାଧୀନତା ପ୍ରାପ୍ତି, କାଶ୍ମୀର ସମସ୍ୟା ଇତ୍ୟାଦି ବହୁ ବିବାଦୀୟ କ୍ଷେତ୍ରରେ ସଂଯୁକ୍ତ ରାଷ୍ଟ୍ରସଂଘର ଶାନ୍ତି ପ୍ରତିଷ୍ଠା ପାଇଁ ସଫଳ ପ୍ରଚେଷ୍ଟା ଓ ଏହାର ଭୂମିକା ବିଶେଷ ଭାବରେ ପ୍ରଶଂସନୀୟ ।

ବିଶ୍ୱରେ **ନିରସ୍ତ୍ରୀକରଣ (Disarmament)** ପ୍ରକ୍ରିୟାକୁ ସଫଳ କରିବା ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ତରଫରୁ ବିଶେଷ ପଦକ୍ଷେପ ନିଆଯିବା ସହିତ **'ନିରସ୍ତ୍ରୀକରଣ କମିଶନ'** ଗଠନ କରାଯାଇଛି । ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ବିନିଯୋଗ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ଉଦ୍ୟମ ସର୍ବଦା ପ୍ରଶଂସନୀୟ ।

*ଶିକ୍ଷକଙ୍କ ମହାଶୟଙ୍କ ପାଇଁ କାମ:-*

*୧) ସଂଯୁକ୍ତ ରାଷ୍ଟ୍ରସଂଘର ଭୂମିକା ସମ୍ପର୍କରେ ସେ ଶ୍ରେଣୀ ଗୃହରେ ଛାତ୍ରୀ ଓ ଛାତ୍ରଙ୍କ ସହିତ ଆଲୋଚନା କରିବେ ।*

*୨) ପ୍ରତିବର୍ଷ ଅକ୍ଟୋବର ମାସ ୨୪ ତାରିଖ ଦିନ ସଂଯୁକ୍ତ ରାଷ୍ଟ୍ରସଂଘର ପ୍ରତିଷ୍ଠା ଦିବସରେ ସେ ଛାତ୍ରୀ ଓ ଛାତ୍ରଙ୍କ ସହିତ ଏହାର ଗଠନ ଓ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବେ ।*

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୬୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ସଂଯୁକ୍ତ ରାଷ୍ଟ୍ରସଂଘ ଗଠନର ମୂଳ ଉଦ୍ଦେଶ୍ୟ କ'ଣ ?

(ଖ) ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଅଙ୍ଗ ଗୁଡ଼ିକର ନାମ ଲେଖ ଓ ସେମାନଙ୍କର ଗଠନ ପ୍ରଣାଳୀ ସଂକ୍ଷେପରେ ଲେଖ ।

(ଗ) ଆନ୍ତର୍ଜାତିକ ନ୍ୟାୟାଳୟ ସମ୍ପର୍କରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ।

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨୦ ଗୋଟି ଶବ୍ଦ ମଧ୍ୟରେ ଲେଖ ।**

(କ) ସଂଯୁକ୍ତ ରାଷ୍ଟ୍ରସଂଘର ସନନ୍ଦ ବିଷୟରେ ତୁମେ ଯାହା ଜାଣିଛ ଲେଖ ।

(ଖ) ସଂଯୁକ୍ତ ରାଷ୍ଟ୍ର ସଂଘର ଛଅ ଗୋଟି ସ୍ୱତନ୍ତ୍ର ସଂସ୍ଥାର ନାମ ଲେଖ ।

(ଗ) ନିରାପତ୍ତା ପରିଷଦର ଗଠନ ଓ କାର୍ଯ୍ୟାବଳୀ ଆଲୋଚନା କର ।

(ଘ) 'ଆଟ୍‌ଲାଣ୍ଟିକ୍ ସନନ୍ଦ'ର ତାତ୍ପର୍ଯ୍ୟ ଲେଖ ।

(ଙ) 'ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀ' ସମ୍ପର୍କରେ ଏକ ଟିପ୍ପଣୀ ଲେଖ ।

(ଚ) ସଂଯୁକ୍ତ ରାଷ୍ଟ୍ରସଂଘର ଲକ୍ଷ୍ୟ ହାସଲ ଦିଗରେ ଭାରତର ଭୂମିକା ସଂକ୍ଷେପରେ ଲେଖ ।

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) 'ମାନବାଧିକାର ଦିବସ' କେଉଁ ଦିନ ପାଳନ କରାଯାଏ ?

(ଖ) ନ୍ୟାସ ପରିଷଦର ଗଠନ ଆଲୋଚନା କର ।

(ଗ) କେତେ ଗୋଟି ରାଷ୍ଟ୍ର ସଂଯୁକ୍ତ ରାଷ୍ଟ୍ରସଂଘର 'ସନନ୍ଦ'ରେ ପ୍ରଥମେ ସ୍ୱାକ୍ଷର ପ୍ରଦାନ କରିଥିଲେ ?

(ଘ) 'ଭିଟୋ' କହିଲେ କ'ଣ ବୁଝ ?

(ଙ) ସଂଯୁକ୍ତ ରାଷ୍ଟ୍ରସଂଘର 'ମହାସଚିବ' କିପରି ନିଯୁକ୍ତ ହୁଅନ୍ତି ?

(ଚ) ସଂଯୁକ୍ତ ରାଷ୍ଟ୍ରସଂଘର ଜନ୍ମଦିନ ପ୍ରତିବର୍ଷ କେଉଁ ଦିନ ପାଳିତ ହୁଏ ?

(ଛ) ସାଧାରଣ ସଭାର ପ୍ରଥମ ବୈଠକ କେଉଁ ଠାରେ ଓ କେବେ ବସିଥିଲା ?

(ଜ) ବିଶ୍ୱବ୍ୟାଙ୍କର ମୁଖ୍ୟ କାର୍ଯ୍ୟ କ'ଣ ?

(ଝ) ଆନ୍ତର୍ଜାତିକ ଶିଶୁ କଲ୍ୟାଣ ଜରୁରିକାଳୀନ ପାଣ୍ଠିର ମୁଖ୍ୟ କାର୍ଯ୍ୟଟି ଲେଖ ।

**୪. ପ୍ରତ୍ୟେକ ପ୍ରଶ୍ନରେ ପ୍ରଦତ୍ତ ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

**(କ) ସାନ୍‌ଫ୍ରାନ୍‌ସିସ୍‌କୋ ସମ୍ମିଳନୀ କେଉଁ ବର୍ଷ ଅନୁଷ୍ଠିତ ହୋଇଥିଲା ?**

(i) ୧୯୪୩ (ii) ୧୯୪୪ (iii) ୧୯୪୫ (iv) ୧୯୪୬

**(ଖ) ସଂଯୁକ୍ତ ରାଷ୍ଟ୍ରସଂଘର 'ସନନ୍ଦ'ରେ କେତେଗୋଟି ଧାରା ରହିଛି ?**

(i) ୧୧୧ (ii) ୧୧୨ (iii) ୨୧୧ (iv) ୨୧୨

**(ଗ) ସାଧାରଣ ସଭାର ଅଧିବେଶନ ବର୍ଷକୁ କେତେଥର ବସେ ?**

(i) ଥରେ (ii) ଦୁଇଥର (iii) ତିନିଥର (iv) ଚାରିଥର

**(ଘ)** ସଂଯୁକ୍ତ ରାଷ୍ଟ୍ରସଂଘର **ସାଧାରଣ ସଭାରେ ପ୍ରତି ରାଷ୍ଟ୍ରର କେତେଜଣ ପ୍ରତିନିଧି ଥା'ନ୍ତି ?**

(i) ଦୁଇ ଜଣ (ii) ତିନି ଜଣ (iii) ପାଞ୍ଚ ଜଣ (iv) ସାତ ଜଣ

**(ଙ) ଆନ୍ତର୍ଜାତିକ ନ୍ୟାୟାଳୟର ବିଚାରପତିମାନଙ୍କର କାର୍ଯ୍ୟକାଳ କେତେ ବର୍ଷ ?**

(i) ପାଞ୍ଚ ବର୍ଷ (ii) ନଅ ବର୍ଷ (iii) ଦଶ ବର୍ଷ (iv) ବାର ବର୍ଷ

**(ଚ) ନ୍ୟାସ ପରିଷଦର ବୈଠକ ପ୍ରତିବର୍ଷ କେତେଥର ବସେ ?**

(i) ଥରେ (ii) ଦୁଇ ଥର (iii) ତିନି ଥର (iv) ଚାରି ଥର

**(ଛ) ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟମାନଙ୍କର କାର୍ଯ୍ୟକାଳ କେତେ ବର୍ଷ ?**

(i) ଦୁଇ ବର୍ଷ (ii) ତିନି ବର୍ଷ (iii) ଚାରି ବର୍ଷ (iv) ପାଞ୍ଚ ବର୍ଷ

**(ଜ) ସାମାଜିକ ଏବଂ ଅର୍ଥନୈତିକ ପରିଷଦର ସଦସ୍ୟ ସଂଖ୍ୟା କେତେ ?**

(i) ୫୧ (ii) ୫୨ (iii) ୫୩ (iv) ୫୪

(ଝ) ସଂଯୁକ୍ତ ରାଷ୍ଟ୍ରସଂଘକୁ କେଉଁ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା ?

(i) ୧୯୮୮ (ii) ୧୯୯୦ (iii) ୧୯୯୫ (iv) ୧୯୯୬

●●